
ଔପନ୍ୟାସିକ
ଫକୀରମୋହନ

## ଔପନ୍ୟାସିକ

# ଫକୀରମୋହନ

**ଶ୍ରୀ ଉପେନ୍ଦ୍ର ମିଶ୍ର** ଏମ୍: ଏ:, ଡି: ଇଡି:

ଅଧ୍ୟାପକ, ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀ ।

ପ୍ରକାଶକ :—

ଶ୍ରୀ ଦାମୋଦର ମିଶ୍ର
ପୋ : ବାଙ୍କପୁର
ଜି : ପୁରୀ

ମୁଦ୍ରାକର :—

ବିକ୍ରମ ପ୍ରେସ, ଜୟପୁର
ଏବଂ
ଶ୍ରୀ ପ୍ରିଣ୍ଟର୍ସ, ପୁରୀ ।

ମୂଲ୍ୟ — ଗୃଠେଙ୍କା ମା…
( ବନ୍ଧେଇ-ପାଞ୍ଚଟଙ୍କା )

# ଭୂମିକା

ଫକୀରମୋହନ ଏ ଜାତିର ବରେଣ୍ୟ । ଓଡ଼ିଆଭାଷା ରକ୍ଷାପାଇଁ ସେ ଯେପରି ପ୍ରାଣପଣେ ପରିଶ୍ରମ କରିଛନ୍ତି ସେଥିସକାଶେ ସେ ମରି ମଧ୍ୟ ଅମର । ଏହି କାଳଜୟୀ ମହୀୟାନ୍ ପୁରୁଷ ନିଜର ମହିମାରେ ମହିମାନ୍ୱିତ । ଉତ୍କଳ ବାଣୀଭଣ୍ଡାରକୁ ସେ ଯେପରି କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଜୀବନଚରିତ, ଇତିହାସ ଓ ପୁରାଣ ପ୍ରଭୃତି ମହାର୍ଘ ଦ୍ରବ୍ୟ ସମ୍ଭାରଦ୍ୱାରା ପରିପୂର୍ଣ୍ଣ କରିଛନ୍ତି ତାହା ପାଠ କଲେ ସେହି ମହାପୁରୁଷଙ୍କ ନିକଟରେ ମସ୍ତକ ସ୍ୱତଃ ଅବନତ ହୋଇପଡ଼େ । ପତ୍ରପତ୍ରିକା ତଥା ସମାଲୋଚନା ପୁସ୍ତକ ମାଧ୍ୟମରେ ବହୁ ଗବେଷକ ତାଙ୍କ ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଛନ୍ତି । କିନ୍ତୁ ତାଙ୍କର ପ୍ରତିଭା ଏତେ ସୁଦୂରପ୍ରସାରୀ ଓ ତାଙ୍କ ଲେଖାର ସ୍ଥିତିସ୍ଥାପକତା ଗୁଣ ଏତେ ବେଶୀ ଯେ "ଯେତେ ଦେଖୁଥିଲେ ନୂଆ ଦିଶୁଥାଇ" ଭଳିରେ ତାହା ଅସରନ୍ତି । ତାଙ୍କ ସମ୍ପର୍କରେ ସମସ୍ତ ଲେଖା ପଢ଼ିବା ସତ୍ତ୍ୱେ କିଛି ରହିଗଲା ପରି ମନେ ହୁଏ । ଏହି କ୍ଷୁଦ୍ର ପୁସ୍ତିକାରେ ତାଙ୍କ ଉପନ୍ୟାସର ସମ୍ପୂର୍ଣ୍ଣ-ଆଲୋଚନା କରିବାର ସୁଯୋଗ ନଥିବାରୁ କେତେକ ବିଷୟରେ କିଞ୍ଚିତ୍ ଆଭାସ ଦିଆଯାଇଛି ମାତ୍ର । ଦ୍ୱିତୀୟଭାଗରେ ଅନ୍ୟ ଦିଗ-ଗୁଡ଼ିକ ସମ୍ପର୍କରେ ଆଲୋକପାତ କରାଯିବ ।

ଦୀର୍ଘ ୯ବର୍ଷ ପୂର୍ବେ ଔପନ୍ୟାସିକ ଫକୀରମୋହନ ପୁସ୍ତକର ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା । ପୁସ୍ତକଟି ପ୍ରକାଶିତ ହେବାର ଦୁଇବର୍ଷ ମଧ୍ୟରେ ଶେଷ ହୋଇ ଯାଇଥିଲେ ସୁଦ୍ଧା ନାନା ବାଧାବିଘ୍ନ ହେତୁ ତାହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇପାରି ନଥିଲା । ଜୟପୁର ବିକ୍ରମ ଦେବ କଲେଜରେ ଅଧ୍ୟାପକ ଥିବା ସମୟରେ ତାହାର

ସାମାନ୍ୟ ପରିବର୍ତ୍ତନ କରି ପ୍ରକାଶ କରିବାକୁ ଇଚ୍ଛୁକ ଥିଲି । ମାତ୍ର ମୋର ବନ୍ଧୁ ଅଧ୍ୟାପକ ନିତାଇ ଦାସ ମୁଖାର୍ଜୀ ଉକ୍ତ ପୁସ୍ତକର ଆବଶ୍ୟକୀୟ ପରିବର୍ତ୍ତନ ତଥା ପରିବର୍ଦ୍ଧନ କରି ଦୁଇଟି ଭାଗରେ ପ୍ରକାଶ କରିବାପାଇଁ ପରାମର୍ଶ ଦେଲେ । କେବଳ ସେତିକିରେ ସେ ନିଶ୍ଚିନ୍ତ ରହି ନଥିଲେ । କିପରି ଟେପର ଲେଖା ହେବ ଓ ପ୍ରକାଶିତ ହେବ ତାର ସକ୍ରିୟ ସହଯୋଗ ମଧ୍ୟ କଲେ । ପ୍ରଥମଭାଗର ଅର୍ଦ୍ଧାଧିକ ଛପାହେବା ପରେ ସେ ସ୍ଥାନାନ୍ତରିତ ହେଲେ ଏବଂ ୨୭୨ ପୃଷ୍ଠା ଛପାହେବା ପରେ ମୋର ମଧ୍ୟ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜକୁ ବଦଳି ହେଲା । ନୂତନ ପରିବେଶ ମଧ୍ୟରେ ଅବଶିଷ୍ଟାଂଶ ଶେଷକରିବା ପାଇଁ ନାନା ଅନ୍ତରାୟ ଆସି ପହଞ୍ଚିଲା "**Better late than never**" ନ୍ୟାୟରେ ଉଦ୍ୟମ ହେବାରୁ ୪ବର୍ଷ ପରେ ପୁସ୍ତକଟି ପ୍ରକାଶିତ ହେଉଛି । "ନ ହି ସର୍ବଃ ସର୍ବ ବେତ୍ତି" ନୀତିରେ ଭ୍ରମପ୍ରମାଦ ରହିବା ଅସ୍ୱାଭାବିକ ନୁହେଁ । ପୁସ୍ତକର ନାମ ପୁରାତନ ହେଲେହେଁ ବିଷୟବସ୍ତୁ ପୁରାପୁରି ନୂତନ ।

ଫକୀରମୋହନ-ସାହିତ୍ୟପ୍ରେମୀ ଛାତ୍ର ତଥା ପାଠକମାନଙ୍କର ଏହି ପୁସ୍ତକ କିଞ୍ଚିତ୍ ଉପକାରରେ ଆସିପାରିଲେ ମୋର ଶ୍ରମ ସାର୍ଥକ ମନେ କରିବି ।

ପୁରୀ
ତା ୨୭ । ୧୦ । ୮୩

ଉପେନ୍ଦ୍ର ମିଶ୍ର

# ସୂଚୀ —


| ବିଷୟ | ପୃଷ୍ଠା |
| --- | --- |
| ୧ । ଦିଗ୍‌ଦର୍ଶନ | ୧ |
| ୨ । ବିକାଶପଥେ ଫକୀରମୋହନ | ୧୮ |
| ୩ । କଥାବସ୍ତୁ | ୩୦ |
| (କ) ଛମାଣ ଆଠଗୁଣ୍ଠ | ୫୦ |
| ଲଛମା | ୮୨ |
| ମାମୁଁ | ୧୦୮ |
| ପ୍ରାୟଶ୍ଚିତ୍ତ | ୧୪୩ |
| (ଖ) ଜୀବନଦର୍ଶନ | ୧୮୮ |
| ଗଳ୍ପକଳା | ୨୦୪ |
| ୪ । ଚରିତ୍ରଚିତ୍ରଣ | ୨୧୯ |
| ନାୟକ | ୨୩୩ |
| ନାୟିକା | ୨୬୫ |
| ଗୌଣଚରିତ୍ର | ୨୯୦ |

# ଦିଗ୍‌ଦର୍ଶନ

ଶିଳ୍ପୀ, କଳାକାର ବା ସାହିତ୍ୟିକ ଯେଉଁ ଯୁଗରେ ଜନ୍ମଗ୍ରହଣ କରିଥାନ୍ତି ସେ ଯୁଗର ବାତାବରଣ ମଧ୍ୟରୁ ତାଙ୍କର ଶିଳ୍ପକଳା ବା ସାହିତ୍ୟ ପାଇଁ ସାମଗ୍ରୀ ଆହରଣ କରନ୍ତି । ତେଣୁ ଯୁଗୋଚିତ ଧର୍ମ ତାଙ୍କ ଲେଖାରେ ପ୍ରକାଶ ପାଇବା ସ୍ୱାଭାବିକ । ସାହିତ୍ୟ ବାସ୍ତବିକ ଜୀବନର ମୁକୁର । କେବଳ ସେତିକି ନୁହେଁ, ତାହା ଜୀବନର ସହଚର ହେବା ସଙ୍ଗେ ସଙ୍ଗେ ମାନବର ହିତ ସାଧନ ପୂର୍ବକ ତାହାକୁ ସନ୍ମାର୍ଗଗାମୀ କରେ । ସାହିତ୍ୟହିଁ ମାନବକୃଷ୍ଟିର ପରିମାପକ । ଏକ ନିର୍ଦ୍ଦିଷ୍ଟ ଯୁଗର ସାହିତ୍ୟକ ତାହାର ପାରିପାର୍ଶ୍ୱିକ ପରିବେଷ୍ଟନୀ ଦ୍ୱାରା ଦୃଷ୍ଟ ହୋଇ ବିକାଶ ଲାଭ କରେ । ବିଶିଷ୍ଟ ଫରାସୀ ଆଲୋଚକ ଟେନ୍ (Taine) ଙ୍କର ଏହି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଅଭିମତ ଏଠାରେ ଉଦ୍ଧାର କରାଯାଇ ପାରେ । ତାଙ୍କ ମତରେ ଗୋଟିଏ ନିର୍ଦ୍ଦିଷ୍ଟ ଦେଶର ପାରମ୍ପରିକ ମାନସିକ ଅଭିବୃତ୍ତି, ପରିବେଷ୍ଟନୀ, ସାମାଜିକ ଜୀବନର ମନ ପ୍ରାକୃତିକ ଗଠନର ବୈଶିଷ୍ଟ୍ୟ, ରାଜନୈତିକ ସଂସ୍ଥା ପ୍ରଭୃତିର ସମବେତ ପ୍ରଭାବ, ସମସାମୟିକ ଯୁଗର ପ୍ରାଣଧର୍ମ ତଥା ଜାତୀୟ ବିକାଶର ଅନ୍ତର୍ଗତ ସାହିତ୍ୟକୁ ପ୍ରଭାବିତ କରେ । କିନ୍ତୁ ଶ୍ରେଷ୍ଠ

---

*Vide* Taine's famous formula of the race, the *milieu*, and the moment.

କଳାକାର କେବଳ ଯୁଗର ପ୍ରତୀକ ନୁହନ୍ତି, ସ୍ରଷ୍ଟା ମଧ୍ୟ । ତାଙ୍କର ପ୍ରତିଭା ସେ ଯୁଗରେ ଅଲୋକବର୍ତ୍ତିକା ତୁଲ୍ୟ ଭାବୀକାଳର ପଥପ୍ରଦର୍ଶକ ହୁଏ । ଫଟୋଗ୍ରାଫର ପରି ଯାହା ତାଙ୍କର ଦୃଷ୍ଟିପଥରୁଢ଼ ହୁଏ, ତାହାକୁ ସେ ସମଗ୍ରଭାବରେ ବା ଅଂଶଭାବରେ ଚିତ୍ରଣ କରନ୍ତି ନାହିଁ । ତାଙ୍କର ସୃଜନୀ ଶକ୍ତି ସେଥିରୁ କେବଳ ବିଷୟବସ୍ତୁ ସଂଗ୍ରହ କରି ନିଜ ପ୍ରତିଭା ବଳରେ ତାହାକୁ ରୂପାନ୍ତରିତ କରେ । ତେଣୁ ପାଠକ ସମକ୍ଷରେ ସାଧାରଣ ପଦାର୍ଥ ମଧ୍ୟ ଅସାଧାରଣ ରୂପେ ପ୍ରତୀୟମାନ ହୁଏ । ସେଥିପାଇଁ ସେ ସ୍ରଷ୍ଟା ।

ଇତିହାସର ଏକ ସନ୍ଧିକ୍ଷଣରେ ଫକୀରମୋହନଙ୍କ ଜନ୍ମ । ଏକ ପକ୍ଷରେ ପାଶ୍ଚାତ୍ୟ ସଂସ୍କୃତି ଭାରତୀୟ ସାମାଜିକ ଜୀବନ ଉପରକୁ ମାଡ଼ି ଆସୁଥିଲା ଓ ଅପର ପକ୍ଷରେ ଭାରତର ଚିରପ୍ରବହମାନ ସଂସ୍କୃତି ନିଷ୍ପ୍ରଭ ଓ ନିର୍ବୀର୍ଯ୍ୟ ହୋଇ ପଡ଼ୁଥିଲା । ଯେଉଁ ଆର୍ଯ୍ୟ ସଂସ୍କୃତି ଦିନେ ନିଜର ମହନୀୟ ଉଦାର ଗୁଣଦ୍ୱାରା ଗ୍ରୀକ୍, ଶକ, ହୁନ୍, ପ୍ରଭୃତି ବୈଦେଶିକ ସଂସ୍କୃତିକୁ ନିଜସ୍ୱ କରି ପାରିଥିଲା, ସେହି ଆର୍ଯ୍ୟ ସଂସ୍କୃତିର ଉଦାରତା କ୍ରମେ ଦୁର୍ବଳ ହୋଇ ପଡ଼ିଲା । ଇସ୍‌ଲାମ ସଂସ୍କୃତିକୁ ସେ ଆଉ ଆପଣାର କରିପାରିଲା ନାହିଁ । ତାହା ଯେପରି ଅବଦ୍ଧ ଜଳାଶୟରେ ପରିଣତ ହେଲା । ତାହାର ସ୍ୱଧର୍ମରୁ ବିଚ୍ୟୁତ ଘଟିଲା ।

* "We must regard the great writer as the creator, as well as the creature of his time, and while keen to appreciate what the age gave to him, we must be equally solicitous to discover what in turn he gave to the age"—*W. H. Hudson*.

ଫକୀରମୋହନଙ୍କ ଜନ୍ମ ସମୟକୁ ଇଂରେଜମାନେ ଭାରତରେ ରାଜ୍ୟ ବିସ୍ତାର କରିଥିଲେ । ପାଦ୍ରୀମାନେ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର ସଙ୍ଗେ ସଙ୍ଗେ ଶିକ୍ଷା ଓ ସଂସ୍କୃତିର ମଧ୍ୟ ପ୍ରଚାର ଆରମ୍ଭ କଲେ । ଭାରତର ନିଜସ୍ୱ ଶିକ୍ଷା ଓ ସଂସ୍କୃତି ଏହି ସମୟରେ ଧ୍ୱଂସମୁଖୀ ହେଉଥିଲା ।

ପାଶ୍ଚାତ୍ୟ ସଭ୍ୟତାର ସମ୍ପର୍କ ଭାରତୀୟ ସଂସ୍କୃତି ଉପରେ ତାହାର ଭଲ ଓ ମନ୍ଦ ଉଭୟ ପ୍ରଭାବ ବିସ୍ତାର କଲା । ଭାରତବାସୀର ଦୃଷ୍ଟି-କୋଣ ପ୍ରଶସ୍ତତର ହେଲା । ସେ ବିରାଟ ପାଶ୍ଚାତ୍ୟ ଜଗତର ସଂସ୍ପର୍ଶରେ ଆସିଲା । ପାଶ୍ଚାତ୍ୟ ଜ୍ଞାନବିଜ୍ଞାନର ଭଣ୍ଡାର ତାହା ପ୍ରତି ଉନ୍ମୁକ୍ତ ହେଲା । କିନ୍ତୁ ଅନ୍ୟ ପକ୍ଷରେ ସମାଜର ନୈତିକ ଭିତ୍ତି ଆନ୍ଦୋଳିତ ହେଲା ଏବଂ ସେଥିରେ ବିକୃତି ଓ ବିଭଙ୍ଗ ଦେଖାଦେଲା । ଏହି ସମୟରେ ରାଜା ରାମମୋହନ ରାୟଙ୍କ ଉଦ୍ୟମରେ ବଙ୍ଗଳାର ବ୍ରାହ୍ମ ସମାଜ ଓ ସ୍ୱାମୀ ଦୟାନନ୍ଦଙ୍କ ପୃଷ୍ଠପୋଷକତାରେ ଉତ୍ତର ଭାରତରେ ଆର୍ଯ୍ୟ ସମାଜ ସ୍ଥାପିତ ହେଲା । ଇଂରାଜୀ ଶିକ୍ଷାପ୍ରାପ୍ତ ଅନେକ ବ୍ୟକ୍ତି ଉଦାରତାପୂର୍ଣ୍ଣ ହିନ୍ଦୁ ଧର୍ମର ଏହି ନୂତନ ସଂସ୍କାର ପ୍ରତି ଆକୃଷ୍ଟ ହେଲେ । ଫକୀରମୋହନଙ୍କ ସମୟରେ ବଙ୍ଗଳାରେ ବ୍ରାହ୍ମଧର୍ମର ପ୍ରଚାର ଓ ପ୍ରସାର କାର୍ଯ୍ୟ ଚାଲିଥିଲା । ଫକୀରମୋହନଙ୍କ ବାସସ୍ଥଳୀ ବାଲେଶ୍ୱର ସହର ମଧ୍ୟ ଅଳ୍ପ ବହୁତ ପରିମାଣରେ ବ୍ରାହ୍ମଧର୍ମ ପ୍ରଚାରର ଏକ କ୍ଷେତ୍ର ଥିଲା । ସ୍ୱୟଂ ଫକୀରମୋହନ ମଧ୍ୟ କେତେକ ସମୟ ପାଇଁ ବ୍ରାହ୍ମଧର୍ମର ଉପାସକ ହୋଇଥିଲେ । ଉପାସନା ପରେ କେତେକଙ୍କ ମଧ୍ୟରେ ମଦ୍ୟପାନ ଏକ ପ୍ରଥାରେ ପରିଣତ ହୋଇ ପଡ଼ିଥିଲା । ଫକୀରମୋହନ ତାଙ୍କ ଉପନ୍ୟାସରେ ଏହି ଚିତ୍ର ଦେବାକୁ ଭୁଲି ନାହାନ୍ତି । *ମାମୁଁ*ର ନାଜର ନଟବର ଦାସ ନୈଶଭ୍ରମଣରେ

ବାହାନୀବାର ଅବ୍ୟବସ୍ଥାର ପ୍ରବୃତ୍ତି ମଦ୍ୟପାନ କରୁଥିଲେ । ଯୁବକମାନେ ଉଚ୍ଚ ଇଂରାଜୀ ଶିକ୍ଷା ଓ ସଭ୍ୟତାଲୋକ ପ୍ରାପ୍ତ ହୋଇ ମଦ ସହିତ ଘନିଷ୍ଠ ସମ୍ପର୍କ ରଖିଥିଲେ । ଛମାଣ ଆଠଗୁଣ୍ଠର ଶେଖ୍ ଦିଲଦାରମିଆଁ ନାନା ନିଶାଦ୍ରବ୍ୟର ଉପାସକ ଥିଲେ ।

ନୈତିକ ଜୀବନରେ ମଧ୍ୟ ଅଧୋଗତି ଦେଖାଦେଲା । ଅନ୍ୟର ସେବା ଅପେକ୍ଷା ନିଜର ସେବାକୁ ମନୁଷ୍ୟ ବଡ ବୋଲି ମନେକଲା । ତ୍ୟାଗ ପରିବର୍ତ୍ତରେ ଭୋଗ ହେଲା ତାହାର ଲକ୍ଷ୍ୟ । ତେଣୁ ସେ ନିର୍ବିବାଦରେ ଅନ୍ୟକୁ ପ୍ରତାରିତ କରିବା ପାଇଁ କୁଣ୍ଠାବୋଧ କଲାନାହିଁ । ଫକୀରମୋହନ ବିଭିନ୍ନ ଚରିତ୍ର ମାଧ୍ୟମରେ ଏହା ସୂକ୍ଷ୍ମ ଭାବରେ ପରିବେଷଣ କରିଅଛନ୍ତି । ଛମାଣ ଆଠଗୁଣ୍ଠର ରାମଚନ୍ଦ୍ର ମଙ୍ଗରାଜ ନିଜର ପୁଞ୍ଜି ବଢ଼ାଇବାକୁ ଯାଇ ନୀତିନିୟମ ମଧ୍ୟରେ ପ୍ରଭେଦ ଦେଖି ନାହାନ୍ତି । ନିଜ ବିଲରେ ଥିବା କୁଅ ଖୋଳିବାକୁ ଯାଇ ସେ ଶାରିଆ ସହ ଅନିଚ୍ଛା ସତ୍ତ୍ୱେ ବିଲରୁ ଜମି ଉପାଡ଼ି ଆଣିଛନ୍ତି । ପ୍ରାୟଶ୍ଚିତ୍ତ ଉପନ୍ୟାସରେ ଶଙ୍କର୍ଷଣ ଯେନତେନ ପ୍ରକାରେଣ ନିଜ କନ୍ୟାର ବିବାହ ଗୋବିନ୍ଦଚନ୍ଦ୍ରଙ୍କ ସହିତ କରାଇ ଦେଇଛନ୍ତି । ଗଳ୍ପକାର 'ଅଧମବାବୁ' ଗଳ୍ପରେ ଦୁରାଚାରୀ ଝାଡୁ ମିଷ୍ଟବାକ୍ୟ ଦ୍ୱାରା ଲୋକଙ୍କୁ ସନ୍ତୁଷ୍ଟ କରି ତାଙ୍କର ସର୍ବସ୍ୱ ଅପହରଣ କରିବା ପାଇଁ ଉଦ୍ୟମ କରିଛନ୍ତି । ତେଣୁ ତାଙ୍କର ପୁଅ ବିବାହ ଛଳରେ ଖାତକମାନଙ୍କଠାରୁ ନିର୍ମମ ଭାବରେ ଟଙ୍କା ଆଦାୟ କରିବାରେ ଲାଗି ପଡ଼ିଛନ୍ତି । ସମାଜର ପ୍ରତିଷ୍ଠା ପାଇଁ ଫକୀରମୋହନ ତାଙ୍କର କାବ୍ୟ, କବିତା କଥା ଗଳ୍ପ ଉପନ୍ୟାସ ମାଧ୍ୟମରେ ଉଦ୍ୟମ କରିଛନ୍ତି । ଅନ୍ୟାୟ ଓ ଅତ୍ୟାଚାରରେ ପତନ ଏବଂ ଧର୍ମର ଜୟ ଦେଖାଇବା ସେ ନିଜର କର୍ତ୍ତବ୍ୟ ରୂପେ

ଗ୍ରହଣ କରିଛନ୍ତି । *ଛମାଣ ଆଠଗୁଣ୍ଠର* ଯେପରି ରାମଚନ୍ଦ୍ର, *ମାମୁଁର* ସେହିପରି ନାଜର ନଟବର ଦାସ ସ୍ୱକୃତ ଅପରାଧ ନିମିତ୍ତ ଜେଲଦଣ୍ଡ ଭୋଗ କରିଛନ୍ତି ।

ଊନବିଂଶ ଶତାବ୍ଦୀରେ ଶାସନ ଓ ସମାଜ କ୍ଷେତ୍ରରେ ନାନା ନୂତନ ଅବସ୍ଥାର ପ୍ରଚଳନ ହେଲା । ଇଂରାଜୀ ଶିକ୍ଷାର ପ୍ରସାର ଓ କୋର୍ଟ କଚେରୀ ପ୍ରଭୃତିର ସ୍ଥାପନ ଉତ୍କଳୀୟଙ୍କ ଚିତ୍ତରେ ଆନ୍ଦୋଳନ ସୃଷ୍ଟି କଲା । ସୁସଂଗଠିତ ଅମଲାତନ୍ତ୍ର ଶାସନ ସହିତ ଜନସାଧାରଣ ଏକାନ୍ତ ଅପରିଚିତ ଥିଲେ । ସେମାନେ ପ୍ରଚଳିତ ଶାସନ ପ୍ରଣାଳୀ ଓ ପାରିପାର୍ଶ୍ୱିକ ଅବସ୍ଥା ସହିତ ନିଜକୁ ଖାପ ଖୁଆଇ ପାରିଲେ ନାହିଁ । ଫଳତଃ ସମାଜରେ ଭୀଷଣ ଅବ୍ୟବସ୍ଥାର ସୃଷ୍ଟି ହେଲା । *ଛମାଣ ଆଠଗୁଣ୍ଠର* ରାମଚନ୍ଦ୍ର ମଙ୍ଗରାଜଙ୍କ ପରି କେତେକ ଦୁଃସାହସିକ ବ୍ୟକ୍ତି ଧନୀ ହେବାର ସ୍ୱପ୍ନ ଦେଖୁଥିଲେ । ଶାସନ ଓ ସମାଜ କ୍ଷେତ୍ରରେ ଏହି ଅସ୍ୱାଭାବିକ ପରିସ୍ଥିତି ସେମାନଙ୍କର ଉଦ୍ଦେଶ୍ୟ ସାଧନ ନିମିତ୍ତ ଅନୁକୂଳ ହେଲା । ନିର୍ବିବାଦରେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ଆରମ୍ଭ ହେଲା । ଫକୀରମୋହନଙ୍କ ଯୁଗରେ ଭାରତରେ ସଂସ୍କୃତି ଓ ସାମାଜିକ ଜୀବନରେ ଏହିପରି ଏକ ଅବ୍ୟବସ୍ଥା ଦେଖା ଦେଇଥିଲା । ପାଶ୍ଚାତ୍ୟ ସଂସ୍କୃତିର ପ୍ରତିକ୍ରିୟା ଭାରତର ସାମାଜିକ ଓ ସଂସ୍କୃତିଗତ ଜୀବନକୁ ଅଭୂତପୂର୍ବ ଭାବରେ ଆନ୍ଦୋଳିତ କରିଥିଲା । ଏହି କ୍ରିୟା ଓ ପ୍ରତିକ୍ରିୟା ଫଳରେ ଭାରତର ସାମାଜିକ ସାଂସ୍କୃତିକ ଜୀବନରେ ବିଭେଦ ଓ ବିଶୃଙ୍ଖଳା ଉପସ୍ଥିତ ହେଲା । ଇଂରେଜମାନେ କେବଳ ଏ ଦେଶର ରାଜନୈତିକ ଶକ୍ତି ନ ଥିଲେ । ସେମାନେ ଉତ୍ତମରୂପେ ଅବଧାରଣ କରିଥିଲେ ଯେ

ଦେଶର ସଂସ୍କୃତି ଓ ସାମାଜିକ ଜୀବନକୁ ନିୟନ୍ତ୍ରଣ ନ କଲେ ଶାସନ ପ୍ରତିଷ୍ଠା ଲାଭ କରିପାରିବେ ନାହିଁ । ତାଙ୍କର ସଂସ୍କୃତିଧାରା ଭାରତ ଭୂମିରେ ଅଗ୍ରଗତି ଆରମ୍ଭ କଲା । ଏହା କେବଳ ରେଲ, ଯନ୍ତ୍ର ବା କଳକାରଖାନା ଭିତରେ ଆବଦ୍ଧ ନ ଥିଲା । ଭାଷା, ଧର୍ମ, ବ୍ୟବହାର ଓ ଅଭିରୁଚି, ବିଶେଷତଃ ଆମ ସାମାଜିକ ଜୀବନର ଗୃହାଣି, ଚଳଣୀ ଉପରେ ଇଂରେଜ ସଭ୍ୟତା ଅପ୍ରତିହତ ପ୍ରଭାବ ବିସ୍ତାର କଲା ।

ଇଂରାଜୀ ଶିକ୍ଷା ଆମ ସମାଜର ମୂଳପିଣ୍ଡ ଏକାନ୍ନବର୍ତ୍ତୀ ପରିବାର ଉପରେ କୁଠାରଘାତ କଲା । ଶିକ୍ଷିତ ବ୍ୟକ୍ତି ତାହାର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ପାଇଁ ଆଗ୍ରହ ପ୍ରକାଶ କଲା । *ମାମୁ* ଉପନ୍ୟାସର ନାୟକ ନଟବର ଦାସ ନିଜର ମାତା ବା ଭ୍ରାତାଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ *ମାମୁ* ଘର ଭଡ଼ା ମାରିଥିବା କଟକର ଗୃହଖଣ୍ଡି ନିଜ କାମ ପାଇଁ ମଜି ବସିଲେ । *ଡାକମୁନସି* ଗଳ୍ପରେ ଗୋପାଳ ମାଇନର ପାସ୍ କରି ଚାକିରି କରିବା ପରେ ତାହାର ସମସ୍ତ ଉନ୍ନତିର ମୂଳ ନିଜର ପିତା ପ୍ରତି କିପରି ପଶୁତୁଲ୍ୟ ବ୍ୟବହାର କରିଛି ତାହା ଫକୀରମୋହନ ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । *ସଭ୍ୟ ଜମିଦାର* ଗଳ୍ପରେ ରାଜୀବଲୋଚନ ବିବାହ ପରେ ନିଜ ମାତାଙ୍କୁ ଅପମାନିତ କରିବାରୁ ସେ ଗୃହତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ ।

ସାମାଜିକ ଅବସ୍ଥାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ଅର୍ଥନୀତିକ ଜୀବନ ବିପର୍ଯ୍ୟସ୍ତ ହେଲା । ସମାଜରେ ଧନୀ-ଦରିଦ୍ର ଶ୍ରେଣୀବିଭାଗରେ ସ୍ପଷ୍ଟ ହେଲା । ଏକ ମଧ୍ୟବିତ୍ତ ଶ୍ରେଣୀ ଗଢ଼ି ଉଠିଲା । ଧନୀକ ଶ୍ରେଣୀର ଆଭିଜାତ୍ୟ ଲୋଭ ସଙ୍ଗେ ସଙ୍ଗେ ଦରିଦ୍ର ଶ୍ରେଣୀର

ଜୀବନସଂଗ୍ରାମ କଷ୍ଟକର ହୋଇ ପଡ଼ିଲା । ମଧ୍ୟବିତ୍ତ ଶ୍ରେଣୀର ଅଭିଜାତ୍ୟ ଓ ଭୋଗ ଲାଳସାର ସ୍ୱପ୍ନ ସଫଳ କରିବା ପାଇଁ ଅର୍ଥର ଅନାଟନ ହେଲା ।

ପୂର୍ବର ଧନୀ ଜମିଦାର ସମ୍ପ୍ରଦାୟର ଭାଗ୍ୟଗଗନର ଜ୍ୟୋତି-ରେଖା କ୍ରମେ କ୍ରମେ ମ୍ଳାନ ହୋଇ ଆସୁଥିଲା । ସେମାନଙ୍କ ଭିତରୁ ଶେଖ୍ ଦିଲଦାର ମିଆଁଙ୍କ ପରି କେତେକ ବିଳାସ ବ୍ୟସନରେ ଓ ଜଗୁରବାବୁଙ୍କ ପରି କେତେକ ଉଦାରମନା ବ୍ୟକ୍ତି ଦୁଃଖୀହୀନଙ୍କର କାର୍ଯ୍ୟରେ ଲିପ୍ତ ଥିଲେ । ସାମ୍ରାଜ୍ୟବାଦ ଓ ଅମଲାତନ୍ତ୍ର ଶାସନ ଭାରତବର୍ଷରେ ତାର ଆସନ ସୁଦୃଢ଼ କରି ଦେଶର ପ୍ରତି ଅଙ୍ଗସଙ୍ଗରେ ତାର କ୍ଷମତା ବିସ୍ତାର କରିବାକୁ ସଚେଷ୍ଟ ଥିଲା । *ଛମାଣ ଆଠଗୁଣ୍ଠର* ରାମଚନ୍ଦ୍ର ମଙ୍ଗରାଜ ଅତ୍ୟାଗ୍ରହୀ ଜମିଦାର ଶ୍ରେଣୀର ପ୍ରତୀକ ଏବଂ ଅମଲାତନ୍ତ୍ର ଶାସନକାଳରୁ ଉଦ୍ଭୂତ ନାଜର ନଟବର ଦାସ ନିଜର କୂଟନୀତି ସାହାଯ୍ୟରେ ସମସ୍ତଙ୍କୁ ପ୍ରତାରିତ କରି ସ୍ୱାର୍ଥ ସାଧନରେ ବ୍ୟସ୍ତ ।

ପୂର୍ବେ ସମସ୍ତ ଭୂମି ଶାସକଙ୍କର ଥିଲା ଏବଂ ତାହା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଜାଗିରରୂପେ ଦିଆଯାଉଥିଲା । ସେମାନଙ୍କ ଅଧୀନରେ କୃଷୀମାନେ ସେହି ଭୂମି ଚାଷ କରୁଥିଲେ । ଇଂରେଜ ଶାସନରେ ପ୍ରଜାମାନଙ୍କର ଉକ୍ତ ଜମି ଉପରେ ସ୍ୱତ୍ୱ ହେବା ଦ୍ୱାରା ସେମାନେ ତାହା ବିକ୍ରି କରିବାର ସୁଯୋଗ ପାଇଲେ । ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ଲୋଭୀ ଜମିଦାର ଭଗିଆ ସାରିଆଙ୍କ ତୁଲ୍ୟ ନିରୀହ ତନ୍ତୀଙ୍କଠାରୁ କବଲା କରି ଛମାଣ ଆଠଗୁଣ୍ଠ ଜମି ଠକି ନେଲେ । *ଅଧର୍ମବିତ୍ତ* ଗଳ୍ପରେ କୁବେର ସାହୁ ପରି ଅର୍ଥଲୋଲୁପ ମହାଜନ ଅଳ୍ପ ଟଙ୍କା

ଭରଜ ଦେଇ ସୁଧମୂଲ ହିସାବ ଭଳି କେତେକ ପ୍ରକାର ଟଙ୍କାର ଜମିରୁ କେତେକ ଶହ ଟଙ୍କାରେ ନେଇ ଯାଉଥିଲେ । ସେସମୟରେ ସମୟରେ ଜମିଦାରମାନଙ୍କ ମଧ୍ୟରେ ଅଯଥା ମକଦ୍ଦମା ଲାଗି ରହୁଥିଲା ଏବଂ ନିରୀହ ପ୍ରଜାମାନେ ସେ ସବୁ ଅତ୍ୟାଚାର ଶାସ୍ତିଭୋଗ କରି ସହୁଥିଲେ । ମଫସଲର ଗରିବ ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନଥିଲା । ଛମାଣ ଆଠଗୁଣ୍ଠର ଗୋପାଳ ସାହୁ ଦୋକାନୀ ଥିଲା । ଅଳ୍ପ ମୂଳଧନରେ ଛାର ଦୋକାନ ଆରମ୍ଭ କରି ସେ ଏବଂ ବାଜେ ଦରରେ ବେପାର ବା ଅଧଲାଏ ଲାଭ ପାଉଥିଲା । ଅବଶ୍ୟ ସେ ସମୟରେ ମୁଦ୍ରାର ନିମ୍ନ-ମୂଲ୍ୟ ବର୍ତ୍ତମାନ ମୁଦ୍ରାର କ୍ରୟ ମୂଲ୍ୟ ଅପେକ୍ଷା ବହୁତ ବେଶୀ ଥିଲା ।

ସମାଜର ପରିବେଶ ମଧ୍ୟରେ ଯେଉଁ ଅସ୍ଥା ଥିଲା ତାହା କ୍ରମେ କ୍ରମେ ଗ୍ରାମ୍ୟ ଜୀବନକୁ ନିଜର ମଧ୍ୟରେ ହରାଇ ଥିଲା । କର୍ପୂର ଉଡ଼ିଗଲେ କେବଳ କନା ଯେପରି ପଡ଼ିରହେ ଗ୍ରାମ୍ୟ ଜୀବନର ଦଶା ସେହିପରି ଥିଲା । ସର୍ବତ୍ର ଅନ୍ଧବିଶ୍ୱାସ ଅଜ୍ଞାନ ଅନ୍ଧକାରମୟ ହୋଇ ଥିଲା । ଫକୀରମୋହନ ତାଙ୍କ ଉପନ୍ୟାସରେ ଏହି ସମସ୍ତ ବିଷୟ ଉତ୍ତମ ରୂପେ ଚିତ୍ରଣ କରିଅଛନ୍ତି । ସମାଜର ଦୋଷ ଦୁର୍ବଳତାକୁ ସେ ଅନ୍ତରାଳରେ ନ ରଖି ତାହା ନଗ୍ନ ରୂପେ ପ୍ରକାଶ କରିଛନ୍ତି । ଗ୍ରାମ୍ୟ ସଙ୍କୀର୍ତ୍ତନରେ ଭକ୍ତିମାର୍ଗ ପରିବର୍ତ୍ତେ ଚାଲାକିରେ ବାହାଦୁରୀ ଦେଖାଇବା ମୁଖ୍ୟ ବିଷୟ ହୋଇପଡ଼ିଥିଲା । ଗାଁର ଜ୍ୟୋତିଷୀ ଜ୍ୟୋତିଷଶାସ୍ତ୍ରରେ ନିପୁଣ ନ ହେଲେ ମଧ୍ୟ ଯଥାତଥା ଶ୍ଳୋକ ବୋଲି ପ୍ରାୟଶ୍ଚିତ୍ତର ତାଲିକା ଦେଇପାରନ୍ତି । ବୈଦ୍ୟ ସେହିପରି ବୈଦ୍ୟଶାସ୍ତ୍ର ପାଠ ନ କରି ରୋଗୀ ଚିକିତ୍ସା କରନ୍ତି । ଫଳତଃ ପ୍ରତ୍ୟେକ କ୍ଷେତ୍ରରେ ଶୃଙ୍ଖଳାହୀନତା ସ୍ପଷ୍ଟତଃ ପରିଲକ୍ଷିତ ହେଉଥିଲା ।

ଧର୍ମନାମରେ ଅଶିକ୍ଷିତ ଜନସମାଜ ନାନା କୁସଂସ୍କାରର ଉପାସକ ଥିଲା । ତେଣୁ *ଛମାଣ ଆଠଗୁଣ*ର ଚମ୍ପା ବୁଢ଼ୀମଙ୍ଗଳାଙ୍କ ନାମରେ ଭଗିଆ ଓ ସାରିଆଙ୍କୁ ଠକି ସେମାନଙ୍କୁ *ଛମାଣ ଆଠଗୁଣ* ଜମିରୁ ବଞ୍ଚିତ କରାଇଥିଲା । ସେକ୍‌ସ୍ପିଅରଙ୍କ ମ୍ୟାକ୍‌ବେଥ ଓ ହ୍ୟାମଲେଟ ଯେପରି ବାହ୍ୟବିରୁଦ୍ଧରେ ଓ ଅନ୍ତର୍ଦ୍ୱନ୍ଦ୍ୱ ବିରୁଦ୍ଧରେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରିବାକୁ ଯାଇଛନ୍ତି ଫକୀରମୋହନଙ୍କ ଉପନ୍ୟାସରେ ସେପରି ହୋଇନାହିଁ, କିନ୍ତୁ କାହ୍ନୁଚରଣଙ୍କ *ଶାସ୍ତି* ଉପନ୍ୟାସର ସନେଇ ଯେପରି ସମାଜ ଓ ରକ୍ଷଣଶୀଳତା ବିରୁଦ୍ଧରେ ସଂଗ୍ରାମ କରି ଜାତିହୀନ ସମାଜ ଗଢ଼ିବାକୁ ଉଦ୍ୟମ କରୁଛି ଫକୀରମୋହନଙ୍କର କୌଣସି ଚରିତ୍ର ସେପରି କରି ନାହାନ୍ତି । *ମାମୁଁ*ର ନଟବର ଦାସ ବା *ଛମାଣ ଆଠଗୁଣ*ର ରାମଚନ୍ଦ୍ର ମଙ୍ଗରାଜ ଧନୀ ହେବାର ପିପାସା ପୂରଣ କରିବାକୁ ଯାଇ ବ୍ୟକ୍ତିବିଶେଷ ବିରୁଦ୍ଧରେ ନିଜର ବିଦ୍ୟା, ବୁଦ୍ଧି ଓ କୂଟନୀତି ପ୍ରୟୋଗ କରିଛନ୍ତି ।

ଫକୀରମୋହନ ମଧୁସୂଦନଙ୍କ ପରି ବାସ୍ତବ ଜଗତର ଅତୀତ ଚନ୍ଦ୍ରଙ୍କ ଉପାସନାରେ ନିମଗ୍ନ ନ ରହି ସାଧାରଣ ମାନବଠାରେ ଧ୍ୟାନଧାରଣା ନିବଦ୍ଧ କଲେ । ସମାଜ-ବୈଜ୍ଞାନିକ ତୁଲ୍ୟ ସମାଜକୁ ତନ ତନ କରି ଦେଖି ତାର ଦୋଷ ଦୁର୍ବଳତା, ସୁଖଦୁଃଖକୁ ନିପୁଣ ଶିଳ୍ପୀପରି ତାଙ୍କ ଗଳ୍ପ ଓ ଉପନ୍ୟାସରେ ସେ ରୂପାୟିତ କରିଅଛନ୍ତି । ତାଙ୍କର ଏହି ବିଶ୍ଳେଷଣରେ କଳାକାରର ଅଦ୍ଭୁତ ପ୍ରତିଭା ଫୁଟି ଉଠିଛି । ନାନା କ୍ଷେତ୍ରରେ ତାଙ୍କର ପରିପୁଷ୍ଟ ଅଭିଜ୍ଞତା ଜୀବନର ଆଦର୍ଶ ଅହରଣରେ ତାଙ୍କୁ ବିଶେଷ ସାହାଯ୍ୟ କରିଛି ଏବଂ ଏହି ଆଦର୍ଶକୁ ଫକୀରମୋହନ ତାଙ୍କର ଉପନ୍ୟାସ ଓ ଗଳ୍ପ ମାଧ୍ୟମରେ

ଫୁଟାଇଛନ୍ତି । ତାଙ୍କ ରଚିତ ଉପନ୍ୟାସ, ଗଳ୍ପ ଓ କବିତାରେ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହୋଇଅଛି । ଅବଶ୍ୟ ସମାଜର ବାସ୍ତବତା ପ୍ରତି ସେ ସଜାଗ ଅଛନ୍ତି । ହାସ୍ୟରସ ଓ ବ୍ୟଙ୍ଗ ସମ୍ମିଶ୍ରଣରେ ତାଙ୍କର ଲେଖା ମନୋଜ୍ଞ ହୋଇଛି ।

ସମାଜର ବାତାବରଣ ଭିତରେ ବ୍ୟକ୍ତିର ଆଶା, ଆକାଂକ୍ଷା, ଜୟ, ପରଜୟ କିପରି ରୂପରେଖ ପାଏ ଫକୀରମୋହନ ତାହା ତାଙ୍କ ଉପନ୍ୟାସରେ ଦେଖାଇଛନ୍ତି । *ଛମାଣ ଆଠଗୁଣ*ର ରାମଚନ୍ଦ୍ର ମଙ୍ଗରାଜ ବା *ମାମୁଁ*ର ନାଜର ନଟବର ଦାସଙ୍କୁ ସାମାଜିକ ପରିସ୍ଥିତି ଭିତରେ ସେମାନଙ୍କର ଦୁର୍ଜ୍ଜେୟ ଅର୍ଥଲିପ୍ସା ମେଣ୍ଟାଇବା ପାଇଁ ନାନା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଆସିବାକୁ ହେଉଅଛି । ସମାଜର ଜଣେ ଜଣେ ସାଧାରଣ ମାନବ ରୂପେ ଲେଖକ ସେମାନଙ୍କୁ ଚିତ୍ରଣ କରିଅଛନ୍ତି । କାରଣ ବ୍ୟକ୍ତିବିଶେଷଙ୍କୁ ନେଇ ସମାଜର ସୃଷ୍ଟି ।

ମାକ୍ ଆଇଭର କହନ୍ତି, "ବ୍ୟକ୍ତିକୁ ନେଇ ଜାତି ଅଭିବୃଦ୍ଧି ହୁଏ । ବ୍ୟକ୍ତି ଉପରେ ସମାଜର ସ୍ଥାୟୀତ୍ୱ ନିର୍ଭର କରେ । ସମାଜ ଅନ୍ତର୍ଭୁକ୍ତ ବ୍ୟକ୍ତିବିଶେଷଙ୍କର ଭଲ ପ୍ରତି ଦୃଷ୍ଟି ନ ଦେଇ ଯଦି କୌଣସି ସାମାଜିକ ଆଦର୍ଶର କଳ୍ପନା କରଯାଏ ତାହା କେବଳ କଳ୍ପନାରେହିଁ ପର୍ଯ୍ୟବସିତ ହେବ ।" †

---

† The race grows in its individuals. Society exists only in its members. If we propose any social ideal which means any thing else than the good of social individuals we are pursuing a figment - *Elements of social science*— *Mac Iver*

ରାଜା ଜମିଦାରଙ୍କଠାରୁ ଆରମ୍ଭ କରି ଫକୀରମୋହନ ସମାଜର ଅତି ନଗଣ୍ୟ, ହେୟ, ଅବହେଳିତ, ଦୀନଦୁଃଖୀଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ । ତେଣୁ ପ୍ରତ୍ୟେକ ଚରିତ୍ର ବର୍ଣ୍ଣନାରେ ଲେଖକଙ୍କର ବାସ୍ତବଜ୍ଞାନ ପୂର୍ଣ୍ଣତଃ ପ୍ରତିଭାତ ।

ଦଳିତ, ପତିତ, ସର୍ବହରାର ଉନ୍ନତି ପାଇଁ ଆଜି ସମସ୍ତେ ଉତ୍କଣ୍ଠିତ । ସାମ୍ୟବାଦର ସାମ୍ୟନୀତି ଧନୀକ ଓ ଦରିଦ୍ର ଉଭୟଙ୍କୁ ସମାନ ସୁବିଧା ଦେବାପାଇଁ ବ୍ୟଗ୍ର । ଫକୀରମୋହନ ଧନୀ ଜମିଦାରର ଦରିଦ୍ର ଉପରେ ନିର୍ମମ ଅତ୍ୟାଚାରକୁ ଅତ୍ୟନ୍ତ କରୁଣ ଭାବରେ ବର୍ଣ୍ଣନା କରି ପାଠକମାନଙ୍କ ମନରେ ସେମାନଙ୍କ ପ୍ରତି ସ୍ନେହ, ସହାନୁଭୂତି ଜାଗ୍ରତ କରାଇଛନ୍ତି ।

ଫକୀରମୋହନଙ୍କ ଉପନ୍ୟାସରେ ତାଙ୍କ ସମସାମୟିକ ପରିସ୍ଥିତିର ଏକ ନିଖୁଣ ଚିତ୍ର ମିଳେ । ଓଡ଼ିଶାରେ ଇଂରେଜ ଶାସନ ସ୍ଥାପନର ପ୍ରଥମ ପଚିଶ ବର୍ଷ ମଧ୍ୟରେ ଉତ୍ତମ ରାସ୍ତାଘାଟ ନିର୍ମିତ ହୋଇ ନ ଥିଲା । ଦୃଢ଼ଭାବରେ ଶୃଙ୍ଖଳା ସ୍ଥାପିତ ହୋଇ ନ ଥିଲା । ଚୋର ଡକାୟତମାନେ ନିର୍ବିବାଦରେ ଅସହାୟ ପଥିକର ସର୍ବସ୍ୱ ଲୁଣ୍ଠନ କରୁଥିଲେ । *ଲଛମା*ର ଗୋଡ଼ଖାଲଠାରେ ପଶ୍ଚିମାଗତ ଯାତ୍ରୀଦଳଙ୍କ ଉପରେ ଯେଉଁ ଡକାୟତି ହୋଇଥିଲା ତାହା ଫକୀର-ମୋହନଙ୍କ ସମୟରେ ଘଟୁଥିବା ଡକାୟତିର ଏକ ବର୍ଣ୍ଣନା । *ଗଳ୍ପ-ସ୍ୱଳ୍ପ*ରେ ସମସାମୟିକ ଜାହାଜ ନିର୍ମାଣ, ଜାହାଜ ଚାଳନ ଓ ଲୁଣମରା ପ୍ରଭୃତିର ଚିତ୍ର ଅଙ୍କିତ ହୋଇଛି ।

ଫକୀରମୋହନ ସ୍ପଷ୍ଟ ଭାବରେ ତାଙ୍କ ସାହିତ୍ୟରେ ଇଂରେଜ ଶାସନ ବିରୋଧରେ ଅଭିଯୋଗ କରି ନାହାନ୍ତି, କିନ୍ତୁ ପରୋକ୍ଷଭାବରେ ଇଂରେଜମାନଙ୍କ ଦୋଷ ଦୁର୍ବଳତା ଦେଖାଇ ପାଠକମାନଙ୍କ ମନରେ ସେମାନଙ୍କ ପ୍ରତି ଏକ ବିତୃଷ୍ଣା ପୋଷଣ କରୁଅଛନ୍ତି । ବଙ୍ଗଳାର ସୁନାମଧନ୍ୟ ଔପନ୍ୟାସିକ ବଙ୍କିମଚନ୍ଦ୍ର ତାଙ୍କର *ଆନନ୍ଦମଠରେ* ସ୍ୱଦେଶପ୍ରୀତିମୂଳକ ଭାବ ଉଦ୍‌ବୋଧିତ କରି ତତ୍‌କାଳୀନ କିଂକର୍ତ୍ତବ୍ୟବିମୂଢ଼ ଦେଶବାସୀଙ୍କୁ ଜାଗ୍ରତ କରିଥିଲେ । ତାଙ୍କର ସେହି ବନ୍ଦେ ମାତରଂ ଧ୍ୱନି ଉଚ୍ଚାରଣ କରି ବର୍ତ୍ତମାନ ମଧ୍ୟ ଭାରତବାସୀ ଅନ୍ତପ୍ରସାଦ ଅନୁଭବ କରେ । ଫକୀରମୋହନଙ୍କ ସମୟରେ ବଙ୍ଗଳା ଅପେକ୍ଷା ଓଡ଼ିଶାର ଅବସ୍ଥା ଅଧିକ ଶୋଚନୀୟ ଥିଲା । ଇଂରେଜ ଶାସନର କଠୋର ନୀତି ଫଳରେ ଦୁର୍ଭିକ୍ଷ, ମହାମାରୀ ଓଡ଼ିଶା ନଷ୍ଟପ୍ରାୟ । ନିଜର ଦୁଃଖ କହିବା ଭଳି କାହାକୁ କିଛି ଓଡ଼ିଆ ନିର୍ଜୀବ ଓ ନିଦ୍ରିତ । ସେ ସମୟରେ ସ୍ୱଦେଶପ୍ରୀତିର କଥା କିଏ ପଚାରେ ? ନିଜର ଅସ୍ତିତ୍ୱ ବଜାୟ ରଖିବା ମଧ୍ୟ କଠିନ ।

ଏହି କାରଣରୁ ଫକୀରମୋହନଙ୍କ ସାହିତ୍ୟରେ ସ୍ୱଦେଶ-ପ୍ରୀତିର ଚିତ୍ର ଅତ୍ୟନ୍ତ ସ୍ପଷ୍ଟ ନୁହେଁ । ବଙ୍ଗଳାର ମହାପୁରୁଷ ବା ଔପନ୍ୟାସିକଙ୍କ ସାହିତ୍ୟରେ ଯେପରି ଉଗ୍ର ଜାତୀୟ ଭାବ ଦେଖାଯାଏ, ତାହା ଫକୀରମୋହନଙ୍କ ସାହିତ୍ୟରେ ସ୍ଥାନ ପାଇନାହିଁ । ସ୍ୱାଭାବିକ ଶାନ୍ତ ଭାବରେ ଫକୀରମୋହନଙ୍କ ଲେଖାରେ ଏହା ଏକ ନିମ୍ନ ସ୍ଥାନ ପାଇଛି । ତାଙ୍କ ସମୟରେ ଓଡ଼ିଆ ଭାଷାର ଲୋପ ପାଇଁ ଯେଉଁ ଚକ୍ରାନ୍ତ ଚାଲିଥିଲା, ସେଥିରୁ ଓଡ଼ିଆ ଜାତିର ସୁରକ୍ଷା ପାଇଁ ସେ ବଙ୍ଗୀୟ ନେତାଙ୍କ ବିରୁଦ୍ଧରେ ସଂଗ୍ରାମ

ରକ୍ଷା କରିଥିଲେ । ପ୍ରାଚୀନ ଓଡ଼ିଆ ପୁସ୍ତକର ମୁଦ୍ରଣ ନିମିତ୍ତ ସେ ଯତ୍ପରୋନାସ୍ତି ଚେଷ୍ଟା କରିଥିଲେ । ଏପରିକି ନିଜେ ପ୍ରେସ ସ୍ଥାପନ କରାଇ ମୁଦ୍ରଣ କରାଉଥିଲେ । ତାଙ୍କ ଗଳ୍ପ ଓ ଉପନ୍ୟାସମାନଙ୍କରେ ଉତ୍କଳର ନଦ, ନଦୀ, ପର୍ବତ, ଅରଣ୍ୟ, ଗ୍ରାମ ଓ ସହରର ଚିତ୍ର ନିଖୁଣ ଭାବରେ ଫୁଟି ଉଠିଛି । *ଲଛମା* ଉପନ୍ୟାସରେ ସେ ଯେଉଁ ମନୋହର ଚିତ୍ର ଅଙ୍କନ କରିଅଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଓଡ଼ିଶାର ଅତୀତ ଗୌରବ ଚିତ୍ରଣରେ ମଧ୍ୟ ଲେଖକ ତ୍ରୁଟି କରି ନାହାନ୍ତି । ଲବଣ ଶିଳ୍ପ, ଜାହାଜ ତିଆରି, ଓ ବିଭିନ୍ନ ଦେଶ ସହିତ ବାଣିଜ୍ୟ ବ୍ୟବସାୟ କିପରି ଓଡ଼ିଶାର ଧନାଗମର ଏକ ପ୍ରଧାନ ଉପାୟ ଥିଲା ତାହା ଲେଖକ ବର୍ଣ୍ଣନା କରି ଅଛନ୍ତି । ତାଙ୍କର *ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ* ପ୍ରବନ୍ଧରେ ମାତୃଭାଷା ପ୍ରତି ଅସୀମ ମମତା ପ୍ରକଟିତ ହୋଇଅଛି ।

ବୁଦ୍ଧିମାନ୍ ଇଂରେଜ ଶାସକ ଉତ୍ତମ ରୂପେ ଅବଧାରଣ କରିଥିଲେ ଯେ ସେମାନଙ୍କ ବିରୋଧରେ ଲେଖନୀଚାଳନା ଅସିଚାଳନାଠାରୁ ମଧ୍ୟ ବେଶୀ ବିପଜ୍ଜନକ । ସ୍ୱୟଂ ରାଧାନାଥ ଏହି ଉପଦ୍ରବରୁ ରକ୍ଷା ପାଇ ନ ଥିଲେ । ତାଙ୍କର ଏକ ଲେଖା ସମ୍ପର୍କରେ ସରକାରଙ୍କଠାରୁ ସ୍ମୃତିଚିଠି ପାଇ ସେ ଅତ୍ୟନ୍ତ ମର୍ମାହତ ହୋଇଥିଲେ । କବି ଗଙ୍ଗାଧର *ଭାରତୀ ଭବନା* ନାମକ ଏକ ଦ୍ୱ୍ୟର୍ଥମୂଳକ କବିତା ସାହାଯ୍ୟରେ ଇଂରେଜ ଶାସନର ଦୋଷ ଦେଖାଇଛନ୍ତି । ଫକୀରମୋହନ *ଛମାଣ ଆଠଗୁଣ୍ଠ*ର ଅସୁରଦୀଘୀଶୀର୍ଷକ ପରିଚ୍ଛେଦରେ ଇଂରେଜ ଶାସକମାନଙ୍କର ଶୋଷଣନୀତି ବିରୋଧରେ ପାଠକମାନଙ୍କୁ ସାବଧାନ କରାଇ ଦେଇଛନ୍ତି । ଇଂରେଜ ବଣିକ ସ୍ୱର୍ଣ୍ଣପ୍ରସୂ ଭାରତକୁ ଛାରଖାର କରି ଲୁଟପାଟ

କରିବା ହେତୁ ବିପନ୍ନ ଭାରତକୁ ରକ୍ଷା କରିବାପାଇଁ ଭାରତବାସୀଙ୍କୁ ସେ ସକାତର ଅନୁରୋଧ ଜଣାଇଅଛନ୍ତି । "ହେ ହିନ୍ଦୁଧର୍ମାବଲମ୍ବୀମାନେ, ଇଂରେଜ ପାଣିକାଉଙ୍କୁ ଦେଖ, କେଉଁ ଦେଶରୁ ଖାଲି ପକେଟରେ ଉଡିଆସି ଟେଙ୍ଗ ଟେଙ୍ଗ ଗଣ୍ଡାରେ ପେଟପୂରାଇ ଗୁଲଗଲେ । ଧାଡିକୁଳର ବରଗଛରେ ତୁମମାନଙ୍କର ବସା, ଦିନଯାକ ପାଣି ଚକଟି ଚକଟି ଦଣ୍ଡେଇ ପିଲା କେରଣ୍ଡି ପିଲାରୁ ଅଧିକ କିଛି ପାଉନାହଁ । ଜୀବନସଂଗ୍ରାମକାଳ ଉପସ୍ଥିତ, ଏଣିକି ଅଛୁର ପଲ ପଲ ପାଣିକାଉ ଆସି ଟେଙ୍ଗ ଟେଙ୍ଗ ସବୁ ବାନ୍ଧି ନେଇଯିବେ । ତୁମ୍ଭେମାନେ ବିଦେଶକୁ ଯାଇ ସମୁଦ୍ର ପହଁର ନ ଶିଖିଲେ ଆଉ ରକ୍ଷା ନାହିଁ ।"

ଫକୀରମୋହନ ଯେପରି ଯୁଗର ପ୍ରତୀକ, ସେହିପରି ମଧ୍ୟ ଯୁଗର ପ୍ରବର୍ତ୍ତକ । ଗଙ୍ଗା, ଯମୁନା ଓ ସରସ୍ୱତୀ ପରି ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ଅବିର୍ଭାବ ଦ୍ୱାରା ଓଡ଼ିଆ ସାହିତ୍ୟରେ ତ୍ରିଧାରାର ସଙ୍ଗମ ହୋଇଥିଲା । ରାଧାନାଥ ଉତ୍କଳର ପ୍ରକୃତି ଓ ସ୍ୱଦେଶ-ପ୍ରେମରେ ଉଦ୍‌ବୁଦ୍ଧ ହୋଇ କାବ୍ୟ କବିତା ଦ୍ୱାରା ଏକ ନୂତନ ଯୁଗର ସ୍ରଷ୍ଟା ହେଲେ । ମଧୁସୂଦନ ବ୍ରହ୍ମର ଉପାସନାରେ ନିମଗ୍ନ ରହି ବାଣୀମନ୍ଦିରରେ ଭକ୍ତିଧାରା ପ୍ରବାହିତ କଲେ । ଫକୀରମୋହନ ପାଶ୍ଚାତ୍ୟ ଶିକ୍ଷା ପାଇ ନ ଥିଲେହେଁ ରାଧାନାଥ ଓ ମଧୁସୂଦନ ଯୁଗରେ ମଧ୍ୟ ସ୍ୱକୀୟ ପ୍ରତିଭା ବଳରେ ସାହିତ୍ୟରାଜ୍ୟରେ ଏକ ନୂତନ ସରଣୀର ପ୍ରବର୍ତ୍ତକ ହେଲେ । ଆଧୁନିକ କ୍ଷୁଦ୍ରଗଳ୍ପର ସୃଷ୍ଟିକର୍ତ୍ତା ହିସାବରେ ଫକୀରମୋହନଙ୍କ ଦାନ ଅତୁଳନୀୟ । ଉତ୍କଳର ପୁର-ପଲ୍ଲୀରେ ପ୍ରଚଳିତ କ୍ଷୁଦ୍ର ଗଳ୍ପକୁ ଅବାସ୍ତବ, କାଳ୍ପନିକ ପରିବେଷ୍ଟନୀ ମଧ୍ୟରୁ ମୁକ୍ତ କରି ସେ ଯଥାର୍ଥ ବାସ୍ତବତା ଉପରେ ତାର ପ୍ରାଣ ପ୍ରତିଷ୍ଠା

କଲେ । କଥାବସ୍ତୁର ସମାବେଶ, ଚରିତ୍ରଚିତ୍ରଣ, ବର୍ଣ୍ଣନା ଭଙ୍ଗୀ ଓ ରଚନାଶୈଳୀ ଦୃଷ୍ଟିରୁ ତାଙ୍କ ରଚିତ ଉପନ୍ୟାସଗୁଡ଼ିକ ବର୍ତ୍ତମାନ ନିଜର ବୈଶିଷ୍ଟ୍ୟ ବଜାୟ ରଖିଛନ୍ତି । ପୁରାଣମାନଙ୍କର ଅନୁବାଦ ଓ କାବ୍ୟ କବିତା ସୃଷ୍ଟିରେ ମଧ୍ୟ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱର ସ୍ପଷ୍ଟ ଆଭାସ ମିଳେ ।

କାବ୍ୟଯୁଗରେ ଭାଷା ଅତ୍ୟନ୍ତ କ୍ଲିଷ୍ଟ ହୋଇ ପଡ଼ିଥିଲା । ଶବ୍ଦ-କାଠିନ୍ୟ ସଙ୍ଗେ ସଙ୍ଗେ ଭାବ ପ୍ରକାଶର ଜଟିଳ ଜାଲ ମଧ୍ୟରେ ପାଠକ ଅଣନିଃଶ୍ୱାସୀ ହୋଇ ପଡୁଥିଲା । ଓଡ଼ିଆ ସାହିତ୍ୟ ଉପରେ ସଂସ୍କୃତ ଏପରି ପ୍ରଭାବ ବିସ୍ତାର କରିଥିଲା ଯେ ବିଶିଷ୍ଟ ପଦ୍ୟ ଲେଖକ ମଧୁସୂଦନ ରାଓ ମଧ୍ୟ ନିଜକୁ ଉକ୍ତ ପ୍ରଭାବରୁ ମୁକ୍ତ କରିପାରି ନ ଥିଲେ । ତାଙ୍କ ଲେଖାରେ ସମାସଯୁକ୍ତ କଠିନ ଶବ୍ଦସଂବଳିତ ଦୀର୍ଘ ବାକ୍ୟମାନ ସଚରାଚର ପରିଦୃଷ୍ଟ ହୁଏ । କିନ୍ତୁ ତାଙ୍କର ସମସାମୟିକ ଫକୀରମୋହନ ଭାଷାରାଜ୍ୟରେ ଏକ ବିପ୍ଳବର ସୂତ୍ରପାତ କଲେ । ପ୍ରଥମେ ସେ କଥିତ ଭାଷାକୁ ସାହିତ୍ୟରେ ସ୍ଥାନ ଦେଇ ଗଣସାହିତ୍ୟର ସ୍ରଷ୍ଟା ହେଲେ । ରାଜା, ମହାରାଜା, ଧନୀ, ଜମିଦାର ବଦଳରେ ସାଧାରଣ ମାନବ ଜୀବନକୁ ସାହିତ୍ୟରେ ଚିତ୍ରଣ କରି ଫକୀରମୋହନ ଲେଖକ ଓ ପାଠକମାନଙ୍କର ଦୃଷ୍ଟିକୋଣ ପରିବର୍ତ୍ତନ କଲେ ।

ଏହି ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଫକୀର-ମୋହନଙ୍କ ସମୟରେ ଯେଉଁ ସମସ୍ୟାଗୁଡ଼ିକର ଉଦ୍ଭବ ହୋଇଥିଲା, ତାହାର ଏକ ଯଥାର୍ଥ ଚିତ୍ର ସେ ତାଙ୍କର ଉପନ୍ୟାସ, ଗଳ୍ପ, କାବ୍ୟ ଓ କବିତା ମାଧ୍ୟମରେ ପରିବେଷଣ କରିଅଛନ୍ତି । ତାଙ୍କ ସାହିତ୍ୟର

ବିଷୟବସ୍ତୁ ତତ୍କାଳୀନ ଯୁଗରୁହିଁ ସଂଗୃହୀତ ହୋଇଅଛି । କିନ୍ତୁ ସମସାମୟିକ ଯୁଗ ପ୍ରତି ତାଙ୍କର ଦାନ ଅସାଧାରଣ । ଓଡ଼ିଆ ଭାଷା ଓ ସାହିତ୍ୟର ଉଦ୍ଧାରକର୍ତ୍ତା ହିସାବରେ ସେ ସମସାମୟିକ ଯୁଗରେ ଯେପରି ବରେଣ୍ୟ ହୋଇଥିଲେ ପରବର୍ତ୍ତୀ ଯୁଗରେ ମଧ୍ୟ ସେହିପରି ସମ୍ମାନର ଅଧିକାରୀ ।

ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ପ୍ରାୟ ଦୁଇଶତ ବର୍ଷର ଓଡ଼ିଶାର ଇତିହାସ । ତାଙ୍କର *ଲଛମା* ମରହଟ୍ଟା ଶାସନର ଏକ ନଗ୍ନ ଚିତ୍ର । ମରହଟ୍ଟା ଓ ମୁସଲମାନମାନଙ୍କ ଯୁଦ୍ଧରେ ନଷ୍ଟଭ୍ରଷ୍ଟ ଓଡ଼ିଶାର ଏକ ଜ୍ୱଳନ୍ତ ଛବି ଲେଖକ ଅଙ୍କନ କରିଅଛନ୍ତି । କାହିଁ କପିଳେନ୍ଦ୍ର ଓ ପୁରୁଷୋତ୍ତମ ଯୁଗର ବିଜୟୀ ଓଡ଼ିଆ, କାହିଁ ବର୍ଗୀଲୁଣ୍ଠନଆତଙ୍କିତ, ପଳାୟନପରାୟଣ ଉତ୍କଳବାସୀ । ତେଣୁ *ଲଛମା*ରେ ଉତ୍କଳର ଅତୀତ ଗୌରବ ଅଙ୍କନ କରିବା ଉଦ୍ଦେଶ୍ୟ ସମସାମୟିକ ଉତ୍କଳୀୟ ଜୀବନର ଦୁର୍ଦ୍ଦଶା ଦେଖାଇ ଜାଗରଣ ସୃଷ୍ଟି କରିବାକୁ ଲେଖକ ଶ୍ରେୟ ମନେ କରିଅଛନ୍ତି । *ମାମୁଁ*ରେ ମୁଖ୍ୟତଃ ସହରଜୀବନ ଏବଂ *ଛମାଣ ଆଠଗୁଣ୍ଠ*ରେ ମଫସଲ ଜୀବନର ଚିତ୍ର ପ୍ରତିଫଳିତ । *ପ୍ରାୟଶ୍ଚିତ୍ତ*ର ଉପନ୍ୟାସରେ ସହର ଓ ମଫସଲ ଉଭୟର ଆଲେଖ୍ୟ ସଙ୍ଗେ ସଙ୍ଗେ ସାମୟିକ ସଂଘର୍ଷ ଓ ବାଦବିସମ୍ବାଦ ସ୍ଥାନ ପାଇଅଛି । ଫକୀର-ମୋହନ *ମାମୁଁ*ରେ ମଫସଲବାସୀର ସହର ଜୀବନ ପ୍ରତି ଆକର୍ଷଣ ଓ ଗ୍ରାମ୍ୟଜୀବନ ବିପର୍ଯ୍ୟୟର ସୂଚନା ଦେଇଅଛନ୍ତି । *ପ୍ରାୟଶ୍ଚିତ୍ତ*ରେ ଜମି-ଦାର ଓ ମଧ୍ୟବିତ୍ତ ଶ୍ରେଣୀର ଇଂରାଜୀ ଶିକ୍ଷାପ୍ରତି ଅଗ୍ରହ ସୂଚିତ ହୋଇ ଅଛି । ଇଂରାଜୀ ଶିକ୍ଷାଭିମାନୀ କଲେଜ ଛାତ୍ର ସଦାନନ୍ଦ, ଗୋବିନ୍ଦ ଏବଂ ରାଜୀବଲୋଚନ ପ୍ରଭୃତି କେବଳ ତର୍କସଭାରେ ଦେଶ ଓ ଦଶର

ଦୁର୍ଦ୍ଦଶାମୋଚନ ନିମିତ୍ତ ବକ୍ତୃତା ଦେବାରେ କ୍ଷମ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏମାନେ ସ୍ୱାର୍ଥସର୍ବସ୍ୱ ଓ ସୁବିଧାବାଦୀ । ***ଛମାଣ ଆଠଗୁଣ୍ଠର*** ପରିବେଷ୍ଟନୀ ଓ କଥାବସ୍ତୁ ଖାଣ୍ଟି ମଫସଲର । ବର୍ତ୍ତମାନ ମଫସଲ ଜୀବନରେ ସେହି ଚରିତ୍ର ଗୁଡ଼ିକର ଅଭାବ ନାହିଁ । ଧନୀ ଓ ଦରିଦ୍ର ମଧ୍ୟରେ ସ୍ୱାର୍ଥର ସଂଘର୍ଷ ଏବେ ମଧ୍ୟ ଲାଗି ରହିଛି । ଶିକ୍ଷାର ଅଭାବ ମଫସଲବାସୀର ଉନ୍ନତିରେ ଅନ୍ତରାୟ ସୃଷ୍ଟି କରିଅଛି । ଏହିପରି ଫକୀରମୋହନଙ୍କ ଅମର ଲେଖନୀ ଉତ୍କଳୀୟ ଜୀବନର ବିଭିନ୍ନ ରୂପ ଦେବାରେ ସମର୍ଥ ହୋଇଅଛି ।

ଫକୀରମୋହନଙ୍କ ଯୁଗ ଏକ ବିପ୍ଳବାତ୍ମକ ଯୁଗ । ସେତେବେଳେ ବିପ୍ଳବର ଆରମ୍ଭ ମାତ୍ର । ପୁରାତନ ଯୁଗର ଧର୍ମ ଏବଂ ସମାଜ, ଆଦର୍ଶ ଓ ଅଭିରୁଚି, ନୀତି ଓ ଆକାଂକ୍ଷା ସେ ବିପ୍ଳବର ଅତର୍କିତ ଶକ୍ତିରେ ଭାଙ୍ଗି ପଡ଼ୁଥିଲା । ତତ୍କାଳୀନ ସମାଜରେ ନୀତି ଓ ଆଦର୍ଶର ସ୍ଥାନ ଥିଲା, କିନ୍ତୁ ସେ ସବୁର ନିୟନ୍ତ୍ରଣ କରିବାର କ୍ଷମତା ଅପେକ୍ଷାକୃତ କୋହଳ ହୋଇ ଆସିଥିଲା ।

# ବିକାଶପଥେ ଫକୀରମୋହନ

ଅତୀତ ଓ ବର୍ତ୍ତମାନ ମଧ୍ୟରେ ନିବିଡ଼ ସମ୍ପର୍କ ବିଦ୍ୟମାନ । ଅତୀତ ଉପରେହିଁ ବର୍ତ୍ତମାନ ଗଢ଼ି ଉଠେ । ସାହିତ୍ୟିକ ତାଙ୍କ ପୂର୍ବବର୍ତ୍ତୀ ଯୁଗଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୁଅନ୍ତି । ଯେତେ ବଡ଼ ପ୍ରତିଭାଶାଳୀ ସାହିତ୍ୟିକ ହୁଅନ୍ତୁ ପଛକେ ଅତୀତ ଉପରେହିଁ ତାଙ୍କୁ ନିର୍ଭର କରିବାକୁ ପଡ଼େ । ମହାକବି କାଳିଦାସ ବହୁ ପରିମାଣରେ ବାଲ୍ମୀକିଙ୍କ ଦ୍ୱାରା ପ୍ରଭାବିତ ଏବଂ ବିଶ୍ୱକବି ରବୀନ୍ଦ୍ରଙ୍କ ଉପରେ କବି କାଳିଦାସଙ୍କର ମଧ୍ୟ କମ୍ ପ୍ରଭାବ ପଡ଼ିନାହିଁ । ଅତୀତ ଯୁଗର ଲେଖକମାନଙ୍କ ସହିତ ତୁଳନା କରି ସାହିତ୍ୟରାଜ୍ୟରେ ଲେଖକଙ୍କର ଦାନର ସ୍ୱରୂପ ବିଚାର କରାଯାଏ । ଲେଖକ ବ୍ୟକ୍ତି-ସର୍ବସ୍ୱ ହୋଇ ପଡ଼ିଲେ ତାଙ୍କ ଲେଖାର ମୂଲ୍ୟ କମିଯାଏ । ବ୍ୟକ୍ତିତ୍ୱର ସୀମା ଅତିକ୍ରମ କରି ଯେତେବେଳେ ସେ କୌଣସି ସାର୍ବଜନୀନ ସତ୍ୟର ସନ୍ଧାନ କରନ୍ତି ସେତେବେଳେହିଁ ତାଙ୍କର ମହିମା ପ୍ରକଟିତ ହୁଏ ।

ବାଲ୍ୟକାଳରେ ଫକୀରମୋହନଙ୍କ ଜେଜେମା କୋଚିଲା ଦେଈଙ୍କ ପ୍ରଭାବ ଫକୀରମୋହନଙ୍କ ଉପରେ ବିଶେଷ ଭାବରେ ପଡ଼ିଥିଲା । କୋଚିଲା ଦେଈଙ୍କ ପରି ପରୋପକାରିଣୀ ଓ ନିଃସ୍ୱାର୍ଥପରାୟଣା ରମଣୀ

ଖୁବ୍ କମ୍ ଦେଖାଯାନ୍ତି । ପ୍ରତ୍ୟୁଷରୁ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ସେ ଗୃହ-କର୍ମରେ ନିଯୁକ୍ତ ରହୁଥିଲେ । ବିଭିନ୍ନ ବାରବ୍ରତ ପାଳନ କରୁଥିଲେ । ପଦବ୍ରଜରେ ସେ ବହୁ ତୀର୍ଥ ଭ୍ରମଣ କରିଥିଲେ । ପିତୃମାତୃହୀନ ଫକୀର-ମୋହନଙ୍କର ସେ ଥିଲେ ପାଳିକା । ଆତ୍ମଜୀବନ ଚରିତରେ ତାଙ୍କ ସମ୍ପର୍କରେ ଫକୀରମୋହନ ଲେଖିଛନ୍ତି, "ମନେ ହୁଏ, ମୋହର ଜୀବନ ରକ୍ଷା ନିମିତ୍ତ ପରମେଶ୍ୱର ଆଜି ପର୍ଯ୍ୟନ୍ତ ତାଙ୍କୁ ପୃଥିବୀରେ ରଖିଥିଲେ । ମୁଁ ବର୍ତ୍ତମାନ ଆତ୍ମରକ୍ଷା କରିବାକୁ ସମର୍ଥ । ସୁତରାଂ ଜଞ୍ଜାଳମୟ ପୃଥିବୀରେ ତାଙ୍କର ଆଉ ଅଧିକ କାଳ ରହିବା ଆବଶ୍ୟକ ହେଲାନାହିଁ । × × ମୋହର ଅସହାୟ ଜୀବନରକ୍ଷାର ଏକମାତ୍ର କାରଣ ଠାକୁର ମାଆଙ୍କ ନିଃସ୍ୱାର୍ଥ ଆତ୍ମବଳିଦାନ ଏବଂ ମୋହର ଯାହାକିଛି ଉନ୍ନତି ସେ ସମସ୍ତ ଠାକୁର ମାଙ୍କ ପୁଣ୍ୟର ଫଳ ।"

ଫକୀରମୋହନଙ୍କ କର୍ମତତ୍ପରତା ଓ ଧର୍ମପ୍ରତି ଆସକ୍ତି ମୂଳରେ ତାଙ୍କ ଜେଜମାଙ୍କ ପ୍ରଭାବ ବିଦ୍ୟମାନ । ଜେଜମାଙ୍କ ପରସେବା ଓ ପରୋପକାର ମଧ୍ୟ ଫକୀରମୋହନଙ୍କ ମନରେ ଗଭୀର ରେଖାପାତ କରିଥିଲା । ଫକୀରମୋହନଙ୍କର ମାନବ ଜୀବନ ପ୍ରତି ଯେଉଁ ଗଭୀର ସମବେଦନା ଦେଖାଯାଏ ତାହାର କାରଣ ସେହି ଜେଜମା । କେବଳ ଏତିକି ନୁହେଁ, ***ମାମୁଁ*** ଉପନ୍ୟାସରେ ସେ ଯେଉଁ ଧାଈମା ଚରିତ୍ର ସୃଷ୍ଟି କରିଛନ୍ତି ତାହା କୋଚିଲା ଦେଈଙ୍କର ଏକ ଜୀବନ୍ତ ପ୍ରତିଛବି ।

ଫକୀରମୋହନଙ୍କ ବାଲ୍ୟକାଳରେ ଓଡ଼ିଆ ଭାଷାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଛାପାଖାନା ଅଭାବରୁ ପ୍ରାଚୀନ ଓଡ଼ିଆ ପୋଥିଗୁଡ଼ିକ ପ୍ରକାଶିତ ହୋଇ ପାରୁ ନ ଥିଲା । ବର୍ତ୍ତମାନ ଆମେ ଯେପରି ଅସଂଖ୍ୟ ଓଡ଼ିଆ ମୁଦ୍ରିତ ପୁସ୍ତକ ଦେଖୁଅଛୁଁ ସେସମୟରେ

ସେଥିରୁ ଖଣ୍ଡିଏ ମାତ୍ର ଦେଖିବା ସ୍ୱପ୍ନର ବିଷୟ ଥିଲା । ଏହି ଅଭାବହିଁ ଫକୀରମୋହନଙ୍କୁ ଛାପାଖାନା ସ୍ଥାପନରେ ଉଦ୍ୟମୀ କରାଇଥିଲା ।

ଫକୀରମୋହନ ପ୍ରଥମେ ଚଟଶାଳୀରେ ଅଧ୍ୟୟନ କରିଥିଲେ । ସେତେବେଳେ ଛାତ୍ରମାନେ ଅବଧାନମାନଙ୍କର ନାନା ସେବା କରୁଥିଲେ । ଫକୀରମୋହନ ତାଙ୍କ **ଗଣ୍ଡି ପୁଅ ଅନନ୍ତା** ଗଳ୍ପରେ ଅବଧାନଙ୍କର ଏକ ମନୋହର ଚିତ୍ର ଅଙ୍କନ କରି ଅଛନ୍ତି । ଚଟଶାଳୀ ପଢ଼ା ଶେଷ ପରେ ଫକୀରମୋହନ ଗୋଟିଏ ପାର୍ସି ସ୍କୁଲରେ ଅଧ୍ୟୟନ କଲେ । ଏହି ପାର୍ସି ସ୍କୁଲର ପ୍ରଭାବ ଫକୀରମୋହନଙ୍କ ସାହିତ୍ୟରେ ସ୍ପଷ୍ଟ ଅନୁଭୂତ ହୁଏ । ଓଡ଼ିଶା ବହୁଦିନ ମୁସଲମାନ ଶାସନାଧୀନରେ ଥିଲା । ତେଣୁ ବହୁ ଯାବନିକ ଶବ୍ଦ ଓଡ଼ିଆ ସାହିତ୍ୟରେ ସ୍ଥାନ ପାଇଅଛି । ଫକୀର-ମୋହନ ତାଙ୍କ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପର ବହୁ ସ୍ଥାନରେ ଯାବନିକ ଶବ୍ଦର ବ୍ୟବହାର କରିଛନ୍ତି । ଏହାଦ୍ୱାରା ବର୍ଣ୍ଣନା ଜୀବନ୍ତ ହୋଇ ପାରିଛି । ବାଲ୍ୟକାଳରେ ଫକୀରମୋହନ ଅଖାଳ ସିଲେଇ କାର୍ଯ୍ୟ ତଦାରଖ କରିବାରେ ନିଯୁକ୍ତ ଥିଲେ । **କମଳା ପ୍ରସାଦ ଚୋଲାପ** ଓ **କାଳିକା ପ୍ରସାଦ ଚୋଲାପ** ଗଳ୍ପଦ୍ୱୟର ରଚନାରେ ଉକ୍ତ ଅଭିଜ୍ଞତା ତାଙ୍କର ବିଶେଷ ସହାୟକ ହୋଇଅଛି । ବାରବାଟୀ ସ୍କୁଲରେ କିଛି ସମୟ ଅଧ୍ୟୟନ କରି ଅର୍ଥାଭାବରୁ ଫକୀରମୋହନଙ୍କୁ ପଢ଼ା ସାଙ୍ଗ କରିବାକୁ ପଡ଼ିଥିଲା ଏବଂ ସେ ସେହି ସ୍କୁଲରେ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ । ଫକୀରମୋହନ ପଣ୍ଡିତଙ୍କ ନିକଟରେ ଅଭିଧାନ ଓ ବ୍ୟାକରଣ ଅଧ୍ୟୟନ କରିଥିଲେ । ସଂସ୍କୃତ ଭାଗବତ, ମହାଭାରତ, ଭଗବଦ୍ଗୀତା, ଉପନିଷଦ ଓ ଦର୍ଶନ ପ୍ରଭୃତିରେ ତାଙ୍କର ଗଭୀର

ଅଭିନିବେଶ ଥିଲା । ତାହାର ପ୍ରଭାବ ବିଶେଷତଃ **ମାମୁଁ** ତଥା ଅନ୍ୟ ଉପନ୍ୟାସମାନଙ୍କରେ, **ଶୂଦ୍ର ଓ ବେଦାଧିକାର ଓ ଶ୍ରୀକ୍ଷେତ୍ରରେ ଚୈତନ୍ୟ ମହାପ୍ରଭୁ** ପ୍ରଭୃତି ପ୍ରବନ୍ଧରେ ଅନୁଭୂତ ହୁଏ । ଡୋମପଡାରେ ଦ୍ୱିତୀୟ ଥର ଦେବାନ୍ନ ସମୟରେ ରାଜାସାହେବଙ୍କ ମାତାମହଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଉପଲକ୍ଷେ ଫକୀରମୋହନ ଡୋମପଡାରୁ ନିକାଲି ଯାଇଥିଲେ । ଉକ୍ତ ସ୍ଥାନରେ ସେ ଛଅ ମାସ ଅବସ୍ଥାନ କରିଥିଲେ । ସେ ସମୟରେ ବିଶେଷ କାର୍ଯ୍ୟ ନ ଥିବାରୁ ସେ ଜଣେ ଶିକ୍ଷକ ନିଯୁକ୍ତ କରି ତେଲୁଗୁ ଭାଷା ଶିଖିଥିଲେ । **ମାମୁଁ**ରେ ପଣ୍ଡିତସଭାଶୀର୍ଷକ ପରିଚ୍ଛେଦରେ ରଙ୍ଗାଭେଙ୍କଟା ପାନ୍ତୁଲୁଙ୍କ ମୁଖରେ ସେ ତେଲୁଗୁମିଶ୍ରିତ ବିକୃତ ଓଡ଼ିଆଭାଷା କୁହାଇ ହାସ୍ୟରସ ସୃଷ୍ଟି କରି ପାରିଛନ୍ତି । ବାଲେଶ୍ୱର ମିଶନ ସ୍କୁଲରେ ଶିକ୍ଷକ ଥିବା ସମୟରେ ହାଲମ୍ ସାହେବଙ୍କ ସାହଚର୍ଯ୍ୟରେ ଫକୀରମୋହନ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ପରମପଣ୍ଡିତ ଜନ୍ ବିମ୍ସଙ୍କ ସମ୍ପର୍କରେ ଆସିବାର ସୁଯୋଗ ପାଇଥିଲେ । ତାଙ୍କର ବଙ୍ଗଳା, ଓଡ଼ିଆ ଓ ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟ ବିମ୍ସସାହେବଙ୍କ ସହିତ ସାହିତ୍ୟ ଓ ବ୍ୟାକରଣ ଆଲୋଚନାରେ ବିଶେଷ ସହାୟକ ହୋଇଥିଲା । ଜନ୍ ବିମ୍ସ୍ ଫକୀର-ମୋହନଙ୍କୁ ନାନା ଭାବରେ ସାହାଯ୍ୟ କରିଥିଲେ । ଆତ୍ମଜୀବନ-ଚରିତରେ ଫକୀରମୋହନ ଲେଖିଛନ୍ତି, "ମୋର ସାଂସାରିକ ସର୍ବପ୍ରକାର ଉନ୍ନତିର ଏକମାତ୍ର ମୂଳାଧାର ମହାତ୍ମା ଜନ୍ ବିମ୍ସ୍ । ମୋର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ ନାମ ସ୍ମରଣ କରିବି ।"

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଆ ଭାଷା ଉଠାଇ ଦେଇ ତା ବଦଳରେ ବଙ୍ଗଳା ଭାଷା ପ୍ରଚଳନ ପାଇଁ ବିଶେଷ ଉଦ୍ୟୋଗ

ହୋଇଥିଲା । ଫକୀରମୋହନ ଏହାର ପ୍ରତିରୋଧ କରି 'ଓଡ଼ିଆ ଭାଷାର ରକ୍ଷା ନିମିତ୍ତ ଦୃଢ଼ପରିକର ହେଲେ ଏବଂ ଫଳରେ ଏକ ଭୀଷଣ ସଂଘର୍ଷର ସୂତ୍ରପାତ ହେଲା । ଫକୀରମୋହନ କେତେଖଣ୍ଡି ପାଠ୍ୟପୁସ୍ତକ ଲେଖିଲେ । ଓଡ଼ିଆ ସାହିତ୍ୟର ଉନ୍ନତି ନିମିତ୍ତ ଗୋଟିଏ ସମିତି ସ୍ଥାପିତ ହେଲା ଏବଂ ସେଥିରେ ପ୍ରାଚୀନ କାବ୍ୟକବିତା ମୁଦ୍ରଣ କରିବାର ସ୍ଥିର କରାଗଲା । ବହୁ ବ୍ୟୟ ଓ ବହୁ କଷ୍ଟରେ ଗୋଟିଏ ଛାପାଖାନା ମଧ୍ୟ ସ୍ଥାପିତ ହେଲା । ଏହି ଛାପାଖାନା ସ୍ଥାପନ ସମ୍ପର୍କରେ କବିବର ରାଧାନାଥ ଗୋଟିଏ ବକ୍ତୃତିକଳ ସଭାରେ ଫକୀରମୋହନଙ୍କୁ ଲକ୍ଷ୍ୟ କରି କହିଥିଲେ, "ଆପଣ ଯେଉଁ ଭାବରେ ଦେହଦେବୋଙ୍ଗା ସ୍ଥାପନ କରି ଅଛନ୍ତି, ତାହା ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବା ଉଚିତ ।"

ମିସନ୍ ସ୍କୁଲରେ ଶିକ୍ଷକତା କରିବା ସମୟରେ ପ୍ରତିଦିନ ସନ୍ଧ୍ୟାରେ ଫକୀରମୋହନଙ୍କର କବିବର ରାଧାନାଥ ଓ କୁଳବୃଦ୍ଧ ମଧୁସୂଦନଙ୍କ ସହିତ ସାକ୍ଷାତ ହେଉଥିଲା । ସେଥିରେ ନାନା ବିଷୟର ଆଲୋଚନା ହେଉଥିଲା । ଏହି ସମୟରେ ଫକୀରମୋହନ କେତେକ ବନ୍ଧୁଙ୍କ ସାହାଯ୍ୟରେ ଇଂରାଜୀ ଶିଖିବା ଆରମ୍ଭ କରିଥିଲେ । ସେ ଅଦମ୍ୟ ଉତ୍ସାହ ବଳରେ ଅଭିଧାନରୁ ଅର୍ଥ ଦେଖି ଇଂରାଜୀ ପୁସ୍ତକ ପଢ଼ିବାକୁ ଚେଷ୍ଟା ଦେଇ ନ ଥିଲେ । ଇଂରାଜୀ ଶିକ୍ଷାର ପ୍ରଭାବ ତାଙ୍କର ପରବର୍ତ୍ତୀ ଜୀବନରେ ବିଶେଷ ସହାୟକ ହୋଇଥିଲା । ସାହିତ୍ୟ ସୃଷ୍ଟିରେ ମଧ୍ୟ ଏହାର ପ୍ରଭାବ ପଡ଼ିଥିଲା । **ପ୍ରାୟଶ୍ଚିତ୍ତ** ଉପନ୍ୟାସ ଉପରେ ରୋମିଓ ଜୁଲିଏଟ୍ ନାଟକର ପ୍ରଭାବ

ପରିଲକ୍ଷିତ ହୁଏ । **ମାମୁଁ** ଉପନ୍ୟାସରେ ମଧ୍ୟ ମିସେସ୍ ଡାଉସନଙ୍କ ଉକ୍ତି ଇଂରାଜୀରେ ଦିଆଯାଇଛି ।

ସେତେବେଳେ ଓଡ଼ିଆ ସାହିତ୍ୟର ଉନ୍ନତିକଳ୍ପେ ଶ୍ରୀଯୁକ୍ତ ବିଶ୍ୱନାଥ କର **ଉତ୍କଳ ସାହିତ୍ୟ** ମାସିକ ପତ୍ରିକା ବାହାର କରୁଥିଲେ । ଓଡ଼ିଆ ସାହିତ୍ୟରେ ତାଙ୍କର ବିଶେଷ ଦକ୍ଷତା ଥିଲା ଏବଂ ସେ ଅତ୍ୟନ୍ତ ନିର୍ଭୀକ ଥିଲେ । ଲେଖା ଉତ୍କୃଷ୍ଟ ନ ହେଲେ ତାଙ୍କ ପତ୍ରିକାରେ ପ୍ରକାଶ ପାଇବା ଅସମ୍ଭବ ଥିଲା । କିନ୍ତୁ ଫକୀରମୋହନଙ୍କ ଲେଖା ପ୍ରକାଶ କରିବା ପାଇଁ ସେ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ ଏବଂ ପତ୍ରଦ୍ୱାରା ତାଙ୍କ ଗଳ୍ପର ପ୍ରଶଂସା ଜଣାଉଥିଲେ । ଫକୀରମୋହନଙ୍କ ଉପନ୍ୟାସ, କବିତା, ଗଳ୍ପ ଓ ପ୍ରବନ୍ଧ ପ୍ରଥମେ **ଉତ୍କଳ ସାହିତ୍ୟ**ରେ ପ୍ରକାଶିତ ହୋଇ ପରେ ପୁସ୍ତକାକାରରେ ମୁଦ୍ରିତ ହେଉଥିଲା । ବିଶ୍ୱନାଥ ଓ ଫକୀରମୋହନଙ୍କ ମଧ୍ୟରେ ଯେଉଁ ପତ୍ର ବିନିମୟ ହୋଇଅଛି ସେଥିରେ ପରସ୍ପର ମଧ୍ୟରେ ବନ୍ଧୁତାର ସ୍ପଷ୍ଟ ସଙ୍କେତ ରହିଅଛି ।

ଫକୀରମୋହନ ବୃଦ୍ଧାବସ୍ଥାରେ ବାଲେଶ୍ୱରରେ ଏକାକୀ ସ୍ୱଗୃହରେ ବାସ କରୁଥିବା ସମୟରେ ନନ୍ଦକିଶୋର ବଳ ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡମାଷ୍ଟର ପଦରେ ନିଯୁକ୍ତ ହୋଇଥିଲେ ଏବଂ ଉଭୟଙ୍କର ମଧ୍ୟରେ ବିଶେଷ ସ୍ନେହ ଥିଲା । ନନ୍ଦକିଶୋର ଫକୀରମୋହନଙ୍କ ସହିତ ଏକତ୍ର ରହୁଥିଲେ । ସନ୍ଧ୍ୟାଠାରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ଉଭୟେ ଉତ୍କଳ ସାହିତ୍ୟ ବିଷୟରେ ନାନା ଆଲୋଚନା କରୁଥିଲେ । ମଣି-କାଞ୍ଚନ ସ୍ୱରୂପ ଉଭୟଙ୍କର ଏହି ମିଳନ ସମୟ ମଧ୍ୟରେ ଉଭୟେ ନାନା ଗଳ୍ପ ଓ କବିତା ରଚନା କରିଥିଲେ । ମାମୁଁ ଭଣଜାର ସମ୍ପର୍କ

ଆତ୍ମସାତ୍ କରିବା ସମ୍ପର୍କରେ ଗୋଟିଏ ଗଳ୍ପ ନନ୍ଦକିଶୋର ଫକୀର-ମୋହନଙ୍କୁ କହିଥିଲେ । ତାହାକୁ ଭିତ୍ତିକରି ନିଜସ୍ୱ କଳ୍ପନା ଓ ପ୍ରକାଶ-ଭଙ୍ଗୀ ସାହାଯ୍ୟରେ ଫକୀରମୋହନ **ମାମୁଁ** ପରି ଏକ ବଡ଼ିଆ ଉପନ୍ୟାସ ଲେଖିଥିଲେ । ନନ୍ଦକିଶୋରଙ୍କ ଉପସ୍ଥିତି ଫକୀରମୋହନଙ୍କ ମନର ସରସତା ବୃଦ୍ଧିକରି ସାହିତ୍ୟ ରଚନାରେ ତାଙ୍କୁ ପ୍ରେରଣା ଦେଉଥିଲା । ଫକୀରମୋହନ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, "ସେ ପ୍ରକାର ପବିତ୍ର ସୁଖମୟ ନୈଶ ମିଳନ ମୋ ଅଦୃଷ୍ଟରେ ଆଉ ଘଟିବ ନାହିଁ । X X X ମୋ ପକ୍ଷରେ ସେହି ସୌଭାଗ୍ୟ ପ୍ରଦୀପ ଏକାବେଳକେ ଅବସାନ ହୋଇଅଛି ।"

ସାହିତ୍ୟ ରଚନାରେ ଫକୀରମୋହନଙ୍କ ସ୍ତ୍ରୀ କୃଷ୍ଣକୁମାରୀ ତାଙ୍କୁ ଯଥେଷ୍ଟ ପ୍ରେରଣା ଦେଇଥିଲେ । ଢେଙ୍କାନାଳରେ ଆସିଷ୍ଟାଣ୍ଟ ମ୍ୟାନେଜର ଥିବା ସମୟରେ ଫକୀରମୋହନଙ୍କ ପ୍ରଥମ ପୁତ୍ରର ମୃତ୍ୟୁ ହୋଇଥିଲା । ସେଥିରେ ତାଙ୍କର ସ୍ତ୍ରୀ ଘୋର ଦୁଃଖ ଅନୁଭବ କରିଥିଲେ । ସ୍ତ୍ରୀଙ୍କୁ ସାନ୍ତ୍ୱନା ଦେବା ପାଇଁ ଫକୀରମୋହନ ସଂସ୍କୃତ ରାମାୟଣ ଓ ମହାଭାରତକୁ ଓଡ଼ିଆରେ ଅନୁବାଦ କରି ଶୁଣାଉଥିଲେ । କୃଷ୍ଣକୁମାରୀ କବିତା ପ୍ରତି ଅତ୍ୟନ୍ତ ଆଗ୍ରହ ପ୍ରକାଶ କରୁଥିଲେ । ବ୍ୟାସକବିଙ୍କ କବିତା ରଚନା ମୂଳରେ ତାଙ୍କ ସ୍ତ୍ରୀଙ୍କର ଏହି ଆଗ୍ରହହିଁ ଏକମାତ୍ର ସମ୍ବଳ । ସେଥିପାଇଁ ଫକୀର-ମୋହନ ଆତ୍ମଜୀବନୀରେ ଲେଖିଛନ୍ତି, "ମୁଁ ଯେ କବିତା ଲେଖିବାକୁ ଶିଖିଛି, ସେହିର ଅନ୍ୟତମ କାରଣ ମୋ ସ୍ତ୍ରୀ । ସେ ମୋ' କବିତା ଶୁଣିବାକୁ ବଡ଼ ଭଲ ପାଉଥିଲେ । ପ୍ରଥମେ ତାଙ୍କ ମନୋରଞ୍ଜନ ସକାଶେ ମୁଁ କବିତା ଲେଖୁଥିଲି ।"

ଉତ୍କଳର ପ୍ରାଚୀନ ସାହିତ୍ୟ ପ୍ରତି ଲେଖକଙ୍କର ଯେପରି ଆଗ୍ରହ ଥିଲା ସେଥିରେ ସେହିପରି ଲେଖକଙ୍କର ବିଶେଷ ପ୍ରବେଶ ଥିଲା । ***କବି ଗୋପାଳକୃଷ୍ଣ ପଟ୍ଟନାୟକ*** ପ୍ରବନ୍ଧରେ ଗୋପାଳକୃଷ୍ଣଙ୍କ ସମ୍ପର୍କରେ ଲେଖକ ନାନା ତଥ୍ୟ ପରିବେଷଣ କରିଅଛନ୍ତି ।

ଫକୀରମୋହନ ରାଧାନାଥ ଓ ମଧୁସୂଦନଙ୍କ ଲେଖାଦ୍ୱାରା ପ୍ରଭାବିତ ହୋଇଥିଲେ । ସେମାନଙ୍କ ପ୍ରତି ତାଙ୍କର ବିଶେଷ ସମ୍ମାନ ଥିଲା । ରାଧାନାଥଙ୍କ ଅନୁସରଣରେ ଫକୀରମୋହନ ପଦ୍ୟରେ ଉପଧାମିଳନର ପ୍ରୟୋଗ କରିଥିଲେ । କିନ୍ତୁ ମଧୁସୂଦନଙ୍କ ପରି ଶବ୍ଦାଡ଼ମ୍ବର ପରିବର୍ତ୍ତେ ଫକୀରମୋହନ ସରଳ ଗ୍ରାମ୍ୟଭାଷାର ପ୍ରୟୋଗରେ ନିଜର କୃତିତ୍ୱ ଅର୍ଜନ କରିଥିଲେ ।

ଫକୀରମୋହନ ବଙ୍ଗଳା ମାସିକପତ୍ରଗୁଡ଼ିକ ମନୋଯୋଗ ସହିତ ପାଠ କରୁଥିଲେ ଏବଂ ଓଡ଼ିଆ ମାସିକପତ୍ର କିପରି ତାହାର ସମକକ୍ଷ ହେବ ସେଥିପାଇଁ ସେ ଉଦ୍ୟମ କରୁଥିଲେ । ବଙ୍ଗଳା ମାସିକ ପତ୍ରିକାର ଗଳ୍ପଗୁଡ଼ିକ ତାଙ୍କୁ କିପରି ଓଡ଼ିଆରେ ଗଳ୍ପ ଲେଖିବା ପାଇଁ ପ୍ରଭାବିତ କରୁଥିଲା ତାହା ତାଙ୍କର ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ନିକଟକୁ ଲେଖିଥିବା ପତ୍ରରୁ ଜଣାଯାଏ । ଫକୀରମୋହନ ଗଳ୍ପ ଲେଖିବା ସମୟରେ ଶ୍ରୀଯୁକ୍ତ ବିଶ୍ୱନାଥ କର ତାଙ୍କୁ ପତ୍ର ଲେଖି ଉତ୍ସାହ ଦେଉଥିଲେ ଏବଂ ***ଉତ୍କଳ ସାହିତ୍ୟ*** ପାଇଁ ଗଳ୍ପ ଲେଖିବାକୁ ଅନୁରୋଧ କରୁଥିଲେ । ବଙ୍ଗଳା ଉପନ୍ୟାସ ମଧ୍ୟ ଫକୀରମୋହନଙ୍କୁ ଉପନ୍ୟାସ ଲେଖିବାରେ କମ୍ ପ୍ରଭାବିତ କରି ନାହିଁ । ପଣ୍ଡିତ ନୀଳକଣ୍ଠ ଦାସ ଫକୀର-ମୋହନ ଗ୍ରନ୍ଥାବଳୀର ମୁଖବନ୍ଧରେ ଲେଖିଛନ୍ତି, "ମୁଁ ନିଜେ

ଫକୀରମୋହନଙ୍କଠାରୁ ଶୁଣିଛି, ସେ କହୁଥିଲେ, 'ଯେତେବେଳେ ବଙ୍ଗଳାରେ, ବିଶେଷରେ ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସ ସବୁ ବାହାରେ, ସେତେବେଳେ ସେଥିରୁ ଖଣ୍ଡିଏ ଦେଖିଲେ ମୋତେ ବଡ଼ ଅମୃତେକ୍ ଲାଗେ । ମୁଁ ଭାବୁନରେ, ଆମ ଓଡ଼ିଆରେ ଏପରି ଖଣ୍ଡିଏ ଲେଖା ହୁଅନ୍ତା କି ?' ଫକୀରମୋହନଙ୍କ ଉପନ୍ୟାସର ପ୍ରେରଣା ଏହିଠାରେ ।"

ମାସିକ ଅଠେଇଟଙ୍କା ପାଉଥିବା ସାମାନ୍ୟ ଶିକ୍ଷକ ପଦବୀରୁ ଫକୀରମୋହନ ବିଭିନ୍ନ ଗଡ଼ଜାତର ଦେୱାନ ହୋଇ ପାରିଥିଲେ । ତେଣୁ ଜୀବନରେ ସେ ନାନା ଉତ୍ଥାନ ପତନ ମଧ୍ୟ ଦେଇ ଗତି କରିଥିଲେ । ତାଙ୍କ ଆତ୍ମଜୀବନୀରେ ସେ ଲେଖିଛନ୍ତି, "ଗରିବ ହେବା ଓ ଧନୀ ହେବା ଜୀବନରେ ନିତ୍ୟ ଘଟଣା । × × ଏତେ ଉତ୍ଥାନ, ଏତେ ପତନ ପର୍ଯ୍ୟାୟକ୍ରମେ ଏତେ ଅଧିକ ପରିମାଣରେ ସଚରାଚର ମନୁଷ୍ୟ ଭାଗ୍ୟରେ ଘଟେନାହିଁ ।" ତାଙ୍କ ସୃଷ୍ଟ ଉପନ୍ୟାସ ଓ ଗଳ୍ପମାନଙ୍କର ଚରିତ୍ରରେ ମଧ୍ୟ ସେ ସେହିପରି ଉତ୍ଥାନପତନ ଦେଖାଇଛନ୍ତି । *ମାମୁଁ*ର ନାଜର ନଟବର ଦାସ ପ୍ରଥମେ ଦରିଦ୍ର ଥିଲେ । ପରେ ନିଜର ଉଦ୍ୟମ ଓ କୂଟନୀତି ବଳରେ କ୍ଷମତା ଓ ଧନ ପ୍ରାପ୍ତ ହୋଇଥିଲେ । ଶେଷ ଜୀବନରେ ତାଙ୍କୁ ସର୍ବସ୍ୱ ହରାଇବାକୁ ପଡ଼ିଥିଲା । *ଛମାଣ ଆଠଗୁଣ*ରେ ମଙ୍ଗରାଜ ବାଲ୍ୟାବସ୍ଥାରେ ଅତ୍ୟନ୍ତ ଅସହାୟ ଓ କପର୍ଦ୍ଦକଶୂନ୍ୟ ଥିଲେ । ନାନା କୂଟକୌଶଳ ଅବଲମ୍ବନ କରି ସେ ଅଚଳାଚଳ ସମ୍ପତ୍ତିର ପ୍ରଭୁ ହେଲେ । କିନ୍ତୁ ଶେଷରେ ସମସ୍ତ ହରାଇ ସେ କାରାଗାର ବରଣ କରିଥିଲେ । *ଲଛମା*ର ବାଦଲ ପ୍ରଥମ ଅବସ୍ଥାରେ ଅଭାବ କଅଣ ଜାଣି ନ ଥିଲେ ।

ପରବର୍ତ୍ତୀ ଜୀବନରେ ତାଙ୍କୁ ଶାଶୁ, ସ୍ତ୍ରୀ ଓ ମାତାଙ୍କୁ ହରାଇବାକୁ ପଡିଥିଲା । ଶେଷ ଜୀବନରେ ପୁଣି ସମସ୍ତଙ୍କ ସହିତ ତାଙ୍କର ମିଳନ ହୋଇଥିଲା ଓ ସେ ଉଚ୍ଚ ପଦବୀ ପ୍ରାପ୍ତ ହୋଇଥିଲେ । *ସଭ୍ୟ ଜମିଦାର* ଗଳ୍ପରେ ଗୋପାଳଙ୍କ ଜୀବନରେ ନାନା ଉତ୍ଥାନପତନ ସୃଷ୍ଟି କରାଯାଇଛି ।

ଫକୀରମୋହନ ନାନା ସଦ୍‌ଗୁଣର ଆଧାର ଥିଲେ । ଡୋମପଡ଼ାରେ ଦେବାନ ଥିବା ସମୟରେ ଫକୀରମୋହନଙ୍କ ଉଦ୍ୟମରେ ପ୍ରଜାମାନଙ୍କଠାରୁ ଯେଉଁ ଅଠରହଜାର ଟଙ୍କା ଆଦାୟ ହୋଇଥିଲା ରାଜା ସାହେବ ତାହା ଫକୀରମୋହନଙ୍କୁ ନେବାକୁ କହିଥିଲେ । କିନ୍ତୁ ନିର୍ଲୋଭ ଫକୀରମୋହନ ତାହା ନ ନେଇ ରାଜାଙ୍କ କରଜ ପରିଶୋଧ କରାଇ ଥିଲେ । ଧର୍ମପ୍ରାଣ ମଧୁସୂଦନ, ମହାତ୍ମା ଜନ୍ ବିମ୍‌ସ୍, ନନ୍ଦକିଶୋର ଦାସ, ପଣ୍ଡିତ ଗୋପବନ୍ଧୁ ପ୍ରଭୃତି ବହୁ ଜ୍ଞାନୀ, ମାନୀ, ନିଃସ୍ୱାର୍ଥପର, ଧର୍ମପ୍ରାଣ ଓ ପରୋପକାରୀ ବ୍ୟକ୍ତିଙ୍କ ସମ୍ପର୍କରେ ଫକୀରମୋହନ ଆସିଥିଲେ । ତାଙ୍କ ରଚିତ ଗଳ୍ପ ଓ ଉପନ୍ୟାସରେ ମଧ୍ୟ ଏପରି ଚରିତ୍ରର ଅଭାବ ନାହିଁ ।

*ମାମୁଁ*ରେ ଜମିଦାର ଉତ୍ତରରାୟ, ସାଧୁସାହୁ ମହାଜନ, ଧାଈମା, *ଛମାଣ ଆଠଗୁଣ*ରେ ସାଆନ୍ତାଣୀ, *ପ୍ରାୟଶ୍ଚିତ୍ତ*ରେ ବୈଷ୍ଣବଚରଣ ଓ *ଲଛମା*ରେ ବାଦଲ ପ୍ରଭୃତି ଚରିତ୍ର ଏହାର ପ୍ରକୃଷ୍ଟ ଉଦାହରଣ । ଫକୀରମୋହନ ଚାକର ଚାକରାଣୀ-ମାନଙ୍କୁ ନିଜ ପୁତ୍ର କନ୍ୟା ପରି ସ୍ନେହ କରୁଥିଲେ । ତାଙ୍କର ଚୋଉଳି କେତକୀ ବଡ ଦୁଷ୍ଟା ଓ ସେ ସମସ୍ତଙ୍କ ଉପରେ ନିଜର

ଆଧିପତ୍ୟ ବିସ୍ତାର କରିବାକୁ ସଚେଷ୍ଟ ଥିଲେ । ଛମାଣ ଆଠଗୁଣ୍ଠରେ ଚମ୍ପା ଚରିତ୍ର ଚିତ୍ରଣରେ ଲେଖକଙ୍କୁ ଏହି ଚରିତ୍ର ପ୍ରଭାବିତ କରିଅଛି ।

ଧର୍ମ ସମ୍ବନ୍ଧରେ ଫକୀରମୋହନଙ୍କ ମତ ବଡ଼ ଉଦାର ଥିଲା । ଶାନ୍ତି କାନନରେ ସେ ଯେଉଁ ସର୍ବଧର୍ମସମନ୍ୱୟ ମନ୍ଦିର ପ୍ରତିଷ୍ଠା କରିଥିଲେ, ସେଥିରେ ବିଭିନ୍ନ ଧର୍ମର ପ୍ରବର୍ତ୍ତକମାନଙ୍କର ମୂର୍ତ୍ତି ସ୍ଥାପନ କରିଥିଲେ । ତାଙ୍କର ବିଭିନ୍ନ ଉପନ୍ୟାସ, ଗଳ୍ପ ବା କାବ୍ୟକବିତାରେ ଧର୍ମାନ୍ଧତା ପ୍ରକାଶ ପାଇନାହିଁ ।

ଏହି ସଂକ୍ଷିପ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଫକୀରମୋହନଙ୍କ ଜୀବନପ୍ରବାହ ଘଟଣାବଳୀରେ ପରିପୂର୍ଣ୍ଣ । କେତେବେଳେ ତାଙ୍କର ଜୀବନତଟିନୀ ସୁନୀଳ ଆକାଶ ତଳେ ଉନ୍ମୁକ୍ତ ପ୍ରାନ୍ତର ମଧ୍ୟ ଦେଇ ଗତି କରିଛି, ଉଜ୍ଜ୍ୱଳ କିରଣରେ ଏହି ତଟିନୀ ହୋଇ ଉଠିଛି ଉଦ୍ଭାସିତ; ପୁଣି କେତେବେଳେ ତାହା ଅନ୍ଧକାରମୟ ନିବିଡ଼ ବନାନୀ ମଧ୍ୟରେ ପ୍ରବାହିତ, ସୌରରଶ୍ମିର ସ୍ପର୍ଶରୁ ସେ ବଞ୍ଚିତ; ତଥାପି ତାର କୁଳୁ କୁଳୁ ନାଦ କେବେହେଲେ ବନ୍ଦ ହୋଇନାହିଁ । ବୈଚିତ୍ର୍ୟମୟୀ ପ୍ରକୃତି ତାଙ୍କ ଉପରେ ଯେଉଁ ପ୍ରଭାବ ପକାଇଛି ତାହା ତାଙ୍କ ପକ୍ଷରେ ବାସ୍ତବିକ ଐଶ୍ୱରିକ ଆଶୀର୍ବାଦ । ଫକୀରମୋହନ କେବଳ ଔପନ୍ୟାସିକ ନ ଥିଲେ, ସେ ଥିଲେ ଜଣେ ବିଶିଷ୍ଟ କବି । ତେଣୁ ବୈଚିତ୍ର୍ୟମୟୀ ପ୍ରକୃତିର ହାସ୍ୟ ଲାସ୍ୟ, ଶୋକ ଦୁଃଖ ତାଙ୍କ ମନରେ ଗଭୀର ରେଖାପାତ କରିଅଛି । ବିଭିନ୍ନ ପରିସ୍ଥିତିରୁ ଉପାଦାନ ସଂଗ୍ରହ ପାଇଁ ତାଙ୍କର ଅସାଧାରଣ କ୍ଷମତା ଥିଲା ଏବଂ ଏହି ଶକ୍ତି ବଳରେ ସେ ମାନବ ଜୀବନରେ

ଅଜ୍ଞାତ ହୋଇଥିବା ଉତ୍ଥାନପତନ, ସୁଖଦୁଃଖ, ହସକାନ୍ଦକୁ ଦକ୍ଷତାର ସହିତ ଗ୍ରହଣ କରି ପାରିଛନ୍ତି । ବସ୍ତୁତଃ ତାଙ୍କ ମନ ବିଷୟ ଓ ଘଟଣାର ଏକ ସମୃଦ୍ଧିଶାଳୀ ଗନ୍ତାଘର ଏବଂ ତାଙ୍କ ଉପନ୍ୟାସଗୁଡ଼ିକୁ ରମଣୀୟ କରିବା ପାଇଁ ସେ ମୁକ୍ତହସ୍ତରେ ଏହି ଗନ୍ତାଘରର ରତ୍ନରାଜିକୁ ବିନିଯୋଗ କରିଛନ୍ତି । ତାଙ୍କ ଉପନ୍ୟାସଗୁଡ଼ିକ ତାଙ୍କ ଶେଷ ଜୀବନର କୃତି । ସେତେବେଳେ ତାଙ୍କ ଚିନ୍ତାରାଜ୍ୟ ଅତିଶୟ ବିଭବଶାଳୀ, ତାଙ୍କ ଦୃଷ୍ଟିଭଙ୍ଗୀ ସୁପରିପକ୍ୱ ଏବଂ ଉପନ୍ୟାସ କଳାରେ ସେ ସିଦ୍ଧହସ୍ତ ।

ତାଙ୍କ ଜୀବନର ସୁଦୀର୍ଘ ଅଭିଜ୍ଞତାର ରମଣୀୟ ସମାବେଶରେ ତାଙ୍କ ଉପନ୍ୟାସରେ ସୃଷ୍ଟି ହୋଇଛି ଏକ ଲୋଭନୀୟ ଇନ୍ଦ୍ରଧନୁ, ଏହାର ବର୍ଣ୍ଣଚ୍ଛଟା କାଳର ଗତିରେ କେବେହେଲେ ନିଷ୍ପ୍ରଭ ହୋଇ ପାରିବ ନାହିଁ ।

# କଥାବସ୍ତୁ

(୧)

ଦୁଃଖଜଞ୍ଜାଳମୟ ଜୀବନଯାତ୍ରାପଥରେ ମନୁଷ୍ୟ ଯେତେବେଳେ ପଥହରା ପଥିକ ପରି ବ୍ୟତିବ୍ୟସ୍ତ ହୋଇପଡ଼େ ସେତେବେଳେ ସେ ଖୋଜେ ଟିକିଏ ଆନନ୍ଦ । ମନୁଷ୍ୟକୁ ଆନନ୍ଦ ଦାନ କରିବା ସାହିତ୍ୟର ଲକ୍ଷ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ସାହିତ୍ୟର ବିଭିନ୍ନ ବିଭାଗମାନଙ୍କ ମଧ୍ୟରୁ ଉପନ୍ୟାସ ଏହି ଉଦ୍ଦେଶ୍ୟ ପୂରଣରେ ବିଶେଷ ସାହାଯ୍ୟକାରୀ । ଦୂରର ବସ୍ତୁକୁ ନିକଟକୁ ଆଣି, ନିକଟର ବସ୍ତୁକୁ ଦୂରକୁ ନେଇ, ବାସ୍ତବ ଜୀବନର ଶୂନ୍ୟ ସ୍ଥାନକୁ କଳ୍ପନାର ସୂକ୍ଷ୍ମ ତୂଳିକାଦ୍ୱାରା ପୂରଣ କରି ପାଠକଚିତ୍ତକୁ ବିମୋହିତ କରେ ଉପନ୍ୟାସ । ଜୀବନରେ ମଣିଷ ଯାହାକୁ ହରାଏ, ବାସ୍ତବ ଜୀବନରେ ଯାହା ସମ୍ଭାବନାର ବହୁଦୂରରେ, ଓ ଯାହା ଅସଂଲଗ୍ନ ଏବଂ ଅସମ୍ବନ୍ଧ ତାହା ଔପନ୍ୟାସିକର ସୂକ୍ଷ୍ମ କାରୁକାର୍ଯ୍ୟ ଓ ତୂଳିକା ସାହାଯ୍ୟରେ ପୂର୍ଣ୍ଣତା ପାଇବାକୁ କ୍ଷମ ହୁଏ । ଅନ୍ୟ ଜୀବନର ସୁଖର ମାଧ୍ୟମରେ ପାଠକ ମୁଖରେ ସ୍ମିତ ହାସ୍ୟ ଫୁଟିବା ସ୍ୱାଭାବିକ । କିନ୍ତୁ ଅନ୍ୟର ଦୁଃଖରେ ମଧ୍ୟ ସମବେଦନା ଜାତ ହେବାଦ୍ୱାରା ପାଠକ ଏକ ଗଭୀରତର ଆନନ୍ଦ ଅନୁଭବ କରେ । ଏହାହିଁ ସାହିତ୍ୟର ଅନ୍ୟତମ ବିଶେଷତ୍ୱ ।

ବାସ୍ତବିକ Shelley କହିଛନ୍ତି, **"Our sweetest songs are those that tell of saddest thought."** ।

ଉପନ୍ୟାସ ପାଠ ସମୟରେ ପାଠକ କିଛି ସମୟ ପାଇଁ ବ୍ୟକ୍ତିଗତ ଜୀବନର ଅଭାବ ଅସୁବିଧା ଓ ଶୋକଦୁଃଖକୁ ଭୁଲି ଉପନ୍ୟାସ-ବର୍ଣ୍ଣିତ ଚରିତ୍ରର ସୁଖଦୁଃଖ ମଧ୍ୟରେ ନିମଗ୍ନ ରହେ । ତେଣୁ ବାସ୍ତବ ଜୀବନର ଘାତ ପ୍ରତିଘାତ ବିରୁଦ୍ଧରେ ଉପନ୍ୟାସ ସାଞ୍ଜିର କାର୍ଯ୍ୟକରେ । ଉପନ୍ୟାସ ପାଠ ସମୟରେ ପାଠକ ନିଜର ସତ୍ତାକୁ ଉପନ୍ୟାସର ଚରିତ୍ର ଓ କଥାବସ୍ତୁ ମଧ୍ୟରେ ହଜାଇ ଦିଏ ଏବଂ ସେଥିପାଇଁ ତାର ମନରେ ସମବେଦନାର ଭାବ ସୃଷ୍ଟି ହୁଏ । ସାହିତ୍ୟ ପାଠକର ମନକୁ ସସୀମରୁ ଅସୀମକୁ ଟାଣି ନିଏ ଏବଂ ବୃହତ୍ତର ମାନବିକତା ମଧ୍ୟରେ ବ୍ୟକ୍ତିଗତ ସଙ୍କୀର୍ଣ୍ଣତା ଲୁପ୍ତ ହୁଏ । ତେଣୁ ସାହିତ୍ୟ ପାଠକର ଚିତ୍ତଶୁଦ୍ଧି କରେ । ଆଳଙ୍କାରିକମାନେ ପାଠକର ସୁଖ, ଦୁଃଖ, ହର୍ଷ ଓ ଭୟ ପ୍ରଭୃତି ରସର ଉପଭୋଗକୁ ବ୍ରହ୍ମାନନ୍ଦସହୋଦର ରୂପେ ବର୍ଣ୍ଣନ କରିଅଛନ୍ତି । ବ୍ରହ୍ମର ଉପଲବ୍ଧିରେ ଭକ୍ତ ଯେପରି ସାଂସାରିକ ମାୟା, ମମତା, ମୋହ ଓ ତାପରୁ ବିମୁକ୍ତ ହୋଇ ପରମାନନ୍ଦ ଭଗବାନଙ୍କ ସତ୍ତାରେ ନିମଗ୍ନ ହେବାଦ୍ୱାରା ଅନିର୍ବଚନୀୟ ଆନନ୍ଦର ଅଧିକାରୀ ହୁଏ, ପାଠକ ସେହିପରି ନିଜର ପାରିପାର୍ଶ୍ୱିକ ଅବସ୍ଥାକୁ ଭୁଲି ସାହିତ୍ୟର ଆଦି, ଶାନ୍ତ, ବୈରାଗ୍ୟ ଓ କ୍ରୋଧ ପ୍ରଭୃତି ବିଭିନ୍ନ ରସରେ ଅଭିଭୂତ ହୋଇ ଆନନ୍ଦ ଉପଲବ୍ଧି କରେ । ନୀଳ ଆକାଶରେ ପୂର୍ଣ୍ଣଚନ୍ଦ୍ରକୁ ଦେଖି ଗୃହକ ଆକଣ୍ଠ ଜ୍ୟୋତ୍ସ୍ନାପାନରେ ବିଭୋର ହେବା ପରି ପାଠକ ସାହିତ୍ୟିକ ରସାସ୍ୱାଦନରେ ତଦ୍‌ଗତପ୍ରାଣ ହୁଏ ।

ମୂର୍ତ୍ତି ଗଠନ ପାଇଁ ଶିଳ୍ପୀ ଗୃହେ ମୃତ୍ତିକା ବା ପ୍ରସ୍ତର । ଔପନ୍ୟାସିକ ଉପନ୍ୟାସ ସୃଷ୍ଟି ପାଇଁ ଗୃହେ କଥା ବା କାହାଣୀ । ବର୍ଣ୍ଣନାବୈଚିତ୍ର୍ୟ, ଅପୂର୍ବ କଳ୍ପନାଶକ୍ତି, ବିଶେଷ ଶବ୍ଦବିନ୍ୟାସ ଏବଂ ରଚନାଶୈଳୀର ଇନ୍ଦ୍ରଜାଲ ସାହାଯ୍ୟରେ ଏହି କଙ୍କାଳସ୍ୱରୂପ କାହାଣୀକୁ ରମ୍ୟ ଓ ମନୋଜ୍ଞ କରି ଔପନ୍ୟାସିକ ତାହାର କଥାବସ୍ତୁ ସୃଷ୍ଟି କରେ । ଔପନ୍ୟାସିକ ସେଥିପାଇଁ ହୁଏତ କେବଳମାତ୍ର କଳ୍ପନାଶକ୍ତିର ଆଶ୍ରୟ ନେଇପାରେ ଏବଂ କଳ୍ପନାର ସୂକ୍ଷ୍ମ ତନ୍ତୁ ସାହାଯ୍ୟରେ ସେ କାହାଣୀର ଜାଲ ବୁଣିପାରେ, କିମ୍ବା ପାରିପାର୍ଶ୍ୱିକ ଜୀବନକୁ କେନ୍ଦ୍ର କରି ସେ ଉପନ୍ୟାସର ପୃଷ୍ଠଭୂମି ରଚନା କରିପାରେ । ପୂର୍ଣ୍ଣତଃ କଳ୍ପନା ଉପରେ ପର୍ଯ୍ୟବସିତ ଉପନ୍ୟାସରେ ବାସ୍ତବ ଜୀବନର ଛାୟା ଧୀରେ ଧୀରେ ଲୋପ ପାଇ ରୂପରେଖର ଗଳ୍ପ କ୍ରମଶଃ ନିଜର ଆସନ ପାତିନିଏ କିମ୍ବା ଅତିମାନବିକତା ବା ଆଧିଭୌତିକତା ସେଥିରେ ଆଧିପତ୍ୟ ବିସ୍ତାର କରେ । ସମୟେ ସମୟେ ଏପରି ଉପନ୍ୟାସ ପାଠକକୁ ବାସ୍ତବ ଜୀବନରେ ଅଗ୍ରସର ହେବାପାଇଁ ସହାୟକ ହୋଇ ପାରେ ନାହିଁ ଏବଂ କେତେକ କ୍ଷେତ୍ରରେ ଏଥିରେ ଶିକ୍ଷଣୀୟ ବିଷୟ କିଛି ନ ଥାଏ । ସାମାଜିକ ମୂଲ୍ୟ ନ ଥିଲେ ମଧ୍ୟ "କଳାପାଇଁ କଳାର ସୃଷ୍ଟି" ମତାବଲମ୍ବୀମାନେ ଏପରି ଉପନ୍ୟାସକୁ ସମର୍ଥନ କରନ୍ତି । ଦ୍ୱିତୀୟ ପ୍ରକାର ଉପନ୍ୟାସରେ ସମାଜର ବିଭିନ୍ନ ଦିଗ ଚିତ୍ରିତ ହେବା ଫଳରେ ଉପନ୍ୟାସ ଜୀବନର ଅନୁଗାମୀ ହୁଏ ଏବଂ ଔପନ୍ୟାସିକ ତାର ଦୃଷ୍ଟିଭଙ୍ଗୀ ସାହାଯ୍ୟରେ ଜୀବନକୁ ଉନ୍ମାର୍ଗଗାମୀ କରେ । ବିଂଶ ଶତାବ୍ଦୀରେ ଏହି ବାସ୍ତବବାଦକୁ କେତେକ ଔପନ୍ୟାସିକ ଅନ୍ୟ ଏକ ଚରମ ସୀମାକୁ ନେଇ ଯାଇଅଛନ୍ତି । ଅଣୁବୀକ୍ଷଣ ଯନ୍ତ୍ର

ଦ୍ୱାରା ବୈଜ୍ଞାନିକ ତାଙ୍କର ବିଷୟବସ୍ତୁକୁ ପୁଙ୍ଖାନୁପୁଙ୍ଖରୂପେ ବିଶ୍ଳେଷଣ କଲା ପରି ଏହି ଅତି-ବାସ୍ତବବାଦୀ ଔପନ୍ୟାସିକମାନେ ସମାଜର କୌଣସି ଏକ ସୂକ୍ଷ୍ମ ବିଭାଗକୁ କିମ୍ବା ମନୁଷ୍ୟ ମନର ଏକ ନିର୍ଦ୍ଦିଷ୍ଟ ଭାବକୁ ଅତି ବିସ୍ତୃତ ଭାବରେ ବିଶ୍ଳେଷଣ କରନ୍ତି । ଫଳରେ ଏପରି ଉପନ୍ୟାସରେ ରସ ଉପଭୋଗ କରିବା ପାଇଁ ବିଶେଷ ସୁଯୋଗ ନ ଥାଏ, କାରଣ ଏପରି ଉପନ୍ୟାସ ସମାଜର ବ୍ୟବଚ୍ଛେଦାଗାର କିମ୍ବା ମନସ୍ତାତ୍ତ୍ୱିକ ଗବେଷଣାଗାରର ଲିପିବଦ୍ଧ ଦୈନିକ କାର୍ଯ୍ୟବିବରଣୀ ପରି ମନେ ହୁଏ ।

ଉଚ୍ଚକୋଟିର ଉପନ୍ୟାସ ସୃଷ୍ଟିରେ ବାସ୍ତବ ଓ କଳ୍ପନାର ଉପଯୁକ୍ତ ଆନୁପାତିକ ସମ୍ମିଶ୍ରଣ ଆବଶ୍ୟକ । ବାସ୍ତବ ଜୀବନରୁ ଉପାଦାନ ସଂଗ୍ରହ କରି, ଘଟଣାବହୁଳ ଜୀବନପ୍ରବାହରୁ କେତେକ ନିର୍ଦ୍ଦିଷ୍ଟ ଘଟଣାକୁ କେନ୍ଦ୍ର କରି, ଔପନ୍ୟାସିକ ତାଙ୍କର ଉପନ୍ୟାସର ମୂଳଭିତ୍ତି ସ୍ଥାପନ କରନ୍ତି ଏବଂ କଳ୍ପନାଦ୍ୱାରା ତାହାକୁ ରସାଣିତ କରନ୍ତି । ଏହି କାରଣରୁ ଐତିହାସିକ ଉପନ୍ୟାସ ସାଧାରଣତଃ ବାସ୍ତବ ଘଟଣା ଉପରେ ନିର୍ଭର କଲେ ମଧ୍ୟ ଇତିହାସଠାରୁ ଏହା ସମ୍ପୂର୍ଣ୍ଣ ପୃଥକ । କାରଣ ଐତିହାସିକ ତଥ୍ୟ ବିକଳାଙ୍ଗ ନ କରି ଔପନ୍ୟାସିକ ତାଙ୍କର ନିଜର ଦୃଷ୍ଟିଭଙ୍ଗୀ ଓ କଳ୍ପନାଶକ୍ତି ବଳରେ ଏକ ଅପୂର୍ବ ସୌଧ ନିର୍ମାଣ କରନ୍ତି । ଦେଶକାଳର ସଙ୍କୀର୍ଣ୍ଣ-ସୀମା ମଧ୍ୟରେ ଉଚ୍ଚ-କୋଟିର ଉପନ୍ୟାସ ଆବଦ୍ଧ ହୋଇ ରହେ ନାହିଁ । ଦେଶକାଳ-ପାତ୍ର ଭେଦ ନ ରଖି ମାନବର ଚିରନ୍ତନ ଭାବଧାରାକୁ ଯେଉଁ ଉପନ୍ୟାସ ରୂପ ଦେଇ ପାରେ ଯୁଗର ପରିବର୍ତ୍ତନ ସହିତ ତାହାର

ମୂଲ୍ୟ ହ୍ରାସ ହୁଏ ନାହିଁ । ଉଇଲିୟମ୍ ହେନେରୀ ହଡ୍‌ସନ୍ ଯଥାର୍ଥ କହନ୍ତି, "ସାଧାରଣ ମାନବର ଜୀବନସଂଗ୍ରାମ ତଥା ଜୟ ପରାଜୟ ମଧ୍ୟରେ ଯାହା ଆମ୍ଭମାନଙ୍କୁ ନିବିଡ଼ ଓ ଧାରାବାହିକ ଭାବେ ପ୍ରଭାବିତ କରେ ତା ଉପରେ ଭିତ୍ତି କରି ଉପନ୍ୟାସ ପ୍ରତିଷ୍ଠିତ ହେଲେ ଉପନ୍ୟାସର ପ୍ରକୃତ ମହତ୍ତ୍ୱ କୀର୍ତ୍ତିତ ହୁଏ ।"

## (୨)

କାହାଣୀ ଉପନ୍ୟାସର ମେରୁଦଣ୍ଡ : ବିଭିନ୍ନ ରୁଚିସମ୍ପନ୍ନ ପାଠକ ଉପନ୍ୟାସକୁ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରି ପାରନ୍ତି, କିନ୍ତୁ ସମସ୍ତେ ଏକ ସ୍ୱରରେ ସ୍ୱୀକାର କରିବେ ଯେ ଉପନ୍ୟାସ ମାଧ୍ୟମରେ ସେମାନେ ଗୋଟିଏ କାହାଣୀ ଶୁଣିବାକୁ ଚାହାନ୍ତି ।

ଉପନ୍ୟାସ ଉତ୍ପତ୍ତିର ବହୁ ପୂର୍ବରୁ କଥା ବା କାହାଣୀର ସୃଷ୍ଟି । ପ୍ରାଗୈତିହାସିକ ଯୁଗରେ କୌଣସି ଛନ୍ଦୋବଦ୍ଧ ସାହିତ୍ୟର ଆବିର୍ଭାବ ହୋଇ ନ ଥିଲା, କିନ୍ତୁ ସେତେବେଳେ ମଧ୍ୟ କଥାର ପ୍ରଚଳନ ଥିଲା ।

---

* "That a novel is really great only when it lays its foundations broad and deep in the things which most constantly and seriously appeal to us in the struggles and fortunes of our common humanity."—*W. H. Hudson*.

ଏହି ସମ୍ପର୍କରେ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଲେଖିଛନ୍ତି, "କଥା...... କଥା ପରେ କଥା । କଥା ସରିଗଲେ ଲଥା । ଲଥା ନ ଛିଣ୍ଡୁଣୁ ପୁଣି କଥା । ପ୍ରାଚୀନ ପୃଥିବୀ ଥିଲା କଥାମୟ । କଥା ଓ ମଣିଷ ଦୁହେଁ ସହଜାତ, ଯମଜ ।"†

କାହାଣୀ କଅଣ ? ବଗିଚାରେ ଫୁଟିଥିବା ଫୁଲଗୁଡ଼ିକ ମଧ୍ୟରୁ କେତେକ ସଂଗ୍ରହ କରି, ଗୋଟିଏ ପରେ ଗୋଟିକୁ ଖଞ୍ଜି ଗୁନ୍ଥାଯାଏ ମାଳ, ଜୀବନରେ ଘଟି ଯାଉଥିବା ଘଟଣା ମଧ୍ୟରୁ କେତେକକୁ କାଳ ଅନୁକ୍ରମରେ ଖଞ୍ଜି ଦେଲେ କାହାଣୀର ହୁଏ ସୃଷ୍ଟି ।*

କେବଳ ସମୟହିଁ ଜୀବନର ମହତ୍ତ୍ୱର ପରିମାପକ ନୁହେ, ଜୀବନରେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ଅଛି । ତେଣୁ ଔପନ୍ୟାସିକ ତାଙ୍କର ଉପନ୍ୟାସରେ କେବଳ ସମୟ ପ୍ରତି ଦୃଷ୍ଟି ଦେଲେ ଯଥେଷ୍ଟ ହୁଏ ନାହିଁ, ତାଙ୍କୁ ଜୀବନର ମୂଲ୍ୟବୋଧ ପ୍ରତି ମଧ୍ୟ ସଚେତ ହେବାକୁ ପଡ଼େ ।

କାହାଣୀ ଶୁଣିବା ମଣିଷର ସ୍ୱାଭାବିକ ପ୍ରବୃତ୍ତି । ପ୍ରାଚୀନ ଯୁଗରୁ ସମାଜରେ କଥାକାରଙ୍କ ଗୁରୁତ୍ୱ ରହି ଆସିଛି । ତେଣୁ ଆମର ବେଦ, ଉପନିଷଦ ଓ ପୁରାଣରେ ମଧ୍ୟ କଥାର ପ୍ରାଧାନ୍ୟ ରହିଛି ।

---

† ଫକୀରମୋହନ ସମୀକ୍ଷା—ପୃଷ୍ଠା ୩୮

* "It is a narrative of events arranged in their time sequence" *Aspects of the novel*—*E. M. Forster.*

ଆଦିମ କାଳରେ ଗୁହା ଭିତରେ କଥକଙ୍କୁ ଘେରି ଶ୍ରୋତାମାନେ ବସି ରହନ୍ତି, ଏକ ମନ ଏକ ଲୟରେ ସେମାନେ ଶୁଣି ଯାଆନ୍ତି କଥକର କାହାଣୀ । ଏହି କାହାଣୀ ଭିତରେ ସେମାନେ ନିଜକୁ ହଜାଇ ଦିଅନ୍ତି । ସମୟ ଗଡ଼ି ଚାଲେ । କାହାଣୀ ଶୁଣୁ ଶୁଣୁ ସେମାନେ ଘୁମାଇ ପଡ଼ନ୍ତି, କିନ୍ତୁ କାହାଣୀ ଶେଷ ହୁଏ ନାହିଁ ।

ମନୁଷ୍ୟ ସ୍ୱଭାବତଃ କୌତୂହଳୀ । ସୃଷ୍ଟିର ପ୍ରତ୍ୟେକ ବିଷୟକୁ ସେ ତାର ବୁଦ୍ଧି ସାହାଯ୍ୟରେ ବୁଝିବାକୁ ଚେଷ୍ଟା କରେ । ଗୋଟିଏ ରହସ୍ୟ ଉଦ୍‌ଘାଟନରେ ସେ ସନ୍ତୁଷ୍ଟ ରହେ ନାହିଁ । ଅନ୍ୟ ନୂତନ ରହସ୍ୟ ଉଦ୍‌ଘାଟନ ପାଇଁ ସେ ତତ୍ପର ହୁଏ । 'କଅଣ' ଓ 'କାହିଁକି'—ଏହି ଦୁଇଟି ପ୍ରଶ୍ନର ଉତ୍ତର ସେ ସବୁବେଳେ ଖୋଜି-ବୁଲେ । ଏହି ଉଦ୍‌ବେଗ ଓ କୌତୂହଳକୁ କେନ୍ଦ୍ର କରି ଗଢ଼ି ଉଠେ କାହାଣୀ । କାହାଣୀ ଆରମ୍ଭ ହୁଏ । ଶ୍ରୋତା ଗୋଟିଏ ଘଟଣା ଶୁଣେ, ସଙ୍ଗେ ସଙ୍ଗେ ସେ ପଚାରେ 'ତାପରେ ?' ଏହିପରି ଭାବରେ କଥାସ୍ରୋତ ଗଡ଼ି ଚାଲେ, ତାହାର ସମାପ୍ତି ନାହିଁ । ଏହି ପ୍ରସଙ୍ଗରେ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି କହିଛନ୍ତି, "ରହସ୍ୟମୟ ସୃଷ୍ଟିର ପ୍ରତ୍ୟେକ ରହସ୍ୟ ଉଦ୍‌ଘାଟନ କରିବା ପାଇଁ ମଣିଷ କଥାର ସୃଷ୍ଟି କରିଥିଲା । ତେଣୁ କଥା ବା ଘଟଣା ଥିଲା କାହାଣୀର ପ୍ରାଣ । ସେ କଥା ଅଫୁରନ୍ତା, ତାର ଶେଷ ନାହିଁ । ଉଜିର-ନନ୍ଦିନୀ ସାହେରଜାଦ୍ କଥା କହି କହି ଏକ ହଜାର ଏକ 'ଆରବ୍ୟ-ରଜନୀ' ପୁହାଇ ଦେଲା ସିନା, କଥା ସରି ନାହିଁ ।"

ଉପନ୍ୟାସର କାହାଣୀ ପାଠକକୁ ପାଠକ ସ୍ତରରୁ ନେଇ ଯାଇ ଶ୍ରୋତା ସ୍ତରରେ ପହଞ୍ଚାଇ ଦିଏ । କାହାଣୀ ମାଧ୍ୟମରେ ପାଠକ

ଗୋଟିଏ ନିର୍ଦ୍ଦିଷ୍ଟ ସ୍ୱର ଶୁଣି ପାରେ—ସେ ସ୍ୱର ଲେଖକର ନୁହେଁ, ସେ ସ୍ୱର ଗୁହା ମଧ୍ୟରେ ଶ୍ରୋତୃମଣ୍ଡଳୀ ପରିବେଷ୍ଟିତ ଆଦିମ ଯୁଗର ସେହି କଥାକାରର ।

ଉପନ୍ୟାସ ଆଉ ଯାହା ହେଉ ବା ନ ହେଉ ପ୍ରଥମେ ଏହା କାହାଣୀ ହେବା ଅବଶ୍ୟମ୍ଭାବୀ । ତେଣୁ କାହାଣୀର ମୂଲ୍ୟ ଉପରେ ଉପନ୍ୟାସର ମୂଲ୍ୟ ଯଥେଷ୍ଟ ନିର୍ଭର କରେ । ଆମର ପ୍ରଥମ ପ୍ରଶ୍ନ ହେଉଛି—କାହାଣୀ, କାହାଣୀ ଭାବରେ ନୂତନ, ଚିତ୍ତାକର୍ଷକ, ଏବଂ ଅନ୍ୟକୁ କହିବା ଭଳି ଉପଯୁକ୍ତ ହୋଇ ପାରିଛି କି ?

କାହାଣୀ କେତେଗୁଡ଼ିଏ ଘଟଣାର ଧାରାବାହିକ ଉପସ୍ଥାପନ ମାତ୍ର, କିନ୍ତୁ କେବଳ କେତେକ ଘଟଣାର ଏକତ୍ରୀକରଣରେ ପାଠକର ଅନୁସନ୍ଧିତ୍ସା ପୂରଣ ହୁଏ ନାହିଁ । ପ୍ରଥମେ ଅବଶ୍ୟ ପାଠକ ପଚାରେ—"ତାପରେ ?" କିନ୍ତୁ ଠିକ୍ ପର ମୁହୂର୍ତ୍ତରେ ସେ ପୁଣି ପଚାରେ—"କପରି" ? ତେଣୁ କାହାଣୀରେ ବର୍ଣ୍ଣିତ ଗଳ୍ପାଂଶ ଓ ଘଟଣାର ସମାବେଶ, ଏବଂ ଗୋଟିଏ ଘଟଣା ଓ ଅନ୍ୟ ଘଟଣା ମଧ୍ୟରେ କାର୍ଯ୍ୟକାରଣ ସମ୍ପର୍କ ସୂଚିତ ହେବା ଆବଶ୍ୟକ ହୁଏ । ଏହାହିଁ ହେଉଛି ଉପନ୍ୟାସର 'ପ୍ଲଟ୍' (Plot) । କାହାଣୀ ପରି ଏଥିରେ ସମୟ-କ୍ରମ ରଖିବାର ଆବଶ୍ୟକତା ହୁଏ, କିନ୍ତୁ ସମୟକ୍ରମ ଅପେକ୍ଷା କାର୍ଯ୍ୟକାରଣ ସମ୍ପର୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ । ତେଣୁ 'ପ୍ଲଟ୍' ପାଇଁ ପାଠକର ବୁଦ୍ଧି ଓ ସ୍ମୃତି ଶକ୍ତିର ପ୍ରୟୋଜନ ହୁଏ । ଧୀଶକ୍ତିଦ୍ୱାରା ପାଠକର ମନ ଗୋଟିଏ ନୂଆ ଘଟଣାକୁ ପୁରୁଣା ଘଟଣା ସହିତ ସଂଯୋଜିତ କରି ପାରେ ଏବଂ ସ୍ମୃତିଶକ୍ତି-ଦ୍ୱାରା ଘଟଣାକ୍ରମକୁ ପାଠକ ମନେ ରଖିପାରେ । 'ପ୍ଲଟ୍'ରେ

ବର୍ଣ୍ଣିତ ଘଟଣାଗୁଡ଼ିକ ମଧ୍ୟରେ ଯଦି ଐକ୍ୟ ନ ରହେ ତେବେ ପାଠକର ମନ ତାହାକୁ ସହଜରେ ଗ୍ରହଣ କରିପାରେ ନାହିଁ । ଫଳରେ ଉପନ୍ୟାସ ପ୍ରତି ତାହାର ଆଗ୍ରହ କମିଯାଏ । ସେଥିପାଇଁ ଉପନ୍ୟାସର କଥାବସ୍ତୁ ବା 'ପ୍ଲଟ୍' ସୁଗଠିତ ଏବଂ ସୁଗ୍ରଥିତ ହେବା ଆବଶ୍ୟକ ।

ବାସ୍ତବ ଜୀବନର ଘଟଣାରେ ସବୁ ସମୟରେ ସଂଯୋଗ ନ ଥାଏ । ବାସ୍ତବତା ଉପରେ ନିର୍ଭର କରି ଔପନ୍ୟାସିକ ବିଭିନ୍ନ ଘଟଣାର ସମାବେଶ କରେ । ତେଣୁ ଗୋଟିଏ ଘଟଣା ଓ ଅନ୍ୟ ଏକ ଘଟଣା ମଧ୍ୟରେ ଶୂନ୍ୟତା ରହିବା ସ୍ୱାଭାବିକ । ଘଟଣାଗୁଡ଼ିକ ମଧ୍ୟରେ ପାଠକ ଶୂନ୍ୟତା ଉପଲବ୍ଧି କଲେ ଉପନ୍ୟାସର ଐକ୍ୟ ବ୍ୟାହତ ହୁଏ । 'ପ୍ଲଟ୍'ଦ୍ୱାରା ଘଟଣାର ଏହି ଶୂନ୍ୟତା ଦୂରୀଭୂତ ହୁଏ । ଜୀବନକ୍ଷେତ୍ରରେ କେତେକ ଘଟଣାର ଗୁରୁତ୍ୱ ଥାଏ ଏବଂ ଅନ୍ୟ କେତେକ ଘଟଣାର ଗୁରୁତ୍ୱ ବିଶେଷ ଅନୁଭୂତ ହୁଏ ନାହିଁ । ଔପନ୍ୟାସିକ ପାଠକମନରେ ଏକ ନିର୍ଦ୍ଦିଷ୍ଟ ପ୍ରଭାବ ପକାଇବା ପାଇଁ ତାଙ୍କର ନିଜର ଦୃଷ୍ଟିକୋଣଦ୍ୱାରା ବିଭିନ୍ନ ଘଟଣାକୁ ବିଶ୍ଳେଷଣ କରି ଘଟଣାଗୁଡ଼ିକର ଗୁରୁତ୍ୱର ହ୍ରାସବୃଦ୍ଧି କରନ୍ତି । କେବଳ ମାତ୍ର କାହାଣୀର ଉପସ୍ଥାପନଦ୍ୱାରା ଏହା ସମ୍ଭବ ନୁହେ । ଏଥିପାଇଁ 'ପ୍ଲଟ୍‌ର' ପ୍ରୟୋଜନ ହୁଏ ।

ଯେ କୌଣସି ସାହିତ୍ୟିକ ରଚନାର ଉପଯୁକ୍ତ ପ୍ରଭାବ ସୃଷ୍ଟି ପାଇଁ ପାଠକ ମନରୁ ସ୍ୱେଚ୍ଛାକୃତ ଅବିଶ୍ୱାସବର୍ଜନ ( **Willing suspension of disbelief** ) ହେବା ଆବଶ୍ୟକ । ଉପନ୍ୟାସ ପାଠ

ସମୟରେ ଅବିଶ୍ୱାସର ଛାୟା ସଞ୍ଚାରିତ ହେଲେ ଉପନ୍ୟାସର ପ୍ରଭାବ ନଷ୍ଟ ହୋଇଯାଏ । ଉପନ୍ୟାସ ରଚନା ସମୟରେ ଔପନ୍ୟାସିକଙ୍କ ମନରେ ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଥାଏ, ପାଠକ ମନରେ ଅନୁରୂପ ଭାବ ଜାଗ୍ରତ ହେବା ପ୍ରୟୋଜନ । ଉପନ୍ୟାସର 'ପ୍ଲଟ୍' ଔପନ୍ୟାସିକଙ୍କୁ ଏହି ବିଷୟରେ ସହାୟତା କରେ ।

ଶ୍ରାବ୍ୟକାବ୍ୟରେ ପାଠକ ଶୁଣେ, ଦୃଶ୍ୟକାବ୍ୟରେ ପାଠକ ଦେଖେ କିନ୍ତୁ ଉପନ୍ୟାସରେ ଦେଖିବା ଓ ଶୁଣିବା ଉଭୟ କାର୍ଯ୍ୟର ସମନ୍ୱୟ ଘଟେ । ଉପନ୍ୟାସରେ ପାଠକ କାହାଣୀ ଶୁଣେ ଏବଂ ଉପନ୍ୟାସର 'ପ୍ଲଟ୍'ଦ୍ୱାରା ପାଠକ ତାହାର କଳ୍ପନାଶକ୍ତି ବଳରେ ନିଜ ମନରେ ଏକ ସଂସାର ଗଢ଼ି ବସେ । ତାହାର ଚକ୍ଷୁ ସମକ୍ଷରେ ସେହି ସଂସାରର ଘଟଣା ଅଭିନୀତ ହୁଏ ।

ଉପନ୍ୟାସର 'ପ୍ଲଟ୍' ସୃଷ୍ଟି ସମୟରେ ଔପନ୍ୟାସିକଙ୍କ ମନରେ ତିନୋଟି ବିଭିନ୍ନ ପ୍ରକ୍ରିୟାର ସମନ୍ୱୟ ଦେଖାଯାଏ । ଏକାଧାରରେ ସେ ସମାଲୋଚକ, ସ୍ରଷ୍ଟା ଓ ବର୍ଣ୍ଣନାକାରୀ । ଉପାଦାନ ସଂଗ୍ରହ ପାଇଁ ନିଜ ଦୃଷ୍ଟିକୋଣରୁ ଔପନ୍ୟାସିକ ଘଟଣାବଳୀକୁ ବିଶ୍ଳେଷଣ କରନ୍ତି । ତେଣୁ ସେ ସମାଲୋଚକ । କଳ୍ପନାବଳରେ ଘଟଣାଗୁଡ଼ିକ ସେ ନୂତନ ରୂପ ଦିଅନ୍ତି, ତେଣୁ ସେ ସ୍ରଷ୍ଟା । କଳ୍ପନା ଓ ବାସ୍ତବର ସମ୍ମିଶ୍ରଣରେ ତାଙ୍କ ସୃଷ୍ଟି ଅଭିନବ ସଂସାରକୁ ସେ ପାଠକ ସମ୍ମୁଖରେ ବିଶ୍ୱାସଯୋଗ୍ୟ ଓ ରମ୍ୟରୂପରେ ବର୍ଣ୍ଣନା କରନ୍ତି, ତେଣୁ ସେ ବର୍ଣ୍ଣନାକାରୀ ।

କ୍ଷୁଦ୍ରଗଳ୍ପର ପରିସର ଦୃଷ୍ଟିରୁ ଗଳ୍ପଲେଖକ ଜୀବନର ଏକ ଖଣ୍ଡାଂଶକୁ ପରିସ୍ଫୁଟ କରନ୍ତି । କିନ୍ତୁ ଔପନ୍ୟାସିକଙ୍କର ଏ ବିଷୟରେ ଯଥେଷ୍ଟ ସ୍ୱାଧୀନତା ଅଛି । ଔପନ୍ୟାସିକ ତାଙ୍କ ରଚନାରେ କେବଳ-ମାତ୍ର ମୁଖ୍ୟ ଆଖ୍ୟାୟିକାରେ ନିଜକୁ ସୀମାବଦ୍ଧ ନ ରଖି କେତେକ ଗୌଣ ଆଖ୍ୟାୟିକା ମଧ୍ୟ ସୃଷ୍ଟି କରନ୍ତି । ତେଣୁ ପାଠକର ମନ କେନ୍ଦ୍ରୀଭୂତ ନ ହେବାର ଯଥେଷ୍ଟ ଆଶଙ୍କା ରହେ । ଗୌଣ ଆଖ୍ୟାୟିକା ସୃଷ୍ଟି ସମୟରେ ଔପନ୍ୟାସିକ ଗୌଣ ଆଖ୍ୟାୟିକାଗୁଡ଼ିକୁ ମୁଖ୍ୟ ଆଖ୍ୟାୟିକା ସହିତ ସୂତ୍ରଗ୍ରଥିତ କରିବା ଏକାନ୍ତ ଆବଶ୍ୟକ ।

ଉପନ୍ୟାସର ପ୍ରାରମ୍ଭରେ ଔପନ୍ୟାସିକ କଥାବସ୍ତୁକୁ ଦୁଇଟି ଉପାୟରେ ଉପସ୍ଥାପନ କରି ପାରନ୍ତି । ମୁଖ୍ୟ ଆଖ୍ୟାୟିକାକୁ ସେ ପ୍ରତ୍ୟକ୍ଷ ଭାବରେ ପରିବେଷଣ କରି ପାରନ୍ତି କିମ୍ବା କେତେକ ଗୌଣ ଆଲେଖ୍ୟଦ୍ୱାରା ସମୁଚିତ ପରିବେଷ୍ଟନୀ ସୃଷ୍ଟି ପରେ ମୁଖ୍ୟ ଆଖ୍ୟାୟିକାର ଅବତାରଣା କରା ଯାଇ ପାରେ । ଆଖ୍ୟାୟିକାର ଅବତାରଣା ପରେ ଔପନ୍ୟାସିକ ଧୀରେ ଧୀରେ ବିଭିନ୍ନ ଘଟଣା ସମାବେଶ କରନ୍ତି । ଏହି ଘଟଣାଗୁଡ଼ିକ ଆକସ୍ମିକ ଭାବରେ କଥାବସ୍ତୁରେ ସ୍ଥାନ ପାଏ ନାହିଁ । ଏହାର ସଂଯୋଜନା ମୂଳରେ ଔପନ୍ୟାସିକଙ୍କର ଏକ ସୁଚିନ୍ତିତ ଓ ସୁପରିକଳ୍ପିତ ଦୃଷ୍ଟିଭଙ୍ଗୀ ଥାଏ । କେବଳ ଘଟଣାଗୁଡ଼ିକର ସମାବେଶ ଯଥେଷ୍ଟ ନୁହେ ; ପୂର୍ବର ଘଟଣାସହିତ ପରବର୍ତ୍ତୀ ଘଟଣାର ସମନ୍ୱୟ ଫଳରେହିଁ ଉପନ୍ୟାସ କ୍ରମାନ୍ୱୟରେ ବିକାଶ ଲାଭ କରେ । ଏହି ବିକାଶପ୍ରକ୍ରିୟା ସମୟରେ ଔପନ୍ୟାସିକ ଇଚ୍ଛା କଲେ ତାଙ୍କ ସମସ୍ୟା ଉତ୍ଥାପନ କରି ପାରନ୍ତି ଏବଂ ବିଭିନ୍ନ ଘଟଣା

ସାହାଯ୍ୟରେ ଏହି ସମସ୍ୟାର ବିଭିନ୍ନ ଦିଗ ସେ ସୂଚିତ କରନ୍ତି । କଥାବସ୍ତୁର ବିକାଶ ପାଇଁ ଔପନ୍ୟାସିକ ପାଠକମନର କୌତୂହଳ ଓ ଉଦ୍‌ବେଗ ଉପରେ ପୂର୍ଣ୍ଣ ନିର୍ଭର କରନ୍ତି । କଥା-ବସ୍ତୁରେ ଦ୍ୱନ୍ଦ୍ୱ ସୃଷ୍ଟି କରି ସେ ପାଠକର ଉତ୍କଣ୍ଠା ବୃଦ୍ଧି କରନ୍ତି । କଥାବସ୍ତୁର ବିକାଶ ସମୟରେ ପାଠକର ମନ ମୁହୂର୍ତ୍ତକ ପାଇଁ ସୁଦ୍ଧା ନିଷ୍କ୍ରିୟ ହୋଇ ରହେ ନାହିଁ । ସମସ୍ୟାର ପୂର୍ଣ୍ଣ ବିକାଶ ପରେ ବା ଉଦ୍ଦେଶ୍ୟର ସମ୍ପୂର୍ଣ୍ଣ ଉତ୍‌ଥାପନ ପରେ ଔପନ୍ୟାସିକ ପରିଣତି ବିଷୟ ଚିନ୍ତା କରନ୍ତି । ଯେଉଁ ଅବସ୍ଥାରେ ଏକ ଦିଗରେ ସମସ୍ୟା ପୂର୍ଣ୍ଣ ବିକାଶ ଲାଭ କରେ ଓ ଅନ୍ୟ ଦିଗରେ ପରିଣତିର ଅସ୍ପଷ୍ଟ ଆଭାସ ମିଳେ, ତାହାହିଁ ହେଉଛି ଉପନ୍ୟାସର ଚରମସୀମା (climax) ।

ଚରମସୀମା ପରେ ସମସ୍ୟାର ସମାଧାନ ସମ୍ପର୍କରେ ଔପନ୍ୟାସିକ ଚିନ୍ତା କରନ୍ତି । ଏହି ସମୟରେ ପାଠକର ମନ କେନ୍ଦ୍ରୀଭୂତ ନ ହୋଇ ଇତସ୍ତତଃ ହେବାର ଆଶଙ୍କା ଥାଏ । ତେଣୁ ଔପନ୍ୟାସିକ ପାଠକର କୌତୂହଳକୁ ଅକ୍ଷୁଣ୍ଣ ରଖିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରନ୍ତି । ପ୍ରତି-ଚରମସୀମା (anti-climax) ସୃଷ୍ଟି ତନ୍ମଧ୍ୟରୁ ଅନ୍ୟତମ । କିନ୍ତୁ ଏହି ପ୍ରତି-ଚରମସୀମା ସୃଷ୍ଟି ସମୟରେ ଚରମସୀମା ସହିତ ଏହାର ଆପେକ୍ଷିକ ଗୁରୁତ୍ୱ ସମ୍ପର୍କରେ ଔପନ୍ୟାସିକ ସଚେତନ ହେବା ଆବଶ୍ୟକ । ଉପନ୍ୟାସର ଉପସଂହାର ଔପନ୍ୟାସିକଙ୍କର ସମସ୍ତ କଳାକୁଶଳତାର ନିକଷ, କାରଣ ଉପସଂହାରରେ ସାମାନ୍ୟ ତ୍ରୁଟି ଫଳରେ ମଧ୍ୟ ଉପନ୍ୟାସର ମହତ୍ତ୍ୱ ନଷ୍ଟ ହୋଇ ପାରେ । 'ପ୍ଲଟ୍'ର ଯୁକ୍ତିଯୁକ୍ତ ଶେଷ ପରିଣତି

ରୂପେ ଏହା ରହିବା ଆବଶ୍ୟକ । ଅନ୍ୟ ପକ୍ଷରେ ଉପସଂହାର ଯଦି ଆକସ୍ମିକ ହୁଏ ତାହାହେଲେ ପାଠକମନରେ ସନ୍ଦେହର ଛାୟା ଦେଖା ଦିଏ ଓ ପାଠକ ତାହା ଗ୍ରହଣ କରିବାକୁ ଅକ୍ଷମ ହୁଏ । ସମୟେ ସମୟେ କେତେକ ଦକ୍ଷ ଔପନ୍ୟାସିକ ଉପସଂହାରରେ 'ପ୍ଲଟ୍'ର ଯବନିକା ନ ଟାଣି ଉପସଂହାରକୁ ଏପରି ସୁନ୍ଦର ଭାବରେ ସଙ୍କେତପୂର୍ଣ୍ଣ (suggestive) କରି ପାରନ୍ତି ଯେ ପାଠକ ଘଣ୍ଟା ଘଣ୍ଟା ଧରି ସେ ବିଷୟ ଚିନ୍ତା କରିବାକୁ ବାଧ୍ୟ ହୁଏ । ବାସ୍ତବିକ ଏପରି ତୀବ୍ର ଆବେଗମୟ ଉପସଂହାରରେ ଔପନ୍ୟାସିକଙ୍କର ଦକ୍ଷତା ବିଶେଷ ଭାବରେ ପରିସ୍ଫୁଟ ହୁଏ । ଉପନ୍ୟାସରେ କଥାବସ୍ତୁର ଅବତାରଣା, ବିକାଶ, ଚରମସୀମାରେ ଉପସ୍ଥିତି ଏବଂ ପରିଶେଷରେ ଉପସଂହାର ଔପନ୍ୟାସିକଙ୍କ ପକ୍ଷରେ ଏକ ପରୀକ୍ଷା । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଲେ ଔପନ୍ୟାସିକଙ୍କର ମହତ୍ତ୍ୱ ପ୍ରତିପାଦିତ ହୁଏ ।

ଉପନ୍ୟାସ ଘଟଣାପ୍ରଧାନ ହୋଇପାରେ ବା ଚରିତ୍ରପ୍ରଧାନ ହୋଇପାରେ । ଅବଶ୍ୟ ପ୍ରତ୍ୟେକ ଉପନ୍ୟାସରେହିଁ ଘଟଣା ଓ ଚରିତ୍ର ଉଭୟର ସମାବେଶ ଥାଏ ଏବଂ ଉଭୟଙ୍କର ପାରସ୍ପରିକ ପ୍ରଭାବରେହିଁ ଉପନ୍ୟାସର 'ପ୍ଲଟ୍' ବିକାଶ ଲଭ କରେ, କିନ୍ତୁ କେତେକ ଉପନ୍ୟାସରେ ଘଟଣାଗୁଡ଼ିକୁ ଏତେ ଗୁରୁତ୍ୱ ଦିଆଯାଏ ଯେ ସମୟେ ସମୟେ ଘଟଣା ପ୍ରବାହ ସହିତ ସାମଞ୍ଜସ୍ୟ ରଖିବା ଉଦ୍ଦେଶ୍ୟରେ ଚରିତ୍ରର ପ୍ରକୃତିରେ ପରିବର୍ତ୍ତନ ଆଣିବାକୁ ଔପନ୍ୟାସିକ ବାଧ୍ୟ ହୁଅନ୍ତି । ଏପରି ଉପନ୍ୟାସ ଘଟଣାପ୍ରଧାନ । ଦ୍ୱିତୀୟ ପ୍ରକାର ଉପନ୍ୟାସରେ ଚରିତ୍ର ଉପରେ

ଉପନ୍ୟାସରେ ଚରିତ୍ରିକ ବିକାଶରେ ସହାୟକ ଘଟଣାଗୁଡ଼ିକର ମୁଖ୍ୟତଃ ସମାବେଶ ହୁଏ । କେତେକ ସ୍ଥଳରେ 'ପ୍ଲଟ୍' ସହିତ ଦୃଢ଼ ଭାବରେ ସଂଶ୍ଳିଷ୍ଟ ନ ହେଲେ (ସମସ୍ତ ସମୟରେ ଅବାନ୍ତର ହେଲେ) ମଧ୍ୟ କେତେକ ଘଟଣାକୁ ଚରିତ୍ରର ପରିସ୍ଫୁଟନ ପାଇଁ ଔପନ୍ୟାସିକ ବର୍ଣ୍ଣନା କରନ୍ତି । ଏପରି ଉପନ୍ୟାସ ଚରିତ୍ରପ୍ରଧାନ ।

( ୩ )

ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଔପନ୍ୟାସିକ ଭାବରେ ଫକୀର-ମୋହନଙ୍କ ଆବିର୍ଭାବ ପୂର୍ବରୁ ଓଡ଼ିଆ ସାହିତ୍ୟ ଯେ ଉପନ୍ୟାସ ଶୂନ୍ୟ ଥିଲା ତାହା ନୁହେଁ, ୧୮୭୮ ମସିହାରେ **ଉତ୍କଳ ମଧୁପ** ନାମକ ମାସିକ ପତ୍ରିକା ପ୍ରକାଶ କରି ରାମଶଙ୍କର ରାୟ ସେଥିରେ ଧାରାବାହିକରୂପେ ତାଙ୍କର ***ସୌଦାମିନୀ*** ଉପନ୍ୟାସ ପ୍ରକାଶ କରୁଥିଲେ । ଗ୍ରାହକ ଅଭାବରୁ ପତ୍ରିକାଟି ବନ୍ଦ ହୋଇଗଲା ଏବଂ ତେଣୁ ଉପନ୍ୟାସଟି ଅପ୍ରକାଶିତ ରହିଲା । ଲେଖକ ***ସୌଦାମିନୀ*** ଉପନ୍ୟାସକୁ ସମ୍ପୂର୍ଣ୍ଣ କରିଥିଲେହେଁ ପାଠ୍ୟପୁସ୍ତକ ହେବାର ଆଶା ନ ଥିବାରୁ ଉପନ୍ୟାସଟି ପ୍ରକାଶ ପାଇ ପାରିଲା ନାହିଁ । **ଇନ୍ଦ୍ରଧନୁ** ପତ୍ରିକା ପାଇଁ ରାମଶଙ୍କର ***ଅନୁରାଗିନୀ*** ନାମକ ଉପନ୍ୟାସ ଲେଖୁଥିଲେ; କିନ୍ତୁ ପତ୍ରିକାଟି ବନ୍ଦ ହୋଇ ଯିବାରୁ ଉପନ୍ୟାସର ଲେଖା ମଧ୍ୟ ଅସମ୍ପୂର୍ଣ୍ଣ ରହିଲା । ୧୮୯୧ ମସିହାରେ ରାମଶଙ୍କରଙ୍କ ***ବିବାସିନୀ***

ଉପନ୍ୟାସ ପ୍ରକାଶିତ ହୋଇଥିଲା । ୧୮୮୮ ମସିହାରେ ଉମେଶଚନ୍ଦ୍ର ସରକାରଙ୍କର **ପଦ୍ମମାଳୀ** ଆତ୍ମପ୍ରକାଶ କରିଥିଲା । **ମୁକୁର** ପତ୍ରିକାରେ 'ଉଦାସୀ' ଛଦ୍ମନାମରେ ଉମେଶଚନ୍ଦ୍ର **କେନ୍ଦୁଝର ବିଦ୍ରୋହ** ନାମକ ଏକ ଐତିହାସିକ ଉପନ୍ୟାସ ପ୍ରକାଶ କରୁଥିଲେ, କିନ୍ତୁ ଏହା ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା । ଗୋପାଳବଲ୍ଲଭ ଦାସ **ଭୀମାଭୁୟାଁ** ନାମକ ଉପନ୍ୟାସ ୧୯୦୮ ମସିହାରେ ପ୍ରକାଶ କରିଥିଲେ । ପ୍ରଥମ ଅବସ୍ଥାରେ ପ୍ରକାଶ ସମୟରେ ନୂତନତ୍ୱ ଦୃଷ୍ଟିରୁ ପ୍ରକାଶିତ ତିନୋଟି ଉପନ୍ୟାସ **ପଦ୍ମମାଳୀ ବିବାସିନୀ ଓ ଭୀମାଭୁୟାଁ** ପାଠକମାନଙ୍କଦ୍ୱାରା ଆଦୃତ ହୋଇଥିଲେହେଁ ଉପନ୍ୟାସର କଳା ଦୃଷ୍ଟିରୁ ଏଥିରେ ବହୁ ତ୍ରୁଟି ପରିଲକ୍ଷିତ ହୁଏ । କ୍ଲିଷ୍ଟ ଭାଷା, ପ୍ରକୃତିର ବିସ୍ତୃତ ବର୍ଣ୍ଣନାରେ ଅବାନ୍ତରତା, ଗଠନରେ ଶିଥିଳତା, ତଗଡ଼ମାଳୀର ପ୍ରାଚୁର୍ଯ୍ୟ, ସଂସ୍କୃତଶ୍ଳୋକ ଓ କବିତାଂଶର ବହୁଳ ପ୍ରୟୋଗ ଫଳରେ ଏହାର ଐକ୍ୟ ନଷ୍ଟ ହେବା ସଙ୍ଗେ ସଙ୍ଗେ ପାଠକମନରେ ସ୍ଥାୟୀ ପ୍ରଭାବ ପକାଇବା ପାଇଁ ଏହା ଅସମର୍ଥ । **ପଦ୍ମମାଳୀ** ଓ **ବିବାସିନୀ** ସ୍ଥାନେ ସ୍ଥାନେ ବଙ୍ଗଭାଷାଦ୍ୱାରା ମଧ୍ୟ ପ୍ରଭାବିତ ।

ଉମେଶଚନ୍ଦ୍ର ତାଙ୍କର **ପଦ୍ମମାଳୀ** ଉପନ୍ୟାସର ମୁଖବନ୍ଧରେ ସ୍ୱୀକାର କରି ଅଛନ୍ତି, "ଉତ୍କଳ ସାହିତ୍ୟରେ ବର୍ତ୍ତମାନ ଅବସ୍ଥାରେ ସ୍ୱକପୋଳକଳ୍ପିତ ଗ୍ରନ୍ଥ ରଚନା କରିବାକୁ ଅସୀମ ସାହସିକତାର କାର୍ଯ୍ୟ ବୋଲିବାକୁ ହେବ । × × × ଉତ୍କଳଭାଷାନଭିଜ୍ଞ ଆମ୍ଭେ ହାସ୍ୟାସ୍ପଦ ହେବୁଁ ଜାଣି ସୁଦ୍ଧା ଏ ଅନୁଷ୍ଠାନରେ ବ୍ରତୀ ହୋଇଅଛୁଁ ।"

ଓଡ଼ିଆ ସାହିତ୍ୟରେ ବାସ୍ତବିକ ପ୍ରଥମ ସର୍ବାଙ୍ଗସୁନ୍ଦର ଉପନ୍ୟାସ ହେଉଛି ଫକୀରମୋହନଙ୍କ **ଛମାଣ ଆଠଗୁଣ** । **ଛମାଣ ଆଠଗୁଣରେ**

ପ୍ରକାଶ ସଙ୍ଗେ ସଙ୍ଗେ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏକ ନୂତନ ଯୁଗର ସୂତ୍ରପାତ ହେଲା 'ପ୍ଲଟ୍', ଚରିତ୍ରଚିତ୍ରଣ, ଭାଷା, ରଚନା-ଶୈଳୀ ସମସ୍ତ ଦିଗରୁ ଏହା ଓଡ଼ିଆ ସାହିତ୍ୟକୁ ଏକ ଅନବଦ୍ୟ ଅବଦାନ । ଏହାର ପ୍ରକାଶ ଦିନଠାରୁ ଓଡିଆସାହିତ୍ୟରେ ଅସଂଖ୍ୟ ଉପନ୍ୟାସ ଆତ୍ମପ୍ରକାଶ କଲେଣି । କିନ୍ତୁ ଏହି ଉପନ୍ୟାସଟି ପାଠକ ଚିତ୍ତକୁ ଏତେ ପ୍ରଭାବିତ କରିଛି ଯେ ଅନ୍ୟ କୌଣସି ଉପନ୍ୟାସ ଏ ଦିଗରେ ତାହାର ପ୍ରତିଦ୍ୱନ୍ଦ୍ୱୀ ହୋଇ ପାରି ନାହିଁ । ସମାଲୋଚକର କଷଟି ପଥରରେ ବିଭିନ୍ନ ଦୃଷ୍ଟିକୋଣରୁ ଏହାର ପରଖ ହୋଇ ଯାଇଛି, କିନ୍ତୁ ଏହାର ପ୍ରାଧାନ୍ୟ କ୍ଷୁଣ୍ଣ ହୋଇ ନାହିଁ ।

ଫକୀରମୋହନଙ୍କ ସମୟରେ ପୁସ୍ତକ ପ୍ରକାଶ କରିବା ଏକ ଦୁରୂହ ବ୍ୟାପାର ଥିଲା । ସେ ସମୟରେ ପୁସ୍ତକ ପ୍ରକାଶ ସଂସ୍ଥା ନ ଥିଲା । କେବଳ ସେତିକି ନୁହେଁ, ଉପନ୍ୟାସ ପ୍ରକାଶିତ ହେବା ପରେ କେତେ ଖଣ୍ଡ ଉପନ୍ୟାସ ଯେ ବିକ୍ରୀତ ହେବ ତାହାର କିଛି ସ୍ଥିରତା ନ ଥିଲା । ଏପରିକି ଅନେକ ପାଠକ ପୁସ୍ତକ କ୍ରୟ କରି ମଧ୍ୟ ତାର ମୂଲ୍ୟ ଦେଉ ନ ଥିଲେ । ୨୧-୧୦-୧୯୧୫ ତାରିଖରେ ଫକୀରମୋହନ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କୁ ଲେଖିଛନ୍ତି, "ବର୍ତ୍ତମାନ କେତେ ଜଣ *ମାମୁ* ନେଇ ଦାମ ଦେଇ ନାହାନ୍ତି, କେବେ ଦେବେ ଜାଣେ ନାହିଁ ।"* ଏପରି ଅବସ୍ଥାରେ କୌଣସି ଲେଖକ ତାଙ୍କ ପୁସ୍ତକ ପ୍ରକାଶ କରିବାକୁ

*ପତ୍ରିକା କ୍ଷେତ୍ରରେ ମଧ୍ୟ ଅବସ୍ଥା ସମାନ । ଫକୀରମୋହନଙ୍କ ***ବୋଧଦାୟିନୀ ଏବଂ ବାଲେଶ୍ୱର ସମ୍ବାଦ ବାହିକା*** ପତ୍ରିକା ସମ୍ପର୍କରେ ତାଙ୍କ ଆତ୍ମ ଚରିତରେ ସେ ଲେଖିଛନ୍ତି, "ପ୍ରାୟ ଚାଳିଶି, ପଚାଶ ଜଣ ପତ୍ରିକାର ଗ୍ରାହକ ଥିଲେ । ଆଠ ଦଶ ଜଣଙ୍କ ଠାରୁ ମୂଲ୍ୟ ଆଦାୟ ହେଉଥିଲା ।"

ଗୃହିଲେ ପ୍ରକାଶ ନିମିତ୍ତ ବ୍ୟୟଭାର ବହନ କରିବାକୁ ସେ ନିଜେ ବାଧ୍ୟ ହେଉଥିଲେ । ୨୧-୧୦-୧୯୧୫ ତାରିଖରେ ସେ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କୁ ଲେଖିଛନ୍ତି, "*ମାମୁ* ଖଣ୍ଡ ଅସମ୍ପୂର୍ଣ୍ଣ ଭାବରେ ଲେଖା ହୋଇଛି । ସମ୍ପୂର୍ଣ୍ଣ ଭାବରେ ଲେଖା ହୋଇଥିଲେ ଛପା ଖର୍ଚ୍ଚ ୪୦୦୦ ପର୍ଯ୍ୟନ୍ତ ଲାଗିଥାନ୍ତା । ବ୍ୟୟ ଲାଘବ ନିମନ୍ତେ ତିନି ଚାରି ପରିଚ୍ଛେଦ କାଟି ଦେଇଛି । ସୁତରାଂ ଅନେକ ନାୟକ ନାୟିକା ଚରିତ୍ର ଫୁଟିଲେ ନାହିଁ ।"

ଆଜିକାଲି ଫକୀରମୋହନଙ୍କ ଉପନ୍ୟାସ ମଧ୍ୟରୁ କେତେଖଣ୍ଡି ପାଠ୍ୟପୁସ୍ତକ ହେବା ଫଳରେ ତାଙ୍କ ଉପନ୍ୟାସର ବିକ୍ରି ବଢ଼ିଛି । ୧୯୧୫ ସାଲରେ ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକୁ ପାଠ୍ୟପୁସ୍ତକ କରିବା ପାଇଁ କ୍ଷୀଣ ଉଦ୍ୟମ ହୋଇଥିଲା ସତ, କିନ୍ତୁ ଏ ଉଦ୍ୟମ ସଫଳ ହୋଇ ନ ଥିଲା । ପରିସ୍ଥିତିର ଏହି ପ୍ରତିକୂଳତା ସତ୍ତ୍ୱେ ଫକୀର-ମୋହନ ଚାରିଟଗୋଟି ଉପନ୍ୟାସ ପ୍ରକାଶ କରିବାକୁ ସମର୍ଥ ହୋଇଥିଲେ ।

ଫକୀରମୋହନଙ୍କ ଉପନ୍ୟାସ ରଚିତ ହେବା ସମୟରେ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ଦ୍ୱାରା ପ୍ରକାଶିତ *ଉତ୍କଳ ସାହିତ୍ୟ* ଓଡ଼ିଆ ସାହିତ୍ୟର ବିକାଶ ଓ ଅଭିବୃଦ୍ଧି ଦିଗରେ ପ୍ରଧାନ ଅବଲମ୍ବନ ଥିଲା । ସାହିତ୍ୟ ଆଲୋଚନାର ଏହା ଥିଲା ତୀର୍ଥଭୂମି । ଏହାର ତୀର୍ଥଯାତ୍ରୀମାନଙ୍କର ସାଧନାହିଁ ଥିଲା ଏକମାତ୍ର କାମନା । ରୁଚି ବା ମତବାଦର ସଙ୍କୀର୍ଣ୍ଣତା ସେମାନଙ୍କ ମନକୁ କାଳିମାମୟ କରି ପାରି ନ ଥିଲା । ଶ୍ରୀଯୁକ୍ତ ବିଶ୍ୱନାଥ ଥିଲେ ସମସ୍ତଙ୍କର ଅଗାଧ ଭକ୍ତି ଓ ବିଶ୍ୱାସର ପାତ୍ର । ଫକୀରମୋହନଙ୍କ ଉପନ୍ୟାସ ପ୍ରକାଶ ପାଇଁ ଶ୍ରୀଯୁକ୍ତ ବିଶ୍ୱନାଥ ଯେଉଁ ପ୍ରଚେଷ୍ଟା

କରଛନ୍ତି ତାହା ବାସ୍ତବିକ ପ୍ରଶଂସାର୍ହ । *ଉତ୍କଳ ସାହିତ୍ୟ*ର ୧୩୦୪ ସାଲ କାର୍ତ୍ତିକ ସଂଖ୍ୟା (ଅକ୍ଟୋବର ୧୮୯୭) ଠାରୁ *ଛମାଣ ଆଠଗୁଣ୍ଠ*ରେ ପ୍ରକାଶ ଆରମ୍ଭ ହେଲା, ଏବଂ ୧୮୯୯ର ପ୍ରାରମ୍ଭରେ ଏହା ସମାପ୍ତ ହୋଇଥିଲା । ୧୯୦୨ ମସିହାରେ *ଉତ୍କଳ ସାହିତ୍ୟ* ପ୍ରେସରୁ ମୁଦ୍ରିତ ହୋଇ ଏହାର ପ୍ରଥମ ସଂସ୍କରଣ ପୁସ୍ତକାକାରରେ ପ୍ରକାଶ ପାଇଲା । ଏହାର ପନ୍ଦର ବର୍ଷ ପର୍ଯ୍ୟନ୍ତ ତାଙ୍କର ଅନ୍ୟ କୌଣସି ଉପନ୍ୟାସ ପ୍ରକାଶିତ ହୋଇ ପାରିଲା ନାହିଁ । କିନ୍ତୁ ଏହି ସମୟ ଭିତରେ ଫକୀରମୋହନଙ୍କ ପ୍ରତିଭା ନିଷ୍କ୍ରିୟ ହୋଇ ନ ଥିଲା । ପୁସ୍ତକାକାରରେ ତାଙ୍କର ଅନ୍ୟ କୌଣସି ଉପନ୍ୟାସ ପ୍ରକାଶିତ ନ ହେଲେ ମଧ୍ୟ ବିଂଶ ଶତାବ୍ଦୀର ପ୍ରାରମ୍ଭରେହିଁ ତାଙ୍କର *ଲଛମା* ରଚିତ ହୋଇଅଛି ଏବଂ *ଅପୂର୍ବ ମିଳନ* ନାମରେ *ଉତ୍କଳ ସାହିତ୍ୟ*ରେ ପ୍ରକାଶିତ ହୋଇଅଛି । *ଉତ୍କଳ ସାହିତ୍ୟ*ର ୧୩୦୮ ସାଲ ଶ୍ରାବଣ ସଂଖ୍ୟା ( ଜୁଲାଇ ୧୯୦୩ ) ରେ ଏହାର ସମାପ୍ତି ହୋଇଅଛି । ୧୯୧୩ ମସିହା ଅପ୍ରେଲ, ମେ ସଂଖ୍ୟା *ଉତ୍କଳ ସାହିତ୍ୟ*ରୁ ଏହା ପୁସ୍ତକାକାରରେ ଯନ୍ତ୍ରସ୍ଥ ଥିବାର ଖବର ମିଳେ ଏବଂ ୧୯୧୪ ମସିହା ଅପ୍ରେଲ ୩୦ ତାରିଖରେ କଟକର ମୁକୁର ପ୍ରେସରୁ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଏ । ୧୯୧୩ ମସିହାର ପ୍ରଥମାର୍ଦ୍ଧରେ *ମାମୁଁ* ରଚିତ ହୁଏ ଏବଂ ବୈଶାଖ ଜ୍ୟେଷ୍ଠ ୧୩୨୦ ସାଲ ( ଅପ୍ରେଲ, ମେ ୧୯୧୩) ସଂଖ୍ୟା *ଉତ୍କଳ ସାହିତ୍ୟ*ରେ ଏ ପୁସ୍ତକ ମୁଦ୍ରିତ ହେଉଥିବାର ସମ୍ବାଦ ମିଳେ । ୧୯୧୩ ମସିହା ସେପେଟମ୍ବର ୮ ତାରିଖରେ ଉତ୍କଳ ସାହିତ୍ୟ ପ୍ରେସରୁ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଏ ଏବଂ ୧୯୧୭ ମସିହା ଅକ୍ଟୋବରରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୁଏ ।

ତାଙ୍କର ***ପ୍ରାୟଶ୍ଚିତ୍ତ*** ଉପନ୍ୟାସ ୧୯୧୪ ମସିହାର ମଧ୍ୟ ଭାଗରେ ରଚିତ ହୋଇଥିବାର ଜଣାପଡ଼େ । ୯-୪-୧୯୧୪ ତାରିଖରେ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ନିକଟକୁ ଲେଖା ହୋଇଥିବା ଗୋଟିଏ ପତ୍ରରେ ସେ ଉଲ୍ଲେଖ କରିଛନ୍ତି, "ମୋ ଉପନ୍ୟାସ ପ୍ରାୟ ***ସାହିତ୍ୟ***ର ୬୦ ପୃଷ୍ଠା ଗଲାଣି । ଆଉ କେତେ ଦୂର ଯିବ ମୁଁ ବୁଝି ପାରୁନାହିଁ ।" ଶ୍ରାବଣ ୧୩୨୨ ସାଲ ( ଜୁଲାଇ ୧୯୧୫ )ର ***ଉତ୍କଳ ସାହିତ୍ୟ***ରେ ଏ ପୁସ୍ତକ "ଯନ୍ତ୍ରସ୍ଥ ଏବଂ ଆଗାମୀ ପୂଜା ପୂର୍ବରୁ ପ୍ରକାଶିତ ହେବ" ବୋଲି ସମ୍ବାଦ ପ୍ରକାଶ ପାଏ ଏବଂ ୧୯୧୫ ସେପ୍ଟେମ୍ବର ୧୦ ତାରିଖରେ ଉତ୍କଳ ସାହିତ୍ୟ ପ୍ରେସରୁ ଏହାର ପ୍ରଥମ ସଂସ୍କରଣ ପ୍ରକାଶିତ ହୁଏ । ଆଶ୍ୱିନ ୧୩୨୩ ସାଲ (ସେପ୍ଟେମ୍ବର ୧୯୧୫ ) ର ***ଉତ୍କଳ ସାହିତ୍ୟ***ରେ ଏହି ଉପନ୍ୟାସ ପ୍ରକାଶିତ ହେବାର ସମ୍ବାଦ ମିଳେ । ଫକୀରମୋହନଙ୍କର ଏହି ଚାରିଗୋଟି ମାତ୍ର ଉପନ୍ୟାସ ପ୍ରକାଶ ପାଇଥିଲେ ମଧ୍ୟ ***ବିଷମଣି*** ନାମରେ ଆଉ ଗୋଟିଏ ଉପନ୍ୟାସ ସେ ୧୯୧୭ ମସିହାରେ ଲେଖିବାକୁ ଆରମ୍ଭ କରିଥିଲେ । ୪-୪-୧୯୧୭ ତାରିଖରେ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କୁ ଦେଇଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି, "ଆପଣଙ୍କର ଫରମାସ ଆସିବ ଜାଣି ଗୋଟିଏ ଗଳ୍ପ ଲେଖିବାକୁ ଆରମ୍ଭ କରିଅଛି—ଗଳ୍ପଟିର ନାମ ***ବିଷମଣି*** । ଏ ପର୍ଯ୍ୟନ୍ତ ***ସାହିତ୍ୟ*** ଆକାରରେ ୩ ଫର୍ମା ଅର୍ଥାତ୍ ୨୪/୨୫ ପୃଷ୍ଠା ପର୍ଯ୍ୟନ୍ତ ହୋଇ ଗଲାଣି । ସଂସାରର ଏବଂ ବଲାଇ ଚଉଦର ନାନା ଜଟିଳ ସମସ୍ୟା ଆସି ପଡ଼ି ଯାଉଛି । ସମସ୍ତ ମୀମାଂସା କରି ଲେଖିବାକୁ ଗଲେ ***ସାହିତ୍ୟ***ରେ ୫୦ ପୃଷ୍ଠା ପର୍ଯ୍ୟନ୍ତ ହୋଇ ଯାଇପାରେ । "

ଫକୀରମୋହନ ତାଙ୍କର ଉପନ୍ୟାସଗୁଡ଼ିକ ୧୮୯୭ ମସିହାଠାରୁ ୧୯୧୭ ମସିହା ମଧ୍ୟରେ ଲେଖିଥିଲେ । ଏହି କୋଡ଼ିଏ ବର୍ଷ ମଧ୍ୟରେ ସେ କେବଳ ତାଙ୍କର ସମ୍ପୂର୍ଣ୍ଣ ହୋଇଥିବା ଚାରିଗୋଟି ଉପନ୍ୟାସ ପ୍ରକାଶ କରି ପାରିଥିଲେ । ତାଙ୍କର ଶେଷ ଉପନ୍ୟାସ ***ବିଜୟିନୀ*** ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ ଏବଂ ଏହା ଯେ ଲୋକଲୋଚନ-ଗୋଚରକୁ ଆସିବ ଏଥିରେ ସନ୍ଦେହ ହେବା ସ୍ୱାଭାବିକ । କେବଳ ଚାରିଗୋଟି ଉପନ୍ୟାସ ଲେଖି ଫକୀରମୋହନ ଓଡ଼ିଆ ଉପନ୍ୟାସ ଜଗତରେ ଯୁଗାନ୍ତକାରୀ ପରିବର୍ତ୍ତନ ସୃଷ୍ଟି କରିଅଛନ୍ତି । ବର୍ତ୍ତମାନ ବହୁ ଉପନ୍ୟାସ ରଚିତ ହୋଇଥିଲେହେଁ କୌଣସି ଔପନ୍ୟାସିକ ଉପନ୍ୟାସ କଳାରେ ତାଙ୍କୁ ଏ ପର୍ଯ୍ୟନ୍ତ ଅତିକ୍ରମ କରି ପାରି ନାହାନ୍ତି । ତାଙ୍କ ପରି ପ୍ରତିଭାଶାଳୀ ଔପନ୍ୟାସିକଙ୍କଠାରୁ ଅଧିକ ଉପନ୍ୟାସ ଆଶା କରିବା ସ୍ୱାଭାବିକ । କିନ୍ତୁ ଉପନ୍ୟାସ ପ୍ରକାଶରେ ସେ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ସେହି ଦୃଷ୍ଟିରୁହିଁ ତାଙ୍କୁ ବିଚାର କରିବା ଉଚିତ । ପଞ୍ଚାବନ ବର୍ଷ ବୟସରେ ସେ ଉପନ୍ୟାସ ଲେଖା ଆରମ୍ଭ କରିଥିଲେ । ଏକ ପକ୍ଷରେ ବାର୍ଦ୍ଧକ୍ୟର କଷାଘାତ, ଅନ୍ୟପକ୍ଷରେ ତାଙ୍କ ସ୍ୱାସ୍ଥ୍ୟର କ୍ରମାବନତି—ଏ ଦୁହିଁଙ୍କ କବଳରେ ପଡ଼ି ଉପନ୍ୟାସ ଲେଖିବା ତାଙ୍କ ପକ୍ଷରେ ଦୁରୂହ ହୋଇ ପଡ଼ିଥିଲା । କେବଳ ଏତିକ ନୁହେଁ, ପାରିବାରିକ ଓ ମାନସିକ ଅଶାନ୍ତି କଳାସୃଷ୍ଟିରେ ଅନ୍ତରାୟ ସୃଷ୍ଟି କରିଥିଲା । ତାଙ୍କର ଶେଷ ପ୍ରକାଶିତ ଉପନ୍ୟାସ ***ପ୍ରାୟଶ୍ଚିତ୍ତ*** ରୋଗଶଯ୍ୟାରେ ଲିଖିତ ହୋଇଥିଲା । ଉପନ୍ୟାସ ଲେଖିବା ପାଇଁ ଦୀର୍ଘଦିନବ୍ୟାପୀ ଯେଉଁ ମନୋଯୋଗ ଆବଶ୍ୟକ, ଶାରୀରିକ ଓ ମାନସିକ ଅସୁସ୍ଥତା ଦୃଷ୍ଟିରୁ

ତାହା ତାଙ୍କ ପକ୍ଷରେ ସମ୍ଭବପର ହୋଇ ନ ଥିଲା, ତଥାପି ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କର ଅନୁରୋଧକୁ ଉପେକ୍ଷା କରି ନ ପାରି ସେ ଗଳ୍ପ ରଚନା କଲେ । ଉତ୍କଳ ସାହିତ୍ୟଭଣ୍ଡାର ତାଙ୍କର ଅନ୍ୟ କୌଣସି ପୂର୍ବସୂରୀଙ୍କ ଉପନ୍ୟାସରେ ସମୃଦ୍ଧିଶାଳୀ ହୋଇ ପାରିଲା ନାହିଁ ସତ, କିନ୍ତୁ ତାଙ୍କର ଅପୂର୍ବ ଗଳ୍ପଦ୍ୱାରା ଏ ଅଭାବ ଯଥେଷ୍ଟ ପରିମାଣରେ ଦୂରୀଭୂତ ହୋଇଅଛି । ଦୀର୍ଘ ଉପନ୍ୟାସଦ୍ୱାରା ସେ ଯେଉଁ ରହ ସଞ୍ଚୟ କରି ଯାଇ ପାରିଥାନ୍ତେ ତାହା ତାଙ୍କ କ୍ଷୁଦ୍ରଗଳ୍ପ ମାଧ୍ୟମରେ ପୂରଣ ହୋଇଅଛି । ଔପନ୍ୟାସିକଙ୍କ ମହତ୍ତ୍ୱ ଉପନ୍ୟାସର ସଂଖ୍ୟା ଉପରେ ନିର୍ଭର କରେ ନାହିଁ । ମାତ୍ର ଗୁଟିଏ ଉପନ୍ୟାସରେ ଫକୀରମୋହନ ଓଡ଼ିଶାର ଦୀର୍ଘ ଦୁଇଶତ ବର୍ଷର ଚିତ୍ର ଯେପରି ଦକ୍ଷତାର ସହିତ ଅଙ୍କନ କରି ପାରିଅଛନ୍ତି, ତାହା ତାଙ୍କର ପ୍ରତିଭାର ଶ୍ରେଷ୍ଠ ପ୍ରମାଣ । କେବଳ କଥାବସ୍ତୁ ନୁହେଁ, ଯେଉଁ ଜୀବନ୍ତ ଚରିତ୍ରଗୁଡ଼ିକ ସେ ସୃଷ୍ଟି କରିଅଛନ୍ତି ଏବଂ ଭାଷା ଓ ବର୍ଣ୍ଣନା କ୍ଷେତ୍ରରେ ସେ ଯେଉଁ ଅସାଧାରଣ ନୈପୁଣ୍ୟ ଦେଖାଇ ଅଛନ୍ତି, ତାହା ପରବର୍ତ୍ତୀ ଯୁଗ ପାଇଁ ଆଲୋକବର୍ତ୍ତିକା ତୁଲ୍ୟ କାର୍ଯ୍ୟ କରୁଅଛି । ବାସ୍ତବିକ ଉତ୍କଳ ସାହିତ୍ୟ କ୍ଷେତ୍ରରେ ସେ ନବଯୁଗର ସ୍ରଷ୍ଟା ।

( ୪ )

ଜମି ବୋଲି ମୋଟେ ଛମାଣ ଆଠଗୁଣ୍ଠ । ଗର୍ଭର ଜମି, ସେ ପୁଣି ଗୋଟିଏ ଚକରେ, ଗୋବିନ୍ଦପୁର ଗାଁ ତଳେ । ଜମି ଖଣ୍ଡିରେ

ଗାଁ ଧୋୱା ପାଣି ପଶେ, ଭାୱା କଳାନ୍ଦ, ପାଣି ବହୁଳ ହେଉଥିରୁ ଚାବଣା ଧାନ ହୁଏ । "ଜମି ପାଇଲେ ସିଆଣା, ଧାନ ବୁଣିବ ଚାବଣା, ହାତେ ଲମ୍ବ କାଟିବ ସିଂସା, ଝୁରି ମରିବେ ସାଇ ପଡ଼ଶା ।" ଧୋଇ ନାହିଁ, ମରୁଡ଼ି ନାହିଁ । ମାଣକୁ ଫଳେ ଆଠ ଭରଣ । ହେଲେ କଅଣ ହେଲା, ଏ ଜମି ସାକ୍ଷାତ୍ "କୋହିନୂର ମଣି", ଯାହା ଠାରେ ରହେ ତାର ବଂଶ ନାଶ କରିଦିଏ । ଏହି ଜମି ପାଇଁ ବାଘସିଂହ ବଂଶଟା ଲଣ୍ଡଭଣ୍ଡ ହୋଇଗଲା । ଭଗିଆ ଶାରିଆ ଗଲେ, ମଙ୍ଗରାଜ ବଂଶକଥା ହାଟରେ ପଡ଼ି ବାଟରେ ଗଡ଼ଗଡ଼ାଇଲା ।

ପ୍ରାଚୀନ ପାଇକ ଦଳପତିର ବଂଶଧର ବାଘସିଂହ ବଂଶ । ଏମାନଙ୍କ ସାଙ୍ଗିଆ ମଲ୍ଲ । ଜ୍ୟେଷ୍ଠପୁତ୍ରର ଉପାଧି ବାଘସିଂହ । ବାଘସିଂହ ବଂଶ ବୋଲନ୍ତି "ଠେଙ୍ଗା ସର୍ବାର୍ଥ ସାଧିକା" । କିନ୍ତୁ ନଟବର ବାଘସିଂହ ବଡ଼ ସାହାଖର୍ଚ୍ଚୀ, ଜମିଦାରୀ ସବୁ ଉଡ଼ାଇ ଦେଲେ । ତାଙ୍କର ଚାରି ପୁଅ । ସେମାନେ ଅବଶ୍ୟ ବାପ ପରି ଉଡ଼ାବାଜ ନୁହନ୍ତି । ଚାରିଆଡ଼କୁ ନଜର ରଖି ଚାଲନ୍ତି । ଏହି ଜମିଦାର ବାଘସିଂହ ବଂଶ ପଡ଼ି ଆସିଲା ବେଳେ ଖଣ୍ଡେ ଖଣ୍ଡେ ଜମି ବିକ୍ରି ହେଲା । ଆଉ ସେତିକି ବେଳେ ଗୋବିନ୍ଦପୁର ଗାଁ ଛମାଣ ଆଠଗୁଣ୍ଠ ଜମିକୁ ଗୋବିନ୍ଦ କିଣି ନେଲା । ଗୋବିନ୍ଦ ସେ ଗାଁର ପରମାଣିକ । ବାପ ଅନ୍ତେ ପୁଅ ଭଗିଆ ସେ ଜମି ଖଣ୍ଡିକୁ ବଖରା ଦେଇ ମାଣକୁ ପାଞ୍ଚ ଭରଣ ପଚାଶ ନୌତି ଧାନ ପାଏ । କିନ୍ତୁ ଏହି ଜମି ହେଲା ତାର କଣ୍ଟା ।

ଏହି ଜମିକୁ ପାଇବା ପାଇଁ ତିନ ବରଷ କାଳ ଲାଗି ଲାଗି ସେହି ଗାଁର ଜମିଦାର ରାମଚନ୍ଦ୍ର ମଙ୍ଗରାଜ ବିଫଳ ହେଲେ ।

ମଙ୍ଗରାଜ ଥିଲେ ଗରିବର ପୁଅ । ସାତ ବରଷ ବୟସରେ ସେ ଛେଉଣ୍ଡ ହୋଇ ବୁଲୁଥିଲେ । କିନ୍ତୁ ନିଜ ଉଦ୍ୟମରେ ସେ ହେଲେ ବଡ଼ ଲୋକ । ପ୍ରଥମେ ସେ ମେଦିନୀପୁରନିବାସୀ ଜମିଦାର ଶେଖ୍ ଦିଲଦାର ମିଆଁଙ୍କଠାରୁ ଓଡ଼ିଶାରେ ଥିବା ତାଙ୍କର ଫତେପୁର ସରଖଣ୍ଡ ଜମିଦାରିର ସରବରାକାରୀ ଓ ସମସ୍ତ କ୍ଷମତା ହାସଲ କଲେ । ସମୟ ଗଡ଼ି ଚାଲିଲା—ମଙ୍ଗରାଜ ମୁସାହେବମାନଙ୍କୁ ହାତ କରି ଦିଲୁ ମିଆଁ ନିଶାରେ ପଡ଼ିଥିବା ଅବସ୍ଥାରେ ତିରିଶ ହଜାର ଟଙ୍କାର ଖଣ୍ଡିଏ ତମସୁକ କରାଇ ନେଲେ ଓ ପରେ ମକଦମା କରି ଜମିଦାରୀ ଦଖଲ କଲେ । ତାଙ୍କର ଶ୍ୟେନ ଦୃଷ୍ଟିରୁ ରକ୍ଷା ନ ପାଇ ସେ ଗାଁର ଖଣ୍ଡିକ ପରେ ଖଣ୍ଡିଏ ଜମି କଣ୍ଟକବଲାଦ୍ୱାରା ତାଙ୍କ ହାତକୁ ଗଲା । ଯେଉଁ ଜମି ତାଙ୍କ ହାତକୁ ଗଲା ସେ ଆଉ ଫେରିଲା ନାହିଁ । ଚମ୍ପା ଥିଲା ମଙ୍ଗରାଜଙ୍କ ପୋଇଲି । ସେ କିନ୍ତୁ ଖାଲି ପୋଇଲି ନ ଥିଲା, ସେ ଥିଲା ତାଙ୍କ ହାତବାରସୀ । ସବୁକାମରେ ସେ ଥିଲା ତାଙ୍କର ପରାମର୍ଶଦାତ୍ରୀ । ଭଗିଆ ଓ ଶାରିଆ ଥିଲେ ନିଃସନ୍ତାନ ଏବଂ ଏଥିଲାଗି ଥିଲା ତାଙ୍କ ମନରେ ଗଭୀର ଦୁଃଖ । ଚମ୍ପାର କୌଶଳରେ ଗାଁର ବୁଢ଼ୀମଙ୍ଗଳା କଥା କହିଲେ, ଶାରିଆ ତାଙ୍କ ଦେଉଳ ତୋଳି ଦେଲେ ତାର ତିନୋଟି ପୁଅ ହେବ, ଆଉ ନ ତୋଳିଲେ, ସେ ହେବ ବିଧବା । କେନ୍ଦ୍ରାପଡ଼ାର ବଳଦେବଙ୍କ ମନ୍ଦିର ପରି "ଠିକ୍ ସେତିକି ଉଞ୍ଚା ସେତିକି ଚଉଡ଼ା" ମନ୍ଦିର ତୋଳିବା ଆଶାରେ ଭଗିଆ ଜମି ଖଣ୍ଡିକର କଣ୍ଟକବଲା ଲେଖିଦେଲା ମଙ୍ଗରାଜଙ୍କ ନାଁରେ । ତିନି ବରଷର ବିଫଳତା ପରେ ଚମ୍ପା

ସାହାଯ୍ୟରେ ସେହି କଳନ୍ଦ ଛମାଣ ଆଠଗୁଣ୍ଠ ଜମି ମଙ୍ଗରାଜଙ୍କ ହାତକୁ ଗଲା । ପରେ ପରେ ଭଗିଆ ନାମରେ ନାଲିସ ହେଲା । ଜମିଖଣ୍ଡିକର ମାଲିକ ହେଲେ ମଙ୍ଗରାଜ । ଭଗିଆ ହେଲା ପାଗଳ, ଶେଷରେ ସେ ରହିଲା ଜେଲରେ, ଆଉ ଶାରଆ ଶୋକ ଉପାସରେ ମଙ୍ଗରାଜଙ୍କ ଦୁଆରେ ଧାରଣା ଦେଲା ଏବଂ ଶେଷରେ ସେଇଠି ହେଲା ତାର ମୃତ୍ୟୁ ।

ଜମିଖଣ୍ଡିକ ହାତକୁ ଆସିବା ପରେ ପରେ ମଙ୍ଗରାଜଙ୍କ ଭାଗ୍ୟରବି ଅସ୍ତମିତ ହେଲା । ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହେଲା । ସେ ଭଗିଆର ନେତ ଗାଈ ଚୋରି କରିବା ଅପରାଧରେ ଛଅ ମାସ ସଶ୍ରମ କାରାଦଣ୍ଡ ପାଇଲେ । ଅନ୍ୟ ବନ୍ଦୀମାନଙ୍କର ପ୍ରହାର ଓ ଭଗିଆର ନାକକାମୁଡ଼ା ଫଳରେ ଗୁରୁତର ଆହତ ହୋଇ ମଙ୍ଗରାଜ ଜେଲରୁ ଫେରି ଆସି ପାରିଲେ ଘରକୁ । ଯେଉଁ ସ୍ଥାନରେ ତାଙ୍କର ସ୍ତ୍ରୀ ପ୍ରାଣ ଛାଡ଼ିଥିଲେ ଠିକ୍ ସେହି ସ୍ଥାନରେ ହେଲା ତାଙ୍କର ମୃତ୍ୟୁ । ମରିବା ସମୟରେ ତାଙ୍କ ପାଟିରୁ ହାଉଳି ଖାଇ କଥା ପଦକ ବାହାରିଲା, "ଅ—ମା—ଆ—ଗୁଁ ।"

"ଲୋକମାନେ ସିନା କହନ୍ତି, ଗୋବିନ୍ଦପୁର ଗାଁ ତଳର ଛମାଣ ଆଠଗୁଣ୍ଠ ଜମି ପରି ଆଉ କଳନ୍ଦ ନାହିଁ, ମାତ୍ର ଜମିଟା ଘରବୁଡ଼ା ।"

ଆଲୋଚ୍ୟ ଉପନ୍ୟାସର କଥାବସ୍ତୁ ଦୁଇ ବିଭିନ୍ନ ଦିଗରୁ ବିଚାର୍ଯ୍ୟ । ଉପନ୍ୟାସର ନାମ ଦୃଷ୍ଟିରୁ ବିଚାର କଲେ ଗୋବିନ୍ଦପୁର ଗାଁ ରି ସେହି କଳନ୍ଦ ଛମାଣ ଆଠଗୁଣ୍ଠ ଜମିକୁ କେନ୍ଦ୍ର କରି ଉପନ୍ୟାସ

ଗଢି ଉଠିଛି । ଏହି ଜମି ଖଣ୍ଡିକ ପାଇବା ପାଇଁ ରାମଚନ୍ଦ୍ର ମଙ୍ଗରାଜଙ୍କର ପ୍ରବଳ ଆଗ୍ରହ, ଦୀର୍ଘ ତିନି ବର୍ଷ ଧରି ଆପ୍ରାଣ ଚେଷ୍ଟା ଏବଂ ପରିଶେଷରେ ଚମ୍ପା ସାହାଯ୍ୟରେ ଏହାର ପ୍ରାପ୍ତି ପ୍ରସଙ୍ଗ ଉପନ୍ୟାସର ପ୍ରଥମାର୍ଦ୍ଧରେ ବର୍ଣ୍ଣିତ । କିନ୍ତୁ ଜମି ପାଇବା ପରେ ପରେ ମଙ୍ଗରାଜଙ୍କ ସୁଖସ୍ୱପ୍ନ ଅନ୍ତର୍ହିତ ହୋଇଅଛି । ଯେଉଁ ଜମିକୁ ପାଇବା ପାଇଁ ସେ ପ୍ରାଣ ପ୍ରାୟଶ୍ଚିତ୍ତ କରିଥିଲେ ଶେଷରେ ସେହି ଜମିହିଁ ହେଲା ତାଙ୍କର ସର୍ବନାଶର କାରଣ । ଏହା ଉପନ୍ୟାସର ଦ୍ୱିତୀୟାର୍ଦ୍ଧର ବିଷୟ । ଏହି ଦୃଷ୍ଟିରୁ ବିଚାର କଲେ ଉପନ୍ୟାସର ପ୍ରଥମ ନଅଟି ପରିଚ୍ଛେଦର ଗୁରୁତ୍ୱ ବିଶେଷ ଅନୁଭୂତ ହୁଏ ନାହିଁ । କାରଣ ଏହି ନଅଟି ପରିଚ୍ଛେଦରେ ମଙ୍ଗରାଜଙ୍କ ଇତିହାସ, ଚମ୍ପା ସମ୍ପର୍କରେ ବର୍ଣ୍ଣନା ଏବଂ ଅନୁକୂଳ ବାତାବରଣ ସୃଷ୍ଟି କରା ଯାଇଅଛି । ଉପନ୍ୟାସର ଦଶମ ପରିଚ୍ଛେଦରେହିଁ ଆମେ ପ୍ରଥମ ଥର ପାଇଁ ଏହି ଜମିର ଉଲ୍ଲେଖ ଦେଖିବାକୁ ପାଉଁ ଏବଂ ଏହି ପରିଚ୍ଛେଦରେ ଉପନ୍ୟାସର ପ୍ରତିପକ୍ଷ ଭଗିଆ ଓ ଶାରିଆଙ୍କ ସହିତ ପାଠକ ପରିଚିତ ହେବା ଫଳରେ ଉପନ୍ୟାସର 'ପ୍ଲଟ୍' ଜଟିଳ ହୋଇ ପାରିଛି । ଚତୁର୍ଦ୍ଦଶ ପରିଚ୍ଛେଦରେ 'ପ୍ଲଟ୍' ଆକସ୍ମିକ ଭାବରେ ଗତିଶୀଳ ହୋଇ ଉଠିଛି । ଛମାଣ ଆଠଗୁଣ୍ଠ ଜମିକୁ କରାୟତ୍ତ କରିବା ପାଇଁ ଶାରିଆକୁ ଭୁଲାଇଛି ଚମ୍ପା । ଭଗିଆ ଓ ସାରିଆର ଭବିଷ୍ୟତ ଚିନ୍ତାରେ ପାଠକର ମନ ସ୍ୱାଭାବିକ ଭାବରେ ଉଦ୍‌ବିଗ୍ନ ହୋଇ ଉଠୁଛି । ନିର୍ଜନ ରାତ୍ରିର ଘନ ଅନ୍ଧକାର-ଆବରଣ-ତଳେ ନିସ୍ତବ୍ଧ କକ୍ଷ ମଧ୍ୟରେ ମଙ୍ଗରାଜ ଓ ଚମ୍ପାର ଗୁପ୍ତ ମନ୍ତ୍ରଣାଦ୍ୱାରା ମଙ୍ଗରାଜ ଜମିଖଣ୍ଡିକୁ କବଳିତ କରି ସାରିବା ବିଷୟ

ପାଠକ ନିକଟରେ ଆଉ ଅଜ୍ଞାତ ନୁହେଁ । ଭଗିଆର ସମସ୍ତ ସମ୍ପତ୍ତି ମଙ୍ଗରାଜଙ୍କ ଘରକୁ ବୁହା ହୋଇ ଆସିଛି । ଏପରିକି ସାରିଆର ଅତି ସ୍ନେହର ନେତ ଗାଈଟି ମଧ୍ୟ ତାଙ୍କ ଗୁହାଳକୁ ଅଣା ହୋଇଛି । ଛମାଣ ଆଠଗୁଣ୍ଠକୁ କେନ୍ଦ୍ର କରି 'ପ୍ଲଟ୍'ର ଯେଉଁ ଧାରା ବିକାଶ ଲାଭ କରିଛି ସେ ଦିଗରୁ ବିଚାର କଲେ ଏହି ପରିଚ୍ଛେଦରେ ଉପନ୍ୟାସ ଚରମସୀମାରେ ପହଞ୍ଚିଛି । ସର୍ବଗ୍ରାସୀ ମଙ୍ଗରାଜଙ୍କ କବଳରୁ ଭଗିଆ ବା ଶାରିଆ ନିଜକୁ ରକ୍ଷା କରିବାରେ ଅସମର୍ଥ ହୋଇଛନ୍ତି । କିନ୍ତୁ ଏ ଜମି ଖଣ୍ଡିକ ପାଇଁ ମଙ୍ଗରାଜ ସୁଖସ୍ୱପ୍ନରେ ବିଭୋର ଥିବା ସମୟରେ ତାଙ୍କ ମସ୍ତକରେ ଅକାଳ ବଜ୍ରପାତ ହୋଇଛି । ତାଙ୍କର ଆଶାର ମିନାର ଚୂର୍ଣ୍ଣୀଭୂତ ହୋଇ ପଡ଼ିଛି । ଶାରିଆର ହତ୍ୟା ସମ୍ପର୍କରେ ପୋଲିସ ତଦାରଖ ହୋଇଛି । ବିଭିନ୍ନ ସାକ୍ଷୀମାନଙ୍କ ସାକ୍ଷ୍ୟ ମାଧ୍ୟମରେ ଅନ୍ତରାଳରେ ଘଟିଥିବା ବହୁ ଘଟଣା ସହିତ ପାଠକ ପରିଚିତ ହେବାର ସୁଯୋଗ ଲାଭ କରିଛି । ଏହି ସାକ୍ଷ୍ୟ ଉପରେ ନିର୍ଭର କରି ମଙ୍ଗରାଜଙ୍କୁ ଖୁଣୀ ବୋଲି ଦାରୋଗା ସାବ୍ୟସ୍ତ କରିଛନ୍ତି । ଠିକ୍ ଏହା ପରେ ପରେ ମଙ୍ଗରାଜ ରାସ୍ତାରେ ଚାଲିଛନ୍ତି—ହାତରେ ତାଙ୍କର ହାତକଡ଼ି । ଜୀବନସାରା ପରସ୍ୱ ଅପହରଣ କରି, ଅନ୍ୟମାନଙ୍କୁ ପଥର ଭିକାରୀ କରି ଯେଉଁ ଗନ୍ତାଘରକୁ ସେ ସମୃଦ୍ଧିଶାଳୀ କରିଥିଲେ ସେ ଗନ୍ତାଘରର ନଳକଞ୍ଚି ଦୁଇଟି ଚମ୍ପା ହାତକୁ ଆସିଛି । ଏହିଠାରେ ଉପନ୍ୟାସର 'ପ୍ଲଟ୍'ରେ ସୃଷ୍ଟି ହୋଇଛି ପ୍ରକୃତ—ଚରମସୀମା । ମୁଖ୍ୟ ଚରମସୀମା ଅପେକ୍ଷା ଏହାର ପ୍ରଭାବ ଆହୁରି ବେଶୀ ।

ବିଂଶ ପରିଚ୍ଛେଦରେ ମଙ୍ଗରାଜଙ୍କ ଚରିତ୍ରର ଦୃଶ୍ୟ ସହିତ ପାଠକ ପରିଚିତ ହୁଏ । ମାଛକୁ ବନସୀରେ ଖେଳାଇଲା ପରି ହୁଣ୍ଡା ଭଗିଆ

ଚମ୍ପକୁ ସେ କେତେ ହନ୍ତସନ୍ତ କରିଥିଲେ । ବର୍ତ୍ତମାନ ତାଙ୍କର ପାଳି ପଡିଲା । ଶାରିଆକୁ ହତ୍ୟା କରିବା ଅଭିଯୋଗରୁ ମୁକ୍ତ ହେଲେ ମଧ୍ୟ ନେତ ଗାଈକୁ ଚୋରି କରିଥିବା ଅପରାଧରେ ସେ ଛଅ ମାସ ସଶ୍ରମ କାରାଦଣ୍ଡ ପାଇଛନ୍ତି । ସପ୍ତବିଂଶ ପରିଚ୍ଛେଦରେ ସେ ଡମମାନଙ୍କ-ଦ୍ୱାରା ଗୁରୁତରଭାବରେ ଆହତ ହେବା ବର୍ଣ୍ଣିତ ହୋଇଅଛି । ସେଥିପାଇଁ ସେ ଜେଲରୁ ମୁକ୍ତ ପାଇ ଘରକୁ ଆସିଛନ୍ତି ଏବଂ ଅତି କରୁଣଭାବରେ ମୃତ୍ୟୁପଥର ଯାତ୍ରୀ ହୋଇଛନ୍ତି ।

ଗଡ଼ାଘରର କୁଞ୍ଚିକାଠି ପାଇ ଚମ୍ପା ସୁଖୀ ହୋଇ ପାରିଲା ନାହିଁ । କାରଣ ମଙ୍ଗରାଜଙ୍କ ସମ୍ପତ୍ତି ଭିତରେ ରହିଥିଲା ସେ ଛମାଣ ଆଠଗୁଣ୍ଠ ଜମି, ଯାହା ପାଇଁ ସେ ଶାରିଆକୁ ଏତେ ପ୍ରତାରିତ କରିଥିଲା । ଦ୍ୱାବିଂଶ ପରିଚ୍ଛେଦରେ ଚମ୍ପାକୁ ନୃଶଂସ ଭାବରେ ହତ୍ୟାକରିବା ଦୃଶ୍ୟ ବର୍ଣ୍ଣିତ ହୋଇଅଛି । ଛମାଣ ଆଠଗୁଣ୍ଠ ଜମିଖଣ୍ଡିକ ପୂର୍ବ ପରି ପଡ଼ି ରହିଛି । ଦୀପଶିଖା ତାର ତେଜ୍‌ର ପତଙ୍ଗମାନଙ୍କୁ ଆକର୍ଷଣ କରିବା ପରି ଛମାଣ ଆଠଗୁଣ୍ଠ ଜଣକ ପରେ ଜଣକୁ ଆକର୍ଷଣ କରିଛି ଏବଂ ଯେଉଁମାନେ ତା ପ୍ରତି ଆକୃଷ୍ଟ ହୋଇଛନ୍ତି ସେମାନଙ୍କର ସର୍ବନାଶ ହୋଇଛି । ବାସ୍ତବିକ ତାହା ଘରବୁଡ଼ା ।

ଏହା 'ପ୍ଲଟ୍'ର ଗୋଟିଏ ଦିଗ । ମାତ୍ର ଅନ୍ୟ ଦିଗରେ ଆମେ ଦେଖିବାକୁ ପାଉଁ ଲୋଭରୁ ପାପ, ପାପରୁ ମୃତ୍ୟୁ । ପ୍ରାଚୀନ କାଳରୁ ପ୍ରବାଦରୂପେ ଆମ ଦେଶରେ ଚଳି ଆସୁଛି, "ଅଧର୍ମବିତ୍ତ । ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ । ଏହି ପ୍ରବାଦକୁ ଫକୀରମୋହନ ***ଛମାଣ ଆଠଗୁଣ୍ଠ***ରେ ରୂପ ଦେଇଛନ୍ତି । ଯେଉଁ

ମଙ୍ଗରାଜ ଛେଉଣ୍ଡ ହୋଇ ବୁଲୁଥିଲେ, ପଇସା ଅଭାବରୁ ଯାହାଙ୍କ ବାପର ଶୁଦ୍ଧଘର ହୋଇ ପାରି ନ ଥିଲା, ଚୂଲକୁ ନଡ଼ା ନ ଜୁଟି ଯାହାଙ୍କ ଘରର କାନ୍ଥ ପଡ଼ି ଯାଇଥିଲା, ସେହି ମଙ୍ଗରାଜ ବିତ୍ତ ପାଇଁ ପାଗଳ ହୋଇ ଉଠିଲେ । ଅଲୌକିକ ଭାବରେ ସେ ହୋଇ ଉଠିଲେ ପ୍ରତିପତ୍ତିଶାଳୀ, ଫତେପୁର ସରସଣ୍ଡର ଜମିଦାର । ଏହି ବିତ୍ତ, ଏହି ପ୍ରତିପତ୍ତି ପାଇଁ ଛଳନା ଓ କପଟତା ହୋଇଛି ତାଙ୍କ ଜୀବନର ମୂଳମନ୍ତ୍ର । ଶାସ୍ତ୍ର ପ୍ରବଚନ 'ଛଳେ ବଳେ କଉଶଳେ, ଶତ୍ରୁକୁ ସାଧିବ ହେଳେ' ତାଙ୍କର ହେଲା ମୂଳନୀତି । କିନ୍ତୁ ତାଙ୍କ ଶତ୍ରୁ କିଏ ? ଏଥିପାଇଁ କୌଣସି ବ୍ୟକ୍ତି ବିଶେଷର ଆବଶ୍ୟକତା ପଡ଼ିନାହିଁ । ଯାହା ପାଖରେ ବିଶ୍ୱାଏ କି ଗୁଣ୍ଠେ ଜମି ଅଛି ସେ ହୋଇଛି ତାଙ୍କର ଶତ୍ରୁ । ତାଙ୍କର ପରଧନ ଆତ୍ମସାତରୂପ ଯଜ୍ଞର ଶେଷ ଆହୂତିରୂପେ ଆସିଛି ଭଗିଆର ଛମାଣ ଆଠଗୁଣ୍ଠ ଜମିଖଣ୍ଡିକ, କିନ୍ତୁ ଏହି ଯଜ୍ଞରୁ ଯେଉଁ ଫଳ ମିଳିଛି ତାହା ଅତି ଭୀଷଣ, ଅତି ବିଷମୟ । ଭାଗ୍ୟର କ୍ରୂରହାସ୍ୟରେ ମଙ୍ଗରାଜଙ୍କ ପ୍ରତିପତ୍ତିବସନ୍ତ ଅନ୍ତର୍ହିତ । ନିଦାଘର ପ୍ରବଳ ତାପରେ ତାଙ୍କର ସମସ୍ତ ଆଶା-ଆକାଙ୍କ୍ଷା, ସଂଗ୍ରାମସାଧନା ପୋଡ଼ି ପାଉଁଶ ହୋଇ ଯାଇଛି । ବ୍ୟର୍ଥତାର ଗ୍ଲାନି ଓ କାଳିମା ମଧ୍ୟରେ ମଙ୍ଗରାଜ ଦେଖିଛନ୍ତି ତାଙ୍କ ବଂଶର ପତନର ବିଭୀଷିକାମୟ ଦୃଶ୍ୟ ।

ଛମାଣ ଆଠଗୁଣ୍ଠ ଜମିକୁ କେନ୍ଦ୍ରକରି ଯେଉଁ 'ପ୍ଲଟ୍' ଗଢ଼ି ଉଠିଛି ତାର ପୃଷ୍ଠଭୂମିରେ ଫକୀରମୋହନ ଦେଖାଇଛନ୍ତି ଅଧର୍ମବିତ୍ତର ଶେଷ ପରିଣତି । ଏହି ଦୃଷ୍ଟିରୁ ବିଚାର କଲେ ଉପନ୍ୟାସର ପ୍ରଥମରୁ ପଞ୍ଚମ ପରିଚ୍ଛେଦ ପର୍ଯ୍ୟନ୍ତ ମଙ୍ଗରାଜଙ୍କ ପାରିବାରିକ ଇତିହାସର ଦୃଶ୍ୟ

ବର୍ଣ୍ଣନାର ଗୁରୁତ୍ୱ ବୃଦ୍ଧି ହୁଏ । ଅଷ୍ଟମ ପରିଚ୍ଛେଦରେ ମଙ୍ଗରାଜଙ୍କ ଜମିଦାରୀ ପ୍ରାପ୍ତିର ଇତିହାସ ଏବଂ ନବମ ପରିଚ୍ଛେଦରେ ସେହି ଜମିଦାରୀର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ମଧ୍ୟ ଉକ୍ତ କାରଣରୁ ଗୁରୁତ୍ୱପୂର୍ଣ୍ଣ ।

'ପ୍ଲଟ୍'ର ଏହି ଦୁଇଟି ଦିଗ ପରସ୍ପର ବିରୋଧୀ ନୁହେଁ । ଏପରିକି ଗୋଟିକଠାରୁ ଅନ୍ୟଟି ପୃଥକ ମଧ୍ୟ ନୁହେଁ । ଚତୁର୍ଦ୍ଦଶ ପରିଚ୍ଛେଦରେ 'ପ୍ଲଟ୍' ଯେଉଁଠାରେ ଚରମସୀମାରେ ପହଞ୍ଚିଛି ସେଠାରେ ଏ ଦୁଇଟି ଦିଗର ସମନ୍ୱୟ ଘଟିଛି । ପ୍ରତି ଚରମ ସୀମାରେ ମଧ୍ୟ ଏ ଦୁଇଟି ଦିଗ ଏକତ୍ରିତ ହୋଇଛନ୍ତି । ତେଣୁ ଏ ଦୁଇଟି ଦିଗର ସୃଷ୍ଟି ଦ୍ୱାରା ଫକୀରମୋହନଙ୍କ ନୈପୁଣ୍ୟ କ୍ଷୁଣ୍ଣ ହେବା ପରିବର୍ତ୍ତେ ବୃଦ୍ଧି ପାଇଛି ।

**ଛମାଣ ଆଠଗୁଣ** ଉପନ୍ୟାସରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖାଯାଏ ଯାହା ଗୌଣ ଆଖ୍ୟାୟିକା ପରି ଅନୁମିତ ହୁଏ, କିନ୍ତୁ ବିକାଶ ଅଭାବରୁ ତାକୁ ଗୌଣ ଆଖ୍ୟାୟିକା ହିସାବରେ ବିଚାର କରି ଯାଇ ପାରିବ ନାହିଁ । ପ୍ରଥମଟି ହେଉଛି ବାଘସିଂହ ବଂଶର ଇତିହାସ ଓ ତାଙ୍କ ଘରପୋଡ଼ିର ବର୍ଣ୍ଣନା । ଉପନ୍ୟାସଟି ଚରମସୀମାରେ ପହଞ୍ଚିବାର ଠିକ୍ ପରମୁହୂର୍ତ୍ତରେ ପ୍ରଥମ ଗୌଣ ଆଖ୍ୟାୟିକାଟିର ଆରମ୍ଭ ଏବଂ କ୍ରମାନ୍ୱୟରେ ପଞ୍ଚଦଶ ପରିଚ୍ଛେଦରୁ ସପ୍ତଦଶ ପରିଚ୍ଛେଦ ପର୍ଯ୍ୟନ୍ତ ତିନିଗୋଟି ପରିଚ୍ଛେଦରେ ଏହା ବର୍ଣ୍ଣିତ । ଏହି ଗୌଣ ଆଖ୍ୟାୟିକାର ସମାପ୍ତି ପରେ ପରେହିଁ ଉପନ୍ୟାସର ପ୍ରତି-ଚରମସୀମାର ସୃଷ୍ଟି । ମୁଖ୍ୟ ଆଖ୍ୟାୟିକା ସହିତ ଏହି ଗୌଣ ଆଖ୍ୟାୟିକାର ବଳିଷ୍ଠ ସଂଯୋଗର ଅଭାବ ଦେଖାଯାଏ । କିନ୍ତୁ ଚରମସୀମା ଓ ପ୍ରତି-ଚରମ

ସୀମା ମଧ୍ୟରେ ବ୍ୟବଧାନ ସୃଷ୍ଟି କରିବା ପାଇଁ ଏହାର ଅବତାରଣା । ଦ୍ୱିତୀୟ ଗୌଣ ଆଖ୍ୟାୟିକାଟି ଚମ୍ପାକୁ କେନ୍ଦ୍ରକରି ଗଢ଼ି ଉଠିଛି । ଚମ୍ପା ହାତକୁ ମଙ୍ଗରାଜଙ୍କ ଗନ୍ତାଘରର ନଳକୁଞ୍ଚି ଆସିବା ସଙ୍ଗେ ସଙ୍ଗେ ସେ ଆନନ୍ଦରେ ଆତ୍ମହରା ହୋଇ ପଡ଼ିଛି, ଆଉ ଦେଖିଛି ଏକା ରାତିକେ ବଡ଼ଲୋକ ହେବାର ସୁନେଲି ସ୍ୱପ୍ନ । କିନ୍ତୁ ହୋଇଛି କଣ ? ଯେପରି ଆକସ୍ମିକତା ମଧ୍ୟରେ ଏହି ସ୍ୱପ୍ନର ଆବିର୍ଭାବ ହୋଇଛି, ସେହିପରି ଆକସ୍ମିକତା ମଧ୍ୟରେ ଏହି ସୁଖସ୍ୱପ୍ନ ବିଳୟ ଭଜିଛି । ଆଉ ତାହାର ବିଲୟ ସଙ୍ଗେ ସଙ୍ଗେ ସେ ନେଇ ଯାଇଛି ଚମ୍ପାର ପ୍ରାଣ । ଜୀବନସାରା ମଙ୍ଗରାଜଙ୍କ କାନରେ ବିଷ ଢ଼ାଳିଛି ଚମ୍ପା । ତାହାର ଜୀବନର ଶେଷ ପରିଣତି ଦେଖାଇବା ଉଦ୍ଦେଶ୍ୟରେ ଏହି ଗୌଣ ଆଖ୍ୟାୟିକାର ସୃଷ୍ଟି । କେବଳ ସେତିକି ନୁହେ, ମଙ୍ଗରାଜଙ୍କ କାରାବାସ ପରେ ଉପନ୍ୟାସଟିରେ କୌତୂହଳ ଓ ଉଦ୍‌ବେଗର ଅବସାନ ଘଟିବାର ସମ୍ଭାବନା ରହିଛି; ତେଣୁ ଚମ୍ପାର ହତ୍ୟା, ଏହି ହତ୍ୟାକାରୀ ଗୋବିନ୍ଦାର ଆତ୍ମହତ୍ୟା ଏବଂ ଖୁନର ତଦାରଖ ଘଟଣାଗୁଡ଼ିକ ମାଧ୍ୟମରେ ଉପସଂହାର ପର୍ଯ୍ୟନ୍ତ ପାଠକର କୌତୂହଳ ଜାଗରୂକ ରଖିବା ଦିଗରେ ଏହି ଗୌଣ ଆଖ୍ୟାୟିକାର ଉପଯୋଗିତା ରହିଛି ।

ଏହି ଦୁଇଟି ଘଟଣା ପାଠକର ମନକୁ ପ୍ରଭାବିତ କରି ପାରୁଛି ସତ, କିନ୍ତୁ ଏହା ପୂର୍ଣ୍ଣତଃ ଗୌଣ କଥାବସ୍ତୁ ନୁହେ । ପ୍ରଧାନ କଥାବସ୍ତୁ ପରି ଗୌଣ କଥାବସ୍ତୁର ମଧ୍ୟ ବିକାଶ ଆବଶ୍ୟକ, ଏବଂ ଏହି ବିକାଶ ମାଧ୍ୟମରେହିଁ ପ୍ରଧାନ କଥାବସ୍ତୁ ସହିତ ଏହାର ସଂଯୋଗ ଆବଶ୍ୟକ । କିନ୍ତୁ ଏହି ଗୌଣ କଥାବସ୍ତୁ ଦୁଇଟିରେ କେବଳ

ଶୃଙ୍ଖଳ୍ୟକର ଘଟଣା ରହିଛି ଏବଂ ଏହି ଶୃଙ୍ଖଳ୍ୟଦ୍ୱାରା ପାଠକ ଆକୃଷ୍ଟ ହୋଇଛି । ତଥାପି ଏହାର ବିକାଶ ହୋଇନାହିଁ । ପ୍ରଧାନ କଥାବସ୍ତୁ ସହିତ ଏହାର ଗଠନସମ୍ପର୍କ ଖୁବ୍ କମ୍ ।

ଉପନ୍ୟାସଟିର ଗତି ପ୍ରଥମରେ ଅତିଶୟ ଧୀର ଓ ମନ୍ଥର । ପ୍ରତିପକ୍ଷ ଭଗିଆର ଆବିର୍ଭାବ ପର୍ଯ୍ୟନ୍ତ ମଙ୍ଗରାଜଙ୍କ ଗୁଣାବଳୀ ପରିସ୍ଫୁଟନ ପାଇଁ କେତେକ ସମଭାବାପନ୍ନ ଘଟଣାର ପୁନଃ ପୁନଃ ବର୍ଣ୍ଣନ ଫଳରେ 'ପ୍ଲଟ୍'ର ବିକାଶ ଶିଥିଳ, କିନ୍ତୁ ତ୍ରୟୋଦଶ ପରିଚ୍ଛେଦଠାରୁ ଊନବିଂଶ ପରିଚ୍ଛେଦ ପର୍ଯ୍ୟନ୍ତ ( ବାସ୍ତବ ପକ୍ଷରେ ତ୍ରୟୋଦଶ ଓ ଊନବିଂଶ ପରିଚ୍ଛେଦରେହିଁ ) ବିକାଶର ଗତି ଅତି ତୀବ୍ର ଏବଂ ପୂର୍ବର ଶିଥିଳତାର ପୃଷ୍ଠଭୂମି ଉପରେ ଏହି ତୀବ୍ରତା ଅଧିକ ଅନୁଭୂତ ହୁଏ । ଏହି ଗତିଶୀଳତା କିନ୍ତୁ କ୍ଷଣସ୍ଥାୟୀ, ଏହା ପରେ ପରେ ଉପନ୍ୟାସର ସମାପ୍ତି ଯାଏ ପୁଣି ଦେଖାଯାଇଛି ଶିଥିଳତା । ଅବଶ୍ୟ ଚମ୍ପାର ମୃତ୍ୟୁର ବର୍ଣ୍ଣନାଦ୍ୱାରା ପାଠକର ଧ୍ୟାନ ଉପନ୍ୟାସରେ ନିବିଷ୍ଟ ରଖାଯାଇ ପାରିଛି ସତ, କିନ୍ତୁ ଉପନ୍ୟାସର ବିକାଶ ପୁଣି ଧୀର ହୋଇଯାଇଛି ।

ଉପନ୍ୟାସଟିର ବିକାଶରେ କେବଳ ଯେ ଶିଥିଳତା ରହିଛି ତା' ନୁହେଁ, 'ପ୍ଲଟ୍' ସଂଗଠନରେ ମଧ୍ୟ ଅନ୍ୟ କେତେକ ତ୍ରୁଟି ପରିଲକ୍ଷିତ ହୁଏ । ଉପନ୍ୟାସଟିରେ ସାଧାରଣତଃ ଉଦ୍‌ବେଗର ପରିସର ଅତି ସଂକୀର୍ଣ୍ଣ । ତ୍ରୟୋଦଶ ପରିଚ୍ଛେଦରେ ଚମ୍ପା ଶାରିଆକୁ ଶିଖାଇବା ସମୟରେ ପାଠକ ମନରେ ଅବଶ୍ୟ ଉଦ୍‌ବେଗ ଜାତ ହେଉଛି, କିନ୍ତୁ ମଙ୍ଗରାଜ ଓ ଚମ୍ପା ଚରିତ୍ର ଆରମ୍ଭରୁ ଏପରି ଭାବରେ ବର୍ଣ୍ଣିତ ହୋଇଅଛି ଯେ ତାଙ୍କ ସମ୍ମୁଖରେ ପ୍ରତିପକ୍ଷ ଭାବରେ ଦଣ୍ଡାୟମାନ ହେବା

ଶକ୍ତିହୀନ ଭଗିଆ ଓ ଶାରିଆଙ୍କ ପକ୍ଷରେ ଅସମ୍ଭବ । ବଡ଼ିସୁଅରେ ସେ ଦୁହେଁ କେବଳ କାଠି ବା କୁଟା । ଉପନ୍ୟାସରେ ମଙ୍ଗରାଜ ଭଗିଆର ଛମାଣ ଆଠଗୁଣ ଜମି ନେବା ଘଟଣା ଭାବରେ ଚିତ୍ରିତ ହୋଇନାହିଁ, ମଙ୍ଗରାଜ ଓ ଚମ୍ପାର କଥୋପକଥନ ମାଧ୍ୟମରେ ଏହା ପରିବେଷିତ ହୋଇଅଛି । ଚତୁର୍ଦ୍ଦଶ ପରିଚ୍ଛେଦରେ ଗୁପ୍ତ ମନ୍ତ୍ରଣା ସମୟରେ ମଙ୍ଗରାଜ ଚମ୍ପାକୁ କହୁଛନ୍ତି ଯେ ତାର (ଚମ୍ପାର) ବୁଦ୍ଧିବଳରେହିଁ ସେ ଭଗିଆର ଜମିଖଣ୍ଡିକ ପାଇ ପାରିଲେ । ଭଗିଆର ଜମି ଆତ୍ମସାତ୍ କରିବାରେ ଉପନ୍ୟାସର 'ପ୍ଲଟ୍' ଚରମ ସୀମାରେ ପହଞ୍ଚିଛି, ଅଥଚ ଏହି ଚରମସୀମାକୁ ପରିସ୍ଫୁଟ କରିବା ପାଇଁ କୌଣସି କାର୍ଯ୍ୟ (Action) ର ଅବତାରଣା କରା ଯାଇନାହିଁ । ଫଳରେ ଚରମସୀମାର ପ୍ରଭାବ ଯଥେଷ୍ଟ ଲଘୁ ହୋଇଅଛି । ଅନ୍ୟ ପକ୍ଷରେ ପ୍ରତି-ଚରମସୀମାକୁ ଯଥେଷ୍ଟ ଗୁରୁତ୍ୱ ଦିଆ ଯାଇଛି ।

ଉପସଂହାରରେ ମଧ୍ୟ କୌଣସି ବିଶେଷତ୍ୱ ଉପଲବ୍ଧ ହୁଏ ନାହିଁ । ମଙ୍ଗରାଜଙ୍କ ମୃତ୍ୟୁ ଦୃଶ୍ୟର ବର୍ଣ୍ଣନା ଦୃଷ୍ଟିରୁ ଉପସଂହାର ମର୍ମସ୍ପର୍ଶୀ ହୋଇ ପାରିଛି ସତ, କିନ୍ତୁ ମଙ୍ଗରାଜଙ୍କ ଶେଷ ପରିଣତି ପାଠକ ପୂର୍ବରୁ ଅନୁମାନ କରିପାରୁଛି । ଫଳରେ ଉପନ୍ୟାସଟିରେ ବିସ୍ମୟର ଅଭାବ ପରିଲକ୍ଷିତ ହୁଏ । ଫକୀରମୋହନ *ଛମାଣ ଆଠଗୁଣ*ରେ ଘଟଣା ଅପେକ୍ଷା ଚରିତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ମଙ୍ଗରାଜଙ୍କ ଚରିତ୍ର ସୃଷ୍ଟି କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଏବଂ ଏହି ଦୃଷ୍ଟିରୁ ଚରିତ୍ର ବିକାଶରେ ସହାୟତା କରୁଥିବା ବହୁ ଘଟଣା ସେ ସେଥିରେ ସନ୍ନିବେଶିତ କରି ଅଛନ୍ତି । 'ପ୍ଲଟ୍'ର ବିକାଶ ଦିଗରୁ ଏହା ଅବାନ୍ତର । ଉଦାହରଣ ସ୍ୱରୂପ ପ୍ରଥମ ପରିଚ୍ଛେଦରେ ତାଙ୍କ

ମାଉସୀ ପୁଅ ଭାଇ ଶ୍ୟାମ ମଲ୍ଲର ପୈତୃକ ଲାଖରାଜରୁ ପନ୍ଦର ମାଣ ମାନ ନେଇ ତାକୁ ଜାତି କରିବା, ଏକାଦଶୀ ଉପବାସ ପରେ ଦ୍ୱାଦଶୀଦିନ ବ୍ରାହ୍ମଣ ଭୋଜନ କରାଇବା, ଚତୁର୍ଥ ପରିଚ୍ଛେଦରେ ଶ୍ୟାମ ଗୋଛାଇତ ବିଲରୁ ଡଳି ଉପାଡ଼ି ନିଜ ଜମିକୁ ନେଇ ଆସିବା ପ୍ରଭୃତି ଘଟଣା ମଙ୍ଗରାଜଙ୍କ ଚରିତ୍ର ଉପରେ ଯଥେଷ୍ଟ ଆଲୋକପାତ କରୁଥିଲେହେଁ ମୁଖ୍ୟ ଆଖ୍ୟାୟିକା ସହିତ ଏଥିର ସମ୍ପର୍କ ପ୍ରାୟ ନାହିଁ କହିଲେ ଚଳେ । ସେହିପରି ଭାବରେ ଷଷ୍ଠବିଂଶ ପରିଚ୍ଛେଦରେ ବାବାଜୀ ଲଳିତା ଦାସଙ୍କ ଆଗମନ ଓ ପ୍ରସ୍ଥାନ ସମ୍ପର୍କୀୟ ଘଟଣା ଦ୍ୱାରା ମାନ କେତେକ ମାସ ମଧ୍ୟରେ ମଙ୍ଗରାଜଙ୍କ ସମ୍ପତ୍ତି, ଗୌରବ ଓ ଆଧିପତ୍ୟ କିପରି ଛାରଖାର ହୋଇ ଯାଇଛି ତାହା ଦେଖାଇ ଦିଆ ଯାଇଛି ସତ, କିନ୍ତୁ ଆଖ୍ୟାୟିକା ସହିତ ବାବାଜୀଙ୍କର କୌଣସି ସମ୍ପର୍କ ନାହିଁ ।

ଉପନ୍ୟାସ ରଚନା ମଧ୍ୟରେ ଫକୀରମୋହନ ଅନେକ ଟୀକା ଟିପ୍ପଣୀ ଓ ଯୁକ୍ତି ପରିବେଷଣ କରିଅଛନ୍ତି । ଏହି ସମସ୍ତ ଟୀକା ଟିପ୍ପଣୀଦ୍ୱାରା ଫକୀରମୋହନ ତାଙ୍କର ମନର ପୁଞ୍ଜୀଭୂତ ଭାବରାଶିକୁ ପ୍ରକାଶ କରି ସମାଜ ଉପରେ ତୀବ୍ର କଟାକ୍ଷପାତ କରିଛନ୍ତି, କିନ୍ତୁ ଏହାଦ୍ୱାରା ଉପନ୍ୟାସର ସାବଲୀଳ ଗତି ବ୍ୟାହତ ହୋଇଛି ।

ସ୍ଥାନେ ସ୍ଥାନେ କେତେକ ଅନାବଶ୍ୟକ ବିଷୟର ସବିସ୍ତୃତ ବର୍ଣ୍ଣନା କରିବାଦ୍ୱାରା ବର୍ଣ୍ଣିତ ବିଷୟ ମନୋରମ ହୋଇଥିଲେହେଁ ଏହି ବର୍ଣ୍ଣନା 'ପ୍ଲଟ୍'ର ବିକାଶରେ ସହାୟତା କରିବା ପରିବର୍ତ୍ତେ ପ୍ରତିବନ୍ଧକ ରୂପେ ଦେଖା ଦେଇଛି । ଦ୍ୱାଦଶ ପରିଚ୍ଛେଦରେ

ଅସୁରଦାଘିର ବର୍ଣ୍ଣନା ଏହାର ଏକ ପ୍ରକୃଷ୍ଟ ଉଦାହରଣ । ଫକୀର-ମୋହନ ଅସୁରଦାଘିର ଯେଉଁ ବିସ୍ତୃତ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ଦେଇ-ଛନ୍ତି ତାହା ଅତୀବ ମନୋମୁଗ୍ଧକର । ଖୁବ୍ କମ୍ ଉପନ୍ୟାସରେ ଏପରି ବର୍ଣ୍ଣନା ଦେଖାଯାଏ । କିନ୍ତୁ ଉପନ୍ୟାସର 'ପ୍ଲଟ୍' ଦୃଷ୍ଟିରୁ ଏହା ଏତେ ଅବାନ୍ତର ଯେ ସମୁଦାୟ ପରିଚ୍ଛେଦଟି ଯଦି ଉପନ୍ୟାସରୁ ବାଦ୍ ଦିଆଯାଏ ତାହାହେଲେ 'ପ୍ଲଟ୍'ର ବିକାଶରେ କୌଣସି ବାଧା ଉପସ୍ଥିତ ହେବ ନାହିଁ ।

ଉପନ୍ୟାସଟି ପ୍ରଥମେ ପୁସ୍ତକାକାରରେ ପ୍ରକାଶିତ ହୋଇ ନ ଥିଲା । *ଉତ୍କଳ ସାହିତ୍ୟ* ମାସିକ ପତ୍ରିକାରେ ଏହା କ୍ରମାନ୍ୱୟରେ ପ୍ରକାଶିତ ହେଉଥିଲା । ଉପନ୍ୟାସର ଅଂଶ ବିଶେଷ ମାସିକ ପତ୍ରିକାରେ ସ୍ଥାନ ପାଇବାର ଏକ ମାସ ପରେ ପାଠକ ଅନ୍ୟ ଅଂଶ ସହିତ ପରିଚିତ ହେଉଥିଲେ । ସେଥିପାଇଁ ଫକୀରମୋହନ ପ୍ରକାଶିତ ଅଂଶଟିକୁ ଚିତ୍ତାକର୍ଷକ କରିବା ସଙ୍ଗେ ସଙ୍ଗେ ପୂର୍ଣ୍ଣାଙ୍ଗ କରିବା ପାଇଁ ସଧ ଯତ୍ନ କରୁଥିଲେ । କିନ୍ତୁ ଏହି ଆଂଶିକ ପ୍ରକାଶ ଫଳରେ କଥାବସ୍ତୁର କ୍ରମିକ ବିକାଶ ଓ ସଂହତିରେ ସ୍ଥାନେ ସ୍ଥାନେ ତ୍ରୁଟି ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ ଗୋବରା ଜେନା କିପରି ଜେଲକୁ ଆସିଛି ତାହା ଉପଯୁକ୍ତ ସମୟରେ ବର୍ଣ୍ଣନା କରା ଯାଇନାହିଁ । କିନ୍ତୁ ସପ୍ତବିଂଶ ପରିଚ୍ଛେଦରେ ଫକୀରମୋହନ ଲେଖିଛନ୍ତି, "ଆମ୍ଭମାନେ ଗୋଟିଏ କଥା କହିବାକୁ ଭୁଲି ଯାଇଛୁ । ମିଥ୍ୟା ସାକ୍ଷ୍ୟ ଦେବା ଅପରାଧରେ ଗୋବରା ଜେନାର କଠିନ ପରିଶ୍ରମ ସହିତ ଏକବର୍ଷ ମିଆଦ ହୋଇ ଯାଇଛି ।" ଉପନ୍ୟାସଟି କ୍ରମାନ୍ୱୟରେ ପ୍ରକାଶିତ ହେବା ଫଳରେ ଉପନ୍ୟାସର ବିଭିନ୍ନ ଅଂଶମାନଙ୍କ

ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଘଟଣା ବର୍ଣ୍ଣନାରେ ମଧ୍ୟ ତ୍ରୁଟି ଦେଖାଯାଏ । ଉଦାହରଣ ସ୍ୱରୂପ ଏକବିଂଶ ପରିଚ୍ଛେଦରେ ସେସନ୍ସ ଜଜ୍ ମଙ୍ଗରାଜଙ୍କୁ ଜେଲଦଣ୍ଡ ଓ ପାଞ୍ଚଶତ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । କିନ୍ତୁ ବିଂଶ ପରିଚ୍ଛେଦରେ ଫକୀରମୋହନ ଲେଖିଛନ୍ତି, "ଜଜ୍ ସାହେବ ମଙ୍ଗରାଜଙ୍କୁ ହଜାରେ ଟଙ୍କା ଜରିମାନା କରିଥିଲେ" । ଠିକ୍ ସେହିପରି ଭାବରେ କାଳ ନିରୂପଣରେ ମଧ୍ୟ ତ୍ରୁଟି ପରିଲକ୍ଷିତ ହୁଏ । ସାଆନ୍ତାଣୀ ଶ୍ରାବଣ ରାଧାଷ୍ଟମୀ ଦିନ ଭୋର ପୂର୍ବରୁ ପ୍ରାଣତ୍ୟାଗ କରିଛନ୍ତି ବୋଲି ଅଷ୍ଟାଦଶ ପରିଚ୍ଛେଦରେ ଦିଆ ଯାଇଛି । ଊନବିଂଶ ପରିଚ୍ଛେଦରେ ପୋଲିସ ତଦାରଖ ସମୟରେ ତିନି ନମ୍ବର ଗୁହାରି କହୁଛି, "ଗଲା ଅଷ୍ଟମୀ ଦିନ ତାଙ୍କର କାଳ ହେଲା ।" ପୋଲିସ ତଦାରଖ ତାରିଖ ଆଲୋଚନା କଲେ ଆମେ ଜାଣି ପାରୁଁ ଯେ ଦାରୋଗା ସେଖ୍ ଇନାଏତ ଖାଁ ୧୮୩୧ ମସିହା ଅକ୍ଟୋବର ୩ ତାରିଖରେ ଶାରିଆର ମୃତ୍ୟୁ ସମ୍ବାଦ ପାଇଛନ୍ତି ଏବଂ ସଙ୍ଗେ ସଙ୍ଗେ ସରଜମିନ ତଦନ୍ତ ପାଇଁ ବାହାରି ପଡ଼ିଛନ୍ତି । ସୁତରାଂ ସାଆନ୍ତାଣୀଙ୍କ ମୃତ୍ୟୁ ୧୮୩୧ ମସିହା ଅକ୍ଟୋବର ୩ ତାରିଖ ପୂର୍ବରୁ ନିଶ୍ଚୟ ଘଟିଛି । ୧୮୩୨ ମସିହା ମେ ମାସ ୧୭ ତାରିଖରେ ସେସନସ୍ କୋର୍ଟରେ ମଙ୍ଗରାଜଙ୍କୁ ଦଣ୍ଡାଦେଶ ହୋଇଛି । ତେଣୁ ସାଆନ୍ତାଣୀଙ୍କ ମୃତ୍ୟୁ ଏବଂ ମଙ୍ଗରାଜଙ୍କ ଦଣ୍ଡାଦେଶ ମଧ୍ୟରେ ଅନ୍ତତଃ ସାଢ଼େ ସାତମାସ ବିତି ଯାଇଛି ଏବଂ ତାପରେ ମଙ୍ଗରାଜ କିଛି ଦିନ ଜେଲ ଭୋଗ କରିଛନ୍ତି । କିନ୍ତୁ ଉପସଂହାର ପରିଚ୍ଛେଦରେ ଫକୀରମୋହନ ଲେଖିଛନ୍ତି, "ତିନି ମାସ ତଳେ ତୁଳସୀ ଚଉରା ପାଖରେ ସାଆନ୍ତାଣୀ ଯେପରି ପଡ଼ିଥିବାର ଦେଖା ଯାଇଥିଲା, ଠିକ୍ ସେହି ସ୍ଥାନରେ,

ଠିକ୍ ସେହିପରି ଉତ୍ତରକୁ ମୁଣ୍ଡକରି ପୁରୁଣା କତରା ଖଣ୍ଡକରେ ମଙ୍ଗରାଜେ ପଡ଼ିଛନ୍ତି ।”

ଉପନ୍ୟାସଟି ଊନବିଂଶ ଶତକର ପ୍ରାୟ ପ୍ରଥମ ତିରିଶ ବରଷର ଘଟଣାକୁ ନେଇ ଗଢ଼ି ଉଠିଛି । ସେ ସମୟରେ ଆୟକରର ନାମ ଆଦୌ ଶୁଣା ଯାଇ ନ ଥିଲା । ବସ୍ତୁତଃ ୧୮୫୭ ମସିହାର ସିପାହୀ ବିଦ୍ରୋହ ପରେ ସିପାହୀ ବିଦ୍ରୋହ ଦମନରେ ଖର୍ଚ୍ଚ ହୋଇଥିବା ଅର୍ଥର ଅନାଟନ ପୂରଣ ପାଇଁ ପ୍ରଥମେ ଭାରତବର୍ଷରେ ଆୟକରର ପ୍ରଚଳନ ହେଲା, କିନ୍ତୁ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆୟକରର ପ୍ରଶ୍ନ ମଧ୍ୟ ଉଠି ନ ଥିଲା । ଅଥଚ ଦ୍ୱିତୀୟ ପରିଚ୍ଛେଦରେ ମଙ୍ଗରାଜଙ୍କ ସମ୍ପତ୍ତି ସମ୍ପର୍କରେ କହିବାକୁ ଯାଇ ଫକୀରମୋହନ ମନ୍ତବ୍ୟ କରିଛନ୍ତି, “ଇନ୍‌କମ୍ ଟିକସ ଇଲାକା ପିଆଦାଠାରୁ ଶୁଣି ଏ କଥା କହୁଅଛୁଁ ।” ଏହି ଉଲ୍ଲେଖ ଫଳରେ ***ଛମାଣ ଆଠଗୁଣ*** ଉପନ୍ୟାସରେ କାଳବିରୋଧ ଦୋଷ (anachronism) ଘଟିଛି ।

ସଂଗଠନ ଦୃଷ୍ଟିରୁ ଏହି ଶିଥିଳତା ସତ୍ତ୍ୱେ ଫକୀରମୋହନଙ୍କ ***ଛମାଣ ଆଠଗୁଣ*** ସାହିତ୍ୟ ରାଜ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ତାହାର କାରଣ ହେଉଛି ଫକୀରମୋହନଙ୍କ ଭାଷା ଓ ରଚନା ଶୈଳୀ । ଏହି ସମ୍ପର୍କରେ ଅଧ୍ୟାପକ ଶ୍ରୀ ସର୍ବେଶ୍ୱର ଦାସ କହିଛନ୍ତି, “ଏହି ଉପନ୍ୟାସରେ ଯାହା କିଛି ସୌନ୍ଦର୍ଯ୍ୟ, ତାହା ତାର ଆଖ୍ୟାନ ବସ୍ତୁର ସୁସଂବଦ୍ଧ ଗଠନ ପରିପାଟୀ, ଆରୋହ ଅବରୋହ, ସଙ୍କଟ ସଂଶୟ, ରହସ୍ୟ ଏବଂ ରୋମାଞ୍ଚରେ ନାହିଁ—ଅଛି ତାର ଶାଣିତ ଶ୍ଳେଷ, ବକ୍ର କଟାକ୍ଷ, ସମୁଜ୍ଜ୍ୱଳ ବ୍ୟଙ୍ଗ, ସହଜ ପ୍ରକାଶଭଙ୍ଗୀ,

ଜୀବନ୍ତ ଚରିତ୍ର ଚିତ୍ରଣ, ବାସ୍ତବ ସମାଜଚିତ୍ର, ମହୋଦାର ମାନବିକତା, ଏବଂ ତୁଙ୍ଗ ଆଦର୍ଶବାଦରେ । ସୁନିପୁଣ ମାଳାକାର ପରି ଫକୀର-ମୋହନ ଗଳ୍ପର ସୂତାଖିଆରେ ଅନେକ ଗୁଡ଼ିଏ ଚରିତ୍ର ଏବଂ ବାସ୍ତବ ଜଗତର ଅଗଣିତ ଆଲେଖ୍ୟ ଖଞ୍ଜି ଦେଇଛନ୍ତି ।" †

ପୂର୍ବରୁ ଉଲ୍ଲେଖ କରା ଯାଇଅଛି ଯେ ଉପନ୍ୟାସଟିରେ ***ଛମାଣ ଆଠଗୁଣ୍ଠ*** ଜମି କପଟ ଘରବୁଡ଼ା କେବଳ ମାତ୍ର ସେତିକି ଦେଖାଇ ଦିଆ ଯାଇନାହିଁ, ଅଧର୍ମବିତ୍ତର ପତନ ମଧ୍ୟ ଏଥିରେ ଦେଖାଇ ଦିଆ ଯାଇଛି । ଅବଶ୍ୟ ଏ ଭାବଦ୍ୱୟ ଦୁଇଟି ସ୍ୱତନ୍ତ୍ର ଆଖ୍ୟାୟିକାକୁ କେନ୍ଦ୍ର କରି ବିକଶିତ ହୋଇ ନାହାନ୍ତି, ସେମାନେ ଗୋଟିଏ ମାତ୍ର କେନ୍ଦ୍ରରେ କେନ୍ଦ୍ରୀଭୂତ ।

"ଏହି ଛମାଣ ଆଠଗୁଣ୍ଠ ହେଉଛି ଫକୀରମୋହନଙ୍କ ଉପନ୍ୟାସର ପ୍ରଧାନ ଚରିତ୍ର । ସେଇ ହେଉଛି ଉପନ୍ୟାସର କେନ୍ଦ୍ରବିନ୍ଦୁ । ରାମଚନ୍ଦ୍ର ମଙ୍ଗରାଜ, ଭଗିଆ, ଚମ୍ପା, ସାଆନ୍ତାଣୀ ଓ ଆଉ ସମସ୍ତେ ଏହି କେନ୍ଦ୍ରବିନ୍ଦୁର ଚାରିପଟେ ଘୂରି ନିଜ ନିଜ ଅଭିନୟ କରିଛନ୍ତି ।" *

ପ୍ରଥମେ ଫକୀରମୋହନ ମଙ୍ଗରାଜଙ୍କ ଖଳତା ଓ କୁଟିଳତାର ଏକ ପ୍ରାଞ୍ଜଳ ଚିତ୍ର ଆଙ୍କିଛନ୍ତି ଏବଂ ତା ପରେ ତାଙ୍କର ଏହି ସ୍ୱଭାବକୁ ଆଣି ଛମାଣ ଆଠଗୁଣ୍ଠ ଜମି ପ୍ରତି ପ୍ରବଳ ଲୋଭ ଓ ଆକାଙ୍କ୍ଷାରେ

---

† *ଯୁଗସ୍ରଷ୍ଟା ଫକୀରମୋହନ*-ଅଧ୍ୟାପକ ଶ୍ରୀ ସର୍ବେଶ୍ୱର ଦାଶ

* ***ବିଷବୃକ୍ଷ ଓ ଛମାଣ ଆଠଗୁଣ୍ଠ***-ଅଧ୍ୟାପକ ଶ୍ରୀ କୃଷ୍ଣଚରଣ ସାହୁ ( ***ଝଙ୍କାର***-୧୧ଶ ବର୍ଷ-୯ମ ସଂଖ୍ୟା )।

ଗୁନ୍ଥି ଦେଇଛନ୍ତି । ଉପନ୍ୟାସଟିକୁ ପଢ଼ିଲେ ମନେହୁଏ ଯେପରିକି ଏହି ଛମାଣ ଆଠଗୁଣ୍ଠ ଜମି ପାଇଁହିଁ ମଙ୍ଗରାଜଙ୍କ ଦୁର୍ନିବାର ଲୋଭ ସୃଷ୍ଟି କରାଯାଇଛି । ଉପନ୍ୟାସର ପ୍ରଥମାଂଶରେ ଏହା ପରେ ପରେ ଛମାଣ ଆଠଗୁଣ୍ଠ ଜମିଖଣ୍ଡିକ ହୋଇ ଉଠିଛି କାହାଣୀର ପଞ୍ଜର ଏବଂ ଏହି ଜମି ପାଇଁହିଁ ମଙ୍ଗରାଜଙ୍କ ଜୀବନରେ ଆସିଛି ପ୍ରଥମ ଓ ଶେଷ ପରାଜୟ । ଏହି କାଳିମା ସମୁଦାୟ ଉପନ୍ୟାସଟିକୁ ଆଚ୍ଛନ୍ନ କରି ରଖିଛି । ମଙ୍ଗରାଜ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିବା ସମୟରେ ମଧ୍ୟ ତାଙ୍କ ମୁଖରୁ ଭାସି ଆସୁଛି ଏକ ଅସ୍ପଷ୍ଟ ସ୍ୱର, ଥ—ମା—ଆ—ଗୁଁ । ତେଣୁ ଉପନ୍ୟାସଟିର ନାମ ରଖା ଯାଇଛି *ଛମାଣ ଆଠଗୁଣ୍ଠ* । ଏହି ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଦାସ କହିଛନ୍ତି, "ଛମାଣ ଆଠଗୁଣ୍ଠ ମଙ୍ଗରାଜଙ୍କ ସମ୍ପଦର ସ୍ୱପ୍ନ, ଜୀବନର ସ୍ୱର୍ଗ ଓ ମରଣର ଶ୍ମଶାନ । × × × ନାମକରଣରେ ଏ କୌଶଳ, ନାମ ସଙ୍ଗେ ଗ୍ରନ୍ଥ ଶକ୍ତିର ଏ ବିଚିତ୍ର ସମ୍ବନ୍ଧ, ଗ୍ରନ୍ଥ ପାଠରେ ନାମର ଏ ମୋହନ ମରୀଚିକା ସାହିତ୍ୟ ରାଜ୍ୟରେ କ୍ୱଚିତ୍ ଆଶା କରାଯାଏ ।" *

ଉପନ୍ୟାସଟିରେ ଓଡ଼ିଶାର ଯେଉଁ ସାମାଜିକ ପରିବେଷ୍ଟନୀର ଚିତ୍ର ପରିବେଷଣ କରା ଯାଇଅଛି ତାହା ଅନୁଧ୍ୟାନ କଲେ ଜଣାଯାଏ ଯେ ଏହା ଊନବିଂଶ ଶତକର ପ୍ରଥମ ପାଦର ସାମାଜିକ ଚିତ୍ର । ସେତେବେଳେ ବିଦେଶୀ ଜମିଦାରମାନେ ଓଡ଼ିଶାରେ ଅନୁପସ୍ଥିତ ରହି ଜମିଦାରୀର ଆୟ ଆଦାୟ ପାଇଁ ସ୍ଥାନୀୟ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ

---

* *ଓଡ଼ିଆ ଭାଷା ଓ ସାହିତ୍ୟ*-ପଣ୍ଡିତ ନୀଳକଣ୍ଠ ଦାସ

ଉପରେ ନିର୍ଭର କରୁଥିଲେ । କାଳକ୍ରମେ ସେହିମାନେ ହୋଇ ଉଠିଲେ ଜମିଦାର । *ଛମାଣ ଆଠଗୁଣ୍ଠ*ରେ ଦଳଦାର ମିଆଁଙ୍କ ଅନୁପସ୍ଥିତିରେ ରାମଚନ୍ଦ୍ର ମଙ୍ଗରାଜ ପ୍ରଥମେ ତାଙ୍କ ତରଫରୁ ଜମିଦାରୀ ଚଳାଇଛନ୍ତି ଏବଂ ପରେ କୌଶଳରେ ସମସ୍ତ ଜମିଦାରୀକୁ ହସ୍ତଗତ କରିଛନ୍ତି । ୧୮୦୩ ସାଲରେ ଇଂରେଜମାନେ ଓଡ଼ିଶାକୁ ଆସନ୍ତି ଏବଂ ଧୀରେ ଧୀରେ ତାଙ୍କ ସଭ୍ୟତାର ପ୍ରଭାବ ଓଡ଼ିଶାରେ ପରିବ୍ୟାପ୍ତ ହୁଏ । କୋର୍ଟ କଚେରୀର ପ୍ରଚଳନ ହେବା ଫଳରେ ପଞ୍ଚାୟତ ଶାସନର ପ୍ରଭାବ କମିଯାଏ । *ଛମାଣ ଆଠଗୁଣ୍ଠ*ର ଦଶମ ପରିଚ୍ଛେଦରେ ଫକୀର-ମୋହନ କହିଛନ୍ତି, "ଆଜିକାଲି ଅଦାଲତ ଦୁଆର ମେଲା, ଲୋକମାନେ ଜ୍ଞାନୀ ଅର୍ଥାତ୍ ସଭ୍ୟ ହେଲେଣି, ପଞ୍ଚ-ଶାସନ କିଏ ମାନୁଛି ?" ଏହା ସଙ୍ଗେ ସଙ୍ଗେ ଓକିଲଙ୍କ ପ୍ରାଧାନ୍ୟ ବଢ଼ିଥିବାର ସୂଚନା ମଧ୍ୟ ସେ ଦେଇଛନ୍ତି, "କୁଛ୍ ପରବା ନେହି, ଟଙ୍କା ଆଣ, ମୁଁ କଳାକୁ ଧଳା, ଧଳାକୁ କଳା କରିଦେବି ।" ପୋଲିସ ଓ ଜେଲଖାନାକୁ ଜନସାଧାରଣଙ୍କର ବିଶେଷ ଡର । *ଛମାଣ ଆଠଗୁଣ୍ଠ*ରେ ଏ ସବୁର ବାସ୍ତବ ଚିତ୍ର ମିଳେ । ଅବଶ୍ୟ ପଲ୍ଲୀହିଁ ରହିଛି ଉପନ୍ୟାସଟିର ପ୍ରାଣଭୂମି । ବିଶେଷ ଆବଶ୍ୟକ ନ ହେଲେ କଟକ ସହର ସହିତ ଗ୍ରାମବାସୀଙ୍କର ସମ୍ପର୍କ ନାହିଁ । ଏଥିରୁ ଅନୁମିତ ହୁଏ ଯେ ଓଡ଼ିଶାରେ ଇଂରେଜ ଶାସନର ପ୍ରାରମ୍ଭରେହିଁ ଏ ଉପନ୍ୟାସ ରଚିତ । ଉପନ୍ୟାସଟିରେ କେତେଗୁଡ଼ିଏ ତାରିଖ ଦେଖିବାକୁ ମିଳେ । ବିଂଶ ପରିଚ୍ଛେଦରେ ଗୋବିନ୍ଦା ନଈରେ ପଡ଼ି ଆତ୍ମହତ୍ୟା କରିବା ବେଳେ ତାହା ଗଣ୍ଠିରୁ ବାହାରି ତାଳପତ୍ର ଡଙ୍ଗାରେ ରହି ଯାଇଥିଲା । ସେହି ବଡ଼ାଟି ତଡ଼ା ହେବା ସମୟରେ ଗୋଟିଏ ଗୁଜା ବାହାରିଲା । ଗୁଜାଟିରେ ସେ ଗ୍ରାମର ଶାମସାହୁ ଜମିଦାର ରାମଚନ୍ଦ୍ର ମଙ୍ଗରାଜଙ୍କଠାରୁ

ଟ ୧୦୯ କରଜ ନେବାର ଉଲ୍ଲେଖ ଅଛି ଏବଂ ସେ ଗୁଜାଟିରେ ସମସ୍ତ ଦିଆ ଯାଇଛି ଶ୍ରୀ ଶ୍ରୀ ମୁକୁନ୍ଦଦେବଙ୍କ ୭ ଅଙ୍କ କୁମ୍ଭମାସ କୃଷ୍ଣପକ୍ଷ ଦ୍ୱିତୀୟା । ମୁକୁନ୍ଦଦେବ ୧୭୯୮ ମସିହାରେ ରାଜାହେଲେ । ପୁରୀ ଗଜପତି ରାଜବଂଶର ସାଲ ଗଣନାର ବିଶେଷତ୍ୱ ଅନୁଯାୟୀ ମୁକୁନ୍ଦଦେବଙ୍କ ୭ ଅଙ୍କ ୧୮୦୧ ମସିହାରେ ବା ୧୮୦୨ ମସିହାରେ ପଡ଼ୁଅଛି । ଦାରୋଗା ଇନାଏତ୍ ହୋସେନ ଗାଁ ଚଉକିଆ ଗୋବିନ୍ଦ ଜେନାଠାରୁ ଶାରିଆର ମୃତ୍ୟୁ ସମ୍ବାଦ ପାଇଛନ୍ତି ୧୮୩୧ ମସିହା ଅକ୍ଟୋବର ମାସ ୩ ତାରିଖରେ ଏବଂ ସେ କଟକ ମାଜିଷ୍ଟ୍ରେଟଙ୍କୁ ସେହି ମାସ ୧୦ ତାରିଖରେ ତାଙ୍କର ରିପୋର୍ଟ ପଠାଇଛନ୍ତି । ସେସନ୍ସ କୋର୍ଟରେ ମଙ୍ଗରାଜଙ୍କ ବିଚାର ପରେ ଜଜସାହେବ ତାଙ୍କ ରାୟ ଦେଇଛନ୍ତି ୧୮୩୨ ମସିହା ମେ ମାସ ୧୭ ତାରିଖରେ । ଏହି ରାୟ ଅନୁସାରେ ମଙ୍ଗରାଜଙ୍କୁ ହୋଇଛି ଛଅ ମାସ ସଶ୍ରମ କାରାଦଣ୍ଡ ଏବଂ ପାଞ୍ଚଶତ ଟଙ୍କା ଜୋରିମାନା (ଅନାଦାୟେ ଆଉ ତିନିମାସ କାରାଦଣ୍ଡ) । ଅବଶ୍ୟ ମଙ୍ଗରାଜଙ୍କ ସମ୍ପତ୍ତି ନିଲାମ ହୋଇ ତାଙ୍କଠାରୁ ଜୋରିମାନା ଟଙ୍କା ଆଦାୟ ହୋଇଛି । କିନ୍ତୁ ସେ ଛଅ ମାସ ସଶ୍ରମ କାରାଦଣ୍ଡ ଭୋଗ କରି ନାହାନ୍ତି । କାରଣ, ଜେଲ ଭୋଗୁଥିବା ସମୟରେ ଗୁରୁତର ଭାବରେ ଆହତ ହେବା ଫଳରେ ସେ ଘରକୁ ଫେରି ଆସିଛନ୍ତି ଓ ଘରେ ତାଙ୍କର ମୃତ୍ୟୁ ହୋଇଛି । ସୁତରାଂ ୧୮୩୨ ମସିହାରେହିଁ ଏ ଉପନ୍ୟାସର ସମାପ୍ତି ଘଟିଛି ।

କୁସୁପୁରନିବାସୀ ଶ୍ରୀ ସୂର୍ଯ୍ୟମଣି ଜେନା ୨୪-୯-୫୯ ତାରିଖରେ ସମାଜକୁ ଯେଉଁ ପତ୍ର ଲେଖିଛନ୍ତି ସେଥିରୁ ଏହି ଉପନ୍ୟାସର ପ୍ରେରଣା (inspiration) ସମ୍ପର୍କରେ ଏକ ସୁନ୍ଦର ତଥ୍ୟ ମିଳେ । ତାଙ୍କ ପତ୍ରର କିୟଦଂଶ ଏଠାରେ ଉଦ୍ଧାର କରାଗଲା ।

"କେଉଁ ପରିସ୍ଥିତିରେ ଏହି ଗ୍ରନ୍ଥଟି ଲିଖିତ ହୋଇଅଛି ତାହାର ବିବରଣ ନିମ୍ନରେ ପ୍ରଦାନ କରୁଛି । ଏହା ୧୮୯୭ ମସିହାର କଥା ।

କେନ୍ଦ୍ରାପଡ଼ାର ପ୍ରସିଦ୍ଧ ନରେନ୍ଦ୍ର ପରିବାରଙ୍କ ବୈଷୟିକ ଅବସ୍ଥା କ୍ରମେ ଅବସାନ ହେଉଛି । ବ୍ୟାସକବିଙ୍କ ଜାମାତା ୬ ଗଗନବିହାରୀ ଚୌଧୁରୀ ସେତେବେଳେ କେନ୍ଦ୍ରାପଡ଼ାର ମୁନସଫ୍ । ତାଙ୍କ କୋର୍ଟରେ ଜମିଦାରବଂଶଙ୍କ ନାମରେ ଅନେକ ଡିକ୍ରୀଜାରୀ ଚାଲିଥାଏ । ଜମିଦାରବଂଶଙ୍କ ଅନୁରୋଧରେ ମୁନସଫ୍ ମହାଶୟ ତାଙ୍କ ଶ୍ୱଶୁରଙ୍କୁ ନରେନ୍ଦ୍ରଙ୍କ ଇଷ୍ଟେଟର ମାନେଜର ହେବାକୁ ପ୍ରବର୍ତ୍ତାଇ ଥିଲେ ଏବଂ ସେ ଉକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ଜମିଦାରୀର ଗୋଟିଏ ବିସ୍ତୃତ ଅଂଶ ବଡ଼ଚଣା ଥାନାର ଗୋପାଳପୁର ଅଞ୍ଚଳରେ ଥିଲା । ଗୋପାଳପୁରଠାରେ ବିରୂପାନଦୀର ଦୁଇଟି ଶାଖା ଏକତ୍ର ହୋଇଛି । ଏହି ସ୍ଥାନର ଉତ୍ତରକୁ ନଦୀର ଅପର ପାର୍ଶ୍ୱରେ ପ୍ରସିଦ୍ଧ ଉଦୟଗିରି ପର୍ବତମାଳା ଏବଂ ଦକ୍ଷିଣକୁ ଲଳିତଗିରି ପର୍ବତମାଳା । ଏ ସବୁ ନରେନ୍ଦ୍ରଙ୍କ ଜମିଦାରୀର ଅନ୍ତର୍ଗତ । ସ୍ଥାନଟି ଅତି ରମଣୀୟ । ତାହା କବିଙ୍କ ଚିତ୍ତ ଆକର୍ଷଣ କରିଥିଲା । ସେ ଏହାକୁ କଚେରୀ ଘର ନିର୍ମାଣ କରାଇ ଏହିଠାରେ ବାସ କରିବାକୁ ଲାଗିଲେ । *ଛମାଣ ଆଠଗୁଣ*ରେ ଗୋପାଳପୁର ଓ ବିରୂପାନଦୀ କଥା ବର୍ଣ୍ଣିତ ଅଛି । କଚେରୀ ହତାରୁ ପଶ୍ଚିମକୁ ଏବେ ବି ଗୋଟିଏ ବିଶାଳ ବଟବୃକ୍ଷତଳେ "ମୁଣ୍ଡିକାଶୃଗଜାରୂଢ଼ା ବାଡ଼ସଂହାରିଣୀ ଗ୍ରାମ ଦେବତା ପୂଜିତା ହେଉଅଛନ୍ତି ଏବଂ ହତାର ପୂର୍ବଦିଗକୁ ଗୋଟିଏ ତନ୍ତୀସାହି ମଧ୍ୟ ଅଛି । ଉପନ୍ୟାସର ଏପରି ନାମକରଣ ସମ୍ବନ୍ଧରେ ଅନୁଧ୍ୟାନ କରି ଆମ୍ଭେମାନେ ଜାଣୁଛୁ ଯେ ଜମିଦାର କଚେରୀ କରିବା

ପାଇଁ କୌଣସି ତନ୍ତୀର ୬ ମାଣ ୮ ଗୁଣ୍ଠ ଜମି ବୈଧ ବା ଅବୈଧ ଉପାୟରେ ହସ୍ତଗତ କରିଥିଲେ । ଭାବପ୍ରବଣ କବିଙ୍କ ହୃଦୟରେ ଏ ବିବରଣ ଏପରି ଛାପ ପକାଇଥିଲା ଯେ ତାଙ୍କର ଭାବାବେଶ ଏକ ଉପନ୍ୟାସରୂପେ ଆତ୍ମପ୍ରକାଶ କଲା ।"

ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସଗୁଡିକ ଫକୀରମୋହନଙ୍କର ବିଶେଷ ଆଦରଣୀୟ ଥିଲା । ତେଣୁ ତାହାର ପ୍ରଭାବ ଫକୀରମୋହନଙ୍କ ଉପନ୍ୟାସ ଉପରେ ପଡ଼ିଥିବା ସ୍ୱାଭାବିକ । ବଙ୍କିମଚନ୍ଦ୍ରଙ୍କ ***ବିଷବୃକ୍ଷ*** ୧୮୭୨ ମସିହାରୁ ***ବଙ୍ଗଦର୍ଶନ*** ପତ୍ରିକାରେ ଧାରାବାହିକରୂପେ ପ୍ରକାଶ ପାଇ ୧୮୭୩ ମସିହାରେ ପୁସ୍ତକାକାରରେ ଆତ୍ମପ୍ରକାଶ କରିଥିଲା । ଫକୀରମୋହନ ***ଛମାଣ ଆଠଗୁଣ୍ଠ***ର ଲେଖା ୧୮୯୭ ମସିହାରୁ ଆରମ୍ଭ କରିଥିଲେ ।

ବଙ୍କିମଚନ୍ଦ୍ର କୁନ୍ଦନନ୍ଦିମାକୁ କୋହିନୁରମଣି ସହିତ ତୁଳନା କଲାପରି ଫକୀରମୋହନ ଛମାଣ ଆଠଗୁଣ୍ଠକୁ କୋହିନୁର ସହିତ ତୁଳନା କରିଛନ୍ତି । କେତେକ ବର୍ଣ୍ଣନରେ ଉଭୟ ରଚନାରେ ସାମ୍ୟ ଦେଖାଯାଏ । "ନାରିକେଲଗାଛେ ଚିଲ ବସିୟା ରାଜମନ୍ତ୍ରୀର ମତ ଚାରିଦିକ୍ ଦେଖିତେଛେ, କାହାର କପେ ଛୋଁ ମାରିବେ । ବକ ଛୋଟ ଲୋକ, କାଦା ଘାଟିୟା ବେଡ଼ାଇତେଛେ । ଡାହୁକ ରସିକ ଲୋକ, ଡୁବ ମାରିତେଛେ ।" –***ବିଷବୃକ୍ଷ*** ।

"ଗାରି ପାଞ୍ଚଗଣ୍ଡା ଧଳାବଗ ଗାରି ପାଞ୍ଚ ଗୋଟି କଣ୍ଠିବଗ ମାଚଲୋକ ମୂଲିଆଙ୍କ ପରି ସକାଳୁ ସନ୍ଧ୍ୟାବେଳ ଯାଏଁ କାଦୁଅ ଚକଟୁ ଅଛନ୍ତି । × × × ଚିଲ ଖୁବ୍ ସିଆଣା, ଖୁବ୍

ହୁସିଆର, ଗୁରୁଗୋସାଇଁଙ୍କ ପର ଡାଳରେ ଭୁକ ହୋଇ ବସିଅଛୁ ।”
—*ଛମାଣ ଆଠଗୁଣ* ।

*ବିଷବୃକ୍ଷ*ର ହରିଦାସୀ ବୈଷ୍ଣବୀ ଚରିତ୍ର ସହିତ *ଛମାଣ ଆଠଗୁଣ*ର ଚମ୍ପାର ଚରିତ୍ର ତୁଳନୀୟ । ଉଭୟଙ୍କର ଉଦ୍ଦେଶ୍ୟ ପ୍ରଚ୍ଛନ୍ନ । ହରିଦାସୀ ଯେପରି ବିଭିନ୍ନ ଅଳଙ୍କାରରେ ସଜ୍ଜିତା, ଚମ୍ପା ମଧ୍ୟ ସେହିପରି ବିଭିନ୍ନ ଅଳଙ୍କାରଯୁକ୍ତା । ଉଭୟେ ସେମାନଙ୍କ ଗୁପ୍ତ ଉଦ୍ଦେଶ୍ୟ ସାଧନ ପାଇଁ ଛଳନାର ଆଶ୍ରୟ ଗ୍ରହଣ କରିଅଛନ୍ତି । ହରିଦାସୀର ପ୍ରସ୍ଥାନ ପରେ ନଗେନ୍ଦ୍ରଙ୍କ ଗୃହର ଦାସୀମାନେ ଯେପରି ହରିଦାସୀର ରୂପ, ଗୁଣ ସମ୍ପର୍କରେ ସମାଲୋଚନା ଆରମ୍ଭ କରିଛନ୍ତି ସେହିପରି ଟାଙ୍ଗୀମାଉସୀ ଯିବା ପରେ ବାଘସିଂହଙ୍କ ଘରେ ଚମ୍ପା ସମ୍ପର୍କରେ ସମାଲୋଚନାର ହାଟ ବସି ଯାଇଛି । ବଙ୍କିମଚନ୍ଦ୍ର ଚଣ୍ଡୀଙ୍କ ପ୍ରାର୍ଥନା ଶ୍ଳୋକ :

"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।”

କୁ *ବିଷବୃକ୍ଷ*ରେ ଲୀଳା କରିଛନ୍ତି :

ଯା ଦେବୀ ବଟବୃକ୍ଷେଷୁ ଛାୟାରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।

ଫକୀରମୋହନ *ଛମାଣ ଆଠଗୁଣ*ରେ ଅନୁରୂପ ପନ୍ଥା ଅବଲମ୍ବନ କରିଛନ୍ତି :

ଯା ଦେବୀ ବୃକ୍ଷମୂଳେଷୁ ଶିଳାରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।

*ବିଷବୃକ୍ଷ*ରେ ନଗେନ୍ଦ୍ର ମଧୁପୁର ଗାଁକୁ ଯିବା ସମୟରେ ଗ୍ରାମବାସୀଙ୍କ ମଧ୍ୟରେ ତାଙ୍କୁ ଦେଖିବା ପାଇଁ ଯେପରି ଆଗ୍ରହାତିଶଯ୍ୟ ବଢ଼ି ଚାଲିଲା ଏବଂ ତାଙ୍କ ପରିଚୟ ସମ୍ପର୍କରେ ସେମାନଙ୍କ ମଧ୍ୟରେ ନାନା କଳ୍ପନା ଜଳ୍ପନା ଚାଲିଲା, ସେହିପରି ଚମ୍ପା ଝାଙ୍ଗୀମାଉସୀ ବେଶରେ ରତନପୁର ଗାଁକୁ ଯିବା ସମୟରେ ଗାଁରେ ଚହଳ ପଡିଗଲା । ଅସ୍ତବ୍ୟସ୍ତ ଭାବରେ ସମସ୍ତେ ଦାଣ୍ଡକୁ ବାହାରି ପଡ଼ିଲେ । ପିଲାମାନଙ୍କ କଥା କିଏ ପଚାରେ—ଯୁବତୀ, ବୁଢ଼ୀ, ଦରବୁଢ଼ୀମାନଙ୍କର କୌତୂହଳର ସୀମା ରହିଲା ନାହିଁ । *ଛମାଣ ଆଠଗୁଣ*ରେ ବୁଢ଼ୀ-ମଙ୍ଗଳାଙ୍କ ବର୍ଣ୍ଣନା ରାମଶଙ୍କରରାୟଙ୍କ *ବିବାସିନୀ* ଉପନ୍ୟାସରେ ଗ୍ରାମଦେବୀ ଓ ଝାଡ଼େଶ୍ୱର ମହାଦେବଙ୍କ ବର୍ଣ୍ଣନାର ଅନୁରୂପ । କିନ୍ତୁ ଫକୀରମୋହନ ଭାଷାର ଚମତ୍କାରିତା ଓ କଳ୍ପନାର ଅପୂର୍ବ ସମାବେଶରେ ବୁଢ଼ୀମଙ୍ଗଳାଙ୍କ ବର୍ଣ୍ଣନାକୁ ଅଧିକ ମନୋଜ୍ଞ କରି ପାରିଛନ୍ତି ।

ତୁଳସୀ ଚଉରା—ଏହି ଚଉରା ମୂଳେ ଦେବତାର ମୂର୍ତ୍ତିମତୀ ପ୍ରତୀକ ସାଆନ୍ତାଣୀଙ୍କ ମୃତ ଦେହକୁ ମୁକୁନ୍ଦା ଦେଖିଥିଲା । "ଠିକ୍ ସେହି ତୁଳସୀଚଉରା ମୂଳେ ଠିକ୍ ସେହିପରି ଉତ୍ତରକୁ ମୁଣ୍ଡ କରି ପୁରୁଣା କତରା ଖଣ୍ଡିକରେ ମଙ୍ଗରାଜେ ପଡ଼ିଛନ୍ତି । ହାତ ଗୋଡ ନଡ଼ବଡ ହେବାକୁ ନାହିଁ,ଆଖିରେ ପଲକ ପଡୁନାହିଁ, ଏକ ଧ୍ୟାନରେ ଉପରକୁ ଚାହିଁ ରହିଛନ୍ତି ।" ଏହି ମଙ୍ଗରାଜେ ଦିନେ ନିଆଁ ପରି ଜଳି ଉଠିଥିଲେ । ସାରା ଗାଁଟାକୁ ଗ୍ରାସ କରିଦେବା ପାଇଁ ଥିଲା ତାଙ୍କର ଆକାଙ୍କ୍ଷା, କିନ୍ତୁ ଆଜି ସେ ଆକାଙ୍କ୍ଷା ନାହିଁ, ସେ ଆଶା ନାହିଁ, ମନର ଆଶା ମନରେ ମରିଛି । ଆଜି ତାଙ୍କ ଆଖି ଆଗରେ ଦେଖାଯାଉଛି ଏକ ଭୟଙ୍କର ବିକଟାଳ

ସ୍ତ୍ରୀ ମୂର୍ତ୍ତି । ସେ ସ୍ତ୍ରୀ ମୂର୍ତ୍ତି ବଜ୍ରସ୍ୱରରେ କହୁଛି, "ମୋ ଛମାଣ ଆଠଗୁଣ୍ଠ ଜମି ଦେ" । ଯେଉଁ ମଙ୍ଗରାଜେ ଦିନେ ଥିଲେ ପ୍ରବଳ ପ୍ରତାପୀ ଫତେପୁର ଷରଷଣ୍ଡର ଭାଗ୍ୟବିଧାତା, ଆଜି ତାଙ୍କ ଆଖି ଆଗରେ ନାଚୁଛି ଗୋଟାଏ ଭୟଙ୍କର ନରକଙ୍କାଳ ଏବଂ ସେ ନରକଙ୍କାଳ ତାଙ୍କୁ ଗ୍ରାସ କରିବା ପାଇଁ ପ୍ରସ୍ତୁତ । ଭଗିଆ ପରି ଦିଶୁଥିବା ସହସ୍ର ସହସ୍ର ପାଗଳ ଆକାଶ କୋଳରେ ବଉଦ ଉହାଡ଼ରୁ ଖଡ୍‌ଗ ମୁଦ୍‌ଗର ହସ୍ତରେ ମଙ୍ଗରାଜଙ୍କୁ ମାରିବା ପାଇଁ ଧାଇଁ ଆସୁଛନ୍ତି । କିନ୍ତୁ ପ୍ରତାପୀ ମଙ୍ଗରାଜ ଆଜି ନିଃସହାୟ, ତାଙ୍କର ଉଠିବାକୁ ଶକ୍ତି ନାହିଁ, ପାଟିରୁ କଥା ପଦେ ବାହାରୁ ନାହିଁ । ମଙ୍ଗରାଜଙ୍କ ମୃତ୍ୟୁ ଦୃଶ୍ୟର ଏହାହିଁ ହେଉଛି ପଟ୍ଟଭୂମି ।

ସମ୍ପତ୍ତି ଓ ପ୍ରତିପତ୍ତି ପଛରେ ଗୋଡ଼ାଇ ନିଜ ପତ୍ନୀଙ୍କୁ ସେ ଚିହ୍ନି ପାରି ନାହାନ୍ତି, ପୁଅମାନଙ୍କୁ ଅବହେଳା କରିଛନ୍ତି । ଭଗିଆର ସର୍ବସ୍ୱ ଲୁଣ୍ଠନ କରି ତାକୁ ପଥର କାଙ୍ଗାଳ କରିଛନ୍ତି । ଛଳନାର ଆଶ୍ରୟ ନେଇ ଯେଉଁ ଗନ୍ଧାଘରକୁ ସେ ଗଢ଼ିଛନ୍ତି, କିନ୍ତୁ ଶେଷରେ ସେହି ଗନ୍ଧାଘରର କଞ୍ଚି ଯାଇଛି ଚମ୍ପା ହାତକୁ । ଯେଉଁ ଜମିଦାରୀ ପାଇଁ ସେ ଏତେ କଳ, ବଳ କୌଶଳ ଖଟାଇଛନ୍ତି ସେ ଜମିଦାରୀ କଣ୍ଟକବଲ ହୋଇଛି ରାମଲାଲଙ୍କୁ । ଯେଉଁ ସମ୍ପତ୍ତି ପାଇଁ ସେ ସମସ୍ତଙ୍କ ତଣ୍ଟି କାଟିଛନ୍ତି ଶେଷରେ ସେ ସମ୍ପତ୍ତି ହୋଇଛି ନିଲାମ । ବାଘସିଂହ ବଂଶକୁ ସାହାଯ୍ୟ କରୁଥିବା ଯେଉଁ ଡମମାନଙ୍କୁ ସେ ଜେଲଦଣ୍ଡ ଦିଆଇଛନ୍ତି ଶେଷରେ ସେହିମାନଙ୍କ ଦ୍ୱାରା ମାଡ଼ଖାଇ ତାଙ୍କର ମୃତ୍ୟୁ ହୋଇଛି । ଜୀବନସାରା ମଙ୍ଗରାଜ ପାପକାର୍ଯ୍ୟରେ ଲିପ୍ତ ରହିଛନ୍ତି, ଧର୍ମାଧର୍ମ କିମ୍ବା ହିତାହିତ ଜ୍ଞାନ ସେ ପାସୋରି ଯାଇଛନ୍ତି । ତାଙ୍କର

ପାପ ଓ ଅନ୍ୟାୟ ପାଇଁ ସେ ଯେଉଁ ଶାସ୍ତି ପାଇଛନ୍ତି ତାହା କେବଳ ସାମାଜିକ ନ୍ୟାୟଦଣ୍ଡର ଶାସ୍ତିରେ ସମ୍ପୂର୍ଣ୍ଣ ହୋଇ ନାହିଁ । ବିଗୃହୀଳୟରେ ତାଙ୍କର ଯେଉଁ ଶାସ୍ତି ହୋଇଛି ତାହା ତାଙ୍କ କୃତ ଅପରାଧ ତୁଳନାରେ ଖୁବ୍ କମ୍ ବୋଲି ମନେ ହୁଏ । କିନ୍ତୁ ପ୍ରକୃତି ତାଙ୍କୁ ଏହାଠାରୁ ଯଥେଷ୍ଟ ଭୀଷଣ ଶାସ୍ତି ଦେଇଛି, ଏବଂ ପ୍ରକୃତିର ଏହି ଶାସ୍ତି ହିଁ ବିବେଚିତ ହୋଇଛି ତାଙ୍କର ନିଜର ମାନସିକ ଯନ୍ତ୍ରଣା । ମୃତ୍ୟୁ ସମୟରେ ସେ ଯେଉଁ ଭୟାବହ ଦୃଶ୍ୟ ଦେଖିଛନ୍ତି ତାହା ତାଙ୍କ ମାନସିକ ଦ୍ୱନ୍ଦ୍ୱର ଏକ ବାସ୍ତବ ରୂପ ।

କିନ୍ତୁ ମଙ୍ଗରାଜଙ୍କ ମୃତ୍ୟୁବର୍ଣ୍ଣନା ଅପେକ୍ଷା ଚମ୍ପାର ମୃତ୍ୟୁବର୍ଣ୍ଣନା ଅଧିକ ଭୟଙ୍କର । ଘୋର ଅନ୍ଧକାର ରାତ୍ରି, ଭୀଷଣ ବର୍ଷା, ପବନର ସାଇଁ ସାଇଁ ଶବ୍ଦ, ଘର ଭିତରେ ଜଳୁଥିବା ଦୀପ ଲିଭି ଲିଭି ଆସୁଛି । ଗୋବିନ୍ଦା ଏକ ଧ୍ୟାନରେ ଚମ୍ପାକୁ ଅନାଇଲା । ଭୂମି ଉପରେ ପଡିଥିବା ନିଦ୍ରିତା ଶୂକରୀକୁ କେନ୍ଦୁଆ ଯେପରି ଅନାଏ । ଗୋବିନ୍ଦା ମନରେ ଭୀଷଣ ଦ୍ୱନ୍ଦ୍ୱ, କିନ୍ତୁ ଶେଷରେ ସାହସ ବାନ୍ଧି ସେ ଚମ୍ପା ଉପରେ ଝାମ୍ପି ପଡ଼ିଲା । ଘର ଭିତରେ ଭୀଷଣ ଗଁ ଗଁ ଶବ୍ଦ ଶୁଣାଗଲା, ଗୋଡହାତ ବାଡଆ ଶବ୍ଦ । ଏହାହିଁ ହେଉଛି ଚମ୍ପାର ହତ୍ୟାଦୃଶ୍ୟ । ଏହି ବିଭୀଷିକା ପାଠକ ମନରେ ଭୟର ସଞ୍ଚାର କରେ, କିନ୍ତୁ ଚମ୍ପା ପରି ସଇତାନୀର ମୃତ୍ୟୁ ପାଇଁ ଏହାହିଁ ହେଉଛି ଉପଯୁକ୍ତ ପରିବେଶ । ଚମ୍ପାର କାର୍ଯ୍ୟାବଳୀରୁ ଜଣା ପଡ଼େ ଯେପରିକି ପରର ଅନିଷ୍ଟ କରିବା ପାଇଁ ସେ ଜୀବନର ପ୍ରାରମ୍ଭରୁ ପ୍ରତିଜ୍ଞା କରିଥିଲା । ମଙ୍ଗରାଜଙ୍କୁ ସଇତାନ ରୂପେ ଗଢ଼ିଛି ସେ, ଆଉ ସେ ତିଳ ତିଳ କରି ମଙ୍ଗରାଜଙ୍କୁ ଖରାପ ବାଟକୁ ଆଗେଇ ଆଣିଛି । ଚମ୍ପାର ପ୍ରଭାବରେ ମଙ୍ଗରାଜ ସାଆନ୍ତାଣୀଙ୍କୁ

ଭୁଲି ଯାଇଛନ୍ତି । ତଥାପି ଚମ୍ପା ସନ୍ତୁଷ୍ଟ ହୋଇନାହିଁ । ମଙ୍ଗରାଜଙ୍କୁ ଦାଣ୍ଡର ଭିକାରି କରିବା ପାଇଁ ସେ ତାଙ୍କ ଗନ୍ତାଘରୁ କୌଶଳରେ ସମସ୍ତ ଧନରତ୍ନ ନେଇ ପଳାଇଛି । ବାଘସିଂହ ବଂଶକୁ ସେ ଛାରଖାର କରିଛି । ସାରିଆ ଭଗିଆର ସୁନାର ସଂସାରକୁ ଚୂରମାର କରି ଦେଇଛି । ଦୁନିଆର ବୁକୁପରେ ଚମ୍ପା ଯେପରି ଏକ ମୂର୍ତ୍ତିମନ୍ତ ଅଭିଶାପ । କିନ୍ତୁ ଜୀବନସାରା ଅନ୍ୟକୁ ଠକି ଠକି ଶେଷରେ ସେ ନିଜେ ପାଇଛି ଶାସ୍ତି । ସେ ଶାସ୍ତି ଅତି ଭୀଷଣ । ସାଆନ୍ତାଣୀ ହେବାର ସୁଖସ୍ୱପ୍ନ ସେ ଯେତେବେଳେ ଦେଖିଛି ଠିକ୍ ସେତିକି ବେଳେ ତାକୁ ଗୋବିନ୍ଦା ହତ୍ୟା କରିଛି । କିନ୍ତୁ ଏତିକିରେ ମଧ୍ୟ ଫକୀରମୋହନ ସନ୍ତୁଷ୍ଟ ହୋଇ ନାହାନ୍ତି । ଚମ୍ପାର ମୃତ୍ୟୁ ପରେ ମଧ୍ୟ ଚମ୍ପାର ଶବକୁ ସେ ଯେପରି ଉପସ୍ଥାପନ କରିଛନ୍ତି ସେଥିରେ ପାଠକ ମନରେ ତୀବ୍ର ଘୃଣା ଜାତ ହେବା ସ୍ୱାଭାବିକ । "ଲୁସଠା ଫୁଲି ଗୁରୁଗୁଣ୍ଡି ମୋଟା ହୋଇ ଗଲାଣି, ଜିଭଟା ଗୋଟାଏ ସାନ କଦଳୀଭଣ୍ଡା ପରି ଦିଶୁଛି, ଦୁର୍ଗନ୍ଧ କଥା ଛାଡ଼ । ଉଲଗ୍ନ ସ୍ତ୍ରୀ ମୂର୍ତ୍ତି ତ ସତ, ଏହାର ଗୋଡ଼ ପାଞ୍ଚୁଳି ନାହିଁ, ଚାଲୁଥିଲା କିପରି ? ଏଟା କି ରାକ୍ଷସୀ ?" ବାସ୍ତବିକ ଚମ୍ପା ଥିଲା ଏକ ରାକ୍ଷସୀ ଏବଂ ସେଥିପାଇଁ ତାର ମୃତ୍ୟୁ ହୋଇଛି ଅସ୍ୱାଭାବିକ ଭାବରେ ।

ଚମ୍ପାର ମୃତ୍ୟୁରେ ପାପର ଶାସ୍ତି ପାଠକ ଦେଖେ, ମଙ୍ଗରାଜଙ୍କ ମୃତ୍ୟୁରେ ପାଠକ ବ୍ୟଥିତ ହୁଏ; କିନ୍ତୁ ଭଗିଆ ଓ ଶାରିଆର କରୁଣ ପରିଣତି ପାଠକ ଆଖିରେ ଲୁହ ଆଣିଦିଏ । ଭଗିଆକୁ ଗାଁ ଲୋକମାନେ ହୁଣ୍ଡା ତନ୍ତି ବୋଲି ଡାକନ୍ତି । ସେ ଯେପରି ହୁଣ୍ଡା, ତାର ଘରଯାଠି ସେହିପରି ହୁଣ୍ଡୀ । ନିହାତି ସରଳ ସେମାନେ, ସତେ ଯେପରି ସାନ

ପିଲା ଦୁଇଟି । ଗାଁର କୌଣସି କଥାରେ ସେମାନେ ନ ଥାନ୍ତି । ମାଟିକୁ ମ ବୋଲି ସେମାନେ କହନ୍ତି ନାହିଁ । ତାଙ୍କର ପିଲା ନ ଥିଲେ, ସେତିକି ତାଙ୍କର ଦୁଃଖ । କିନ୍ତୁ ପିଲା ବଦଳରେ ତାଙ୍କର ଥିଲା ନେଡି ଗାଈ । ଶାରିଆ ନେଡିକୁ ଝିଅ ପରି ପୋଷି ଥାଏ । କିନ୍ତୁ ଏହି ସରଳ ନିଷ୍ପାପ ଦମ୍ପତି ସର୍ବସ୍ୱାନ୍ତ ହେଲେ । ସାରିଆ ନ ଖାଇ ନ ପିଇ ମଙ୍ଗରାଜଙ୍କର ଦୁଆରେ ପଡି ପଡ଼ି ମଲା । ଆଉ ଭଗିଆ ? ପାଗଳଭାବରେ ଜୀବନର ବାକି କେତୋଟି ଦିନ ସେ ଜେଲଖାନାରେ କଟାଇବାକୁ ବାଧ୍ୟ ହେଲା । ସେମାନେ ତ କାହାରି ଅନିଷ୍ଟ କରି ନ ଥିଲେ, ତାଙ୍କର ଏ ଶାସ୍ତି କାହିଁକି ? ଏହାହିଁ ବୋଧହୁଏ ଦୁନିଆର ରୀତି । ଏଠାରେ ପାପୀ ହୁଏତ ଶାସ୍ତି ପାଇପାରେ, କିନ୍ତୁ ଭଲର ପୁରସ୍କାର ଯେ ମିଳିବ ସେଥିରେ ସ୍ଥିରତା ନାହିଁ । ତା ନ ହେଲେ ଭଗିଆ ଓ ଶାରିଆର କରୁଣ ଜୀବନ ସମ୍ଭବ ହୁଅନ୍ତା କିପରି ?

ଠିକ୍ ଏହାହିଁ ପାଠକ ଦେଖେ ସାଆନ୍ତାଣୀଙ୍କ ମୃତ୍ୟୁରେ । ମଙ୍ଗରାଜଙ୍କ ଶତ ଅନାଦର ସତ୍ତ୍ୱେ ଏହି ପତିବ୍ରତା ନାରୀ ତାଙ୍କର କର୍ତ୍ତବ୍ୟ କରି ଯାଇଛନ୍ତି । ଗାଁ ସ୍ତ୍ରୀମାନଙ୍କ ମଧ୍ୟରେ ସ୍ୱାମୀସେବା କଥା ପଡ଼ିଲେ ସମସ୍ତେ ସାଆନ୍ତାଣୀଙ୍କୁ ଦୃଷ୍ଟାନ୍ତ ଦେଉଥିଲେ । ସେ ଯେପରି ଧାର୍ମିକା ସେହିପରି ନିର୍ମଳଚରିତ୍ରା ଥିଲେ । କେବଳ ପତିସେବା ନୁହେ ମାନବସେବାକୁ ମଧ୍ୟ ସେ ମହା ସୁଖକର ଜ୍ଞାନ କରୁଥିଲେ । ଶାଳଗ୍ରାମର ବସିବା ଶୋଇବା ପରି ତାଙ୍କର ହସକାନ୍ଦ କେହି ଜାଣି ପାରୁ ନ ଥିଲେ । କାହାରି ସଙ୍ଗରେ ତାଙ୍କର କଳି ନାହିଁ, କାହାରି ସଙ୍ଗେ ହସଖୁସି ନାହିଁ । ତାଙ୍କ ମୃତ୍ୟୁ ସମସ୍ତଙ୍କୁ କନ୍ଦେଇ ଦେଇଛି । ମଙ୍ଗରାଜ ମଧ୍ୟ ତାଙ୍କ ବିଚ୍ଛେଦ ଯନ୍ତ୍ରଣା ଅନୁଭବ କରିଛନ୍ତି । ସାଆନ୍ତାଣୀଙ୍କ ମୃତ୍ୟୁ ବର୍ଣ୍ଣନା ପାଇଁ

ଫକୀରମୋହନ ଗୋଟିଏ ପୂର୍ଣ୍ଣ ପରିଚ୍ଛେଦ ଆବଶ୍ୟକ କରିଛନ୍ତି ଏବଂ ଏହି ପରିଚ୍ଛେଦରେ ତାଙ୍କ ବର୍ଣ୍ଣନା ଏତେ କରୁଣ ହୋଇଅଛି ଯେ ପାଠକମନରେ ଏହା ସ୍ଥାୟୀ ପ୍ରଭାବ ପକାଇବାକୁ କ୍ଷମ ହୋଇଛି । ତାଙ୍କ ଅନ୍ତରର ସମସ୍ତ କୋମଳତା ଦେଇ ଫକୀରମୋହନ ଚେଷ୍ଟା କରିଛନ୍ତି ସାଆନ୍ତାଣୀଙ୍କ ମୃତ୍ୟୁଦୃଶ୍ୟର ଏକ କରୁଣ ଛବି ଆଙ୍କି ଦେବାକୁ ଏବଂ ସେ ସେଥିରେ ପୂର୍ଣ୍ଣତଃ କୃତକାର୍ଯ୍ୟ ହୋଇ ପାରିଛନ୍ତି ।

***ଛମାଣ ଆଠଗୁଣ୍ଠ*** ଉପନ୍ୟାସରେ ଫକୀରମୋହନ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜମିଦାରମାନଙ୍କର ଅବସ୍ଥାର ଏକ ନିଖୁଣ ଚିତ୍ର ଦେଇଛନ୍ତି । ଉପନ୍ୟାସଟିରେ ତିନି ବିଭିନ୍ନ ଶ୍ରେଣୀର ଜମିଦାରଙ୍କ ଚିତ୍ର ଅଙ୍କିତ ହୋଇଅଛି । ପ୍ରଥମ ଶ୍ରେଣୀର ଜମିଦାର ହେଉଛନ୍ତି କରାମତ ଅଲି ଓ ତାଙ୍କ ପୁତ୍ର ସେଖ୍ ଦିଲଦାର ମିଆଁ । ସେ ଥିଲେ ମେଦିନୀପୁରର ଜମିଦାର, କିନ୍ତୁ ଓଡ଼ିଶାରେ ତାଙ୍କର ଖଣ୍ଡେ ଜମିଦାରୀ ରହି ଯାଇଥିଲା । ଏହି ସୂତ୍ରରେ ତାଙ୍କର ଉପନ୍ୟାସଟିରେ ଉଲ୍ଲେଖ । ଅଷ୍ଟମ ପରିଚ୍ଛେଦରେ ତାଙ୍କର ଭୋଗ, ବିଳାସ ଓ ବ୍ୟସନର ଏକ ଚୂଡ଼ାନ୍ତ ନିଦର୍ଶନ ମିଳେ । ସୁରାସାକୀର ଅର୍ଚ୍ଚନା ଓ ସଙ୍ଗୀତର ମୂର୍ଚ୍ଛନା ମଧ୍ୟରେ ତାଙ୍କର ଜୀବନସ୍ରୋତ ପ୍ରବାହିତ ହେଉଥିଲା । ବାଘସିଂହ ବଂଶ ହେଉଛନ୍ତି ଦ୍ୱିତୀୟ ଶ୍ରେଣୀର ଜମିଦାର । ଏମାନେ ବହୁପୂର୍ବରୁ ଜମିଦାର ହୋଇ ଆସିଛନ୍ତି । ତାଙ୍କଠାରେ ଜମିଦାରର ଐତିହ୍ୟ ଦେଖିବାକୁ ମିଳେ । କିନ୍ତୁ କାଳର କରାଳସ୍ରୋତରେ ଏମାନଙ୍କ ଜମିଦାରୀର ଅଧଃପତନ ଘଟିଛି । ତୃତୀୟ ଶ୍ରେଣୀର ଜମିଦାର ହେଉଛନ୍ତି ରାମଚନ୍ଦ୍ର ମଙ୍ଗରାଜ । ଏହାଙ୍କର ଭୋଗବିଳାସ ନାହିଁ କିମ୍ବା ଐତିହ୍ୟ ନାହିଁ । ନିଜ ଶିଙ୍ଗରେ ମାଟି ତାଡ଼ି ସେ

ହୋଇଛନ୍ତି ଜମିଦାର ଏବଂ ତାଙ୍କର ଜୀବଦ୍ଦଶାରେହିଁ ସେହି ଜମିଦାରୀ ଅନ୍ତର୍ଭୁକ୍ତ ହୋଇଅଛି । ଏ ଶ୍ରେଣୀର ଜମିଦାର ସମ୍ପୂର୍ଣ୍ଣ ଆତ୍ମକେନ୍ଦ୍ରିକ ମନୋବୃତ୍ତି ନେଇ ପରସ୍ୱ ଅପହରଣ କରି ନିଜର ସମ୍ପତ୍ତି ବୃଦ୍ଧି କରିଛନ୍ତି । କିନ୍ତୁ ଐତିହ୍ୟ ନ ଥିବାରୁ ଏ ସମ୍ପତ୍ତିର ସେ ସଦ୍‌ବ୍ୟବହାର କରି ପାରି ନାହାନ୍ତି ।

***ଛ ମାଣ ଆଠ ଗୁଣ୍ଠ***ରେ ପଲ୍ଲୀର ଏକ ମନୋରମ ଚିତ୍ର ଫୁଟି ଉଠିଛି । ଇଂରାଜୀ ସଭ୍ୟତାଲୋକରେ ଆଲୋକିତ ହୋଇ ମଧ୍ୟ ସମାଜ ନୂତନ ସଭ୍ୟତାକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରି ପାରି ନାହିଁ । ପାଶ୍ଚାତ୍ୟ ଚିନ୍ତାଧାରାର ଆଘାତରେ ସମାଜ ଭାଙ୍ଗି ପଡ଼ୁଛି ସତ, ତଥାପି ଅଜ୍ଞାତ ଆଚାର ବ୍ୟବହାର ଓ ରୀତିନୀତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସି ନାହିଁ । ତେଣୁ ଏ ପର୍ଯ୍ୟନ୍ତ ପଲ୍ଲୀର ଗୁରୁତ୍ୱ ରହିଛି । ଏହି ପଲ୍ଲୀକୁ ନେଇ ଗଢ଼ି ଉଠିଛି ***ଛ ମାଣ ଆଠ ଗୁଣ୍ଠ***ର ଜୀବନ ଧାରାର ସୁଖଦୁଃଖ । ଦକ୍ଷ ଶିଳ୍ପୀ ଫକୀରମୋହନଙ୍କ ଲେଖନୀରେ ରୂପ ପାଇ ଏ ସମସ୍ତ ସଜୀବ ହୋଇ ଉଠିଛି । ଦ୍ୱାଦଶ ପରିଚ୍ଛେଦରେ ଅସୁରପୋଖରିର ବର୍ଣ୍ଣନ ପ୍ରସଙ୍ଗରେ ସେ ପଲ୍ଲୀଗ୍ରାମର ଏକ ଜୀବନ୍ତ ଛବି ଆଙ୍କି ପାରିଛନ୍ତି । ପଲ୍ଲୀଗାଁରେ ଗାଧୁଆ ତୁଠର ଗୁରୁତ୍ୱ ସମ୍ପର୍କରେ ସେ କହିଛନ୍ତି, "ଗ୍ରାମରେ ଡେଲି ନିଉଜ୍ ଖବରକାଗଜ ଛପା ହେଉଥିଲେ, ସମ୍ପାଦକଙ୍କ ସମ୍ବାଦ ସଂଗ୍ରହ ନିମନ୍ତେ ଅଧିକ ପରିଶ୍ରମ କରିବାକୁ ପଡ଼ନ୍ତା ନାହିଁ । ଖଣ୍ଡେ ପେନ୍‌ସିଲ କାଗଜ ଘେନି ଏହିଠାରେ ବସିଲେ ସମସ୍ତ ସଂଗ୍ରହ କରି ପାରନ୍ତେ ।" ଗାଧୁଆ ତୁଠରେ ଗାଁର ସମସ୍ତଙ୍କ ଘରର ଟିକିନିଖି ହାଲଚାଲ ଉପରେ ଚର୍ଚ୍ଚା ହୁଏ ତାର ଏକ ବିସ୍ତୃତ ବିବରଣୀ ଏହି ପରିଚ୍ଛେଦରେ ଦିଆଯାଇଛି । ଅଶିକ୍ଷିତ ସରଳ ପଲ୍ଲୀଗ୍ରାମର ଜନତା ମନରେ

କୁସଂସ୍କାରର ଏକ ଜୀବନ୍ତ ଛବି ବୁଢ଼ୀମଙ୍ଗଳା ପ୍ରସଙ୍ଗରୁ ପାଠକ ଜାଣିପାରେ । ବର ଅଶ୍ୱତ୍ଥର ବିବାହ ଦ୍ୱାରା କନ୍ୟା ଦାନର ଫଳପ୍ରାପ୍ତି ସମ୍ପର୍କରେ ଏକ ଉଲ୍ଲେଖ ତ୍ରୟୋଦଶ ପରିଚ୍ଛେଦରେ ପରିବେଷିତ ହୋଇଛି । ଅଗଣା ମଝିରେ ଥିବା ତୁଳସି ଚଉରାଟି ଗୃହିଣୀର ସର୍ବସ୍ୱ । ଶଯ୍ୟାତ୍ୟାଗ କରିବା ପରେ ସେ ତା ମୂଳ ଧୋଏ, ଗୋବର ପାଣିରେ ଲିପେ, ଗାଧୋଇସାରି ପାଣି ଦିଏ, ଭୋଗ ଦିଏ, ଏବଂ ସନ୍ଧ୍ୟା ସମୟରେ ସନ୍ଧ୍ୟାବତୀ ଜାଳେ । ପଲ୍ଲୀ ନାରୀର ଏହି ଦିଗଟି ସାଆନ୍ତାଣିଙ୍କ ଚରିତ୍ର ମାଧ୍ୟମରେ ଫୁଟି ଉଠିଛି । ସେ ସମୟରେ ମଫସଲ ଅଞ୍ଚଳରେ ଗାଡ଼ି ଘୋଡ଼ାର ପ୍ରଚଳନ ନ ଥିଲା । ଡୋଲି ବା ସବାରିଟିଏ ଆସିଲେ ପଲ୍ଲୀ-ଗ୍ରାମରେ ଚହଲ ପଡ଼ି ଯାଉଥିଲା । ଲୋକମାନେ ଚତୁର୍ଦ୍ଦିଗରେ ରୁଣ୍ଡ ହୋଇ ଯାଉଥିଲେ । ଝାଙ୍ଗିମାଉସୀରୁ ଏହା ସ୍ପଷ୍ଟ ଜଣାପଡେ । ମଫସଲର ଜମିଦାର ରାମଚନ୍ଦ୍ର ମଙ୍ଗରାଜଙ୍କ ଭିତରଘରର ଦୃଶ୍ୟ ମଧ୍ୟ ବିଚିତ୍ର । ଘର ଭିତର ଅନ୍ଧାର । ଅସରପା ଓ ମୂଷାମାନଙ୍କର ନିରଙ୍କୁଶ ରାଜତ୍ୱ । ଘରକୋଣରେ ଗୁଡ଼ମାଠିଆ, ଆମ୍ବୁଲହାଣ୍ଡି, ଉପରେ ଝୁଲୁଥିବା ଶିକାରେ ଘିଅମାଠିଆ ଓ ଉପରେ ବୁଢ଼ିଆଣୀ ବସା, ଘର କାନ୍ଥ ପାଖରେ କାଠର ସିନ୍ଦୁକ । ତା ଉପରେ ସିନ୍ଦୂର ଚନ୍ଦନ ବୋଳା ଯାଇଛି ଏବଂ ପ୍ରତି ଗୁରୁବାରଦିନ ତାର ପୂଜା ହୁଏ । ଏହିପରି ଭାବରେ ଫକୀରମୋହନଙ୍କ ଲେଖନୀମୁନରେ ପଲ୍ଲୀ କୋଳରେ ପାଳିତ ଧନୀ ପରିବାରର ଏକ ନିଖୁଣ ଛବି ଫୁଟି ଉଠିଛି ।

ସମସାମୟିକ ସମାଜ ଚିତ୍ର ଏଥିରେ ପ୍ରତିଫଳିତ ହୋଇ-ଥିଲେହେଁ ଦୁଇଟି ପରିବାରର ଇତିହାସ ଏଥିରେ ଚିତ୍ରିତ ହୋଇଛି । ରାମଚନ୍ଦ୍ର ମଙ୍ଗରାଜଙ୍କର ଉତ୍‌ଥାନ ପତନ, ଶାରିଆ

ଓ ଭଗିଆର ସୁନାର ସଂସାର ଚୂନା ହେବା ଏହାର ପ୍ରତିପାଦ୍ୟ ବିଷୟ । ରାମଚନ୍ଦ୍ର ମଙ୍ଗରାଜଙ୍କ ଚରିତ୍ରଚିତ୍ରଣ ଏହାର ମୁଖ୍ୟ ଲକ୍ଷ୍ୟ । ସମାଜର ବିଭିନ୍ନ ଦିଗ ଉପରେ ***ଛମାଣ ଆଠଗୁଣ***ରେ ଆଲୋକପାତ କରା ଯାଇଅଛି, କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଦିଗକୁ କେନ୍ଦ୍ର କରି ଉପନ୍ୟାସଟି ଗଢ଼ି ଉଠିନାହିଁ, ତେଣୁ ***ଛମାଣ ଆଠଗୁଣ*** ଉପନ୍ୟାସକୁ ମନସ୍ତତ୍ତ୍ୱମୂଳକ ଉପନ୍ୟାସ କହିଲେ ଅସମୀଚୀନ ହେବନାହିଁ ।

ପ୍ରଥମ ପ୍ରକାଶ ସମୟରେ ଏହା ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ପାଠକଙ୍କ ମନରେ ଆନନ୍ଦର ଉତ୍ସ ଖେଳାଇ ଦେଇଥିଲା । ଫକୀରମୋହନ ***ଛମାଣ ଆଠଗୁଣ*** ପ୍ରତି ପାଠକମାନଙ୍କର ଆଗ୍ରହ ସମ୍ପର୍କରେ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି । "***ଛମାଣ ଆଠଗୁଣ***କୁ ସେମାନେ ବିଶେଷ ଆଗ୍ରହର ସହିତ ପଢ଼ୁଥିଲେ । ଏହି ଉପନ୍ୟାସଲିଖିତ ରାମଚନ୍ଦ୍ର ମଙ୍ଗରାଜଙ୍କ ମକଦ୍ଦମାର ବିବରଣୀ ଯେତେବେଳେ ***ଉତ୍କଳ ସାହିତ୍ୟ***ରେ ପ୍ରକାଶିତ ହେଉଥିଲା ସେତେବେଳେ ମଫସଲରୁ କେତେକ ଅଜ୍ଞ ଲୋକ ମକଦ୍ଦମା ବିଚାର ଦେଖିବା ପାଇଁ କଟକ ଆସିଥିଲେ ।"

***ଛମାଣ ଆଠଗୁଣ***କୁ ଥରେ ପାଠ କଲେ ମନରେ ଚିରକାଳ ପାଇଁ ତାର ଏକ ଛାପ ରହିଯାଏ । ଉପନ୍ୟାସଟି ପଠିତ ହେବାର ବହୁ ପରେ ମଧ୍ୟ ଭଗିଆ, ଶାରିଆ, ଚମ୍ପା, ମଙ୍ଗରାଜ ପ୍ରଭୃତି ଚରିତ୍ରଗୁଡ଼ିକ ପାଠକମନରେ ନିରନ୍ତର ଜାଗରୂକ ରହନ୍ତି । ଏହି ଚରିତ୍ରଗୁଡିକ କେତେବେଳେ ଆମ ମନରେ ସହାନୁଭୂତି ବା କେତେବେଳେ କ୍ରୋଧ ଜାତ କରନ୍ତି । ଉପନ୍ୟାସ ପାଠ କଲାବେଳେ

ପାଠକ ସତେ ଯେପରି ତାର ନିଜର ଜୀବନଧାରା ସେମାନଙ୍କ ମାଧ୍ୟମରେ ଦେଖିବାକୁ ପାଏ । ମଣିଷ ଦେବତା ନୁହେଁ, ସେ ରକ୍ତମାଂସରେ ଗଢ଼ା । ତେଣୁ ତା ମନରେ କେତେକ କୁତ୍ସିତ ବାସନା ରହିବା ସ୍ୱାଭାବିକ । ଅନେକ ସମୟରେ ସେ ଅତ୍ୟନ୍ତ ସ୍ୱାର୍ଥପର ଓ ଆତ୍ମକେନ୍ଦ୍ରିକ । ନିଜର ଉଦ୍ଦେଶ୍ୟ ସାଧନ ପାଇଁ ସେ ସରଳ ଓ ଦୁର୍ବଳକୁ ପଦଦଳିତ କରିବାକୁ କୁଣ୍ଠାବୋଧ କରେ ନାହିଁ । ଦୁର୍ବଳ ଆଖିରୁ ଲୁହର ଧାର ଗଡ଼ି ଆସେ । ପାଠକ ସେଥିରେ ଅଭିଭୂତ ହୋଇପଡ଼େ । ପ୍ରାୟ ପ୍ରତ୍ୟେକ ସମାଜରେ ଏହି ପ୍ରକାର ଅତ୍ୟାଚାର ଓ ଶୋଷଣ ଜଣା ଅଧିକେ ରହିଅଛି ଓ ରହିବ । ତେଣୁ ଏହି *ଛମାଣ ଆଠଗୁଣ୍ଠ* ଉପନ୍ୟାସ କେବଳ ଯେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ବା କାଳର ପାଠକକୁ ବିମୋହିତ କରିବ ତାହା ନୁହେଁ । ମାନବ ପ୍ରକୃତିରେ ପରିବର୍ତ୍ତନ ନ ଆସିବା ପର୍ଯ୍ୟନ୍ତ ସ୍ଥାନକାଳନିର୍ବିଶେଷରେ ଏହା ସମସ୍ତଙ୍କୁ ଆନନ୍ଦଦାନ କରୁଥିବ । ଫକୀରମୋହନଙ୍କର ଏହି ଅକ୍ଷୟ କୀର୍ତ୍ତି କାଳର ଧ୍ୱଂସକାରୀ ପ୍ରଭାବରେ ନଷ୍ଟହେବା ଅସମ୍ଭବ ।

( ୫ )

"ଇତିହାସ ପଢ଼ିବି କି *ଆଇଭାନ ହୋ* ପଢ଼ିବି ? ଏହାର ଉତ୍ତର ଅତି ସହଜ । ଦୁହିଁଙ୍କୁ ପଢ଼ । ସତ୍ୟ ପାଇଁ ଇତିହାସ ପଢ଼, ଆନନ୍ଦ ପାଇଁ *ଆଇଭାନ ହୋ* ପଢ଼ । କାବ୍ୟରେ ଯଦି ଭୁଲ ଶିଖେ,

ଇତିହାସରେ ତାହା ସଂଶୋଧନ କରିନେବ ।" ଐତିହାସିକ ଉପନ୍ୟାସ ସମ୍ପର୍କରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଏହି ଉକ୍ତି ବିଶେଷ ଉଲ୍ଲେଖ-ଯୋଗ୍ୟ । "ଅତୀତର କାହାଣୀକୁ କେନ୍ଦ୍ରକରି ଗଢ଼ି ଉଠେ ଐତିହାସିକ ଉପନ୍ୟାସ । ଅତୀତ ପ୍ରତି ଔପନ୍ୟାସିକଙ୍କର ଶ୍ରଦ୍ଧା, ବିସ୍ମୟ ଓ ପ୍ରେମମୁଗ୍ଧ ଚିତ୍ତହିଁ ତାଙ୍କ ଉପନ୍ୟାସକୁ ମାଧୁର୍ଯ୍ୟ ଦାନକରେ ।" * ଏହି ଅତୀତର ଅନ୍ତରାଳରୁ ଘଟଣା ସଂଗ୍ରହ କରି କଳ୍ପନାର ତୂଳିକାରେ ତାହାକୁ ସଜ୍ଜିତ କରନ୍ତି ଔପନ୍ୟାସିକ । ଏଥିପାଇଁ ଐତିହାସିକ ଉପନ୍ୟାସ ବାସ୍ତବତା ଓ କଳ୍ପନାର ଏକ ଆଦର୍ଶ ମିଳନକ୍ଷେତ୍ର ।

*ଲଚ୍ଛମା* ପ୍ରଥମ ଐତିହାସିକ ଉପନ୍ୟାସ ନୁହେଁ । ଏହା ପୂର୍ବରୁ ଉମେଶଚନ୍ଦ୍ରଙ୍କ *ପଦ୍ମମାଳୀ* ଓ ରାମଶଙ୍କରଙ୍କ *ବିବାସିନୀ* ପ୍ରକାଶିତ ହୋଇଥିଲା । କିନ୍ତୁ ଏଥିରେ ଭାଷା, ବିଷୟବସ୍ତୁର ସମାବେଶ ଓ 'ପ୍ଲଟ୍'ର ସଂଯୋଜନା ଦୃଷ୍ଟିରୁ ବହୁ ତ୍ରୁଟି ପରିଲକ୍ଷିତ ହୋଇଥିଲା । ତେଣୁ ଫକୀରମୋହନ *ଲଚ୍ଛମା*କୁ କଳ୍ପନା ଓ ଚମତ୍କାର ଭାଷା ସାହାଯ୍ୟରେ ରୂପ ଦେଇ ପାଠକମାନଙ୍କର ହୃଦୟଗ୍ରାହୀ କରି ପାରିଥିଲେ । ଏଥିପୂର୍ବରୁ ସାମାଜିକ ପୃଷ୍ଠଭୂମି ଉପରେ ଅଙ୍କିତ *ଛମାଣ ଆଠଗୁଣ୍ଠ* ପ୍ରକାଶିତ ହୋଇ ଓଡ଼ିଆ-ସାହିତ୍ୟ-କ୍ଷେତ୍ରରେ ଅସପତ୍ନ ଆସନ ଗ୍ରହଣ କରିଥିଲା । *ଛମାଣ ଆଠଗୁଣ୍ଠ*ରେ ସେ ଯେଉଁ ସରଳ ଗ୍ରାମ୍ୟ ଭାଷା ବ୍ୟବହାର କରିଥିଲେ ତାହା ଭାଷା ରାଜ୍ୟରେ ଏକ ନୂତନ ପରୀକ୍ଷା । *ଲଚ୍ଛମା*ରେ ସେ ତାଙ୍କର ଭାଷାକୁ ସାମାନ୍ୟ ପରିବର୍ତ୍ତିତ କରି ଧାରାବାହିକ ଶୈଳୀର କାଞ୍ଚିର ପ୍ରୟୋଗ କରିଛନ୍ତି ।

---

* *ସାହିତ୍ୟ ସନ୍ଦର୍ଶନ*-ଶ୍ରୀଶରତ୍‌ଚନ୍ଦ୍ର ଦାସ

ପଶ୍ଚିମ ଦିଗକୁ ନୀଳ, କଳା, ବାଇଗଣିଆ ନାନା ରଙ୍ଗରେ ରଞ୍ଜିତ କରି ଜଳନ୍ତା ସୁନା ପେଣ୍ଡୁଲା ପରି ସୂର୍ଯ୍ୟଦେବ ବୁଡି ଆସୁଛନ୍ତି। ତାସଙ୍ଗରେ ମାଡ଼ିଆସୁଛି ପୂଷମାସିଆ ଶୀତ। ଏହିପରି ସମୟରେ ଗୋଡ଼-ଖାଲ ଚଟି ପାଖରେ ତରତର ହୋଇ ଚାଲିଛନ୍ତି ଦଳେ ପଶ୍ଚିମା ଯାତ୍ରୀ। ବିନା ମେଘରେ ବଜ୍ରାଘାତ ପରି ହଠାତ୍ ପହଞ୍ଚିଲେ ଶତାବଧି ଅସ୍ତ୍ରଶସ୍ତ୍ର ସଜ୍ଜିତ ଘୋଡାସବାର ବର୍ଗୀ। ଯାତ୍ରୀମାନଙ୍କ ସହିତ ଯୁଦ୍ଧ ଆରମ୍ଭ ହେଲା। ଏହା ଯୁଦ୍ଧ ନୁହେ, କାରଣ ବର୍ଗୀମାନଙ୍କର ଭୀଷଣ ଆକ୍ରମଣ, ଯାତ୍ରୀମାନଙ୍କର କେବଳ ଆତ୍ମରକ୍ଷା। ଅଳ୍ପ ସମୟ ମଧ୍ୟରେ ଯାତ୍ରୀଦଳ ପରାସ୍ତ ହେଲେ। କେତେକ ମରିଗଲେ, ଆଉ କେତେକଙ୍କର ଦରମଲା ଅବସ୍ଥା। ଦରବୁଢ଼ୀ ଦୁଇଜଣ ମଲାପରି ଜଙ୍ଗଲରେ ପଡି ରହିଲେ, ଆଉ ଜଣେ ଯୁବତୀର ପତ୍ତା ମିଳିଲା ନାହିଁ।

ଏହି ଯୁବତୀଟି ହେଉଛି ଲଛମା। ଘନ ଜଙ୍ଗଲ ମଧ୍ୟରେ ମୁମୂର୍ଷୁ ଅବସ୍ଥାରେ ଲଛମାର ଭେଟ ପାଇଲେ ରାଇବଣିଆ ଦୁର୍ଗର ପାଇକମାନେ। ରାଇବଣିଆ ଦୁର୍ଗେଶ୍ୱର ମାନଧାତାଙ୍କ ସମ୍ମୁଖରେ ତାଙ୍କୁ ଆଣି ପହଞ୍ଚାଇଲେ। ଅପତ୍ୟହୀନ ମାନଧାତା ଦମ୍ପତି ଲଛମା ଉପରେ ଢାଳିଦେଲେ ତାଙ୍କର ସମସ୍ତ ସ୍ନେହସରାଗ। ତାଙ୍କ ଆଦେଶରେ ପାଇକମାନେ ଦେଶର ଅନ୍ଧିକନ୍ଦିରେ ଲଛମାର ସ୍ୱାମୀ ବାଦଲସିଂହଙ୍କୁ ଖୋଜି ବୁଲିଲେ। ଲଛମାକୁ ପୋଷ୍ୟାକନ୍ୟା କରି ବାଦଲସିଂହଙ୍କୁ ଉତ୍ତରାଧିକାରୀ କରିବା ଥିଲା ମାନଧାତା ଦମ୍ପତିଙ୍କର ଉଦ୍ଦେଶ୍ୟ।

ଏହି ସମୟରେ ବଙ୍ଗ-ବିହାର-ଓଡ଼ିଶାର ନବାବ ଆଲିବର୍ଦ୍ଦି ଖାଁ ଭୀଷଣ ଚିନ୍ତାରେ ମଗ୍ନ। ମରହଟ୍ଟା ଫୌଜଦାର ଭାସ୍କର ପଣ୍ଡିତଙ୍କ

ଅତ୍ୟାଚାରର ଓଡ଼ିଶାରେ ଦିନକୁ ଦିନ ବଢ଼ି ଚାଲିଛି । ସେ ଓଡ଼ିଶା ସୀମା ପାର ହୋଇ ବଙ୍ଗଳା ଆକ୍ରମଣ କରିବାକୁ ବିଶେଷ ଚେଷ୍ଟିତ । ଆଲିବର୍ଦ୍ଦି ମରହଟ୍ଟା ବିରୋଧରେ ବିରାଟ ଅଭିଯାନ ଆରମ୍ଭ କଲେ । ରାଇବଣିଆ ଦୁର୍ଗେଶ୍ୱର ମାନଧାତା ସୈନ୍ୟସାମନ୍ତ ସହିତ ନବାବଙ୍କୁ ପାଛୋଟି ଯାଇ ଦାନ୍ତୁନଠାରେ ତାଙ୍କ ସହିତ ମିଳିତ ହେଲେ । ଶୀତ କାଳର ଶେଷ ରାତି । ନବାବ ସୈନ୍ୟମାନେ ପ୍ରସ୍ତୁତ ହେବା ପୂର୍ବରୁ ଚତୁର ବର୍ଗୀମାନେ ହଳଦିପଦାଠାରେ ଯୁଦ୍ଧ ଆରମ୍ଭ କରିଦେଲେ । ଆଲିବର୍ଦ୍ଦି ଖାଁଙ୍କର ଏଥିରେ ଯଥେଷ୍ଟ କ୍ଷତିହେଲା । ତା ପରେ ପୁଣି ଯୁଦ୍ଧହେଲା ଫୁଲଓ୍ୱାରଠାରେ । ସେଥିରେ ମଧ୍ୟ ବର୍ଗୀମାନଙ୍କର କୌଶଳ ନିକଟରେ ନବାବ ସୈନ୍ୟ ହାର ମାନିଲେ । କିନ୍ତୁ ମିରଜାପୁର ବର୍ଗୀମାନଙ୍କ ଅନୁଧାବନ କରି ଅରାଡ଼ରେ ପହଞ୍ଚିଲେ । ସେତେବେଳେ ନବାବ ଥାଆନ୍ତି ରାଜଘାଟ ସ୍କନ୍ଧାବାରରେ । ଅଳ୍ପ କେତେକ ବର୍ଗୀ ସୈନିକ କୌଶଳରେ ନବାବଙ୍କ ପାଖରୁ ସୈନ୍ୟବାହିନୀକୁ ଦୂରକୁ ନେଇଗଲେ ଏବଂ ଚୋରେ ଚୋରେ ସ୍ୱୟଂ ଭାସ୍କର ପଣ୍ଡିତ ଦଶସହସ୍ର ଅଶ୍ୱାରୋହୀ ସୈନ୍ୟସହିତ ଅତର୍କିତ ଭାବରେ ତୁର୍କ ସୈନ୍ୟଙ୍କୁ ଆକ୍ରମଣ କରି ତାଙ୍କର ଶୃଙ୍ଖଳା ଭାଙ୍ଗିଦେଲେ ଏବଂ ଏପରି ପ୍ରବଳ ବେଗରେ ରାଜଘାଟ ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ ଯେ ନବାବଙ୍କ ଜୀବନ ବିପନ୍ନ ମନେ ହେଲା । ରାଇବଣିଆ ଦୁର୍ଗର ଖଣ୍ଡାୟତମାନେ ନବାବଙ୍କୁ ବଞ୍ଚାଇବା ପାଇଁ ପ୍ରାଣମୂର୍ଚ୍ଛା ଯୁଦ୍ଧ କଲେ । ଭାସ୍କର ପଣ୍ଡିତ ଏହି ଯୁଦ୍ଧରେ ଜୟୀହେଲେ ସତ, କିନ୍ତୁ ତାଙ୍କର ଏତେ ସୈନ୍ୟ ନଷ୍ଟ ହୋଇଥିଲେ ଯେ ସେ ନିଜକୁ ପରାଜିତ ମନେ କରି ଫେରିଗଲେ, ଏହା ପରେ ମରହଟ୍ଟାମାନଙ୍କ କ୍ରୋଧ ପୁଞ୍ଜୀଭୂତ ହେଲା ମାନଧାତାଙ୍କ ଉପରେ ।

ବେଗଗରପତ୍ତି ତାଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ନର୍ତ୍ତକୀ ଗାଉଙ୍କ ନେତୃତ୍ୱରେ ଦଶସହସ୍ର ଅଶ୍ୱାରୋହୀ ପଠାଇଲେ । ଭାସ୍କର ପଣ୍ଡିତଙ୍କର ପଞ୍ଚବିଂଶତି ସହସ୍ର ସୈନ ତାଙ୍କ ସହିତ ମିଳିତ ହେଲେ । ମାନଧାତାଙ୍କ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା । ତାଙ୍କର ଅଧିକାଂଶ ସୈନ୍ୟ ନବାବଙ୍କ ରକ୍ଷା କାର୍ଯ୍ୟରେ ନିଯୁକ୍ତ ଥିଲେ । ନବାବଙ୍କ ନିକଟକୁ ସମ୍ବାଦ ପଠାଇବା ମଧ୍ୟ ଅସମ୍ଭବ ଥିଲା । ତଥାପି ମାନଧାତା ତିଳେ ମାତ୍ର ଭୟ କରି ନ ଥିଲେ । ମାତ୍ର ପାଞ୍ଚ ହଜାର ସୈନ୍ୟ ନେଇ ସେ ଦୁର୍ଗ ରକ୍ଷା କରିବା ପାଇଁ ପ୍ରସ୍ତୁତ ହେଲେ । କିନ୍ତୁ ଭାଗ୍ୟର ବିଡମ୍ବନାରେ ସେ ବନ୍ଦୀରୂପେ ଆସିଲେ ଭାସ୍କର ପଣ୍ଡିତଙ୍କ ନିକଟକୁ । ବିଶ୍ୱରର ପ୍ରହସନ ଶେଷରେ ହେଲା ମାନଧାତାଙ୍କ ଶିରଚ୍ଛେଦ । ମହାଦେବୀ ବେଣ୍ଟ ପୋଖରୀରେ ପ୍ରାଣ ବିସର୍ଜନ କଲେ । କିନ୍ତୁ ତାହା ପୂର୍ବରୁ ସେ ଲଛମୀକୁ ନିରାପଦରେ ଦୁର୍ଗର ବାହାରକୁ ପଠାଇ ଦେଇଥିଲେ । ମହାଦେବୀଙ୍କ ଆଶ୍ରୟ ହରାଇବା ପରେ ପିତୃଘାତୀ ମରହଟ୍ଟାକୁ ବିନାଶ କରିବା ଓ ସ୍ୱାମୀଙ୍କ ଅନ୍ୱେଷଣ କରିବା ହେଲା ଲଛମୀ ଜୀବନର ମୂଳମନ୍ତ୍ର । ଏହି ଅଭୀଷ୍ଟ ସିଦ୍ଧି ପାଇଁ ସେ ଛଦ୍ମବେଶରେ ପାଗଳୀ ରୂପେ ଗ୍ରାମରୁ ଗ୍ରାମାନ୍ତର ବୁଲିଲା ।

ଦାମୋଦର ନଦୀକୂଳସ୍ଥ ମହିଷରେଖା ଗ୍ରାମର ଏକ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ନବାବ ଆଲିବର୍ଦ୍ଦି ଖାଁଙ୍କର ବିଶାଳ ବାହିନୀ ନିଦ୍ରାଦେବୀଙ୍କ କୋଳରେ ବିଶ୍ରାମ ନେଉଥାନ୍ତି । ବର୍ଗୀମାନେ ଯୁଦ୍ଧ ଆୟୋଜନ କରୁ ନ ଥିବା ଖବର ସେମାନେ ପାଇଥାନ୍ତି । ହଠାତ୍ ନୈଶ ଆକାଶର ନିସ୍ତବ୍ଧତା ଭଗ୍ନ କରି ମରହଟ୍ଟା କମାଣ ଗର୍ଜି ଉଠିଲା । କିଂକର୍ତ୍ତବ୍ୟବିମୂଢ଼ ନବାବ ଦେଖିଲେ—ବର୍ଗୀମାନେ ତାଙ୍କର

ସୈନ୍ୟମାନଙ୍କୁ ଘେରି ଯାଇଛନ୍ତି, ଏବଂ ସେମାନଙ୍କ ଭୀଷଣ ଆକ୍ରମଣରେ ମୋଗଲ ସୈନ୍ୟ ଛିନ୍ନଭିନ୍ନ । ଏଣେ ସେ ନିଜେ ମଧ୍ୟ ଚାରିଜଣ ଦୁର୍ଦ୍ଦାନ୍ତ ବର୍ଗୀଙ୍କଦ୍ୱାରା ବେଷ୍ଟିତ ଓ ଜଣେ ତାଙ୍କୁ ବର୍ଚ୍ଛା ନିକ୍ଷେପ କରିବାକୁ ଉଦ୍ୟତ । କିନ୍ତୁ ହଠାତ୍ ଏକ ତୀକ୍ଷ୍ଣମୁନ ବର୍ଚ୍ଛାର ଆଘାତରେ ସେ ଭୂପତିତ ହେଲା । ଅନ୍ୟ ତିନିଜଣ ବର୍ଗୀ ଭୀଷଣ ବେଗରେ ନବାବଙ୍କୁ ଆକ୍ରମଣ କରିବା ସମୟରେ ଜଣେ ବଳିଷ୍ଠ ଯୁବକ ସେମାନଙ୍କର ମସ୍ତକଚ୍ଛେଦନ କଲା । ଆଖିରେ କୃତଜ୍ଞତା ଭରି ନବାବ ସେହି ଅପରିଚିତ ଯୁବକ ଆଡ଼କୁ ଅନାଇଲେ ଓ ତାକୁ ନିଜ ହାତୀ ଉପରକୁ ଟେକିନେଲେ । ଏହି ଯୁବକହିଁ ହେଉଛି ବାଦଲସିଂହ, ଲଛମାର ସ୍ୱାମୀ । ସେ ଏକ ହଜାର ପାଇକଙ୍କ ଉପରେ ହାବିଲଦାର ନିଯୁକ୍ତ ହେଲା । ତା ଉତ୍ସାହରେ ନବାବଙ୍କ ମନରେ ନୂତନ ଉଦ୍ଦୀପନା ଖେଳିଗଲା । ମୁସ୍ତଫାଖାଁଙ୍କ ନିକଟରେ ନବାବ କ୍ଷମାଭିକ୍ଷା କରି ତାଙ୍କୁ ନିଜ ପକ୍ଷକୁ ଟାଣିନେଲେ । ବର୍ଗୀମାନଙ୍କ ଉପରେ ଏକ ଅତର୍କିତ ଆକ୍ରମଣ ଫଳରେ ତୁର୍କ ଫଉଜ ଯଥେଷ୍ଟ ଖାଦ୍ୟ ଓ ଯୁଦ୍ଧସାମଗ୍ରୀ ପାଇ ପାରିଲେ । ଏହା ପରେ ନବାବ ଚାଲିଲେ କାଟୋଆ ଅଭିମୁଖେ । ନବାବଙ୍କ ମନ ବର୍ତ୍ତମାନ ଯଥେଷ୍ଟ ଖୁସି । ସେ ଦେଖିଲେ ଚାରିଆଡ଼େ ସୌଭାଗ୍ୟ । ଭାସ୍କର ପଣ୍ଡିତ ଦୁଃଖରେ ମରହଟ୍ଟା ସୈନ୍ୟ ଫେରିଯିବା କଥା ଚିନ୍ତା କରିବାକୁ ଲାଗିଲେ । କିନ୍ତୁ ମିରହବିବ୍ ନବାବଙ୍କ ଅଜ୍ଞାତସାରରେ ମୁର୍ଶିଦାବାଦରେ ପହଞ୍ଚି ଜଗତସିଂହଙ୍କ ଘରୁ ଦୁଇ କୋଟି ଟଙ୍କା ଲୁଟିନେଲେ । ନବାବ ଏ ସମ୍ବାଦ ପାଇବା ମାତ୍ରେ କାଟୋଆ ଛାଡ଼ି ମୁର୍ଶିଦାବାଦ ଅଭିମୁଖେ ଚାଲିଲେ । ମୁର୍ଶିଦାବାଦରେ ନବାବଙ୍କୁ ଦେଖି ପ୍ରଜାମାନେ ତାଙ୍କୁ ଅଭିବାଦନ କରିବା ପାଇଁ ଆୟୋଜନ କଲେ । ବାଦଲସିଂହ

ନବାବଙ୍କ ମନରେ ଜାଳିଦେଲା ପ୍ରତିହିଂସାର ବହ୍ନି ଏବଂ ତାଙ୍କ କାନରେ ଫୁଙ୍କି ଦେଲା ଭାସ୍କର ପଣ୍ଡିତଙ୍କ ହତ୍ୟାର ମନ୍ତ୍ର । ନବାବ ଭାସ୍କର ପଣ୍ଡିତଙ୍କ ନିକଟକୁ ଏକ ଛଳନାମୟ ସନ୍ଧିର ପ୍ରସ୍ତାବ ପଠାଇଲେ । ଭାସ୍କର ପଣ୍ଡିତ ମଧ୍ୟ ମନପ୍ରାଣରେ ସନ୍ଧି ଚାହୁଁଥିଲେ । ତେଣୁ ଏ ପ୍ରସ୍ତାବ ପାଇବା ମାତ୍ରେ ସେ ତାକୁ ଆଦରରେ ଗ୍ରହଣ କଲେ । ଶ୍ରାବଣ କୃଷ୍ଣ ତୃତୀୟା ଶନିବାର ପ୍ରାତଃକାଳରେ ଭାସ୍କର ପଣ୍ଡିତ ସନ୍ଧିପତ୍ରର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ନବାବଙ୍କ ଶିବିରକୁ ଆସିଲେ । କିନ୍ତୁ ସେ ନବାବଙ୍କ ଛାଉଣୀରେ ପ୍ରବେଶ କରି କିଛି ଦୂର ଅଗ୍ରସର ହେଉ ନ ହେଉଣୁ ଦୁଇଜଣ ଲୋକଙ୍କର ଦୁଇଟି ତୀକ୍ଷ୍ଣଧାର ଛୁରିକା ତାଙ୍କ ଗଳଦେଶକୁ ବିଦୀର୍ଣ୍ଣ କରିଦେଲା । ଏ ଦୁହିଁଙ୍କ ଭିତରୁ ଜଣେ ବାଦଲସିଂହ, ଅନ୍ୟ ଜଣକ ସମ୍ପୂର୍ଣ୍ଣ ଅପରିଚିତ । ନବାବ ଆନନ୍ଦରେ ଆତ୍ମହରା ହୋଇ ସେହି ଅପରିଚିତ ବ୍ୟକ୍ତିକୁ ଆଲିଙ୍ଗନ କରିବା ପାଇଁ ଉଦ୍ୟତ ହେଲେ, କିନ୍ତୁ ସେ ନବାବଙ୍କୁ ସଲଜ୍ଜ ଭାବରେ ଅଭିବାଦନ କରି ଘୁଞ୍ଚିଗଲା । ନବାବ ତାକୁ ବକସିସ୍ ଦେବାପାଇଁ ପ୍ରସ୍ତାବ କରିବାରୁ ସେ କହିଲା, "ବାଦଲସିଂହ ସହିତ ତା ଭଉଣୀର ବିବାହ ହେଉ ।" ବାଦଲସିଂହ ଏକପତ୍ନୀବ୍ରତ ଗ୍ରହଣ କରିଥିବାରୁ ଏ ପ୍ରସ୍ତାବରେ ସମ୍ମତ ହେଲନାହିଁ ।

ଏହି ଅପରିଚିତ ଯୁବକଟି ହେଉଛି ଛଦ୍ମବେଶିନୀ ଲଛମା । ବର୍ତ୍ତମାନ ତାର ଆନନ୍ଦର ସୀମା ନାହିଁ । କାରଣ ସେ ତାର ହୃଦୟ-ସର୍ବସ୍ୱ ସ୍ୱାମୀଙ୍କୁ ପାଇଛି । ସେ ଚାହିଁଲା ଏକାକୀ ବାଦଲସିଂହ ସହିତ ସାକ୍ଷାତ୍ କରିବା ପାଇଁ । କିନ୍ତୁ ଲଛମା ଶିବିରକୁ ଆସି ଦେଖେ

ଯେ ବାଦଲସିଂହ ସେଠାରେ ନାହିଁ । ଲଛମା ହୃଦୟରେ ବହିଗଲା ଅଶାନ୍ତିର ଏକ ପ୍ରବଳ ବାତ୍ୟା । ତା ପରେ ରାତିରେ ଏକ ସ୍ୱପ୍ନ ଦେଖି ତାର ମନେ ପଡ଼ିଗଲା ଯେ ସେ ତାର ପିତାଙ୍କ ପାଇଁ ପିଣ୍ଡ ଦେଇ ନାହିଁ । ତେଣୁ ସେ ଚାଲିଲା ଗୟାକ୍ଷେତ୍ରକୁ । ଗୟାକ୍ଷେତ୍ରରେ ପିଣ୍ଡଦାନ କରିବା ସମୟରେ ଆଉ ଜଣେ ଯୁବକ କହୁଥିବାର ସେ ଶୁଣି ପାରିଲା, "ଅହଂ ବାଦଲ ସିଂହ ବର୍ମଣ ପିତୃଃ ହରିଭଜନ ସିଂହ ବର୍ମଣ-" ଦୁଇଜଣ ପରସ୍ପର ଆଡ଼କୁ ଅନାଇଲେ । "ଏ କଣ ସ୍ୱପ୍ନ, ନା ଦେବମାୟା, " ବିଦ୍ୟୁତ୍ ବେଗରେ ଉଭୟେ ପରସ୍ପର ଆଡ଼କୁ ଧାବିତ ହେଲେ । ମିଳନ ସମୟରେ ଉଭୟେ ବାଳକ ବାଳିକା ପରି କାନ୍ଦି ଉଠିଲେ । ଏହି ସମୟରେ ପିଣ୍ଡଦାନ କରୁଥିବା ଦୁଇଟି ବୃଦ୍ଧା ମଧ୍ୟ ସେଠାରେ ପହଞ୍ଚିଲେ । ଏ ଦୁଇ ଜଣ ହେଉଛନ୍ତି ଲଛମା ଓ ବାଦଲର ମା । ଏହି ଅପୂର୍ବ ମିଳନରେ ଉପନ୍ୟାସର ସମାପ୍ତି ।

ବଙ୍ଗ, ବିହାର ଓ ଓଡ଼ିଶାର ନବାବ ଆଲିବର୍ଦ୍ଦିଖାଁଙ୍କ ଶାସନ କାଳରେ ଓଡ଼ିଶା ମରହଟ୍ଟାମାନଙ୍କ ଦ୍ୱାରା ପ୍ରପୀଡ଼ିତ ହୋଇ ପଡ଼ିଛି । ଲୋକଙ୍କ ମନରୁ ଶାନ୍ତି ଉଭେଇ ଯାଇଛି ଓ ଦେଶରୁ ଲକ୍ଷ୍ମୀ ଗୁଡ଼ି ଯାଇଛନ୍ତି । ଯେଉଁ କ୍ଷେତସବୁ ଶସ୍ୟସମ୍ଭାରରେ ହସି ଉଠୁଥିଲା ତାହା ଶ୍ମଶାନରେ ପରିଣତ ହୋଇଛି । ରାସ୍ତାଘାଟରେ ନିରାପଦରେ ଯିବାର ଉପାୟ ନାହିଁ । ଦିନକୁ ଦିନ ଏହି ଅତ୍ୟାଚାର ବଢ଼ିବାରେ ଲାଗିଛି, ତେଣୁ ଆରମ୍ଭ ହୋଇଛି ଆଲିବର୍ଦ୍ଦିଙ୍କର ବିରାଟ ସୈନ୍ୟ-ସମାବେଶ । ଏକ ପକ୍ଷରେ ଆଲିବର୍ଦ୍ଦିଖାଁ ଓ ଅନ୍ୟ ପକ୍ଷରେ ଭାସ୍କର ପଣ୍ଡିତ—ଏ ଦୁଇ ଜଣଙ୍କ ଯୁଦ୍ଧରେ କେତେବେଳେ ଏକର

ଜୟ ବା କେତେବେଳେ ଅନ୍ୟର ଜୟ । ଏହାର ଭିତରେ ଉପନ୍ୟାସ ଗତି କରିଛି ଏବଂ ପରିଶେଷରେ ଭାସ୍କର ପଣ୍ଡିତଙ୍କ ହତ୍ୟାରେ ତାହାର ପରିସମାପ୍ତି ହୋଇଛି । ଏହାହିଁ ଉପନ୍ୟାସର ଐତିହାସିକ 'ପ୍ଲଟ୍' । ଗୋଡ଼ଖାଲଠାରେ ରାହାଜାନୀ ଘଟଣା ବର୍ଣ୍ଣନଦ୍ୱାରା ନିଷ୍ଠୁର ବର୍ଗୀମାନଙ୍କର ଏକ ନିଖୁଣ ଛବି ଅଙ୍କନ କରି ଏବଂ ଓଡ଼ିଶାର ଦୁଃଖଦୁର୍ଦ୍ଦଶାକୁ ସୁସ୍ପଷ୍ଟଭାବରେ ବର୍ଣ୍ଣନ କରି ଫକୀରମୋହନ ଉପନ୍ୟାସର ପୃଷ୍ଠଭୂମି ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିଛନ୍ତି ଏବଂ ତାହା ପରେ ପରେ ନବାବ ଆଲବର୍ଦ୍ଦିଖାଁ ଓ ରାୟବଣିଆ ଦୁର୍ଗେଶ୍ୱରଙ୍କୁ ପାଠକ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ମରହଟ୍ଟା ଦୂତ ପଣ୍ଡିତ ଶେଓ ଶଙ୍କର ମାଲବାରଙ୍କ ବନ୍ଧୁତ୍ୱ ପ୍ରସ୍ତାବକୁ ମାନଧାତା ପ୍ରତ୍ୟାଖ୍ୟାନ କରିଛନ୍ତି । ଫଳରେ 'ପ୍ଲଟ୍' କ୍ରମଶଃ ବିକାଶ ଲାଭ କରି ପାରିଛି । ସୋରୋ ଗ୍ରାମରେ ଛଦ୍ମବେଶୀ ମୀର କାଶୀମ ଓ ସେକ୍ ସମସରଖାଁଙ୍କ ଆଗମନ 'ପ୍ଲଟ୍'କୁ ଆହୁରି ଜଟିଳ କରିଛି । ତା ପରେ ପରେ ଦିଆ ଯାଇଛି ନବାବଙ୍କ ଯୁଦ୍ଧଯାତ୍ରା । ହଳଦିପଦା, ଫୁଲୱାର ଓ ରାୟବଣିଆ ପ୍ରଭୃତି ଯୁଦ୍ଧ ମାଧ୍ୟମରେ 'ପ୍ଲଟ୍' ଦ୍ରୁତଗତିରେ ବିକାଶ ଲାଭକରିଛି । ମାନଧାତାଙ୍କ ବିଚାରର ପ୍ରହସନ, ଓ ତାଙ୍କ ପ୍ରାଣଦଣ୍ଡ, ମହିଷରେଖାଠାରେ ନବାବଙ୍କ ଦୁର୍ଦ୍ଦଶା ଓ ନିଶ୍ଚିତ ମୃତ୍ୟୁହାତରୁ ରକ୍ଷା 'ପ୍ଲଟ'ରେ ଏକ ଦିଗରେ ଯେପରି ଉଦ୍‌ବେଗର ସଞ୍ଚାର କରିଛି ଅନ୍ୟ ଦିଗରେ ସେହିପରି ଉପନ୍ୟାସ-ପାଠରେ ପାଠକକୁ ନିମଗ୍ନ ରଖି ପାରିଛି । ନବାବ ମୁସ୍ତଫାଙ୍କ ନିକଟକୁ ଆସି ଅତି ନିଃସହାୟଭାବେ ତାଙ୍କର କୃପାଭିକ୍ଷା କରିଛନ୍ତି ଏବଂ ଏଠାରେ ପୁଣି 'ପ୍ଲଟ୍'ରେ ପରିବର୍ତ୍ତନ ଆସିଛି । କାଟୋଆ ସମରରେ ନବାବ ବିପୁଳ ବିଜୟ ଲାଭ କରିଛନ୍ତି ।

ଏହା ପରେ ପରେ ଭାସ୍କର ପଣ୍ଡିତ ଉଦ୍‌ବିଗ୍ନ ହୋଇ ଉଠିଛନ୍ତି । ଏହି ସମୟରେ ବାଦଲସିଂହ ନବାବଙ୍କୁ ଦେଇଛନ୍ତି ଏକ ଛଳନାମୟ ସନ୍ଧିପ୍ରସ୍ତାବ । ଭାସ୍କର ପଣ୍ଡିତ ଏ ସନ୍ଧିପ୍ରସ୍ତାବ ଗ୍ରହଣ କରି ନେଇଛନ୍ତି । ଏ ପ୍ରସ୍ତାବ ଅନୁଯାୟୀ ସେ ନବାବଙ୍କ ଶିବିରକୁ ଆସିବା ସମୟରେ ତାଙ୍କୁ ହତ୍ୟା କରା ଯାଇଛି । ନବାବଙ୍କ ମନରେ ବିଜୟର ଉନ୍ମାଦନା ଖେଳି ଯାଇଛି । ଏହା ହେଉଛି ଉପନ୍ୟାସର ଗୋଟିଏ ବଡ଼ ଐତିହାସିକ 'ପ୍ଲଟ୍' । ଭାସ୍କର ପଣ୍ଡିତଙ୍କ ହତ୍ୟାରେ ଏହା ଚରମସୀମାରେ ପହଞ୍ଚିଛି ଏବଂ ନବାବଙ୍କ ଆନନ୍ଦ ଓ ଉଦ୍ଦୀପନାରେ ଏହାର ଉପସଂହାର ହୋଇଛି ।

ଏହି ଐତିହାସିକ ପୃଷ୍ଠଭୂମିରେ ଫକୀରମୋହନ ବାଦଲସିଂହ ଓ ଲଛମାକୁ କେନ୍ଦ୍ର କରି ଆଉ ଗୋଟିଏ 'ପ୍ଲଟ୍' ଗଢ଼ିଛନ୍ତି । ଗୋଡ଼ଖାଲଠାରେ ରାହାଜାନି ଫଳରେ ସେମାନଙ୍କର ବିଚ୍ଛେଦ ହୁଏ ଏବଂ ଏହି ବିଚ୍ଛେଦରେ ଉପନ୍ୟାସର ପ୍ରାରମ୍ଭ । ରାୟବଣିଆ ଦୁର୍ଗେଶ୍ୱର ମାନଧାତା ଓ ତାଙ୍କ ପତ୍ନୀ ମହାଦେବୀଙ୍କ ଯତ୍ନରେ ଲଛମା ପାଳିତା ହୁଏ ଏବଂ ତାଙ୍କ ଉଆସରେ ରାଜଜେମା ହିସାବରେ ସେ ସମସ୍ତଙ୍କର ସ୍ନେହ ଓ ଭକ୍ତି ପାଏ । ଭବିଷ୍ୟତରେ ରାଜରାଣୀ ହେବାର ମଧ୍ୟ ସମ୍ଭାବନା ଥାଏ, କିନ୍ତୁ ଏହି ସମୟରେ ଭାଗ୍ୟର କ୍ରୂରହସ୍ତ ନିମିଷକେ ପୁଣି ତାକୁ ଦାଣ୍ଡର ଭିକାରୁଣୀ କରି ଦେଇଛି । ଲଛମାର ହୃଦୟରେ ଜଳି ଉଠିଛି ପ୍ରତିହିଂସାର ବହ୍ନି ଓ ତାହା ସଙ୍ଗେ ସଙ୍ଗେ ସ୍ୱାମୀ ଅନୁସନ୍ଧାନର ପ୍ରବଳ ଆକାଙ୍‌କ୍ଷା । ଏହି ଦୁଇଟି ଉଦ୍ଦେଶ୍ୟ ସାଧନ ନିମନ୍ତେ ବର୍ଗୀସେନାଙ୍କ ସହିତ ସେ ଛଦ୍ମବେଶରେ ବହୁସ୍ଥାନ ଘୁରି ବୁଲିଛି । ଦିନ ପରେ ଦିନ ବିତି ଯାଇଛି । ସ୍ୱାମୀର କୌଣସି ସନ୍ଧାନ ସେ

ପାଇ ପାର ନାହିଁ, ତଥାପି ତା ମନରେ ରହିଛି ଆଶା । ଏହି ଆଶାହିଁ ତାକୁ ବଞ୍ଚି ରହିବା ପାଇଁ ପ୍ରେରଣା ଦେଉଛି । ନବାବଙ୍କ ଛାଉଣୀରେ ଜଣେ ନୂଆ ହାବଲଦାରର ଆବିର୍ଭାବ ଓ ତାର ରୂପଗୁଣର ବର୍ଣ୍ଣନା ଶୁଣି ତା ମନରେ ପ୍ରବଳ ଆଶାର ଜାଗରଣ ହୋଇଛି । କିନ୍ତୁ ଯେତେବେଳେ ସେ ଶୁଣିଛି ଯେ ନୂତନ ଯୁବକଟିର ଗୋଟିଏ କାନ କଟି ଯାଇଛି ସେତେବେଳେ ସେ ପୁଣି ନିରୁତ୍ସାହରେ ଭାଙ୍ଗି ପଡ଼ିଛି । ପରେ ଆକସ୍ମିକ ଭାବରେ ସେ ପାଇଛି ତାର ସ୍ୱାମୀର ସନ୍ଧାନ । ଅବଶ୍ୟ ପ୍ରଥମ ସାକ୍ଷାତ୍‌ରେ କେହି କାହାକୁ ସ୍ପଷ୍ଟରୂପେ ଚିହ୍ନି ପାରି ନାହାନ୍ତି । "ଭାସ୍କର ପଣ୍ଡିତ ଶିବିର ଦ୍ୱାର ଲଙ୍ଘନ କରିବା ମାତ୍ରକେ ଦୁଇ ଦିଗରୁ ଦୁଇ ଜଣ ଯୁବକ 'ଭଗବାନ୍ ଏକଲିଙ୍ଗ ସହାୟ' ସମ-ମୁହୂର୍ତ୍ତରେ ସମସ୍ୱରରେ ଚିତ୍କାର କରି ଦୁଇ ଗୋଟି ଯୁବକ-ସିଂହ ବଳିଷ୍ଠ ବଳୀବର୍ଦ୍ଦ ଉପରେ ଝାମ୍ପି ପଡ଼ିଲା ପରି ତାହାଙ୍କ ଉପରେ ପଡ଼ିଗଲେ । ନବାବ ଚାହିଁ ଅଛନ୍ତି, ଦୁଇ ଜଣଙ୍କ ହସ୍ତସ୍ଥିତ ତୀକ୍ଷ୍ଣଧାର ଛୁରିକାରେ ଭାସ୍କର ପଣ୍ଡିତଙ୍କ ଗଳଦେଶର ଦୁଇ ଦିଗରୁ ଅର୍ଦ୍ଧାଂଶ ବିଚ୍ଛିନ୍ନ ହୋଇଗଲା, ............ନବାବ ଦେଖିଲେ, ବର୍ଗିହନ୍ତାରକ ମଧ୍ୟରୁ ଜଣେ ବାଦଲ ସିଂହ, ଓ ଦ୍ୱିତୀୟ ଜଣ କିଏ ?" ଏହିପରି ଭାବରେ ବାଦଲସିଂହ ଓ ଛଦ୍ମବେଶୀ ଲଛମାର ପ୍ରଥମ ସାକ୍ଷାତ୍ । ଭାସ୍କର ପଣ୍ଡିତଙ୍କ "ହତ୍ୟାକାରୀ ଦୁଇଜଣ ସ୍ୱୀୟ ସ୍ୱୀୟ ଦେହ ବଳରେ ପରସ୍ପର ଉପରେ ଈଷଦ୍ ଭାବରେ ନିପତିତ ହୋଇଗଲେ । ଉଭୟେ ଅନୁଭବ କଲେ ଯେମନ୍ତ ସ୍ୱର୍ଗୀୟ ଅମୃତଧାରା ଦୁଇ ଜଣଙ୍କ ଦେହରେ ପ୍ରତ୍ୟେକ ରକ୍ତ ବିନ୍ଦୁରେ ସଞ୍ଚାରିତ ହୋଇଗଲା । ଉଭୟେ ଉଭୟଙ୍କ ମୁଖକୁ ଚାହିଁ ସ୍ତମ୍ଭିତ ଭାବରେ ଉଭା ହୋଇ-ଅଛନ୍ତି । ଦୁଇଜଣଙ୍କ ହସ୍ତରେ ରକ୍ତଲିପ୍ତ କରାଳ ଛୁରିକା, ପଦତଳେ

ନିହତ ଭାସ୍କର ପଣ୍ଡିତର ଶରୀର ବିଲୁଣ୍ଠିତ ହେଉଅଛି ।" ଏହିଠାରେହିଁ ଏ 'ପ୍ଲଟ୍'ର ଚରମସୀମା । ନବାବ ଲଚ୍ଛମାକୁ ଯେତେବେଳେ ପୁରସ୍କୃତ କରିବାକୁ ଚାହିଁଛନ୍ତି ଲଚ୍ଛମା ପ୍ରାର୍ଥନା କରିଛି ବାଦଲସିଂହ ସହିତ ତା ଭଉଣୀର ବିବାହ ଦେବାକୁ । ବାଦଲସିଂହ ଏହି ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିବା ଫଳରେ ଲଚ୍ଛମାର ସମ୍ପୂର୍ଣ୍ଣ ପ୍ରତ୍ୟୟ ଜନ୍ମିଛି ଯେ ସେହି ଯୁବକ ତା'ର ସ୍ୱାମୀ । ଲଚ୍ଛମା ବ୍ୟାକୁଳଭାବରେ ଦଉଡ଼ି ଯାଇଛି ବାଦଲସିଂହର ଶିବିରକୁ । କିନ୍ତୁ ବାଦଲସିଂହ କାହିଁ ? ଅସ୍ଥିରତା ମଧ୍ୟରେ ବର୍ଷ ଚାଲି ଯାଇଛି । ବାଦଲସିଂହର ଦେଖା ମିଳି ନାହିଁ । ଲଚ୍ଛମା ପୀଡ଼ିତ ଓ ଶଯ୍ୟାଗତ ରହିଛି । ଏହା ପରେ ସେ ପିତାଙ୍କ ଉଦ୍ଦେଶ୍ୟରେ ଗୟାକ୍ଷେତ୍ରରେ ପିଣ୍ଡଦାନ କରିଛି ଏବଂ ପିଣ୍ଡଦାନର ସୁଫଳ ପ୍ରାପ୍ତି ସମୟରେ ନାଟକୀୟ ଭାବରେ ସେ ଦେଖା ପାଇଛି ବାଦଲସିଂହର । ଦୁଃଖରାତ୍ରିର ଅବସାନ ଘଟିଛି । "ଏ କଣ ସ୍ୱପ୍ନ, ନା ଦେବମାୟା, ନା ପିଣ୍ଡଦାନ ସମୟରେ ଏହିପରି ଦୃଶ୍ୟ ହୁଏ ? ଉଭୟଙ୍କ ମନରେ ସମାନ ଭାବନା । ଆଉ ସନ୍ଦେହ ନାହିଁ, ପ୍ରତ୍ୟକ୍ଷ ପ୍ରମାଣ, ଅକାଟ୍ୟ ଲୌହ ଚୁମ୍ବକ ପରି ଦୁଇଜଣ ପରସ୍ପର ଆଡ଼କୁ ଧାବିତ ହେଲେ । ଲଚ୍ଛମା ବାଦଲ ସିଂହ ପାଦଦ୍ୱୟ ଧରିଅଛି, ବାଦଲ ସିଂହ ଲଚ୍ଛମାକୁ ଦୃଢ଼ରୂପେ ଧାରଣ କରିଅଛି । କାହାରି ମୁଖରେ କଥା ନାହିଁ, ବାଳକ ବାଳିକା ପରି ଦୁଇ ଜଣ ଚିତ୍କାର ପୂର୍ବକ କାନ୍ଦୁ ଅଛନ୍ତି ।" ଏହି ସମୟରେ ସେଠାରେ ପହଞ୍ଚି ଅଛନ୍ତି ଲଚ୍ଛମାର ମା ଓ ଶାଶୁ । ଏହି ଅପୂର୍ବ ମିଳନରେ 'ପ୍ଲଟ୍'ର ପରିସମାପ୍ତି ଘଟିଛି ।

*ଲଚ୍ଛମା* ଉପନ୍ୟାସରେ କଳା ଦୃଷ୍ଟିରୁ ଏହି ଦୁଇଟି 'ପ୍ଲଟ୍'ର [illegible] ସମ୍ମିଳନ ଘଟିଛି । [illegible] ଏ ଉପନ୍ୟାସରେ ପାଠକ

ଐତିହାସିକ ତଥ୍ୟ ପାଇବା ସଙ୍ଗେ ସଙ୍ଗେ ଆନନ୍ଦ ମଧ୍ୟ ଅନୁଭବ କରେ । କେବଳ ମାତ୍ର ଇତିହାସ ପାଠଦ୍ୱାରା ପାଠକ ଜ୍ଞାନ ଲାଭ କରେ, କିନ୍ତୁ ଆନନ୍ଦ ଉପଲବ୍ଧ କରି ପାରେ ନାହିଁ । ଫକୀରମୋହନ ପ୍ରଥମେ ଏହି ଦୁଇଟି 'ପ୍ଲଟ୍'କୁ ସମାନ୍ତରାଳ ଭାବରେ ଗତି କରାଇ ପରେ ଏତେ ସୁନ୍ଦର ଭାବରେ ମିଶାଇ ପାରିଛନ୍ତି ଯେ ଗୋଟିକରୁ ଅନ୍ୟଟିକୁ ପୃଥକ କରିବା ଏକ ଦିଗରେ ଯେପରି ଅସମ୍ଭବ ଅନ୍ୟ ଦିଗରେ ସେହିପରି ଅନୁଚିତ । କାରଣ ପୃଥକ ହେବାପରେ ପାଠକ ଏହାର ପୂର୍ଣ୍ଣ ଆନନ୍ଦ ଆସ୍ୱାଦନ କରି ପାରିବ ନାହିଁ । ଏହି 'ପ୍ଲଟ୍' ଦୁଇଟିର ସମନ୍ୱୟରେହିଁ ଉପନ୍ୟାସର ପୂର୍ଣ୍ଣତା ଅନୁଭୂତ ହୁଏ । ପ୍ରଥମ ପରିଚ୍ଛେଦରେ ଉଭୟ 'ପ୍ଲଟ୍'ର ଆରମ୍ଭ ହୋଇ ଚରମସୀମାରେ ସେମାନଙ୍କର ଅପୂର୍ବ ଭାବରେ ସମନ୍ୱୟ ହୋଇଅଛି । *ଛମାଣ ଆଠଗୁଣ୍ଠ* 'ପ୍ଲଟ୍'ର ବିକାଶ ସମୟରେ ଫକୀରମୋହନ ସମୟେ ସମୟେ ଅବାନ୍ତର ଘଟଣାର ସମାବେଶ କରିବା ଫଳରେ ବିକାଶର ଗତି ବ୍ୟାହତ ହୋଇଅଛି, କିନ୍ତୁ *ଲଛମା*ରେ ଦୁଇଟି 'ପ୍ଲଟ୍'ର ଅବତାରଣା କରି ମଧ୍ୟ ଏତେ ସୁନ୍ଦର ଭାବରେ ସେ ସାମଞ୍ଜସ୍ୟ ଓ ସୌଷ୍ଠବ ରକ୍ଷା କରି ପାରିଛନ୍ତି ଯେ ଉପନ୍ୟାସ ଅଧିକ ପ୍ରଭାବଶାଳୀ ହୋଇ ପାରିଛି । ଏହା ତାଙ୍କର ସଂଗଠନ କଳାବିକାଶର ସ୍ପଷ୍ଟ ସୂଚନା ଦିଏ । ଅବଶ୍ୟ ଏଥିପାଇଁ କେତେକ ସ୍ଥଳରେ ଐତିହାସିକ ତଥ୍ୟ ସହିତ କଳ୍ପନାର ପ୍ରୟୋଗ କରିବାକୁ ସେ ବାଧ୍ୟ ହୋଇଛନ୍ତି । ଏହି ବାସ୍ତବ ଓ କଳ୍ପନାର ସମ୍ମିଶ୍ରଣରେହିଁ ଐତିହାସିକ ଉପନ୍ୟାସର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ।

ଏ ଉପନ୍ୟାସର ନାମକରଣରେ ମଧ୍ୟ ଏକ ବୈଶିଷ୍ଟ୍ୟ ଦେଖାଯାଏ । *ଉତ୍କଳ-ସାହିତ୍ୟ*ରେ ପ୍ରକାଶ ସମୟରେ ଏହାର ନାମ ଥିଲା *ଅପୂର୍ବ ମିଳନ* । ସେତେବେଳେ ବାଦଲସିଂହ, ଲଛମା, ଲଛମାର ମା ଓ ଶାଶୁଙ୍କ ମିଳନରେ ଉପନ୍ୟାସର ସମାପ୍ତି ଅନୁସାରେ ଏ ନାମ ଦିଆ ଯାଇଥିଲା । ବିଚ୍ଛେଦରେ ଉପନ୍ୟାସର ଆରମ୍ଭ, ବିଭିନ୍ନ ଉତ୍ଥାନପତନ ଭିତରେ ଉପନ୍ୟାସର ଗତି ଏବଂ ଆଶ୍ଚର୍ଯ୍ୟଜନକ ଭାବରେ ମିଳନରେ ଉପନ୍ୟାସର ପରିସମାପ୍ତି — ଏହାକୁ ଲକ୍ଷ୍ୟ ରଖି ଉପନ୍ୟାସର ନାମ ଦିଆ ଯାଇଥିଲା *ଅପୂର୍ବ ମିଳନ* । କିନ୍ତୁ ପରେ ପୁସ୍ତକାକାରରେ ମୁଦ୍ରିତ ହେବା ସମୟରେ ଏହାର ନାମ ପରିବର୍ତ୍ତନ କରି *ଲଛମା* ରଖା ଯାଇଛି । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଐତିହାସିକ ଉପାଖ୍ୟାନ ଅପେକ୍ଷା ଲଛମା ଏବଂ ବାଦଲଙ୍କ ବିଚ୍ଛେଦ ଓ ମିଳନ ଉପରେ ଫକୀରମୋହନ ବେଶୀ ଗୁରୁତ୍ୱ ଦେଇଛନ୍ତି । ଭାସ୍କର ପଣ୍ଡିତଙ୍କ ମୃତ୍ୟୁ ପରେ ଆଲିବର୍ଦ୍ଦି ଖାଁଙ୍କର ବିଜୟୋଲ୍ଲାସରେ ଐତିହାସିକ ଉପାଖ୍ୟାନର ସମାପ୍ତି ହୋଇଛି । କିନ୍ତୁ ତା ପରେ ବାଦଲସିଂହ ସହିତ ଲଛମାର ମିଳନ ଦେଖାଇବା ପାଇଁ ଉପନ୍ୟାସର 'ପ୍ଲଟ୍' ଗତି କରିଛି । ଐତିହାସିକ ପୃଷ୍ଠଭୂମି ଉପରେ ନିର୍ଭର କରି ଲଛମା ଜୀବନର ଏକ ଅଂଶ ଦେଖାଇବା ଫକୀରମୋହନଙ୍କର ଉଦ୍ଦେଶ୍ୟ ।

*ଲଛମା*ରେ କଥାବସ୍ତୁଟି ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେ, ଘଟଣାର ମଧ୍ୟ ବହୁଳ ସମାବେଶ ନାହିଁ । ଉପନ୍ୟାସଟି ପ୍ରଧାନତଃ କାର୍ଯ୍ୟ ଉପରେ ପ୍ରତିଷ୍ଠିତ । ଆଲିବର୍ଦ୍ଦି ଓ ମରହଟ୍ଟାଙ୍କ ମଧ୍ୟରେ ଯୁଦ୍ଧର ଘନଘଟା, ଜୟ ପରାଜୟ, ଅତର୍କିତ ଭାବରେ ଆକ୍ରମଣ ପ୍ରଭୃତି ବର୍ଣ୍ଣନାଦ୍ୱାରା ଏହା ସାଧାରଣତଃ ଗତିଶୀଳ ହୋଇ ପାରିଛି । ଉପନ୍ୟାସର ଅନ୍ତର୍ନିହିତ

ସଂଶୟ ଏହାର ଗତିକୁ ଅଧିକ ଚିତ୍ତାକର୍ଷକ କରିଛି । ଉପନ୍ୟାସର ଐତିହାସିକ ପୃଷ୍ଠଭୂମିରେ ଏହି ସଂଶୟ ଯେପରି ପରିସ୍ଫୁଟ ବାଦଲସିଂହ ଓ ଲଛମାର ଜୀବନକାହାଣୀରେ ମଧ୍ୟ ଅନୁରୂପ ସଂଶୟ ପରିଦୃଷ୍ଟ ହୁଏ । ନବାବ ଆଲିବର୍ଦ୍ଦିଖାଁ ମରହଟ୍ଟାମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପରେ ପରେ ଯୁଦ୍ଧ ଏପରି ଭାବରେ ଗତି କରିଛି ଯେ ଏହାର ଫଳାଫଳ ସମ୍ପର୍କରେ କୌଣସି ଅନୁମାନ କରିବା କଷ୍ଟକର । କାରଣ ହଲଦାପଦା ଯୁଦ୍ଧରେ ନବାବଙ୍କ ଦୁର୍ଦ୍ଦଶା କହିଲେ ନ ସରେ । ଫୁଲ୍‌ଓଆର ଯୁଦ୍ଧରେ ପ୍ରଥମେ ମନେ ହୁଏ ତୁର୍କ ସୈନ୍ୟ ବିଜୟୀ ହେବେ, କିନ୍ତୁ ଅଳ୍ପ ସମୟ ମଧ୍ୟରେ ତୁର୍କ ସୈନ୍ୟଙ୍କ ସମସ୍ତ ଆଶା-ଭରସା ବ୍ୟର୍ଥ ହୋଇଛି । ଏହା ପରେ ଯେଉଁ ଯୁଦ୍ଧ ହୋଇଛି ସେଥିରେ କେତେବେଳେ ଆଲିବର୍ଦ୍ଦିଙ୍କ ସୈନ୍ୟ ବିପନ୍ନ କେତେବେଳେ ବା ବର୍ଗୀ ସେନା ପରାଜିତ । ମହିଷରେଖା ଯୁଦ୍ଧରେ ନବାବଙ୍କ ଜୀବନ ମଧ୍ୟ ସଙ୍କଟାପନ୍ନ ହୋଇଛି । ଅନ୍ୟ ପକ୍ଷରେ ସେହିପରି କାଟୋୟା ଯୁଦ୍ଧରେ ନିଜ ସୈନ୍ୟଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ଭାସ୍କର ପଣ୍ଡିତ ଯୁଦ୍ଧ ଆଶା ଛାଡ଼ି ଦେଇ ସ୍ୱଦେଶକୁ ଫେରିଯିବା ପାଇଁ ବ୍ୟାକୁଳ । ଐତିହାସିକ 'ପ୍ଲଟ୍'ର ଏହି ଉତ୍‌ଥାନପତନ ପାଠକକୁ କୌତୂହଳୀ କରି ରଖେ । ସେହିପରି ଭାବରେ ବାଦଲସିଂହ ଓ ଲଛମାର ଜୀବନଗାଥା ନାନା ଘାତ ପ୍ରତିଘାତ ମଧ୍ୟ ଦେଇ ସର୍ପିଳ ଗତିରେ ଧାବମାନ । କେତେବେଳେ ସେମାନଙ୍କ ଚକ୍ଷୁ ଲୋତକପୂର୍ଣ୍ଣ, ପୁଣି କେତେବେଳେ ସେମାନେ ସୁଖସ୍ୱପ୍ନରେ ବିଭୋର । ପାଗଳୀ ବେଶରେ ଲଛମାର ଦୀର୍ଘଦିନବ୍ୟାପୀ ସ୍ୱାମୀ ଅନ୍ୱେଷଣ ପାଠକ ମନରେ ସର୍ବଦା ସଂଶୟ ଜାଗ୍ରତ କରେ । ଭାସ୍କର ପଣ୍ଡିତଙ୍କ ହତ୍ୟା ସମୟରେ ଉଭୟଙ୍କର ନାଟକୀୟ ଭାବରେ

ମିଳନ ପାଠକକୁ ଯେପରି ଆନନ୍ଦ ଦାନ କରେ ସେହିପରି ବାଦଲସିଂହଙ୍କର ଆକସ୍ମିକ ଅନ୍ତର୍ଦ୍ଧାନ ତାହାକୁ ବିଚଳିତ କରେ । ଅବଶ୍ୟ ଉପନ୍ୟାସର ପ୍ରାରମ୍ଭରେ ଏ ସଂଶୟ ବିଶେଷଭାବେ ପରିଲକ୍ଷିତ ହୁଏ ନାହିଁ । କାରଣ, ଉପନ୍ୟାସର ପ୍ରାରମ୍ଭରେ ନବାବ ଆଲିବର୍ଦ୍ଦି ଖାଁ ଓ ରଘୁବଣିଆ ଦୁର୍ଗେଶ୍ୱର ମାନଧାତାଙ୍କ ପରିଚୟ ଏବଂ ରଘୁବଣିଆ ଦୁର୍ଗ ସମ୍ପର୍କୀୟ ନାନା କଥା ବର୍ଣ୍ଣନାରୂପେ ସ୍ଥାନ ପାଇଅଛି । ତେଣୁ ଏଥିରେ ସଂଶୟର ଅବକାଶ ନାହିଁ । ପ୍ରକୃତରେ ଆଲିବର୍ଦ୍ଦି ଖାଁ ଓ ଭାସ୍କର ପଣ୍ଡିତଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଏବଂ ଅନ୍ୟ ଦିଗରେ ଲଛମା ରଘୁବଣିଆ ଦୁର୍ଗରୁ ବାହାରି ଯିବା ପରେ ଉପନ୍ୟାସରେ ସଂଶୟର ଆରମ୍ଭ ହୁଏ । ଲଛମା ପୁରୁଷ ବେଶରେ ଆଲିବର୍ଦ୍ଦିଙ୍କ ସୈନ୍ୟଦଳରେ ଯୋଗ ଦେବା ସଙ୍ଗେ ସଙ୍ଗେ ଫକୀରମୋହନ ତାହାର ଛଦ୍ମବେଶ ସହିତ ପାଠକକୁ ପରିଚିତ କରାଇ ଦେଇଛନ୍ତି । ସେହିପରି ଭାବରେ ମହିଷରେଖା ଯୁଦ୍ଧରେ ଜଣେ ଅପରିଚିତ ଯୁବକ ନବାବଙ୍କ ପ୍ରାଣ ରକ୍ଷାକଲା ଏବଂ ଠିକ୍ ଏହା ପରେ ପରେ ଫକୀରମୋହନ ସେହି ଅପରିଚିତ ଯୁବକକୁ ବାଦଲସିଂହ ବୋଲି ଚିହ୍ନାଇ ଦେଇଛନ୍ତି । ଛଦ୍ମବେଶୀ ଲଛମା ଏବଂ ଅପରିଚିତ ଯୁବକର ପରିଚୟ ପାଠକ ସମକ୍ଷରେ ଉପସ୍ଥାପନ କରିବାରେ ବିଳମ୍ବ କରିଥିଲେ ଉପନ୍ୟାସରେ ଅଧିକ ସଂଶୟ ରହି ପାରିଥାନ୍ତା ।

ଉପନ୍ୟାସକୁ ନାଟକୀୟ କରି ତାର ପ୍ରଭାବକୁ ବୃଦ୍ଧି କରିବା ପାଇଁ ଫକୀରମୋହନ ସମୟ ସମୟରେ କୃତ୍ରିମତା ଓ ଅତିରଞ୍ଜନର ଆଶ୍ରୟ ନେଇଛନ୍ତି । ମରହଟ୍ଟା ଦରବାରରେ ପ୍ରକାଶ୍ୟ ଭାବରେ ମାନଧାତାଙ୍କ ଶିରଚ୍ଛେଦ ଓ ମହିଷରେଖା ଯୁଦ୍ଧରେ ବାଦଲସିଂହଙ୍କ

ଦ୍ୱାରା ଅସହାୟ ନବାବ ଆଲବର୍ଦ୍ଦିଖାଁଙ୍କର ପ୍ରାଣରକ୍ଷା ଦୃଶ୍ୟର ଅବତାରଣାରେ କୃତ୍ରିମତା ପ୍ରକାଶ ପାଏ । ମୁସ୍ତାଫାଙ୍କ ନିକଟରେ ନବାବଙ୍କର ଶରଣ ପଶିବା ଘଟଣାକୁ ଅତିରଞ୍ଜିତ ଭାବରେ ଉପସ୍ଥାପନ କରାଯାଇଛି । ଆଲବର୍ଦ୍ଦିଖାଁଙ୍କର ଶିବିରରେ ପ୍ରବେଶ କରିବା ସମୟରେ ଭାସ୍କର ପଣ୍ଡିତଙ୍କ ହତ୍ୟାଦୃଶ୍ୟ ଏବଂ ଗୟାକ୍ଷେତ୍ରରେ ଲଛମା ଓ ବାଦଲଙ୍କର ଆଶ୍ଚର୍ଯ୍ୟଜନକ ମିଳନଦୃଶ୍ୟ ଅତିରଞ୍ଜନର ପ୍ରକୃଷ୍ଟ ଉଦାହରଣ । ବାଦଲସିଂହ ଓ ଲଛମାର ମିଳନ ସମୟରେ ସେମାନଙ୍କ ମା ଦୁହିଁଙ୍କର ସେଠାରେ ଆବିର୍ଭାବ କୃତ୍ରିମତାର ସ୍ପଷ୍ଟ ସଙ୍କେତ ରୂପେ ପରିଲକ୍ଷିତ ହୁଏ । ଏହି ଅତିରଞ୍ଜନ ଏବଂ କୃତ୍ରିମତା ଉପନ୍ୟାସର ରସାସ୍ୱାଦନରେ ବାଧା ଜାତ କରାଏ । ଲଛମାର ଦୁଃଖ ବର୍ଣ୍ଣନରେ ଭାବପ୍ରବଣତା ଓ ମହାଦେବୀଙ୍କ ପାତିବ୍ରତ୍ୟରେ ନିଛକ ଆଦର୍ଶବାଦ ଦେଖାଯାଏ । ଅବଶ୍ୟ ଯେଉଁ ସମୟରେ ଏ ଉପନ୍ୟାସ ରଚିତ ହୋଇଥିଲା ସେ ସମୟରେ ଏହି ଅତିରଞ୍ଜନ, କୃତ୍ରିମତା ବା ଭାବପ୍ରବଣତା ଉପନ୍ୟାସଟିକୁ ପାଠକମାନଙ୍କ ନିକଟରେ ଅଧିକ ଉପଭୋଗ୍ୟ କରିପାରିଥିବ ବୋଲି ମନେ ହୁଏ ।

ଇତିହାସରୁ ସୂଚନା ମିଳେ ଯେ ଆଲବର୍ଦ୍ଦିଖାଁ ୧୭୨୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଜଣେ ସାମାନ୍ୟ କର୍ମଚାରୀ ରୂପେ ନିଯୁକ୍ତ ହୋଇଥିଲେ । ଅଧ୍ୟବସାୟ ଓ କାର୍ଯ୍ୟଦକ୍ଷତା ବଳରେ ୧୭୩୩ ଖ୍ରୀଷ୍ଟାବ୍ଦରେ ସେ ବିହାରର ଶାସନକର୍ତ୍ତା ହୋଇ ପାରିଥିଲେ । ୧୭୪୦ ଖ୍ରୀଷ୍ଟାବ୍ଦରେ ବଙ୍ଗଳା ଓ ୧୭୪୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାକୁ ନିଜର ଅଧିକାରଭୁକ୍ତ କରି ସେ ବଙ୍ଗ, ବିହାର ଓ ଓଡ଼ିଶାର ନବାବ ହେଲେ । ୧୭୪୨ ଓ ୧୭୪୩ ଖ୍ରୀଷ୍ଟାବ୍ଦରେ ମରହଟ୍ଟା ବର୍ଗୀମାନଙ୍କ ଅତ୍ୟାଚାରର

ଆଲିବର୍ଦ୍ଦିଙ୍କର ବିଶେଷ ଉଦ୍‌ବେଗର କାରଣ ହୋଇଥିଲା । ୧୭୪୨ ଖ୍ରୀଷ୍ଟାବ୍ଦରେ ମୀର୍ ହବିବ୍ ମୁର୍ଶିଦାବାଦ ଲୁଣ୍ଠନ କଲେ ଏବଂ ଜଗତ୍ ସେଠ ଫତେଚାନ୍ଦଙ୍କ ଗୃହଲୁଣ୍ଠନରୁ ଦୁଇକୋଟି ଟଙ୍କା ପାଇଲେ । "ଖ୍ରୀ ୧୭୪୨ ଅକ୍ଟୋବର ମାସରେ ଭାସ୍କରରାମ କାଟୱାଠାରେ ମହାସମାରୋହରେ ଦୁର୍ଗାପୂଜାରେ ମାତିଥିଲେ । ଏହି ସମୟରେ ଅପ୍ରତ୍ୟାଶିତ ଭାବରେ ଆଲିବର୍ଦ୍ଦି ଜଳପଥରେ ଆସି ତାଙ୍କୁ ଆକ୍ରମଣ କଲେ । ଭାସ୍କରରାମ ପରାସ୍ତ ହୋଇ ମିର୍‌ହବିବ୍‌ଙ୍କ ଜିମାରେ ସେନା ଛାଡ଼ିଦେଇ ପଚେଟକୁ ପଳେଇ ଆସିଲେ । ......... ଜାନକୀ ରାମଙ୍କ ପରାମର୍ଶ ଅନୁସାରେ ସନ୍ଧି ଛଳନାରେ ଆଲିବର୍ଦ୍ଦି ସମସ୍ତ ମରହଟ୍ଟା ସେନାପତିଙ୍କୁ ଭୁଲାଇ ନିଜ ଛାଉଣିକୁ ଆଣି ସମସ୍ତଙ୍କୁ ହତ୍ୟା କଲେ ( ଖ୍ରୀ ୧୭୪୪ ଷ୍ଟାବ୍ଦ ଅକ୍ଟୋବର ଓ ନଭେମ୍ବର ) । ମୋଟରେ ୨୧ ଜଣ ସେନାପତି ନିହତ ହୋଇଥିଲେ । କେବଳ ରଘୁଜୀ ଗାଇକୋବାର୍ଡ଼ ବୋଲି ଜଣେ ବାଦ୍ ପଡ଼ି ଯାଇଥିଲେ । ସେ ତାଙ୍କ ସୈନ୍ୟ ଓ ଯଥାସମ୍ଭବ ଜିନିଷ ପତ୍ର ନେଇ ପଳାଇଲେ । ଏଠାରେ ଭାସ୍କରରାମ ମଧ୍ୟ ନିହତ ହୋଇଥିଲେ । କିଛି ସମୟ ପାଇଁ ରାଜ୍ୟ ମରହଟ୍ଟା ଜଞ୍ଜାଳରୁ ମୁକ୍ତ ହେଲା ବୋଲି ଆଲିବର୍ଦ୍ଦି ବିଚାରିଲେ ।" * ଏହି ଉପନ୍ୟାସର ଦଶମ ପରିଚ୍ଛେଦରେ ବର୍ଣ୍ଣିତ ଆଲିବର୍ଦ୍ଦିଖାଁଙ୍କ ନିକଟରୁ ମହନ୍ତବେଶୀ ସେକ୍ ସମସରଖାଁ ଯେଉଁ ପତ୍ର ଆଣିଛନ୍ତି ସେଥିରେ ତାରିଖ ଦିଆ ଯାଇଛି, "ସନ ୧୧୯୮ ରମଜାନ ମହିନା ତେସରା ରୋଜପୀର, ତକ୍ତ ମୁର୍ଶିଦାବାଦ ।" ୧୧୯୮ ସନ ଇଂରେଜୀ ୧୭୪୦ ଖ୍ରୀଷ୍ଟାବ୍ଦ । ତେଣୁ *ଲଛମା* ଉପନ୍ୟାସର କଥାବସ୍ତୁର କାଳ ହେଉଛି ୧୭୪୦ ଖ୍ରୀଷ୍ଟାବ୍ଦରୁ ୧୭୪୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ।

* *ଓଡ଼ିଶା ଇତିହାସ*–ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ।

*ଲଛମା*ର 'ପ୍ଲଟ୍' ସମ୍ପର୍କୀୟ ଆଲୋଚନାରେ ଏହାର 'ପ୍ଲଟ୍'ର ଦୁଇଟି ଦିଗ ସମ୍ପର୍କରେ ବିଚାର କରା ଯାଇଛି । ଆଲିବର୍ଦ୍ଦିଖାଁ ଓ ଭାସ୍କର ପଣ୍ଡିତଙ୍କୁ କେନ୍ଦ୍ର କରି ଏହାର ଐତିହାସିକ 'ପ୍ଲଟ୍' ଗଢ଼ି ଉଠିଛି ଏବଂ ବାଦଲସିଂହ ଓ ଲଛମାକୁ କେନ୍ଦ୍ର କରି ଏହାର ରୋମାଣ୍ଟିକ (romantic) ଦିଗଟି ଫୁଟି ଉଠିଛି । ପ୍ରଥମ 'ପ୍ଲଟ୍'ରେ ଯଥେଷ୍ଟ ଐତିହାସିକ ସତ୍ୟତା ରହିଛି । ଭାସ୍କର ପଣ୍ଡିତ ବା ଭାସ୍କରରାମ ପଣ୍ଡିତ ନାରାୟଣ ରାମଜୀଙ୍କ ପୁତ୍ର । ସେ "ଛତିଶଗଡ଼ବାଟେ ଗ୍ରେଟନାଗପୁର ଆସି ସେଠାରୁ ମୟୂରଭଞ୍ଜ ଓ ପଚେଟବାଟେ ମେଦିନୀପୁର ଆକ୍ରମଣ କଲେ । ଆଲିବର୍ଦ୍ଦି ଏହି ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ଅପ୍ରସ୍ତୁତ ଥିଲେ । ମରହଟ୍ଟା ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ ସେ ବଙ୍ଗ ଆଡ଼କୁ ପଳାଇଲେ······ମରହଟ୍ଟାମାନଙ୍କ ଅଶ୍ୱାରୋହୀ ସୈନ୍ୟସଂଖ୍ୟା ସବୁ ମିଶି ଦଶ ହଜାର ଥିଲେ ; ମାତ୍ର ଆଲିବର୍ଦ୍ଦିଙ୍କର ମୋଟେ ଚାରି ହଜାର ପଦାତି ଓ ତିନି ହଜାର ଅଶ୍ୱାରୋହୀ ଥିଲେ । ଆଲିବର୍ଦ୍ଦି ଏପରି ଚାନଖିଆ ହୋଇ ପଳାଇଲେ ଯେ, ତାଙ୍କର ସମସ୍ତ ଜିନିଷପତ୍ର, ସୈନ୍ୟମାନଙ୍କ ଖାଦ୍ୟ-ସାମଗ୍ରୀ, ଭାରବାହୀ ପଶୁସବୁ ମରହଟ୍ଟାମାନଙ୍କ ହାତରେ ପଡ଼ିଲା । ଏପରି କି ତାଙ୍କ ବେଗମ ହାତୀରେ ଚଢ଼ି ଯାଉଥିବା ବେଳେ ବନ୍ଦୀ ହେଲେ ଓ ବହୁ କଷ୍ଟରେ ତାଙ୍କୁ ମୁକୁଳାଇ ନିଆ ହୋଇଥିଲା । ସେ ବିଶ୍ୱାସଘାତକତାର କୌଶଳ ପ୍ରୟୋଗ କରି ମରହଟ୍ଟାମାନଙ୍କ ହାତରୁ ମୁକ୍ତି ପାଇବେ ବୋଲି ଚେଷ୍ଟା କରି ସନ୍ଧି କରିବା ପାଇଁ ଭାସ୍କର ରାମଙ୍କଠାକୁ ଲୋକ ପଠାଇଲେ । ······କିନ୍ତୁ ଏହି ସନ୍ଧିର କଥାବାର୍ତ୍ତା ଚଳାଇ ଆଲିବର୍ଦ୍ଦି ଯେଉଁ ସମୟ ପାଇଲେ, ସେଥିରେ ଆଫଗାନ ସୈନ୍ୟମାନଙ୍କୁ ଲାଞ୍ଚ ମିଛଦ୍ୱାରା ସନ୍ତୁଷ୍ଟ କରି ବହୁ କଷ୍ଟରେ କାଟୱାଠାରେ ଆସି ପହଞ୍ଚିଲେ । ତେଣୁ ମୁର୍ଶିଦାବାଦରୁ ଖାଦ୍ୟସାମଗ୍ରୀ ଓ ଅଧିକ

ସୈନ୍ୟ ମଧ୍ୟ ଆସି ପହଞ୍ଚିଗଲେ । ସୟୁଦ୍ ଅହମ୍ମଦ ଖାଁ ମଧ୍ୟ ବହୁତ ଗୋଲା ବନ୍ଧୁକ ଧରି ଆସି ପହଞ୍ଚିଗଲେ । ସେତେବେଳକୁ ତେଣେ ବର୍ଷାଋତୁ ମଧ୍ୟ ଆସି ଉପସ୍ଥିତ ପ୍ରାୟ । ଭାସ୍କରରାମ ବୁଝିଲେ ଯେ, ଏପରି ଅବସ୍ଥାରେ ଯୁଦ୍ଧ କରିବା କଠିନ; ତେଣୁ ସେ ଲୁଣ୍ଠିତ ମାଲମତା ସହ ଫେରିଯିବା ପାଇଁ ବସିଥିଲେ; ମାତ୍ର ମୀର ହବିବ ତାଙ୍କୁ ନିବର୍ତ୍ତାଇ ମୁର୍ଶିଦାବାଦ ଲୁଣ୍ଠନ କରିବା ପାଇଁ ପ୍ରବର୍ତ୍ତାଇଲେ ।" *

ଏଥିରୁ ସ୍ପଷ୍ଟଭାବରେ ଜଣାପଡ଼େ ଯେ ଆଲିବର୍ଦ୍ଦିଖାଁ ଓ ଭାସ୍କର ପଣ୍ଡିତଙ୍କୁ କେନ୍ଦ୍ରକରି ଫକୀରମୋହନ ଯେଉଁ 'ପ୍ଲଟ୍' ସଂଯୋଜନା କରିଛନ୍ତି ତାହା କଳ୍ପନାପ୍ରସୂତ ନୁହେ । ଐତିହାସିକ ପୃଷ୍ଠଭୂମି ଉପରେହିଁ ଏ ଉପନ୍ୟାସ ରଚିତ । ଜଗତସେଠଙ୍କ ନିକଟରୁ ଦୁଇ କୋଟି ଟଙ୍କା ଲୁଣ୍ଠନ, କାଟୋୟାଠାରେ ଭାସ୍କର ପଣ୍ଡିତଙ୍କ ପରାଜୟ, ପେଶବା ବାଲାଜିରାଓଙ୍କୁ ଟଙ୍କା ଦେଇ ସନ୍ତୁଷ୍ଟ କରିବା, ଛଳନାପୂର୍ଣ୍ଣ ସନ୍ଧିର ପ୍ରସ୍ତାବ, ଭାସ୍କର ପଣ୍ଡିତଙ୍କୁ ନିଜ ଶିବିରକୁ ଅଣାଇ ହତ୍ୟା କରିବା ପ୍ରଭୃତି ଘଟଣା ସମ୍ପୂର୍ଣ୍ଣ ଐତିହାସିକ ସତ୍ୟ । ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କ ଓଡ଼ିଶା ଇତିହାସରୁ ଆଲିବର୍ଦ୍ଦିଙ୍କ ବିରୁଦ୍ଧରେ ମୁସ୍ତାଫା ଖାଁଙ୍କର ବିଦ୍ରୋହ ସମ୍ପର୍କରେ ଏହି ସୂଚନା ମିଳେ ଯେ ମରହଟ୍ଟା ସେନାପତି-ମାନଙ୍କୁ ଆଲିବର୍ଦ୍ଦିଙ୍କ ସେନା ଶିବିରକୁ ପ୍ରତାରିତ କରି ଆଣିବା ସମୟରେ ମୁସ୍ତାଫା ଖାଁ ସେମାନଙ୍କ ମନରେ ବିଶ୍ୱାସ ଜାତକରାଇବା ଉଦ୍ଦେଶ୍ୟରେ ଲୁଗା ଘୋଡ଼ା ହୋଇଥିବା ଇଟାକୁ କୋରାନ ସରିଫ ରୂପେ ଛୁଇଁ ଶପଥ କରିଥିଲେ । କିନ୍ତୁ ଏହି କାର୍ଯ୍ୟ ନିମିତ୍ତ ସେ ଉପଯୁକ୍ତ ପୁରସ୍କାର

* *ଓଡ଼ିଶା ଇତିହାସ* ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ୍ ।

ପାଇ ନ ଥିଲେ । *ଲଛମା*ରେ ବର୍ଣ୍ଣିତ ଅଛି ଯେ ଭାସ୍କର ପଣ୍ଡିତ ଓ ଅନ୍ୟ ବର୍ଗିମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସର୍ଦ୍ଦାରଖାଁ ପାଠ କନାରେ ଭିଡ଼ା ଗୋଲସ୍ତାନ କିତାପକୁ କୋରାନ ସରିଫ ବୋଲି ସ୍ପର୍ଶ କରିଥିଲେ । ରାୟବଣିଆ ଦୁର୍ଗ ମଧ୍ୟ ଐତିହାସିକ ସତ୍ୟ ଉପରେ ପ୍ରତିଷ୍ଠିତ । ଏହି ଦୁର୍ଗ ପ୍ରସଙ୍ଗରେ ଫକୀରମୋହନ ଲେଖିଛନ୍ତି, "ଦୁର୍ଗର ସ୍ଥାପନକର୍ତ୍ତାଙ୍କ ଉପାଧି ଥିଲା ରାୟ ବଳିଆର ସିଂହ । ତାହାଙ୍କ ନାମାନୁସାରେ ଦୁର୍ଗର ନାମଥିଲା ରାୟ ବଳିଆର—କାଳକ୍ରମେ ରାୟବଣିଆ ନାମ ଧାରଣ କରିଅଛି ।" ଏହି ଯୁଦ୍ଧର ବିସ୍ତୃତ ବିବରଣୀ ଏବଂ ମାନଧାତା ଓ ମହାଦେବୀଙ୍କ ଚରିତ୍ରରେ କେତେ ଐତିହାସିକ ସତ୍ୟ ନିହିତ ଅଛି ତାହାର ଉପଯୁକ୍ତ ଅନୁସନ୍ଧାନ ଆବଶ୍ୟକ । *ଲଛମା*ରେ ଫୁଲଝରିଆର ଯୁଦ୍ଧର ବର୍ଣ୍ଣନା ମିଳେ । ଏହି ସମ୍ପର୍କରେ ଫକୀରମୋହନ ତାଙ୍କ ବୃଦ୍ଧ ପ୍ରପିତାମହଙ୍କ କେନ୍ଦ୍ରାପଡ଼ାରୁ ଫୁଲଝରିଆର ଆଗମନ ବିଷୟରେ ତାଙ୍କ *ଆତ୍ମଜୀବନ ଚରିତ*ରେ ଏକ ଚିତ୍ତାକର୍ଷକ ତଥ୍ୟ ପ୍ରଦାନ କରି ଅଛନ୍ତି । "ମହାରାଷ୍ଟ୍ର ଅଧିକାର ସମୟରେ ଉକ୍ତ ଖଣ୍ଡାୟତ ବଂଶଧର ହନୁମଲ୍ଲ ନାମକ ଜଣେ ଯୁବକ ମହାରାଷ୍ଟ୍ର ସେନାପତିଙ୍କ ଅଧୀନରେ ପାଇକ ପଦରେ ନିଯୁକ୍ତ ହୋଇ ପ୍ରଥମେ ବାଲେଶ୍ୱର ଆସିଥିଲେ । ପଠାଣ ସେନାମାନଙ୍କୁ ଆଗୁଳି ରଖିବା ନିମନ୍ତେ ଫୁଲଝରିଆର ଘାଟଠାରେ ଜଗୁଆଳି ହୋଇ ରହିବା ତାହାଙ୍କର କାର୍ଯ୍ୟଥିଲା ।" ଅବଶ୍ୟ *ଲଛମା* ଇତିହାସ ନୁହେ, ତେଣୁ ଏଥିରେ ଔପନ୍ୟାସିକଙ୍କର ନିଜ ଦୃଷ୍ଟିଭଙ୍ଗୀରୁ ଗୌଣ ଘଟଣା ସଂଯୋଜନା କରିବାରେ ସ୍ୱାଧୀନତା ରହିଅଛି । ବର୍ଗୀ ପ୍ରପୀଡ଼ିତ ଓଡ଼ିଶାର ଯେଉଁ ନଗ୍ନରୂପ ଫକୀରମୋହନ ଅଙ୍କନ କରି ପାରିଛନ୍ତି, ବର୍ଗୀ କ୍ରୂରତା ଓ ନିଷ୍ଠୁରତାର ଯେଉଁ ଜୀବନ୍ତ ଛବି

ସେ ପ୍ରଦାନ କରିଛନ୍ତି ଏବଂ ବର୍ଗୀ ବିରୁଦ୍ଧରେ ସମସ୍ତଙ୍କର ତୀବ୍ର ଅସନ୍ତୋଷକୁ ସେ ଯେପରି ପ୍ରକାଶ କରିଛନ୍ତି ତାହା ବାସ୍ତବିକ ପ୍ରଶଂସାର ବିଷୟ । "ବର୍ଗୀ ହାଙ୍ଗାମାର ପ୍ରାୟ ଦେଢ଼ଶ ବର୍ଷ ପରେ ସୁଦ୍ଧା ଓଡ଼ିଆ ପ୍ରାଣରୁ ବର୍ଗୀ ପ୍ରତି ଘୃଣା ଯାଇ ନ ଥିଲା । *ଲଛମା* ସେ ଘୃଣାର ଗୋଟିଏ ଅଙ୍ଗ । *ଲଛମା* ବର୍ଗୀ ଅମଳର ଜୀବନ୍ତ ଚିତ୍ର ......... ଫକୀରମୋହନଙ୍କ *ଲଛମା* ବାସ୍ତବ ପକ୍ଷରେ ଉତ୍କଳ ଇତିହାସକୁ ଗୋଟିଏ ମହାର୍ଘ ଅବଦାନ । ଉତ୍କଳର ଅଜଣା ଗଡ଼, ଗ୍ରାମକୁ ଅନ୍ଧକାର ଗର୍ଭରୁ ବାହାରକୁ ଟାଣି ଆଣିବାର ଅଦ୍ଭୁତ ଶକ୍ତି ଫକୀର-ମୋହନଙ୍କର ଥିଲା । *

ଫକୀରମୋହନ ପିଲାଦିନରେ ତାଙ୍କ ଠାକୁରମାଙ୍କ ପାଖରୁ କମ୍ପାମା ପଟଉଳ ଏବଂ ବର୍ଗୀମାନଙ୍କ ସମ୍ପର୍କରେ ବହୁ କାହାଣୀ ଶୁଣିଥିଲେ । ବର୍ଗୀମାନଙ୍କ ଅତ୍ୟାଚାରରେ ଦେଶବାସୀ ଏତେ ପ୍ରପୀଡ଼ିତ ହୋଇଥିଲେ ଯେ ବର୍ଗୀମାନଙ୍କ ନାମରେ ଲୋକଙ୍କ ମନରେ ଆତଙ୍କ ଖେଳି ଯାଉ-ଥିଲା । ଏପରିକି ବର୍ଗୀମାନଙ୍କ ଅତ୍ୟାଚାର କାଳକ୍ରମେ ବିଭିନ୍ନ ଢଗ ଆକାରରେ ରହି ଯାଇଛି । ସାନ ପିଲାଙ୍କୁ ଶୁଆଇବା ପାଇଁ ବୁଢ଼ୀ ମା କମ୍ପା ମା ଏହି ଢଗର ବ୍ୟବହାର କରନ୍ତି । ଫକୀରମୋହନ ଏହିସବୁ ଢଗ ଶୁଣିଥିବା ସ୍ୱାଭାବିକ । ଏହି ସବୁ ଢଗରୁ ଶିବାଜୀଙ୍କ ଆରାଧ୍ୟ ଦେବଭୂମି ଉତ୍କଳ ଉପରେ ମରହଟ୍ଟା ବର୍ଗୀମାନଙ୍କର ତତ୍କାଳୀନ ତାଣ୍ଡବଲୀଳାର ଯେଉଁ ମର୍ମନ୍ତୁଦ ଆଭାସ ମିଳେ ତାହାକୁ

* *ଫକୀରମୋହନ ପରିକ୍ରମା*ରେ *ଐତିହାସିକ ଫକୀରମୋହନ* ଶୀର୍ଷକ ପ୍ରବନ୍ଧ—ଅଧ୍ୟାପକ ଶ୍ରୀ ମନ୍ମଥନାଥ ଦାସ

ଲଛମାରେ ଫକୀରମୋହନ ବାସ୍ତବରୂପ ଦେଇଛନ୍ତି । ମାନଧାତାଙ୍କ ବନ୍ଧୁତ୍ୱ ଲୋଡ଼ି ଯେତେବେଳେ ପଣ୍ଡିତ ଶିଉଶଙ୍କର ମାଲବାର ରାୟବଣିଆ ଦୁର୍ଗକୁ ଆସିଛନ୍ତି ସେତେବେଳେ ରାୟଗୁରୁ ଏହି ବନ୍ଧୁତ୍ୱକୁ ପ୍ରତ୍ୟାଖ୍ୟାନ କରି ମରହଟ୍ଟା ବିରୋଧରେ ଗୁରୁତର ଅଭିଯୋଗ କରିଛନ୍ତି । ଏହି ଅଭିଯୋଗର ପ୍ରତିଟି ଛବି ମରହଟ୍ଟାମାନଙ୍କର ଯେ କେବଳ କ୍ରୂରତାର ପରିଚୟ ଦେଉଛି ତାହା ନୁହେଁ, ସେ ସମୟରେ ଦେଶବାସୀଙ୍କର ମନ ମରହଟ୍ଟାମାନଙ୍କ ପ୍ରତି କିପରି ଘୃଣାରେ ପୂରି ଉଠିଛି ତାହାର ସୂଚନା ମଧ୍ୟ ତହିଁରୁ ମିଳେ । ଶିଉଟଙ୍କର ଶ୍ରୀମଦ୍ ଭଗବତ୍ ଗୀତାରୁ ବିଭିନ୍ନ ଶ୍ଲୋକ ଉଦ୍ଧାର କରି ମୋଗଲମାନଙ୍କ ଉଚ୍ଛେଦ ନିମିତ୍ତ ଯେଉଁ ଯୁକ୍ତି ଉତ୍ଥାପନ କରିଛନ୍ତି ତାର ଉତ୍ତରରେ ରାୟଗୁରୁ କହିଛନ୍ତି, "ଆନନ୍ଦୋତ୍ସବପୂର୍ଣ୍ଣ ଶତ ଶତ ଖଣ୍ଡାୟତ ଗ୍ରାମ ବର୍ତ୍ତମାନ ଶ୍ମଶାନ କ୍ଷେତ୍ରରେ ପରିଣତ ହୋଇ ପଡ଼ିଅଛି । ବର୍ତ୍ତମାନ ଉତ୍କଳୀୟମାନେ ମରହଟ୍ଟାମାନଙ୍କୁ ନରମାଂସାଶୀ ବ୍ୟାଘ୍ର ଭଲ୍ଲୁକଠାରୁ ଅଧିକ ଭୟ କରୁଅଛନ୍ତି । ଯେଉଁ ଜାତି ପ୍ରତି ଲୋକ ସାଧାରଣର ଏପରି ଵିଶ୍ୱାସ, ଏପରି ଭୟ, ସେ ଜାତି ପକ୍ଷରେ ରାଜସିଂହାସନ ଅଭିଳାଷ କରିବା ବିଡ଼ମ୍ବନା ମାତ୍ର । .........ଆପଣ ବୋଲନ୍ତୁ, ଆପଣଙ୍କ ଆଧିପତ୍ୟକୁ ରାଜ୍ୟଶାସନ କି ଲୁଣ୍ଠନ, କଣ ବୋଲିବେ ? ଫୌଜଦାରମାନଙ୍କ ଜୁଲମରେ ଗ୍ରାମକୁ ଗ୍ରାମ ଅରଣ୍ୟମୟ ହୋଇ ଗଲାଣି ।............ବେରାର ଦରବାରରେ ଉତ୍କଳ ଦେଶଟା ନିଲାମରେ ବିକି ହୁଏ; ଯେ ବେଶୀ କଉଡ଼ି ଗଣିପାରେ, ସେହି ଫୌଜଦାରୀ ପ୍ରାପ୍ତହୁଏ । ଫୌଜଦାର ଯେତେ କାହାଣ କଉଡ଼ି ଗଣି ଦେଇଅଛି, ମୂଳ କଳନ୍ତର ଯୋଗ ଅସୁଲ କରିବ ତ ? ପ୍ରଜା ମଲେ

ବା ଗଲେ ତାଙ୍କ ତ କେହି ଲଗା ଥାଏ ନାହିଁ । ପୁଣି ସେହି ଫୌଜଦାର ପ୍ରଜାଙ୍କଠାରୁ ବେଶୀ ଟଙ୍କା ଅସୁଲ କରିବାକୁ ଚେଷ୍ଟା କରେ । କାରଣ ଦରବାର ପ୍ରତି ତାହାର ପ୍ରତ୍ୟୟ ନାହିଁ । ସନନ୍ଦ ଦେଇ ଆସିଲାବେଳେ ଆଉ କେହି ସନନ୍ଦ ଦେଇ ଆସିଲା ପରି, ଏହି ଭୟରେ ପଛକୁ ଅନାଉଥାଏ । ବିଧର୍ମୀ ତୁର୍କ ଅଧିକାରରେ ବରଞ୍ଚ ପ୍ରଜାମାନେ କିଛି ସୁଖରେ ଅଛନ୍ତି ।"

ବର୍ଗୀମାନଙ୍କ ଅତ୍ୟାଚାରରେ ନିପୀଡ଼ିତ ଓଡ଼ିଶାର ଏହି ମର୍ମସ୍ପର୍ଶୀ କାହାଣୀ ବର୍ଣ୍ଣନ କରି ଫକୀରମୋହନ ପ୍ରତିପାଦନ କରିଛନ୍ତି ଯେ ହିନ୍ଦୁ ହୋଇ ମଧ୍ୟ ହିନ୍ଦୁକୁ ସମର୍ଥନ ନ କରି ମୋଗଲମାନଙ୍କୁ ସମର୍ଥନ କରିବା ମାନଧାତାଙ୍କ ପକ୍ଷରେ ଯୁକ୍ତିଯୁକ୍ତ ହୋଇଛି । ଅବଶ୍ୟ ଏହି ସମର୍ଥନର ଫଳ ସ୍ୱରୂପ ମାନଧାତାଙ୍କ ଶିରଚ୍ଛେଦ ହୋଇଛି, କିନ୍ତୁ ସେ ଯାହା ଭଲ ବୁଝିଛନ୍ତି ସେଥିରୁ ତିଳେ ସୁଦ୍ଧା ବିଚ୍ୟୁତ ହୋଇ ନାହାନ୍ତି ।

***ଲଛମା***ର ଏହି ଐତିହାସିକ 'ପ୍ଲଟ୍'କୁ ରସାଣିତ କରିବା ପାଇଁ ଫକୀରମୋହନ ବାଦଲ ସିଂହ ଓ ଲଛମାକୁ ନେଇ ରୋମାଣ୍ଟିକ 'ପ୍ଲଟ୍'ର ସୃଷ୍ଟି କରିଛନ୍ତି ଏବଂ ଉପନ୍ୟାସର ଐକ୍ୟ ବଜାୟ ରଖିବା ପାଇଁ ଏହି ରୋମାଣ୍ଟିକ 'ପ୍ଲଟ୍'ର ଚରିତ୍ରଗୁଡ଼ିକୁ ଐତିହାସିକ 'ପ୍ଲଟ୍'ର ଚରିତ୍ର ସହିତ ସଂଯୁକ୍ତ କରିଛନ୍ତି । ଲଛମା ଏବଂ ବାଦଲ-ସିଂହ ଚରିତ୍ରର କୌଣସି ଐତିହାସିକ ଭିତ୍ତି ନାହିଁ । ସେମାନେ ପୂରାପୂରି କାଳ୍ପନିକ ଚରିତ୍ର । ଇତିହାସପୃଷ୍ଠାରୁ ବାଦଲ ସିଂହ ନାମକ କୌଣସି ହାବିଲଦାରର ପରିଚୟ ଆମେ ପାଇ ପାରୁ ନାହିଁ; ଅଥଚ ଏ ଉପନ୍ୟାସରେ ବାଦଲସିଂହ ଓ ଲଛମାର ଗୁରୁତ୍ୱ ସର୍ବୋଚ୍ଚ ଅନୁଭୂତ

ନ୍ତି । ଏମାନଙ୍କୁ ଐତିହାସିକ ଗଣ୍ଡି (frame work) ମଧ୍ୟରେ ପୂରାଇବା ପାଇଁ ପ୍ରଥମେ ଲଛମାକୁ ମାନଧାତାଙ୍କ ଦରବାରକୁ ଅଣାଯାଇଛି ଏବଂ ପରେ ପରେ ଲଛମା ମାନଧାତା ଦମ୍ପତିଙ୍କର ପୋଷ୍ୟାକନ୍ୟା ହେବାର ସୂଚନା ମିଳୁଛି । ମାନଧାତା ଦମ୍ପତିଙ୍କର ଆଶ୍ରୟଚ୍ୟୁତା ହୋଇ ଲଛମା ପୁଣି ମନେ ପକାଇଛି ତାର ବ୍ୟକ୍ତିଗତ କ୍ଷତି କଥା । ଏହି ସବୁ କାରଣରୁ ମରହଟ୍ଟାମାନଙ୍କର ଅନିଷ୍ଟ ସାଧନ ପାଇଁ ତାର ମନରେ ପ୍ରତିହିଂସାର ବହ୍ନି ଜଳି ଉଠିଛି । ଯାହା ଫଳରେ ସେ ଛଦ୍ମବେଶୀ ପାନବା ରୂପେ ମରହଟ୍ଟା ସୈନ୍ୟମାନଙ୍କ ମଧ୍ୟରେ ନିଜକୁ ମିଶାଇ ଦେଇଛି । ବାଦଲସିଂହକୁ ଆହୁରି କୃତିମ ଉପାୟରେ ଐତିହାସିକ 'ପ୍ଲଟ୍' ସହିତ ସମ୍ପୃକ୍ତ କରାହୋଇଛି । ମହାଘରେଖା ଯୁଦ୍ଧରେ ନବାବଙ୍କ ଜୀବନ ଯେତେବେଳେ ବିପନ୍ନ ସେତେବେଳେ ଅତି ଅପ୍ରତ୍ୟାଶିତ ଭାବରେ ବାଦଲ ସିଂହ ଦେଖା ଦେଇଛି । ନବାବଙ୍କ ଜୀବନ ରକ୍ଷା କରିବା ଫଳରେ ସେ କେବଳ ନବାବଙ୍କ ପ୍ରିୟପାତ୍ର ହୋଇ ପାରିଛି ତାହା ନୁହେଁ, ସେ ହାବିଲଦାର ପଦ ପ୍ରାପ୍ତ ହୋଇଛି । ଏହା ପରେ ଐତିହାସିକ 'ପ୍ଲଟ୍'ର ପ୍ରାଣକେନ୍ଦ୍ର ହୋଇ ଉଠିଛି ଏହି କାନକଟା ହାବିଲଦାର ବାଦଲ ସିଂହ । ସେ ନବାବ ଓ ମୁସ୍ତାଫାଙ୍କ ପ୍ରେରଣାର ଉତ୍ସରୂପେ କାର୍ଯ୍ୟ କରିଛି । ଯୁଦ୍ଧକ୍ଲାନ୍ତ ନବାବ ଓ ମୁସ୍ତାଫା ଯେତେବେଳେ ସାମାନ୍ୟ ଟିକିଏ ଆରାମ ପାଇଁ ବ୍ୟାକୁଳ, ସେତେବେଳେ ସେ ସେମାନଙ୍କ ମନରେ ପ୍ରବଳ ଯୁଦ୍ଧାଗ୍ନି ଜାଳି ଦେଇଛି । ଭାସ୍କର ପଣ୍ଡିତଙ୍କ ସୈନ୍ୟମାନେ ଗଙ୍ଗାଦର୍ଶନ କରି ଆନନ୍ଦ ଉତ୍ସବରେ ମାତି ଥିବା ସମୟରେ ବାଦଲସିଂହ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଛି ଏବଂ ପ୍ରଚୁର ଖାଦ୍ୟ ଓ ଯୁଦ୍ଧସାମଗ୍ରୀ ନବାବଙ୍କର ହସ୍ତଗତ ହୋଇଛି । କିନ୍ତୁ

ଫକୀରମୋହନ କେବଳ ଏତିକରେ ସନ୍ତୁଷ୍ଟ ନ ହୋଇ ବାଦଲ ସିଂହକୁ ଆହୁରି ଗୁରୁତ୍ୱ ଦେଇଛନ୍ତି । କାରଣ ବାଦଲ ସିଂହହିଁ ନବାବଙ୍କୁ ଦେଇଛି ଭାସ୍କର ପଣ୍ଡିତଙ୍କୁ ଶିବିରକୁ ଡାକି ଆଣିବା ପାଇଁ ଛଳନାପୂର୍ଣ୍ଣ ସନ୍ଧି ପ୍ରସ୍ତାବ । ମୁସ୍ତାଫାଖାଁଙ୍କ କଥା ମନେ ପକାଇ ନବାବ ଏଥିରେ କୁଣ୍ଠିତ ହୋଇଛନ୍ତି । କିନ୍ତୁ ଏହି ସନ୍ଧି ପ୍ରସ୍ତାବ ପଠାଇବା ପାଇଁ ବାଦଲ ସିଂହ ନବାବଙ୍କୁ ଏକ ପ୍ରକାର ବାଧ୍ୟ କରିଛି କହିଲେ ଚଳେ । ଅଥଚ ଇତିହାସରୁ ଦେଖିବାକୁ ମିଳେ ଯେ ଜାନକୀରାମଙ୍କ ପରାମର୍ଶ ଅନୁସାରେ ଭାସ୍କର ପଣ୍ଡିତଙ୍କ ନିକଟକୁ ସନ୍ଧି ପ୍ରସ୍ତାବ ପଠା ଯାଇଥିଲା । * ଏହା ଛଡ଼ା ଭାସ୍କର ପଣ୍ଡିତଙ୍କୁ ହତ୍ୟା କରିବା ସମ୍ପର୍କରେ ମଧ୍ୟ ବାଦଲ ସିଂହ ଓ ଲଚ୍ଛମାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ।

ଏହିପରି ଭାବରେ ଫକୀରମୋହନ *ଲଚ୍ଛମା*ରେ ଐତିହାସିକ 'ପ୍ଲଟ୍' ଓ ରୋମାଣ୍ଟିକ 'ପ୍ଲଟ୍'ର ସମନ୍ୱୟ ଘଟାଇଛନ୍ତି । ଉପନ୍ୟାସର ଐକ୍ୟ ରକ୍ଷା ନିମନ୍ତେ ସେ କେତେକ ସ୍ଥଳରେ ଐତିହାସିକ ଘଟଣାର ପରିବର୍ତ୍ତନ କରିଛନ୍ତି ଏବଂ ଅନ୍ୟ କେତେକ ସ୍ଥଳରେ କଳ୍ପନାର ଆଶ୍ରୟ ନେଇଛନ୍ତି । କିନ୍ତୁ ଏହାକୁ ତ୍ରୁଟି ବୋଲି ବିଚାର କରାଯାଇ ନ ପାରେ । କାରଣ ଐତିହାସିକ ଉପନ୍ୟାସ

---

* Tired of war 'Aliwardi' resorted to treachery. According to the advice of his Peshkar or Diwan, Jankiram Rai, the old traitor lured the Maratha generals into his camp at Mancarah between Katwa and Murishdabad and murdered all of them at an entertainment. —*History of Orissa-Vol. II*— R. D. Banerjee.

ପ୍ରଥମତଃ ଉପନ୍ୟାସ ଏବଂ ଦ୍ୱିତୀୟତଃ ଏହା ଇତିହାସ । ଏଥିରେ ଔପନ୍ୟାସିକଙ୍କର ଯଥେଷ୍ଟ ସ୍ୱାଧୀନତା ରହିଛି । ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ***ଲଚ୍ଛମା***ର ପ୍ରକାଶ ଏକ ନବଯୁଗର ସଙ୍କେତ । ଫକୀରମୋହନଙ୍କ ପରେ ଆଜ ପର୍ଯ୍ୟନ୍ତ ଯେଉଁ କେତେକ ମୁଷ୍ଟିମେୟ ଐତିହାସିକ ଉପନ୍ୟାସ ପ୍ରକାଶିତ ହୋଇଅଛି ସେମାନଙ୍କ ମଧ୍ୟରୁ କେହି ***ଲଚ୍ଛମା***ର ସମକକ୍ଷ ହୋଇ ପାରି ନାହାନ୍ତି ।

( ୬ )

୧୯୦୪ ଖ୍ରୀଷ୍ଟାବ୍ଦ । କଟକ ଘର ଛାଡ଼ି ଫକୀରମୋହନ ଆସିଲେ ବାଲେଶ୍ୱର । ଏହିଠାରୁ ଆରମ୍ଭ ହେଲା ଫକୀରମୋହନଙ୍କ ଜୀବନର ଶେଷ ଅଧ୍ୟାୟ । ଜ୍ଞାତି ବନ୍ଧୁମାନଙ୍କଠାରୁ ବିଚ୍ଛିନ୍ନ ହୋଇ ନିଃସଙ୍ଗ ଜୀବନ ଯାପନ କରିବା ଯେପରି ବିଧାତା ତାଙ୍କ କର୍ମରେ ଲେଖିଥିଲେ । ଏକଆଡ଼େ ଶାରୀରିକ ଅସୁସ୍ଥତା, ଅନ୍ୟଆଡ଼େ ମାନସିକ କ୍ଲେଶ—ଏହାରି ଭିତରେ ବହି ଚାଲିଲା ତାଙ୍କର ଜୀବନର ଧାରା । କିନ୍ତୁ ଏହି ଏକାକୀ ଜୀବନ ଫଳରେହିଁ ଚିନ୍ତା କରିବାକୁ ସେ ଯଥେଷ୍ଟ ଅବସର ପାଇଲେ । ବାଲେଶ୍ୱର ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନନ୍ଦକିଶୋର ବଳଙ୍କ ସହିତ ସାହିତ୍ୟଚର୍ଚ୍ଚାରେ ତାଙ୍କର ଘଣ୍ଟା ପରେ ଘଣ୍ଟା ବିତି ଯାଇଛି । ତାଙ୍କ ଉଦ୍ୟାନ ମଧ୍ୟସ୍ଥ କୃଷ୍ଣକୁମାରୀଙ୍କର ସମାଧି ମନ୍ଦିର ଓ ଗୃହ ନିକଟସ୍ଥ 'ଶାନ୍ତିକାନନ' ତାଙ୍କ ମନରେ ଆଣି ଦେଇଛି ଶାନ୍ତି । ଏହି 'ଶାନ୍ତିକାନନ' କୋଳରେହିଁ ରଚିତ ହୋଇଛି ତାଙ୍କର ଦ୍ୱିତୀୟ ଉପନ୍ୟାସ *ମାମୁଁ* ।

ଅବଶ୍ୟ ଫକୀରମୋହନଙ୍କ ନିଜ ମତରେ ଏହା "ଅସମ୍ପୂର୍ଣ୍ଣ"—ଛପା ଖର୍ଚ୍ଚ କମାଇବା ପାଇଁ ତିନି ଚାରିଗୋଟି ପରିଚ୍ଛେଦ କାଟିଦେବାକୁ ସେ ବାଧ୍ୟ ହୋଇଛନ୍ତି । ଏହା ଫଳରେ ଅନେକ ନାୟକ ନାୟିକା ଚରିତ୍ର ଫୁଟି ପାରି ନାହିଁ ବୋଲି ଫକୀରମୋହନଙ୍କ ମନରେ ଦୁଃଖ ରହି ଯାଇଛି । ତଥାପି *ମାମୁ* ବହୁଜନାଦୃତ ଓ ବହୁଭାବରେ ଶ୍ରେଷ୍ଠ ଉପନ୍ୟାସ । ଫକୀରମୋହନ ତାଙ୍କ ଜୀବଦ୍ଦଶାରେ ଏହାର ବହୁଳ ବିକ୍ରୟ ଦେଖି ପାରି ନାହାନ୍ତି, ଏପରିକି ଅନେକେ ବହି କିଣି ଦାମ ଦେଇ ନାହାନ୍ତି । ଆଜି କିନ୍ତୁ ଏହାର ହିନ୍ଦୀ ଅନୁବାଦ ହୋଇଛି, ନାଟ୍ୟରୂପରେ ମଧ୍ୟ ଏହାକୁ ରୂପାୟିତ କରାଯାଇଛି ।

ସୁମଣ୍ଡା ପରଗଣାର ଜଗତସିଂହପୁର । ତାହାରି ପାଖରେ ରୁକଣୀଦେଈପୁର । ସେଠାରୁ ଆସି କଟକ ଦରଘା ବଜାରରେ ବସାକରି ରହିଥାନ୍ତି ଦାଶରଥି ଦାସ । କଟକ କଲେକ୍ଟରୀ ମୁନସିଫ୍‌ଖାନାର ମୋହରର ସେ । ତାଙ୍କ ସ୍ତ୍ରୀ ମେନକାଦେଈ—ତାଙ୍କର ଛଅଦିନେ ନଅ ରୋଗ । ବଡ଼ ପୁଅ ବାନାମ୍ବର ଓ ସାନଟିର ନାମ ନଟବର । ବାନାମ୍ବର ସୁଶୀଳ ଓ ସଚ୍ଚରିତ୍ର, କିନ୍ତୁ ଶିକ୍ଷାପ୍ରତି ବୀତସ୍ପୃହ । ନଟବର ମେଧାବୀ ଓ ବିଚକ୍ଷଣ, କିନ୍ତୁ ଧୂର୍ତ୍ତ ଓ ବିଳାସୀ । ଏହି ପରିବାରରେ ଥାଆନ୍ତି ସରସ୍ୱତୀଦେଈ, ମେନକାଙ୍କ ବିଧବା ଭଗ୍ନୀ । ଦାସଙ୍କ ପିଲାଏ ଏହାଙ୍କ କୋଳରେ ବଢ଼ି ଆସିଛନ୍ତି, ତେଣୁ ତାଙ୍କ ନାମ ଧାଈମା । କଟକରେ ଥିବା ସମୟରେ ଦାସଙ୍କର ଗୋଟିଏ ଝିଅ ହୁଏ । ଝିଅଟି ଦେଖିବାକୁ ଭାରି ସୁନ୍ଦରୀ, ସତେ ଯେପରି ସରଗର ଚାନ୍ଦ । ଧାଈମାଙ୍କ ଜିଦ୍‌ରେ ତା ନାଁ ରଖାହୁଏ ଚାନ୍ଦମଣି । ଝିଅଟି ବାସ୍ତବିକ୍ ଅତି ସୁଲକ୍ଷଣୀ, କାରଣ ତାର ଜନ୍ମଦିନରେହିଁ ଦାଶଙ୍କ ନାଜରାତି ଚାକିରି ।

ପିଲାମାନଙ୍କ ପାଠପଢ଼ା ପ୍ରତି ନଜର ଦେବା ପାଇଁ ଦାସଙ୍କର ତର ନ ଥାଏ, ସେ ତ ସବୁବେଳେ ନାନା କାମରେ ବ୍ୟସ୍ତ । ପିଲାଏ ମନକୁ ମନ ପଢ଼ୁଥାନ୍ତି । ସମୟରେ ନଟବର ଏଣ୍ଟ୍ରାନ୍ସ ପାଶ କଲା । କିନ୍ତୁ ବାନାମ୍ବର ଥାର୍ଡ଼କ୍ଲାସ୍ ଟପି ପାରିଲା ନାହିଁ । ବାନାମ୍ବର ଗାଁକୁ ଚାଲିଗଲା ଓ ଜମିବାଡ଼ି ଦେଖିବାକୁ ଲାଗିଲା । ତାର ବାହାଘର କଥା ପଡ଼ିଲା, କାକଟପୁର ବଣିମହାନ୍ତିଙ୍କ ଝିଅ ଲଳିତା ସାଥିରେ ବାହାଘର କଥା ଠିକ୍ ହୋଇଗଲା । ଦାସେ ଦଶମାସ ଛୁଟିନେଇ ଗାଁକୁ ଆସି ମଙ୍ଗଳକୃତ୍ୟ ବଢ଼ାଇ ଦେଲେ । ବୃନ୍ଦମଣିର ଚଉଦ ପୂରି ପନ୍ଦର ଚାଲିଲା । କରଣ କୁଳ, କୋଡ଼ିଏ ବାଇଶି ବର୍ଷର ଅଭିଆଡ଼ି ଝିଅ ବସି ରହିଲେ କଅଣ ହେଲା, ସରସ୍ୱତୀଦେଈଙ୍କୁ ଏ କଥା ପସନ୍ଦ ହେଲା ନାହିଁ । "ଝିଅ ଘରେ ରହିଲେ ଅଡ଼ୁଆ—ଘିଅ ଘରେ ରହିଲେ କଡ଼ୁଆ ।" ବେଳ ହେଲା, ବନ୍ଧ କରିଦେଲେ କଥା ଛିଡ଼ିଲା । ଯଥା ସମୟରେ ନରପୁର କିଲ୍ଲାର ଜମିଦାର ଶ୍ରୀ ପ୍ରତାପ-ଉଦିତମଲ୍ଲ ଉତ୍ତରରାୟଙ୍କ ସଙ୍ଗରେ ବୃନ୍ଦମଣିର ବିବାହ ହୋଇଗଲା । ନିଜ କୁଳମାନଙ୍କୁ ନ ଅନାଇ ସବାରିରେ ବସି ଧାଈମା ନରପୁର ଚାଲିଗଲେ । ଦାଶରଥି ଦାସଙ୍କର ବି ଛୁଟି ସରିଲା । ସେ କଟକ ଫେରି ଆସିଲେ ।

ସମୟ ଗଡ଼ି ଚାଲିଲା । କଟକ କଲଟେରି ମୁନସୀଖାନାର ତୌଜିନବିସ କାମ ଶିଖିବା ସଙ୍ଗେ ସଙ୍ଗେ ନଟବର ହୋଇ ଉଠିଲା ବାପାର ଅବାଧ । ଭେଣ୍ଡିଆ ପୁଅ, ମୁଣ୍ଡକୁ ହାତ ପାଇଲାଣି । ତା ଚାଲିଚଳନରେ ଦାସେ ସନ୍ଦିହାନ ହୋଇ ଉଠିଲେ ଓ ସଙ୍ଗେ ସଙ୍ଗେ

ତାପାଇଁ କନ୍ୟା ଖୋଜା ଆରମ୍ଭ ହେଲା । ହେଲେ କଅଣ ହେବ, ଭଲ କନ୍ୟା ମିଳୁଛି କେଉଁଠୁ ? ଘର ଭଲ ତ କନ୍ୟା ଭଲ ନୁହେ, କେଉଁଠି କନ୍ୟା ବଡ଼ ତ କେଉଁଠି ସାନ, ପୁଣି ସବୁ ହେଲାତ କୋଷ୍ଠୀ ଅମେଳ । ଶେଷରେ ଜବାବ ଆସିଲା କଲେ ହରିଶପୁର ଅସୁରଗଡ଼ିଆ ମୌଜା ଛକଡ଼ି ପଟ୍ଟନାୟକଙ୍କ ଘରୁ । କୋଷ୍ଠୀ ଦେଖାହେଲା, କନ୍ୟାର ରାଜବାଣୀ ଯୋଗ, ନଟବରଙ୍କ ମନ କୁଣ୍ଢେ ମୋଟ । କିନ୍ତୁ ଦାଶରଥି ଦାସ ଯେତେବେଳେ ଶୁଣିଲେ ଯେ ସେ ପିଆଦାର ଝିଅ ତାଙ୍କ ମନଟା ଦବିଗଲା । ହେଲେ କଅଣ ହେବ, ନଟବର ଗୁଡ଼ିବା ପାତ୍ର ନୁହନ୍ତି । ଯେତେହେଲେ ବାପ ମୂର୍ଖ ଆଉ ସେ ନିଜେ ଇଂରାଜୀ ଜାଣିଛନ୍ତି । ବାପା ଯାହା କହିବେ ଠିକ୍ ତାର ଓଲଟା ତ କରିବା ଦରକାର । ସେ ଜିଦ୍ ଧରି ବସିଲେ ସେଇଠାରେ ବିଭା ହେବେ । ଅଗତ୍ୟା ବିଭା ଲଗ୍ନ ସ୍ଥିର ହେଲା, ଠିକ୍ ଲଗ୍ନରେ କଟକରେ ତୋଳା କନ୍ୟା କରି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଗଲା ।

ଏହାର ଅଳ୍ପ ଦିନ ପରେ ଦାଶରଥି ଦାସେ କର୍ମରୁ ଅବସର ନେଲେ । ସାହେବଙ୍କ କୃପାରୁ ଆଉ ଦାସଙ୍କର କର୍ମକୁଶଳତା ଯୋଗୁଁ ନଟବର ନାଜରାତି ଚାକିରି ପାଇଲେ । ଦାସେ ଗାଁ କୁ ଫେରି ଆସିଲେ, ଆଉ ରାଜଯକ୍ଷ୍ମା ରୋଗରେ ସେଇଠାରେ ତାଙ୍କର କାଳ ହେଲା । ପିତୃଶ୍ରାଦ୍ଧ ପାଇଁ ନଟବର ଗାଁ କୁ ଆସିଲେ ଏବଂ ଫେରିବା ବେଳେ ସାଙ୍ଗରେ ନେଇଗଲେ ତାଙ୍କ ସ୍ତ୍ରୀ ବିଶାଖା ଦେଈଙ୍କୁ । ସେତେ-ବେଳେ ନାଜରଙ୍କ କଟକବସାରେ ଥାଏ ଚନ୍ଦ୍ରକଳା । ଜାଣିଲା ଶୁଣିଲା ଲୋକେ ତାକୁ ଚାକରାଣୀ ବୋଲି ଜାଣନ୍ତି, କିନ୍ତୁ ନୂଆ ଲୋକ କେହି

ଆସିଲେ ତାଙ୍କୁ ସାଆନ୍ତାଣୀ ବୋଲି ଡ଼ାକ ପକାଏ । ବିଶାଖା ଦେଈ କଟକ ଆସି ନିଜର ସୁଖ ସଂସାର ଗଢ଼ିବା ପାଇଁ ଚେଷ୍ଟା କଲେ ।

ଠିକ୍ ଏହି ସମୟରେ ଚୃନ୍ଦମଣିଙ୍କୁ ଶୋକସାଗରରେ ଭସାଇ ପ୍ରଜାବତ୍ସଳ ଉତ୍ତରରାୟ ସ୍ୱର୍ଗଯାତ୍ରା କଲେ । ସେତେବେଳେ ଚୃନ୍ଦମଣି କୋଳରେ ଦୁଇଟି ପୁଅ । ବଡ଼ ପୁଅ ନରହରି କଥା ଟିକିଏ ଟିକିଏ ବୁଝି ପାରୁଥାଏ, ସାନ ଶ୍ରୀହରିର ବୟସ ମୋଟେ ଅଢ଼େଇ ବର୍ଷ । ସ୍ୱାମୀଙ୍କ ବିୟୋଗରେ ଚୃନ୍ଦମଣି ଅଧୀର ହୋଇ ପଡ଼ିଲେ । କିନ୍ତୁ ଉତ୍ତର-ରାୟଙ୍କ ମୃତ୍ୟୁରେ ନାଜର ଦେଖିଲେ ଏକ ବିରାଟ ସୁଖସ୍ୱପ୍ନ । ନିଜ ଭଉଣୀ ଚୃନ୍ଦମଣିର ଦୁଃଖ ତାଙ୍କ ହୃଦୟତନ୍ତ୍ରୀରେ ଝଙ୍କୃତ ହେବା ପରିବର୍ତ୍ତେ ସେ ଏକ ବିଶାଳ କିଲ୍ଲାର ଅଧିକାରୀ ହେବାର ରଙ୍ଗିନ ନିଶାରେ ବିଭୋର ହେଲେ । ମନୁଷ୍ୟତ୍ୱକୁ ଜଳାଞ୍ଜଳି ଦେଇ ଏହି ସୁବର୍ଣ୍ଣସୁଯୋଗର ସଦ୍‌ବ୍ୟବହାର ପାଇଁ ସେ ଧାଇଁଗଲେ ନଈପୁର । ସମବେଦନାର ମାୟାଜାଲ ବିସ୍ତାର କରି ସେ ଆରମ୍ଭ କଲେ ଏକ ଅଭିନୟ । "ମୋ ଚୃନ୍ଦରେ—ମୋ ନରୁରେ—ମୋ ଶିରୁରେ—ଏ ଧାଈମା ଏପରି ବାରମ୍ବାର କହି ସେ ଭୂଇଁରେ ଲୋଟି ଯାଉଛନ୍ତି । ରୁମାଲରେ ବାରମ୍ବାର ପୋଛି ପକାଇବାରୁ ଚକ୍ଷୁରେ ଜଳ ଦେଖି ଯାଉ ନାହିଁ ।" ସ୍ୱାଭାବିକ ଭାବରେ ନଈପୁର କିଲ୍ଲା କୋର୍ଟ ଅଫ୍ ୱାର୍ଡ଼ସ୍ ହେବାର କଥା, କିନ୍ତୁ ସେଥିରେ ନାଜରଙ୍କର ଲାଭ କଅଣ ? ସେଥିପାଇଁ ସେ ଖେଳିଲେ ଏକ ଚତୁରାମୟ ଖେଳ । ସେ ଚାହିଁଲେ ଚୃନ୍ଦମଣି ହାତରେ କିଲ୍ଲା ରହୁ, ଆଉ ସେ ନିଜେ ମହାଫିସ ହୋଇ ଜମିଦାରୀ ବୁଝନ୍ତୁ । ଆଗରୁ ସେ ଗୋଟିଏ ରିପୋର୍ଟ ଲେଖାଇ ଆଣିଥିଲେ । ଚୃନ୍ଦମଣିଙ୍କ ମୋହର ସେଥିରେ ଦିଆଗଲା ଆଉ ସରବ୍ରାହକାରଙ୍କ ବଙ୍ଗା

ବଙ୍କା ଅକ୍ଷରରେ ସେଥିରେ ଲେଖିଦେଲେ ଚୂଡ଼ାମଣିଙ୍କ ନାମ । ରିପୋର୍ଟ ସହିତ କଟକକୁ ଫେରିବା ସମୟରେ ଚୂଡ଼ାମଣିଙ୍କର ଗୋଟିଏ ଅଲଙ୍କାର ପୁଟୁଳି ମଧ୍ୟ ଅଦୃଶ୍ୟ ହୋଇଗଲା । ମାଜିଷ୍ଟ୍ରେଟ ସାହେବଙ୍କ ପ୍ରିୟପାତ୍ର ନାଜର ବାବୁଙ୍କ ପକ୍ଷରେ ରିପୋର୍ଟଟି ମଞ୍ଜୁର କରାଇବା କଷ୍ଟକର ହେଲା ନାହିଁ । ଏହା ଆଗେ ସଙ୍ଗେ ଆରମ୍ଭ ହେଲା କଲ୍ଲି ପରଗଣାରେ ଆମୂଳଚୂଳ ପରିବର୍ତ୍ତନ । ପୁରୁଣା ପାଞ୍ଜିଆମାନଙ୍କୁ ଗୋଟି ଗୋଟି କରି ବିଦା କରାଗଲା । ତାଙ୍କ ବଦଳରେ କଟକରୁ ଆସିଲେ 'ବିଶ୍ୱସ୍ତ' ନୂଆ ପାଞ୍ଜିଆମାନେ । ଭଣଜାଙ୍କ ସମ୍ପତ୍ତିରେ ମାମୁ ନଟବର ଦାସ ହେଲେ ପ୍ରକୃତରେ ସର୍ବେସର୍ବା । ଏଣେ ଉଆସର ଦୁଃଖ ଦୁର୍ଦ୍ଦଶା କହିଲେ ନ ସରେ । ପରିଜନମାନଙ୍କ ଅବସ୍ଥା ବୁଝିବାକୁ ଆଉ କିଏ ବା ଅଛି ? ନଟବର ଦାସଙ୍କ ପାଖକୁ ଯେତେ ଖବର ପଠାଇଲେ ମଧ୍ୟ ତାଙ୍କ ମୁହଁରେ ଗୋଟିଏ ମାତ୍ର ଉତ୍ତର — ଜମିଦାରୀର ଦେଣା ଶୁଝିବା ପାଇଁ ତ ଟଙ୍କା ନାଅଣ୍ଟେ ସେ କରିବେ କଅଣ ? ଅବସ୍ଥା ଚକ୍ରରେ ସରସ୍ୱତୀଦେଈ ନିଜ ବେକରୁ ହାର କାଢ଼ି ପଠାଇଲେ ସାଧୁ ସାହୁ ମହାଜନ ପାଖକୁ । ଏହି ଦୁର୍ବିପାକ ମଧ୍ୟରେ ଠିକାଏତ ନରୁବାବୁ ମାଇନର ପାସ କଲେ । ନୀରବ ନିସ୍ତବ୍ଧ ନରପୁର କଲ୍ଲିରେ ଅନେକ ଦିନ ପରେ ଆନନ୍ଦର ଲହରୀ ଖେଳିଗଲା । କିନ୍ତୁ ଠିକ୍ ଏତିକି-ବେଳେ ନରୁବାବୁ ଜିଦ୍ ଧରି ବସିଲେ ସେ କଟକ ଯିବେ, ଇଂରାଜୀ ପଢ଼ିବେ । ସମସ୍ତେ ଏଥିରେ ଆଶ୍ଚର୍ଯ୍ୟ ହୋଇଗଲେ ; ନରୁବାବୁଙ୍କୁ ଏଥିରୁ ନିବର୍ତ୍ତାଇବା ପାଇଁ ଚେଷ୍ଟା କଲେ । କିନ୍ତୁ ଚୂଡ଼ାମଣି ତ ଏ ବଂଶର ଜିଦ୍ ଜାଣନ୍ତି । ସେ ନରୁବାବୁଙ୍କ କଟକ ଯିବା ପ୍ରସ୍ତାବର ବିରୋଧ

କଲେ ନାହିଁ । ଠିକ୍ ହେଲା ନରୁବାବୁ କଟକରେ ମାମୁଙ୍କ ଘରେ ରହି ପଢ଼ିବେ । ନରୁବାବୁ କଟକ ଆସିଲେ । ମାମୁ ମାଇଁଙ୍କ ସ୍ନେହସରାଗ ପରିବର୍ତ୍ତେ ତାଙ୍କର ଗୁଡ଼ ଗୁଡ଼ ଭାବ ପ୍ରଥମ ଦିନରେହିଁ ସେ ମର୍ମେ ମର୍ମେ ଅନୁଭବ କଲେ । କିନ୍ତୁ ତାଙ୍କ ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡ଼ିଲା ଯେତେବେଳେ ନାଜରଙ୍କ ଘରକୁ ଆସିଲେ ବିଶାଖା ଦେଈଙ୍କ ମା ଓ ଭାଇ ରାଘବ । କଟକରେ ରାଘବର ଏକ 'ଦୋସ୍ତ' ମିଳିଗଲା, ନାଁ ଟି ତାର ପ୍ରଭୁଦୟାଲ । ଏହି 'ଦୋସ୍ତ'ଙ୍କ ଦୟାରୁ ରାଘବ ମଦର ମହାତ୍ମ୍ୟ ଅନୁଭବ କଲା । କିନ୍ତୁ ମଦନିଶାରେ ନରୁବାବୁଙ୍କ କୋଠରିକୁ ଯେତେବେଳେ ରାଘବ ଆସେ ସେତେବେଳେ ନରୁବାବୁ ଅତିଷ୍ଠ ହୋଇ ପଡ଼ନ୍ତି । ଶେଷରେ ମାମୁଙ୍କୁ ସବୁକଥା କହିଦେବେ ବୋଲି ସେ ରାଘବକୁ କହିଲେ । ଏ ବିପଦରେ 'ଦୋସ୍ତ' ହେଲା ରାଘବର ସହାୟ ଆଉ 'ଦୋସ୍ତ'ଙ୍କ ପରାମର୍ଶ ଫଳରେ ନରୁବାବୁଙ୍କ ବିରୁଦ୍ଧରେ ରାଘବ ଯେଉଁ ଅଭିଯୋଗ କଲା ତା ଫଳରେ ମାଇଁଙ୍କ ପାଖରୁ ନରୁବାବୁ ଶୁଣିଲେ ତିରସ୍କାର । ଫୁଲ ପରି କୋମଳ ବାଳକର ମନ ଏଥିରେ ଝାଉଁଳି ଗଲା, ଅନ୍ୟମନସ୍କ ଭାବରେ ସେ ଘରୁ ବାହାରି ପଡ଼ିଲେ । ରାସ୍ତା ଉପରେ ସେ ଚାଲିଛନ୍ତି ତ ଚାଲିଛନ୍ତି, କୌଣସି ବିଷୟ ପ୍ରତି ଧ୍ୟାନ ନାହିଁ । ଆଉ ଦୁଇ ପାହୁଣ୍ଡ ଆଗକୁ ଯାଇଥିଲେ କାଠଯୋଡ଼ି ବନ୍ଧତଳେ ଖସି ପଡ଼ିଥାନ୍ତେ । କିନ୍ତୁ ଦୈବ ସହାୟ ହେଲା, ମଉସାଙ୍କ ସହିତ ତାଙ୍କର ଅପ୍ରତ୍ୟାଶିତ ଭାବରେ ଭେଟ ହେଲା । ମଉସା ଅତି ସରାଗରେ ତାଙ୍କୁ ନିଜ ଘରକୁ ନେଇଗଲେ ଓ ନାଜରଙ୍କ ଘରୁ ତାଙ୍କର ସବୁ ଜିନିଷ ନେଇ ଆସିଲେ ।

ସେହି ସମୟଠାରୁ ସେ ମଉସାଙ୍କ ଘରେ ରହି ପାଠ ପଢ଼ିବାକୁ ଲାଗିଲେ । କାଳକ୍ରମେ ସେ ଏଣ୍ଟ୍ରାନ୍ସ ପରୀକ୍ଷାରେ ପ୍ରଥମ ବିଭାଗରେ ପାସ କଲେ ଓ ତା ପରେ ଏଫ୍. ଏ. ପଢ଼ିଲେ । ପଢ଼ାପଢ଼ିର ସୁବିଧା ପାଇଁ ମଉସା ତାଙ୍କ ନିମିତ୍ତ ଗୋଟିଏ ବଡ଼ ଦୋତାଲା ଘର ଠିକ୍ କରି ଦେଇଥିଲେ । ସେଠାରେ ରହି ନଟବାବୁ ପାଠ ପଢ଼ାରେ ମନପ୍ରାଣ ଢାଳିଦେଲେ ।

ନାଜର ବାବୁଙ୍କ ବ୍ୟବସ୍ଥାରେ କଲ୍ଲାରେ ସମସ୍ତେ ଅତିଷ୍ଠ ହୋଇ ଉଠିଲେ ଏବଂ ମାଜିଷ୍ଟ୍ରେଟ ସାହେବଙ୍କ ପାଖରେ ଦରଖାସ୍ତ ଦେବା ପାଇଁ ସ୍ଥିର ହେଲା । ନାଜରଙ୍କ କାନରେ ଏହି କଥା ପଡ଼ିବା ମାତ୍ରେ ସେ ନରପୁର ଉଆସରେ ଆସି ପହଞ୍ଚିଲେ । ଏଣୁତେଣୁ ଯୋଡ଼ିଯାଡ଼ି ତାଙ୍କ କର୍ମତତ୍ପରତା ସମ୍ପର୍କରେ ସରସ୍ୱତୀ ଦେଈଙ୍କୁ ବୁଝାଇବାକୁ ଲାଗିଲେ । କଟକ ଫେରିଯିବା ପରେ କଲ୍ଲାକୁ ନିଲାମ କରାଇ ବେନାମିରେ ନିଜ ନାମରେ ରଖିବା ପାଇଁ ନାଜର ଲାଗି ପଡ଼ିଲେ ଓ ସେଥିପାଇଁ ଅର୍ଥର ବନ୍ଦୋବସ୍ତ କରିବାକୁ ଲାଗିଲେ ।

ଗୁଡ୍ ଫ୍ରାଇଡ୍ରେ ଛୁଟି । ତେଣୁ ନାଜରବାବୁ ଟଙ୍କା ଯୋଗାଡ଼ କାମରେ ଲାଗିଥାନ୍ତି । ଏତିକିବେଳେ ମଫସଲ ଅସୁଲି ରୋଡ଼ସେସ୍ ଟଙ୍କାଧରି ଚାରିଜଣ ପିଆଦା ହାଜର ହେଲେ—ପ୍ରାୟ ପାଞ୍ଚହଜାର ଟଙ୍କା । ନାଜରବାବୁ ଟଙ୍କାତକ ସିନ୍ଦୁକରେ ରଖିଦେଲେ । କିନ୍ତୁ ଏ ଭିତରେ ପ୍ରଭୁଦୟାଲ ଓ ଚମ୍ପକଳାର ପ୍ରରୋଚନାରେ ରାଘବ ମହାନ୍ତି-ଦ୍ୱାରା ସିନ୍ଦୁକ କୋଲପ ମୁହଁର ଛାପ ନେଇ ସାରିଥାଏ ଏବଂ ପ୍ରଭୁଦୟାଲ କୁଞ୍ଚିକାଠି ତିଆରି କରାଇଥାଏ । ଗୁଡ୍ ଫ୍ରାଇଡ୍ରେ ଛୁଟି

ପରେ ନାଜର ସିନ୍ଦୁକ ଖୋଲି ଦେଖନ୍ତି ଯେ ଭିତରେ ଟଙ୍କା ନାହିଁ । ସରକାରୀ ତହବିଲ ତୋସରଫ ଅଭିଯୋଗରେ ତାଙ୍କୁ ଜେଲ ହେଲା । ଜେଲଖାନା ଭିତରେ ନାଜର ତାଙ୍କର ଲୁପ୍ତ ମାନବିକତାକୁ ଫେରି ପାଇଲେ । ତାଙ୍କ ମନରେ ଜାତ ହେଲା ଗଭୀର ଅନୁଶୋଚନା । ପଥର ଚାପା ତଳରେ ଆଲୁଅ ପବନ ନ ପାଇ ଯେଉଁ ବୀଜ ଅଙ୍କୁରିତ ହୋଇ ପାରି ନ ଥିଲା ପଥର ଘୁଞ୍ଚିଯିବା ପରେ ସେ ବୀଜର ଗଜା ବାହାରି ପଲ୍ଲବିତ ହେଲା । ପ୍ରଥମେ ସଂସାର କାର୍ଯ୍ୟକ୍ଷେତ୍ରରେ ପ୍ରବେଶ ସମୟରେ ଯୌବନ, ଧନସମ୍ପତ୍ତି, ପ୍ରଭୁତ୍ୱ ଓ ଅବିବେକତା ତାଙ୍କ ପାଇଁ ନରକର ପଥ ପରିଷ୍କାର କରି ଦେଇଥିଲା । କିନ୍ତୁ ଜେଲ ଭିତରେ ସେ ବୁଝି ପାରିଲେ ଯେ ତାଙ୍କର ଆଉ କୌଣସି ପାପ ବାକି ନାହିଁ । ତାଙ୍କର ପ୍ରତ୍ୟେକ ପାପ ଅମାର୍ଜନୀୟ । ମା'ଙ୍କ ପ୍ରତି ତାଙ୍କର କର୍କଶ ବ୍ୟବହାର, ପୁଣ୍ୟଶୀଳା ଧାଈମାଙ୍କ ପ୍ରତି ନିଷ୍ଠୁରତା, ଧାର୍ମିକା, ପୁଣ୍ୟବତୀ ଚନ୍ଦ୍ରମଣିଙ୍କ ପ୍ରତି କପଟତା, ପିତୃହୀନ ଭଣଜା ଦୁଇଟିଙ୍କ ପ୍ରତି ତାଙ୍କର ଛଳନା, ହରିପୁର ପ୍ରଜାମାନଙ୍କ ଉପରେ ତାଙ୍କର ଅତ୍ୟାଚାର, ଏପରିକି ନିଜ ଧର୍ମପତ୍ନୀ ପ୍ରତି ବିଶ୍ୱାସଘାତକତା ପ୍ରଭୃତିର ଚିନ୍ତା ତାଙ୍କ ଆଖିରେ ଆଣିଦେଲା ଲୋତକ । ଜେଲ ଭିତରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କ ନିକଟରେ ସମର୍ପଣ କଲା ପରେ ସେ ପାଇଲେ ଟିକିଏ ଶାନ୍ତି । ଏହା ପରେ ଆରମ୍ଭ ହେଲା ବିଚାର । ପ୍ରଭୁଦୟାଲ ଭଗତ ଫେରାର ହେବାରୁ ତା ସମ୍ପର୍କରେ ରାୟ ସ୍ଥଗିତ ରହିଲା । ରାଘବ ମହାନ୍ତି ନିର୍ବୋଧତା ପାଇଁ ଚୋରିରେ ସାହାଯ୍ୟ କରି-ଥିବାରୁ ତାକୁ କଠିନ ପରିଶ୍ରମ ସହିତ ଏକ ବର୍ଷ ଜେଲ, ଭୟଙ୍କର ବଙ୍କିମଲ୍ଲ ଚାନ୍ଦନଲାଲର ପରାମର୍ଶ, କୌଶଳ ଓ ସହାୟତାରେ ଅନ୍ୟାନ୍ୟ

ଆସାମୀମାନେ ଚୋରି କରିଥିବାରୁ ଏବଂ ଅନ୍ୟାନ୍ୟ ଅଭିଯୋଗରେ ତାଙ୍କୁ କଠୋର ପରିଶ୍ରମ ସହିତ ପାଞ୍ଚବର୍ଷ ଜେଲ ଏବଂ ଦୁଇଶହ ଟଙ୍କା ଜୋରିମାନା (ଅନାଦାୟେ ଆଉ ଏକବର୍ଷ ଜେଲ) ଦଣ୍ଡ ଦିଆଗଲା । ନଟବର ଦାସ ଏହି ମାମଲାରେ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ ହେଲେ ମଧ୍ୟ ସରକାରୀ ଟଙ୍କା ତାଙ୍କ ଅସାବଧାନତାରେ ନଷ୍ଟ ହୋଇ ଥିବାରୁ ସମସ୍ତ ଟଙ୍କା ତାଙ୍କଠାରୁ ବା ତାଙ୍କ ସମ୍ପତ୍ତିରୁ ଆଦାୟ ହେବା ପାଇଁ ଜଜ୍ ସାହେବ ରାୟ ଦେଲେ ।

ଲୋଭ-ପିଶାଚୀର ବଶବର୍ତ୍ତୀ ହୋଇ ନଟବର ଦାସ ଭୁଲି ଯାଇଥିଲେ ଯେ ସେ ମାମୁ, ଆଉ ପିତୃହୀନ ଦୁଇଟି ବାଳକର ସମସ୍ତ ଭାର ତାଙ୍କର ହାତରେ । କୁଳନନ୍ଦନ, କୁଳଚନ୍ଦ୍ରମା, ହୃଦୟର ରକ୍ତ, ନୟନର ପିତୁଳୀ ବୋଲି ତୁଣ୍ଡରେ ସେ ଯାହାଙ୍କୁ କହୁଥାନ୍ତି ତାଙ୍କୁ ଦାଣ୍ଡର ଭିକାରୀ କରି ତାଙ୍କର ସମ୍ପତ୍ତିରେ ନିଜ ସ୍ତ୍ରୀ ବିଶାଖା ଦେଈଙ୍କୁ ରାଣୀ ବନାଇବା ପାଇଁ ତାଙ୍କର ହୃଦୟରେ ଥିଲା ପୈଶାଚିକ ଅଭିଳାଷ । ନରୁ ସମ୍ପର୍କରେ ତାଙ୍କର କାର୍ଯ୍ୟର ମୂଳରେ ଥିଲା ଏହି ଉଦ୍ଦେଶ୍ୟ । ନରୁ ତାଙ୍କ ଘରେ ରହି ପାଠ ପଢ଼ିବାକୁ ଆସିଲା । ସେ ଭଣଜାକୁ ନିଜ ଘରେ ସ୍ଥାନ ଦେଲେ । କିନ୍ତୁ ଏହା ମୂଳରେ ମାମୁଙ୍କ ସ୍ନେହ-ସହାଗ ନ ଥିଲା । ନରୁଙ୍କୁ ଘରେ ରଖିଲେ ବିଭିନ୍ନ ଉପାୟରେ ତାଙ୍କର ଆର୍ଥିକ ଲାଭହେବ ସେଇଥିପାଇଁହିଁ ନରୁ ତାଙ୍କ ଘରେ ଆଶ୍ରୟ ପାଇଲା । ମାମୁ ଭଣଜାର ସମ୍ପର୍କକୁ ଏଠାରେ ନାଜରବାବୁ ବ୍ୟବସାୟୀ ଦୃଷ୍ଟି-କୋଣରୁ ଦେଖିଛନ୍ତି । ଲୋଭରୁ ପାପ, ଆଉ ଏହି ପାପର ମାତ୍ରା ପୂର୍ଣ୍ଣ ହେବା ସମୟରେ ନାଜର, ତାଙ୍କ ଜୀବନରେ ପ୍ରଥମ ଥର ପାଇଁ ପାଇଛନ୍ତି ଚରମ ଆଘାତ ।

***ଛମାଣ ଆଠଗୁଣ୍ଠ*** ଓ ***ଲଛମା*** ଉପନ୍ୟାସ ଦୁଇଟି ଆରମ୍ଭ ହୋଇଛି ପ୍ରତ୍ୟକ୍ଷ ଭାବରେ । ***ଲଛମା***ର ପ୍ରଥମ ପରିଚ୍ଛେଦରେ ବର୍ଗୀ ଅତ୍ୟାଚାରର ଯେଉଁ ଦୃଶ୍ୟ ସେ ଉପସ୍ଥାପନ କରିଛନ୍ତି ସେହି ଦୃଶ୍ୟହିଁ ପରିବ୍ୟାପ୍ତ ହୋଇଛି ସମଗ୍ର ଉପନ୍ୟାସଟିରେ । ପୁଣି, ***ଲଛମା***ର ପ୍ରଥମ ପରିଚ୍ଛେଦରେ ବାଦଲ ସିଂହ ଓ ଲଛମାଙ୍କ ବିଚ୍ଛେଦ ବର୍ଣ୍ଣିତ ହୋଇଛି ଏବଂ ସେହି ଦୁଇଜଣଙ୍କ ମିଳନରେ ଉପନ୍ୟାସ ସମାପ୍ତି ହୋଇଛି । ସେହିପରି ଭାବରେ ***ଛମାଣ ଆଠଗୁଣ୍ଠ***ର ପ୍ରଥମ ପରିଚ୍ଛେଦରେ ରାମଚନ୍ଦ୍ର ମଙ୍ଗରାଜଙ୍କ ସମ୍ପତ୍ତି ପ୍ରତି ଦୁର୍ବାର ଲାଲସାର ଯେଉଁ ଚିତ୍ର ଅଙ୍କିତ ହୋଇଛି ସେହି ଚିତ୍ରର ବିଶଦ ବର୍ଣ୍ଣନା ଦିଆଯାଇଛି ସମଗ୍ର ଉପନ୍ୟାସଟିର ମାଧ୍ୟମରେ । କିନ୍ତୁ ***ମାମୁ***ର ଆରମ୍ଭ ଉପର୍ଯ୍ୟୁକ୍ତ ଉପନ୍ୟାସ ଦୁଇଟିର ଆରମ୍ଭ ଅପେକ୍ଷା ସମ୍ପୂର୍ଣ୍ଣ ପୃଥକ୍ । ଦାଶରଥି ଦାସଙ୍କ ପରିବାରର ଚିତ୍ରରେ ଉପନ୍ୟାସଟିର ଆରମ୍ଭ, ନଟବର ଦାସ ସେତେବେଳେ ବାଳକ ମାତ୍ର । ଏହି ବାଳକ ଅବସ୍ଥାରୁ ହିଁ ବିଭିନ୍ନ ପରିସ୍ଥିତି ମଧ୍ୟ ଦେଇ ନଟବର ଦାସଙ୍କ ଚରିତ୍ର ଗଢ଼ି ଉଠିଛି । ***ଛମାଣ ଆଠଗୁଣ୍ଠ***ରେ ରାମଚନ୍ଦ୍ର ମଙ୍ଗରାଜଙ୍କୁ ପ୍ରାପ୍ତ ବୟସ୍କ ଅବସ୍ଥାରେ ପାଠକ ସହିତ ପରିଚିତ କରାଇ ତାଙ୍କ ଚରିତ୍ରର ବିଶେଷତ୍ୱ ପରିସ୍ଫୁଟନ ପାଇଁ ତାଙ୍କ ଅତୀତ ଜୀବନର କେତେକ ଘଟଣା ଫକୀରମୋହନ ଉଲ୍ଲେଖ କରିଛନ୍ତି । ଏହି ଘଟଣାଗୁଡ଼ିକୁ ପାଠକ ପ୍ରତ୍ୟକ୍ଷ ଭାବରେ ଦେଖିବାର ସୁଯୋଗ ପାଏ ନାହିଁ, ଘଟଣାଗୁଡ଼ିକର ବିବରଣୀ ମାତ୍ର ପାଠକ ପାଏ । କିନ୍ତୁ ନଟବର ଦାସଙ୍କ ଚରିତ୍ରର ବିକାଶରେ ଔପନ୍ୟାସିକ ପରୋକ୍ଷ ବର୍ଣ୍ଣନାର ଆଶ୍ରୟ ନେଇ ନାହାନ୍ତି । ପ୍ରତ୍ୟକ୍ଷ ଘଟଣା ଭିତରେ ନଟବର ଦାସଙ୍କୁ ରଖି ଘାତ ପ୍ରତିଘାତ

ମାଧ୍ୟମରେ ତାଙ୍କ ଚରିତ୍ରିକ ବିକାଶ ଫକୀରମୋହନ ଦେଖାଇଛନ୍ତି । ଏହା ଫଳରେ ନଟବର ଦାସଙ୍କ ଚରିତ୍ରରେ ପାଠକ ଆଗ୍ରହୀ ହେବା ସଙ୍ଗେ ସଙ୍ଗେ ଘଟଣାଗୁଡ଼ିକ ମଧ୍ୟ ଗଭୀର ଭାବରେ ଉପଲବ୍ଧି କରିପାରନ୍ତି । ***ଛମାଣ ଆଠଗୁଣ୍ଠ*** ବା ***ଲଛମା*** ଉପନ୍ୟାସ ଆରମ୍ଭରେ ଉପଯୁକ୍ତ ବାତାବରଣ ସୃଷ୍ଟି ପାଇଁ ଫକୀରମୋହନ ସୀମିତ ପରିସର ପାଇଛନ୍ତି । କିନ୍ତୁ ***ମାମୁ***ରେ ସେ ଏଥିପାଇଁ ପାଇଛନ୍ତି ଏକ ବିସ୍ତୃତ ପରିସୀମା । ସେ ଏହି ସୁଯୋଗର ସମ୍ପୂର୍ଣ୍ଣ ସଦ୍‌ବ୍ୟବହାର ମଧ୍ୟ କରିଛନ୍ତି । ଏକ ନିପୁଣ ଶିଳ୍ପୀ ରୂପେ ସେ ଅନେକ ଗୁଡ଼ିଏ ଘଟଣା ଓ ଚରିତ୍ରଦ୍ୱାରା ଏହି ବିସ୍ତୃତ ପୃଷ୍ଠଭୂମିକୁ ଭରପୂର କରି ଦେଇଛନ୍ତି । ଏହି କଳାକୁଶଳତା ପାଇଁ ଉପନ୍ୟାସର ପ୍ରାଥମିକ ବିକାଶରେ କୌଣସି ଆକସ୍ମିକତା ବା କୃତ୍ରିମତା ଅନୁଭୂତ ହୁଏ ନାହିଁ ।

ଉପନ୍ୟାସଟିରେ ନଟବର ଦାସଙ୍କୁ ବିଶାଖା ଦେଈଙ୍କ ସ୍ୱାମୀ ହିସାବରେ କିମ୍ବା କଟକ କଲଟରୀଖାନାର ନାଜର ହିସାବରେ ଦେଖାଇବା ପାଇଁ ଫକୀରମୋହନ ଗୃହ ନାହାନ୍ତି, ତାଙ୍କୁ ମାମୁ ରୂପେ ବର୍ଣ୍ଣନା କରିବା ଔପନ୍ୟାସିକଙ୍କର ଉଦ୍ଦେଶ୍ୟ ଏବଂ ସେଥିପାଇଁ ଉତ୍ତରରାୟ ବଂଶର ଅବତାରଣା । କେବଳ ମୁଖ୍ୟ ଉଦ୍ଦେଶ୍ୟର ସହାୟକ ହେବା ପର୍ଯ୍ୟନ୍ତ ଉତ୍ତରରାୟ ଜୀବିତ ରହିଛନ୍ତି । ନରୁ ଓ ଶ୍ରୀହରିଙ୍କୁ ଚୂଡ଼ାମଣିଙ୍କ କୋଳରେ ଥୋଇଦେବା ପରେ ଉପନ୍ୟାସରେ ତାଙ୍କର ଆବଶ୍ୟକତା ନାହିଁ ତେଣୁ ଏହାର ପରେ ଫକୀରମୋହନ ତାଙ୍କ ମୃତ୍ୟୁ ଘଟାଇଛନ୍ତି । ଚୂଡ଼ାମଣିର ଜନ୍ମକୁଣ୍ଡଳୀ ସହିତ ମଧ୍ୟ ଏହି ଘଟଣାର ସାମଞ୍ଜସ୍ୟ ରହିଛି । ସେହିପରି ଭାବରେ ଉପନ୍ୟାସର ମୁଖ୍ୟ ଆକର୍ଷଣକୁ ନଟବର ଦାସଙ୍କ ଉପରେ କେନ୍ଦ୍ରୀଭୂତ କରିବା ପାଇଁ

ଦାଶରଥି ଦାସଙ୍କ ଉପନ୍ୟାସର ପରିସର ମଧ୍ୟରୁ ଅନ୍ତର କରି ଦିଆ-ଯାଇଛି । ନଟବର ଓ ବାନାମ୍ବର ଦୁଇଭାଇ, ଦୁଇଜଣ ଯାକ ମାମୁ । ଦୁଇଜଣଙ୍କୁ ସମାନ ଆସନ ଦିଆ ଯାଇଥିଲେ ନଟବରଙ୍କ ଗୁରୁତ୍ୱ ନଷ୍ଟ ହୋଇଥାନ୍ତା । ତେଣୁ ବାନାମ୍ବରଙ୍କୁ ଏକ ଅତି ଗୌଣ ସ୍ଥାନ ଦିଆଯାଇଛି । ନଟବର ଏଣ୍ଟ୍ରାନ୍ସ ପାସ କଲେ, ଚୌକିଦାରବସ ହେଲେ, ବିବାହ କଲେ, ନାଜରାତି ଚାକିରି ମଧ୍ୟ ପାଇଲେ । ଏହିସବୁ ଘଟଣା ମଧ୍ୟ ଦେଇ ଉପନ୍ୟାସର 'ପ୍ଲଟ୍' ଗତି କରିଛି । ଉତ୍ତରରାୟଙ୍କ ମୃତ୍ୟୁ ପରେ ଦୁଇଟି ବଂଶକୁ ଏକତ୍ର ଭାବରେ 'ପ୍ଲଟ୍'ରେ ଅଣାଯାଇଛି । ଏହି ସମୟରୁ ନବିପୁର କିଲ୍ଲାକୁ ନିଲାମ କରାଇ ସମ୍ପୂର୍ଣ୍ଣରୂପେ ଆତ୍ମସାତ୍ କରିବାର ପୁଙ୍ଖାନୁପୁଙ୍ଖ ଯୋଜନା ପର୍ଯ୍ୟନ୍ତ 'ପ୍ଲଟ୍'ର ମଧ୍ୟଭାଗ । ଏହି ମଧ୍ୟଭାଗର ଗତି ପ୍ରଥମ ଭାଗ ଅପେକ୍ଷା ଯଥେଷ୍ଟ ଦ୍ରୁତ ଏବଂ ତେଣୁ ଏହା ଚିତ୍ତାକର୍ଷକ । ଯେଉଁ କାମରେ ହାତ ଦେବେ ସେଥିରୁ ଦୁଇ ପଇସା ଲାଭ ଉଠାଇବା ନାଜରଙ୍କର ପ୍ରଧାନ ଲକ୍ଷ୍ୟ । ଏହି ଲକ୍ଷ୍ୟ ଅନୁସାରେ ନବିପୁର କିଲ୍ଲାର ପରିଚାଳନା ନିଜର ହାତରେ ରଖିବା ପାଇଁ ସେ ଜାଲ ରିପୋର୍ଟଟି ମଞ୍ଜୁର କରାଇନେଲେ । କିନ୍ତୁ ପରେ ଲୋଭ ଅସମ୍ଭାଳ ହୋଇ ଉଠିଲା, ସେ ନିଜକୁ ସଂଯତ କରି ପାରିଲେ ନାହିଁ, ସମଗ୍ର କିଲ୍ଲାର ସର୍ବେସର୍ବା ହେବା ପାଇଁ ସେ ତତ୍ପର ହୋଇ ଉଠିଲେ । ବାର୍ଷିକ ପେସ୍‌କସ୍ ଦାଖଲ ନ କଲେ କିଲ୍ଲା ନିଲାମ ହୋଇଯିବ, ତାହାହେଲେ ବେନାମିରେ ସେ କିଲ୍ଲାଟାକୁ କିଣିନେବେ । ଏହି ସୁଚିନ୍ତିତ ଯୋଜନା ପରେ ସେ ଚାହିଁରହିଲେ ଶୁଭ ମୁହୂର୍ତ୍ତକୁ । ପେସ୍‌କସ୍ ଦାଖଲର ଶେଷ ସମୟ ପାଇଁ ଚାରିମାସ ମୋଟେ ବାକିଥାଏ । ଏହି ଚାରିଟା ମାସ ସୁରୁଖୁରୁରେ କଟାଇ ଦେବା ପାଇଁ ସେ ନିଜକୁ

ଯେପରି ପ୍ରସ୍ତୁତ କରୁଥାଆନ୍ତି, ତାଙ୍କ କର୍ମଚାରୀମାନଙ୍କୁ ମଧ୍ୟ ସେହିପରି ଉପଦେଶ ଦେଉଥାନ୍ତି । 'ପ୍ଲଟ୍'ର ଏହି ବିକାଶ ପାଇଁ ଫକୀରମୋହନ ଏକ ଦିଗରେ ନାଜର ନଟବର ଦାସଙ୍କୁ ଓ ଅନ୍ୟ ଦିଗରେ ଦୁଇଟି ସରଳମତି ବାଳକ ଓ ଦୁଇଜଣ ଅସହାୟା ସ୍ତ୍ରୀଲୋକଙ୍କୁ ଉପସ୍ଥାପିତ କରିଛନ୍ତି । ନାଜରଙ୍କ ପରି କୂଟବୁଦ୍ଧିସମ୍ପନ୍ନ ବ୍ୟକ୍ତିଙ୍କ ପକ୍ଷରେ ତାଙ୍କ ଯୋଜନା ସଫଳ କରାଇବା କିଛି କଷ୍ଟକର ନୁହେଁ । ତେଣୁ ନାଜର ଯେ ତାଙ୍କ ଉଦ୍ଦେଶ୍ୟ ହାସଲ କରିବେ ଏଥିରେ ପାଠକର ସନ୍ଦେହ ନ ରହିବା ସ୍ୱାଭାବିକ । କିନ୍ତୁ ଏହି ଲକ୍ଷ୍ୟ ସାଧନ ସକାଶେ ନାଜର କେଉଁ ପନ୍ଥା ଅବଲମ୍ବନ କରିବେ ସେଥିରେହିଁ ପାଠକର କୌତୂହଳ ରହେ । 'ପ୍ଲଟ୍'ର ମଧ୍ୟଭାଗର ଗତି ଶିଥିଳ ହୋଇ ପଡ଼ିଥିଲେ ପାଠକର ରସାସ୍ୱାଦନରେ ବ୍ୟାଘାତ ଜନ୍ମିଥାନ୍ତା, ସୁସମ୍ବଦ୍ଧ ଓ କ୍ରମିକ ବିକାଶ ଫଳରେ ପାଠକର କୌତୂହଳ ଜାଗରୂକ ରହି ପାରିଛି ।

ନାଜରଙ୍କ ଯୋଜନା ଯେ ସୁପରିକଳ୍ପିତ ଥିଲା ଏଥିରେ ସନ୍ଦେହ ନାହିଁ । କିନ୍ତୁ ଦୈବ ସାଧିଲା ବାଦ । ସରକାରୀ ତହବିଲ ହେପାଜତରେ ଅବହେଳା ପାଇଁ ତାଙ୍କ ହାତରେ ବେଡ଼ି ପଡ଼ିଲା । ମାନ, ସମ୍ମାନ, ପ୍ରଭୁତ୍ୱ ଓ ପ୍ରତିପତ୍ତିର ମୋହଜାଲରେ ଯେତେବେଳେ ସେ ନିଜର ଅସ୍ତିତ୍ୱକୁ ହଜାଇ ଦେଇଥିଲେ ଠିକ୍ ସେତିକିବେଳେ ସେ ଗଲେ ଜେଲଖାନା । ଉପନ୍ୟାସର ଗତିଧାରା ଏହା ଫଳରେ ଅପ୍ରତ୍ୟାଶିତ ଭାବରେ ପରିବର୍ତ୍ତିତ ହୋଇଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନରପୁର କାଲ୍ଲାକୁ ଗ୍ରାସ କରିବା ପାଇଁ ତାଙ୍କର ଯେଉଁ ଅଭିପ୍ରାୟ ଥିଲା ତାହାର ଫଳସ୍ୱରୂପ ତାଙ୍କର ଜେଲ ହୋଇ ନାହିଁ, ତାଙ୍କର ଜେଲ

ହୋଇଛି ଆକସ୍ମିକ କାରଣରୁ । ଅତି ବିଶ୍ୱାସରେ କୁପଥର ସଙ୍ଗୀ ହିସାବରେ ସେ ଯେଉଁମାନଙ୍କୁ ଆଦରରେ ବରଣ କରି ନେଇଥିଲେ ସେହିମାନେହିଁ ତାଙ୍କର ତଣ୍ଟି କାଟିଲେ । ଉପନ୍ୟାସର ଗତିଧାରାରେ ଏହି ନାଟକୀୟ ପରିବର୍ତ୍ତନ ପାଠକର କୌତୂହଳକୁ ଯଥେଷ୍ଟ ବଢ଼ାଇ ଦେଇଛି ।

ଜେଲଖାନା ଭିତରେ ନାଜରଙ୍କର ଆସିଛି ଅନୁତାପ । ନିଜର କୃତକର୍ମକୁ ଗୋଟି ଗୋଟି କରି ବିଶ୍ଳେଷଣ କରି ସେ ତାଙ୍କ ନିଜ ଭୁଲ ବୁଝି ପାରିଛନ୍ତି । ତାପରେ ଭଗବାନଙ୍କ ପଦତଳେ ସମ୍ପୂର୍ଣ୍ଣରୂପେ ଆତ୍ମସମର୍ପଣ କରି ତାଙ୍କ କୃତକର୍ମର ଶାସ୍ତି ଭୋଗିବା ପାଇଁ ସେ ନିଜକୁ ପ୍ରସ୍ତୁତ କରି ନେଇଛନ୍ତି । ତାଙ୍କ ମନର ସମସ୍ତ ଭୟ ଚାଲି ଯାଇଛି । ବିଚାରାଳୟରେ ବିଚାର ପାଇଁ ସେ ନିଜେ ହୋଇ ଉଠିଛନ୍ତି ଅଧୀର । ଭରା କଚେରୀରେ ମୁକ୍ତକଣ୍ଠରେ ସେ ସ୍ୱୀକାର କରିଛନ୍ତି ତାଙ୍କର ସମସ୍ତ ଦୋଷ । ଏହି ସ୍ୱୀକାରୋକ୍ତିର ଶେଷଭାଗ ଅତି ନାଟକୀୟ ହୋଇ ପାରିଛି । ନିରୀହ ଭଣ୍ଡାରୀଙ୍କ ବିରୁଦ୍ଧରେ ତାଙ୍କର ଚକ୍ରାନ୍ତ ଜଜ୍ ସାହେବଙ୍କ ନିକଟରେ ବର୍ଣ୍ଣନା କରିବା ସମୟରେ ସେ କହିଛନ୍ତି ଯେ ସେ ନରପୁର ତାଲୁକାର ରାଜା ହେବାକୁ ଚାହିଁଥିଲେ । ଏହି ରାଜା ଶବ୍ଦ ଉଚ୍ଚାରଣହିଁ ତାଙ୍କ ମନ ଭିତରେ ଉଠାଇଛି ଏକ ପ୍ରବଳ ତୋଫାନ । ମାନସିକ ସାମ୍ୟ ହରାଇ ସେ ଚିତ୍କାର କରି ଉଠିଛନ୍ତି—"ହୋ-ହୋ—ହୋ ! ମୁଁ ନରପୁର ତାଲୁକାର ରାଜା । ଜଜ୍ ସାହେବ ! ହାମକୁ ସଲାମ କରୋ ।" ତାପରେ ଭୟଙ୍କର ଚିତ୍କାର କରି ଉଚ୍ଚୈଃସ୍ୱରେ ହସି ହସି

ଜଜ୍ ସାହେବଙ୍କ ଆଗରେ ସେ ଗୀତ ଗାଇଛନ୍ତି—

"ରାଜା ଚଲେ ଉଜିର ଚଲେ ଚଢ଼େ ମତଗଜ ହାତି ।

ଆଲଟ ଗୁମର ବୈରଖ ଡୋଲେ ଶିରପର ସୋନେ ଛତି ।"

ବିଚାରରେ ଅବଶ୍ୟ ସରକାରୀ ଟଙ୍କା ଚୋରି ଅଭିଯୋଗରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦିଆଯାଇଛି, କିନ୍ତୁ ଜଜ୍ ସାହେବ ତାଙ୍କୁ ପଠାଇ ଦେଇଛନ୍ତି ପାଗଳାଗାରଦକୁ । ଉପନ୍ୟାସର ଏହି ସମାପ୍ତିରେ ନାଜରଙ୍କର ଅଭୀଷ୍ଟ ସିଦ୍ଧ ହୋଇ ନାହିଁ କିମ୍ବା ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ତାଙ୍କର ମୃତ୍ୟୁ ହୋଇ ନାହିଁ । ଏହା ପରେ ତାଙ୍କର କଅଣ ହେଲା କିମ୍ବା ନଟପୁର କଲ୍ଲାର କଅଣ ହେଲା ସେ ସମ୍ପର୍କରେ ଔପନ୍ୟାସିକ ନିଜେ ମୌନ ରହି ପାଠକର କଳ୍ପନାଶକ୍ତିକୁ ମୁକ୍ତ ଭାବରେ ବିଚରଣ ପାଇଁ ଅବାଧ ସୁଯୋଗ ଦେଇଛନ୍ତି ।

ଉପନ୍ୟାସର ସମାପ୍ତି ସମୟରେ ନାଜର ନଟବର ଦାସଙ୍କ ଚରିତ୍ର ଉପରେ ସେ ଯେଉଁ ଆଲୋକପାତ କରିଛନ୍ତି ତାହା ମଧ୍ୟ ଯଥେଷ୍ଟ ଚିତ୍ତାକର୍ଷକ । ଉପନ୍ୟାସସାରା ନାଜରଙ୍କୁ କୁଚକ୍ରୀ ହିସାବରେ ବର୍ଣ୍ଣନ କରିବା ପରେ ସମାପ୍ତିରେ ସେ ଦେଖାଇଛନ୍ତି ଯେ ନାଜର ପ୍ରକୃତରେ ଖରାପ ଲୋକ ନୁହନ୍ତି । ଯୌବନରେ ଧନ, ସମ୍ପତ୍ତି, ପ୍ରଭୁତ୍ୱ ଓ ଅବିବେକତା ଫଳରେହିଁ ତାଙ୍କର ଅନ୍ତର୍ନିହିତ ସଦ୍‌ଗୁଣ ସାମୟିକ ଭାବରେ ଉନ୍ମୀଳିତ ହୋଇ ପାରି ନ ଥିଲା । କିନ୍ତୁ ଉପନ୍ୟାସ ସମାପ୍ତି ସମୟରେ ଏହି ବାଧା ଅପସୃତ ହୋଇ ଯାଇଛି । ନଟବର ଦାସ ତାଙ୍କର ନିଜର ସତ୍ତା ଫେରି ପାଇଛନ୍ତି । ପୂର୍ବକୃତ ପାପ ପାଇଁ ତାଙ୍କ ମନରେ ଯେଉଁ ଅନୁଶୋଚନା ଆସିଛି ତାହା ଏକ ପକ୍ଷରେ ଯେପରି ଗଭୀର ଅନ୍ୟ ପକ୍ଷରେ ତାହା ସେହିପରି ଆନ୍ତରିକ । ଏହା ପରେ ନଟବର ଦାସ ହୃଏତ ଭକ୍ତର ହୃଦୟଗାଙ୍କ

ଜାଁ ଭାଲଜାଁଙ୍କ ପରି ଏକ ଆଦର୍ଶ ଓ ମହନୀୟ ବ୍ୟକ୍ତି ହୋଇ ପାରି-ଥାଆନ୍ତେ କିନ୍ତୁ ଏହି ସମୟରେ ତାଙ୍କର ମାନସିକ ସାମ୍ୟ ଲୋପ ପାଇଛି ଏବଂ ସେ ହୋଇ ଯାଇଅଛନ୍ତି ପାଗଳ । ସମାପ୍ତିର ଏହି ଉତ୍‌ଥାନପତନ ବାସ୍ତବିକ ବିଶେଷ ଉପଭୋଗ୍ୟ । ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ନାଜର ନଟବର ଦାସ ପାର୍ଥିବ ବିଚାରାଳୟରେ ଉଚିତ ଶାସ୍ତି ପାଇ ନାହାନ୍ତି, କିନ୍ତୁ ଦଇବର ଶାସ୍ତିକୁ ସେ ଏଡ଼ି ଦେଇ ପାରି ନାହାନ୍ତି । ରାମଚନ୍ଦ୍ର ମଙ୍ଗରାଜ ତାଙ୍କର ମାନସିକ ଦ୍ୱନ୍ଦ୍ୱକୁ ରୂପାୟିତ ଭାବରେ ତାଙ୍କ ଆଖି ଆଗରେ ଦେଖି ଦେଖି ପ୍ରାଣତ୍ୟାଗ କରିଛନ୍ତି ଏବଂ ନାଜର ନଟବର ଏହି ମାନସିକ ଦ୍ୱନ୍ଦ୍ୱ ଫଳରେ ହୋଇ ଉଠିଛନ୍ତି ପାଗଳ ।

***ମାମୁଁ*** ଓ ***ଛମାଣ ଆଠଗୁଣ***ର ସମାପ୍ତି ମଧ୍ୟରେ କଳାଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ । ***ଛମାଣ ଆଠଗୁଣ***ର ସମାପ୍ତି ସମୟର ତୀବ୍ରତା ଓ ଉଗ୍ରତା ***ମାମୁଁ***ରେ ନାହିଁ । ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ନଟବର ଦାସ ଅନୁଶୋଚନା-ଅନଳରେ ଦଗ୍ଧୀଭୂତ ହୋଇଅଛନ୍ତି ସତ, ହୁଏତ ମଙ୍ଗରାଜଙ୍କ ଅପେକ୍ଷା ନଟବର ଦାସଙ୍କ ଅନୁତାପର ମାତ୍ରା ବଳି ଯାଇଛି, କିନ୍ତୁ ଏହି ପରିଣତି ଦେଖାଇବା ସମୟରେ ଫକୀର-ମୋହନ ନଟବର ଦାସଙ୍କର ତୀବ୍ର ଅନୁଭୂତିକୁ ମାନବିକତାର କାଉଁରିକାଠିର ସ୍ପର୍ଶରେ ମର୍ମସ୍ପର୍ଶୀ କରି ପାରିଛନ୍ତି । ମଙ୍ଗରାଜ ମୃତ୍ୟୁ ସମୟରେ ଦେଖିଛନ୍ତି ବଉଦ ଉହାଡ଼ରେ ବିକଟାଳ ମୂର୍ତ୍ତି, ତାଙ୍କ ହାତରେ ଖଡ଼୍‌ଗ ଓ ମୁଦ୍‌ଗର । ଏହି ନାରକୀୟ ଚିତ୍ର ଏକ ଭୟାବହ ପରିବେଶ ସୃଷ୍ଟି କରିଛି । କିନ୍ତୁ ନଟବର ଦାସ ପାଗଳ ଅବସ୍ଥାରେ ଆସୁରିକ ବଳ ସହିତ ନାଚି ନାଚି ଯେତେବେଳେ ଗୀତ ଗାଇଛନ୍ତି ସେତେବେଳେ ଔପନ୍ୟାସିକ ରୂପ ଦେଇଛନ୍ତି ତାଙ୍କର ରାଜା ହେବାର

ସ୍ୱପ୍ନକୁ । ନରପୁର କିଲ୍ଲାର ରାଜା ହେବା ତାଙ୍କର ପ୍ରଧାନ କାମ୍ୟ ଥିଲା । ଏହି ସ୍ୱପ୍ନ ଓ ସ୍ୱପ୍ନର ବିଫଳତା ତାଙ୍କ ମନରେ ଯେଉଁ ଦ୍ୱନ୍ଦ୍ୱର ସୃଷ୍ଟି କରିଛି ତାକୁ ଭୟଙ୍କର ଭାବରେ ଚିତ୍ରଣ କରାଯାଇ ନାହିଁ, ମାନବିକତା ଦୃଷ୍ଟିକୋଣରୁ ତାକୁ ରୂପାୟିତ କରା ହୋଇଛି । ତେଣୁ ପାଠକମନରେ ସ୍ୱାଭାବିକ ଭାବରେ ସମବେଦନା ଜାତ ହୁଏ ।

*ଛମାଣ ଆଠଗୁଣ*ରେ ମଙ୍ଗରାଜ ବଂଶର ଉତ୍‌ଥାନ ଓ ପତନର ଚିତ୍ର ଯେପରି ଭାବରେ ମିଳେ *ମାମୁ*ରେ ସେହିପରି ନଟବର ଦାସଙ୍କର ପ୍ରତିପତ୍ତି ଓ ସେହି ପ୍ରତିପତ୍ତିର ବିଲୟ ପାଠକ ଦେଖିବାକୁ ପାଏ । ମଙ୍ଗରାଜଙ୍କର ବୁନିୟାଦି ବା ଆଭିଜାତ୍ୟ କିଛି ନାହିଁ । ସେହିପରି ନଟବର ଦାସଙ୍କର ମଧ୍ୟ ଆଭିଜାତ୍ୟର ବଡ଼ିମା ପାଇଁ କିଛି ନାହିଁ । ମଙ୍ଗରାଜ ନିଜ ଶିଙ୍ଗରେ ମାଟି ତାଡ଼ି ସମ୍ପତ୍ତି ଅର୍ଜିଥିଲେ । ନଟବର ଦାସ ମଧ୍ୟ ସେହିପରି ପ୍ରଧାନତଃ ନିଜ ଗୋଡରେ ନିଜେ ଠିଆ ହୋଇଛନ୍ତି ଏବଂ ଭବିଷ୍ୟତରେ ଏକ ବିରାଟ ଭୂଖଣ୍ଡର ମାଲିକ ହେବା ପାଇଁ ସ୍ୱପ୍ନ ଦେଖିଛନ୍ତି । ମଙ୍ଗରାଜଙ୍କ ସୁଖସ୍ୱପ୍ନ ତାଙ୍କ ନିଜ ଜୀବଦ୍ଦଶାରେ ଅନ୍ତର୍ହିତ ହୋଇଛି; ନଟବର ଦାସଙ୍କ ଜୀବନରେ ମଧ୍ୟ ଅନୁରୂପ ଘଟଣା ଘଟିଛି । *ମାମୁ* ଉପନ୍ୟାସର କେତେକ ଘଟଣାରେ ସମସାମୟିକ ସମାଜର ଚିତ୍ର ପରିବେଷିତ ହୋଇଥିଲେହେଁ ନଟବର ଦାସ ଓ ଉତ୍ତରରାୟ ବଂଶକୁ କେନ୍ଦ୍ର କରିହିଁ ଏହି ଉପନ୍ୟାସର 'ପ୍ଲଟ୍' ଗଢ଼ି ଉଠିଛି । ବସ୍ତୁତଃ ଏହା ଏକ ପାରିବାରିକ ଉପନ୍ୟାସ ।

*ଛମାଣ ଆଠଗୁଣ* ଏବଂ *ମାମୁ* ମଧ୍ୟରେ ଅନ୍ୟାନ୍ୟ ଅନେକ ସାଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ । ଉଭୟ ଉପନ୍ୟାସହିଁ ଲୋଭରୁ

ପାପକୁ ଗର୍ତ୍ତ କରିବାର ପ୍ରକ୍ରିୟା ଉପରେ ପ୍ରତିଷ୍ଠିତ । ମଙ୍ଗରାଜ ଓ ନାଜର ଉଭୟେ ଛଳେ ବଳେ ଓ କୌଶଳରେ ପରସ୍ୱ ଅପହରଣ କରିବାକୁ ଜୀବନର ମୂଳମନ୍ତ୍ର କରି ନେଇଛନ୍ତି ଏବଂ ଏହା ଫଳରେ ଉଭୟେ ଶାସ୍ତି ପାଇଛନ୍ତି । ଶେଷ ସମୟରେ ଜେଲଖାନା ଭିତରେ ଉଭୟଙ୍କ ଜୀବନର ଗତିପଥ ବଦଳିଛି ।

ମଙ୍ଗରାଜଙ୍କ ପରାମର୍ଶଦାତ୍ରୀ ହେଉଛି ଚମ୍ପା ଏବଂ ନାଜରଙ୍କ ସାହାଯ୍ୟକାରିଣୀ ହେଉଛି ଚନ୍ଦକଳା । କୂଟବୁଦ୍ଧିରେ ଚମ୍ପା ଯେପରି ପ୍ରବୀଣା ଚନ୍ଦକଳା ସେହିପରି ଦଶ ଜଣଙ୍କୁ ହାଟରେ ବିକି ଥୋଇ ଦେଇ ପାରେ । ***ଛମାଣ ଆଠଗୁଣ***ରେ ଜମିଦାରୀର ଐତିହ୍ୟ ଦେଖାଇବା ପାଇଁ ବାଘସିଂହ ବଂଶର ଯେପରି ଉଲ୍ଲେଖ କରାଯାଇଛି ***ମାମୁ***ରେ ସେହିପରି ଉତ୍ତରରାୟ ବଂଶର ଅବତାରଣା କରାଯାଇଛି । ମଙ୍ଗରାଜଙ୍କର ପ୍ରତିପକ୍ଷରୂପେ ଠିଆ କରାହୋଇଛି ଦୁଇଟି ନିହାତି ସରଳ ବ୍ୟକ୍ତିଙ୍କୁ-ସେମାନେ ହେଉଛନ୍ତି ଭଗିଆ ଓ ସାରିଆ । ମଙ୍ଗରାଜଙ୍କ କୂଟଚକ୍ରର ପ୍ରତିରୋଧ କରିବା ଦୂରେ ଥାଉ ତାହାକୁ ବୁଝିବାର ଶକ୍ତି ମଧ୍ୟ ସେମାନଙ୍କର ନାହିଁ । ***ମାମୁ***ରେ ସେହିପରି ନଟବର ଦାସ ତାଙ୍କର ଜାଲରେ ଧରିଛନ୍ତି ଦୁଇଟି ଅସହାୟା ସ୍ତ୍ରୀ ଲୋକ ଏବଂ ଦୁଇଟି ସରଳ ବାଳକଙ୍କୁ । ନାଜରଙ୍କ ଧୂର୍ତ୍ତତା ଓ କପଟତାର ବିରୋଧ କରିବା ପାଇଁ ଏମାନେ ସମ୍ପୂର୍ଣ୍ଣ ଅକ୍ଷମ । ଏହି ସାଦୃଶ୍ୟ ଅନୁଧ୍ୟାନ କଲେ ଏହା ଜଣାପଡ଼େ ଯେ ***ମାମୁ***ର 'ପ୍ଲଟ୍' ***ଛମାଣ ଆଠଗୁଣ*** 'ପ୍ଲଟ୍'ର ଏକ ପୁନରାବୃତ୍ତି ଅବଶ୍ୟ ଏହା କେବଳ ମାତ୍ର ପୁନରାବୃତ୍ତି ନୁହେଁ, ଅନେକାଂଶରେ ଏହା ପରିବର୍ଦ୍ଧିତ ମଧ୍ୟ ।

*ଛମାଣ ଆଠଗୁଣ୍ଠ* 'ପ୍ଲଟ୍'ର ଏକ ସରଳ ଉପସ୍ଥାପନ—ଏହା କଙ୍କାଳ ସଦୃଶ । *ମାମୁ*ରେ ଏହି କଙ୍କାଳରେ ରକ୍ତମାଂସ ସଂଯୋଜିତ ହୋଇଅଛି । *ଛମାଣ ଆଠଗୁଣ୍ଠ*ରେ କେବଳ ମାତ୍ର 'ପ୍ଲଟ୍'ର ସ୍ପଷ୍ଟ ପ୍ରକାଶନ ଉପରେ ଔପନ୍ୟାସିକ ଧ୍ୟାନ ଦେଇଛନ୍ତି କିନ୍ତୁ *ମାମୁ*ରେ ବିଭିନ୍ନ ଗୌଣ ଚରିତ୍ର ଓ ଘଟଣାର ସଂଖ୍ୟା ବୃଦ୍ଧି କରାଇ 'ପ୍ଲଟ୍'କୁ ସରସ ଭାବରେ ଉପସ୍ଥାପନ କରିଛନ୍ତି । ଏହା ବ୍ୟତୀତ *ଛମାଣ ଆଠଗୁଣ୍ଠ* ପରିବେଷଣରେ ସାରଲ୍ୟ ପରିଲକ୍ଷିତ ହୁଏ, କିନ୍ତୁ *ମାମୁ* ଏହି 'ପ୍ଲଟ୍'ର ଶୋଭନ ସଂସ୍କରଣ । *ଛମାଣ ଆଠଗୁଣ୍ଠ* ମୁଖ୍ୟତଃ ମଫସଲକୁ କେନ୍ଦ୍ର କରି ଗଢ଼ି ଉଠିଥିବା ସ୍ଥଳେ *ମାମୁ*ରେ ସହର ଜୀବନର ଚିତ୍ର ପ୍ରତିଫଳିତ । ତେଣୁ *ମାମୁ*ରେ ପରିମାର୍ଜିତ ରୁଚିର ଅବତାରଣା କରାଯାଇଛି ।

ନାଜର ନଟବର ଦାସଙ୍କୁ କେନ୍ଦ୍ର କରି *ମାମୁ* ଉପନ୍ୟାସଟି ରଚିତ ହୋଇଥିବାରୁ ଏହାର ନାମକରଣ ତାଙ୍କୁହିଁ କେନ୍ଦ୍ର କରି ରଖାଯାଇଛି । ନଟବର ଦାସଙ୍କର ଚରିତ୍ରର ବିଭିନ୍ନ ଦିଗ ମଧ୍ୟରୁ ମାମୁ-ଭଣଜା ସମ୍ପର୍କହିଁ ଏହି ଉପନ୍ୟାସର ପ୍ରଧାନ ଉପଜୀବ୍ୟ । ତେଣୁ ଉପନ୍ୟାସର ନାମ ରଖାଯାଇଛି *ମାମୁ* । ଭାରତୀୟ ଐତିହ୍ୟ ଓ ପରମ୍ପରା ଅନୁସାରେ ମାମୁ ପିତୃତୁଲ୍ୟ । ମାମୁଙ୍କ ସ୍ନେହସରାଗ ବାପାଙ୍କ ସ୍ନେହ ତୁଳନାରେ କୌଣସି ଅଂଶରେ ନ୍ୟୂନ ନୁହେ । ଅବଶ୍ୟ ସବୁ ନିୟମର ବ୍ୟତିକ୍ରମ ଅଛି । ସୁତରାଂ ମାମୁ ଭଣଜା ସମ୍ପର୍କରେ ମଧ୍ୟ ବ୍ୟତିକ୍ରମ କିଛି ଆଶ୍ଚର୍ଯ୍ୟର କଥା ନୁହେ । ଏହି ଭାରତରେ ତ ପୁଣି କଂସ-ମାମୁ ଥିଲେ ! ଫକୀରମୋହନ ତାଙ୍କ ଉପନ୍ୟାସର ନାମରେ ନଟବର ଦାସ କେଉଁ ପ୍ରକାରର ମାମୁ ହେବେ

ସେ ବିଷୟରେ କୌଣସି ସଙ୍କେତ ଦେଇ ନାହାନ୍ତି । ଏହି ମୌନତାହିଁ ସ୍ୱାଭାବିକ ଭାବରେ ପାଠକକୁ କୌତୂହଳୀ କରାଏ । ଉପନ୍ୟାସ ଆଗେଇ ଚାଲେ, 'ପ୍ଲଟ୍' ଧୀରେ ଧୀରେ ବିକଶିତ ହୁଏ । 'ପ୍ଲଟ୍'ର ଏହି ବିକାଶ ସଙ୍ଗରେ ପାଠକ କ୍ରମେ କ୍ରମେ ମାମୁଙ୍କ ସ୍ୱରୂପ ଜାଣିବାର ସୁଯୋଗ ପାଏ । ପ୍ରଥମେ ଅବଶ୍ୟ ମାମୁ ଛଳନା ଓ ପ୍ରତାରଣାର ମୁଖା ପିନ୍ଧି ବାହାରନ୍ତି । କିନ୍ତୁ ଏହି ମୁଖାର ଅନ୍ତରାଳରେ ସେ ବେଶୀ ସମୟ ଲୁଚି ରହି ପାରନ୍ତି ନାହିଁ । ଧୀରେ ଧୀରେ ମୁଖା ଖସି ପଡ଼େ ଏବଂ ପାଠକ ଆଗରେ ନାଜର ତାଙ୍କ ନିଜ ରୂପରେ ଦେଖା ଦିଅନ୍ତି । ଉପନ୍ୟାସର ନାମଟିରୁ ଏହା ସୂଚିତ ହୋଇଥିଲେ ପାଠକର ଏ କୌତୂହଳ ରହି ନ ଥାନ୍ତା । ଏହି ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଦାସ କହିଛନ୍ତି, "*ମାମୁ* ନ କହି ଏ ପୁସ୍ତକକୁ *ନଟବର* କହିଥିଲେ ହୁଅନ୍ତା ନାହିଁ । *କଂସମାମୁ* କହିଥିଲେ ଶିରୋନାମାରେହିଁ ରହସ୍ୟ ଭେଦ ହୋଇ ଯାଆନ୍ତା । ସମସ୍ତ ଉପନ୍ୟାସଟି 'କଂସମାମୁ' ଶବ୍ଦର ଗୋଟିଏ ନୀରସ ବିଶଦବ୍ୟାଖ୍ୟା, ଟୀକା କିଂବା ଭାଷାରେ ପରିଣତ ହୁଅନ୍ତା ।......ତେଣୁ *ମାମୁ*ହିଁ ପୁସ୍ତକର ନାମ । ସେ 'କଂସମାମୁ' ହେବେ କି 'କୃଷ୍ଣମାମୁ' ହେବେ, ସେ ବିଚାର ପାଠକଂକର । କବି ତାହା ମୂଳରେ କହିବେ ନାହିଁ । ଘଟଣାବଳୀର ନାଟକୀୟ ଶକ୍ତିବଳରେ ପାଠକଂକ ପ୍ରତି ଇଂଗିତ ମାତ୍ର କରିବେ । ପାଠକ ତାହା ଅନୁମାନ କରିବେ ।" *

*ଛମାଣ ଆଠଗୁଣ୍ଠ* ଉପନ୍ୟାସ ପ୍ରଧାନତଃ ଗାଉଁଲି ଘଟଣା ଓ ଗାଉଁଲି ଚରିତ୍ରକୁ କେନ୍ଦ୍ର କରି ଗାଉଁଲି ପରିବେଶ ମଧ୍ୟରେ ଗଢ଼ି ଉଠିଛି ।

* *ଓଡ଼ିଆ ଭାଷା ଓ ସାହିତ୍ୟ* — ପଣ୍ଡିତ ନୀଳକଣ୍ଠ ଦାସ

କିନ୍ତୁ *ମାମୁ*ରେ ଆମେ ଗାଁର ଚିତ୍ର ପାଇବା ସଙ୍ଗେ ସଙ୍ଗେ ସହରର ଚିତ୍ର ମଧ୍ୟ ଦେଖିବାକୁ ପାଉଁ । ପ୍ରକୃତ ପକ୍ଷରେ ଏହି ଦୁଇ ଚିତ୍ରର ତୁଳନାତ୍ମକ ପର୍ଯ୍ୟାଲୋଚନା କଲେ ସହରର ପ୍ରାଧାନ୍ୟ ଅଧିକ ପରିମାଣରେ ପରିଲକ୍ଷିତ ହୁଏ । ଦାଶରଥି ଦାସଙ୍କୁ ପାଠକ ପ୍ରଥମେ କଟକ କଲଟେରୀ ମୁନସିଖାନାର ମୋହରୀର ଭାବରେ କଟକରେ ରହିବାର ଦେଖେ । ଦରଘାବଜାରରେ ଘର ଖଣ୍ଡେ ନେଇ ତାଙ୍କ ଜୀବନର ଅଧିକାଂଶ ସମୟ ସେ କଟକରେ ବିତାଇ ଦେଇଛନ୍ତି । ତାଙ୍କ ପୁଅ ନାଜର ନଟବର ଦାସଙ୍କର ଜୀବନର ପ୍ରଥମ କେତେକ ବର୍ଷ ମାତ୍ର ଗୁଡ଼ି ଦେଲେ ବାକି ସମୟତକ ସହରରେ କଟି ଯାଇଛି । ନଟବର ଦାସଙ୍କୁ କେନ୍ଦ୍ରକରି ଉପନ୍ୟାସଟି ରଚିତ ହୋଇ-ଥିବାରୁ ସ୍ୱାଭାବିକ ଭାବରେ ସହରର ବିଭିନ୍ନ ଦିଗ ଏଥିରେ ପ୍ରତି-ଫଳିତ ହୋଇଛି । ତତ୍କାଳୀନ ସହରର ଯେଉଁ ଚିତ୍ର ଏଥିରେ ଚିତ୍ରିତ ହୋଇଛି ତାହା ଆଲୋଚନା କଲେ ମୁଖ୍ୟତଃ ଦୁଇଟି ଜିନିଷ ଆମ ଆଖି ଆଗରେ ପଡ଼େ । ପ୍ରଥମେ ବାବୁ ହେବାର ନିଶାରେ ଆକୃଷ୍ଟ ହୋଇ ଲୋକମାନେ ଇଂରାଜୀ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରନ୍ତି । ଦି ଅକ୍ଷର ଇଂରାଜୀ ଶିଖିଦେଲେ ସରକାରୀ ଅଫିସରେ ଗୋଟାଏ କିଛି କାମ ମିଳିଯିବ ଏବଂ ଫଳରେ ପ୍ରତିପତ୍ତି ମଧ୍ୟ ବଢ଼ିବ । ନଟବର ଦାସ ଏହି ଇଂରାଜୀ ଶିକ୍ଷା ପ୍ରଭାବରେ ପ୍ରଥମେ ଚୌକିଦନବିସ ହୋଇଛନ୍ତି ଓ ପରେ ନାଜରତି ଚାକିରି ପାଇ ପାରିଛନ୍ତି । ତ୍ରିଭୁବନଦୟାଲ ଭଗତଙ୍କ ବାପା ଥରେ କଚେରୀକୁ ଯାଇ ଦେଖିଲେ ଯେ ଇଂରାଜୀ ପଢ଼ି ଓକିଲମାନେ ହାକିମଙ୍କ ସହିତ କଥାବାର୍ତ୍ତା କରି ପାରୁଛନ୍ତି ଓ ମୁଠା ମୁଠା ଟଙ୍କା ମଧ୍ୟ ତାଙ୍କ ହାତପେଟି ହେଉଛି । ଭଗତେ

ସେଥିପାଇଁ ପ୍ରଭୁଦୟାଳଙ୍କୁ ଇଂରାଜୀ ପଢ଼ାଇବା ପାଇଁ ଯଥେଷ୍ଟ ଯତ୍ନ କରିଥିଲେ । ଓଡ଼ିଶାରେ ଇଂରାଜୀ ଶାସନର ପ୍ରାରମ୍ଭରେ ଲୋକଙ୍କର ଇଂରାଜୀ ଶିକ୍ଷାଦୀକ୍ଷା ପ୍ରତି ଯଥେଷ୍ଟ ବିମୁଖତା ଦେଖା ଯାଇଥିଲା । କିନ୍ତୁ ଏହି ଉପନ୍ୟାସ ବର୍ଣ୍ଣିତ ଘଟଣା କାଳରେ କଟକରେ କଲେଜର ପ୍ରତିଷ୍ଠା ହୋଇ ସାରିଥିଲା । ନଟବାବୁ ପ୍ରଥମ ବିଭାଗରେ ଏଣ୍ଟ୍ରାନ୍ସ ପାସ କରି ଏଫ୍. ଏ. ପଢ଼ିବାର ଉଲ୍ଲେଖ ପାଠକ *ମାମୁଁ* ଉପନ୍ୟାସରେ ପାଏ । *ଛମାଣ ଆଠଗୁଣ୍ଠ*ରେ ସ୍ତ୍ରୀଶିକ୍ଷାର ନାମଗନ୍ଧ ମଧ୍ୟ ନାହିଁ । କିନ୍ତୁ *ମାମୁଁ*ରେ ଗୁନ୍ଦିମଣିଙ୍କୁ ପଢ଼ାଇବା ପାଇଁ ଜଣେ ଖ୍ରୀଷ୍ଟିଆନ ପାଠମା ନିଯୁକ୍ତ ହୋଇଛନ୍ତି ଓ ସେ ଗୁନ୍ଦିମଣିଙ୍କୁ ବହି ପଢ଼ାଇବା ସଙ୍ଗେ ସଙ୍ଗେ କାର୍ପେଟ ଓ ମୋଜା ବୁଣା, ସିଲାଇ ଓ ଛବି ଅଙ୍କା ମଧ୍ୟ ଶିଖାଇଛନ୍ତି । କେବଳ ଯେ ପେଟ ପୋଷିବାର ପନ୍ଥାରୂପେ ଲୋକମାନେ ଇଂରାଜୀ ଶିକ୍ଷା ପ୍ରତି ଆଗ୍ରହ ଦେଖାଉଥିଲେ ତାହା ନୁହେଁ, ଜମିଦାର ଶ୍ରେଣୀର ଲୋକମାନଙ୍କର ମଧ୍ୟ ଇଂରାଜୀ ଶିକ୍ଷା ପ୍ରତି ଆଗ୍ରହ ଥିଲା । ଉତ୍ତରରାୟ ବଂଶର ପ୍ରତାପ ଉଦିତ ଓ ଝୋଟରାୟ ବଂଶର ପୀତାମ୍ବର କଟକରେ ରହି ଏଣ୍ଟ୍ରାନ୍ସ ପାସ କରିଛନ୍ତି ।

ଏହି ଉପନ୍ୟାସରେ ସହର ଜୀବନର ବିଶିଷ୍ଟ ଦିଗ ହେଉଛି ମଧ୍ୟବିତ୍ତ ଶ୍ରେଣୀର ସୃଷ୍ଟି । ଇଂଲଣ୍ଡରେ ଶିଳ୍ପବିପ୍ଳବ ଫଳରେ ଏକ ମଧ୍ୟବିତ୍ତ ଶ୍ରେଣୀର ଅଭ୍ୟୁଦୟ ହୋଇଥିଲା । ଭାରତରେ ସେହିପରି ଇଂରେଜ ଶାସନର ପ୍ରବର୍ତ୍ତନ ଓ ଇଂରାଜୀ ଶିକ୍ଷାର ପ୍ରଚଳନ ହେବା ପରେ ସାମାଜିକ ସ୍ତରରେ ଏହି ମଧ୍ୟବିତ୍ତ ଶ୍ରେଣୀ ମୁଣ୍ଡ ଟେକିଥିଲା । ଏମାନେ ସାଧାରଣତଃ ଚାକିରିସର୍ବସ୍ୱ ଓ ଶିକ୍ଷିତ କିନ୍ତୁ ନିର୍ଦ୍ଧନ । ଦାଶରଥି ଦାସ ଓ ନଟବର ଦାସ ଏହାର ପ୍ରକୃଷ୍ଟ ଉଦାହରଣ ।

ସହର ଜୀବନର ଚିତ୍ର ଦେବାକୁ ଯାଇ ଫକୀରମୋହନ ଯେ କେବଳ ମାତ୍ର ସହରର ଜାକଜମକ, ଆଡ଼ମ୍ବର ବା ସହର ଜୀବନର କୃତ୍ରିମତା ଦେଖାଇ ଅଛନ୍ତି ତାହା ନୁହେଁ, ତାହାର ଖରାପ ଦିଗ ମଧ୍ୟ ତାଙ୍କ ଲେଖନୀରୁ ଅବ୍ୟାହତି ପାଇ ନାହିଁ । ଚମ୍ପା କୁଟିଳା, କିନ୍ତୁ ଗାଁର ପରିବେଷ୍ଟନୀ ଭିତରେ ତାର କୁଟିଳତାର ଯେତିକି ବିକାଶ ହୋଇଛି ସହରରେ ରହିବା ଫଳରେ ଚିତ୍ରକଳାର ଚରିତ୍ରରେ ତାହାଠାରୁ ବେଶୀ କୁଟିଳତା ଦେଖା ଯାଇଛି । ପ୍ରଭୁଦୟାଲ ପରି ଦୋସ୍ତ ସଂସ୍ପର୍ଶରେ ଆସି ରାଘବ ପରି ସରଳ ଗ୍ରାମ୍ୟ ଯୁବକ ପଥଭ୍ରଷ୍ଟ ହୋଇ ମଦ ପିଇଛି ଓ ଶେଷରେ ଚୋରି କରିବାକୁ ଶିଖିଛି । ମାତାଲ ଅବସ୍ଥାରେ ତୁଳସୀପୁର ଘରେ ପଡ଼ି ରହି ବାରାଙ୍ଗନାର ନୃତ୍ୟକୁ ସେ ଉପଭୋଗ କରିଛି । ଏତିକି ମାତ୍ର ନୈତିକ ଅଧଃପତନ ଦେଖାଇ ଫକୀରମୋହନ ସନ୍ତୁଷ୍ଟ ହୋଇ ନାହାନ୍ତି, ଇଂରାଜୀ ଶିକ୍ଷାର କୁଫଳକୁ ମଧ୍ୟ ସେ ପ୍ରାଞ୍ଜଳଭାବରେ ଉପସ୍ଥାପନ କରିଛନ୍ତି ।

ଇଂରାଜୀ ଶିକ୍ଷାପ୍ରାପ୍ତ ନାଜରଙ୍କ ଜୀବନରେ ପିତାଙ୍କ ପ୍ରତି ତାଚ୍ଛଲ୍ୟ ବ୍ୟବହାର ଓ ହିତାହିତ ଜ୍ଞାନଶୂନ୍ୟ ହୋଇ କୂଟବୁଦ୍ଧିର ପ୍ରୟୋଗ ଉତ୍ତମରୂପେ ଔପନ୍ୟାସିକ ଚିତ୍ରଣ କରିଛନ୍ତି । ଏହି ଇଂରାଜୀ ଶିକ୍ଷାର ପ୍ରଭାବ ପ୍ରଭୁଦୟାଲ ଜୀବନରେ ମଧ୍ୟ ପ୍ରତିଫଳିତ ।

*ମାମୁଁ*ରେ ସହର ଜୀବନର ଚିତ୍ର ସହିତ ଗ୍ରାମ୍ୟଜୀବନର ସମସାମୟିକ ଚିତ୍ରର ସ୍ପଷ୍ଟ ବର୍ଣ୍ଣନା ଅଛି । ***ଛମାଣ ଆଠଗୁଣ***ରେ ବାଘସିଂହ ବଂଶକୁ ପୂର୍ଣ୍ଣରୂପେ ଉପସ୍ଥାପନ କରିବାର ସୁଯୋଗ ଫକୀରମୋହନ ପାଇ ନାହାନ୍ତି, କିନ୍ତୁ ***ମାମୁଁ***ରେ ଉତ୍ତରରାୟ ବଂଶର

ବର୍ଣ୍ଣନା, ଓ ଜମିଦାରମାନଙ୍କ ଐତିହ୍ୟର ଚିତ୍ର ଦିଆ ଯାଇଛି । କୁଳପ୍ରାଧି ବା ଆଭିଜାତ୍ୟ କହିଲେ ଯାହା ବୁଝାଯାଏ ଉତ୍ତରରାୟ ବଂଶରେ ତାହା ଦେଖିବାକୁ ମିଳେ । ଅବଶ୍ୟ ଏହି ସମୟ ଜମିଦାରୀର ଉତ୍ଥାନ ସମୟ ନୁହେଁ, ବରଂ ଏହି ସମୟରେ ଜମିଦାରୀ କ୍ରମଶଃ ଲୋପ ପାଇ ଯାଉଛି । ବାଘସିଂହ ବଂଶ ମାଧ୍ୟମରେ ଏହି ଚିତ୍ର ଯେପରି ଦିଆ-ଯାଇଥିଲା ରାୟବଂଶ କ୍ଷେତ୍ରରେ ମଧ୍ୟ ତାହା ଦେଖା ଯାଇଛି । ସୀମିତ ଭାବରେ ହେଲେ ମଧ୍ୟ ଗାଉଁଲି ଜୀବନର ଚିତ୍ର ଏଥିରେ ମନୋଜ୍ଞଭାବରେ ପରିବେଷିତ ହୋଇଛି । ଗାଁ ର ନିରୀହ ଲୋକମାନଙ୍କର ସରଳ ଜୀବନଯାତ୍ରାର ଆଭାସ ସମଗ୍ର ଉପନ୍ୟାସରେ ପରିଲକ୍ଷିତ ହୁଏ । ଏହି ସରଳତା ସଙ୍ଗରେ ରହିଛି ଲୋକମାନଙ୍କର ଧର୍ମପ୍ରତି ବିଶ୍ୱାସ । ଦେବାଳୟରେ ଅର୍ଚ୍ଚନା, ଉପାସନା, ସଙ୍କୀର୍ତ୍ତନ, ପୂଜା ଓ ଭୋଗ ପ୍ରଭୃତି ମାଧ୍ୟମରେ ଲୋକମାନଙ୍କର ଧର୍ମବିଶ୍ୱାସର ଚିତ୍ର ପ୍ରତିଫଳିତ । ସାଧାରଣ ଗାଉଁଲି ଲୋକର ଅଜ୍ଞତାକୁ ମଧ୍ୟ ସେ ହାସ୍ୟରସ ମାଧ୍ୟମରେ ଚିତ୍ରଣ କରିଛନ୍ତି । ନରୁବାବୁ ଧାଈମାଙ୍କ ପାଖକୁ ବୃତ୍ତି ପାଇଥିବା ଟ ୪୫୯ ପଠାଇଲେ । ଲୋକମାନଙ୍କ ମୁଖରେ ଏହା ବୃଦ୍ଧି ପାଇବାକୁ ଲାଗିଲା ଏବଂ ଶେଷରେ ହରିବୋଲ ବାରିକ ତାହାକୁ ୧୦୦୧ ଟଙ୍କାରେ ପରିଣତ କରି ଶୂନ ଟଙ୍କାର ମହାତ୍ମ୍ୟ ବୁଝାଇବାକୁ ଲାଗିଲେ । ଗାଁ ଲୋକେ ହରିବୋଲ ବାରିକର ପାଣ୍ଡିତ୍ୟରେ ମୁଗ୍ଧ ହୋଇଗଲେ । ଗାଁ ର ଲୋକମାନଙ୍କ ଦୁଃଖ ଦାରିଦ୍ର୍ୟକୁ ମଧ୍ୟ ସେ ଯଥେଷ୍ଟ ସମବେଦନା ଓ ସହାନୁଭୂତି ସହକାରେ ପରିବେଷଣ କରି ଅଛନ୍ତି । ଗାଁ ଲୋକ-ମାନଙ୍କର ଦିନକୁ ଦୁଇଓଳି ଖାଇବାର ସଂସ୍ଥାନ ନାହିଁ । ଦିନସାରା ଖଟି ଖଟି ମଧ୍ୟ ପେଟ ପୋଷିବା ସେମାନଙ୍କ ପକ୍ଷରେ କଷ୍ଟକର ହୋଇ

ପଡ଼ୁଛି ଏବଂ ମହାଜନର ଦ୍ୱାରସ୍ଥ ହେବାକୁ ସେମାନେ ବାଧ୍ୟ ହୋଇଛନ୍ତି । ଆଗେ ଅବଶ୍ୟ ଗ୍ରାମ୍ୟ ଜମିଦାରଙ୍କ ହାତରେ ଗ୍ରାମବାସୀଙ୍କର ହଇରାଣର ସୀମା ନ ଥିଲା, କିନ୍ତୁ ଗାଁର ଲୋକ ସହରକୁ ଯାଇ ଦି ଅକ୍ଷର ଇଂରାଜୀ ପଢ଼ି ଚାଲାକ ଚତୁର ହେଲେ । ଫଳରେ ସ୍ୱାଭାବିକ ଭାବରେ ଏହି ଗ୍ରାମବାସୀମାନେହିଁ ହେଲେ ସେମାନଙ୍କ ଶୋଷଣର ଶିକାର । ନିଷ୍ପେଷିତ ଗାଁ ଉପରେ ଧୀରେ ଧୀରେ ଗଢ଼ି ଉଠିଲା ସହର ଜୀବନ ଓ ସହରର ଅଭିଜାତ୍ୟ ।

*ଛମାଣ ଆଠଗୁଣ*ରେ ଇଂରେଜ ଶାସନର ପ୍ରାରମ୍ଭ ଅବସ୍ଥା ସୂଚିତ ହୋଇଛି । କିନ୍ତୁ *ମାମୁ* ଉପନ୍ୟାସ ଯେଉଁ ସମୟର ଇତିହାସକୁ ନେଇ ଗଢ଼ି ଉଠିଛି ସେ ସମୟରେ ତାହାର ଦୃଢ଼ ପ୍ରତିଷ୍ଠା ହୋଇ ପାରିଛି । କେବଳ କୋର୍ଟ କଚେରି ବା ପୋଲିସ ମାଧ୍ୟମରେ ଯେ ଲୋକମାନେ ଇଂରେଜ ଶାସନ ସଂସ୍ପର୍ଶରେ ଆସିଛନ୍ତି ତାହା ନୁହେଁ, ସମାଜର ମୂଳଦୁଆ ଭିତରେ ମଧ୍ୟ ଇଂରେଜ ଶାସନ ତାର ଚେର ବିସ୍ତାର କରିଛି ।

ଏହି ପ୍ରଭାବ ଫଳରେ ନରପୁର ଜିଲ୍ଲାରେ ଗୋଟିଏ ମାଇନର ସ୍କୁଲ ପ୍ରତିଷ୍ଠିତ ହୋଇ ପାରିଛି । ନରପୁର ଜିଲ୍ଲା କୋର୍ଟ ଅଫ ଓ୍ୱାର୍ଡସ୍‌ରେ ରହିବା ଫଳରେ ଜିଲ୍ଲାର ଲୋକମାନେ ଇଂରେଜ ଶାସନର ପ୍ରତ୍ୟକ୍ଷ ସମ୍ପର୍କରେ ଆସୁଛନ୍ତି । ଶାସନ କଳର ଦାୟିତ୍ୱରେ ଯେଉଁ ସାହେବମାନେ ରହିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ଦୟାଶୀଳ ଓ ଲୋକମାନଙ୍କ ଦୁଃଖଦୁର୍ଦ୍ଦଶା ବୁଝିବାରେ ଆଗ୍ରହୀ, ଅନ୍ୟ କେତେକେ ନିଜର କାର୍ଯ୍ୟତତ୍ପରତା ଦେଖାଇବାରେ ବ୍ୟସ୍ତ । କିନ୍ତୁ ପ୍ରାୟ ସମସ୍ତ

ନିଜ ଖିଆଲ ଅନୁଯାୟୀ କାମ କରି ଯାଉଛନ୍ତି ଫଳରେ ନାନା ଅସୁବିଧାରେ ପଡ଼ୁଛନ୍ତି । କେତେକ କ୍ଷେତ୍ରରେ ଭାରତୀୟ ଜନ-ସାଧାରଣଙ୍କର ଉନ୍ନତି କରିବା ପାଇଁ ସାହେବମାନଙ୍କର ଆନ୍ତରିକ ଉଦ୍ଦେଶ୍ୟ ରହିଛି । ମାଜିଷ୍ଟ୍ରେଟ ସାହେବ ଡାଉସନଙ୍କ ସ୍ତ୍ରୀ ଭାରତର ନାରୀମାନଙ୍କୁ ସ୍ୱାଧୀନତା ଦେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।

*ମାମୁଁ* ଉପନ୍ୟାସରେ ସହର ଜୀବନ, ଗ୍ରାମ୍ୟ ଜୀବନ, ଓ ଇଂରେଜ ଶାସନର ଯେଉଁ ଘଟଣାବଳି ଦିଆଯାଇଛି ସେଥିରୁ ଜଣାଯାଏ ଯେ ଏହା ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧର ଇତିହାସ । ପୁସ୍ତକ ମଧ୍ୟରେ ଥିବା ଚନ୍ଦ୍ରମଣିର ଜନ୍ମକୁଣ୍ଡଳୀ ଏବଂ କେତେଗୁଡ଼ିଏ ତାରିଖ ଅନୁଧ୍ୟାନ କଲେ ଏହାହିଁ ଦେଖିବାକୁ ମିଳେ । ଚନ୍ଦ୍ରମଣିର ଜନ୍ମ-କୁଣ୍ଡଳୀକୁ ବିଶ୍ଳେଷଣ କରି ଶ୍ରୀଯୁକ୍ତ ନଟବର ସାମନ୍ତରାୟ ଉଲ୍ଲେଖ କରିଛନ୍ତି: "ଚନ୍ଦ୍ରମଣିର ଜନ୍ମଦିନ ହେଉଛି ସନ ୧୮୭୮ ସାଲ ମେ ମାସ ତା ୧୨ ରିଖ ଶୁକ୍ରବାର " * । *ମାମୁଁର* ତୃତୀୟ ପରିଚ୍ଛେଦରେ ବର୍ଣ୍ଣିତ ଅଛି, "ପରିବାର କଟକ ଆସିବାର ବର୍ଷକ ଉତ୍ତାରେ ଦାସଙ୍କର ଗୋଟିଏ କନ୍ୟା ଜାତ ହେଲା ।" ଏଥିରୁ ଜଣାପଡେ ଯେ ଦାଶରଥି ଦାସ ୧୮୭୭ ଖ୍ରୀଷ୍ଟାବ୍ଦରେ ତାଙ୍କ ପରିବାରକୁ କଟକ ଆଣିଲେ ଏବଂ ଏହିଠାରୁହିଁ ଉପନ୍ୟାସର ଆରମ୍ଭ । ପ୍ରତାପ ଉଦିତ, ପୀତାମ୍ବର, ଓ ନଟବର ଏକା ସଙ୍ଗରେ ଏଣ୍ଟ୍ରାନ୍ସ ପାସକଲେ । କିନ୍ତୁ ବାନାମ୍ବର ଥାର୍ଡ଼ କ୍ଲାସ୍ ଟପି ନ ପାରି ଚୃଷ କରିବାକୁ ଗ୍ରାମକୁ ଚାଲିଗଲେ ଏବଂ ଏହି ସମୟରେ ତାଙ୍କର ବିବାହ ପ୍ରସଙ୍ଗ ସ୍ଥିର ହେଲା ।

---

* *ବ୍ୟାସକବି ଫକୀରମୋହନ*—ଶ୍ରୀ ନଟବର ସାମନ୍ତରାୟ ।

ଏହି ମଙ୍ଗଳକୃତ୍ୟ ସମାପ୍ତ ହେବାର ଠିକ୍ ପରେ ପରେ ସରସ୍ୱତୀ ଦେଈ ବୃନ୍ଦମଣିର ବିବାହ ନିମିତ୍ତ ଦାଶରଥି ଦାସଙ୍କୁ କହିବାରୁ ଦାସେ ଯେଉଁ ଉତ୍ତର ଦେଇଛନ୍ତି ସେଥିରୁ ଜଣାଯାଏ ଯେ ସେତେବେଳେ ବୃନ୍ଦମଣିର ବୟସ ୧୪ ବର୍ଷ ୬ ମାସ । ଏହା ୧୮୬୨ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସର ଘଟଣା । ତେଣୁ ପ୍ରତାପ ଉଦିତ ୧୮୬୧-୬୨ ଖ୍ରୀଷ୍ଟାବ୍ଦରେ ଏଣ୍ଟ୍ରାନ୍ସ ପାସ କଲେ । ସପ୍ତମ ପରିଚ୍ଛେଦରେ ଦେଖିବାକୁ ମିଳେ ଯେ ଏଣ୍ଟ୍ରାନ୍ସ ପାସ ସମୟକୁ ପ୍ରତାପ ଉଦିତ ସିଂହ ମଲ୍ଲ ଉତ୍ତରାଧିକାରୀ ନାବାଳକ ଥିଲେ । ତେଣୁ ଅନୁମାନ କରାଯାଇପାରେ ଯେ ତାଙ୍କ ଜନ୍ମ ସମୟ ୧୮୪୨-୪୩ ଖ୍ରୀଷ୍ଟାବ୍ଦ, ମୃତ୍ୟୁ ସମୟରେ ତାଙ୍କର ବୟସ ୩୧ ବର୍ଷ ହୋଇଥିଲା ବୋଲି ଘନ ରାଉତର ଉକ୍ତିରୁ ଜଣାଯାଏ ।

ଏଥିରୁ ୧୮୭୩-୭୪ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ଘଟିଥିବାର ଅନୁମିତ ହୁଏ । ତାଙ୍କ ମୃତ୍ୟୁର ପରେ ପରେ ନାଜର ନଟବର ଦାସ ମହାଫିସ ରୂପେ କଲ୍ଲାର ପରିଚାଳନା କରିଛନ୍ତି । ଏହାର ଦେଢ଼ବର୍ଷ ଉତ୍ତାରେ ଗୋକୁଳ ପଟ୍ଟନାୟକ ନାଜରଙ୍କୁ ଯେଉଁ ଚିଠି ଲେଖିଛି ସେଥିରେ ତାରିଖ ଦିଆ ହୋଇଛି "ସନ ୧୨୮୦ ସାଲ ମକର ୭ ଦିନ", ଇଂରାଜୀ ଖ୍ରୀଷ୍ଟାବ୍ଦ ଅନୁସାରେ ଏହା ୧୮୭୩ ଖ୍ରୀଷ୍ଟାବ୍ଦ । ପ୍ରତାପ ଉଦିତଙ୍କ ଜନ୍ମ ସମୟ ଠାରୁ ମୃତ୍ୟୁ ସମୟ ପର୍ଯ୍ୟନ୍ତ ପାଠକ ଯେଉଁ ସମୟ ପାଏ ଏବଂ ଗୋକୁଳ ପଟ୍ଟନାୟକଙ୍କର ଚିଠିରେ ଯେଉଁ ତାରିଖ ଅଛି ସେଥିରେ ମୋଟା-ମୋଟି ଭାବରେ ଏକ ସାଧାରଣ ସାମଞ୍ଜସ୍ୟ ଦେଖାଯାଏ । *ମାମୁ* ଉପନ୍ୟାସରେ ସମ୍ପୂର୍ଣ୍ଣ ନିର୍ଭୁଲ ତାରିଖ ପାଇବା ଉଦ୍ୟମ ଯେ ବିଫଳ ହେବ ଏହା ପରବର୍ତ୍ତୀ କେତେକ ଆଲୋଚନାରୁ ସ୍ପଷ୍ଟଭାବରେ ଜଣାପଡ଼ିବ । କିନ୍ତୁ ସଠିକ ତାରିଖ ନ ମିଳିଲେ ମଧ୍ୟ ଏହି ଆଲୋଚନାରୁ

ଏହା ପରିଲକ୍ଷିତ ହୁଏ ଯେ ନାଜର ୧୮୭୩-୭୪ ମସିହାରେ ନରପୁର କଲ୍ଲାରେ ମହାଫିସ ନିଯୁକ୍ତ ହୋଇଛନ୍ତି । ଏହି ସମୟରେ ଠିକାଏତ ନରୁବାବୁ ମାଇନର ସ୍କୁଲରେ ପଢ଼ୁଥିଲେ । ମାଇନର ପାସ ପରେ ସେ କଟକରେ ଏଣ୍ଟ୍ରାନ୍ସ ପଢ଼ିଲେ । ଏଣ୍ଟ୍ରାନ୍ସ ପାସ କରି ଏଫ୍. ଏ. ପଢ଼ିବା ସମୟରେ ନାଜର ନଟବର ଦାସ ମଉସା ପୀତାମ୍ବର ଅରିନ୍ଦମନଙ୍କ ବସାରେ ନରୁବାବୁଙ୍କ ସହିତ ସାକ୍ଷାତ୍ କରିଛନ୍ତି । ଏହି ସାକ୍ଷାତ୍ ସମୟରେ ଗୃହମାସ ମଧ୍ୟରେ ନରପୁର କଲ୍ଲାକୁ ନିଲାମରେ କିଣିନେବା ପାଇଁ ନାଜରଙ୍କ କଳ୍ପନା ଥିଲା । ନରୁବାବୁଙ୍କ ଶିକ୍ଷା ସମୟ ଦୃଷ୍ଟିରୁ ଏହି ଘଟଣା ୧୮୭୯-୮୦ ଖ୍ରୀଷ୍ଟାବ୍ଦରେ ଘଟିଛି ବୋଲି ଅନୁମାନ କରାଯାଏ । ନାଜରଙ୍କ ଘରୁ ସରକାରୀ ତହବିଲ ଚୋରି ମଧ୍ୟ ଏହି ସମୟରେ ଘଟିଥିବାର ଜଣାଯାଏ । ଏହା କଟକଥାନାର ଦାରୋଗା ଶ୍ରୀ ମାଳମଣି ବଳବନ୍ତରାଙ୍କ ରିପୋର୍ଟ ସହିତ ମିଳି ଯାଉଛି । ସେ ୪/୬/୧୮୭୯ ଖ୍ରୀଷ୍ଟାବ୍ଦରେ ତାଙ୍କ ରିପୋର୍ଟ ଲେଖିଥିଲେ । ଏହା ପରେ ଜଜ୍ ସାହେବଙ୍କ କଚେରୀରେ ନାଜରଙ୍କର ବିଚାର ସମୟରେ "ଖରାଦିନଆ ସକାଳ କଚେରୀ" ବୋଲି ଉଲ୍ଲେଖ ଅଛି । ସୁତରାଂ ଏ ବିଚାର ପ୍ରାୟ ଜୁନ୍ ମାସରେ ହୋଇଛି ବୋଲି ଜଣାପଡ଼େ । ଘଟଣାର କ୍ରମପର୍ଯ୍ୟାୟ ଦୃଷ୍ଟିରୁ ଏହି ଉପନ୍ୟାସର ଘଟଣାବଳି ୧୮୪୨ ଖ୍ରୀଷ୍ଟାବ୍ଦରୁ ୧୮୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଘଟିଥିବାର ପ୍ରତିପନ୍ନ ହୁଏ ।

ପ୍ରସଙ୍ଗ କ୍ରମେ ଏଠାରେ ସୂଚନା ଦିଆଯାଇ ପାରେ ଯେ ***ଛମାଣ ଆଠଗୁଣ*** ପରି ***ମାମୁ***ରେ ମଧ୍ୟ ଫକୀରମୋହନ ସମୟ ନିରୂପଣରେ ବିଶେଷ ଯତ୍ନଶୀଳ ହୋଇ ନାହାନ୍ତି । ***ମାମୁ*** ଉପନ୍ୟାସରେ ବିଭିନ୍ନ ଘଟଣା ମଧ୍ୟରେ ଫକୀରମୋହନ ଦେଇଥିବା ବିବରଣୀ ସମୟରେ ଦୁଇ

ବା ତିନି ବର୍ଷ ପାର୍ଥକ୍ୟ ରହି ଯିବାର ଆଶଙ୍କା କରାଯାଏ । ଅବଶ୍ୟ ସାଧାରଣ ଭାବରେ ପାଠକ ଉପନ୍ୟାସ ଉପଭୋଗ କରିବାରେ ଏହା ବାଧା ଜାତ କରେ ନାହିଁ । *ମାମୁ*ର ବିଂଶମ ପରିଚ୍ଛେଦରୁ ଦେଖିବାକୁ ମିଳେ ଯେ ଏହି ଆଖ୍ୟାୟିକାର ଆରମ୍ଭ ସମୟରେ ଉତ୍ତରରାୟ ନାବାଳକ ଥିଲେ ଓ କଟକରେ ରହି ପାଠ ପଢୁଥିଲେ । ଉପର୍ଯ୍ୟୁକ୍ତ ଆଲୋଚନାରୁ ପାଠକ ଦେଖେ ଯେ ଉପନ୍ୟାସର ଆରମ୍ଭ ୧୮୬୭ ଖ୍ରୀଷ୍ଟାବ୍ଦରେ ଓ ଉତ୍ତରରାୟଙ୍କ ଜନ୍ମ ୧୮୫୩-୫୪ ଖ୍ରୀଷ୍ଟାବ୍ଦରେ । ତେର ଚଉଦ ବର୍ଷ ବୟସରେ ସେ କଟକରେ ରହି ପାଠ ପଢ଼ିବା ଏକ ଅବାସ୍ତବ ଘଟଣା । ନରୁବାବୁ ମାଇନର ପଢୁଥିବା ଅବସ୍ଥାରେ ଗୋକୁଳ ପଟ୍ଟନାୟକଙ୍କ ବିନୋଦରେ ସନ ୧୨୮୦ ସାଲ ମକର ସାତ ଦିନର ଉଲ୍ଲେଖ ଅଛି କିନ୍ତୁ ନରୁବାବୁ କଟକରେ ଏଫ୍. ଏ. ପଢ଼ିବା ସମୟରେ ସନ ୧୨୭୦ ସାଲ ମେଷ ୭ ଦିନ ଧାତ୍ରୀମାଙ୍କ ନିକଟକୁ ପତ୍ର ଲେଖିଛନ୍ତି । ***ଛମାଣ ଆଠଗୁଣ*** ପରି ***ମାମୁ*** ମଧ୍ୟ ***ଉତ୍କଳ ସାହିତ୍ୟ***ରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ଉପନ୍ୟାସର ବିଭିନ୍ନ ଅଂଶର ପ୍ରକାଶ ମଧ୍ୟରେ ଯଥେଷ୍ଟ ବ୍ୟବଧାନ ରହୁଥିଲା । ତେଣୁ ଫକୀରମୋହନ 'ପ୍ଲଟ୍'ର ବିକାଶକ୍ରମ ପ୍ରତି ଦୃଷ୍ଟି ଦେଇପାରିନାହିଁ । ସମୟକ୍ରମ ରକ୍ଷା କରିବାରେ ତାଙ୍କର ଶିଥିଳତା ପ୍ରକାଶ ପାଇଛି ।

ଉପନ୍ୟାସରେ 'ପ୍ଲଟ୍'ର ବିକାଶରେ ମଧ୍ୟ କେତେକ ଗୌଣ ତ୍ରୁଟି ପରିଲକ୍ଷିତ ହୁଏ । ନାଜର ନଟବର ଦାସଙ୍କ ଚରିତ୍ରଚିତ୍ରଣରେ କେତେକ ଘଟଣାକୁ ଅତିରଞ୍ଜିତ ଭାବରେ ବର୍ଣ୍ଣନା କରାଯାଇଛି । ଉତ୍ତରରାୟଙ୍କ ମୃତ୍ୟୁ ପରେ ନଟବର ଦାସ ନିଷ୍ଠୁର କାକାଙ୍କୁ ଆସି ସମବେଦନା ଛଳରେ ବାନ୍ଧିବାର ଦୃଶ୍ୟ ଓ ମ୍ୟାଜିଷ୍ଟ୍ରେଟ ଡାଉସନଙ୍କ ପାଖରେ

ବୃନ୍ଦମଣିଙ୍କ ରିପୋର୍ଟ ମଞ୍ଜୁର କରାଇବା ସମୟରେ ଆଖିରେ ଗୋଲମରିଚ ଗୁଣ୍ଡଦେଇ ଲୁହ ଗଡ଼ାଇବାର ଚେଷ୍ଟା ପ୍ରଭୃତିରେ ନାଟକୀୟ ଅତିରଞ୍ଜନ ଦେଖିବାକୁ ମିଳେ । ଉପନ୍ୟାସର ଉପସଂହାରରେ ନାଜର ନଟବର ଦାସ କଚେରୀ ମଧ୍ୟରେ ପାଗଳଭାବରେ ଯେପରି ପ୍ରଳାପ ଓ ନାଚକୁଦ କରିଛନ୍ତି ତାହା ନାଟକୀୟ ଅତିରଞ୍ଜନର ଏକ ପ୍ରକୃଷ୍ଟ ଉଦାହରଣ । ଏହି ଅତିରଞ୍ଜନ ସାହାଯ୍ୟରେ ଫକୀରମୋହନ ପାଠକ ମନରେ ହାସ୍ୟଭାବ ସୃଷ୍ଟି କରିବାରେ କ୍ଷମ ହୋଇଛନ୍ତି । ନନ୍ଦବାବୁ ମାମୁଙ୍କ ଘରୁ ବାହାରି ଯାଇ ଅନ୍ୟମନସ୍କ ଭାବରେ କାଠଯୋଡ଼ୀ କୂଳରେ ମୁଣ୍ଡପୋତି ବସିଥିବା ଅବସ୍ଥାରେ ତାଙ୍କ ପଡ଼ୋଶୀ ପୀତାମ୍ବରଙ୍କ ସେଠାକୁ ଆଗମନରେ ଆକସ୍ମିକତା ପରିଲକ୍ଷିତ ହୁଏ । ଏହା ବ୍ୟତୀତ ଗୌଣ ଚରିତ୍ରକୁ ପରିସ୍ଫୁଟ କରିବା ପାଇଁ ଫକୀରମୋହନ ଅନାବଶ୍ୟକ ଭାବରେ ସେମାନଙ୍କର ଦୀର୍ଘ ଇତିବୃତ୍ତ ଦେଇଛନ୍ତି । ଏହା ଫଳରେ ଉପନ୍ୟାସର ରସାସ୍ୱାଦନରେ ବ୍ୟାଘାତ ଘଟେ । ଗେଦେଇ, ନାକପୋଡ଼ିଆ ମା, ମଙ୍ଗଳାଦେଈ ପ୍ରଭୃତି କେତେକ ଗୌଣ ଚରିତ୍ରର 'ପ୍ଲଟ୍' ସହିତ କ୍ଷୀଣ ସମ୍ପର୍କ ବିଦ୍ୟମାନ, କିନ୍ତୁ ସେମାନଙ୍କ ବର୍ଣ୍ଣନାରେ ବାହୁଲ୍ୟ ଦେଖାଯାଏ । ସେହିପରି ଭାବରେ ମାଧୁସାହୁ ମହାଜନର 'ପ୍ଲଟ୍' ସହିତ ସାମାନ୍ୟ ସମ୍ପର୍କ ଅଛି, କିନ୍ତୁ ଉପନ୍ୟାସରେ ତାହାର ସମ୍ପୂର୍ଣ୍ଣ ପରିବାରର କାହାଣୀ ସଂଯୋଜିତ ହୋଇଅଛି । ଆଲୋଚ୍ୟ ଉପନ୍ୟାସରେ ସାହୁଆଣୀ ଓ ଗୋବିନ୍ଦା ଚରିତ୍ରର ସମାବେଶର ଆବଶ୍ୟକତା ନାହିଁ । ଚରିତ୍ରଚିତ୍ରଣ ନିମିତ୍ତ ଫକୀରମୋହନଙ୍କ ମନରେ ବିଶେଷ ଆଗ୍ରହ ଥିଲା । ସାମାନ୍ୟ ସୁଯୋଗ ମିଳିଲେ ସେ କେତେଗୁଡ଼ିଏ ମନୋମୁଗ୍ଧକର ଚରିତ୍ର ଅଙ୍କନ କରି

ଦେଉଥିଲେ । ଏହି ସମ୍ପର୍କରେ ସୁରେନ୍ଦ୍ର ମହାନ୍ତି କହନ୍ତି, "ସେମାନଙ୍କୁ ବାଦ୍ ଦେଲେ, ଉପନ୍ୟାସର ହୁଏତ କୌଣସି ଅଙ୍ଗହାନି ନ ହୋଇ ପାରେ, କିନ୍ତୁ ଉପନ୍ୟାସର ସୌଷ୍ଠବହାନି ହେବା ସୁନିଶ୍ଚିତ ।" * ଉପନ୍ୟାସର ପ୍ରଥମାଂଶରେ ପୀତାମ୍ବରଙ୍କୁ ଉପଯୁକ୍ତ ଗୁରୁତ୍ୱ ଦିଆ ଯାଇଛି, କିନ୍ତୁ ଉପନ୍ୟାସର ଶେଷାଂଶରେ ତାଙ୍କର ଉଲ୍ଲେଖ ନାହିଁ କହିଲେ ଚଳେ । ପଣ୍ଡିତସର୍ବଶୀର୍ଷକ ପଞ୍ଚବିଂଶ ପରିଚ୍ଛେଦଟିର 'ପ୍ଲଟ୍' ସହିତ କୌଣସି ସମ୍ପର୍କ ନାହିଁ । ଦାର୍ଶନିକ ଟୀକା, ଟିପ୍ପଣୀ ଓ ବ୍ୟାଖ୍ୟାଯୁକ୍ତ ଏହି ପରିଚ୍ଛେଦଟି ସମ୍ପୂର୍ଣ୍ଣରୂପେ ବାଦ ଦିଆ ହୋଇଥିଲେ ଉପନ୍ୟାସର କୌଣସି କ୍ଷତି ହୋଇ ନ ଥାନ୍ତା । ଧର୍ମ ସମ୍ପର୍କରେ ଫକୀରମୋହନଙ୍କର କେତେକ ଧାରଣାକୁ ପାଠକ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଅପ୍ରାସଙ୍ଗିକ ଭାବରେ ଏହି ପରିଚ୍ଛେଦଟି ସଂଯୋଜିତ ହୋଇଛି ।

*ମାମୁଁ* ଉପନ୍ୟାସ ରଚନା କାଳରେ ବାଲେଶ୍ୱର ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସହିତ ଫକୀରମୋହନଙ୍କର ଘଣ୍ଟା ଘଣ୍ଟା ଧରି ଆଲୋଚନା ହେଉଥିଲା । ସେହି ଆଲୋଚନାର ମୁଖ୍ୟ ବିଷୟ ଥିଲା ଓଡ଼ିଆ ସାହିତ୍ୟ । ଏହି ସମୟରେ ପଲ୍ଲୀକବିଙ୍କ ନିକଟରୁ ଫକୀରମୋହନ ମାମୁଁଦ୍ୱାରା ନିର୍ଯ୍ୟାତିତ କୌଣସି ଭଣଜା ସମ୍ପର୍କରେ ଗୋଟିଏ କାହାଣୀ ଶୁଣିଥିଲେ ବୋଲି ଜଣାଯାଏ । ତାଙ୍କର *ବିରେଇ ବିଶାଳ* ନାମକ କ୍ଷୁଦ୍ରଗଳ୍ପ ମଧ୍ୟ ମାମୁଁର ଭଣଜାକୁ ଶୋଷଣ ବିଷୟ ଉପରେ ପ୍ରତିଷ୍ଠିତ । ତେଣୁ *ମାମୁଁ* ରଚନାରେ

* *ଫକୀରମୋହନ ସମୀକ୍ଷା*—ପୂର୍ବୋକ୍ତ ସୁରେନ୍ଦ୍ର ମହାନ୍ତି ।

ମାଣିକଘୋଷଙ୍କ ଠାରୁ ଶୁଣିଥିବା ଗଳ୍ପର ପ୍ରଭାବ ପଡିଥିବା ସମ୍ଭାବନା । ଜାମ୍‌ସ୍‌ ସାହେବ କଟକରେ କଲେକ୍ଟର ଥିବା ସମୟରେ ନାଜର ଦିବାକର ଦାସ ନିର୍ବିଘ୍ନରେ ନିଜର ଆଧିପତ୍ୟ ବିସ୍ତାର କରୁଥିଲେ, କିନ୍ତୁ ପୁଷ୍ଟ ସାହେବ କଲେକ୍ଟର ହେବା ପରେ ଦିବାକର ଦାସ ତାଙ୍କ ତୀକ୍ଷ୍ଣ ଦୃଷ୍ଟିରୁ ଅବ୍ୟାହତି ପାଇ ପାରି ନ ଥିଲେ । ଶେଷରେ ତାଙ୍କୁ ବିଦାୟ ନେବାକୁ ପଡିଥିଲା । ଏହି ସମ୍ପର୍କରେ ଗୋଟିଏ ପ୍ରବାଦ ମଧ୍ୟ ସେ ସମୟରେ ଲୋକ ମୁଖରେ ପ୍ରଚଳିତ ଥିଲା ।

"ଘନ ଅଠରଣ ଅମି
ବଜେ ବୋଇଲେ ପୁଷ୍ଟି
ଦିବାକର ଦାସ ଗଲେ ଖସି ।"

*ମାମୁଁ* ଉପନ୍ୟାସରେ ଡାଉସନଙ୍କ ପ୍ରିୟପାତ୍ର ହୋଇ ନାଜର ନଟବର ଦାସ ଆଧିପତ୍ୟ ବିସ୍ତାର କରିବା ଏବଂ ମି. ଜୋନ୍ସ ତାଙ୍କ ଦୁଷ୍କୃତି ଧରି ତାଙ୍କୁ ଶାସ୍ତି ଦେବା କାହାଣୀରେ ଉପର୍ଯ୍ୟୁକ୍ତ ଘଟଣାର ପ୍ରଭାବ ରହି ଥାଇପାରେ ।

ଲଛମଣିର ଜନ୍ମକୁଣ୍ଡଳୀ ଆଲୋଚନା ପ୍ରସଙ୍ଗରେ ଡଃ ନଟବର ସାମନ୍ତରାୟ ଲେଖିଛନ୍ତି "ଅନ୍ୟାନ୍ୟ ଚରିତ୍ରମାନଙ୍କ ପରି ଲଛମଣିକୁ ଜୀବମାନସର ସନ୍ତାନ ବୋଲି ପ୍ରଥମେ ଗ୍ରହଣ କରି ନେବାକୁ ଆପତ୍ତି ରହିବା ଉଚିତ ନାହିଁ; କାରଣ ଜନ୍ମକୁଣ୍ଡଳୀ ସାହାଯ୍ୟରେ ତା ଜନ୍ମର ବର୍ଷ, ମାସ, ଦିନ ଓ ମୁହୂର୍ତ୍ତକୁ ଆମେ ଯେପରି ଭାବେ ଧରି ପାରୁଛୁ ସେପରି ତାର ବ୍ୟକ୍ତିତ୍ୱରୂପଟି ଯେ ଆଦୌ କାଳ୍ପନିକ

ନୁହେ, ତାହା ବିଶ୍ୱାସ ନ କରି ରହି ହୁଏ ନାହିଁ । ବୃନ୍ଦମଣି ଜନ୍ମ-ମୁହୂର୍ତ୍ତର ଶୁଭାଶୁଭ ଫଳ ଓ ତଦନୁରୂପ ଉପନ୍ୟାସ ଘଟଣାର ସମ୍ୟକ୍ ସମାବେଶ—ଏ ଉଭୟକୁ ଏକତ୍ର ଅନୁଧ୍ୟାନ କଲେ ଆମର ଦୃଢ଼ ବିଶ୍ୱାସ ହୋଇଯାଏ, ଯେପରି ଫକୀରମୋହନ କୌଣସି ଏକ ଜୀବନ୍ତ ନାରୀର କରୁଣ ଜୀବନ ଏଥିରେ ଚିତ୍ରଣ କରିବାକୁ ଚେଷ୍ଟା କରିଛନ୍ତି । × × × × ହୁଏତ ଏ ଅନୁମାନ, କେବଳ ଅନୁମାନ ନୁହେଁ; ଏହା ବାସ୍ତବ ସତ୍ୟ । ଏଇ ସତ୍ୟ ଆମ ଚିତ୍ତରେ ବଦ୍ଧମୂଳ ହୋଇ ଯିବାର ଏକମାତ୍ର କାରଣ ହେଉଛି ବୃନ୍ଦମଣିର ଜନ୍ମକୁଣ୍ଡଳୀ ।" *

ଫକୀରମୋହନ ବକ୍ସିବଜାରରେ ନିଜ ବ୍ୟବହାର ପାଇଁ ଗୋଟିଏ ବଙ୍ଗଳା କିଣିଥିଲେ । ତାହାର ବୃହତ୍ ଆୟତନ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚବୃଦ୍ଧିରୁ ସେଥିରେ ସେ ବସବାସ କରି ନ ଥିଲେ । *ମାମୁ*ରେ ବର୍ଣ୍ଣିତ ଉଲସୀପୁରର ପଶ୍ଚିମ ପଟେ ଥିବା ବଙ୍ଗଳାକୁ ମହାଜନ ଶିଉଚରଣ ଭଗତ କ୍ରୟ କରିଥିଲେ କିନ୍ତୁ ତାହା ଲାଭଜନକ ନ ହେବାରୁ ପରିତ୍ୟକ୍ତ ହୋଇଥିଲା । ଫକୀରମୋହନ ଉତ୍ତରରାୟଙ୍କ ଉଆସ ଭିତରେ ରହିଥିବା ଗୋଟିଏ ସୁନ୍ଦର ବଗିଚାର ଚିତ୍ର ଅଙ୍କନ କରିଅଛନ୍ତି । ଏହି ବଗିଚା ଦିନେ ପୁଷ୍ପସମ୍ଭାରରେ ହସି ଉଠିଥିଲା । ଜମିଦାର ଓ ମଣିମାଙ୍କ ଅବସର ବିନୋଦନ ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ ଥିଲା । କିନ୍ତୁ ଜମିଦାରଙ୍କ ବିୟୋଗ ପରେ ବଗିଚାଟି ଧୀରେ ଧୀରେ ହତଶ୍ରୀ ହୋଇପଡ଼ିଲା । ଏହି ଉଦ୍ୟାନ ବର୍ଣ୍ଣନରେ ଫକୀରମୋହନଙ୍କର ନିଜ ଉଦ୍ୟାନ ଶାନ୍ତିକାନନର ସ୍ପଷ୍ଟ ପ୍ରଭାବ ପଡ଼ିଥିବାର ଅନୁଭୂତ ହୁଏ ।

---

* *ବ୍ୟାସକବି ଫକୀରମୋହନ*—ଶ୍ରୀ ନଟବର ସାମନ୍ତରାୟ ।

ଦୀର୍ଘ ଦିନ ଧରି ଫକୀରମୋହନ ରୋଗଶଯ୍ୟାରେ ପଡ଼ିଥିଲେ ଏବଂ ସେହି ସମୟରେ *ମାମୁଁ* ରଚିତ ହୋଇଛି । ଦୈହିକ ଓ ମାନସିକ ଅଶାନ୍ତି ତାଙ୍କ କଳାଶକ୍ତିକୁ ବ୍ୟାହତ କରି ପାରିନାହିଁ ସତ୍ୟ କିନ୍ତୁ କ୍ରମାଗତ ପରିଶ୍ରମ କରିବାରେ ସେ ଯଥେଷ୍ଟ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ଏହି ସମୟରେ ତାଙ୍କଦ୍ୱାରା ଲିଖିତ ଚିଠିପତ୍ରରୁ ଜଣାପଡ଼େ । ଏହା ଫଳରେ *ଛମାଣ ଆଠଗୁଣ*ର ସମଷ୍ଟିଗତ ପ୍ରଭାବ *ମାମୁଁ*ରେ ଅନୁଭୂତ ହୁଏ ନାହିଁ । କିନ୍ତୁ ଏହାର ଅଂଶ ବିଶେଷର ସୌନ୍ଦର୍ଯ୍ୟ ଖୁବ କମ୍ ଉପନ୍ୟାସରେ ଦୃଷ୍ଟିଗୋଚର ହୁଏ । *ମାମୁଁ*ରେ ଅନେକଗୁଡ଼ିଏ କାହାଣୀ ସନ୍ନିବେଶିତ ହୋଇଅଛି । ମୂଳ କଥାବସ୍ତୁ ସହିତ ସମ୍ପର୍କ ନ ଥିଲେ ମଧ୍ୟ କେତେକ କାହାଣୀକୁ ସର୍ବାଙ୍ଗସୁନ୍ଦର କରିବା ଦୃଷ୍ଟିରୁ ସେଗୁଡ଼ିକ ସ୍ୱୟଂସମ୍ପୂର୍ଣ୍ଣ କରିଛନ୍ତି । ଏହି ସମ୍ପର୍କରେ ଉଲ୍ଲେଖ କରାଯାଇ ପାରେ ଯେ *ଉତ୍କଳ ସାହିତ୍ୟ*ରେ ଧାରାବାହିକ ଭାବରେ *ମାମୁଁ* ପ୍ରକାଶଫଳରେ ପ୍ରତ୍ୟେକ ଅଂଶକୁ ସମ୍ପୂର୍ଣ୍ଣ ରୂପେ ଉପସ୍ଥାପିତ କରିବା ପାଇଁ ସେ ଚେଷ୍ଟା କରୁଥିଲେ । କାହାଣୀଗୁଡ଼ିକର ଏହି ପୂର୍ଣ୍ଣତା ଫକୀରମୋହନଙ୍କ ରଚନା କୌଶଳର ଉତ୍କୃଷ୍ଟ ଉଦାହରଣ । *ମାମୁଁ* ବାସ୍ତବିକ ଏକ ରତ୍ନହାର । ବିଭିନ୍ନ ରତ୍ନ ସମାବେଶରେ ଏହା ଜ୍ୟୋତିଷ୍ମାନ୍ । ଗୋଟିଏ ରତ୍ନ ଓ ଅନ୍ୟ ରତ୍ନ ମଧ୍ୟରେ ହୁଏତ ସାମାନ୍ୟ ଶୂନ୍ୟ ସ୍ଥାନ ରହି ଯାଇଛି । ତଥାପି ପ୍ରତ୍ୟେକଟି ରତ୍ନ ଯେପରି ମୂଲ୍ୟବାନ ସେହିପରି ଦୁର୍ଲ୍ଲଭ । ଏହି ଦୁର୍ଲ୍ଲଭ ରତ୍ନଗୁଡ଼ିକ ସଂଯୋଜନାରେହିଁ *ମାମୁଁ* ଫକୀରମୋହନଙ୍କ ଶ୍ରେଷ୍ଠ ଉପନ୍ୟାସ ରୂପେ ବିବେଚିତ ହେଉଅଛି ।

( ୬ )

ଊନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ସନ୍ଧିସ୍ଥଳ ଓଡ଼ିଶାର ସାମାଜିକ ଜୀବନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ଏହି ସମୟରେ କଲିକତାରେ ଇଂରାଜୀ ଶିକ୍ଷାଦୀକ୍ଷା, ଆଚାର ବ୍ୟବହାର ଓ ଚାଲିଚଳନ ତାର ସୁଦୃଢ଼ ଆସନ ପ୍ରତିଷ୍ଠା କରି ସାରିଥାଏ ଏବଂ ଏହା ଫଳରେ ଭାରତର ପରମ୍ପରା ଏବଂ ନୂଆ ପାଶ୍ଚାତ୍ୟ ସଭ୍ୟତା ମଧ୍ୟରେ ସୃଷ୍ଟି ହୋଇଥାଏ ଗୋଟିଏ ଦ୍ୱନ୍ଦ୍ୱ । ସାମାଜିକ ଜୀବନକୁ ଶୃଙ୍ଖଳିତ କରିବା ପାଇଁ ସବୁ ଯୁଗରେ ଏବଂ ସବୁ ଦେଶରେ କେତେ-ଗୁଡ଼ିଏ ନିୟମ ପ୍ରବର୍ତ୍ତିତ ହୁଏ ଏବଂ ଏହି ନିୟମଗୁଡ଼ିକ ପ୍ରଥମେ ପ୍ରବର୍ତ୍ତିତ ହେବା ସମୟରେ ସେ ଗୁଡିକର ପ୍ରାଣଶକ୍ତି ଥାଏ । କିନ୍ତୁ କାଳକ୍ରମେ ଏ ପ୍ରାଣଶକ୍ତି ପରିବର୍ତ୍ତରେ କେତେଗୁଡ଼ିଏ ବାହ୍ୟାଡ଼ମ୍ବର ମୁଖ୍ୟ ଆସନ ଗ୍ରହଣ କରେ । ସେଥିପାଇଁ ଯେ କୌଣସି ନୂଆ ସଭ୍ୟତାର ପ୍ରଭାବ ପଡ଼ିବା ମାତ୍ରେ ଏହି ବାହ୍ୟାଡ଼ମ୍ବର ଉପରେ ଆକ୍ରମଣ ହୁଏ । ତାହା ଛଡ଼ା ପ୍ରାଚୀନ ଓ ନବୀନ ସଭ୍ୟତା ମଧ୍ୟରେ ଦ୍ୱନ୍ଦ୍ୱ ସାଧାରଣତଃ ଏକ ବୈପ୍ଳବିକ ମତ ସୃଷ୍ଟି କରେ । ଫଳରେ ସାମାଜିକ ଆବିଳତା ଦୂର ହେବା ସଙ୍ଗେ ସଙ୍ଗେ ଯାହା କିଛି ପ୍ରାଚୀନ ତାହା ସମସ୍ତ ବଦଳାଇବାର ଚେଷ୍ଟା ପରିଲକ୍ଷିତ ହୁଏ । ଏହାହିଁ ସାଧାରଣତଃ ସମାଜ ସଂସ୍କାରର ଆଦିମ ରୂପ । ସମାଜସଂସ୍କାର ଦୁହାଇରେ ଅନେକ ସମୟରେ ବିବେଚନା-

ଶକ୍ତି ଭାବପ୍ରବଣତାଦ୍ୱାରା ପ୍ରଭାବିତ ହୋଇଯାଏ । ଏଥିପାଇଁ ଆନ୍ଦୋଳନ ତୀବ୍ରଭାବରେ ଅନୁଭୂତ ହୁଏ । ଏହି ପରିସ୍ଥିତି ଭିତରୁ ପୁଣି ପ୍ରକୃତ ସମାଜ ସଂସ୍କାରକ ନ ବାହାରନ୍ତି ସେ ନୁହେଁ । କିନ୍ତୁ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଯଥେଷ୍ଟ । କେବଳ ଉତ୍ତେଜନାର ବଶବର୍ତ୍ତୀ ହୋଇ ସମାଜସଂସ୍କାର କରିବାର ଚେଷ୍ଟା ବିଫଳତାରେ ପର୍ଯ୍ୟବସିତ ହୁଏ ।

କଲିକତାରେ ପାଶ୍ଚାତ୍ୟ ସଭ୍ୟତା ପୂର୍ଣ୍ଣ ପ୍ରଭାବ ପକାଇବା ପରେ ପରେ ପଡ଼ୋଶୀ ଉତ୍କଳରେ ମଧ୍ୟ ତାହାର ପ୍ରଭାବ ସାମାଜିକ ସ୍ତରରେ ଏକ ଆଲୋଡ଼ନ ସୃଷ୍ଟି କଲା । ଫଳରେ ସମାଜର ଚିରାଚରିତ ପ୍ରଥାଗୁଡ଼ିକ ଧୀରେ ଧୀରେ ଲୋପ ପାଇବାକୁ ଲାଗିଲା । କିନ୍ତୁ ସଙ୍ଗେ ସଙ୍ଗେ କୌଣସି ବିକଳ୍ପ ପରମ୍ପରା ସୃଷ୍ଟି ହୋଇ ପାରିଲା ନାହିଁ । ଫକିରମୋହନ ***ଛମାଣ ଆଠଗୁଣ*** ଏବଂ ***ମାମୁ***ରେ ସେହି କଥାର ଚିତ୍ରଣ କରି ସମାଜସଂସ୍କାରର ନିଦର୍ଶନ ଦେଖାଇଛନ୍ତି । ତେଣୁ ସମାଜସଂସ୍କାରକୁ ମୁଖ୍ୟବସ୍ତୁ ରୂପେ ଗ୍ରହଣ କରି ସେ ***ପ୍ରାୟଶ୍ଚିତ*** ଉପନ୍ୟାସ ରଚନା କରିଛନ୍ତି ।

ଦଶଗ୍ରାମ ତାଲୁକାରେ ଚନ୍ଦନପୁରଗାଁ—ଗାଁ ଟାଯାକ ନିରୋଳା କରଣବସ୍ତି । ଏମାନେ ସମସ୍ତେ ଶ୍ରୀକରଣ । ଏମାନଙ୍କ ଜାତିଆଣ ଗର୍ବ କହିଲେ ନ ସରେ । ଏମାନଙ୍କ ମତରେ ଆଉ ଗୁଡ଼ାକ ନାମ ମହାନ୍ତି—ଗାଁ । ମହାନ୍ତି—ମହାନ୍ତି ପାଖରେ ଥାଇ ମହାନ୍ତ । ଦଶଗ୍ରାମୀ ଜମିଦାର ସାମନ୍ତ ବୈଷ୍ଣବ ଚରଣ ବିଦ୍ୟାଧର ପଟ୍ଟନାୟକ ମହାପାତ୍ର— ଜିଲ୍ଲା ମଧ୍ୟରେ ସେ ଜଣେ ନାମଡାକ ଜମିଦାର । ତାଙ୍କ ମାନ ମର୍ଯ୍ୟାଦା କହିଲେ ନ ସରେ । କିନ୍ତୁ ସାମନ୍ତ ସଙ୍କର୍ଷଣ ମହାନ୍ତିଙ୍କ ସୁଖ୍ୟାତି ବିଷୟ ଶୁଣିଲେ ସେ ସହି ପାରନ୍ତି ନାହିଁ । ସଙ୍କର୍ଷଣ ମହାନ୍ତି

ସମସରପୁର କରଣ ବସତିରେ ପ୍ରଧାନ ଓ ଜମିଦାର । ସମସରପୁରଟା କରଣବଡ଼ିଆ ଜାଗା, ହେଲେ ଦଶଗ୍ରାମୀ ଶ୍ରୀକରଣମାନେ ସାମନ୍ତ ଗଣାଗଣିବେଳେ ଏମାନଙ୍କ ନାମରେ କଲମ ବୁନ୍ଦା ବସାନ୍ତି ନାହିଁ । ତାଙ୍କ ମତରେ ସେମାନେ କୃଷ୍ଣପକ୍ଷିଆ ମହାନ୍ତି, ଗୋଲାମ ମହାନ୍ତି । ସଙ୍କର୍ଷଣ ମହାନ୍ତିଏ ସାମାନ୍ୟ କୁଳକାମରୁ ବୁଦ୍ଧିବଳରେ ବହୁ ସମ୍ପତ୍ତି ଅର୍ଜି ପାରିଛନ୍ତି । ଲୋକମାନେ କହନ୍ତି ତାଙ୍କର ଭଣ୍ଡ ଯେତେ ତୋରା ତେତେ । ଅନ୍ୟକୁ ସାହାଯ୍ୟ କରିବାରେ ସେ ମୁକ୍ତହସ୍ତ, ତେଣୁ ତାଙ୍କର ଯଥେଷ୍ଟ ଖ୍ୟାତି । ବୈଷ୍ଣବଚରଣ ପଟ୍ଟନାୟକ ଧାର୍ମିକ ଓ ପରୋପକାରୀ ହେଲେ କଅଣ ହେବ, ତାଙ୍କର ଗର୍ବ ଥିଲା ସେ ସେ କରଣକୁଳର ମୁଣ୍ଡମଣି । ସଙ୍କର୍ଷଣ ମହାନ୍ତି ଯେତେ ବଡ଼ ଜମିଦାର ବା ଜୋତଦାର ହୁଅନ୍ତୁ, ଯେତେହେଲେ କୃଷ୍ଣପକ୍ଷିଆ ମହାନ୍ତିଟାଏତ—ଦେଶଯାକ ଲୋକ ତାଙ୍କର ସୁଖ୍ୟାତି ଗାଇ ବୁଲିବେ ତାଙ୍କ ପକ୍ଷରେ ଏହା ସହିବା ଉଚିତ ନୁହେ ।

ସଙ୍କର୍ଷଣ ମହାନ୍ତିଙ୍କର ଧନ ଜନ ସବୁଥାଏ ସତ, କିନ୍ତୁ ମନ ଭିତରେ ଥାଏ ଗୋଟିଏ କଥା ପାଇଁ ଗଭୀର ଅନୁଶୋଚନା । ତାଙ୍କର ଆଶା ଆକାଙ୍କ୍ଷା ସବୁକିଛି ଠୁଳ ହୋଇଥାଏ ଶ୍ରୀକରଣ ଗୋଷ୍ଠୀରେ ମିଶିବା ପାଇଁ । ସେ ଯେତେ ଚେଷ୍ଟା କଲେ ମଧ୍ୟ ସଫଳ ହୋଇ ପାରୁ ନ ଥାନ୍ତି । ଶେଷରେ ସେ ଚାହିଁଲେ ବୈଷ୍ଣବଚରଣଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ । ବୈଷ୍ଣବଚରଣଙ୍କ କାନରେ ଏ କଥା ପଡ଼ିବା ମାତ୍ରେ ସେ ରାଗରେ ଅସ୍ଥିର ହୋଇ କହିଲେ, "ଗୋଲାମ ମହାନ୍ତି ଦୁଆରେ ଶ୍ରୀକରଣ ସାମନ୍ତମାନେ ଚକା ମାଡ଼ି ବସି ଡାଲି ଭାତ ହାପୁଡ଼ିବେ ଟି ? ଯେତିକି ହେଲା ସେତିକିରେ ଥାଉ ।"

କଥାଟା ଖୁବ୍ ଚଞ୍ଚଳ ଠୁକ୍ କରି ସଙ୍କର୍ଷଣ ମହାନ୍ତିଙ୍କ କାନରେ ପଡ଼ିଗଲା । ସେ ତାଙ୍କର ତହବିଲ, ମହାଜନୀ, ଅମାରି ଓ ଜମିଦାରୀକୁ ପଣ କରି ଦେଲେ । ଦୁଇପକ୍ଷ ମଧ୍ୟରେ ଫୌଜଦାରୀ, ଦେବାନୀ ଓ ପୋଲିସ ମାମଲା ଦାଏର ହେଲା । ଏଥିରେ କେତେ ଲୋକ ଯେ ହଇରାଣ ହେଲେ ତାହାର ଖବର ରଖୁଛି କିଏ ।

ବୈଷ୍ଣବଚରଣ ପଟ୍ଟନାୟକଙ୍କର ଅନେକ ଦିନ ପର୍ଯ୍ୟନ୍ତ କୌଣସି ସନ୍ତାନ ନ ହେବାରୁ ସେ ତାଙ୍କ କୁଳଦେବତା ଗୋବିନ୍ଦ-ଚନ୍ଦ୍ରଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ସାଆନ୍ତାଣୀ ଢେର ବାରବ୍ରତ କରି କୁଳଦେବତାଙ୍କ ପାଖେ ଧାରଣା ପଡ଼ି ରହି ପୁତ୍ରରତ୍ନଟିଏ ପାଇଲେ । ତେଣୁ ପୁଅର ନାମ ରଖାଗଲା ଗୋବିନ୍ଦଚନ୍ଦ୍ର । ସାଆନ୍ତାଣୀଙ୍କ ବାପଘର ଗୋପାଳପୁର ଗ୍ରାମରେ । ପିଲାଦିନୁ ପଡ଼ୋଶୀ ଦରିଦ୍ର କରଣଘର ପିଲା ଦୁଃଶାସନ ସଙ୍ଗରେ ତାଙ୍କର ହସ, ଖେଳ କୌତୁକ । ପିଲାଯୋଡ଼ିକ ଯେପରି ଏକା ମା ପେଟର ଭାଇ ଭଉଣୀ । ସାଆନ୍ତାଣୀଙ୍କ ବିଭାଘର ପରେ ସେ ସାଆନ୍ତଙ୍କୁ କହି ଦୁଃଶାସନକୁ ଜମିଦାରୀରେ କର୍ମଚାରୀ ଭାବରେ ରଖାଇ ଦେଲେ । ଦୁଃଶାସନ ଅଳ୍ପ ବୟସରେ ମରିଗଲା । ମଲାବେଳକୁ ତାର ଗୋଟିଏ ମାତ୍ର ପୁଅ ଥିଲା । ତାର ବୟସ ଚାରି ବର୍ଷ, ନାମ ସଦାନନ୍ଦ । ସାଆନ୍ତାଣୀ ଅତି ଦୟାରେ, ଅତି ସ୍ନେହରେ ପୁଅଟିକୁ ନିଜ କୋଳକୁ ଟେକି ନେଲେ । ସେତେବେଳେ ଗୋବିନ୍ଦ ବର୍ଷକର ପିଲା । ସେହିଦିନୁ ଗୋବିନ୍ଦ ଓ ସଦାନନ୍ଦ ଦୁଇ ଭାଇ ପରି ବଢ଼ିବାକୁ ଲାଗିଲେ । ସାଆନ୍ତାଣୀ ଗୋବିନ୍ଦ ଅପେକ୍ଷା ସଦାନନ୍ଦକୁ ଅଧିକ ସ୍ନେହ କରୁଥିଲେ, କାଳେ ତା ମନରେ ଦୁଃଖ ଲାଗିବ ବୋଲି । ଥରେ ମାମଲା ସମ୍ପର୍କରେ ପଟ୍ଟନାୟକ

ଯେତେବେଳେ କଟକ ଯାଇଥିଲେ ତାଙ୍କୁ ଓକିଲ ଓ ଡେପୋଟିମାନେ ବୁଝାଇ ଦେଲେ ଯେ ତାଙ୍କ ପୁଅକୁ ଇଂରାଜୀ ପଢ଼ାଇବା ଏକାନ୍ତ ଆବଶ୍ୟକ । ପଟ୍ଟନାୟକ ମଧ୍ୟ ମନରେ ସ୍ୱୀକାର କଲେ "ସତ ଏକା, ଆଜିକାଲି ଇଂରାଜୀ ନ ଜାଣିଲେ କିଛି ନୁହେ । ଏଇଟା ହେଲା ହାକିମ ଘର ପାଠ, ହାକିମକୁ କିଛି ଜଣାଇବାକୁ ହେଲେ ତାଙ୍କର କଥାରେ ବୁଝାଇବାକୁ ହେବ, ତୁମ ଆମ କଥା ସେମାନେ ବୁଝିବେ କ୍ୟାଁ ?"

କଟକ ଶେଖ୍‌ବଜାରରେ ସାଆନ୍ତଙ୍କର ଗୋଟିଏ ବଡ଼ କୋଠାଘର ଥିଲା । ଗୋବିନ୍ଦ ଓ ସଦାନନ୍ଦ ସେଇଠାରେ ରହି କଟକ ମିଶନ ସ୍କୁଲରେ ପଢ଼ିବାକୁ ଲାଗିଲେ । କ୍ରମେ ସେମାନେ ମେଟ୍ରିକ୍ୟୁଲେଶନ ପାସ କରି କଲେଜରେ ପଢ଼ିଲେ । କଟକ ଆସିଲାବେଳେ ତାଙ୍କ ବସାରେ ଉଆସର ବୁଢ଼ା କରଣ ଥିଲେ । କଲେଜରେ ପଢ଼ିବା ପରେ ସଦାନନ୍ଦ କରଣଟିକୁ ବିଦା କରିଦେଇ ନିଜେ ବସାଖର୍ଚ୍ଚ ହିସାବ ବୁଝିଲେ । ତାଙ୍କ ସଙ୍ଗରେ ରହିଥାଏ ସଇତା—ସେ ଜାତିରେ ଭଣ୍ଡାରି । "ଭଣ୍ଡାରି ବାପୁଡ଼ା ହେଲେ କଣ ହେଲା, ଲୋକଟା ଯେମନ୍ତ ବୁଦ୍ଧିଆ ସେହିପରି ବିଶ୍ୱାସୀ, ଅନ୍ନଦାତାଙ୍କୁ ଦେବତା ବୋଲି ମଣେ, ବେଳ ପଡ଼ିଲେ ମୁନିବ ସକାଶେ ଜୀବନ ଦେଇ ପାରେ ।"

ସଙ୍କର୍ଷଣ ମହାନ୍ତିଙ୍କ ସ୍ତ୍ରୀ ଲଳିତା ଦେଈ ଅକାଳରେ ପରଲୋକ ଗମନ କଲେ । ଘରେ ରଖିଦେଇ ଗଲେ ଗୋଟିଏ ମାତ୍ର ଝିଅ, ନାମ ତାର ଇନ୍ଦୁମତୀ । ସାଆନ୍ତେ ଏଣୁତେଣୁ ଅନେକ କଥା କହି ଇନ୍ଦୁକୁ ଭୁଲାଇ ରଖନ୍ତି । କିନ୍ତୁ ଏ ସବୁ କଥା କହିଲାବେଳେ ଇନ୍ଦୁର ଆଖିରେ ଲୁହ ଛଳ ଛଳ ହେଉଥାଏ । ଉଆସରେ ଇନ୍ଦୁର ଏକମାତ୍ର ସାଙ୍ଗ ଥାଏ

ମନୁଆ, ମା ବାପ ଛେଉଣ୍ଡ ଝିଅ । କଥାବାର୍ତ୍ତାରୁ ଜଣାଯାଏ ସେ ଭଲଲୋକ ଘର ଝିଅ ହେବ । ମହାନ୍ତଙ୍କ ଉଆସରେ ଆଉ ଗୋଟିଏ ପିଲା ଥାଏ, ତା ନାମ ରାଜୀବଲୋଚନ । ତାର ପିତୃବଂଶର କୌଣସି ଜଣାଶୁଣା ଇତିହାସ ନାହିଁ । ତାର ବିଧବା ମାତା ଉଆସରେ ରହି ଉଆସ କଥା ସମସ୍ତ ବୁଝାବୁଝି କରନ୍ତି । ଅନେକଗୁଡିଏ କରଣ ପିଲା ମହାନ୍ତଙ୍କ ଖର୍ଚ୍ଚରେ ପଢ଼ନ୍ତି । ରାଜୀବଲୋଚନ ସେମାନଙ୍କ ମଧ୍ୟରେ ଜଣେ । ଏଣ୍ଟ୍ରାନ୍ସ ପାସ କରିବା ପରେ ସେ ମଧ୍ୟ ସଦାନନ୍ଦ ଓ ଗୋବିନ୍ଦଚନ୍ଦ୍ରଙ୍କ ସହିତ କଟକ କଲେଜରେ ପଢ଼ୁଥାନ୍ତି । କଲେଜ ଛାତ୍ରମାନେ ଜାଣନ୍ତି ରାଜୀବଲୋଚନ ସଙ୍କର୍ଷଣଙ୍କ ନିର୍ଧନ ଭଣଜା ।

କଲେଜ ପିଲାମାନେ ଗୋଟିଏ ଆଲୋଚନା ସଭା କରୁଥିଲେ । ପ୍ରତିମାସର ପ୍ରଥମ ସପ୍ତାହ ଶନିବାର ସନ୍ଧ୍ୟା ସମୟରେ ସଭାର ଅଧିବେଶନ ହେଉଥିଲା । ସେଥିରେ ସମାଜସଂସ୍କାର ପାଇଁ ନାନା ବିଷୟ ଆଲୋଚିତ ହେଉଥିଲା । ମାତୃଭାଷାର ଉନ୍ନତି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏବଂ ସେଥିପାଇଁ ଆଲୋଚନା ସଭାର ପ୍ରତ୍ୟେକ ଅଧିବେଶନର ନୂତନ ନୂତନ ଗଦ୍ୟପଦ୍ୟମାନ ପଠିତ ହେଉଥିଲା । ଏହି ଆଲୋଚନା ସମ୍ପର୍କରେ ଆସି ଗୋବିନ୍ଦଚନ୍ଦ୍ରଙ୍କ କବିପ୍ରତିଭା ବିକଶିତ ହୋଇଥିଲା ଏବଂ ସେ ସଭାର ସଭ୍ୟମାନଙ୍କ ମଧ୍ୟରେ କବି ଭାବରେ ପ୍ରତିଷ୍ଠା ଲାଭ କରି ପାରିଥିଲେ । କିନ୍ତୁ ଦିନେ ରାଜୀବଲୋଚନ ହଠାତ୍ କହିଦେଲେ "ମୁଁ ନିଶ୍ଚିତରୂପେ କହିପାରେ କବିତାର ଓଜୋଗୁଣ, ମାର୍ଜିତ ଶବ୍ଦାବଳୀର ସଂଯତ ବିନ୍ୟାସ ବିଷୟ ବୁଝିବାକୁ ଗଲେ ତୁଳନାରେ ଆମ ଇନ୍ଦୁର କବିତା ଢେର ଉପରେ ଆସନ ପାଇବାର ଯୋଗ୍ୟ ।" ରାଜୀବଲୋଚନ ଓ ଗୋବିଚନ୍ଦ୍ରଙ୍କ ମଧ୍ୟରେ ପ୍ରୀତି ବା ସଦ୍ଭାବ କେବେ

ନ ଥିଲା । "ଏହା ମଧ୍ୟ ଅନେକ ଥର ଦେଖାଯାଇଅଛି ଗୋବିନ୍ଦ-ଚନ୍ଦ୍ରଙ୍କ କବିତା ପାଠ ବା ପ୍ରଶଂସା ସମୟରେ ରାଜୀବଲୋଚନଙ୍କ ମୁଖରେ ଯେମନ୍ତ ଗୋଟାଏ ବିରକ୍ତି ପ୍ରକାଶ ପାଏ । ପୁଣି ଏହା ମଧ୍ୟ ସଚରାଚର ପ୍ରତ୍ୟକ୍ଷ ହୁଏ ଯେ, ତାଲୁକେ ସମସରପୁର ଓ ତାଲୁକେ ଦଶଗ୍ରାମ କରଣ ସାଆନ୍ତ ଗୋଷ୍ଠୀର, ଏମନ୍ତ କି, ଯୋଡ଼ିଏ ମାର୍ଜାର-ଶିଶୁର ଦୈବାତ୍ ଭେଟ ହୋଇଗଲେ ପରସ୍ପର ଗର୍ଜନ କରି ଉଠନ୍ତି ।" ଗୋବିନ୍ଦଚନ୍ଦ୍ରଙ୍କ ପ୍ରଶଂସା ସହି ନ ପାରି ବିଦ୍ୱେଷଭାବାପନ୍ନ ହୋଇ ରାଜୀବଲୋଚନ ଇନ୍ଦୁମତୀଙ୍କ କବିପ୍ରତିଭା ବିଷୟ ପ୍ରକାଶ କରିଥିଲେ ଏବଂ ସେହି ସମୟରେ ଗୋବିନ୍ଦଚନ୍ଦ୍ରଙ୍କ ମୁଖଭାବ ପ୍ରତି ଲକ୍ଷ୍ୟ ରଖି ତାଙ୍କ ମନରେ ଆନନ୍ଦ ଜାତ ହେଉଥିଲା । କିନ୍ତୁ ଇନ୍ଦୁମତୀଙ୍କ ବିଦ୍ୟା ଭିତରେ ସେ କେବଳ ଗୃହଶାଳୀକୁ ଯାଇଥିଲେ । ଏବଂ ମଠୁଆ ସହିତ ଜାଗୋଲାରେ ବସି "ଶ୍ରୀକୃଷ୍ଣ ଅଷ୍ଟପାଟବଂଶୀ, କଦମ୍ବ ଗଛ, ପଦ୍ମଫୁଲ ଚିତ୍ର" ଆଙ୍କୁଥିଲେ । ରାଜୀବଲୋଚନଙ୍କ ଏହି ମନ୍ତବ୍ୟର ଫଳ ଯାହା ହେଲା ତାହା ବାସ୍ତବିକ ଅତି ଆଶ୍ଚର୍ଯ୍ୟଜନକ ।

ଇନ୍ଦୁମତୀଙ୍କ କବିତ୍ୱ ଶୁଣିବା ଦିନଠାରୁ ଗୋବିନ୍ଦଚନ୍ଦ୍ରଙ୍କ ଚିତ୍ତ ଚାଞ୍ଚଲ୍ୟ ଦେଖାଦେଲା । ସବୁ କିଛି ବୈରି ଭାବ ଭୁଲି ସେ ରାଜୀବ-ଲୋଚନଙ୍କ ସହିତ ବନ୍ଧୁତା ସ୍ଥାପନ କଲେ ଏବଂ କ୍ରମେ କ୍ରମେ ତାହା ଗାଢ଼ତର ହେଲା । ରାଜୀବଲୋଚନ ମଧ୍ୟ ଏହି ସୁଯୋଗରେ ଅନ୍ୟ କଥା ପ୍ରସଙ୍ଗରେ ଇନ୍ଦୁମତୀଙ୍କ ରୂପ ଓ ଗୁଣମାନ ବର୍ଣ୍ଣନା କରି ଗୋବିନ୍ଦ-ଚନ୍ଦ୍ରଙ୍କ ଆକର୍ଷଣ ବଢ଼ାଇବାକୁ ଲାଗିଲେ । ମାନସିକ ଅଶାନ୍ତି ଫଳରେ ଗୋବିନ୍ଦଚନ୍ଦ୍ରଙ୍କ ସ୍ୱାସ୍ଥ୍ୟହାନି ଘଟିଲା ଏବଂ ଗ୍ରୀଷ୍ମଛୁଟିରେ ସେ ଯେତେବେଳେ ଗାଁକୁ ଫେରିଲେ ସେତେବେଳେ ମା ତାଙ୍କୁ ଦେଖିବା

ମାନେ କାନ୍ଦ ପକାଇଲେ । କିନ୍ତୁ ସଦାନନ୍ଦ ମିଛରେ ବୁଝାଇ ଦେଲେ ଯେ କଲେଜ ପରୀକ୍ଷା ପାଇଁ ବେଶୀ ପାଠ ପଢ଼ିବାରୁ ଗୋବିନ୍ଦର ଦେହ ଶୁଖି ଯାଇଥିଲା । କିନ୍ତୁ ସାଆନ୍ତାଣୀଙ୍କ ମନରେ ସନ୍ଦେହ ରହିଗଲା । ସେ ପଟ୍ଟନାୟକଙ୍କୁ ଲଗାଇଲେ ସେହି ବର୍ଷ ଭିତରେ ସଦାନନ୍ଦ ଓ ଗୋବିନ୍ଦ ଉଭୟଙ୍କର ବିଭାଘର କରିଦେବା ପାଇଁ । ଏହି କଥା ପ୍ରଘଟ ହେବା ମାତ୍ରେ ନାନା ସ୍ଥାନରୁ କନ୍ୟା ଟିପଣା ଧରି ଲୋକମାନେ ଆସିବାକୁ ଲାଗିଲେ । ତା ଭିତରୁ ସାଆନ୍ତେ କେବଳ ଦୁଇଟି କୋଷ୍ଠୀ ବାଛି ରଖିଲେ କିନ୍ତୁ ସମସ୍ତଙ୍କ ସଙ୍ଗରେ ଏପରି ଭାବରେ କଥାବାର୍ତ୍ତା କଲେ ଯେ କେହି ନିରାଶ ହୋଇ ଫେରିଲେ ନାହିଁ ।

ଏଣେ ଗୋବିନ୍ଦ ସଙ୍ଗରେ ଇନ୍ଦୁମତୀଙ୍କ ବିବାହ ଯୋଗାଡ଼ କରି ଦେବାପାଇଁ ସଦାନନ୍ଦ ରାଜୀବଲୋଚନଙ୍କୁ ପ୍ରତିଶ୍ରୁତି ଦେଇଥାନ୍ତି ଏବଂ ଗୋପନରେ ନାନା ଆୟୋଜନ କରୁଥାନ୍ତି । ଅନ୍ୟ ସ୍ଥାନରେ ବିବାହ କଲେ ଏହି ଉଦ୍ୟମ ପଣ୍ଡ ହୋଇଯିବ; ସେଥିପାଇଁ ସଦାନନ୍ଦ ନିଜେ ଚିହ୍ନା ନ ପଡ଼ି ଗୋବିନ୍ଦଙ୍କୁ ବିବାହ ପ୍ରସ୍ତାବରେ ରାଜି ନ ହେବା ପାଇଁ ପ୍ରବର୍ତ୍ତାଇଲେ । କଲେଜ ଛୁଟି ଶେଷ ହେବାକୁ ଆଉରି ୧୭ ଦିନ ଥାଏ । ସଦାନନ୍ଦଙ୍କ ଚକ୍ରାନ୍ତ ଅନୁସାରେ କଲେଜ ପ୍ରିନ୍ସିପାଲଙ୍କର ଗୋଟିଏ ଜାଲ ଚିଠି ଆସି ପହଞ୍ଚିଲା ଏବଂ ସେହି ଚିଠି ଦେଖାଇ ସଦାନନ୍ଦ ଓ ଗୋବିନ୍ଦ ସମସ୍ତଙ୍କର ଅନିଚ୍ଛାସତ୍ତ୍ୱେ କଟକ ବାହାରି ଗଲେ । ଏତେ ଶୀଘ୍ର ତାଙ୍କୁ ଯିବାକୁ ପଡ଼ିଲା ଯେ ଶୁଭମୁହୂର୍ତ୍ତ ଦେଖିବା ପାଇଁ କାହାରି ମନରେ ପଡ଼ିଲା ନାହିଁ । କିନ୍ତୁ ଠିକ୍ ସେମାନେ ବାହାରିଯିବା ପରେ ପାଠଯୋଷୀଙ୍କଠାରୁ ସାଆନ୍ତେ ଶୁଣିଲେ ଯେ ସେ ଦିନଟା ଗୋବିନ୍ଦଚନ୍ଦ୍ରଙ୍କ ପାଇଁ ନିହାତି ଅଶୁଭ ।

ନକ୍ଷତ୍ର, ଚନ୍ଦ୍ର, କାଳ, ସବୁ କିଛି ପ୍ରତିକୂଳ । ରିଷ୍ଟ ଶାନ୍ତି ପାଇଁ ଗୋଟିଏ ଗ୍ରହ ଭିକ୍ଷାରିକା ଯଜ୍ଞ କରିବାକୁ ସ୍ଥିର ହେଲା ।

କଟକ ଆସିବା ପରେ ସଦାନନ୍ଦ, ଗୋବିନ୍ଦ ଓ ରାଜୀବ-ଲୋଚନଙ୍କର ଚାଲିଚଳନରେ ଯଥେଷ୍ଟ ପରିବର୍ତ୍ତନ ଦେଖାଗଲା । ରାଜୀବଲୋଚନଙ୍କ ଘରେ ପ୍ରାୟ ଦିନେ ଛଡ଼ା ଦିନେ ଭୋଜି ହେବାକୁ ଲାଗିଲା । ଏହି ଭୋଜି ଉପଲକ୍ଷେ ସଭାର ମଧ୍ୟ ଆୟୋଜନ ହେଉଥିଲା । ଦିନେ ଏହିପରି ଗୋଟିଏ ଭୋଜି ସଭାରେ ଗୋବିନ୍ଦ ଚନ୍ଦ୍ରଙ୍କୁ ସଭାପତି ରୂପେ ବରଣ କରାଗଲା । ସେହି ସଭାରେ କମଳଲୋଚନ ବାବୁ ଯୌନ ନିର୍ବାଚନ ପ୍ରସଙ୍ଗରେ ପାଖ ଆଠପୃଷ୍ଠାବ୍ୟାପୀ ଏକ ପ୍ରବନ୍ଧ ପାଠ କଲେ । ପଶୁ, ପକ୍ଷୀ, କୀଟପତଙ୍ଗମାନଙ୍କର ଉଦାହରଣ ଦେଇ ଏବଂ ବିଭିନ୍ନ ଦେଶରେ ପ୍ରଚଳିତ ଯୌନ ମିଳନ ପ୍ରଥାର ଦୃଷ୍ଟାନ୍ତ ଦେଖାଇ ସେ ହିନ୍ଦୁ ସମାଜରେ ପ୍ରଚଳିତ ବୈବାହିକ ରୀତିର ତୀବ୍ର ସମାଲୋଚନା କଲେ । ସଭାର ସମସ୍ତ ସଭ୍ୟ ହସ୍ତୋତ୍ତୋଳନଦ୍ୱାରା ସର୍ବସମ୍ମତି କ୍ରମେ ବିବାହ ସମ୍ବନ୍ଧରେ ତିନୋଟି ନିୟମ ପାଳନ କରିବାକୁ ସ୍ଥିର କଲେ । କରଣ ମାତ୍ରକେ ସମସ୍ତଙ୍କୁ ବନ୍ଧୁ ବୋଲି ଜ୍ଞାନ କରିବା, ମୂର୍ଖ ଅଶିକ୍ଷିତ କନ୍ୟା ବିବାହ ନ କରିବା ଏବଂ ଯେଉଁ କରଣ ଗ୍ରାମରେ ବାଳିକା ବିଦ୍ୟାଳୟ ଅଛି କେବଳ ସେହି ଗ୍ରାମରୁହିଁ କନ୍ୟା ନିର୍ବାଚନ କରିବା—ଏହି ତିନୋଟି ବିଷୟକୁ କେନ୍ଦ୍ର କରି ନିୟମଗୁଡ଼ିକ ଲିପିବଦ୍ଧ ହେଲା ଏବଂ ସମସ୍ତେ ପ୍ରତିଜ୍ଞାବଦ୍ଧ ହୋଇ ତହିଁରେ ସ୍ୱାକ୍ଷର କଲେ । ତଥାପି ଗୋବିନ୍ଦଚନ୍ଦ୍ରଙ୍କ ମନରେ ସଂଶୟ ରହିଗଲା । ଇନ୍ଦୁମତୀଙ୍କୁ ବିବାହ କରିବା ବିଷୟରେ ସେ ସ୍ଥିର-ସିଦ୍ଧାନ୍ତ କରି ପାରିଲେ ନାହିଁ । କିନ୍ତୁ ସଦାନନ୍ଦଙ୍କ ଯୁକ୍ତି ପାଖରେ

ତାଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଲା । ଏପରିକି ବାପା ତାଙ୍କୁ ତ୍ୟଜ୍ୟପୁତ୍ର କଲେ ମଧ୍ୟ ଇନ୍ଦୁମତୀଙ୍କୁ ବିବାହ କରିବା ପାଇଁ ସେ ସମ୍ମତି ପ୍ରଦାନ କଲେ ।

ସେ ବର୍ଷ ଭିତରେ ବିବାହ ଲଗ୍ନ ନ ଥିଲେ ମଧ୍ୟ "କନ୍ୟା ବୟଃ ପ୍ରାପ୍ତା, ଏଥିକୁ ଅରକ୍ଷିତା—ତାଙ୍କ ମଙ୍ଗଳକୃତ୍ୟ ପାଇଁ ଲଗ୍ନ ବିଗ୍ରହ ଅନାବଶ୍ୟକ"—ଏହି ଯୁକ୍ତିବଳରେ ସଙ୍କର୍ଷଣ ମହାନ୍ତି ସପ୍ତାହକ ମଧ୍ୟରେ ବିବାହ ସାରିଦେବା ପାଇଁ ଅତି ଗୋପନରେ ଆୟୋଜନ କରିବାକୁ ଲାଗିଲେ । ତାଙ୍କ ଆୟୋଜନ ଅନୁସାରେ ସକାଳରେ ଗୋବିନ୍ଦଚନ୍ଦ୍ର ଓ ତାଙ୍କର କେତେକ ବନ୍ଧୁ ବିବାହ ଦିନ ସଞ୍ଜଦୀପ ଲାଗିବା ସମୟରେ ସମସରପୁର ଉଆସରେ ପହଞ୍ଚିଗଲେ କିନ୍ତୁ ସଦାନନ୍ଦ ନିଜ ଉପରୁ ଦୋଷ ଛଡ଼ାଇବା ପାଇଁ ଏବଂ ଚନ୍ଦନପୁରରୁ କେହି ଆସିଲେ ତାକୁ ଭୁଲାଇ ପଠାଇ ଦେବା ପାଇଁ କଟକ ବସାରେ ରହିଲେ ।

ବରକନ୍ୟା ଦୁହିଁଙ୍କ ହସ୍ତ ଏକତ୍ର କରାଗଲା ସମୟରେ ଏକାବେଳକେ ଶତ ଶତ ବୋମ୍ବାଜି ଢ଼ୋ ଢ଼ା କରି ଫୁଟିଲା । ବୋମ୍ବାଜି ଶବ୍ଦରେ ଗ୍ରାମଟା କମ୍ପି ଉଠିଲା । ଏହାର ସଠିକ କାରଣ ନ ବୁଝି ଲୋକେ ଭାବନେଲେ ଯେ ଭୂମିକମ୍ପ ହେଉଛି । ହରିବୋଲ ଶଙ୍ଖ ଶବ୍ଦରେ ସବୁଆଡ଼ କମ୍ପି ଉଠିଲା । ସମସରପୁର ଉଆସ ପାଖରୁ ଚନ୍ଦନପୁର ଉଆସ ଦଶ ବାର କୋଶ ଦୂର । କିନ୍ତୁ ଚନ୍ଦନପୁର ଉଆସରେ କାଉ ଡାକ ସଙ୍ଗେ ସଙ୍ଗେ ଶଙ୍ଖଶବ୍ଦ ଓ ହୁଳହୁଳି ପଡ଼ିବାକୁ ଲାଗିଲା । ନିଜେ ସାଆନ୍ତାଣୀ ଶଙ୍ଖ ଫୁଙ୍କିଲେ ଓ ସାଆନ୍ତେ ମହାପ୍ରଭୁଙ୍କ ଆଗରେ ଘଣ୍ଟ କାହାଳି ଓ ଘଣ୍ଟାଶଙ୍ଖ ବଜାଇବାକୁ ହୁକୁମ କଲେ ।

ଭୋର ହେଲା । ବୈଷ୍ଣବଚରଣ ପଟ୍ଟନାୟକ ମନ୍ଦିର ଅଗଣାରେ ବସିଥାନ୍ତି ଏବଂ ଭୂମିକମ୍ପ ସମ୍ପର୍କରେ ଆଲୋଚନା ହେଉଥାଏ । ସେ ଖବର ପାଇଲେ ଯେ ପୂର୍ବ ରାତ୍ରିରେ ଗୋବିନ୍ଦଚନ୍ଦ୍ରଙ୍କର ସମସରପୁର ତାଲୁକା ଜମିଦାରଜେମାଙ୍କ ସଙ୍ଗରେ ମଙ୍ଗଳକୃତ୍ୟ ବଢ଼ି ଯାଇଛି । ବଜ୍ର ପଡ଼ିଲେ ବି ସାଆନ୍ତେ ଏତେ ଆଶ୍ଚର୍ଯ୍ୟ ହୋଇ ନ ଥା'ନ୍ତେ । ସେ କାଠପିତୁଳା ପରି ସେହିଠାରେ ବସିପଡ଼ିଲେ । ସାଆନ୍ତାଣୀ ଏହା ଶୁଣିବା ମାତ୍ରେ ଆଁ ଶବ୍ଦଟାଏ କରି ଦୁଲ୍ କରି ତଳେ ପଡ଼ି ଅଚେତ ହୋଇଗଲେ । ସେହି ଦିନଠାରୁ ସେ ଯେଉଁ ଶଯ୍ୟା ଧରିଲେ ସେଥିରୁ ଆଉ ଉଠିଲେ ନାହିଁ । ସମସ୍ତ ଗଡ଼ ଚାଲିଲା । ସମସରପୁର ଓ ଦଶଗ୍ରାମ ମଧ୍ୟରେ ଚାଲିଥିବା ମାମଲା ମକଦ୍ଦମା ଧୀରେ ଧୀରେ ଲିଭିଗଲା ।

ସଦାନନ୍ଦ ଗୋବିନ୍ଦଙ୍କ ସହିତ ବୈଷ୍ଣବ ଚରଣଙ୍କର ଯେପରି ମନାନ୍ତର ବୃଦ୍ଧି ହୁଏ ସେଥିପାଇଁ ମିଛରେ ନାନା କଥା ଯୋଡ଼ିଯାଡ଼ି ଗୋବିନ୍ଦଙ୍କୁ କହୁଥାନ୍ତି । ଏହି ସମୟରେ ସମସରପୁରରେ ଚୋରଙ୍କର ଉତ୍ପାତ ବଢ଼ିଥାଏ । କଲେଜ ଛୁଟିବେଳ ଆସି ପହଞ୍ଚିବାରୁ ସର୍ବେଶ ମହାନ୍ତି ରାଜୀବଲୋଚନ ଓ ଗୋବିନ୍ଦଙ୍କୁ ଉଆସକୁ ଡକାଇ ପଠାଇଲେ । ରାଜୀବଲୋଚନ ଆଗେ ଚାଲିଗଲେ । ଚାରିଦିନ ପରେ କଲେଜ ଛୁଟି ହେଲେ ଗୋବିନ୍ଦଚନ୍ଦ୍ର ଯିବେ ବୋଲି ଠିକ୍ ହେଲା । ଗୋବିନ୍ଦ-ଚନ୍ଦ୍ରଙ୍କ ମାଆଙ୍କର ମୁମୂର୍ଷୁ ଅବସ୍ଥା ହୋଇଥାଏ । ପୁଅକୁ ଶେଷଥର ଦେଖିବା ପାଇଁ ସେ ଅଧୀର ହୋଇ ପଡ଼ୁଥାନ୍ତି । ଉଆସରୁ ଖବର ନେଇ ଗୋବିନ୍ଦଚନ୍ଦ୍ରଙ୍କୁ ଡାକନେବା ପାଇଁ ଦୁର୍ଗାଦାସ ମହାନ୍ତି ଧାଇଁ ଆସିଲେ । ଏହି ଖବରରେ ଗୋବିନ୍ଦଚନ୍ଦ୍ରଙ୍କ ମନ ଅସ୍ଥିର ହେଲା

ଏବଂ ସେ ଘରକୁ ଯିବାକୁ ଗୃହିଲେ । କିନ୍ତୁ ସଦାନନ୍ଦ ଦୁର୍ଗାଦାସଙ୍କୁ ଭଣ୍ଡ ବୋଲି ପ୍ରମାଣ କରାଇ ଗୋବିନ୍ଦଚନ୍ଦ୍ରଙ୍କୁ ନିଜ ଗ୍ରାମ ପରିବର୍ତ୍ତିରେ ସମସରପୁର ଯିବା ନିମିତ୍ତ ପରାମର୍ଶ ଦେଲେ ।

ସେତେବେଳକୁ ରାଜୀବଲୋଚନ ସମସରପୁରରେ ପହଞ୍ଚି ସାରି-ଥାନ୍ତି । ଇନ୍ଦୁମତୀଙ୍କ କବିପ୍ରତିଭା ପ୍ରମାଣ କରାଇବା ପାଇଁ ଓ ଗୋବିନ୍ଦଙ୍କ ମନ ଉଚାଟ କରିବା ଉଦ୍ଦେଶ୍ୟରେ ଗୋଟିଏ କବିତା ଲେଖି ସେଥିରେ ଇନ୍ଦୁମତୀଙ୍କୁ ସ୍ୱାକ୍ଷର କରିବାକୁ ସେ କହିଲେ । ଇନ୍ଦୁମତୀ ରାଜୀବଲୋଚନଙ୍କ ଉଦ୍ଦେଶ୍ୟ ବୁଝିପାରି ସ୍ୱାକ୍ଷର କରିବା ପାଇଁ ଅମଙ୍ଗ ହେଲେ । ରାଜୀବଲୋଚନ ଶେଷରେ ସଙ୍କର୍ଷଣ ମହାନ୍ତିଙ୍କୁ ଇନ୍ଦୁମତୀଙ୍କ ନିକଟକୁ ପଠାଇଲେ ଏବଂ ତାଙ୍କ ପ୍ରଭାବରେ ଅନିଚ୍ଛାସତ୍ତ୍ୱେ ସେହି କବିତା ତଳେ ସ୍ୱାକ୍ଷର କରିଦେଲେ । ଏହି କବିତା ପାଇବା ମାତ୍ରେ ଗୋବିନ୍ଦଚନ୍ଦ୍ର ସମସରପୁର ବାହାରିଲେ । ସଇତା ତା ଲୁଗାପଟା ବିଖଣ୍ଡି ଅଣ୍ଟାରେ ଭିଡ଼ି ପାଲିଙ୍କି ପିଛୁ ଧରିଲା । ପାଲିଙ୍କି ଯାଇ ପହଞ୍ଚିଲା ଗୋବିନ୍ଦପୁର ତୋଟାରେ । ସାମାନ୍ୟ ଜଳଯୋଗ ପରେ ପୁଣି ପାଲିଙ୍କି ଭିଡ଼ା ଗଲା । ସୁରସୁରିଆ ଘାଟରେ ପହଞ୍ଚିବାକୁ ରାତି ଘଡ଼ିଏ । ନଈଟା ଦୁଇ କୂଳ ଖାଉଛି । ଘାଟରେ ସାନ କାଠୁଆ ଖଣ୍ଡେ ଥାଏ । ନାଉରୀ ବଡ଼ ଡଙ୍ଗା ଆସିବା ଯାଏ ସାଆନ୍ତଙ୍କୁ ଅପେକ୍ଷା କରିବାକୁ କହିଲା । ସେତିକବେଳେ ମେଘ ଘୋଟି ଆସିଲା । ବ୍ୟସ୍ତ ହୋଇ ଗୋବିନ୍ଦଚନ୍ଦ୍ର ସଇତା ସହିତ ନଈ ଆରପଟକୁ ପାରି ହୋଇ ଗଲେ । ସେଠାରେ ଅନେକ ବେଳ ଅପେକ୍ଷା କରି ମଧ୍ୟ ବଡ଼ ନାଆର ଦର୍ଶନ ମିଳିଲା ନାହିଁ । ତାଙ୍କର ମନେ ପଡ଼ିଲା ଉଆସଠ ସେଠାରୁ ମୋଟେ ଅଧକୋଶ ବାଟ । ତୋଟା ଭିତରେ ଗୃଲିଗଲେ ସେ ଇନ୍ଦୁମତୀଙ୍କ ପହଡଘର ଝରକା ପାଖରେ ପହଞ୍ଚିବେ । ଭୋର ସମୟକୁ

ପାଳଙ୍କି ଉଆସ ଦୁଆରକୁ ନେଇ ଯିବାପାଇଁ ସଇତାକୁ ଆଦେଶ ଦେଇ ଗୋବିନ୍ଦଚନ୍ଦ୍ର ଏକା ଏକା ଉଆସ ଆଡ଼କୁ ଗ୍ଲଲେ ।

ଅଧରାତ୍ରି ଗଡ଼ି ଯାଇଛି । ମରୁଆ ଓ ଇନ୍ଦୁମତୀ ପହଣ୍ଡ଼ଘରେ ବସି କଥାବାର୍ତ୍ତା ହେଉଛନ୍ତି । ସେ ଦିନ ଇନ୍ଦୁମତୀଙ୍କ ମନଟା ଦିନ-ସାରା ଧାର୍ଣ୍ଣି ହେଉଥାଏ । ହଠାତ୍ ଝରକାରେ ଠକ୍ ଠକ୍ ଶବ୍ଦ ହେଲା । ଡକାୟତ ଆସିଛି ବୋଲି ଭାବି ସେମାନେ ପାଟିକରି ଉଠିଲେ । ଉଆସ ଜଗୁଆଳମାନେ ଡକାୟତମାନଙ୍କୁ ଖୋଜିବା ସମୟରେ ଗୋବିନ୍ଦଚନ୍ଦ୍ରଙ୍କୁ ପଳାଉଥିବାର ଦେଖିଲେ । ସେମାନେ ତାଙ୍କୁ ଧରି ବିଶେଷ ମାଡ଼ ଦେଲେ ଓ କଚେରୀ ଘରେ ଆଣି ପକାଇ ଦେଲେ ।

ଭୋରରୁ ସଇତା ବନ୍ଧା ହୋଇ ପଡ଼ିଥିବା ମୋରକୁ ଦେଖିବାକୁ ଯାଇ ନିଜ ସାଆନ୍ତଙ୍କୁ ଚିହ୍ନି ପାରିଲା ଏବଂ ତାଙ୍କୁ କଟକ ଜେନେରାଲ ହସ୍ପିଟାଲକୁ ନେଇ ଆସିଲା ।

ସଦାନନ୍ଦ ଭାବିଥିଲେ ଯେ ଚନ୍ଦ୍ରଙ୍କଦ୍ୱାରା ସଙ୍କର୍ଷଣ ମହାନ୍ତିଙ୍କ ଠାରୁ କିଛି ଟଙ୍କା ଆଦାୟ କରିନେବେ, କିନ୍ତୁ ନିଜର ଉଦ୍ଦେଶ୍ୟ ବିଫଳହେବା ଦେଖି ସେ କଟକରେ ଗୋବିନ୍ଦଚନ୍ଦ୍ରଙ୍କ ନାମରେ ଦୁର୍ନାମ ରଟନା କଲେ । ସୌଭାଗ୍ୟକ୍ରମେ ଜୀବିକା ନିର୍ବାହ ପାଇଁ ସେ ପୁରୀଜିଲ୍ଲା ଡେଲଙ୍ଗ ପରଗଣାର ଜମିଦାର ହରିହର ମର୍ଦ୍ଦରାଜଙ୍କ ନାଏବ ହୋଇ ଗ୍ଲଗଲେ ।

ଇନ୍ଦୁମତୀ ନିଜକୁ ଗୋବିନ୍ଦଚନ୍ଦ୍ରଙ୍କ ବିପଦର ମୂଳ କାରଣ ବୋଲି ଧରିନେଲେ, କାରଣ ସେ ଭାବିଲେ ଯେ କବିତା ତଳେ ତାଙ୍କର

ମୂର୍ଖର ପାଇଁହିଁ ଗୋବିନ୍ଦଚନ୍ଦ୍ରଙ୍କର ଏତାଦୃଶ ଦୁର୍ଯୋଗ । ନିଜକୁ ସତ୍ୟଭ୍ରଷ୍ଟା ବୋଲି ଭାବି ଅନୁତପ୍ତା ଭାବରେ ସେ ନଈରେ ଝାସ ଦେଇ ଆତ୍ମହତ୍ୟା କଲେ ।

କଟକ ଜେନେରାଲ୍ ହସ୍ପିଟାଲରେ ଦୀର୍ଘକାଳ ଚିକିତ୍ସା ଫଳରେ ଗୋବିନ୍ଦଚନ୍ଦ୍ର ଧୀରେ ଧୀରେ ଆରୋଗ୍ୟ ଲାଭ କରିବା ପରେ ହସ୍ପିଟାଲର ଆସିଷ୍ଟାଣ୍ଟ ସର୍ଜନ ସୁକାନ୍ତ ବାବୁଙ୍କ ନିକଟରୁ ତାଙ୍କ ମା ଓ ସ୍ତ୍ରୀଙ୍କ ମୃତ୍ୟୁସମ୍ବାଦ ପାଇ ସେ ଜୀବନରେ ଏକ ଦାରୁଣ ଆଘାତ ଅନୁଭବ କଲେ । ତାଙ୍କର ମନେ ହେଲା ଯେ ତାଙ୍କର ନାସ୍ତିକତା ପାଇଁ ସେ ଏପରି ଶାସ୍ତି ପାଉଛନ୍ତି ।

ସ୍ତ୍ରୀଙ୍କର ମୃତ୍ୟୁ, ପୁତ୍ରର ଶୋଚନୀୟ ଅବସ୍ଥା, ଓ ପୁତ୍ରବଧୂଙ୍କର ଆତ୍ମହତ୍ୟାରେ ବୈଷ୍ଣବଚରଣ ଯେ କେବଳ ଶୋକାକୁଳ ହୋଇ ପଡ଼ିଲେ ତାହା ନୁହେଁ; ପାର୍ଥିବ ଜଗତ ପ୍ରତି ତାଙ୍କର ବିତୃଷ୍ଣା ଆସିଗଲା । ସମସ୍ତ ସମ୍ପତ୍ତି କୁଳଦେବତା ଗୋବିନ୍ଦଚନ୍ଦ୍ରଙ୍କ ନାମରେ ସମର୍ପଣ କରିଦେଇ ଓ ପୁତ୍ରକୁ ସେବାୟତରୂପେ ନିଯୁକ୍ତ କରି ସ୍ୱକୀୟ ପାପର ପ୍ରାୟଶ୍ଚିତ୍ତ ନିମନ୍ତେ ସେ ପ୍ରଭୁଙ୍କ ନିଜଧାମକୁ ଚାଲିଗଲେ । ସଙ୍କର୍ଷଣ ମହାନ୍ତି ମଧ୍ୟ ତାଙ୍କ ଘୋର ପାପ ନିମିତ୍ତ ପ୍ରାୟଶ୍ଚିତ୍ତର ପନ୍ଥା ନ ଦେଖି ତୀର୍ଥପର୍ଯ୍ୟଟନ କରିବା ପାଇଁ ସ୍ଥିର କଲେ । ସେ ନିଜର ସମସ୍ତ ସମ୍ପତ୍ତି ବିନୋଦବିହାରୀଙ୍କ ନାମରେ ଲେଖି ଦେଇ ଜ୍ୱାଇଁଙ୍କୁ ସେବାୟତ ରୂପେ ମନୋନୀତ କଲେ ଏବଂ ରାତିର ଘନ ଅନ୍ଧକାର ଭିତରେ ମିଶି ଗ୍ରାମରୁ ଅଦୃଶ୍ୟ ହୋଇଗଲେ ।

ସ୍ୱାସ୍ଥ୍ୟଲାଭ ପରେ ଗୋବିନ୍ଦଚନ୍ଦ୍ର ସଲତା ହାତରେ କାଛି ଠେଙ୍ଗା ନେଇ ଡାକ୍ତର ଦରଜ ନଠାକ ଦେଲେ ଓ ଆସିଷ୍ଟାଣ୍ଟ ସର୍ଜନ ସୁକାନ୍ତ

ବାବୁଙ୍କ ପାଇଁ ଗୋଟିଏ ପତ୍ର ରଖି ହସ୍ପିଟାଲରୁ ଅନ୍ତର୍ହିତ ହୋଇଗଲେ ।

ଦିନ ଗଡ଼ି ଚାଲିଲା । ସମସରପୁର ଓ ଦଶଗ୍ରାମର ପ୍ରଜାମାନେ କ୍ରମେ ତାଙ୍କ ଦୁଃଖ ଭୁଲିଗଲେ । ସେମାନେ ଭଲ ରୂପେ ବୁଝିଲେ ଯେ ସଦାନନ୍ଦହିଁ ସମସ୍ତ ଅନର୍ଥର ମୂଳ । ସଦାନନ୍ଦଙ୍କ ବିଧବା ଜନନୀ ହାହାକାର କରି ପ୍ରାଣତ୍ୟାଗ କଲେ ଏବଂ କିଛି ଦିନ ପରେ ସଦାନନ୍ଦ ଚୋରି କରିବା ଅପରାଧରେ ଜେଲଖାନାରେ ବନ୍ଦୀ ହୋଇ ରହିଲେ ।

ପୃଥିବୀର ସୁଖଦୁଃଖ, ଆନନ୍ଦଉଲ୍ଲାସ ଓ ଅଭାବ ଅଭିଯୋଗ ପ୍ରତି ଦୃଷ୍ଟି ନ ରଖି ବୃନ୍ଦାବନଧାମ ଯମୁନାକୂଳରେ ଗୋଟିଏ ନିତାନ୍ତ କ୍ଷୁଦ୍ର କୁଞ୍ଜରେ ରହିଥାନ୍ତି ଜଣେ ବୈରାଗୀ । ଦିନେ ସନ୍ଧ୍ୟାରେ ପ୍ରଭୁଙ୍କ ଆଳତି ଦର୍ଶନ ଶେଷକରି ସେ ତାଙ୍କ କୁଞ୍ଜକୁ ଫେରି ଆସିବା ବେଳେ ହଠାତ୍ ଜଣେ ବୈଷ୍ଣବ ତାଙ୍କ ଗୋଡ଼ତଳେ ପଡ଼ିଗଲେ । ମହା ବିବ୍ରତ ହୋଇ ନିଜକୁ ଅପରାଧୀ ଭାବି ସେହି ବୈଷ୍ଣବଙ୍କୁ ଉଠାଇବା ସମୟରେ ସେ ଶୁଣିଲେ, "ମୁଁ ପାପୀ, ମୁଁ ଚଣ୍ଡାଳ, ମୁଁ ନରାଧମ । ମୁଁ ସେହି ସଙ୍କର୍ଷଣ ମହାନ୍ତି, ଆପଣଙ୍କ ଗୋଲାମ ।" ଦୁଇଜଣଙ୍କ ମଧ୍ୟରେ ଆଳାପ ହୋଇଗଲା । ବୈଷ୍ଣବଚରଣ ଓ ସଙ୍କର୍ଷଣ ନିଜ ନିଜକୁ ଅତିଶୟ ପାପୀ ମନେ କରି ପ୍ରାୟଶ୍ଚିତ୍ତ ଉଦ୍ଦେଶ୍ୟରେ ମନପ୍ରାଣ ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେଲେ ।

ଭାଦ୍ର କୃଷ୍ଣାଷ୍ଟମୀ । ମହାପ୍ରଭୁଙ୍କ ଜନ୍ମୋତ୍ସବ ଉପଲକ୍ଷେ ଘରେ ଘରେ ପୂଜା ଓ ଅର୍ଚ୍ଚନା । ନିଜ କୁଞ୍ଜରେ ବସି ବୈଷ୍ଣବଚରଣ ଓ ସଙ୍କର୍ଷଣ ଭାଗବତ ପାଠ କରୁଥାନ୍ତି । ଏହି ସମୟରେ ସେଠାରେ

ହଠାତ୍ ଆସି ଉପସ୍ଥିତ ହେଲେ ଗୋବିନ୍ଦ । ତାଙ୍କର ଶରୀର କ୍ଷୀଣ, ପରିଧେୟ ବସ୍ତ୍ର ଛିନ୍ନ ଓ ମଳିନ, ଦକ୍ଷିଣ ହସ୍ତରେ କମଣ୍ଡଳୁ ଓ ବାମହସ୍ତରେ ଦଣ୍ଡ । ଦୁହିଁଙ୍କ ପଦତଳେ ପଡ଼ି ଗୋବିନ୍ଦଚନ୍ଦ୍ର କ୍ଷମା ମାଗିଲେ । ତା ପରଦିନ ସେହି କୁଞ୍ଜରେ ଗୋବିନ୍ଦଚନ୍ଦ୍ରଙ୍କର ସଇତା ସହିତ ପରିଚୟ ହେଲା ଏବଂ ତା ପାଖରୁ ସଦାନନ୍ଦଙ୍କର ଜେଲ ଭୋଗ କରିବା ଓ ପୁଣ୍ୟସ୍ଥାନରେ ଭିକମାଗି ବୁଲିବା କଥା ସେ ଶୁଣିବାକୁ ପାଇଲେ । ଏହାପରେ ବୈଷ୍ଣବଚରଣ ଓ ସଙ୍କର୍ଷଣ ଗୋବିନ୍ଦ-ଚନ୍ଦ୍ରଙ୍କୁ ନାନା ଉପଦେଶ ଦେଇ ଉଭୟ ଜମିଦାରୀ ପରିଚାଳନା କରିବା ନିମିତ୍ତ ଦେଶକୁ ପଠାଇ ଦେଲେ । ସଇତା ମଧ୍ୟ ତାଙ୍କ ସଙ୍ଗେ ଆସିଲା । ସେ ସେତେବେଳେ ଗୈରିକ ବସନଧାରୀ ହବିଷ୍ୟାନ୍ନ-ଭୋଜୀ ବୈରାଗୀ । ଦେଶକୁ ଆସି ଗୋବିନ୍ଦଚନ୍ଦ୍ର ଦେଖିଲେ ଯେ ସମସରପୁର ଉଆସରେ ମରୁଆ କଷାୟ ବସନ ପିନ୍ଧି ତପସ୍ୱିନୀବେଶରେ ଦାସୀମାନଙ୍କ ରକ୍ଷଣାବେକ୍ଷଣ କାର୍ଯ୍ୟରେ ମନଯୋଗ ଦେଇଥାଏ । ଗୋବିନ୍ଦଚନ୍ଦ୍ର ଯେତେ ଚେଷ୍ଟା କଲେ ମଧ୍ୟ ତାକୁ ସଂସାରୀ କରାଇ ପାରିଲେ ନାହିଁ ।

ଗୋବିନ୍ଦଚନ୍ଦ୍ର ମା ମଣିମା ଓ ଇନ୍ଦୁମତୀଙ୍କର ଦୁଇଟି ସମାଧି ମନ୍ଦିର ତୋଳି ଜମିଦାରୀ କାର୍ଯ୍ୟ ପରିଚାଳନା, ଗୀତାପାଠ ଓ ଦେବାର୍ଚ୍ଚନାରେ ତାଙ୍କ ଜୀବନର ଅବଶିଷ୍ଟ ସମୟ କଟାଇ ଦେଲେ ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସମାଜରେ ମାଡ଼ି ଆସିଲା ଏକ ସଂସ୍କାରର ପ୍ଳାବନ । ପାଶ୍ଚାତ୍ୟ ସଂସ୍କୃତିର କଷଟି ପଥରରେ ଭାରତୀୟ

ପରମ୍ପରାକୁ ପରିଖ କରି ସମାଜରେ ରହିଥିବା ଅନ୍ୟାୟ ଅବିଚାର ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ସଦାନନ୍ଦ, ଗୋବିନ୍ଦ ଓ ରାଜୀବ-ଲୋଚନ । କିନ୍ତୁ ପ୍ରକୃତ ସଂସ୍କାରକର ଦୂରଦୃଷ୍ଟି ଏମାନଙ୍କର ନ ଥିଲା । ଆବଶ୍ୟକୀୟ ବୁଦ୍ଧି ବା ବିଚାରଶକ୍ତିର ଅଭାବ ମଧ୍ୟ ଏମାନଙ୍କର ଥିଲା । ଭାବପ୍ରବଣତାରେ ଭାସି ଓ ଉତ୍ତେଜନାର ବଶବର୍ତ୍ତୀ ହୋଇ ଏମାନେ ସଂସ୍କାର ଆରମ୍ଭ କରିଥିଲେ । ତାହା ସହିତ ସଂଶ୍ଳିଷ୍ଟ ଥିଲା ସେମାନଙ୍କର ସ୍ୱାର୍ଥ । ଗୋବିନ୍ଦଚନ୍ଦ୍ରଙ୍କ ମନରେ ରହିଛି ପ୍ରେମର ପ୍ରବଳ ଆକର୍ଷଣୀ ଶକ୍ତି । ଇନ୍ଦୁମତୀଙ୍କ ରୂପଗୁଣ ବର୍ଣ୍ଣନରେ ସେ ଆକୃଷ୍ଟ ହୋଇ ନ ଥିଲେ ଉପନ୍ୟାସର ଗତିରେ ଯେ କି ପରିବର୍ତ୍ତନ ଘଟିଥାନ୍ତା ତାହା ବିଚାର୍ଯ୍ୟ । କଲେଜ ପରିବେଶ ମଧ୍ୟରେ ରହିବା ପରେ ତତ୍କାଳୀନ ସାମାଜିକ ପରିବର୍ତ୍ତନ ତାଙ୍କ ହୃଦୟରେ ସ୍ପନ୍ଦନ ଆଣି ଦେଇଛି ସତ, କିନ୍ତୁ ବାସ୍ତବକ୍ଷେତ୍ରରେ ଏହି ସ୍ପନ୍ଦନକୁ କାର୍ଯ୍ୟକାରୀ କରାଇଛି ଇନ୍ଦୁମତୀଙ୍କ ସହିତ ତାଙ୍କର ପ୍ରଣୟ । ରାଜୀବଲୋଚନ ଓ ସଦାନନ୍ଦ ସମାଜସଂସ୍କାରର କେତେକ ଚିରାଚରିତ 'ବୋଲି' ଗାଇଛନ୍ତି କିନ୍ତୁ ତାଙ୍କ ଅନ୍ତରରେ ରହିଛି ଅର୍ଥଲିପ୍ସା । ଏହି ଅର୍ଥଲିପ୍ସାର ସମର୍ଥନ ପାଇଁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଫକୀରମୋହନ ଏମାନଙ୍କର ଯେଉଁ ବଂଶଜ ପରିବେଷ୍ଟନୀ ସୃଷ୍ଟି କରିଛନ୍ତି ତାହା ପ୍ରଣିଧାନର ଯୋଗ୍ୟ । କୁଳଗତ ହୀନ ସ୍ୱଭାବ ସଦାନନ୍ଦଙ୍କ କ୍ଷେତ୍ରରେ ପୂର୍ଣ୍ଣ ପ୍ରକାଶ ଲାଭ କରିଛି । ସଦାନନ୍ଦ ତହବିଲ ତୋସରପ କରିଛନ୍ତି । ତାଙ୍କ ପିତା ମଧ୍ୟ ଠିକ୍ ସେହି କାର୍ଯ୍ୟ କରିଥିଲେ । ସେହିପରି ଗୋବିନ୍ଦଚନ୍ଦ୍ର ମାଡ଼ ଖାଇ ସଙ୍କର୍ଷଣ ମହାନ୍ତିଙ୍କ କଚେରୀ ଘରେ ପଡ଼ିଥିବା ସମୟରେ ରାଜୀବ-ଲୋଚନଙ୍କର ହୀନ ପ୍ରକୃତି ପରିସ୍ଫୁଟ ହୋଇଛି । ସଦାନନ୍ଦ ଓ

ରାଜୀବଲୋଚନଙ୍କର ଚକ୍ରାନ୍ତ ଫଳରେ ରଜା ଘର ଯୋଡ଼ିଏ ବଂଶ ଲଣ୍ଡ-ଭଣ୍ଡ ହୋଇଗଲେ । ଏହି ଦୁଇଟି ବଂଶର ପତନ କାହାଣୀକୁ ତତ୍କାଳୀନ ସାମାଜିକ ବିପ୍ଳବର ପୃଷ୍ଠଭୂମିରେ ପ୍ରତିଫଳିତ କରି ଫକୀରମୋହନ ଲେଖିଛନ୍ତି *ପ୍ରାୟଶ୍ଚିତ୍ତ* ।

*ଛମାଣ ଆଠଗୁଣ* ଓ *ମାମୁ*ରେ ଯଥାକ୍ରମେ ରାମଚନ୍ଦ୍ର ମଙ୍ଗରାଜ ଓ ନଟବର ଦାସଙ୍କ ଚରିତ୍ରର ପରିସ୍ଫୁଟନ ପାଇଁ ଉପଯୁକ୍ତ ଘଟଣାର ସମାବେଶ କରାଯାଇଛି । ଏହି ଉପନ୍ୟାସ ଦୁଇଟିରେ ଚରିତ୍ରର ପ୍ରାଧାନ୍ୟ ତୁଳନାରେ ଘଟଣାର ପ୍ରାଧାନ୍ୟ ଗୌଣ । କିନ୍ତୁ *ପ୍ରାୟଶ୍ଚିତ୍ତ* ମୁଖ୍ୟତଃ ଘଟଣା ପ୍ରଧାନ । ତେଣୁ ଉପନ୍ୟାସର ଆରମ୍ଭରୁ ଶେଷ ଯାଏ ପାଠକର ମନ ଘଟଣାର କ୍ରମିକ ବିକାଶ ଉପରେ ଆବଦ୍ଧ ରହେ । ସଂଶୟ ମଧ୍ୟରେ ଉପନ୍ୟାସର ଆରମ୍ଭ ହୋଇଅଛି ଏବଂ ଉପନ୍ୟାସର ଶେଷ ପର୍ଯ୍ୟନ୍ତ ଏହି ସଂଶୟ ରକ୍ଷିତ ହୋଇଅଛି । ପରିବେଶ ସୃଷ୍ଟି କରିବା ପାଇଁ କୌଣସି ବିସ୍ତୃତ ଘଟଣା ବା କାହାଣୀର ଆଶ୍ରୟ ନ ନେଇ ଫକୀରମୋହନ ଦୁଇଟି ବିବଦମାନ ଜମିଦାର ବଂଶକୁ ଉପନ୍ୟାସର ପ୍ରାରମ୍ଭରେ ଉପସ୍ଥାପନ କରିଛନ୍ତି । *ଛମାଣ ଆଠଗୁଣ* ଓ *ମାମୁ*ରେ ପ୍ରତିପକ୍ଷ ଅତ୍ୟନ୍ତ ଦୁର୍ବଳ । କିନ୍ତୁ ପ୍ରାୟଶ୍ଚିତ୍ତରେ ପ୍ରତିପକ୍ଷ ସବଳ । ଦ୍ୱନ୍ଦ୍ୱ ମଧ୍ୟରେ ଗତିକରିହିଁ 'ପ୍ଲଟ୍'ର ଉନ୍ମେଷ ଘଟିଛି ।

ବୈଷ୍ଣବଚରଣ ପଟ୍ଟନାୟକ ଓ ସଙ୍କର୍ଷଣ ମହାନ୍ତିଙ୍କ ମଧ୍ୟରେ ଥିବା ସାମାଜିକ ସ୍ତରର ବୈଷମ୍ୟ ସୂଚାଇ ଫକୀରମୋହନ ସମାଜ ସଂସ୍କାରର ଆବଶ୍ୟକତା ଦେଖାଇଛନ୍ତି । ଏହା ପରେ ପରେ ଗୋବିନ୍ଦଚନ୍ଦ୍ର, ସଦାନନ୍ଦ, ରାଜୀବଲୋଚନ ଓ ଇନ୍ଦ୍ରମଣିଙ୍କ ସହିତ

ଅଂଶରୂପେ କଲେଜ ପ୍ରିନ୍ସିପାଲଙ୍କ ଏକ ଜାଲ ଚିଠି ସାହାଯ୍ୟରେ ଗୋବିନ୍ଦଚନ୍ଦ୍ର ଯେତେବେଳେ ଛୁଟି ସରିବାର ସତର ଦିନ ପୂର୍ବରୁ କଟକକୁ ଫେରି ଆସିଛନ୍ତି ସେତେବେଳେ ତାଙ୍କ ମାଙ୍କ ମନରେ କାହିଁକି କେଜାଣି ସୃଷ୍ଟି ହୋଇଛି ଉଦ୍‌ବେଗ । ସେ କହିଛନ୍ତି, "ପିଲା ଯୋଡ଼ିକୁ କଟକ ପଠାଇବାକୁ ମୋ ମନ ଡାକୁନାହିଁ । ମୋ ମନଟା କମିତିକା ଛୁକଉଛି ।" ପାଠକୋଷୀଏ ପାଞ୍ଜି ଦେଖି ଜାଣିଛନ୍ତି ଯେ ଶନି ମହାଦଶା, ଶନି ଅନ୍ତର, ଶନି ପ୍ରତ୍ୟନ୍ତର । ଶନି ଜାୟାସ୍ଥାନରେ ରହିଥିବାରୁ ପାଠକୋଷୀ ଅବଶ୍ୟ ଭାବିଛନ୍ତି ଯେ ଅମଙ୍ଗଳର ଆଶଙ୍କା ନାହିଁ, କାରଣ ଗୋବିନ୍ଦଚନ୍ଦ୍ର ଅବିବାହିତ । କିନ୍ତୁ ପାଠକ ଏଥିରେ ନିଶ୍ଚିନ୍ତ ହୋଇ ରହି ପାରେ ନା । କାରଣ ଇନ୍ଦୁମତୀ ସମ୍ପର୍କୀୟ ସମସ୍ତ ଘଟଣା ସେ ଆଗରୁ ଜାଣିଛି । ତେଣୁ ପାଠକ ମନରେ ସନ୍ଦେହର ଛାୟା ରହିଯାଏ । କଟକ ଆସିବା ପରେ ବଣଭୋଜି ସଭାରେ ବକ୍ତୃତା ମାଧ୍ୟମରେ ଇନ୍ଦୁମତୀଙ୍କ ପାଇଁ ଗୋବିନ୍ଦଚନ୍ଦ୍ରଙ୍କ ଆଗ୍ରହ ବୃଦ୍ଧି କରାଯାଇଛି ଓ ବଂଶଗତ ତାରତମ୍ୟର ଗୁରୁତ୍ୱକୁ ଲୋପ କରାଯାଇଛି । ସଦାନନ୍ଦଙ୍କ ପ୍ରରୋଚନାରେ ଗୋବିନ୍ଦଚନ୍ଦ୍ର ଇନ୍ଦୁମତୀଙ୍କୁ ବିବାହ କରିବା ପାଇଁ ସ୍ୱୀକୃତ ହୋଇଛନ୍ତି ଏବଂ ଏହି ବିବାହରେ 'ପ୍ଲଟ୍' ଚରମସୀମାରେ ପହଞ୍ଚିଛି । ଚରମସୀମାର ଗଠନକୌଶଳ ମଧ୍ୟ କମ୍ ଚମତ୍କାର ହୋଇନାହିଁ । ଉପନ୍ୟାସର ଆରମ୍ଭରେ ବୈଷ୍ଣବ-ଚରଣ ପଟ୍ଟନାୟକଙ୍କର ଯେଉଁ କୁଳଗତ ଗର୍ବର ସ୍ପଷ୍ଟ ଚିତ୍ର ଅଙ୍କିତ ହୋଇ ଥିଲା ସେ ଗର୍ବ ଏହି ଚରମସୀମାରେ ଭାଙ୍ଗି ଚୂରମାର ହୋଇ ଯାଇଛି ଏବଂ ସେହିପରି ଭାବରେ ଉପନ୍ୟାସର ପ୍ରଥମ ପରିଚ୍ଛେଦରେ ଦୁଇଟି ଜମିଦାର ବଂଶ ମଧ୍ୟରେ ବିବାଦର ଯେଉଁ ସୂଚନା ଦିଆଯାଇଛି ତାହା ମଧ୍ୟ ଚରମସୀମାରେ ପହଞ୍ଚିଛି ।

ସମାଜସଂସ୍କାର ଦିଗରୁ ଆଲୋଚନା କଲେ ମଧ୍ୟ ଏହା ହୃଦୟଙ୍ଗମ ହୁଏ ଯେ ପାଶ୍ଚାତ୍ୟ ସଭ୍ୟତାଲୋକରେ ଉଦ୍ଭାସିତ ହୋଇ ସଦାନନ୍ଦ, ଗୋବିନ୍ଦଚନ୍ଦ୍ର ଓ ରାଜୀବଲୋଚନ ନିଜ ସମାଜକୁ ମାର୍ଜିତ କରିବା ପାଇଁ ଯେଉଁ ପରିକଳ୍ପନା କରୁଥିଲେ ସେହି ପରିକଳ୍ପନା ଏଠାରେ ବାସ୍ତବ ରୂପ ନେଇଛି । ଚରମସୀମା ପରେ ସମାପ୍ତି ପର୍ଯ୍ୟନ୍ତ 'ପ୍ଲଟ୍'ର ଗତି ସରଳ ନ ହୋଇ ନାନା ଉତ୍ଥାନ ପତନ ମଧ୍ୟ ଦେଇ ଗଡ଼ି ଚାଲିଛି । ରାଜୀବଲୋଚନଙ୍କ ଚକ୍ରାନ୍ତରେ ନିଜେ କବି ନ ହୋଇ ମଧ୍ୟ ଇନ୍ଦୁମତୀ ଯେଉଁ କବିତାରେ ସ୍ୱାକ୍ଷର କରିଛନ୍ତି ତାହା ଗୋବିନ୍ଦଚନ୍ଦ୍ରଙ୍କୁ ଶ୍ୱଶୁରାଳୟକୁ ଆକର୍ଷଣ କରିବାର ମୂଳ କାରଣ । କିନ୍ତୁ ପ୍ରିୟାମୁଖସନ୍ଦର୍ଶନବ୍ୟାକୁଳ ଗୋବିନ୍ଦଚନ୍ଦ୍ର ସାଂଘାତିକ ଭାବରେ ଆହତ ହୋଇ ଚିକିତ୍ସା ନିମିତ୍ତ କଟକ ଜେନେରାଲ ହସ୍ପିଟାଲକୁ ଆସିଛନ୍ତି । ଏହା ଫଳରେ 'ପ୍ଲଟ୍'ରେ ଆସିଛି ପରିବର୍ତ୍ତନ । ଇନ୍ଦୁମତୀ ନିଜକୁ ସମସ୍ତ ଅନର୍ଥର ମୂଳ ବୋଲି ବିଚାରି ପ୍ରାୟଶ୍ଚିତ୍ତ ସ୍ୱରୂପ ଆତ୍ମହତ୍ୟା କରିଛନ୍ତି । ଉଦ୍ଦାମ ଉତ୍ତେଜନାରେ ନବୀନ ଯୁବକ ଯେଉଁ କାର୍ଯ୍ୟ କଲେ ତାର ଫଳ ଏପରି ହେବ ବୋଲି କିଏ ଭାବି ଥିଲା ? ସମାଜସଂସ୍କାର କରିବାକୁ ଯାଇ ସେ ଯେଉଁ ବିବାହ କରିଥିଲେ ତାର ସରସତା ବା ମାଧୁର୍ଯ୍ୟ ଉପଭୋଗ କରିବା ପରିବର୍ତ୍ତେ ସେ ଶୁଣିଲେ ତାଙ୍କ ସ୍ତ୍ରୀଙ୍କର ଆତ୍ମହତ୍ୟା ସମ୍ବାଦ । ଏହିପରି ଭାବରେ 'ପ୍ଲଟ୍'ରେ ପ୍ରତି-ଚରମସୀମାର ସୃଷ୍ଟି ହୋଇଛି ।

ଉପନ୍ୟାସର ସମାପ୍ତି ଆଶ୍ଚର୍ଯ୍ୟଜନକ ଭାବରେ ସଂଘଟିତ ହୋଇଛି । ବୈଷ୍ଣବଚରଣ, ସଙ୍କର୍ଷଣ, ସଦାନନ୍ଦ ଓ ସଈତା ପ୍ରତ୍ୟେକେ ନିଜକୁ ଦୋଷୀ ମନେ କରି ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ

ବୈରାଗ୍ୟ ଅବଲମ୍ବନ କରିଛନ୍ତି । ବୃନ୍ଦାବନଧାମ ସଦାନନ୍ଦ ବ୍ୟତୀତ ଅନ୍ୟ ସମସ୍ତଙ୍କର ମିଳନକ୍ଷେତ୍ର ହୋଇଛି । ଗୋବିନ୍ଦଚନ୍ଦ୍ର ଓ ସଇତା ଜମିଦାରୀ ପରିଚାଳନା ପାଇଁ ଦେଶକୁ ଫେରି ଆସିଛନ୍ତି । ଗୋବିନ୍ଦଚନ୍ଦ୍ର ସଂସାର ଭିତରେ ରହି ପ୍ରାୟଶ୍ଚିତ୍ତ କରିଛନ୍ତି ଏବଂ ତାଙ୍କର ସେହି ପ୍ରାୟଶ୍ଚିତ୍ତର ସ୍ମୃତିକୁ ଚିର-ସବୁଜ ରଖିବା ପାଇଁ ସେ ତାଙ୍କ ମା ଓ ସ୍ତ୍ରୀଙ୍କପାଇଁ ତୋଳିଛନ୍ତି ଦୁଇଟି ସମାଧି ମନ୍ଦିର । ତାଙ୍କ ଜୀବନର ସୁଖସ୍ୱପ୍ନ ସବୁ ଉଡିଭାଗିଇ ଯାଇଛି । ଦେବାର୍ଚ୍ଚନା ଓ ଗୀତାପାଠ ପ୍ରଭୃତିରେ ନିମଗ୍ନ ରହି ସେ ଏ ସଂସାରରେ ରହି ମଧ୍ୟ ସଂସାର ବାହାରେ ଥିବା ପରି ଜୀବନ କଟାଇ ଦେଇଛନ୍ତି ।

ପ୍ରାୟଶ୍ଚିତ୍ତରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂଶୟ ରହିଛି ଏବଂ 'ପ୍ଲଟ୍'ରେ ସାଧାରଣତଃ ଶିଥିଳତା ନାହିଁ । ପରିସ୍ଥିତିର ଦ୍ରୁତ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଉପନ୍ୟାସର ଜଟିଳ ଗତି ଶେଷ ପର୍ଯ୍ୟନ୍ତ ପାଠକର କୌତୂହଳ ରକ୍ଷାରେ ସାହାଯ୍ୟ କରିଛି । ତଥାପି ସ୍ଥାନେ ସ୍ଥାନେ ଉପଯୁକ୍ତ ପାରିପାର୍ଶ୍ୱିକ ଅବସ୍ଥା ସୃଷ୍ଟିର ଅଭାବ ପରିଲକ୍ଷିତ ହୁଏ । ଔପନ୍ୟାସିକ ଅନେକ ସମୟରେ ଅସ୍ପଷ୍ଟତାର ଆଶ୍ରୟ ନେଇ-ଥିବାର ଅନୁମିତ ହୁଏ । ଏହି ସମ୍ପର୍କରେ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି କହିଛନ୍ତି, "ଏହାର ଆରମ୍ଭ ସୁକଳ୍ପିତ ହେଲେହେଁ ସୁଗଠିତ ନୁହେଁ । ବୈଷ୍ଣବଚରଣ, ସଙ୍କର୍ଷଣ ଓ ସେମାନଙ୍କର ପରିବେଶ ସ୍ପଷ୍ଟ ଭାବରେ ଆଦୌ ପରିସ୍ଫୁଟ ହୋଇ ପାରି ନାହିଁ । ଇନ୍ଦୁମତୀ ପ୍ରତି ଗୋବିନ୍ଦ-ଚନ୍ଦ୍ରଙ୍କ ଅନୁରାଗ—ଯାହା ଉପନ୍ୟାସର କ୍ରମ ପରିଣତିର ଭିତ୍ତି—ଓ ତାର ପୃଷ୍ଠଭୂମିର କଳାକୁଶଳ ଅଭିବ୍ୟକ୍ତି ପାଇଁ ବହୁ ଅବକାଶ ଥିଲା ।" * ଉପନ୍ୟାସର ସମାପ୍ତିରେ ପାଠକ ହତାଶ ହୁଏ । କାରଣ ଫକୀରମୋହନ

* *ଫକୀରମୋହନ ସମୀକ୍ଷା*—ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

ମୁଖ୍ୟ ଚରିତ୍ରଗୁଡ଼ିକୁ ପାପୀ ରୂପେ ଦେଖାଇ ସେମାନଙ୍କ ପାପର ପ୍ରାୟଶ୍ଚିତ୍ତ ନିମିତ୍ତ ସମସ୍ତଙ୍କୁ ବୈରାଗୀ ରୂପେ ସଜାଇ ଦେଇଛନ୍ତି । ମରୁଆ ଓ ସଙ୍ଗତା ମଧ୍ୟ ଏଥିରୁ ବାଦ ଯାଇ ନାହାନ୍ତି । ବାସ୍ତବିକ ଉପନ୍ୟାସର ସମାପ୍ତିରେ ଯଥେଷ୍ଟ କୃତ୍ରିମତା ଅନୁଭୂତ ହୁଏ । 'ପ୍ଲଟ୍' ବିକାଶର ଧାରାବାହିକ କ୍ରମ ଅନୁସାରେ ସମାପ୍ତି ଘଟିଥିବାର ପାଠକ ଅନୁଭବ କରିପାରେ ନାହିଁ । ମନେ ହୁଏ ଯେପରି ଏକ ନୀତିଶିକ୍ଷା ଦେବାପାଇଁ ସମାପ୍ତିକୁ କୃତ୍ରିମ ଭାବରେ ସଜାଇ ଦିଆଯାଇଛି । ତେଣୁ ଉପନ୍ୟାସର ଶେଷଭାଗରେ ପାଠକ ବିଶେଷ ଆଗ୍ରହୀ ହୋଇ ପାରେ ନାହିଁ । ପାପୀର ଶାସ୍ତିଭୋଗ ଦେଖାଇବା ପାଇଁ ଔପନ୍ୟାସିକ ମୁଖ୍ୟ ଚରିତ୍ରଗୁଡ଼ିକୁ ଅନୁତପ୍ତ ଅବସ୍ଥାରେ ରଖିଦେଇ ଅଛନ୍ତି । ଇନ୍ଦୁମତୀ ଓ ମରୁଆର ଶାସ୍ତି ପାଠକ ମନରେ ଗଭୀର ଦୁଃଖ ଜାତ କରାଏ । କବିତାପୂର୍ଣ୍ଣ ଚିଠି ଲେଖି ଗୋବିନ୍ଦଚନ୍ଦ୍ରଙ୍କୁ ପ୍ରତାରିତ କରିବାରେ ରାଜୀବଲୋଚନହିଁ ପ୍ରକୃତରେ ଦାୟୀ । କିନ୍ତୁ ରାଜୀବଲୋଚନ କୌଣସି ଶାସ୍ତି ପାଇ ନାହାନ୍ତି, ଅଥଚ ଠିକ୍ ଏହି ଦୋଷ ପାଇଁ ଇନ୍ଦୁମତୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି । ଇନ୍ଦୁମତୀଙ୍କ ଆତ୍ମହତ୍ୟା ପାଇଁ ପାଠକ କୌଣସି ବଳିଷ୍ଠ କାରଣ ଖୋଜି ପାଏ ନାହିଁ । ମରୁଆ ସେହିପରି ସାରା ଜୀବନ ସନ୍ନ୍ୟାସିନୀ ଭାବରେ କଟାଇଛି । କିନ୍ତୁ ତାର ଦୋଷ କଅଣ ? ସଙ୍ଗତା ବିଷୟରେ ମଧ୍ୟ ପାଠକ ଅସଲଗ୍ନତା ଅନୁଭବ କରେ । ସଙ୍ଗତା-ତୁଲ୍ୟ ବିଶ୍ୱାସୀ ଓ ପ୍ରଭୁଭକ୍ତ ନୌକର ଜଗତରେ ବିରଳ । କିନ୍ତୁ ତାର ପ୍ରଭୁଭକ୍ତିର କି ପୁରସ୍କାର ମିଳିଛି ? ଜୀବନର ସମସ୍ତ ଶୂନ୍ୟତା ମଧ୍ୟରେ ସେ ବୈରାଗୀ ସାଜି ଗୋବିନ୍ଦଚନ୍ଦ୍ରଙ୍କ ସହଚର ହୋଇଛି ।

ଫକୀରମୋହନଙ୍କ ପ୍ରତ୍ୟେକ ଉପନ୍ୟାସରେ ନାଟକୀୟ ଅତିରଞ୍ଜନ ଦେଖା-

ଅଧିକେ ଦେଖିବାକୁ ମିଳେ । *ପ୍ରାୟଶଃ* ର ଉପନ୍ୟାସରେ ମଧ୍ୟ ଅତିରଞ୍ଜନ ସ୍ପଷ୍ଟ । ନାଟକୀୟ ଅତିରଞ୍ଜନ ସହିତ ଭାବପ୍ରବଣତାର ସମ୍ମିଶ୍ରଣ ଫଳରେ ଏହି ସମାପ୍ତି ପାଠକର ରସାସ୍ୱାଦନରେ ବାଧା ଘଟାଏ ।

ଉପନ୍ୟାସର ସମାପ୍ତିରେ ସମସ୍ତଙ୍କୁ ସଂସାରକ୍ଷେତ୍ରରୁ ଦୂରେଇ ନେଇଯିବା ଫଳରେ ଆପାତଦୃଷ୍ଟିରେ ଫକୀରମୋହନ ପଳାୟନପନ୍ଥୀ ବୋଲି ମନେ ହୁଅନ୍ତି । ବୈଷ୍ଣବଚରଣ ପଟ୍ଟନାୟକ ଜମିଦାର ଥିବା ଅବସ୍ଥାରେ ପ୍ରକୃତରେ ବୈରାଗୀ ଭାବରେ ଗୋବିନ୍ଦଙ୍କୁ ଭଜି ଭଜି ସମୟ କଟାଉଥିଲେ ସତ, କିନ୍ତୁ ଶେଷ ଜୀବନରେ ସେ ଘର ଛାଡ଼ି ବୃନ୍ଦାବନଧାମକୁ ଚାଲିଗଲେ । ସଙ୍କର୍ଷଣ ମହାନ୍ତି ଓ ଗୋବିନ୍ଦଚନ୍ଦ୍ର ମଧ୍ୟ ବୃନ୍ଦାବନଧାମରେ ଉପସ୍ଥିତ ହୋଇଛନ୍ତି । ସମସ୍ତେ ଯେପରି ଏ ଦୁନିଆରୁ ବାହାରି ଯାଇଛନ୍ତି । କିନ୍ତୁ ବାସ୍ତବରେ ଫକୀରମୋହନ କାହାକୁ ପଳାୟନପନ୍ଥୀ କରି ନାହାନ୍ତି । ବୃନ୍ଦାବନ ତୀର୍ଥରେ ବୈଷ୍ଣବ-ଚରଣ କହିଛନ୍ତି, "ଆମ୍ଭମାନଙ୍କର ଦୁଇଗୋଟି କର୍ତ୍ତବ୍ୟ—ଗୋଟିଏ ଶରୀର ସକାଶେ, ଅନ୍ୟଟି ଆତ୍ମା ପ୍ରତି । × × × ଯେତେକାଳ ପର୍ଯ୍ୟନ୍ତ ଶରୀରରେ ସାମର୍ଥ୍ୟ ଥାଏ, ଇନ୍ଦ୍ରିୟଗଣ କାର୍ଯ୍ୟକ୍ଷମ ଥାନ୍ତି, ତେତେ-ଦିନ ପର୍ଯ୍ୟନ୍ତ ସମାଜ ଏବଂ ନ୍ୟାୟମାର୍ଗରେ ଆତ୍ମସୁଖ ସୌଭାଗ୍ୟ ସଂବର୍ଦ୍ଧନ ବିଷୟରେ ସଯତ୍ନ ହେବା ସମ୍ପୂର୍ଣ୍ଣରୂପେ ଉଚିତ । × × ଇନ୍ଦ୍ରିୟଗଣ ଅବଶ ଓ କାର୍ଯ୍ୟସାଧନରେ ଅକ୍ଷମ ହେଲେ କେବଳ ଆତ୍ମୋନ୍ନତି ବିଷୟରେ ସଯତ୍ନ ହେବା ଉଚିତ ।" ଗୋବିନ୍ଦଚନ୍ଦ୍ରଙ୍କୁ ବୃନ୍ଦାବନ-ଧାମରୁ ଘରକୁ ଫେରି ଆସିବା ପାଇଁ ଉପଦେଶ ଦେଇ ସେ ପୁଣି କହିଛନ୍ତି ଯେ ଧର୍ମର ଦୁଇଗୋଟି ଅଙ୍ଗଅଛି—ହରିଙ୍କ ଭଜନ ଓ

ଈଶ୍ୱରଙ୍କ ପ୍ରିୟକାର୍ଯ୍ୟ ସାଧନ । ଈଶ୍ୱରଦତ୍ତ ସଦ୍‌ବୃତ୍ତିଗୁଡ଼ିକୁ ମାନବସେବାରେ ନିୟୋଜିତ କରି ଲୋକସାଧାରଣଙ୍କର ମଙ୍ଗଳ କରିବା ଉଚିତ । ସନ୍ନ୍ୟାସାଶ୍ରମରେ ଥାଇ ଦେବାର୍ଚ୍ଚନା କଲେ ଆତ୍ମୋନ୍ନତି ହୋଇ ପାରେ ସତ, କିନ୍ତୁ ସେଥିରେ ସ୍ୱାର୍ଥପରତା ପ୍ରକାଶ ପାଏ । ଏହି ଉପଦେଶକୁ ଗ୍ରହଣ କରି ଗୋବିନ୍ଦଚନ୍ଦ୍ର ଦେଶକୁ ଫେରି ଆସିଛନ୍ତି । ତେଣୁ ଫକୀରମୋହନଙ୍କୁ ପଳାୟନବାଦୀ ଆଖ୍ୟା ଦେବା ଅନୁଚିତ ।

'ପ୍ଲଟ୍'ର ସମାପ୍ତିରେ ଦୁର୍ବଳତା ଦେଖାଗଲେ ମଧ୍ୟ *ପ୍ରାୟଶ୍ଚିତ୍ତ* କଳାଦୃଷ୍ଟିରୁ *ଛମାଣ ଆଠଗୁଣ୍ଠ* ଓ *ମାମୁଁ* ଅପେକ୍ଷା ଉତ୍କୃଷ୍ଟତର ହୋଇଅଛି । ସୁଯୋଗ ପାଇବା ମାତ୍ରେ ଫକୀର-ମୋହନ ନିଜର ମତକୁ ପ୍ରକାଶ କରିବା ପାଇଁ ସବୁବେଳେ ବ୍ୟାକୁଳ । ତେଣୁ *ଛମାଣ ଆଠଗୁଣ୍ଠ* ଓ *ମାମୁଁ*ରେ ଅନେକ ଅବାନ୍ତର ଟୀକା ଟିପ୍ପଣୀ ଦେଖାଯାଏ । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ଫକୀରମୋହନ ତାଙ୍କ ନିଜ ମତବାଦକୁ 'ପ୍ଲଟ୍' ସହିତ ସୁନ୍ଦର ଭାବରେ ସଂଶ୍ଳିଷ୍ଟ କରିଅଛନ୍ତି । ଉଦାହରଣ ସ୍ୱରୂପ ଭୋଜୀ ସଭାରେ କମଳଲୋଚନ 'ଯୌନ ନିର୍ବାଚନ' ସମ୍ପର୍କରେ ଅର୍ଦ୍ଧ ଆଠପୃଷ୍ଠାବ୍ୟାପୀ ଯେଉଁ ଭାଷଣ ପାଠ କରିଛନ୍ତି ସେଥିରେ ଫକୀରମୋହନ ବିବାହ ସମ୍ପର୍କରେ ଆମ ସମାଜରେ ପ୍ରଚଳିତ କୁସଂସ୍କାର ପ୍ରତି ତୀବ୍ର କଟାକ୍ଷପାତ କରିଛନ୍ତି । ଅନ୍ୟ ଦିଗରୁ ବିଚାର କଲେ ଏହି ପରିଚ୍ଛେଦଟି ଗୋବିନ୍ଦଚନ୍ଦ୍ରଙ୍କ ମନରେ ପରିବର୍ତ୍ତନ ଆଣିବା ପାଇଁ ଆୟୁଧରୂପେ ବ୍ୟବହୃତ ହୋଇଅଛି । 'ପ୍ଲଟ୍' ସହିତ ଏହା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଉପନ୍ୟାସର ଶେଷ ଭାଗରେ ଫକୀରମୋହନ ଜୀବନର ଆଦର୍ଶ ସମ୍ପର୍କରେ ବିଭିନ୍ନ ଧର୍ମଶାସ୍ତ୍ର ଆଲୋଚନା କରିଛନ୍ତି । ଏହି ଆଲୋଚନା ଅପ୍ରାସଙ୍ଗିକ

ନୁହେ, ବରଂ ଗୋବିନ୍ଦଚନ୍ଦ୍ରଙ୍କୁ ଜନ୍ମଭୂମିକୁ ଫେରାଇବା ଉଦ୍ଦେଶ୍ୟରେ ଏହା ଯଥେଷ୍ଟ ସହାୟକ । ଫକୀରମୋହନ ନିଜର ମତକୁ 'ପ୍ଲଟ୍'ର ଅଙ୍ଗ ରୂପେ ଦେଖାଇ ଥିବାରୁ ପାଠକର ରସାସ୍ୱାଦନରେ ବ୍ୟାଘାତ ଜନ୍ମେ ନାହିଁ ।

**ପ୍ରାୟଶ୍ଚିତ୍ତ**ର ଦ୍ୱିତୀୟ ସଂସ୍କରଣରେ ଶ୍ରୀଯୁକ୍ତ ମୋହିନୀମୋହନ ସେନାପତି ଉପନ୍ୟାସ ସମାପ୍ତିରେ ଗୁରୁତର ପରିବର୍ତ୍ତନ କରିଅଛନ୍ତି । ଦ୍ୱିତୀୟ ସଂସ୍କରଣର ଚତ୍ୱାରିଂଶତ୍ ପରିଚ୍ଛେଦର ପ୍ରଥମ ତିନିଗୋଟି ଅନୁଚ୍ଛେଦରେ ପ୍ରଥମ ସଂସ୍କରଣର ସପ୍ତଚତ୍ୱାରିଂଶତ୍ ପରିଚ୍ଛେଦରେ ଥିବା ପ୍ରଥମ ଦୁଇଟି ଅନୁଚ୍ଛେଦର ଶେଷ ଦୁଇପଂକ୍ତି ବ୍ୟତୀତ ସମସ୍ତ ଅକ୍ଷୁଣ୍ଣ ଭାବରେ ରଖା ଯାଇଅଛି । କିନ୍ତୁ ତୃତୀୟ ଅନୁଚ୍ଛେଦଠାରୁ ଶେଷ ଅନୁଚ୍ଛେଦ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନୂତନ ବିଷୟବସ୍ତୁ ସଂଯୋଜିତ ହୋଇଛି । ଏଥିରେ ଗୋବିନ୍ଦଚନ୍ଦ୍ରଙ୍କ ଅତୀତ ଜୀବନଚିନ୍ତା ଛଳରେ ବର୍ତ୍ତମାନ ସଭ୍ୟତା, ଧର୍ମ ଓ ପ୍ରାୟଶ୍ଚିତ୍ତ ସମ୍ପର୍କରେ ମତବାଦ ପ୍ରକାଶ ପାଇଛି । ତାହା ଫକୀରମୋହନଙ୍କ ସ୍ୱଲିଖିତ ନୁହେ । ଏହି ଦୁଇଟି ସଂସ୍କରଣକୁ ତୁଳନା କଲେ ମନେ ହୁଏ ଯେ ପ୍ରଥମ ସଂସ୍କରଣର ସମାପ୍ତିର ଦୁର୍ବଳତାକୁ ଦୂର କରିବା ଉଦ୍ଦେଶ୍ୟରେ ମୋହିନୀମୋହନ ଏପରି ପରିବର୍ତ୍ତନ କରିଅଛନ୍ତି । ଗୋବିନ୍ଦଚନ୍ଦ୍ର ଉପନ୍ୟାସର ନାୟକ ହେଲେ ମଧ୍ୟ ପ୍ରଥମ ସଂସ୍କରଣର ସମାପ୍ତିରେ ପାଠକର ଧ୍ୟାନ ନାୟକ ଉପରେ କେନ୍ଦ୍ରୀଭୂତ ନ ରହି ଇତସ୍ତତଃ ଭାବରେ ବିକ୍ଷିପ୍ତ ହୋଇଯାଏ । ତାହା ବ୍ୟତୀତ ସମାପ୍ତିର ଅବାସ୍ତବତା ଏବଂ କୃତ୍ରିମତା ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଦ୍ୱିତୀୟ ସଂସ୍କରଣରେ ଉପନ୍ୟାସର ସମାପ୍ତିରେ ଆମୂଳଚୂଳ ପରିବର୍ତ୍ତନଦ୍ୱାରା ସଙ୍କର୍ଷଣ

ମହାନ୍ତି, ବୈଷ୍ଣବଚରଣ ପଟ୍ଟନାୟକ, ଗୋବିନ୍ଦଚନ୍ଦ୍ର, ସଦାନନ୍ଦ ଓ ମରୁଆ ପ୍ରଭୃତିଙ୍କୁ ବୈରାଗୀ ହିସାବରେ ନ ଦେଖାଇ କେବଳ ଗୋବିନ୍ଦଚନ୍ଦ୍ରଙ୍କ ମନରେ ଅନୁତାପ ଦେଖାଇ ଦିଆଯାଇଛି । ଗୋବିନ୍ଦ-ଚନ୍ଦ୍ର ତାଙ୍କ ପାପ ନିମିତ୍ତ ପ୍ରାୟଶ୍ଚିତ୍ତର ଆବଶ୍ୟକତା ଅନୁଭବ କରୁଥିବା ସମୟରେ ଉପନ୍ୟାସର ସମାପ୍ତି ହୋଇଛି । ଏହା ଫଳରେ ପାଠକର ମନୋଯୋଗ ନାୟକଠାରେ କେନ୍ଦ୍ରୀଭୂତ ହୋଇ ପାରୁଛି ।

ପରବର୍ତ୍ତିତ ସଂସ୍କରଣରେ ଇନ୍ଦୁମତୀ ସମ୍ପର୍କୀୟ ବିଷୟବସ୍ତୁରେ ବିଶେଷ ପାର୍ଥକ୍ୟ ସୂଚିତ ହୁଏ । ପ୍ରଥମ ସଂସ୍କରଣରେ ଇନ୍ଦୁମତୀ ଆତ୍ମହତ୍ୟା କରିଛନ୍ତି । ଏଥିପାଇଁ କୌଣସି ବଳିଷ୍ଠ କାରଣ ନ ଥିବାରୁ ବୈଚିତ୍ର୍ୟମୟୀ ପୃଥିବୀର ଏକ ବିଚିତ୍ର ଘଟଣା ଛଡ଼ା ଅନ୍ୟ କୌଣସି ଉପାୟରେ ପାଠକ ଏହାକୁ ଗ୍ରହଣ କରି ପାରେ ନାହିଁ । କିନ୍ତୁ ପରବର୍ତ୍ତିତ ସଂସ୍କରଣରେ ଇନ୍ଦୁମତୀଙ୍କୁ ଜୀବିତ ରଖାଯାଇଛି । ଅନୁତାପାନଳରେ ଦଗ୍ଧୀଭୂତ ହୋଇ ପରିବର୍ତ୍ତିତ ମନରେ ଗୋବିନ୍ଦଚନ୍ଦ୍ର କିପରି ଦାମ୍ପତ୍ୟ ଜୀବନ ଅତିବାହିତ କରିଥିବେ, ସଙ୍କର୍ଷଣ ମହାନ୍ତି ଓ ବୈଷ୍ଣବଚରଣ ନିଜର ଭୁଲ ବୁଝିବା ପରେ ଗୋବିନ୍ଦଚନ୍ଦ୍ରଙ୍କ ପ୍ରତି କିପରି ବ୍ୟବହାର କରିଥିବେ—ଏ ସବୁ ପାଠକର କଳ୍ପନାଶକ୍ତି ଉପରେ ଛାଡ଼ି ଦିଆଯାଇଛି । ଇନ୍ଦୁମତୀଙ୍କ ସହିତ ଗୋବିନ୍ଦଚନ୍ଦ୍ରଙ୍କ ପ୍ରଣୟ ଉପନ୍ୟାସର ମୁଖ୍ୟବସ୍ତୁ । ପ୍ରଥମ ସଂସ୍କରଣରେ ଏହି ପ୍ରଣୟର ଚୂଡ଼ାନ୍ତ ବିଫଳତାକୁ ରୂପ ଦିଆଯାଇଛି । ତେଣୁ 'ପ୍ଲଟ୍'ର ମାଧୁର୍ଯ୍ୟ ଅନେକ ପରିମାଣରେ କମି ଯାଇଛି, କିନ୍ତୁ ପରବର୍ତ୍ତିତ ସଂସ୍କରଣରେ କେବଳ ଉତ୍ତେଜନାର କୁଫଳକୁ ଚିତ୍ରଣ କରାଯାଇଛି, ଗୋବିନ୍ଦଚନ୍ଦ୍ର

ଓ ଇନ୍ଦୁମତୀଙ୍କ ପ୍ରଣୟକୁ ପୂର୍ଣ୍ଣ ବିଫଳତାରେ ପର୍ଯ୍ୟବସିତ କରା ଯାଇନାହିଁ ।

ମୂଳ ଉପନ୍ୟାସ ହତାଶାକୁହିଁ ପ୍ରାଧାନ୍ୟ ଦେଇଛି । କିନ୍ତୁ ପରିବର୍ତ୍ତିତ ସଂସ୍କରଣରେ ମାନବ ଜୀବନର ସାଧାରଣ ବିପର୍ଯ୍ୟୟକୁ ରୂପାୟିତ କରାଯାଇଛି । ଏହି ସମ୍ପର୍କରେ ମୂଳ ଉପନ୍ୟାସ ଲେଖିବା ସମୟରେ ଫକୀରମୋହନଙ୍କ ମାନସିକ ଅବସ୍ଥା ବିଚାର କରାଯାଇ ପାରେ । କ୍ରମାଗତ ଅସୁସ୍ଥତା, ମାନସିକ ଅଶାନ୍ତି ଓ ନିଃସଙ୍ଗ ଜୀବନ-ଯାପନ ତାଙ୍କ ମନରେ ମାନବଜୀବନ ଦୁଃଖମୟ ବୋଲି ବଦ୍ଧମୂଳ ଧାରଣା ସୃଷ୍ଟି କରିଥିଲା । ତେଣୁ *ପ୍ରାୟଶ୍ଚିତ୍ତ*ରେ ସେ ଲେଖିଛନ୍ତି, "ହିନ୍ଦୁର ସମସ୍ତ ଦର୍ଶନଶାସ୍ତ୍ର ତଥା ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ *ଭଗବଦ-ଗୀତା*ର ମୂଳସୂତ୍ର ଦୁଃଖବାଦ । ସ୍ୱୟଂ ମହର୍ଷି ଗୌତମ ମଧ୍ୟ ଦୃଢ଼ରୂପେ ବୋଲି ଯାଇଅଛନ୍ତି, ମାନବର ପୃଥିବୀକୁ ଆଗମନର କାରଣ କ୍ରନ୍ଦନ । ମାନବ ଜନ୍ମ ସମୟରେ କ୍ରନ୍ଦନ, ମୃତ୍ୟୁ ସମୟରେ କ୍ରନ୍ଦନ, ଜୀବନବ୍ୟାପୀ କାଳ କ୍ରନ୍ଦନମୟ, ମାନବ ସନ୍ତାନ ସୁଖ ସୌଭାଗ୍ୟ ବୋଲି ଯାହା ଭୋଗକରେ ସେଟା ଦୁଃଖର ଅଭାବ ମାତ୍ର । ସୁସ୍ପଷ୍ଟ ଦେଖାଯାଇଛି, ବିଧାତା ପୁରୁଷ ମାନବସନ୍ତାନ ଅଦୃଷ୍ଟରେ ନିରବଚ୍ଛିନ୍ନ ସୌଭାଗ୍ୟ ଲେଖିବା ବିଷୟରେ ଯେମନ୍ତ ନିତାନ୍ତ କାର୍ପଣ୍ୟ ପ୍ରକାଶ କରିଅଛନ୍ତି ।" ପୂର୍ବବର୍ତ୍ତୀ ଉପନ୍ୟାସଗୁଡ଼ିକରେ ଫକୀର-ମୋହନ ମାନବଜୀବନର ଦୁଃଖକଷ୍ଟ ବର୍ଣ୍ଣନ କରିଛନ୍ତି ସତ୍ୟ, କିନ୍ତୁ *ପ୍ରାୟଶ୍ଚିତ୍ତ*ର ଉପର୍ଯ୍ୟୁକ୍ତ ଅନୁଚ୍ଛେଦରେ ପାଠକ କେବଳ ନୈରାଶ୍ୟର ଚିତ୍ର ଦେଖିବାକୁ ପାଏ । ଏ ନୈରାଶ୍ୟ ମଧ୍ୟରେ ଫକୀରମୋହନ କର୍ତ୍ତବ୍ୟ କଥା ମନେ ରଖି ଉପନ୍ୟାସର ସମାପ୍ତିରେ ତାହାର

ଅବତାରଣା କରିଥିଲେହେଁ ତାଙ୍କର ସମସ୍ତ ମତବାଦ ନିରାଶାର କାଳିମାରେ ଅବଗୁଣ୍ଠିତ ହୋଇଛି । ତେଣୁ ମୂଳ ଉପନ୍ୟାସର ଏପରି ସମାପ୍ତିରେ ପାଠକ ଅସ୍ୱାଭାବିକତା ବା କୃତ୍ରିମତା ଦେଖିପାରେ କିନ୍ତୁ ଫକୀରମୋହନଙ୍କ ଦୃଷ୍ଟିକୋଣରୁ ବିଚାର କଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ । ମୋହିନୀମୋହନ ଉପନ୍ୟାସକୁ ପରିବର୍ତ୍ତିତ କରି ସମାପ୍ତିର କଳାକୁଶଳତା ରକ୍ଷା କରିବା ନିମିତ୍ତ ଉଦ୍ୟମ କରିଛନ୍ତି ସତ୍ୟ, ମାତ୍ର ତାଙ୍କର ସେହି ଉଦ୍ୟମ ସଫଳ ହୋଇ ପାରିନାହିଁ । ପରିବର୍ତ୍ତିତ ସଂସ୍କରଣରେ ପରିଣତି ଆସିଛି ଅତି ଆକସ୍ମିକ ଭାବରେ । ଏହି ଆକସ୍ମିକତା ହେତୁ ପାଠକ ଉପନ୍ୟାସର ସମାପ୍ତି ପରେ ଏକ ଅସନ୍ତୋଷ ଅନୁଭବ କରେ ।

'ପ୍ଲଟ୍'ର ଆରମ୍ଭ ଓ ମଧ୍ୟଭାଗରେ ଫକୀରମୋହନ ଯେଉଁ କ୍ରମ ରକ୍ଷା କରିଛନ୍ତି ପରିବର୍ତ୍ତିତ ସଂସ୍କରଣରେ ହଠାତ୍ ସେହି କ୍ରମ ବାଧାପ୍ରାପ୍ତ ହୋଇଅଛି । ସ୍ୱଚ୍ଛସଲିଳା ନଦୀର ଗତିପଥରେ ପଥରବନ୍ଧ ନିର୍ମାଣଦ୍ୱାରା ଜଳଭଣ୍ଡାର ସୃଷ୍ଟି କରାଯାଇ ପାରେ, କିନ୍ତୁ ଏଥିରେ ସ୍ୱାଭାବିକତା ରଖିବା ସହଜସାଧ୍ୟ ନୁହେ । ଏଥିପାଇଁ ଏହି ପରିବର୍ତ୍ତିତ ସଂସ୍କରଣ ଉପଭୋଗ୍ୟ ହୋଇ ପାରିନାହିଁ ।

*ଛମାଣ ଆଠଗୁଣ୍ଠ* ଓ *ମାମୁଁ* ପରି *ପ୍ରାୟଶ୍ଚିତ୍ତ* ମଧ୍ୟ ଏକ ପାରିବାରିକ ଉପନ୍ୟାସ । ଦୁଇଟି ଜମିଦାର ପରିବାରକୁ କେନ୍ଦ୍ର କରି ଏହି ଉପନ୍ୟାସର 'ପ୍ଲଟ୍' ଗଢ଼ି ଉଠିଛି । କିନ୍ତୁ ପୂର୍ବୋକ୍ତ ଉପନ୍ୟାସ ଦୁଇଟି ଅପେକ୍ଷା ଏହାର 'ପ୍ଲଟ୍' ଭିନ୍ନ । *ଛମାଣ ଆଠଗୁଣ୍ଠ* ଓ *ମାମୁଁ* ପରି ଏଥିରେ ମଧ୍ୟ ଚରିତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆ

ଯାଇଛି । କିନ୍ତୁ ପ୍ରଥମ ଉପନ୍ୟାସ ଦୁଇଟିରେ ଏହି ଚକ୍ରାନ୍ତ ଉପନ୍ୟାସର ମୂଳପିଣ୍ଡ ହୋଇଥିବା ସ୍ଥଳେ *ପ୍ରାୟଶ୍ଚିତ୍ତ*ରେ ଚକ୍ରାନ୍ତ ସହିତ ସମାଜ-ସଂସ୍କାର ସମାନ ଗୁରୁତ୍ୱ ପାଇଥିବା ପରି ମନେହୁଏ । ବସ୍ତୁତଃ ସମାଜସଂସ୍କାର 'ପ୍ଲଟ୍'ର ଏକ ଅଙ୍ଗ ରୂପେ ଏହି ଚକ୍ରାନ୍ତ ସହିତ ସଂଶ୍ଳିଷ୍ଟ ରହିଛି । *ଛମାଣ ଆଠଗୁଣ*ରେ ଫକୀରମୋହନ ପାଠକକୁ ଯେଉଁ କାହାଣୀ ପରିବେଷଣ କରିଥିଲେ *ମାମୁଁ*ରେ ଏକ ନୂତନ ଭଙ୍ଗୀରେ ଠିକ୍ ସେହି କାହାଣୀକୁହିଁ ପରିବେଷଣ କରିଅଛନ୍ତି । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ଏକ ନୂତନ କାହାଣୀ ପାଠକ ସମ୍ମୁଖରେ ଉପସ୍ଥାପିତ ହୋଇଅଛି । କାହାଣୀର ଏହି ନୂତନତ୍ୱହିଁ ଉପନ୍ୟାସଟିକୁ ଚିତ୍ତାକର୍ଷକ କରିବାର ପ୍ରଧାନ କାରଣ ।

*ପ୍ରାୟଶ୍ଚିତ୍ତ*ର ଉପନ୍ୟାସର ନାମକରଣରେ କୌଣସି ବିଶେଷତ୍ୱ ଅନୁଭବ ହୁଏ ନାହିଁ । ଏହି ଉପନ୍ୟାସର ସମସ୍ତ ମୁଖ୍ୟ ଚରିତ୍ର ପାପୀ । କାହାର ହୁଏତ ପାପର ମାତ୍ରା ଅଧିକ, କାହାର ହୁଏତ ଊଣା । ଘଟଣା ଚକ୍ରରେ ସାମୟିକ ଭାବରେ ପାପୀମାନେ କୃତକାର୍ଯ୍ୟ ହୋଇଛନ୍ତି । କିନ୍ତୁ ପରିଶେଷରେ ସମସ୍ତେ ପାପର ଶାସ୍ତି ଭୋଗ କରିଛନ୍ତି । ଇନ୍ଦୁମଣି, ଗୋବିନ୍ଦଚନ୍ଦ୍ର ଓ ସଦାନନ୍ଦ ତାଙ୍କ ପାପ ପାଇଁ ଶାରୀରିକ ଓ ମାନସିକ ଉଭୟ ପ୍ରକାର ଶାସ୍ତି ପାଇଛନ୍ତି । ସମସ୍ତଙ୍କ ମନରେ ଆସିଛି ଅନୁଶୋଚନା ଏବଂ ପ୍ରାୟଶ୍ଚିତ୍ତ କରିବା ପାଇଁ ପ୍ରବଳ ଆକାଙ୍କ୍ଷା । ରାମଚନ୍ଦ୍ର ମଙ୍ଗରାଜ ଓ ନଟବର ଦାସ ଶେଷରେ ଏହିପରି ଶାସ୍ତି ପାଇଛନ୍ତି । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ସମସ୍ତେ ନିଜ ନିଜର ଭୁଲ ବୁଝି ସ୍ୱେଚ୍ଛାରେ ପ୍ରାୟଶ୍ଚିତ୍ତକୁ ବରଣ କରି ନେଇଛନ୍ତି ।

*ମାମୁଁ* ଉପନ୍ୟାସରେ ପାଠକ ଊନବିଂଶ ଶତାବ୍ଦୀର ପ୍ରାୟ ଶେଷାର୍ଦ୍ଧର ସାମାଜିକ ଚିତ୍ର ଦେଖିବାକୁ ପାଏ । *ପ୍ରାୟଶ୍ଚିତ୍ତ*ରେ ତାର ଅବ୍ୟବହିତ ପରବର୍ତ୍ତୀ ସମାଜର ଏକ ନିଖୁଣ ଚିତ୍ର ଅଙ୍କିତ ହୋଇଛି । *ପ୍ରାୟଶ୍ଚିତ୍ତ*ରେ ଯେଉଁ ସମାଜର ଚିତ୍ର ପାଠକ ଦେଖେ ସେ ସମାଜରେ କେବଳ କୋର୍ଟ କଚେରି, ପୋଲିସ୍ ଥାନା କିମ୍ବା ମୁଷ୍ଟିମେୟ ଇଂରାଜୀ ସ୍କୁଲର ପ୍ରତିଷ୍ଠାରେ ଇଂରାଜୀ ସଭ୍ୟତା ସୀମିତ ହୋଇନାହିଁ । ବରଂ ଏହା କ୍ଷୁଦ୍ରଗଣ୍ଡି ମଧ୍ୟରେ ଆବଦ୍ଧ ହେବା ପରିବର୍ତ୍ତେ ସମାଜର ବିଭିନ୍ନ ଅଙ୍ଗକୁ ସ୍ପର୍ଶ କରି ସାମାଜିକ ଜୀବନରେ ଏକ ନାଟକୀୟ ରୂପାନ୍ତର ଆଣିବା ପାଇଁ ମଧ୍ୟ ଆସ୍ଫାଳନ କରିଛି । *ଛମାଣ ଆଠଗୁଣ୍ଠ*ରେ ଏହି ପରିସର ଥିଲା ଅତି ସଙ୍କୀର୍ଣ୍ଣ, *ମାମୁଁ*ରେ କିନ୍ତୁ ତାହା ବୃଦ୍ଧି ପାଇଛି । *ପ୍ରାୟଶ୍ଚିତ୍ତ* ବେଳକୁ ଏହା ପୂର୍ଣ୍ଣତା ଆଡ଼କୁ ଗତି କରିଛି । ଏକ ସମୟରେ ସଙ୍କୀର୍ଣ୍ଣ, ପାର୍ବତ୍ୟ ନଦୀର ରୂପ ନେଇ ଯାହା ଆତ୍ମପ୍ରକାଶ କରିଥିଲା ସେହି ନଦୀଟି ସମତଳ ଅଞ୍ଚଳରେ ପ୍ରବେଶ କରିବା ପରେ ନାନା ଉପନଦୀଦ୍ୱାରା ପରିପୁଷ୍ଟ ହୋଇ ନିଜର ଶକ୍ତି ଦେଖାଇବା ଉଦ୍ଦେଶ୍ୟରେ ଦୁଇକୂଳ ପ୍ଲାବନ କରି ଦେବା ପାଇଁ ତତ୍ପର । ସମାଜର ଟିକିନିଖି ଆଗ୍ରହ ବ୍ୟବହାରରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି । ଇଂରାଜୀ ସଭ୍ୟତାରେ ଉଦ୍‌ବୁଦ୍ଧ ହୋଇ ମଧ୍ୟବର୍ତ୍ତୀ ଶ୍ରେଣୀର ଯେଉଁ ଜାଗରଣ ଘଟିଛି *ମାମୁଁ*ରେ ତାହାର ସୂଚନା ମିଳେ । *ପ୍ରାୟଶ୍ଚିତ୍ତ*ରେ ମଧ୍ୟବର୍ତ୍ତୀ ଶ୍ରେଣୀର କାର୍ଯ୍ୟକଳାପର ବର୍ଣ୍ଣନା ଦେଖାଯାଏ । ଇଂରାଜୀ ସଭ୍ୟତାର ପ୍ରଭାବ ଓ ମଧ୍ୟବିତ୍ତ ଶ୍ରେଣୀର ଜାଗରଣ ଫଳରେ ଜମିଦାରୀ ଗୋଷ୍ଠୀର କ୍ରମିକ ଅବସାନର ଯେଉଁ ଚିତ୍ର *ଛମାଣ ଆଠଗୁଣ୍ଠ* ଓ *ମାମୁଁ*ରେ ଅଙ୍କିତ

ହୋଇଅଛି *ପ୍ରାୟଶ୍ଚିତ୍ତ*ରେ ପୁଣି ଥରେ ତାହା ଦେଖିବାକୁ ମିଳେ । ବାଘସିଂହ ଓ ଉତ୍ତରରାୟ ବଂଶପରି ବୈଷ୍ଣବଚରଣଙ୍କର ଏକ ଖାନଦାନୀ ବଂଶ । ରାମଚନ୍ଦ୍ର ମଙ୍ଗରାଜ ଓ ନାଜର ନଟବର ଦାସଙ୍କ ପରି ସଙ୍କର୍ଷଣ ମହାନ୍ତି ତାଙ୍କ ନିଜ ଜୀବଦ୍ଦଶାରେହିଁ ସମ୍ପତ୍ତି ଓ ପ୍ରତିପତ୍ତି ଅର୍ଜନ କରିଛନ୍ତି । କିନ୍ତୁ ଏହି ଉପନ୍ୟାସଟି ଦୁଇଟି ଜମିଦାର ବଂଶର ପତନ କାହାଣୀର ଇତିବୃତ୍ତ । ଇଂରାଜୀ ଶିକ୍ଷା *ମାମୁଁ*ରେ ପ୍ରାୟ ସ୍କୁଲ୍ ସ୍ଥାପନରେ ସୀମିତ ଥିଲା କହିଲେ ଚଳେ । କାରଣ ନଟୁବାବୁ କଲେଜରେ ଏଫ୍. ଏ. ପଢୁଥିଲେ ମଧ୍ୟ କଲେଜ ଜୀବନର ପୁଙ୍ଖାନୁପୁଙ୍ଖ ଚିତ୍ର ଫକୀରମୋହନ ଅଙ୍କନ କରି ନାହାନ୍ତି । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ କଲେଜ ଜୀବନର ଏକ ପ୍ରାଞ୍ଜଳ ଚିତ୍ର ଉପସ୍ଥାପିତ ହୋଇଛି । ଏହି ଚିତ୍ର ଅନୁଶୀଳନ କଲେ ପାଠକ ଦେଖେ ଯୁବଶକ୍ତିର ଜାଗରଣ । *ମାମୁଁ*ରେ ଯୁବଶକ୍ତିର ଆଭାସ ମଧ୍ୟ ନ ଥିଲା । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ଯୁବଶକ୍ତି ଜନ୍ମଲାଭ କରିଛି, ସଂଗଠିତ ହୋଇଛି ଓ ପରିଶେଷରେ ସମାଜର ପରମ୍ପରା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତା ପ୍ରଚାର କରିବାରେ ଦୃଢ଼ପ୍ରତିଜ୍ଞ ହୋଇଛି ।

ଯେ କୌଣସି ଆନ୍ଦୋଳନ ପ୍ରଥମ ଅବସ୍ଥାରେ ଅତି ତୀବ୍ରଭାବରେ ଅନୁଭୂତ ହୋଇଥାଏ । ଏହି ତୀବ୍ରତା ବିଚାର ଶକ୍ତି ଫଳରେ ଜାତ ହୁଏ ନାହିଁ । ଏହା ମୁଖ୍ୟତଃ ଭାବପ୍ରବଣ । ବାସ୍ତବିକ ଏହା ଉତ୍ତେଜନାରହିଁ ଏକ ରୂପ ମାତ୍ର । ଏହା ଫଳରେ ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟରେ ଆନ୍ଦୋଳନ ସୀମାବଦ୍ଧ ନ ରହି ବିଭିନ୍ନ ଆନୁସଙ୍ଗିକ ରୀତିନୀତି ଉପରେ ମଧ୍ୟ ଆକ୍ରମଣ କରେ । *ପ୍ରାୟଶ୍ଚିତ୍ତ*ରେ ସେହିପରି ଜାତିଭେଦ ଏବଂ ସାମ୍ପ୍ରଦାୟିକ ସଙ୍କୀର୍ଣ୍ଣତା ବିରୁଦ୍ଧରେ ଆନ୍ଦୋଳନ

ଆରମ୍ଭ ହୋଇଥିଲେହେଁ ପାଶ୍ଚାତ୍ୟ ରୀତିନୀତିର ଅନୁକରଣ ମଧ୍ୟ ଏଥିରେ ପ୍ରବେଶ ଲାଭ କରିଛି । ଏହା ଫଳରେ କଲିକତାରେ ଅନୁଷ୍ଠିତ ହୋଇଥିବା ସେଣ୍ଟ୍ ଏଣ୍ଡ୍ରୁଜ ଭୋଜସଭାର ଅନୁକରଣରେ ରାଜୀବଲୋଚନଙ୍କ ଭୋଜସଭାରେ ଗୋବିନ୍ଦଚନ୍ଦ୍ରଙ୍କୁ ସଭାପତି ରୂପେ ନିର୍ବାଚନ କରାଯାଇଛି । ଏହି ଭୋଜ ସଭା ସମ୍ପର୍କରେ ଶ୍ରୀ ନଟବର ସାମନ୍ତରାୟ ଲେଖିଛନ୍ତି, "ପ୍ରାୟଶ୍ଚିତ୍ତରେ ଯେଉଁ "ଭୋଜ ସଭାର" ଆୟୋଜନ ହୋଇଥିଲା, ତା' ଊନବିଂଶ ଶତାବ୍ଦୀରେ ଏ ଦେଶରେ ଯେ ନୂଆ ତା ନୁହେଁ, ତେବେ ତାହା ଏ ସମାଜକୁ ଏପରି ବ୍ୟାପକଭାବେ ଆକ୍ରମଣ କରି ପାରି ନାହିଁ । ତେଣୁ ମଙ୍ଗରାଜ କିମ୍ବା ନଟବରଙ୍କ ଜୀବନରେ ତା ଘଟିନାହିଁ । ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଓଡ଼ିଆ ସାମାଜିକ ଜୀବନ ଏମିତି 'ସଭା'ରେ କେନ୍ଦ୍ରୀଭୂତ ହୋଇଛି ।" * ଭୋଜସଭାରେ ପ୍ଲେଟ୍, କଣ୍ଟା, ଚାମଚର ମଧ୍ୟ ପ୍ରଚଳନ କରା ଯାଇଛି ଏବଂ ଏହି ସମ୍ପର୍କରେ ଇଂରେଜ ସଭ୍ୟତାଲୋକପୁଷ୍ଟ କମଳଲୋଚନ-ବାବୁ ଅତି ମନୋହର ଭାବରେ ନୂତନ ଯୁବଶକ୍ତିର ଉତ୍ତେଜନାକୁ ପ୍ରକାଶ କରିଛନ୍ତି, "ହାତ ଧୁଅ ରେ—ଗୋଡ ଧୁଅ ରେ—ଗାମୁଛାରେ ମୁହଁ ପୋଛ ରେ—ଆସନରେ ବସ ରେ—କଦଳୀ ପତ୍ର ବିଛାଅ ରେ—ତେବେ ଯାଇଁ ଖିଆହେବ । ଶିକ୍ଷିତ ସଭ୍ୟ ଦେଶ-ମାନଙ୍କରେ କେମନ୍ତ ସୁନ୍ଦର ରୀତି ବୋଲତ ? ଖୁବ ସହଜ, ଖୁବ ସୁନ୍ଦର । ଚାମଚ କଣ୍ଟା ଠୁକଠାକ ଚାଲିଚି, ହସି ଖୁସି ଆମୋଦ-ପ୍ରମୋଦ ସଙ୍ଗେ ଖିଆ ।" ଏହାପରେ ଥରକୁଥର ଘଣ୍ଟି ବାଜୁଛି ଏବଂ ଘଣ୍ଟି ବାଜିବା ମାତ୍ରେ ତାଜା ଡିସ୍‌କୁ ଡିସ୍ ସୁପାକ ସୁଗନ୍ଧ

---

* *ବ୍ୟାସକବି ଫକୀରମୋହନ*—ଶ୍ରୀ ନଟବର ସାମନ୍ତରାୟ ।

ଖାଦ୍ୟଦ୍ରବ୍ୟ ଆସି ମେଜ ଉପରେ ପଡ଼ିଥିବା ଟେବୁଲ ଉପରେ ପହଞ୍ଚି ଯାଉଛି ।

ଇଂରାଜୀ ଶିକ୍ଷାର ପ୍ରସାର ଫଳରେ ଯୁବଶକ୍ତି ମଧ୍ୟରେ ଦେଖା ଦେଇଛି ଏକ ନବଚେତନା । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାକୁ ଆଦର୍ଶ ରୂପେ ଗ୍ରହଣକରି ଏବଂ ସେଥିରେ ଆଶିଂକ ଭାବରେ ପରିପୁଷ୍ଟ ହୋଇ ଏହି ଯୁବକଶ୍ରେଣୀ ଭୁଲି ଯାଇଛନ୍ତି ସେମାନଙ୍କର ପରମ୍ପରା । ସମାଜର ବୁକୁପରେ ଚାଲିଥିବା ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଏମାନେ ଯୁଦ୍ଧଘୋଷଣା କରିଛନ୍ତି । ଜରାଜୀର୍ଣ୍ଣ ସମାଜର କଳଙ୍କକୁ ଦୂରକରି ଏକ ନୂତନ ରୂପ ଦେଇ ସମାଜର ପୁନର୍ଗଠନ କରିବା ପାଇଁ ଏମାନେ ତତ୍ପର । ପୂର୍ବବର୍ତ୍ତୀ ଉପନ୍ୟାସଗୁଡ଼ିକରେ ଯୁବଜାଗରଣର କୌଣସି ସଙ୍କେତ ମିଳେ ନାହିଁ । **ପ୍ରାୟଶ୍ଚିତ୍ତ**ରେ ମଧ୍ୟ ଏ ଯୁବଆନ୍ଦୋଳନର କୌଣସି ସ୍ପଷ୍ଟ ରୂପ ଫକୀରମୋହନ ଅଙ୍କନ କରି ନାହାନ୍ତି । ଏମାନଙ୍କୁ ବଳିଷ୍ଠ ନେତୃତ୍ୱ ଦେବା ପାଇଁ କେହି ନାହାନ୍ତି । ଏମାନଙ୍କର କୌଣସି ସୁଚିନ୍ତିତ ପନ୍ଥା ମଧ୍ୟ ନାହିଁ । ଯୁବକଶକ୍ତିର ଅଭ୍ୟୁଦୟର ପ୍ରାରମ୍ଭିକ ଚିତ୍ର ମାତ୍ର **ପ୍ରାୟଶ୍ଚିତ୍ତ**ରେ ରୂପାୟିତ ହୋଇଛି । ତାଙ୍କୁ ଆଲୋକ ଦେଖାଇବା ପାଇଁ କୌଣସି ସୁସ୍ଥ ପରମ୍ପରା ନାହିଁ, ତାଙ୍କୁ ଆଗେଇ ନେଇଯିବା ପାଇଁ କେହି ସହାୟକ ନାହାନ୍ତି । ତାଙ୍କର ଅତୀତ ନାହିଁ, ବର୍ତ୍ତମାନ ମଧ୍ୟ ଶକ୍ତିହୀନ । ତେଣୁ ଏ ଆନ୍ଦୋଳନ ବିଫଳତାରେହିଁ ପର୍ଯ୍ୟବସିତ ହୋଇଛି । ତଥାପି ଯୁବଶକ୍ତିର ଏହି ଚିତ୍ର ଅଙ୍କନ କରି ଫକୀରମୋହନ ଯୁବଶକ୍ତିକୁ ଆଗେଇ ଯିବାପାଇଁ ପ୍ରେରଣା ଦେଇଛନ୍ତି ।

*ପ୍ରାୟଶ୍ଚିତ୍ତ*ରେ ଯେଉଁ ସଂସ୍କାରଚେଷ୍ଟା ଦେଖା ଦେଇଛି ତାହାର ଫଳ ହୋଇଛି ଅତି ଭୀଷଣ । ଏହି ସଂସ୍କାରପଙ୍କରେ ଇନ୍ଦୁମତୀ ନିଜ ପ୍ରାଣକୁ ଆହୁତି ଦେଇଛନ୍ତି । ଅନ୍ୟାନ୍ୟ ମୁଖ୍ୟ ଚରିତ୍ରଗୁଡ଼ିକ ମଧ୍ୟ ଜୀବନକୁ ଅନ୍ଧକାରମୟ ଦେଖିଛନ୍ତି । ସଂସ୍କାର ଫଳରେ ପରିମାର୍ଜିତ ସମାଜରେ ସୁନ୍ଦର ଶାନ୍ତିମୟ ଜୀବନ ଯାପନ କରିବାବଦଳେ ଜଳି ଉଠିଛି ଜୀବନର ଚିତା । ତେବେ କ'ଣ ସଂସ୍କାର ଅନାବଶ୍ୟକ ? ସଂସ୍କାରର ଫଳ ସଂପର୍କରେ ପାଠକ ମନରେ ଏ ସନ୍ଦେହର ଛାୟା ଦେଖା ଦେବା ସ୍ୱାଭାବିକ । ସଂସ୍କାରର ଏ ଭୟାବହ ପରିଣାମ ଚିତ୍ରିତ ହୋଇଥିବାରୁ ଆପାତଦୃଷ୍ଟିରେ ମନେ ହୁଏ ଫକୀରମୋହନ ଯେପରି ସଂସ୍କାର ବିରୋଧୀ । କିନ୍ତୁ ପୁଙ୍ଖାନୁପୁଙ୍ଖ ଭାବରେ ବିଚାର କଲେ ପାଠକ ମନରୁ ଏ ସନ୍ଦେହ ଲୋପ ପାଇଯାଏ । *ପ୍ରାୟଶ୍ଚିତ୍ତ*ରେ ଯେଉଁ ବିପଦମୟ ଫଳ ଦେଖା ଯାଇଛି ତାହା ପ୍ରକୃତରେ ସଂସ୍କାରଚେଷ୍ଟା ପାଇଁ ନୁହେଁ — ସଂସ୍କାରର ଉଚିତ ପନ୍ଥା ଅଭାବରୁହିଁ ପରିଣତି ଏପରି ଭୀଷଣ ହୋଇଛି ।

ଗୋବିନ୍ଦଚନ୍ଦ୍ର, ରାଜୀବଲୋଚନ କିମ୍ବା ସଦାନନ୍ଦଙ୍କ ଉଦ୍ଦେଶ୍ୟ ମହତ୍ ଥିଲା ସତ, କିନ୍ତୁ ଉଦ୍ଦେଶ୍ୟ ସାଧନ ପାଇଁ ସେମାନେ ଯେଉଁ ପନ୍ଥା ଅନୁସରଣ କଲେ ଠିକ୍ ସେଇଥିପାଇଁହିଁ ତାଙ୍କର ଚେଷ୍ଟା ବିଫଳ ହେଲା । 'ପ୍ରେମ ଓ ଯୁଦ୍ଧରେ ଯେ କୌଣସି ପନ୍ଥା ଅବଲମ୍ବନ ଯଥାର୍ଥ' ନୀତିକୁ ଗ୍ରହଣ କରି ଉଦ୍ଦେଶ୍ୟ ସାଧନ କରିବାକୁ ଚାହିଁଲେ କେବେହେଲେ ସୁଫଳ ଲାଭ ହୋଇପାରେ ନା । ଅସାଧୁ ଉପାୟରେ ଲକ୍ଷ୍ୟ ସିଦ୍ଧ କରିବା ପାଇଁ ଚେଷ୍ଟାକଲେ ଲକ୍ଷ୍ୟ ତା'ର ମହତ୍ତ୍ୱ ହରାଏ । ସଂସ୍କାରର ଅର୍ଥ ଧ୍ୱଂସ ନୁହେଁ—ସଂସ୍କାର ଗଢ଼ିବାକୁ ଚାହେଁ । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ଯେଉଁ ସଂସ୍କାରର ଚେଷ୍ଟା ହୋଇଛି ତାହା କେବଳ ସମାଜକୁ ଭାଙ୍ଗିବା

ପାଇଁ ଉଦ୍ଦିଷ୍ଟ । "ସଂସ୍କାର ଲକ୍ଷ୍ୟ ନୁହେଁ ପନ୍ଥା—ସମାଜ ଜୀବନକୁ ସୁନ୍ଦର, ସୁଶୃଙ୍ଖଳ ଓ ଉତ୍ତରୋତ୍ତର ବିକଶିତ କରିବାର ଏକ ପନ୍ଥା । ସମାଜକୁ ଧ୍ୱଂସ କରି ସମାଜସଂସ୍କାର କରିବାର ଉଦ୍ୟମ ସର୍ବଥା ନିନ୍ଦନୀୟ । ତେଣୁ ପୁରୁଣା ସଂସ୍କାରର ସୁଷୁପ୍ତିରେ ଲୁପ୍ତଚେତନ ସମାଜକୁ ଜାଗ୍ରତ ଓ ଶିକ୍ଷିତ କରି, ନୂଆ ସଂସ୍କାରର ବାଟରେ ସମାଜକୁ ନେବା ପାଇଁ ପଡ଼ିବ । ରାତାରାତି ଏହା ହେବାର କଥା ନୁହେଁ । ଏଥିପାଇଁ ପରିସ୍ଥିତି ଓ ପରିବେଷ୍ଟନୀ ଧୈର୍ଯ୍ୟର ସହିତ ସଜାଡ଼ିବା ପାଇଁ ପଡ଼ିବ ।" * ଅଥଚ *ପ୍ରାୟଶ୍ଚିତ୍ତ*ରେ ଏହାର ବ୍ୟତିକ୍ରମ ଦେଖା ଯାଇଛି ।

ସଦାନନ୍ଦ, ରାଜୀବଲୋଚନ ଏବଂ ଗୋବିନ୍ଦଚନ୍ଦ୍ର ଏକାରାତିକେ ସମାଜସଂସ୍କାରକ ସାଜିଥିଲେ । ହିତାହିତ ଜ୍ଞାନଶୂନ୍ୟ ହୋଇ ଅସାଧୁ ପନ୍ଥାରେ ସ୍ୱାର୍ଥସାଧନ ଛଳରେ ସେମାନେ ସମାଜ ସଂସ୍କାରରେ ବ୍ରତୀ ହୋଇଥିଲେ । ଏ ଆନ୍ଦୋଳନର ଆରମ୍ଭରେ ଉଦ୍ଦେଶ୍ୟ ହୁଏତ ମହତ୍ ଥିଲା । "ଅନ୍ୟାନ୍ୟ ଲୋକସାଧାରଣ ପରି ଆମ୍ଭେମାନେ ସ୍ୱାର୍ଥପରାୟଣ ହେବୁଁ ନାହିଁ । ଆମ୍ଭମାନଙ୍କ ଶିକ୍ଷା, ଜ୍ଞାନାର୍ଜନ ଶକ୍ତି, ସାମର୍ଥ୍ୟ ସମାଜହିତକର କାର୍ଯ୍ୟରେ ବ୍ୟୟିତ ହେଉ ।" ଏହାକୁ ଲକ୍ଷ୍ୟ ରଖି ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ *ପ୍ରାୟଶ୍ଚିତ୍ତ*ର ସମାପ୍ତି ଅନ୍ୟପ୍ରକାର ହୋଇଥାନ୍ତା । କିନ୍ତୁ ଏଥିପାଇଁ ସେମାନଙ୍କର ଧୈର୍ଯ୍ୟ ନ ଥିଲା । ସେମାନେ ଜାଣିଥିଲେ ଯେ ଜନହିତୈଷୀ ସମାଜସଂସ୍କାରକମାନଙ୍କୁ ପ୍ରଥମତଃ ଲାଞ୍ଛନା ଯନ୍ତ୍ରଣା ଭୋଗ

---

* *ଫକୀରମୋହନ ସମୀକ୍ଷା*—ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

କରିବାକୁ ହୁଏ । କର୍ତ୍ତବ୍ୟ କର୍ମ ଅନୁଷ୍ଠାନ କାଳରେ ବାଧାବିଘ୍ନକୁ ତୁଚ୍ଛ କରି ଅଗ୍ରସର ହେବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ସୁଦ୍ଧା ସାମାନ୍ୟ ବିପତ୍ତିରେ ସେମାନେ ଧୈର୍ଯ୍ୟ ଓ ସାହସ ହରାଇ ବସିଛନ୍ତି । ତା' ଛଡ଼ା ଆରମ୍ଭରେ ଯାହା ସମାଜକୁ ଉନ୍ନତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବାସ୍ତବକ୍ଷେତ୍ରରେ ସେଥିରେ କେବଳ ସ୍ୱାର୍ଥସାଧନର ଗନ୍ଧ ମିଳେ ଏବଂ ଏହା ଫଳରେ ଅବିବେକିତା ଦେଖାଦିଏ । "ଶ୍ରୀକରଣ-ସମାଜର ସଙ୍କୀର୍ଣ୍ଣ ଆତ୍ମାଭିମାନ ଓ ଆଭିଜାତ୍ୟର ଆଡ଼ମ୍ବର ବିରୁଦ୍ଧରେ ଗୋବିନ୍ଦ-ଚନ୍ଦ୍ରଙ୍କ ସଂସ୍କାରମୁଖୀ ସଂଗ୍ରାମ ନୁହେଁ—ତାକୁ ଧ୍ୱଂସ କରିବା ପାଇଁ ନୈତିକତାହୀନ ଷଡ଼ଯନ୍ତ୍ର *ପ୍ରାୟଶ୍ଚିତ୍ତ* ଉପନ୍ୟାସର କଥାବସ୍ତୁ । ···ଗୋବିନ୍ଦଚନ୍ଦ୍ର ଯଦି ନିଜର ଉନ୍ନତ ଆଦର୍ଶବାଦରେ ଅନ୍ୟମାନଙ୍କୁ ପ୍ରଭାବିତ କରି ବୈଷ୍ଣବଚରଣ ଓ ତାଙ୍କ ସମାଜର ମୂଲ୍ୟବୋଧରେ ପରିବର୍ତ୍ତନ ଆଣି ପାରିଥାନ୍ତେ ତା ହେଲେ ସମାଜସଂସ୍କାରର ଆଦର୍ଶ ସାର୍ଥକ ହୋଇଥାନ୍ତା ।" * କିନ୍ତୁ ଶଠତା ଓ କପଟତାର ଆଶ୍ରୟ ନେଇ ନୈତିକତାଶୂନ୍ୟ ଭାବରେ ସେ ଯେଉଁ କାର୍ଯ୍ୟ କଲେ ତାହାର ଫଳରେ ସେ ଦେଖିଲେ ଜୀବନର ବିପର୍ଯ୍ୟୟ । ବାସ୍ତବିକ ସଂସ୍କାର-କଳ୍ପନା ପାଇଁ ପ୍ରାୟଶ୍ଚିତ୍ତର ଆବଶ୍ୟକତା ହୋଇନାହିଁ । ସଂସ୍କାର ଉଦ୍ଦେଶ୍ୟରେ ଯେଉଁ କୁପଥର ଆଶ୍ରୟ ଗ୍ରହଣ କରା ହୋଇଛି ତା' ପାଇଁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିଛି । "ପ୍ରଗତିର ପରମ ପ୍ରୟାସୀ, ସମାଜର ଏକାନ୍ତ ସଂସ୍କାରକାମୀ ଫକୀରମୋହନ ଏଥିରେ ଦେଖାଇଛନ୍ତି ଯେ କେବଳ ଲକ୍ଷ୍ୟ ଉତ୍ତମ ହେଲେ ଚଳିବ ନି, ପନ୍ଥା ମଧ୍ୟ ମହତ୍ ହେବା

---

* *ଫକୀରମୋହନ ସମୀକ୍ଷା*—ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

ଆବଶ୍ୟକ ।”* ଜରାଜୀର୍ଣ୍ଣ ସମାଜ ପାଇଁ ସଂସ୍କାରର ଆବଶ୍ୟକତା ଦେଖାଇ ଫକୀରମୋହନ ସନ୍ତୁଷ୍ଟ ରହି ନାହାନ୍ତି । ସଂସ୍କାର ପାଇଁ ଉଚିତ ମାର୍ଗର ଆଲୋଚନା ମଧ୍ୟ କରି ଯୁବସମାଜକୁ ସେ ଏକ ଚେତାବନୀ ଦେଇଛନ୍ତି । ପ୍ରକୃତ ପକ୍ଷରେ *ପ୍ରାୟଶ୍ଚିତ୍ତ* ଉପରେ "ସମାଜର କୌଣସି କୁସଂସ୍କାରକୁ ସମସ୍ୟାରୂପେ ଉପସ୍ଥାପିତ କରା ଯାଇନାହିଁ; ସମସ୍ୟା ହେଉଛି ସମାଜ-ସଂସ୍କାରର ପନ୍ଥା ।” †

କଳରବମୁଖର ଏହି ଯୁବସମାଜ କେବଳ ସମାଜକୁ ନବ-ରୂପରେ ସଜ୍ଜିତ କରିବାକୁ ଯେ ଚାହିଁଛନ୍ତି ତାହା ନୁହେଁ, ମାତୃଭାଷାର ଉନ୍ନତି ମଧ୍ୟ ସେମାନଙ୍କର ଏକ ପ୍ରଧାନ ଲକ୍ଷ୍ୟ ହୋଇ ଉଠିଛି । ପ୍ରତି-ମାସର ପ୍ରଥମ ସପ୍ତାହ ଶନିବାର ସନ୍ଧ୍ୟାରେ ଆନୁଷ୍ଠାନିକ ଭାବରେ ଏକ ଆଲୋଚନା ସଭା ଆୟୋଜିତ କରି ସେମାନେ ମାତୃଭାଷାର ଉନ୍ନତି-କଳ୍ପେ ବ୍ରତୀ ହୋଇଛନ୍ତି । ସେମାନେ ଜାଣିଛନ୍ତି ଯେ ଅଙ୍ଗସୌଷ୍ଠବ ତୁଳନାରେ ଅନ୍ୟାନ୍ୟ ଅନେକ ଭାଷାଠାରୁ ଉତ୍କଳ ଭାଷା ସୌନ୍ଦର୍ଯ୍ୟ-ଶାଳିନୀ ଏବଂ ଗୌରବାନ୍ୱିତା, ବିଶେଷରେ ପ୍ରାଚୀନତାରେ ସହସ୍ରାଧିକ ବର୍ଷୀୟସୀ-ମାନସମ୍ଭ୍ରମଶାଳିନୀ । କିନ୍ତୁ କାଳକ୍ରମେ ଅବହେଳିତା ହୋଇ ସେ ସ୍ୱାଭାବିକ ଭାବରେ ସଂକୁଚିତା ହୋଇ ପଡ଼ୁଛି । ଜନନୀର ଗୌରବବର୍ଦ୍ଧନ ସୁପୁତ୍ରର ପ୍ରଧାନ କର୍ତ୍ତବ୍ୟ । ତେଣୁ ମାତୃଭାଷାର ଉତ୍ତରୋତ୍ତର ଉନ୍ନତି ସେମାନଙ୍କର କାମ୍ୟ । "ବୈଦେଶୀୟ ଭାଷାରେ ଜ୍ଞାନାଲୋଚନା ଜଳପୂର୍ଣ୍ଣ ପାତ୍ରରେ ଘୃତବିନ୍ଦୁ ପତନବତ୍ ଅର୍ଥାତ୍

---

* *ଯୁଗସ୍ରଷ୍ଟା ଫକୀରମୋହନ*—ଅଧ୍ୟାପକ ଶ୍ରୀ ସର୍ବେଶ୍ୱର ଦାଶ ।

† *ଫକୀରମୋହନ ସମୀକ୍ଷା*—ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

କେବଳ ଆଲୋଚକଠାରେ ଜ୍ଞାନ ଆବଦ୍ଧ ଥାଏ । ମାତୃଭାଷାରେ ଜ୍ଞାନାଲୋଚନା ଜଳପାତ୍ରରେ ତୈଳବିନ୍ଦୁ ପତନବତ୍ ସର୍ବତ୍ର ବିସ୍ତୀର୍ଣ୍ଣ ହୋଇଯାଏ । ” ଏହାହିଁ ଫକୀରମୋହନଙ୍କ ଅନ୍ତରର ନିଭୃତ କୋଣର କାହାଣୀ—ସୁଯୋଗ ପାଇ ଏହା ଝଂକୃତ ହୋଇ ଉଠିଛି ।

ମାତୃଭାଷାର ଉନ୍ନତି ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରି ସେ ଜାତିର ବରେଣ୍ୟ ହୋଇ ପାରିଛନ୍ତି । ଶତ ବାଧାବିଘ୍ନ ମଧ୍ୟ ଦେଇ ଅବହେଳିତା ଓ ଲାଞ୍ଛିତା ମାତୃଭାଷାକୁ ପୂର୍ବର ଗୌରବାନ୍ୱିତ ଆସନରେ ପୁନଃପ୍ରତିଷ୍ଠିତ କରିବା ପାଇଁ ତାଙ୍କର ଆଜୀବନ ସଂଗ୍ରାମ ରୂପାୟିତ ହୋଇଛି ଏଇ ଛୋଟ କେତୋଟିରେ । ଆଘାତ ଓ ପ୍ରତିଘାତ ମଧ୍ୟରେ ଉତ୍କଳଭାଷା ଯେତେବେଳେ ମ୍ରିୟମାଣ, ଠିକ୍ ସେତିକିବେଳେ ସେ ବୀର ସୈନିକ ଭାବରେ ଆଗେଇ ଆସିଛନ୍ତି ତାକୁ ଉଦ୍ଧାର କରିବା ପାଇଁ । ନିଜେ ପ୍ରେସ୍ ସ୍ଥାପନ କରି ବିଭିନ୍ନ ପତ୍ର ପତ୍ରିକା ସାହାଯ୍ୟରେ ଉତ୍କଳଭାଷାର ମହତ୍ତ୍ୱ ପ୍ରତିପାଦିତ କରିବାକୁ ସେ ସଚେଷ୍ଟ । ତାଙ୍କର ଉଦ୍ଦେଶ୍ୟ ନେଇ ଯେତେବେଳେ ଏ ଶିକ୍ଷିତ ଯୁବକବୃନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି ସେତେବେଳେ ଭାବପ୍ରବଣ ଭାବରେ ସେ ଦେଖିଛନ୍ତି ଏକ ରଙ୍ଗୀନ ସ୍ୱପ୍ନ । ଏହି ଯୁବକବୃନ୍ଦଙ୍କର ମାତୃଭାଷା ପ୍ରତି ଅନୁରାଗ ଦେଖି ସେମାନଙ୍କର ଦୀର୍ଘଜୀବନ କାମନା କରି ଆଶାନ୍ୱିତ ପ୍ରାଣରେ ଭବିଷ୍ୟତକୁ ସେ ସ୍ୱାଗତ ଜଣାଇଛନ୍ତି । ପ୍ରକୃତ ପକ୍ଷରେ ତାଙ୍କ ନିଜ ହୃଦୟର ଚିରପୋଷିତ କାମନାକୁ ମୂର୍ତ୍ତିମନ୍ତ କରି ସେ ସୃଷ୍ଟି କରିଛନ୍ତି ଏହି ଆଲୋଚନା ସଭା । ଏହାର ପ୍ରତ୍ୟେକ ଅଧିବେଶନରେ ନୂତନ ନୂତନ ଗଦ୍ୟ ପଦ୍ୟ

ଘଟିତ ହୁଏ—ଆଉ ଏହାର ଭିତରେ ଫକୀରମୋହନଙ୍କ ସ୍ୱପ୍ନ ରୂପ ଲାଭକରେ ।

ପୂର୍ବବର୍ତ୍ତୀ ଉପନ୍ୟାସଗୁଡ଼ିକରେ ସହରର ପ୍ରାଧାନ୍ୟ ଧୀରେ ଧୀରେ ବଢ଼ିବା ସଙ୍ଗେ ଗାଁର ଗୁରୁତ୍ୱ କମି ଆସିଛି । *ପ୍ରାୟଶ୍ଚିତ୍ତ* ପ୍ରଧାନତଃ ସହରକୁହିଁ କେନ୍ଦ୍ରକରି ରଚିତ ହୋଇଛି । *ଛମାଣ ଆଠଗୁଣ୍ଠ* ସହିତ *ପ୍ରାୟଶ୍ଚିତ୍ତ*ର ତୁଳନାତ୍ମକ ବିଚାରକଲେ ଦେଖିବାକୁ ମିଳେ ଯେ ପୂର୍ବୋକ୍ତ ଉପନ୍ୟାସରେ ପଲ୍ଲୀହିଁ ସମାଜର ପ୍ରାଣ ହୋଇ ରହିଥିବା ସ୍ଥଳେ ଶେଷୋକ୍ତ ଉପନ୍ୟାସରେ ସହର ତା'ର ସ୍ଥାନ ଅଧିକାର କରିଛି । ମଙ୍ଗରାଜ-ଭଗିଆ କାହାଣୀ ପଲ୍ଲୀ କୋଳରେହିଁ ପରିବ୍ୟାପ୍ତ, ପୋଲିସ୍ କମ୍ବା କଚେରୀଦ୍ୱାରା ସହର ସହିତ ଯେଉଁ ଯୋଗସୂତ୍ର ରହିଛି ତାହା ଅତି କ୍ଷୀଣ । କିନ୍ତୁ *ପ୍ରାୟଶ୍ଚିତ୍ତ*ର କାହାଣୀ ଶିକ୍ଷିତ କଲେଜ ଯୁବକଙ୍କ ସହିତ ସଂଶ୍ଳିଷ୍ଟ ରହି ମୁଖ୍ୟତଃ ସହର ମଧ୍ୟରେହିଁ ସୀମିତ ରହିଛି । ନାୟିକା ପଲ୍ଲୀ କୋଳରେ ପ୍ରତି-ପାଳିତା ସତ, କିନ୍ତୁ ଉପନ୍ୟାସରେ ପଲ୍ଲୀର ପ୍ରାଧାନ୍ୟ ଅନୁଭୂତ ହୁଏ ନାହିଁ ।

ଏହା ସଙ୍ଗେ ସଙ୍ଗେ ଜମିଦାରର ସ୍ଥାନ ଅଧିକାର କରିଛି ମଧ୍ୟବିତ୍ତଶ୍ରେଣୀ । *ଛମାଣ ଆଠଗୁଣ୍ଠ*ରେ ଜମିଦାରଙ୍କ ପତନର ଯେଉଁ ଇତିହାସ ଆରମ୍ଭ ହୋଇଛି ତା' ପୂର୍ଣ୍ଣତା ଲାଭ କରିଛି *ପ୍ରାୟଶ୍ଚିତ୍ତ*ରେ ଆଉ ଏହି ଜମିଦାରଶ୍ରେଣୀ ବଦଳରେ ସମାଜରେ ମଧ୍ୟବିତ୍ତଶ୍ରେଣୀର ଗୁରୁତ୍ୱ ପ୍ରତିପାଦିତ ହୋଇଛି । *ମାମୁଁ*ରେ ମଧ୍ୟବିତ୍ତଶ୍ରେଣୀର ଅଭ୍ୟୁଦୟର ଚିହ୍ନ ମିଳିଛି । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ଏହାର ବିକଶିତ ଅବସ୍ଥାର

ବର୍ଣ୍ଣନା ଦେଖା ଦେଇଛି । ଏହା ସଙ୍ଗେ ଫକୀରମୋହନ ଦେଖାଇଛନ୍ତି ଏମାନଙ୍କର ଭବିଷ୍ୟତର ଏକ ଅନ୍ଧକାରମୟ ଚିତ୍ର । ଇଂରାଜୀ ଶିକ୍ଷା ଓ ସଭ୍ୟତାର ସୃଷ୍ଟି ଏହି ମଧ୍ୟବିତ୍ତଶ୍ରେଣୀ, ଆଜି ଠିକ୍ ଏହି ସଭ୍ୟତାର ଶିକାର ହୋଇଛନ୍ତି ଏମାନେ । ବିଂଶ ଶତାବ୍ଦୀର ସମାଜ ଏମାନଙ୍କର ଆଧ୍ୟାତ୍ମିକ କବର । ସଦାନନ୍ଦ, ରାଜୀବଲୋଚନ ଏବଂ ଗୋବିନ୍ଦଚନ୍ଦ୍ରଙ୍କ ମାଧ୍ୟମରେ ଏହାର ଏକ ସ୍ପଷ୍ଟ ରୂପ ଫୁଟି ଉଠିଛି ସତ କିନ୍ତୁ ଏହାର ଚରମ ଚିତ୍ର ମିଳିଛି କମଳଲୋଚନଙ୍କ ଜୀବନରେ । ବିଂଶ ଶତାବ୍ଦୀର ଯନ୍ତ୍ରରେ ତାଙ୍କର ମେଧା ଓ ବୁଦ୍ଧି ନିଷ୍ପେଷିତ, ବ୍ୟବସାୟ ସୂତ୍ରରେ ସେ ନିଜର ପ୍ରତିଭା ବିକ୍ରୟ କରିବାକୁ ବାଧ୍ୟ ହୋଇଛନ୍ତି । କମଳଲୋଚନ ଯେପରିକି ବିଂଶ ଶତାବ୍ଦୀ ସଭ୍ୟତାର ମୂର୍ତ୍ତି ବିଫଳତା । "ବିଂଶ ଶତାବ୍ଦୀରେ ମନୁଷ୍ୟ ଜ୍ଞାନ ଓ ବିଜ୍ଞାନରେ ଅତି ଦ୍ରୁତ ପଦକ୍ଷେପ କରିଅଛି । ବିଜ୍ଞାନରେ ମନୁଷ୍ୟ ଯଥାର୍ଥରେ ସୃଷ୍ଟିର ଭାଗ୍ୟବିଧାତାର ଆସନରେ ସମାସୀନ ହୋଇଅଛି । ବିଂଶ ଶତାବ୍ଦୀ ମନୁଷ୍ୟର ବୁଦ୍ଧି ନିକଟରେ ସ୍ୱୟଂ ଭଗବାନ ସୁଦ୍ଧା ବାରଂବାର ହାର ମାନିଥିବେ । ପରାଜୟର ସେ ଗ୍ଲାନି ସହ୍ୟ କରି ନ ପାରି ବୃଦ୍ଧ, କର୍ମକ୍ଳାନ୍ତ ଭଗବାନ ହୁଏତ ଅପସରି ଗଲେଣି । ତଥାପି ଏହି ବିଂଶ ଶତାବ୍ଦୀରେ ମାନବ ସଭ୍ୟତାର ଅଧଃପତନ ହୋଇଅଛି ।" * ମଧ୍ୟବିତ୍ତଶ୍ରେଣୀଭୁକ୍ତ ଯୁବକ ଜୀବନର ଏ ଯେଉଁ ଗ୍ଲାନିର ସୂଚନା ଫକୀରମୋହନ ସେତିକିବେଳେ ଆଙ୍କିଥିଲେ ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ଆଜି ପାଠକ ତା'ର ଗୁରୁତ୍ୱ ବାସ୍ତବିକ ଉପଲବ୍ଧି କରେ ।

---

* *ଫକୀରମୋହନ ସମୀକ୍ଷା* — ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

ଯାନ୍ତ୍ରିକ ସଭ୍ୟତାର ଯୁଗରେ ଏ ଶ୍ରେଣୀର ଲୋକ ଏକ ପଣ୍ୟଦ୍ରବ୍ୟ ବ୍ୟତୀତ ଅନ୍ୟ କିଛି ନୁହେ । ଏ ଶ୍ରେଣୀର ଅଭ୍ୟୁଦୟ ସମୟରେହିଁ ଫକୀରମୋହନ ତାଙ୍କର ଦୂରଦୃଷ୍ଟି ସାହାଯ୍ୟରେ ତାହା ଉପଲବ୍ଧି କରି ପାରିଥିଲେ ।

*ପ୍ରାୟଶ୍ଚିତ୍ତ*ରର ଏ ଘଟଣାରାଜିକୁ ଅନୁଶୀଳନ କଲେ ଜଣାପଡ଼େ ଯେ ଏହା ଊନବିଂଶ ଏବଂ ବିଂଶ ଶତକର ସନ୍ଧି ବେଳର ଘଟଣା । ଅବଶ୍ୟ ଅନ୍ୟାନ୍ୟ ଉପନ୍ୟାସ ପରି ଏ ଉପନ୍ୟାସରେ କୌଣସି ତାରିଖ ବ୍ୟବହାର କରା ଯାଇ ନାହିଁ ସତ, କିନ୍ତୁ ଇଂରାଜୀ ସଭ୍ୟତାର ପୂର୍ଣ୍ଣ ପ୍ରଭାବ, ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର, ପଲ୍ଲୀର ପ୍ରଧାନ୍ୟ ଲୋପ, କଟକରେ ଜେନେରଲ ହସ୍ପିଟାଲ ସ୍ଥାପନ ପ୍ରଭୃତି ଯେଉଁ ଘଟଣାଗୁଡ଼ିକ ସନ୍ନିବେଶିତ ହୋଇଅଛି ତାହା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସମାଜର ଚିତ୍ର ଅଙ୍କନ କରିବାରେ ସମର୍ଥ ହୋଇଅଛି । ଉତ୍କଳ ଭାଷାର ଅଭିବୃଦ୍ଧି ନିମନ୍ତେ ଯେଉଁ ଆଲୋଚନା ସଭା ଆୟୋଜିତ ହୋଇଛି ତାହା 'ଉତ୍କଳ ସାହିତ୍ୟ ସମାଜ' (୧୯୦୩ ସାଲ) ଦ୍ୱାରା ପ୍ରଭାବିତ ହେବା ପରି ମନେ ହୁଏ । ୧୯୧୪ ସାଲରେ ପ୍ରଥମ ମହା-ଯୁଦ୍ଧ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଇଂରାଜୀ ସାହିତ୍ୟରେ ଭିକ୍ଟୋରିଆନ୍ ଯୁଗର ଅବସାନ ଘଟିଛି ଏବଂ ଆଧୁନିକ ସାହିତ୍ୟ ଆରମ୍ଭ ହୋଇଛି । *ପ୍ରାୟଶ୍ଚିତ୍ତ*ରରେ ଭିକ୍ଟୋରିଆନ୍ ଯୁଗ ସାହିତ୍ୟର ପ୍ରଭାବ ଅନୁଭୂତ ହୁଏ । ବିଶେଷତଃ ଏ ଉପନ୍ୟାସର ସମାପ୍ତି ଓ ଭିକ୍ଟୋରିଆନ୍ ଯୁଗର ଉପନ୍ୟାସଗୁଡ଼ିକର ସମାପ୍ତି ମଧ୍ୟରେ ଯଥେଷ୍ଟ ସାଦୃଶ୍ୟ ପରିଲକ୍ଷିତ ହୁଏ । ୧୯୧୪ ସାଲରୁ ୧୯୧୮ ସାଲ ପର୍ଯ୍ୟନ୍ତ ଯେଉଁ ମହାଯୁଦ୍ଧରେ ପୃଥିବୀ ଆଲୋଡ଼ିତ ହୋଇ ଉଠିଲା ଭାରତ ମଧ୍ୟ

ତା' ପ୍ରଭାବରୁ ମୁକ୍ତ ନୁହେ । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ଏ ସମ୍ପର୍କୀୟ କୌଣସି ଉଲ୍ଲେଖ ନାହିଁ । ତେଣୁ ମନେ ହୁଏ ଯେ ମହାଯୁଦ୍ଧର ଆରମ୍ଭ ପୂର୍ବରୁହିଁ ଏ ଉପନ୍ୟାସରେ ବର୍ଣ୍ଣିତ ଘଟଣା ଶେଷ ହୋଇଛି । ସେ ଯାହା ହେଉ *ମାମୁ* ମୁଖ୍ୟତଃ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧର ଇତିହାସ ଏବଂ *ମାମୁ*ର ଘଟଣା ଯେଉଁ ସମୟରେ ଶେଷ ହୋଇଛି ତାର ଅବ୍ୟବହିତ ପରବର୍ତ୍ତୀ ସାମାଜିକ ଚିତ୍ର ଚିତ୍ରିତ ହୋଇଛି *ପ୍ରାୟଶ୍ଚିତ୍ତ*ରେ ।

*ଛମାଣ ଆଠଗୁଣ୍ଠ* ଏବଂ *ମାମୁ* ପରି *ପ୍ରାୟଶ୍ଚିତ୍ତ* ମଧ୍ୟ ବିୟୋଗାନ୍ତକ ଉପନ୍ୟାସ, କିନ୍ତୁ ଏହାର କଳାଗତ ତ୍ରୁଟି ପାଇଁ ପାଠକର ରସାସ୍ୱାଦନରେ ବାଧା ଜାତ ହୁଏ । ସମାପ୍ତିର ଅସ୍ୱାଭାବିକତା ଏବଂ ଜଟିମତା ଯୋଗେ ଉପନ୍ୟାସରେ ଯେଉଁ ଅସମ୍ପୂର୍ଣ୍ଣତା ଉପଲବ୍ଧ ହୁଏ ପୂର୍ବରେ ତାହାର ଆଲୋଚନା କରାଯାଇଛି । ମଙ୍ଗରାଜଙ୍କ ଶେଷ ପରିଣତି ଓ ନଟବରଙ୍କ ଅନ୍ତିମ ଜୀବନରେ ଆକସ୍ମିକତା ଅନୁଭୂତ ହୁଏ ସତ, କିନ୍ତୁ ତଥାପି ଏ ଦୁଇଟି ଉପନ୍ୟାସର ସମାପ୍ତିରେ ପାଠକ ମନରେ କରୁଣରସର ଯେପରି ଉଦ୍ରେକ ହୁଏ *ପ୍ରାୟଶ୍ଚିତ୍ତ*ରେ ତାହା ସମ୍ଭବପର ହୋଇ ପାରି ନାହିଁ । *ଛମାଣ ଆଠଗୁଣ୍ଠ*ର ସମାପ୍ତିର ଭୟାବହତାକୁ ଫକୀରମୋହନ ମାନବଧର୍ମର କୋମଳତା ମଧ୍ୟରେ *ମାମୁ*ରେ ପରିବେଷଣ କରିଛନ୍ତି । କିନ୍ତୁ *ପ୍ରାୟଶ୍ଚିତ୍ତ*ରେ ମୁଖ୍ୟତଃ ନୀତିଶିକ୍ଷା ଦେବାହିଁ ତାଙ୍କର ଉଦ୍ଦେଶ୍ୟ ହୋଇ ଉଠିଛି । ସାଧ୍ୱୀ ସତୀ ସ୍ତ୍ରୀ ଇନ୍ଦୁମତୀର ଶେଷ ପରିଣତି ଯେପରି ଭାବରେ ଦେଖାଇ ଦିଆ ହୋଇଛି ସେଥିରେ ପାଠକ ମନରେ କରୁଣାର ଉଦ୍ରେକ ହେବା

ପରିବର୍ତ୍ତେ ବିରୂପ ଭାବ ଜାତ ହୁଏ । ମୃତ୍ୟୁ ପରେ ଇନ୍ଦୁମଣିଙ୍କୁ ଏକ ସ୍ୱର୍ଗୀୟ ପରିସ୍ଥିତିରେ ଉନ୍ନୀତ କରା ହୋଇଛି । ଚମ୍ପାର ଶବକୁ ଦେଖି ଲୋକମାନେ ତାହାକୁ ରାକ୍ଷସୀ ବୋଲି ଭାବି ନେଇଛନ୍ତି, କିନ୍ତୁ ଇନ୍ଦୁମଣିର ଶବକୁ ଲୋକମାନେ ଦେବୀ ପ୍ରତିମା ବୋଲି ଭାବିଛନ୍ତି । ଦେବତ୍ୱର ଏ ମହିମା ସତ୍ତ୍ୱେ ଇନ୍ଦୁମଣିର ମୃତ୍ୟୁ ପାଠକ ମନରେ ଉପଯୁକ୍ତ ପ୍ରଭାବ ପକାଇବାକୁ ଅସମର୍ଥ ହୋଇଛି । ସେହିପରି ଭାବରେ ଗୋବିନ୍ଦଚନ୍ଦ୍ରଙ୍କ ଗଭୀର ଅନୁଶୋଚନା ସତ୍ତ୍ୱେ ସେ ସମ୍ପୂର୍ଣ୍ଣ ରୂପେ ପାଠକର ସହାନୁଭୂତି ପାଇ ପାରି ନାହାନ୍ତି । ଉପନ୍ୟାସର ନାୟକ ହୋଇ ସୁଦ୍ଧା ତାଙ୍କର ବ୍ୟକ୍ତିତ୍ୱର ଅଭାବରୁ ସେ ସଦାନନ୍ଦଙ୍କ ହାତରେ କେବଳ ଏକ ଖେଳନା ପରି ରହିଛନ୍ତି । ତାଙ୍କର ଅନୁଶୋଚନା ମଧ୍ୟ କେବଳ ଦାର୍ଶନିକ ମତବାଦ ମଧ୍ୟରେ ଆସିଛି—ଘଟଣାର ବିକାଶରେ ନୁହେଁ । ତେଣୁ ପାଠକକୁ ବିମୋହିତ କରିବାକୁ ସେ ଅସମର୍ଥ ହୋଇଛନ୍ତି । ଭାବାବେଶ ମଧ୍ୟରେ ଅନ୍ତରଙ୍ଗିତ ଚରିତ୍ର ପରିବେଷଣ ଫଳରେ ଉପନ୍ୟାସର ବିଷାଦମୟ ପରିଣତିକୁ ଫକୀରମୋହନ ଉପଯୁକ୍ତ ଭାବରେ ଅଙ୍କନ କରି ପାରି ନାହାନ୍ତି । ପାଠକ ଚକ୍ଷୁରୁ ଲୋତକଧାର ବୁହାଇବା ପରିବର୍ତ୍ତେ ଉପନ୍ୟାସର ଏପରି କୃତ୍ରିମ ସମାପ୍ତି କେତେଗୁଡ଼ିଏ ପାଗଳଙ୍କର ଏକ ହାସ୍ୟକର ବ୍ୟାପାର ବୋଲି ଅନୁଭୂତ ହେବା ଅସମ୍ଭବ ନୁହେଁ । ତେଣୁ ଫକୀରମୋହନ ଯେଉଁ ଭାବ ପରିସ୍ଫୁଟ କରିବାକୁ ଚାହିଁଥିଲେ ପାଠକମାନଙ୍କ ମନରେ ସେହି ଭାବ ଉଦ୍ରେକ କରିବାକୁ ସେ ସମର୍ଥ ହୋଇ ନାହାନ୍ତି ।

ପ୍ରକାଶିତ ଉପନ୍ୟାସଗୁଡ଼ିକ ମଧ୍ୟରେ *ପ୍ରାୟଶ୍ଚିତ୍ତ* ସର୍ବଶେଷ ଉପନ୍ୟାସ । ଏହା ପରେ ଫକୀରମୋହନ ଯେଉଁ **ବିଷମଞ୍ଜି** ଲେଖିବାକୁ

ଆରମ୍ଭ କରିଥିଲେ ତାହା ସମ୍ପୂର୍ଣ୍ଣତା ଲାଭ କରି ପାରିଛି କି ନାହିଁ ତାହାର କୌଣସି ସଠିକ ସମ୍ବାଦ ମିଳେ ନାହିଁ । ଗଳ୍ପ ଭାବରେ ରଚିତ ହୋଇ *ଉତ୍କଳ ସାହିତ୍ୟ* ଆକାରରେ ୨୪/୨୫ ପୃଷ୍ଠା ପର୍ଯ୍ୟନ୍ତ ଲେଖା ହୋଇଥିବା ସମ୍ବାଦ ତାଙ୍କର ୪-୪-୧୯୧୩ ତାରିଖର ଚିଠିରୁ ମିଳେ ଏବଂ ପୂର୍ଣ୍ଣାଙ୍ଗ ଭାବରେ ଏହା ପ୍ରାୟ ୫୦ ପୃଷ୍ଠା ପର୍ଯ୍ୟନ୍ତ ହେବ ବୋଲି ସେ ଅନୁମାନ କରିଥିଲେ । ଶ୍ରୀଯୁକ୍ତ ନନ୍ଦକିଶୋର ବଳ ଏହାକୁ ଉପନ୍ୟାସ ଆକାରରେ ଲେଖିବା ପାଇଁ ଲେଖକଙ୍କୁ ଅନୁରୋଧ କରୁଥିଲେ । ଏହା ପରେ କ'ଣ ହେଲା ସେ ସମ୍ପର୍କରେ ପାଠକ ସମ୍ପୂର୍ଣ୍ଣ ଅନ୍ଧକାରରେହିଁ ରହେ । ଫକୀରମୋହନଙ୍କ ଶାରୀରିକ ଅବସ୍ଥା ଦୃଷ୍ଟିରୁ ଏହାର ସମ୍ପୂର୍ଣ୍ଣତା ସମ୍ପର୍କରେ ସନ୍ଦେହ ରହିଲେ ମଧ୍ୟ ତାଙ୍କର ଧୈର୍ଯ୍ୟ ଦୃଷ୍ଟିରୁ ଏହା ସମାପ୍ତ ହୋଇଥିବା ମଧ୍ୟ ଅସମ୍ଭବ ନୁହେଁ । କିନ୍ତୁ ତାହା ଛାପା ଆକାରରେ ଦେଖିବାର ସୌଭାଗ୍ୟ ମିଳିଲା ନାହିଁ । *ମାମୁଁ* ରଚନା ସମୟରେହିଁ ଫକୀରମୋହନଙ୍କ କଳାଗତ ଦୌର୍ବଲ୍ୟ କ୍ଷୀଣ ଭାବରେ ଦେଖା ଦେଇଥିଲା, *ପ୍ରାୟଶ୍ଚିତ୍ତ*ର ସମାପ୍ତିରେ ତାହା ପୂର୍ଣ୍ଣତଃ ଅନୁଭୂତ ହୋଇଛି । ତଥାପି ବୃଦ୍ଧ ବୟସରେ ଶାରୀରିକ ଓ ମାନସିକ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ଫକୀରମୋହନ ଯେଉଁ ନୂତନ 'ପ୍ଲଟ୍'କୁ *ପ୍ରାୟଶ୍ଚିତ୍ତ*ରେ ଉପସ୍ଥାପନ କରି ପାରିଛନ୍ତି ଏବଂ ଏହାର ଆରମ୍ଭ ଓ ମଧ୍ୟଭାଗରେ ଯେପରି କଳାକୁଶଳତା ଦେଖାଇ ପାରିଛନ୍ତି ସେଥିପାଇଁ ସେ ଧନ୍ୟବାଦାର୍ହ । ପୂର୍ବବର୍ତ୍ତୀ ଉପନ୍ୟାସଗୁଡ଼ିକ ସହିତ ସାମୂହିକ ପ୍ରଭାବ ଦୃଷ୍ଟିରୁ ଏହା ହୁଏତ ସମକକ୍ଷ ହୋଇ ପାରି ନାହିଁ, କିନ୍ତୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟମୂଳକ ଉପନ୍ୟାସ ଭାବରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି ।

( ୮ )

ଜୀବନ ସହିତ ଉପନ୍ୟାସର ସମ୍ବନ୍ଧ ନିରୂପଣ କରିବାକୁ ଯାଇ ଅନେକେ ଭାବି ନଥାନ୍ତି ଯେ ଇତିହାସ ପରି ଉପନ୍ୟାସରେ କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଜୀବନକୁ ରୂପାୟିତ କରାଯିବା ଉଚିତ । କିନ୍ତୁ ପ୍ରକୃତରେ ଏହା ଏକ ଭ୍ରାନ୍ତ ଧାରଣା । ଉପନ୍ୟାସ ଚିତ୍ତାକର୍ଷକ ହେବା ଏକାନ୍ତ ବାଞ୍ଛନୀୟ, ଏଥିରେ କେବଳ ଅଙ୍ଗସୌଷ୍ଠବ (structure) ନ ଥାଏ, ରସଜ୍ଞାନ ଓ ସୌନ୍ଦର୍ଯ୍ୟବୋଧ (aesthetic purpose) ମଧ୍ୟ ରହିଥାଏ । ସାମୂହିକ ସଙ୍ଗତି ଫଳରେହିଁ ଉପନ୍ୟାସ ପାଠକ ମନରେ ଉଦ୍ଦିଷ୍ଟ ପ୍ରଭାବ ବିସ୍ତାର କରିପାରେ । ଅବଶ୍ୟ ଜୀବନ ସହିତ ଉପନ୍ୟାସର ନିବିଡ଼ ସମ୍ପର୍କ ରହିବା ଏକାନ୍ତ ବିଧେୟ । କିନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଜୀବନକୁହିଁ ଆଧାର ରୂପେ ଗ୍ରହଣ କରି ଜୀବନର ସାଧାରଣ ସ୍ତରରୁ ଔପନ୍ୟାସିକ ତାଙ୍କର ଉପାଦାନ ସଂଗ୍ରହ କରନ୍ତି । ତେଣୁ ଉପନ୍ୟାସରେ ଜୀବନର କେତେକ ଦିଗ ଉପରେ ଯେପରି ବିଶେଷ ଗୁରୁତ୍ୱ ଆରୋପ କରା ଯାଇପାରେ ସେହିପରି ଅନ୍ୟ କେତେକ ଦିଗ ଅବହେଳିତ ମଧ୍ୟ ହୋଇ ପାରେ । ଜୀବନର କେତେକ ଅଂଶକୁ ଔପନ୍ୟାସିକ ବିରୂପ କରି ପାରନ୍ତି ଏବଂ ଅନ୍ୟ କେତେକ ଅଂଶକୁ ବିରୁଦ୍ଧଭାବାପନ୍ନ ପୃଷ୍ଠଭୂମିରେ ପ୍ରତିଫଳିତ ମଧ୍ୟ କରି ପାରନ୍ତି । ଏ ପ୍ରକ୍ରିୟା ମୂଳରେ ଥାଏ ଔପନ୍ୟାସିକଙ୍କର ଏକ ସୁନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ । ଅବଶ୍ୟ ତାଙ୍କର ଏ ଉଦ୍ଦେଶ୍ୟ ସମ୍ପର୍କରେ

ସେ ନିଜେ ସଚେତନ ଥାଇ ପାରନ୍ତି କିମ୍ବା ନ ଥାଇ ପାରନ୍ତି, କିନ୍ତୁ ଜୀବନର କେତେକ ନିର୍ଦ୍ଦିଷ୍ଟ ଦିଗକୁ ବାଛି ନେଇ ସଂଗଠିତ ଭାବରେ ଦେଖାଇବା ମୂଳରେ ଔପନ୍ୟାସିକଙ୍କର ମନରେ ଏକ ଉଦ୍ଦେଶ୍ୟ-ମୂଳକ ପ୍ରକ୍ରିୟା ଦେଖାଯାଏ । ନିଜେ ବୁଝାନ୍ତୁ ବା ନ ବୁଝାନ୍ତୁ, ସେ ଯେଉଁପରି ଭାବରେ ଘଟଣା, ଚରିତ୍ର, ଭାବ ପ୍ରଭୃତିକୁ ଉପସ୍ଥାପିତ କରନ୍ତି ସେଥିରୁ ଜୀବନ ସମ୍ପର୍କରେ ତାଙ୍କର ନିଜର ଧାରଣା ପାଠକ ଜାଣିପାରେ ।

ଔପନ୍ୟାସିକ ଜୀବନର ଯେଉଁ ଚିତ୍ର ଅଙ୍କନ କରନ୍ତି ତାହା ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଜୀବନୀ ନୁହେଁ, କିମ୍ବା ଏକ ସାଧାରଣ ନମୁନାର ଉଦାହରଣ ନୁହେଁ । ଔପନ୍ୟାସିକ ତାଙ୍କର ଗୋଟିଏ ସ୍ୱତନ୍ତ୍ର ସଂସାର ସୃଷ୍ଟି କରନ୍ତି । ପ୍ରତ୍ୟେକ ବିଖ୍ୟାତ ଔପନ୍ୟାସିକ ତାଙ୍କର ସୃଷ୍ଟ ସଂସାର ପାଇଁ ପ୍ରସିଦ୍ଧ । ଏ ସଂସାର ଅସ୍ପଷ୍ଟ ନୁହେଁ—ଏହାର ବାସ୍ତବରୂପ ରହିଛି, ଏଥିରେ ମୌଳିକ ଉପାଦାନ ରହିଛି । ଯେଉଁ ସଂସାର ଆମର ଅତି ପରିଚିତ, ଯେଉଁ ସଂସାରକୁ ଇନ୍ଦ୍ରିୟ ସାହାଯ୍ୟରେ ଆମେ ନିତ୍ୟ ଅନୁଭବ କରୁ, ସେହି ସଂସାର ସହିତ ଔପନ୍ୟାସିକଙ୍କ ସୃଷ୍ଟ ସଂସାରର ଯଥେଷ୍ଟ ସାମଞ୍ଜସ୍ୟ ରହିଥିଲେହେଁ ଏହାର ସ୍ୱାତନ୍ତ୍ର୍ୟ ରହିଛି । ଆମର ବାସ୍ତବ ସଂସାରରେ ବିଭିନ୍ନ ପଦାର୍ଥ ଓ ଘଟଣା ନିର୍ଦ୍ଦିଷ୍ଟ ରୂପ ଓ ଆକାର ଧରି ଆମ ସମ୍ମୁଖରେ ପ୍ରତିଭାତ ହୁଏ । ଏଥିରେ ବିଭିନ୍ନ ସ୍ତର ରହିଛି ଏବଂ ଏହି ସ୍ତର-ଗୁଡ଼ିକର କ୍ରମ ମଧ୍ୟ ରହିଛି । ସିଦ୍ଧହସ୍ତ ଔପନ୍ୟାସିକଙ୍କ ରଚନାରେ ଏହି ବିବିଧ ସ୍ତରର ବିଭିନ୍ନ ଅଂଶ ପ୍ରଚୁର ପରିମାଣରେ ସ୍ଥାନ ପାଏ ।

ଅନ୍ତତଃ ଆମ ଜୀବନରେ ଯାହା ମୁଖ୍ୟ, ଯାହା ଜୀବନକୁ ଗଭୀର ଭାବରେ ଆଲୋଡ଼ିତ କରେ ଓ ପ୍ରଭାବିତ କରେ, ତାହାକୁହିଁ କେନ୍ଦ୍ର କରି ତାର ବିକାଶ ପାଇଁ ଅନ୍ୟାନ୍ୟ ଉପାଦାନର ସାହାଯ୍ୟ ନେଇ ଔପନ୍ୟାସିକ ତାଙ୍କର ସଂସାର ଗଢି ତୋଳନ୍ତି । ଔପନ୍ୟାସିକଙ୍କ ସଂସାର ବାସ୍ତବ ନୁହେଁ, କିନ୍ତୁ ଏଥିରେ ମାୟିକ ବାସ୍ତବତା (illusion of reality) ରହିଛି ଯାହା ଫଳରେ ପାଠକ ଏହାକୁ ବାସ୍ତବ ଭାବରେହିଁ ଗ୍ରହଣ କରେ । କଳାରେ 'ପ୍ରକୃତରେ ଘଟିଛି' ଅପେକ୍ଷା 'ପ୍ରକୃତ ବୋଲି ବୋଧ ହେବା' ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଭ୍ରାନ୍ତି ସୃଷ୍ଟି କରିବା ପାଇଁ ଔପନ୍ୟାସିକ ବିଭିନ୍ନ ଘଟଣାଗୁଡ଼ିକୁ ସୁନିୟନ୍ତ୍ରିତ ଭାବରେ ଏପରି ଖଞ୍ଜି ଦିଅନ୍ତି ଯେ ପାଠକ ସମକ୍ଷରେ ତାହା ବାସ୍ତବ ଘଟଣାର ରୂପ ନେଇ ଦେଖା ଦିଏ । ଉଦ୍ଦେଶ୍ୟ ଉପନ୍ୟାସର ଗୁରୁତ୍ୱ ବୃଦ୍ଧି କରେ, କାରଣ ଉଦ୍ଦେଶ୍ୟ ଯେତେ ବଳଶାଳୀ ହୁଏ ଉପନ୍ୟାସର ଘଟଣା ସେତେ ବାସ୍ତବ ବୋଲି ଅନୁଭୂତ ହୁଏ ।

ଉପନ୍ୟାସର ପ୍ରକୃତ ମୂଲ୍ୟ ତାହାର 'ପ୍ଲଟ୍' ଉପରେହିଁ ଅନେକାଂଶରେ ନିର୍ଭର କରେ । ଏହି 'ପ୍ଲଟ୍' ପାଇଁ ଔପନ୍ୟାସିକଙ୍କ ବାସ୍ତବ ଅନୁଭୂତି ପ୍ରଧାନ ସହାୟକ । ନିଜର ଅଭିଜ୍ଞତା ପ୍ରତି ଐକାନ୍ତିକ ଅନୁରକ୍ତି ଫଳରେହିଁ ଔପନ୍ୟାସିକ ଏକ ଅକୃତ୍ରିମ ପରିବେଶ ସୃଷ୍ଟି କରନ୍ତି । ଜୀବନର ଯେ କୌଣସି ଅଂଶକୁ ଔପନ୍ୟାସିକ ନିର୍ବାଚନ କରନ୍ତୁ ନା କାହିଁକି ତାହାର ପ୍ରତିଫଳନରେ ସେ ଯଦି ତାକୁ ସମ୍ପୂର୍ଣ୍ଣ ଆୟତ୍ତ କରି ପୂର୍ଣ୍ଣାଙ୍ଗରୂପେ ଦେଖାଇ ନ ପାରନ୍ତି ତେବେ ତାହା ହାଲୁକା (superficial) ପରି ବୋଧ ହେବ ଏବଂ

ଫଳରେ ପାଠକ ମନରେ ନିର୍ଦ୍ଦିଷ୍ଟ ପ୍ରଭାବ ବିସ୍ତାର କରିବା ପାଇଁ ଯେଉଁ ଶକ୍ତି ଆବଶ୍ୟକ ତାହା ସେଥିରେ ମିଳିବ ନାହିଁ । ଫକୀରମୋହନ ଉପନ୍ୟାସଗୁଡ଼ିକର କଥାବସ୍ତୁ ଏପରି ଭାବରେ ଚୟନ କରି ଅଛନ୍ତି ଯେ ତାହା ସତ୍ୟମୂଳକ ପରି ମନେ ହୁଏ । *ଛମାଣ ଆଠଗୁଣ* ଉପନ୍ୟାସ ପାଠ କଲାବେଳେ ଭଗିଆ, ଶାରିଆ, ସାଆନ୍ତାଣୀ ରକ୍ତ ମାଂସର ଦେହ ଧରି ଆମ ସମ୍ମୁଖରେ ଆବିର୍ଭୂତ ହୁଅନ୍ତି । ନିଜ ଧନର ଅଭିବୃଦ୍ଧି ପାଇଁ ନାଜରଙ୍କ ପରି ବ୍ୟକ୍ତି କିପରି ନିଜର ଭଣଜା ଓ ଅନ୍ୟମାନଙ୍କୁ ଠକି ପାରନ୍ତି ସେପରି ଉଦାହରଣର ବର୍ତ୍ତମାନ ଯୁଗରେ ଅଭାବ ନାହିଁ । ବଂଶଗତ ରକ୍ଷା କରିବା ପାଇଁ ବା କୌଳିନ୍ୟ ଓ ଆଭିଜାତ୍ୟ ନିଜର ବଡ଼ିମା ପ୍ରକାଶ ପାଇଁ ଶଙ୍କର୍ଷଣ ଓ ବୈଷ୍ଣବ-ଚରଣଙ୍କ ପରି ପ୍ରତିଦ୍ୱନ୍ଦୀ ଏ ଯୁଗରେ ଯଥେଷ୍ଟ ମିଳିବେ ।

ଜୀବନ ସଂପର୍କରେ ଫକୀରମୋହନଙ୍କ ଅନୁଭୂତି ଏକପକ୍ଷରେ ଥିଲା ଯେପରି ଅସୀମ ଅନ୍ୟପକ୍ଷରେ ତାହା ଥିଲା ସେହିପରି ଗଭୀର । ସେ ଯାହା ଦେଖିଛନ୍ତି ତାକୁ ତାଙ୍କ ଅନୁଭୂତି ଦ୍ୱାରା ରସାଣିତ କରି ମନରେ ସଞ୍ଚୟ କରି ରଖିଛନ୍ତି । ତେଣୁ ଜୀବନର ଯେଉଁ ଚିତ୍ର ସେ ଉପନ୍ୟାସରେ ଆଙ୍କିଛନ୍ତି ତାହା ବାସ୍ତବ ଜୀବନର ଏକ ଆଲେଖ୍ୟ ପରି ବୋଧ ହୁଏ । ତାଙ୍କର ଏହି ଅସାଧାରଣ କ୍ଷମତାବସ୍ତୁତ ବିବରଣୀ ଗୁଡ଼ିକରେ ଯେପରି ପରିସ୍ଫୁଟ ସାମାନ୍ୟ ଘଟଣାହୀନ ବର୍ଣ୍ଣନା-ଗୁଡ଼ିକରେ ମଧ୍ୟ ସେହିପରି ଅତ୍ୟନ୍ତ ଚିତ୍ତାକର୍ଷକ ଭାବରେ ସମାବେଶିତ । *ଛମାଣ ଆଠଗୁଣ*ରେ ମଙ୍ଗରାଜେ ବାଲି ବୁଲି ବାହାରିଛନ୍ତି; ତାଙ୍କର ସେ ସମୟର ବେଶ ବର୍ଣ୍ଣନା ଅପୂର୍ବ । ସାଆନ୍ତଙ୍କ ସହିତ ଶିବୁ ପଣ୍ଡିତଙ୍କ

ଭେଟ ଅତି ଅଳ୍ପ ସମୟ ପାଇଁ, କିନ୍ତୁ ତାହା ହୃଦୟସ୍ପର୍ଶୀ । *ଲଛମା*ରେ ଜାଗା ଫତେ ସିଂହ ମୀର ମଶାମାନଙ୍କ ସହିତ କଳିର ବର୍ଣ୍ଣନା କମ୍ ଉପଭୋଗ୍ୟ ନୁହେ ।

ଜୀବନର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ତରକୁ କେନ୍ଦ୍ର କରି ତାଙ୍କର ଉପନ୍ୟାସ ଗଢ଼ି ଉଠିନାହିଁ । ଏଥିରେ ସାଧୁସାହୁ ମହାଜନ ପରି **ଧନୀ** ଅଛନ୍ତି, ଭଗିଆ, ଶାରିଆ, ନାକଫୋଡିଆ ମା ପରି ଗରିବ ଅଛନ୍ତି, ସେଖ୍ ଦିଲଦାର ମିଆଁ, ବାଘସିଂହ ବଂଶ, ଉତ୍ତରରାୟ, ବୈଷ୍ଣବଚରଣ ଓ ସଙ୍କର୍ଷଣଙ୍କ ପରି ଜମିଦାର ଅଛନ୍ତି, ନରିପୁର ଦଶଗ୍ରାମ ଓ ସମସରପୁରର ପ୍ରଜା ପାଠକ ଅଛନ୍ତି । କଟକ ସହରର ଚିତ୍ର ଯେପରି ଫୁଟି ଉଠିଛି କେଉଁଝର୍‌ର ଜଙ୍ଗଲର ନିବିଡ଼ ଅରଣ୍ୟମଧ୍ୟସ୍ଥ ସୋସୋଗ୍ରାମର ଚିତ୍ର ମଧ୍ୟ ସେହିପରି ଫୁଟି ଉଠିଛି । ନବାବ ଆଲିବର୍ଦ୍ଦିଙ୍କ ଭୋଗ ବିଳାସ ବର୍ଣ୍ଣନରେ ଔପନ୍ୟାସିକ ଯେପରି ସିଦ୍ଧହସ୍ତ ସାରିଆ ଭଗିଆଙ୍କ ଦୁଃଖଦୁର୍ଦ୍ଦଶା ଚିତ୍ରଣରେ ତାଙ୍କର ଦକ୍ଷତା ସେହିପରି ପରିସ୍ଫୁଟ ।

ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ନିଜକୁ ଆବଦ୍ଧ ନ ରଖି ସମାଜର ପ୍ରତ୍ୟେକ ଅଙ୍ଗକୁ ସେ ବିଶ୍ଳେଷଣ କରିଛନ୍ତି ଓ ରୂପାୟିତ କରିଛନ୍ତି । ତାଙ୍କ ସମୟରେ ଓଡ଼ିଶା ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ସମ୍ମୁଖୀନ ହୋଇଥିଲା । ଏହି ପ୍ରଭାବରେ ସମାଜର ପ୍ରକୃତି ସେତେବେଳେ ଥିଲା ବେଗବାନ୍, ପରିବର୍ତ୍ତନହିଁ ଏହାର ଥିଲା ପ୍ରାଣ । ଫକୀରମୋହନ ସମାଜକୁ ସ୍ଥାଣୁ ଭାବରେ ଚିତ୍ରିତ ନ କରି ଏହି ଗତିକୁହିଁ ପ୍ରତିଫଳିତ କରିଚନ୍ତି । ସେତେବେଳେ ପୃଷ୍ଠଭୂମିର ପରିବର୍ତ୍ତନ

ହେଉଥିଲା, ଲୋକଙ୍କର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସେମାନଙ୍କର ଆଚାର, ବ୍ୟବହାର, ରୀତିନୀତି ସମସ୍ତର ପରିବର୍ତ୍ତନ ଘଟୁଥିଲା । ତାଙ୍କ ଉପନ୍ୟାସରେ ଏହି କ୍ଷୟିଷ୍ଣୁ ପୁରାତନ ସଙ୍ଗରେ ବିକାଶୋନ୍ମୁଖୀ ନୂତନର ସମ୍ୟକ୍ ଚିତ୍ରଣ ଦେଖାଯାଏ ।

ଫକୀରମୋହନ ତାଙ୍କ ଉପନ୍ୟାସରେ ଯେଉଁ ସଂସାରର ଚିତ୍ର ଅଙ୍କନ କରିଛନ୍ତି ସେଥିରେ କଳ୍ପନା କରିବା ପାଇଁ କିଛି ନାହିଁ । ତାହା ଏହି ବାସ୍ତବ ଦୁନିଆରୁହିଁ ସଂଗୃହୀତ । ତାହାର ପରିସର ମଧ୍ୟ ଅତି ବିସ୍ତୃତ । ଏକ ଦିଗରେ *ଲଛମା*ରେ ଓଡ଼ିଶା, ବଙ୍ଗ ଓ ବିହାର ରଙ୍ଗଭୂମିର ଚିତ୍ର ଆମେ ଦେଖୁଁ, ଅନ୍ୟ ଦିଗରେ ଅରଣ୍ୟ ମଧ୍ୟସ୍ଥ ନିଭୃତ ପଲ୍ଲୀର ଚିତ୍ର ସେଥିରେ ପରିବେଷିତ । ସହରଚିତ୍ର ପରିବେଷଣରେ ସାଧାରଣତଃ କଟକକୁ କେନ୍ଦ୍ର କରାଯାଇଛି । କଟକର ବିଭିନ୍ନ ବଜାରର ନାମ, ରାସ୍ତାର ନାମ, ହସ୍ପିଟାଲ, ସ୍କୁଲ, କଲେଜ ପ୍ରଭୃତିର ଉଲ୍ଲେଖ ରହିଛି । *ଲଛମା*ରେ ଗୟା, *ପ୍ରାୟଶ୍ଚିତ୍ତ*ରେ ବୃନ୍ଦାବନଧାମର ବିସ୍ତୃତ ବର୍ଣ୍ଣନା ବାସ୍ତବତାର ଭିତ୍ତି ଉପରେ ଅଙ୍କିତ । ପଲ୍ଲୀର ଚିତ୍ରରେ ଓଡ଼ିଶାର ପୁରପଲ୍ଲୀର ଶାନ୍ତ, ସ୍ନିଗ୍ଧ, ମନୋହର ପରିବେଶ ଫୁଟି ଉଠିଛି । କି ସହର କି ପଲ୍ଲୀ ପ୍ରତ୍ୟେକର ଚିତ୍ରକୁହିଁ ଆମେ ଇନ୍ଦ୍ରିୟ ସାହାଯ୍ୟରେ ଅନୁଭବ କରିପାରୁଁ । ସ୍ଥାନୀୟ ପରିବେଷ୍ଟନୀ ଓ ଖୁଣ୍ଟିନାଖି ବର୍ଣ୍ଣନାଦ୍ୱାରା ତାଙ୍କ ବର୍ଣ୍ଣିତ ସ୍ଥାନଗୁଡ଼ିକରେ ଅବାସ୍ତବତା ବା କଳ୍ପନାର ସ୍ଥାନ ଆଦୌ ନାହିଁ । ସମୟକ୍ରମରେ ମଧ୍ୟ ଫକୀର-ମୋହନ ବାସ୍ତବତା ରକ୍ଷା କରିଛନ୍ତି । *ଲଛମା*ରେ ପ୍ରାୟ ୧୭୨୦ ଖ୍ରୀଷ୍ଟାବ୍ଦରୁ ଆରମ୍ଭ କରି *ଛମାଣ ଆଠଗୁଣ*, *ମାମୁ* ଓ *ପ୍ରାୟଶ୍ଚିତ୍ତ*ରେ

୨୦୦ ବର୍ଷର ସାମାଜିକ ଚିତ୍ର ଦିଆ ଯାଇଛି । ସ୍ଥାନ ଓ କାଳର ବାସ୍ତବତା ଏବଂ ଘଟଣାରେ ସାମାଜିକ ସତ୍ୟତା ଥିବାରୁ ଫକୀରମୋହନଙ୍କ ଉପନ୍ୟାସ ଇତିହାସ ପରି ମନେ ହୁଏ । ଏହିପରି ଭାବରେ ସତ୍ୟତା ରକ୍ଷିତ ହୋଇ ଥିବାରୁ ପାଠକଙ୍କ ମନରେ ସ୍ୱେଚ୍ଛାକୃତ ଅବିଶ୍ୱାସ ବର୍ଜନରେ ବାଧା ଜାତ ହୁଏନାହିଁ ।

ଔପନ୍ୟାସିକ କେବଳ ଜୀବନର ଏକ ନୀରବ ଦ୍ରଷ୍ଟା ନୁହନ୍ତି, ଜୀବନ ସମ୍ପର୍କରେ ସେ ଗଭୀର ଭାବରେ ଚିନ୍ତା କରନ୍ତି । ବିଭିନ୍ନ ଚରିତ୍ର ସମ୍ପର୍କରେ ତାଙ୍କର ଗଭୀର ଅନୁଧ୍ୟାନ ଏବଂ ଅନୁଶୀଳନ, ବ୍ୟକ୍ତିବିଶେଷର କାର୍ଯ୍ୟ ସମ୍ବନ୍ଧରେ ତାଙ୍କର ଅନ୍ତର୍ଦୃଷ୍ଟି ଓ ଅଭିଜ୍ଞତା, ସମସ୍ୟାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଏବଂ ଚରିତ୍ର ଜ୍ଞାନର ସମ୍ମିଶ୍ରଣ ଫଳରେ ତାଙ୍କ ଜୀବନଦର୍ଶନରେ ଏକ ନୈତିକ ବାତାବରଣର ସୃଷ୍ଟି ହୁଏ । ଏକ ଉପନ୍ୟାସକୁ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କଲେ ଜୀବନର ବିଶ୍ଳେଷଣହିଁ ଅନୁଭୂତ ହୁଏ । ନାଟ୍ୟକାରଙ୍କ ତୁଳନାରେ ଔପନ୍ୟାସିକ ଜୀବନକୁ ଚିତ୍ରଣ କରନ୍ତି ଓ ତାର ଅବବୋଧ କରନ୍ତି । ତାଙ୍କ ସମ୍ମୁଖରେ ରହିଥିବା ଉପାଦାନ ସମୂହରୁ ସେ ଅତି ନିପୁଣ ଭାବରେ କେତେକ ନିର୍ଦ୍ଦିଷ୍ଟ ଉପାଦାନ ସଂଗ୍ରହ କରନ୍ତି ଏବଂ ସେଗୁଡିକୁ ଏପରି ଭାବରେ ସଜ୍ଜିତ କରନ୍ତି ଯେ ବିଭିନ୍ନ ଚରିତ୍ର ଓ ଔପନ୍ୟାସିକଙ୍କ ଉଦ୍ଦେଶ୍ୟ ଏକ ନୈତିକ ମୂଲ୍ୟବୋଧଦ୍ୱାରା ରଞ୍ଜିତ ହୁଏ । ନାଟ୍ୟକାର କେବଳ ମାତ୍ର ଅପ୍ରତ୍ୟକ୍ଷ ଉପାୟରେ ଜୀବନକୁ ଦେଖାଇ ପାରନ୍ତି, କିନ୍ତୁ ଔପନ୍ୟାସିକ ବିଭିନ୍ନ ଚରିତ୍ରର କଥୋପକଥନ ମାଧ୍ୟମରେ ତାଙ୍କର ଜୀବନଦର୍ଶନ ଦେଖାଇବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ସମାଲୋଚନା ଓ

ବ୍ୟାଖ୍ୟାଦ୍ୱାରା ଜୀବନର ଅବବୋଧ କରନ୍ତି । ଜୀବନର ଏହି ଅବବୋଧ ପାଇଁ ସେ ଏକ ଦାର୍ଶନିକ ।

ଫକୀରମୋହନ ମାନବଜୀବନକୁ ମହନୀୟ କରିବାକୁ ଯାଇ ନାହାନ୍ତି କିମ୍ବା ପୂର୍ଣ୍ଣ ଆଦର୍ଶବାଦର ଏକ ଆଚ୍ଛାଦନରେ ଆବୃତ କରି ତାହାକୁ ଉପସ୍ଥାପନ କରିନାହାନ୍ତି । ସେ ନିଜ ଅଭିଜ୍ଞତାରୁ ଉତ୍ତମ ରୂପେ ଉପଲବ୍ଧି କରିଛନ୍ତି ଯେ ଜୀବନ ଉତ୍ଥାନପତନର ଏକ ସୁଦୀର୍ଘ ଇତିହାସ । ତେଣୁ ତାଙ୍କର ଉପନ୍ୟାସଗୁଡ଼ିକରେ ଜୀବନ ଏକ ସୁନ୍ଦର ଓ ସୁନେଲି ସ୍ୱପ୍ନର ଭୂମିରୂପେ ଚର୍ଚ୍ଚିତ ହୋଇନାହିଁ ବା ନୈରାଶ୍ୟବାଦର ହତାଶା ଭିତରେ ଜୀବନକୁ ଦୁଃଖପୂର୍ଣ୍ଣରୂପେ ଦେଖାଇ ଦିଆଯାଇ ନାହିଁ । ଆଦର୍ଶବାଦର ପୃଷ୍ଠଭୂମି ଉପରେ ଜୀବନର କେବଳ ମହତ୍ ଗୁଣଗୁଡ଼ିକ ପରିବେଷଣ ନ କରି ଜଣେ ବାସ୍ତବବାଦୀ ବୈଜ୍ଞାନିକ ଭାବରେ ସେ ଜୀବନକୁ ପରିବ୍ୟାପ୍ତ ଓ ବ୍ୟାପକରୂପେ ବିଶ୍ଳେଷଣ କରିଛନ୍ତି । ତାଙ୍କ ଉପନ୍ୟାସରେ ପାପ ଯେପରି ସ୍ଥାନ ପାଇଛି ପୁଣ୍ୟ ମଧ୍ୟ ସେହିପରି ଭାବରେ ସ୍ଥାନ ପାଇଛି । ମାନବର ଉଚ୍ଚାଭିଳାଷ କେତେ ଊର୍ଦ୍ଧ୍ୱଗାମୀ ହୋଇପାରେ ସେ ବିଷୟରେ ସେ ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ ତହିଁ ସଙ୍ଗେ ସଙ୍ଗେ ମାନବର କ୍ଷଣିକ ଦୁର୍ବଳତା ତାକୁ ଯେ କେତେ ନୀଚ ସ୍ତରକୁ ନେଇପାରେ ତାହା ମଧ୍ୟ ତାଙ୍କର ଦୃଷ୍ଟିପଥର ଅନ୍ତରାଳରେ ଲୁଚି ରହି ନାହିଁ । ଫକୀରମୋହନ ମାନବ ଜୀବନ ଓ ମାନବ ମାନସର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ଅଛନ୍ତି । ଏକ ପକ୍ଷରେ ଫକୀରମୋହନ ଯେପରି ମାନବର ମହତ୍ ଚିନ୍ତା, ଦେଶପ୍ରେମ, ସ୍ୱାର୍ଥତ୍ୟାଗ, ଧାର୍ମିକ ଜୀବନ-ଯାପନ ବା କର୍ତ୍ତବ୍ୟଅବବୋଧକୁ ପୂର୍ଣ୍ଣ ପରିସ୍ଫୁଟ କରିଛନ୍ତି, ଅପର

ପକ୍ଷରେ ସେହିପରି ଭାବରେ ଈର୍ଷା, ଦ୍ୱେଷ, ଘୃଣା, କ୍ରୋଧ, ଧୂର୍ତ୍ତତା ଏବଂ ଅନ୍ୟାନ୍ୟ ଆଦିମ ପ୍ରବୃତ୍ତିର ସହାୟତାରେ ମାନବ ଯେ କିପରି ନୀଚ ଏବଂ ଜଘନ୍ୟ ତାହା ଦର୍ଶାଇଛନ୍ତି । ବିଭିନ୍ନ ଉପନ୍ୟାସରେ ବିକ୍ଷିପ୍ତ ମନ୍ତବ୍ୟସାହାଯ୍ୟରେ ତାଙ୍କର ଜୀବନଦର୍ଶନ ସମୟେ ସମୟେ ଦେଖାଯାଏ ସତ କିନ୍ତୁ ତାଙ୍କ ଉପନ୍ୟାସରେ ଜୀବନର ଏକ ଯଥାଯଥ ଚିତ୍ର ସନ୍ନିବେଶିତ ହୋଇଛି । ସାଧାରଣତଃ ବିକ୍ଷିପ୍ତ ଦାର୍ଶନିକ ମନ୍ତବ୍ୟଗୁଡ଼ିକ ସାମୟିକ ସମାଲୋଚନାରୂପେ କାର୍ଯ୍ୟ କରୁଛି ।

ଫକୀରମୋହନ ଉତ୍ତମରୂପେ ଉପଲବ୍ଧି କରିଥିଲେ ଯେ ପରିବର୍ତ୍ତନହିଁ ବିଶ୍ୱର ଧର୍ମ ଏବଂ ଏହି ପରିବର୍ତ୍ତନଶୀଳ ପୃଥିବୀରେ ମାନବ ମଧ୍ୟ ପରିବର୍ତ୍ତନ ଓ ବିବର୍ତ୍ତନ ନିୟମାଧୀନ । "ପରିବର୍ତ୍ତନଶୀଳ ଜଗତରେ ମାନବ ଗୋଟିଏ କ୍ଷୁଦ୍ରତମ ଅଂଶମାତ୍ର, ଏଥିକୁ ସମ୍ପୂର୍ଣ୍ଣରୂପେ ଜାଗତିକ ନିୟମାଧୀନ, ଏଥିକୁ ମାନବୀୟ ଯାବତ ଘଟଣା କ୍ଷଣଭଙ୍ଗୁର ଅଟେ ।" (ପ୍ରାୟଶ୍ଚିତ୍ତ) ବିଶ୍ୱର ଏହି ପରିବର୍ତ୍ତନ ହେତୁ ମାନବଜୀବନ ଉତ୍‌ଥାନ ପତନର ଏକ ଇତିହାସ ମାତ୍ର । "ଜଗତ୍ କ୍ଷଣପରିବର୍ତ୍ତନ-ଶୀଳ । ଆଜି ଯେଉଁସ୍ଥାନରେ ମହୋତ୍ସବ, ଆନନ୍ଦକୋଳାହଳ, କି ଅପ୍ରତ୍ୟାଶିତରୂପେ ଅତର୍କିତଭାବରେ କାଲି ସେ ସ୍ଥାନ ଦାରୁଣ ମର୍ମଶୋକଜନିତ ଦୁଃଖ ହାହାକାର ପରିପୂର୍ଣ୍ଣ ।" (ପ୍ରାୟଶ୍ଚିତ୍ତ) ଏହି ପରିବର୍ତ୍ତନର ପ୍ରଭାବ ମନୁଷ୍ୟ ଜୀବନରେ ଏତେ ସୁସ୍ପଷ୍ଟ ଯେ ସୁଖ ବା ଦୁଃଖ ଅପ୍ରାସଙ୍ଗିକ ମନେହୁଏ । ଘଟଣାର ବାହ୍ୟ ଅବବୋଧହିଁ ମନୁଷ୍ୟକୁ ସୁଖୀ ବା ଦୁଃଖୀ କରେ । କିନ୍ତୁ ମାନବ ଯଦି ଏହାର ପ୍ରକୃତ ସ୍ୱରୂପ ନିରୂପଣ କରିବାକୁ ଚେଷ୍ଟା କରେ ତେବେ ଜଣାଯିବ ଯେ ଏହି ସୁଖ ବା ଦୁଃଖ

ଜୀବନର ଦୁଇଟି ବିଭାବ ମାତ୍ର । ଜୀବନ ଉପରେ ଏମାନଙ୍କ ପ୍ରଭାବର ସ୍ଥାୟିତ୍ୱ ନାହିଁ । ସୁଖଦୁଃଖ ଜମ ବିବର୍ତ୍ତମାନ । "ଦିବା ଏବଂ ରାତ୍ରି ଦୁଇଗୋଟି ଚକ୍ର, ଏହି ଦୁଇ ଚକ୍ର ମଧ୍ୟରେ ପଡ଼ି, ଶସ୍ୟରୂପ ପ୍ରାଣୀ-ମାନେ ପିଷ୍ଟ ହୋଇ ଯାଉଅଛନ୍ତି । ପ୍ରତି ମୁହୂର୍ତ୍ତରେ ଅବସ୍ଥାନ୍ତର ଘଟିବା ଅନନ୍ତ ମହାପୁରୁଷଙ୍କର ଅନନ୍ତ ବ୍ରହ୍ମାଣ୍ଡରେ ସନାତନ ବିଧି । ହେ ଧନଗର୍ବିତ କ୍ଷମତାଶାଳୀ ଆଧିପତ୍ୟୋନ୍ମତ୍ତ ପୁରୁଷ ! ଜଗତର ଏହି ଦୁର୍ଲଙ୍ଘନୀୟ ପ୍ରତ୍ୟକ୍ଷ ନିୟମ ବିସ୍ମୃତ ହୋଇ ଯାଅ ନାହିଁ । ହେ ବିପଦ୍‌ଗ୍ରସ୍ତ ସର୍ବସ୍ୱାନ୍ତ ମନୁଷ୍ୟ ! ନିଶ୍ଚୟ ଜାଣ, ଅବସ୍ଥାର ପରିବର୍ତ୍ତନ ଘଟେ ।" (*ଲଚ୍ଛମା*) ଏହି ଚିନ୍ତାଧାରା ପୂର୍ଣ୍ଣତଃ ଭାରତୀୟଦର୍ଶନ ସମ୍ମତ । ଫକୀରମୋହନ *ଭଗବଦ ଗୀତା* ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଛନ୍ତି । *ମାମୁଁ*ରେ *ଭଗବଦ୍‌ଗୀତା*ର ପ୍ରଭାବ ସେ ସ୍ପଷ୍ଟ ସ୍ୱୀକାର କରିଛନ୍ତି ।

ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ । *

ଗୀତାର ଏହି ତତ୍ତ୍ୱ ଉପଲବ୍ଧି କରିପାରିଲେ ଜଡ଼ବାଦର ସମସ୍ତ ଭୋଗ ବିଳାସ ମଧ୍ୟରେ ସେ ଆନନ୍ଦରେ ଆତ୍ମହରା ହୋଇ ପାରିବ ନାହିଁ କିମ୍ବା ଦୁଃଖ ନିରାଶା ମଧ୍ୟରେ ପିଷ୍ଟ ହୋଇ ସେ ନିରାଶାବାଦୀ ହେବ ନାହିଁ । କାରଣ ସେ ବୁଝି ପାରିବ ଯେ ତାହାର ଏହି ଅବସ୍ଥା ମଧ୍ୟ ଆଶୁ ପରିବର୍ତ୍ତନଶୀଳ । ସେ ଚିରଦିନ ପାଇଁ ଆନନ୍ଦରେ ବିଭୋର ହେବା ଅସମ୍ଭବ । "ମାନବଜାତି ପୂର୍ଣ୍ଣମାତ୍ରାରେ ଅନାବିଳ

---

* *ଶ୍ରୀମଦ୍‌ଭଗବଦ୍‌ଗୀତା* — ଦ୍ୱିତୀୟ-ଅଧ୍ୟାୟ ୫୬ ଶ୍ଲୋକ ।

ସୁଖସୌଭାଗ୍ୟ ସମ୍ଭୋଗରେ ସମର୍ଥ ହେଉନ୍ତୁ, ଏଇଟା ବୋଧ କରୁଁ ବିଧି ବିଧାନର ବିରୋଧୀ ବିଷୟ ଅଟେ । ଆପାତଦୃଷ୍ଟିରେ ତୁମ୍ଭେ ଯାହାକୁ ସମ୍ପୂର୍ଣ୍ଣ ସୁଖୀ ବୋଲି ଜ୍ଞାନ କର, ଅନୁସନ୍ଧାନ କରି ଜାଣିବ, ତାହାର ସୁଖସୌଭାଗ୍ୟାକାଶ ନିରବଚ୍ଛିନ୍ନ ମଳିନତା ବିହୀନ ନୁହେ—କୌଣସି ନିଭୃତ କୋଣରେ ହେଲେ ଖଣ୍ଡିଏ ଯାତନାଜଳଦ ଭାସମାନ ହେଉଥାଏ ।" (ମାମୁଁ) ଠିକ୍ ଅନୁରୂପ ରୂପେ ଦୁଃଖର ମାତ୍ରା ଯେତେ ବେଶୀ ହେଲେ ମଧ୍ୟ ମନୁଷ୍ୟ ଚିରକାଳ ଦୁଃଖ ଜର୍ଜରିତ ହେବ ନାହିଁ । କାରଣ ସମୟ ଆସିବ ଯେତେବେଳେ ସୂର୍ଯ୍ୟୋଦୟରେ ପ୍ରଭାତ କୁହେଳି ଦୂରୀଭୂତ ହେବା ପରି ନୈରାଶ୍ୟ ଅଦୃଶ୍ୟ ହେବ ଏବଂ ତାହା ସ୍ଥାନରେ ସୁଖର ବିମଳଜ୍ୟୋତି ଉଦ୍ଭାସିତ ହେବ । "ନିରବଚ୍ଛିନ୍ନ ଦୁଃଖ ବିଧାତା ମାନବ ଅଦୃଷ୍ଟରେ ଲିପିବଦ୍ଧ କରି ନାହାନ୍ତି । ···ଫରାସି ସମ୍ରାଟ୍ ନେପୋଲିୟନ ବୋଲିଅଛନ୍ତି ମାନବ ! ତୁମ୍ଭେ ଚିରସୁଖୀ ବା ଚିରଦୁଃଖୀ, ଜୀବନ କାଳରେ ତୁମ୍ଭର ଏ କଥା ବୋଲିବାର ଅଧିକାର ନାହିଁ ।" (ଲଛମା)

ଦୁଃଖ ଓ ନିରାଶା ମଧ୍ୟରେ ମାନବ କିଂକର୍ତ୍ତବ୍ୟ ବିମୂଢ଼ ନ ହେବା-ପାଇଁ ସ୍ୱୟଂ ବିଧାତା ତାକୁ ଏକ ରକ୍ଷାକବଚ ଦାନ କରିଛନ୍ତି । ଏହା ହେଉଛି ବିସ୍ମୃତି । "ବିବିଧ କଷ୍ଟକର ଯନ୍ତ୍ରଣାଦ୍ୱାରା ଆମ୍ଭମାନଙ୍କ ହୃଦୟ କ୍ଷତ ବିକ୍ଷତ ହୋଇଯାଏ । ସେହି କ୍ଷତ ସ୍ଥାନରେ ବିସ୍ମୃତିରୂପ ପ୍ରଲେପ ପଡ଼ି କ୍ରମଶଃ ସେହି ଯନ୍ତ୍ରଣାକୁ ଲଘୁ କରିଦିଏ । ଅବଶେଷରେ କ୍ଷତ ସ୍ଥାନର ଚିହ୍ନସ୍ୱରୂପ ଘଟନାଟି ମାତ୍ର ସ୍ମରଣ ଥାଏ, ତଜ୍ଜନିତ ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ ।" (ଲଛମା)

ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଫକୀରମୋହନ ଦୁଃଖ ଓ ଯନ୍ତ୍ରଣାରେ ବିଚଳିତ ହୋଇ ପଡ଼ିଥିବାରୁ ସ୍ୱଭାବତଃ ସେ ମାନବଜୀବନର କାଳିମାକୁ ବିଶେଷ ଭାବରେ ଚିତ୍ରିତ କରି ଅଛନ୍ତି । "ହାୟ ହାୟ ମନୁଷ୍ୟର ଜୀବନ କି ଶୋଚମାୟ—ଦୁଃଖ ଗୁଡ଼ାକ ଯେମନ୍ତ ତା ପଛେ ପଛେ ଲାଗି ରହିଛି । ..... ଦୁଃଖ ଗୁଡ଼ାକ ଯେମନ୍ତ ମନୁଷ୍ୟ ପଛେ ପଛେ ସବୁବେଳେ ଗୋଡ଼ାଇଛନ୍ତି । ଟିକିଏ ବେଳ ପାଇଲେ ବାଘ ଶିକାର ଉପରେ ଝାମ୍ପି ପଡ଼ିଲା ପରି ମାଡ଼ି ବସିବେ ।" (*ମାମୁଁ*)

ଫକୀରମୋହନ ମାନବଜୀବନରେ ଏହି ଦୁଃଖର କାରଣ ବିଶ୍ଳେଷଣ କରିବାକୁ ଯାଇ ସାଙ୍ଖ୍ୟଦର୍ଶନ ପ୍ରତିପାଦିତ ମତ ଉପସ୍ଥାପନ କରିଛନ୍ତି । "ବାସନାହିଁ ମୁକ୍ତିମାର୍ଗର କଣ୍ଟକ ଅଟେ ।" (*ମାମୁଁ*) ଗୌତମବୁଦ୍ଧ ମଧ୍ୟ ଅନୁରୂପ ମତ ପ୍ରକାଶ କରିଥିଲେ । ଫକୀରମୋହନ *ପ୍ରାୟଶ୍ଚିତ୍ତ*ରେ ଲେଖିଛନ୍ତି, "ପ୍ରାଣୀର ଦୁଃଖରେ କାତର ମହାମୁନି ବୁଦ୍ଧଦେବ ମଧ୍ୟ ନିରଞ୍ଜନା ନଦୀତଟରେ ଧ୍ୟାନଯୋଗେ ଅନୁଭବ କରିଥିଲେ, ବାସନା ଯାବନ୍ତ କଷ୍ଟର କାରଣ । ମାନବଶ୍ରେଣୀ ଦୈବୀ ମାୟାରେ ଏପରି ଆଛନ୍ନ ଯେ, କଷ୍ଟର ମୂଳକାରଣ ବାସନାକୁ ସହଜରେ ପରିତ୍ୟାଗ କରିବାକୁ ମନ ବଳାଏ ନାହିଁ ।"

ଜୀବନର ଦୁଃଖ ନିମିତ୍ତ ସ୍ୱୟଂ ମାନବର କର୍ମ ଓ ଭାଗ୍ୟର ତୁଳନାତ୍ମକ ଗୁରୁତ୍ୱ ଫକୀରମୋହନ ଦର୍ଶାଇଛନ୍ତି । ମନୁଷ୍ୟ ତାର କର୍ମଫଳ ପାଇଁ ଦୁଃଖ ଭୋଗେ । କିନ୍ତୁ କେବଳ ମାତ୍ର ତାର କୃତକର୍ମ ପାଇଁ ସେ ଦୁଃଖଭାଗୀ ହୁଏ ନାହିଁ । କେତେକ କ୍ଷେତ୍ରରେ ସେ ଆଦୌ ନିଜ ଦୁଃଖର କାରଣ ନୁହେ । ଏ କ୍ଷେତ୍ରରେ ଭାଗ୍ୟ ବା ଅଦୃଷ୍ଟହିଁ

ଦୁଃଖର କାରଣ ବୋଲି ସ୍ୱୀକାର କରାଯାଇ ପାରେ । "କୃତକର୍ମ ଗୁଡ଼ି ମନୁଷ୍ୟମାନଙ୍କର ଶୁଭାଶୁଭ ଦାତା ଆଉ ଗୋଟିଏ ହସ୍ତ ସେମାନଙ୍କ ଭାଗ୍ୟର ଅନ୍ତରାଳରେ ନିଯୁକ୍ତ ବିଦ୍ୟମାନ ଅଛି—ସହଜ କଥାରେ ତାହାକୁ ଅଦୃଷ୍ଟ ବୋଲାଯାଏ । ......ଏକ ଅଲକ୍ଷ୍ୟ ବିଧାତା ପୁରୁଷଙ୍କ ପ୍ରେରଣାରେ ଅଲକ୍ଷ୍ୟ ସୂତ୍ରଧର ଏମନ୍ତ ଅନେକ ସୁଖ ଦୁଃଖ ଆସେ ଯାହା ନିବାରଣ କରିବା ମାନବ ପକ୍ଷରେ ସାଧ୍ୟାତୀତ ବିଷୟ ଅଟେ ।" ( *ମାମୁ* ) ସନ୍ଥ ତୁଲସୀ ଦାସ ମଧ୍ୟ କହିଛନ୍ତି ।

"ଶୁନ ଭରତ କାଲ ପ୍ରବଲ ବିଲୋକି କହେ ମୁନିନାଥ-
ସୁଖ ଦୁଃଖ ଜନମ ମରଣ ଯଶ ଅପଯଶ ବିଧିହାତ ।"

ଫକୀରମୋହନଙ୍କ ଉପନ୍ୟାସରେ ନୈରାଶ୍ୟବାଦର ଛାୟା ଦେଖା ଦେଲେହେଁ ଫକୀରମୋହନ ନୈରାଶ୍ୟବାଦୀ ନୁହନ୍ତି । ତାଙ୍କର ଧର୍ମବିଶ୍ୱାସ ଏଥିପାଇଁ ତାଙ୍କୁ ବିଶେଷ ସାହାଯ୍ୟ କରିଛି । ସମୟେ ସମୟେ ସ୍ୱର୍ଗୀୟ ଆଲୋକ ତାଙ୍କ ହୃଦୟର ଦୁଃଖାନ୍ଧକାର ଦୂର କରିବା ସଙ୍ଗେ ସଙ୍ଗେ ଦୁଃଖ ସହନ କ୍ଷମତା ମଧ୍ୟ ଦେଇଥିଲା । ବିଫଳତାର ଗ୍ଲାନି ମଧ୍ୟରେ ହତାଶ ହେବାପାଇଁ ସେ କେବେହେଲେ ମନୁଷ୍ୟକୁ ଉପଦେଶ ଦେଇ ନାହାନ୍ତି କିମ୍ବା ସେ ଏହି ସଂସାରକୁ କଳ୍ପନା ଓ ରୋମାନ୍ସର ସମ୍ମିଶ୍ରଣରେ ଏକ ରୋମାଣ୍ଟିକ ସ୍ୱର୍ଗରେ ପରିଣତ କରି ନାହାନ୍ତି । ବାସ୍ତବତାକୁ ସେ ଉଦାର ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ଜୀବନରେ ଯାହା ଆସୁଛି ତାହା ସହ୍ୟ କରିବାକୁ ହେବ ଏବଂ ଶାନ୍ତ ଜୀବନ ଯାପନ କରିବାକୁ ପଡ଼ିବ । ଅବଶ୍ୟ କେତେକ ଦୁର୍ବଳମନା ବ୍ୟକ୍ତି ଜୀବନ କ୍ଷେତ୍ରରେ ଏପରି ମତ ପୋଷଣ କରିପାରନ୍ତି ନାହିଁ, ଫଳରେ

ସେମାନେ ଦୁଃଖର ଶିକାର ହୁଅନ୍ତି । ଏହି କାରଣରୁ ଭଗିଆ ପାଗଳ ହୋଇଛି ଏବଂ ଇନ୍ଦୁମତୀ ଆତ୍ମହତ୍ୟା କରିଛନ୍ତି । ଫକୀରମୋହନ ସର୍ବଦା ଧୈର୍ଯ୍ୟ ଓ ସହନଶୀଳତା ଉପରେ ଗୁରୁତ୍ୱ ଦେଉଥିଲେ । ଚମ୍ପାମଣି, ନଟୁଙ୍କ ଚରିତ୍ର ଏବଂ ଗୋବିନ୍ଦଙ୍କ ଜୀବନର ଶେଷାଂଶରେ ଫକୀର-ମୋହନଙ୍କର ଏହି ମତବାଦର ପୋଷକତା ଦେଖାଯାଏ ।

ଯେତେ ବାଧା ଓ ବିପଦର ସମ୍ମୁଖୀନ ହେଲେ ମଧ୍ୟ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହେବା ଉଚିତ ନୁହେଁ । ମାନବସେବାରେ ନିଜକୁ ନିୟୋଜିତ କରିବାପାଇଁ ମନୁଷ୍ୟ ଶାରୀରିକ ଓ ମାନସିକ ଶକ୍ତିସମ୍ପନ୍ନ ହୋଇଅଛି । ମାନବ ଜୀବନର ଏକ ଉଦ୍ଦେଶ୍ୟ ଅଛି । ତେଣୁ ପଳାୟନବାଦ ବା ମୃତ୍ୟୁ ଜୀବନର ଲକ୍ଷ୍ୟ ନୁହେଁ । ଏହି ହେତୁରୁ ଗୋବିନ୍ଦଚନ୍ଦ୍ର ତାଙ୍କର ଶେଷ ଜୀବନ ମାନବସେବାରେ ନିୟୋଜିତ କରିବା ପାଇଁ ଗ୍ରାମକୁ ଫେରି ଆସିଛନ୍ତି । କର୍ତ୍ତବ୍ୟନିଷ୍ଠା ଓ ଧର୍ମବିଶ୍ୱାସ ମନୁଷ୍ୟ ଜୀବନକୁ ସଫଳ କରେ । ଫକୀରମୋହନ ନିଜେ ଏହାର ଉଦାହରଣ । ତାଙ୍କ ଜୀବନର ଅଭିଜ୍ଞତାହିଁ ଜୀବନକୁ ଏହି ଭାବରେ ବୁଝିବା ପାଇଁ ତାଙ୍କୁ ପ୍ରଭାବିତ କରିଅଛି ।

ଫକୀରମୋହନ ତାଙ୍କର ସମସ୍ତ ଉପନ୍ୟାସରେ ମାନବ ଜୀବନର ଦୁଃଖ ଓ ଦୈନ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେହେଁ ଏବଂ ତାର ଦୁର୍ବଳତା ଚିତ୍ରଣ କରିଥିଲେହେଁ ନୈରାଶ୍ୟବାଦୀ ନୁହନ୍ତି । ସେ କେବଳ ଏହି ସଂସାର ଓ ତହିଁ ମଧ୍ୟରେ ଯାପିତ ହେଉଥିବା ଜୀବନକୁ ବାସ୍ତବ ଓ ଉଲ୍ଲଗ୍ନ ଭାବରେ ଚିତ୍ରଣ କରିଛନ୍ତି । ପଶୁବୃତ୍ତିଦ୍ୱାରା ପ୍ରଭାବିତ ମାନବର ଦୋଷ, ଦୁର୍ବଳତାକୁ ଫକୀରମୋହନ ତାଙ୍କ ଉପନ୍ୟାସରେ

ଚିତ୍ରଣ କରି ନ ଥିଲେ ସେଗୁଡ଼ିକର ଉପାଦେୟତା କ୍ଷୁଣ୍ଣ ହୋଇଥାନ୍ତା । ମାନବଜୀବନରେ ମାନବିକତାର ପରୀକ୍ଷା ପାଇଁ ସେ କେତେଗୁଡ଼ିଏ ଚିତ୍ର ସୃଷ୍ଟି କରିଛନ୍ତି । ସେଗୁଡ଼ିକ କେତେକ ପରିମାଣରେ ଆଦର୍ଶ । ମନୁଷ୍ୟ ପ୍ରକୃତ ମୂଲ୍ୟ ଉପଲବ୍ଧ କରିବା ନିମିତ୍ତ ସେଗୁଡ଼ିକୁ ଅନୁକରଣ କରିବା ଉଚିତ । ଜଣେ ଶିଳ୍ପୀ ତାଙ୍କ କୃତିରେ ଏହି ଆଦର୍ଶବାଦର ଅବତାରଣା କରିବା ଉଚିତ । ଗୋଥେ କହିଛନ୍ତି, "The artist's work is real in so far as it is always true, ideal in that it is never actual." । ଶିଳ୍ପୀ ଧର୍ମପ୍ରଚାରକର ସ୍ଥାନ ଗ୍ରହଣ କରିବା ଉଚିତ ନୁହେଁ । କିନ୍ତୁ କଳା ଜୀବନରେ ଏକ ଗୁରୁତର ପ୍ରଭାବ ପକାଉଥିବା ହେତୁ ଶିଳ୍ପୀକୁ ଏହାର ନୈତିକ ଦିଗ ବିଚାର କରିବାକୁ ପଡ଼େ । * ଆଧୁନିକ ଉପନ୍ୟାସଗୁଡ଼ିକ ମନସ୍ତାତ୍ତ୍ୱିକ ଗବେଷଣାଗାରରେ ପରିଣତ ହେଉଅଛି । ସେଗୁଡ଼ିକ ଶିଳ୍ପକଳା ଦୃଷ୍ଟିରୁ ସୁଗଠିତ ହେଲେହେଁ ତହିଁରେ କଳାର ଅଭାବ ପରିଲକ୍ଷିତ ହେଉଅଛି । ଜଣେ କଳାକାର ମନୁଷ୍ୟଜୀବନର ମାନ ଉନ୍ନତି କରିବା ଉଚିତ ଓ ସମାଜକୁ ମହତ୍ ସ୍ତରରେ ପ୍ରବେଶ କରାଇବା ପାଇଁ ଉଦ୍ୟମୀ ହେବା ଆବଶ୍ୟକ । †

---

* Art grows out of life. It is fed by life; It reacts on life. This being so it can not disregard its responsibilities to life. *W. H. Hudson.*

† It is by conservation and alimentation of moral qualities that we advance. The organisation of all our faculities into a perfect whole is moral harmony. Therefore artists who aspire to greatness can neither be adverse nor indifferent to ethics—*J. A. Symonds.*

ଫକୀରମୋହନ କେବଳ ସମାଜର ଏକ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରି ନାହାନ୍ତି, ତାଙ୍କର ଲେଖାଦ୍ୱାରା ସମାଜକୁ ଉଚ୍ଚସ୍ତରରେ ଆସୀନ କରାଇବା ପାଇଁ ଉନ୍ନତ ଯୋଜନା ପ୍ରସ୍ତୁତ କରିଛନ୍ତି । ସେ ମାନବ ଜୀବନର ମୂଳସୂତ୍ର ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାହା କପରି ଉଚ୍ଚସ୍ତରରେ ପ୍ରବେଶ କରିପାରିବ ତାହାର ସୂଚନା ଦେଇଛନ୍ତି । ତାଙ୍କର ଲେଖାରେ ଅନ୍ତର୍ନିହିତ ଉଦ୍ଦେଶ୍ୟ ରହିଛି । ତାଙ୍କ ସମୟରେ ସମାଜରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହେଉଥିଲା । ପାଶ୍ଚାତ୍ୟଶିକ୍ଷା ଓ ସଂସ୍କୃତିର ମାନଦଣ୍ଡରେ ଜୀବନର ମୂଲ୍ୟବୋଧ ପରୀକ୍ଷିତ ହେଉଥିଲା । ଫକୀରମୋହନ ଏହି ସାମାଜିକ ଅଗ୍ରଗତିକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଜନସାଧାରଣ ଏହି ନୂତନ ସଂସାର ସହିତ କପରି ନିଜକୁ ଉପଯୁକ୍ତ ଭାବରେ ସଜ୍ଜିତ କରିପାରିବେ ତାହାର ପଥ ସେ ତାଙ୍କ ଲେଖାମାଧ୍ୟମରେ ଦର୍ଶାଇବା ସଙ୍ଗେ ସଙ୍ଗେ ଏହାର ବ୍ୟତିକ୍ରମ ହେଲେ ଜୀବନ କପରି ମୂଲ୍ୟହୀନ ହୋଇ ପଡ଼ିବ ତାହାର ମଧ୍ୟ ସୂଚନା ଦେଇଛନ୍ତି ।

ଫକୀରମୋହନଙ୍କ ଜୀବନ ଦର୍ଶନ ଆଲୋଚନା କଲେ ଏହା ସ୍ପଷ୍ଟ ପ୍ରତିଭାତ ହୁଏ ଯେ ଜୀବନ ଏବଂ ତାର ବିଭିନ୍ନ ସମସ୍ୟା ବିଷୟରେ ଫକୀରମୋହନଙ୍କର କପରି ପ୍ରବେଶ ଥିଲା । ସେ ଗଭୀର ଭାବରେ ମାନବ ଜୀବନର ସମସ୍ୟାତ୍ମକ ଅଧ୍ୟୟନ କରିଥିଲେ । ତାଙ୍କର ଉଦାର ଦୃଷ୍ଟିକୋଣ ସେ ସମସ୍ତ ବିଶ୍ଳେଷଣ କରିବାରେ ସାହାଯ୍ୟ କରିଥିଲା । ଜୀବନର ଝଡ଼ଝଞ୍ଜାମଧ୍ୟରେ ଜୀବନ ତରଣୀକୁ ଅପେକ୍ଷାକୃତ ସୁଚକର ଭାବରେ ଚଳାଇବା ପାଇଁ ସେ ତାଙ୍କର ଉପନ୍ୟାସ ମାଧ୍ୟମରେ ପଥ ଦେଖାଇଛନ୍ତି ।

( ୯ )

ବର୍ଣ୍ଣନାର ଫାଙ୍କ ଯେଉଁଠି କଳ୍ପନାର ଆଶ୍ରୟ ନେବା ସେହିଠି ଦରକାର ପଡ଼େ । କଳ୍ପନାର ମାତ୍ରା ଅତିରିକ୍ତ ହେଲେ ବର୍ଣ୍ଣନାର ସ୍ୱାଭାବିକତା ନଷ୍ଟ ହୋଇଯାଏ । ପରିବେଶ ସୃଷ୍ଟିରେ ଅସ୍ପଷ୍ଟତା ସ୍ଥାନ ପାଇଲେ ଉପନ୍ୟାସର ପ୍ରଭାବ ନଷ୍ଟ ହେବା ନିଶ୍ଚିତ । ଫକୀରମୋହନ ଏହା ଉପଲବ୍ଧି କରି ତାଙ୍କ ଉପନ୍ୟାସର ପରିବେଶକୁ ବାସ୍ତବ ଦୁନିଆଠାରୁ ସଂଗୃହୀତ ଉପାଦାନରେ ପରିପୁଷ୍ଟ କରିଛନ୍ତି । ଏହାର ପରିସର ମଧ୍ୟ ଅତି ବିସ୍ତୃତ । *ଲଛମା*ରେ ପାଠକ ଏକ ଦିଗରେ ଯେପରି ବଙ୍ଗ, ବିହାର ଓ ଓଡ଼ିଶାର ରଣଭୂମିରେ ଉତ୍ତେଜିତ ହୋଇ ଉଠେ ଅନ୍ୟ ଦିଗରେ ସେହିପରି ଶାନ୍ତ, ସ୍ନିଗ୍ଧ ପଲ୍ଲୀର ରମଣୀୟ ଆବେଷ୍ଟନୀ ତା ମନରେ ଭାବାବେଗ ସୃଷ୍ଟି କରେ । ବିଭିନ୍ନ ଉପନ୍ୟାସରେ ପାଶ୍ଚାତ୍ୟ ସଭ୍ୟତା ଅନୁକରଣପ୍ରିୟ ନବ୍ୟ ସଭ୍ୟଙ୍କ ପାଇଁ ସହରର ଜୀବନ ଯେପରି ଅଙ୍କିତ ହୋଇଅଛି ସେହିପରି ନିଭୃତ ପୁରପଲ୍ଲୀର ପରିବେଶ ମଧ୍ୟରେ ସରଳ ତରଳ ନିରୀହ ଲୋକଙ୍କ ଜୀବନ ମଧ୍ୟ ଚିତ୍ରିତ ହୋଇଅଛି । ସହରର ଚିତ୍ର ପାଇଁ ଫକୀରମୋହନ ସାଧାରଣତଃ କଟକକୁ କେନ୍ଦ୍ର କରିଛନ୍ତି । ଏହି ପରିବେଶକୁ ସ୍ଫୁଟତର କରିବା ନିମିତ୍ତ ସାହାବଜାଦା ବଜାର, କାଠଯୋଡ଼ି ନଈ, ତୁଳସୀପୁର, ମିଶନସ୍କୁଲ, କଲେଜ ଓ

ଜେନେରାଲ ହସ୍ପିଟାଲର ଚିତ୍ର ଅଙ୍କିତ ହୋଇଅଛି । *ଲଛମା*ରେ ଗୟା ଏବଂ *ପ୍ରାୟଶ୍ଚିତ୍ତ*ରେ ବୃନ୍ଦାବନର ଚିତ୍ର ମଧ୍ୟ ବାସ୍ତବତାର ଭିତ୍ତି ଉପରେ ଅଙ୍କିତ । କି ସହର, କି ପଲ୍ଲୀ କୌଣସିଟିର ଚିତ୍ର ଇନ୍ଦ୍ରିୟାନୁଭୂତିର ଅଗୋଚର ନୁହେଁ ।

ପରିବେଶ ସୃଷ୍ଟିରେ ନିର୍ଦ୍ଦିଷ୍ଟ ସ୍ଥାନର ପ୍ରାଞ୍ଜଳ ବର୍ଣ୍ଣନା ଫଳରେ ତାଙ୍କ ବର୍ଣ୍ଣିତ ସ୍ଥାନଗୁଡ଼ିକ ସମ୍ବନ୍ଧରେ କଳ୍ପନା ବା ଅବାସ୍ତବତାର ଅବକାଶ ନାହିଁ । ଯେଉଁ କାଳରେ ଗୋଟିଏ ଘଟଣା ଘଟୁଛି ବୋଲି ଫକୀରମୋହନ ଉଲ୍ଲେଖ କରିଛନ୍ତି ସେହି ଘଟଣାଟି ସେହି କାଳର । ୧୮୨୦ ଖ୍ରୀଷ୍ଟାବ୍ଦରୁ ପ୍ରାୟ ଦୁଇଶହ ବର୍ଷର ଯେଉଁ ସାମାଜିକ ଚିତ୍ର ଯଥାକ୍ରମେ *ଲଛମା*, *ଛମାଣ ଆଠଗୁଣ୍ଠ*, *ମାମୁଁ* ଓ *ପ୍ରାୟଶ୍ଚିତ୍ତ*ରେ ପରିବେଷିତ ହୋଇଅଛି ତାହା ତତ୍‌କାଳୀନ ସମାଜରୁହିଁ ସଂଗୃହୀତ, ତେଣୁ ଅବାନ୍ତର ବୋଲି ପ୍ରତୀତ ହୁଏନାହିଁ । ଫକୀରମୋହନ ତାଙ୍କ ଉପନ୍ୟାସର ଦୁନିଆକୁ ଯେଉଁ ଚରିତ୍ରମାନଙ୍କଦ୍ୱାରା ପରିପୂର୍ଣ୍ଣ କରିଅଛନ୍ତି ସେମାନେ ମଧ୍ୟ ସେହି ସମୟର ବାସ୍ତବ ଓ ଜୀବନ୍ତ ବ୍ୟକ୍ତି ପରି ପ୍ରତିଭାତ ହୁଅନ୍ତି । ଭଟିଆ, ସାଚିଆ ପରି ନିରୀହ ଗାଉଁଲି ଲୋକଙ୍କୁ ଶୋଷଣ କରିବା ପାଇଁ ମଙ୍ଗରାଜଙ୍କ ପରି ଜମିଦାରର ସୃଷ୍ଟିରେ କେହି କଅଣ ଅବାସ୍ତବତା ପାଇବେ ? ନଟବର ଦାସଙ୍କର ଚକ୍ରାନ୍ତରେ ସରସ୍ୱତୀ ଦେବୀ ଏବଂ ଗୃହମଣି ହନ୍ତସନ୍ତ ହେବା କଅଣ କେବେହେଲେ ଅବିଶ୍ୱାସ୍ୟ ହୋଇ ପାରିବ ? ଓଡ଼ିଶାରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଥମ ପାଦରେ କେତେ ଜଣ କଲେଜ ଯୁବକ ସମାଜ ସଂସ୍କାର ପାଇଁ ଯେଉଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ ସେଥିରେ ସତ୍ୟର ଲେଶ ମାତ୍ର ଅଭାବ ଅନୁଭୂତ ହେବନାହିଁ । ଫକୀରମୋହନଙ୍କ

ଉପନ୍ୟାସରେ ଚରିତ୍ରଗୁଡ଼ିକ ଯେପରି ଜୀବନ୍ତ ଘଟଣାଗୁଡ଼ିକ ସେହିପରି ସମ୍ଭାବ୍ୟ । ଏହିପରି ଭାବରେ ତାଙ୍କ ଉପନ୍ୟାସଗୁଡ଼ିକରେ ସତ୍ୟତା ରକ୍ଷିତ ହୋଇଥିବାରୁ ପାଠକଙ୍କ ମନରେ ସ୍ୱେଚ୍ଛାକୃତ ଅବିଶ୍ୱାସ ବର୍ଜନରେ କୌଣସି ବାଧା ଜାତ ହୁଏ ନାହିଁ ।

କଥାଗ୍ରନ୍ଥକୁ ପ୍ରଧାନତଃ ଆମେ ଦୁଇଭାଗରେ ବିଭକ୍ତ କରିପାରୁଁ । କେତେଗୁଡ଼ିଏ କଥାଗ୍ରନ୍ଥ ବାସ୍ତବ ଜୀବନ ଏବଂ ରୀତିନୀତିକୁ ଅବଲମ୍ବନ କରି ରଚିତ ହୁଏ । ଏହାକୁ ବସ୍ତୁତାନ୍ତ୍ରିକ ଉପନ୍ୟାସ ବୋଲି-ଯାଇପାରେ । ଏହି ପ୍ରକାର କଥାଗ୍ରନ୍ଥରେ ବର୍ଣ୍ଣିତ ଘଟଣାଗୁଡ଼ିକୁ ପାଠକ ନିଜ ଭିତରେ ନିତ୍ୟ ଦେଖିବାକୁ ପାଏ । କଥାଗ୍ରନ୍ଥରେ ସେଗୁଡ଼ିକ କେବଳ ସୁନ୍ଦର ରୂପେ ସଜ୍ଜିତ ହୋଇ ପାଠକ ନିକଟରେ ଉପସ୍ଥାପିତ ହୁଏ । ଦ୍ୱିତୀୟ ପ୍ରକାର ଉପନ୍ୟାସ କାବ୍ୟଧର୍ମୀ ହୋଇ ପାରେ କିମ୍ବା ରସପ୍ରଧାନ ହୋଇପାରେ । ଇଂରାଜୀରେ ଏହାକୁ ରୋମାନ୍ସ ନାମରେ ଅଭିହିତ କରାଯାଏ । ଏଥିରେ ବୀର ପୁରୁଷ ବା ରାଜାଙ୍କର କୀର୍ତ୍ତିକଳାପ ଓ ଯୁଦ୍ଧ ପ୍ରଭୃତି ବର୍ଣ୍ଣିତ ହୋଇପାରେ କିମ୍ବା ଔପନ୍ୟାସିକ ଏକ ନିର୍ଦ୍ଦିଷ୍ଟ ଭାବକୁ ସତେଜ ଭାବରେ ବର୍ଣ୍ଣନା କରି ପାରନ୍ତି । ବସ୍ତୁତାନ୍ତ୍ରିକ ଉପନ୍ୟାସରେ କଳ୍ପନାର ପରିସର ଅତ୍ୟନ୍ତ ସଙ୍କୀର୍ଣ୍ଣ କିନ୍ତୁ ରୋମାନ୍ସ ଏପରି ଏକ କାଳ୍ପନିକ ସୀମା ସୃଷ୍ଟିକରେ ଯାହା ଫଳରେ କି ବାସ୍ତବତା ଅପେକ୍ଷା କଳ୍ପନାଉପରେ ପ୍ରାଧାନ୍ୟ ଆରୋପ କରାଯାଏ । ଆଖ୍ୟାନଭାଗର ନିପୁଣ ସଂଘଟନକୁଶଳତା ବା ଚରିତ୍ରସୃଷ୍ଟି ଅପେକ୍ଷା ଗ୍ରନ୍ଥକାରଙ୍କ କବିଦୃଷ୍ଟି ଏହି ଉପନ୍ୟାସର ଜୀବନ ଦର୍ଶନକୁ ସ୍ନିଗ୍ଧ ଓ ମଧୁର କରି ତୋଳେ ଏବଂ ଉଚ୍ଛ୍ୱାସମୟ ବର୍ଣ୍ଣନାତ୍ମକ ଅବତାରଣା

ଏହାକୁ କାବ୍ୟସୌନ୍ଦର୍ଯ୍ୟରେ ଅଭିଷିକ୍ତ କରେ । ଅବଶ୍ୟ ଏ ଉଭୟ ପ୍ରକାର ଉପନ୍ୟାସର ମୂଲ୍ୟ ରହିଛି । ବସ୍ତୁତାନ୍ତ୍ରିକ ଉପନ୍ୟାସ ନିକଟସ୍ଥ ଓ ପରିଚିତ ବସ୍ତୁକୁ କଳାକୁଶଳଭାବରେ ଉପସ୍ଥାପନ କରି ଆନନ୍ଦ ଦିଏ । କାବ୍ୟଧର୍ମୀ ଉପନ୍ୟାସ ଦୂରସ୍ଥ ଓ ଅପରିଚିତ ବସ୍ତୁକୁ ମନୋଜ୍ଞ ଭାବରେ ଚିତ୍ରଣ କରି ପାଠକର ଚିତ୍ତ ବିନୋଦନ କରେ । ପ୍ରଥମଟିରେ ନଗ୍ନ ବାସ୍ତବତା ଆଦର୍ଶଦ୍ୱାରା ଅନୁରଞ୍ଜିତ ହୋଇ କଳାସମ୍ମତ ହୁଏ, ଦ୍ୱିତୀୟଟିରେ ନିତିକ କଳ୍ପନାରେ ବାସ୍ତବତା ପ୍ରବେଶ କରି ତାକୁ ଅତିରଞ୍ଜନର ଅତ୍ୟାଗ୍ରହରୁ ରକ୍ଷାକରେ ।

ଫକୀରମୋହନଙ୍କ ଉପନ୍ୟାସରେ ଏହି ଉଭୟ ଉପାଦାନ ଦେଖିବାକୁ ମିଳେ । ଇଂରେଜ ସଭ୍ୟତାର ପ୍ରଭାବରେ ଭାରତରେ ଯେଉଁ ପରିବର୍ତ୍ତନ ଦେଖାଦେଲା ବଙ୍କିମଚନ୍ଦ୍ର ତାକୁ ପରିସ୍ଫୁଟ କଲେ *ବିଷବୃକ୍ଷ* ପରି ଉପନ୍ୟାସରେ । ଫକୀରମୋହନ ମଧ୍ୟ ଆନ୍ତରିକ ଭାବରେ କାମନା କରିଥିଲେ ଓଡ଼ିଆ ସାହିତ୍ୟରେ ଏହିପରି ଉପନ୍ୟାସର ସୃଷ୍ଟି । ପୂର୍ଣ୍ଣତଃ ବାସ୍ତବତାକୁ କେନ୍ଦ୍ରକରି ସମସାମୟିକ ଏକ ନଗ୍ନ ବିଶ୍ଳେଷଣ ଉପରେ ରଚିତ ହୋଇଛି ତାଙ୍କର *ଛମାଣ ଆଠଗୁଣ୍ଠ* ଓ *ମାମୁଁ* । ସମାଜର କ୍ରମ ବିବର୍ତ୍ତନ ଓ ପରିବର୍ତ୍ତନକୁ ରୂପାୟିତ କରାଯାଇଛି ଏହି ଉପନ୍ୟାସ ଦୁଇଟିରେ । ଜମିଦାର ଶ୍ରେଣୀର କ୍ରମ ବିଲୟ, ମଧ୍ୟବିତ୍ତ ଶ୍ରେଣୀର ଅଭ୍ୟୁତ୍‌ଥାନ, ଇଂରେଜ ସଭ୍ୟତାଫଳରେ ସହରର ପ୍ରାଧାନ୍ୟ ପ୍ରଭୃତି ସମସାମୟିକ ସାମାଜିକ ଅବସ୍ଥା ଚିତ୍ରିତ ହୋଇଛି । *ଲଛମା*କୁ ଏକ ରୋମାନ୍ସ ଆଖ୍ୟା ଦିଆ ଯାଇପାରେ । ଏହାର ଐତିହାସିକ ଦିଗ ଯୁଦ୍ଧପ୍ରଧାନ ହୋଇଥିବାରୁ ପାଠକ ମନକୁ

ବୀରରସରେ ଆପ୍ଲୁତ କରେ । ଏହି ଉପନ୍ୟାସର ରୋମାଣ୍ଟିକ ଦିଗଟି ମୁଖ୍ୟତଃ କଳ୍ପନାକୁ କେନ୍ଦ୍ର କରି ଗଢ଼ି ଉଠିଛି ଏବଂ ତାହାର ସମାପ୍ତି ଘଟିଛି ବାଦଲସିଂହ ଓ ଲଛମାର ଅପୂର୍ବ ମିଳନରେ । ବୀରରସର ପ୍ରାଧାନ୍ୟ ଓ କଳ୍ପନାର ଗୁରୁତ୍ୱ ଦୃଷ୍ଟିରୁ ଏହା କାବ୍ୟିକ ହୋଇ ଉଠିଛି ।

*ପ୍ରାୟଶ୍ଚିତ୍ତ*ରେ ବାସ୍ତବତା ଓ ରୋମାନ୍ସର ମିଳନ ସଂଗଠିତ ହୋଇଛି । କଥାବସ୍ତୁ ଦିଗରୁ ବିଚାର କଲେ ଏହା ବସ୍ତୁତାନ୍ତ୍ରିକ । ଯେଉଁ ସାମାଜିକ ପରିବେଶ ମଧ୍ୟରେ ଏହାର ଅଭିବୃଦ୍ଧି ଘଟିଛି ସେଥିରେ ବାସ୍ତବତାର ବ୍ୟତିକ୍ରମ ପରିଲକ୍ଷିତ ହୁଏନାହିଁ । *ପ୍ରାୟଶ୍ଚିତ୍ତ*ର ପ୍ରାଣକେନ୍ଦ୍ରକୁ ଆଲୋଚନା କଲେ ସ୍ପଷ୍ଟରୂପେ ଜଣାଯାଏ ଯେ ଏହା ଭାବଧର୍ମୀ । ସମାଜର କଳଙ୍କକୁ ଦୂରକରି ଏକ ନୂତନ ସମାଜ ପ୍ରତିଷ୍ଠା କରିବାରେ ଫକୀରମୋହନ ବିଭୋର । "ସମସ୍ୟାମୂଳକ ଉପନ୍ୟାସ ଭାବପ୍ରଧାନ ହେବାପାଇଁ ବାଧ୍ୟ । ଏହା ରସପ୍ରଧାନ ହୋଇ ନ ପାରେ । କାରଣ ଭାବହିଁ ଏହାର ମୁଖ୍ୟରସ ।" *

ଘଟଣାର ଅବତାରଣା ଏବଂ ଚରିତ୍ର ସୃଷ୍ଟି ସମୟରେ ଫକୀର-ମୋହନ ମୁଖ୍ୟତଃ ବାସ୍ତବତାର ଆଶ୍ରୟ ଗ୍ରହଣ କରିଛନ୍ତି । ତାଙ୍କ ସୃଷ୍ଟ ଚରିତ୍ରଗୁଡ଼ିକ ପ୍ରତୀକ ନୁହନ୍ତି କିମ୍ବା ଆଦର୍ଶସ୍ଥାନୀୟ ନୁହନ୍ତି । ସେମାନଙ୍କର ବ୍ୟକ୍ତିସାତନ୍ତ୍ର୍ୟ ଅଛି । ଏହା ଫଳରେ ସେମାନଙ୍କୁ

* *ଫକୀରମୋହନ ସମୀକ୍ଷା*—ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

ଅନ୍ୟାନ୍ୟ ଚରିତ୍ରଠାରୁ ସହଜରେ ପୃଥକ୍ କରିହୁଏ । ଏହି ସ୍ୱାତନ୍ତ୍ର୍ୟ ପାଇଁ ସେମାନେ ଜୀବନ୍ତ ହୋଇ ପାରିଛନ୍ତି । ମଙ୍ଗରାଜ ବା ନଟବର ଦାସଙ୍କୁ କେବଳ ଜଣେ ଅତ୍ୟାଚାରୀ ବା ପରମ୍ପରାଗତ ଅତ୍ୟାଚାରୀଙ୍କ ପ୍ରତୀକରୂପେ ପାଠକ ନିକଟରେ ଫକୀରମୋହନ ପରିଚିତ କରାଇ ନାହାନ୍ତି । ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗକୁ ପାଠକ ସମ୍ମୁଖରେ ବ୍ୟକ୍ତ କରିବା ଫଳରେ ପାଠକ ତାଙ୍କ ସୁଖରେ ହସେ ଏବଂ ତାଙ୍କ ଦୁଃଖରେ କାନ୍ଦେ ।

*ଲଛମା*ରେ ରୋମାନ୍ସର ପ୍ରାଧାନ୍ୟ ରହିଛି ଏବଂ ଅନ୍ୟାନ୍ୟ ଉପନ୍ୟାସରେ ବାସ୍ତବତାର ପ୍ରାଧାନ୍ୟ ରହିଛି କିନ୍ତୁ କୌଣସି ଉପନ୍ୟାସକୁ ପୂର୍ଣ୍ଣ ବାସ୍ତବ ବା ପୂର୍ଣ୍ଣ ରୋମାନ୍ସ ବୋଲି କୁହାଯାଇ ନ ପାରେ । ପ୍ରତ୍ୟେକ ଉପନ୍ୟାସରେ ଏହି ଦୁଇଟି ଉପାଦାନ ବିଦ୍ୟମାନ । *ଲଛମା*ରେ ବର୍ଣ୍ଣିତ ଐତିହାସିକ ଘଟଣାର ସତ୍ୟତା ବାସ୍ତବତାର ସ୍ପର୍ଶ ଆଣିଦିଏ । ଏହିପରି ବାସ୍ତବତା ଓ ଭାବାବେଗର ସମନ୍ୱୟରେ ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ପରିପୁଷ୍ଟ । ଅଲୌକିକ ପରିବେଶ ସୃଷ୍ଟିର ବ୍ୟର୍ଥ ପ୍ରୟାସ ବା ଅତୀନ୍ଦ୍ରିୟ ବର୍ଣ୍ଣନାର ମୋହ ଏଥିରେ ନାହିଁ । ଯେଉଁ ଦୁନିଆ ସହିତ ପାଠକ ନିତ୍ୟ ପରିଚିତ, ଯେଉଁ ଦୁନିଆ ପାଠକର ଚାରିପାଖରେ ବେଢ଼ି ରହିଛି, ତାହାର ପୃଷ୍ଠଭୂମିଉପରେ ଫକୀରମୋହନଙ୍କ ଉପନ୍ୟାସ ରଚିତ ଏବଂ ସ୍ଥାନେ ସ୍ଥାନେ ଭାବାବେଗର ବଳିଷ୍ଠ ଆତ୍ମପ୍ରକାଶ ଭଙ୍ଗୀରେ ଏହା ରଞ୍ଜିତ ।

ନାଟକ ପରି ଉପନ୍ୟାସରେ ଦ୍ୱନ୍ଦ୍ୱର ଗୁରୁତ୍ୱ ଯଥେଷ୍ଟ ରହିଛି । ବାଧା ବୈଚିତ୍ର୍ୟଶୂନ୍ୟ ଜୀବନ ଯେପରି ନିଷ୍କ୍ରିୟ ଓ ନିଶ୍ଚେଷ୍ଟ

ହୋଇପଡେ । ଦ୍ୱନ୍ଦ୍ୱହୀନ ଉପନ୍ୟାସ ସେହିପରି ନୀରସ ବୋଧହୁଏ । ଦ୍ୱନ୍ଦ୍ୱ ଉପନ୍ୟାସରେ ପ୍ରାଣ ସଞ୍ଚାର କରେ ଓ କଥାବସ୍ତୁକୁ ଗତିଶୀଳ କରି ଗଢ଼େ । ଫକୀରମୋହନ ତାଙ୍କ ଉପନ୍ୟାସମାନଙ୍କରେ ଉପଯୁକ୍ତ ସ୍ଥାନରେ ଦ୍ୱନ୍ଦ୍ୱର ସମାବେଶ କରି ଉପନ୍ୟାସଗୁଡ଼ିକର ମହତ୍ତ୍ୱ ବୃଦ୍ଧି କରିଛନ୍ତି । କେତେବେଳେ ଏହି ଦ୍ୱନ୍ଦ୍ୱ ଚରିତ୍ରଗତ ବିରୋଧରୂପେ ଏବଂ ଅନ୍ୟ କେତେକ କ୍ଷେତ୍ରରେ ପରିସ୍ଥିତିଗତ ବିରୋଧରୂପେ ଆତ୍ମପ୍ରକାଶ କରିଛି । *ଲଛମା* ଓ *ପ୍ରାୟଶ୍ଚିତ୍ତ* ଉପନ୍ୟାସରେ ମୁଖ୍ୟତଃ ପରିସ୍ଥିତିଗତ ବିରୋଧ ଏବଂ *ଛମାଣ ଆଠଗୁଣ୍ଠ* ଓ *ମାମୁଁ*ରେ ମୁଖ୍ୟତଃ ଚରିତ୍ରଗତ ବିରୋଧ ଉପସ୍ଥାପିତ କରାଯାଇଛି । କିନ୍ତୁ ଦୁଗ୍ଧରେ ସ୍ନେହ ପଦାର୍ଥ ସଦୃଶ ପରିବ୍ୟାପ୍ତ ହେବା ପରି ସମସ୍ତ ଉପନ୍ୟାସରେ ଚରିତ୍ରଗତ ଓ ଅବସ୍ଥାଗତ ବିରୋଧ ବ୍ୟାପିରହିଛି । କେତେକ ସ୍ଥଳରେ ଏ ଦୁହେଁ ପରସ୍ପର ନିର୍ଭରଶୀଳ ରହି ଅଙ୍ଗାଙ୍ଗୀ ଭାବରେ ଏପରି ଜଡ଼ିତ ହୋଇଛନ୍ତି ଯେ ଗୋଟିକରୁ ଅନ୍ୟଟିକୁ ପୃଥକ୍ କରିବା କଷ୍ଟକର ।

ମୋଗଲ ଓ ମରହଟ୍ଟାମାନଙ୍କ ମଧ୍ୟରେ ଯୁଦ୍ଧକୁ ଭିତ୍ତିକରି *ଲଛମା* ପ୍ରଣୀତ । ଯୁଦ୍ଧକ୍ଷେତ୍ରରେ ପରିସ୍ଥିତିଗତ ବିରୋଧ ଅତ୍ୟନ୍ତ ସ୍ପଷ୍ଟ । ହଳଦିଆପଦାରେ ନବାବ ମରହଟ୍ଟା ସୈନ୍ୟମାନଙ୍କର ଗତିବିଧି ନିରୀକ୍ଷଣ କରି ଅକ୍ଳେଶରେ ସେମାନଙ୍କୁ ପରାସ୍ତ କରିବା ବିଷୟରେ ଯେତେବେଳେ ନିଶ୍ଚିତ ଥିଲେ ଠିକ୍ ସେହି ସମୟରେ ପରିସ୍ଥିତିଚକ୍ରରେ ତାଙ୍କର ଆଶାରମୀନାର ଧୂଳିସାତ୍ ହୋଇଛି । ମରହଟ୍ଟା ସୈନ୍ୟଙ୍କୁ ପରାସ୍ତ କରିବାତ ଦୂରର କଥା, ସେମାନଙ୍କ ହସ୍ତରୁ ନିସ୍ତାର ପାଇବା ମଧ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ରଣକ୍ଷେତ୍ରରେ ନବାବ ତାଙ୍କ ଜୀବନର ଆଶା

ପରିତ୍ୟାଗ କରି ଆସନ୍ନ ମୃତ୍ୟୁର ପ୍ରତୀକ୍ଷା କରିବା ସମୟରେ ହଠାତ୍ ବାଦଲସିଂହଙ୍କ ଆବିର୍ଭାବ ଉପନ୍ୟାସର ଗତିକୁ ବଦଳାଇ ଦେଇଛି । ଯୁଦ୍ଧକ୍ଷେତ୍ରରେ ଜୟପରାଜୟ ମଧ୍ୟଦେଇ ଉପନ୍ୟାସର କଥାବସ୍ତୁ ଯେପରି ଗତି କରିଛି ସେଥିରେ ଅବସ୍ଥାଗତ ବିରୋଧ ସମ୍ଭବ ହୋଇଛି । *ଲଚ୍ଛମା*ର ରୋମାଣ୍ଟିକ 'ପ୍ଲଟ୍‌ରେ' ବାଦଲସିଂହ ଓ ଲଚ୍ଛମାର ବିଚ୍ଛେଦ ଯେପରି ପ୍ରଭାବଶୀଳ, ମିଳନ ମଧ୍ୟ ସେହିପରି ପ୍ରଭାବଶୀଳ । ଉପନ୍ୟାସର ମଧ୍ୟରେ ଛଦ୍ମବେଶୀ ବାଦଲସିଂହଙ୍କୁ ନିଜର ସ୍ୱାମୀରୂପେ ଚହ୍ନିପାରି ମିଳନପାଇଁ ଆକୁଳା ଲଚ୍ଛମା ଯେତେବେଳେ ବାଦଲସିଂହର ଶିବିରକୁ ଆନନ୍ଦ ଓ ଆବେଗରେ ଉଦ୍‌ବେଳ ହୋଇ ଦୌଡ଼ି ଯାଇଛି ଠିକ୍ ସେହି ସମୟରେ ବାଦଲସିଂହ ହୋଇଛନ୍ତି ଅନ୍ତର୍ହିତ । ଏହା ଫଳରେ 'ପ୍ଲଟ୍' ବିକାଶରେ ଏକ ସନ୍ଧିକ୍ଷଣ (turning point) ଉପସ୍ଥିତ ହୋଇଛି । *ଲଚ୍ଛମା*ର ରୋମାଣ୍ଟିକ ଓ ଐତିହାସିକ 'ପ୍ଲଟ୍‌ରେ' ଅବସ୍ଥାଗତ ବିରୋଧ ଯଥେଷ୍ଟ ପ୍ରଭାବ ପକାଇଛି ।

*ପ୍ରାୟଶ୍ଚିତ୍ତ*ରେ ଅନୁରୂପ ଅବସ୍ଥାଗତ ବିରୋଧ ପରିଲକ୍ଷିତ ହୁଏ । ବୈଷ୍ଣବଚରଣ ପଟ୍ଟନାୟକ ଏବଂ ଶଙ୍କର୍ଷଣ ମହାନ୍ତିଙ୍କର ସାମାଜିକ ସ୍ତରର ବିରୋଧରେ ଉପନ୍ୟାସର ଆରମ୍ଭ ଏବଂ ଉପନ୍ୟାସର ଶେଷ ପର୍ଯ୍ୟନ୍ତ ଏହି ବିରୋଧର ପ୍ରଭାବ ପରିଲକ୍ଷିତ ହୁଏ । ଗୋବିନ୍ଦଚନ୍ଦ୍ରଙ୍କୁ ବିବାହ ଦେଇ ଘରେ ରଖିବା ପାଇଁ ବୈଷ୍ଣବଚରଣ ପଟ୍ଟନାୟକ ଯେତେବେଳେ ବ୍ୟଗ୍ର ଗୋବିନ୍ଦଚନ୍ଦ୍ର ସେତେବେଳେ ଇନ୍ଦୁମତୀଙ୍କୁ ବିବାହ କରିବା ପାଇଁ ବ୍ୟାକୁଳ । ବିବାହ ପରେ ଇନ୍ଦୁମତୀଙ୍କ ସହିତ ମିଳିତ ହେବାପାଇଁ ହୃଦୟର ସମସ୍ତ ଉତ୍ସୁକତାକୁ ପୁଞ୍ଜୀଭୂତ କରି ମଧ୍ୟରାତ୍ରରେ ଗୋବିନ୍ଦଚନ୍ଦ୍ର

ଇନ୍ଦୁମତୀଙ୍କ ଝରକା ପାଖରେ ପହଞ୍ଚିଛନ୍ତି । ବିରହବିଧୂରା ଇନ୍ଦୁମତୀ ମଧ୍ୟ ତାଙ୍କ ସହିତ ମିଳନ ପାଇଁ ଉଦ୍‌ଗ୍ରୀବା । କିନ୍ତୁ ପରିସ୍ଥିତି-ଚକ୍ରରେ ଇନ୍ଦୁମତୀହିଁ ଗୋବିନ୍ଦଚନ୍ଦ୍ରଙ୍କ ସମସ୍ତ ଦୁର୍ଦ୍ଦଶାର କାରଣ ହୋଇଛନ୍ତି । ଯାହା ଫଳରେ ସେ ସେହି ଦୁଶ୍ଚିନ୍ତାରେ ଆତ୍ମହତ୍ୟା କରିଛନ୍ତି । ଏହିପରି ଭାବରେ *ପ୍ରାୟଶ୍ଚିତ୍ତ* ଉପନ୍ୟାସର 'ପ୍ଲଟ୍‌ର' ବିକାଶରେ ପରିସ୍ଥିତିଗତ ବିରୋଧ ପ୍ରଭୂତ ପ୍ରାଧାନ୍ୟ ବିସ୍ତାର କରିପାରିଛି ।

*ଛମାଣ ଆଠଗୁଣ୍ଠ*ରେ ମୁଖ୍ୟତଃ ରାମଚନ୍ଦ୍ର ମଙ୍ଗରାଜ ଏବଂ ଭଗିଆ ମଧ୍ୟରେ ଦ୍ୱନ୍ଦ୍ୱକୁ ପ୍ରାଧାନ୍ୟ ଦିଆଯାଇଛି । ଧୂର୍ତ୍ତତା ସହିତ ସଂଘର୍ଷ ହୋଇଛି ନିରୀହତାର । ଧୂର୍ତ୍ତତାର ଜୟଧ୍ୱଜା ଉଡ଼ିଛି; ତେଣୁହିଁ ଉପନ୍ୟାସର 'ପ୍ଲଟ୍' ଗତି କରିଛି । କିନ୍ତୁ ଏହି ଧୂର୍ତ୍ତତା ଯେତେବେଳେ ଚରମସୀମାରେ ପହଞ୍ଚିଛି ସେତେବେଳେ ପରାଜୟର ଗ୍ଲାନି ମଧ୍ୟରେ ତାହାର ସତ୍ତା ବିଲୀନ ହୋଇଯାଇଛି । *ଛମାଣ ଆଠଗୁଣ୍ଠ*ରେ ଏକ ପକ୍ଷରେ ରାମଚନ୍ଦ୍ର ମଙ୍ଗରାଜ ତାଙ୍କର ପ୍ରବଳ ପ୍ରତାପ ଓ ପ୍ରତିପତ୍ତିର ଗର୍ବ ନେଇ ଦଣ୍ଡାୟମାନ, ଅନ୍ୟପକ୍ଷରେ ପ୍ରତିପକ୍ଷରୂପେ ରହିଛି ସମ୍ବଳହୀନ, ନିର୍ବୋଧ, ସରଳଚିତ୍ତ ଭଗିଆ । ଏହା ସଙ୍ଗରେ ସମତାଳ ରଖି ପାରିଛି ଚମ୍ପା ଓ ସାରିଆର ବିରୋଧ । ଉଭୟ କ୍ଷେତ୍ରରେହିଁ ଚରିତ୍ରଗତ ପାର୍ଥକ୍ୟ ଦ୍ୱନ୍ଦ୍ୱର ଅବତାରଣାରେ ସହାୟକ ହୋଇଛି । ଏପରିକି ରାମଚନ୍ଦ୍ର ମଙ୍ଗରାଜଙ୍କ ନିଜ ଜୀବନରେ ମଧ୍ୟ ଦ୍ୱୈଧ ବ୍ୟକ୍ତିତ୍ୱର ସଂଘର୍ଷ ଆଣି ଦେଇଛି । ଶୁଷ୍କ ରୁକ୍ଷ ମରୁଭୂମିରେ ଅନ୍ତଃସଲିଳା ଫଲ୍‌ଗୁ ସୃଷ୍ଟି କରିଛି ବିରୋଧ, ଯାହାର ପ୍ରଭାବ ସାଆନ୍ତାଣୀଙ୍କ ମୃତ୍ୟୁ ତଥା ମଙ୍ଗରାଜଙ୍କ ମୃତ୍ୟୁ ସମୟରେ ପରିସ୍ଫୁଟ ।

*ଛମାଣ ଆଠଗୁଣ୍ଠ* ପରି *ମାମୁଁ*ରେ ଏକପକ୍ଷରେ କୂଟବୁଦ୍ଧି-ସମ୍ପନ୍ନ କଂସମାମୁଁ ନଟବର ଦାସ ଏବଂ ତାଙ୍କ ବିପକ୍ଷରେ ଉପସ୍ଥାପନ କରାଯାଇଛି ଦୁଇଟି ସରଳ ବାଳକ ଓ ଦୁଇଟି ଅବଳା ସ୍ତ୍ରୀ । ନରିପୁର ଜମିଦାରୀକୁ କେନ୍ଦ୍ର କରି ଏହି ଦୁଇପକ୍ଷ ମଧ୍ୟରେ ଜାତ ହୋଇଛି ସଂଘର୍ଷ ଏବଂ ଏହି ସଂଘର୍ଷର ଇତିହାସହିଁ *ମାମୁଁ* ।

ଫକୀରମୋହନଙ୍କ ଉପନ୍ୟାସରେ ଦ୍ୱନ୍ଦ୍ୱ ଯେ କେବଳ 'ପ୍ଲଟ୍'କୁ ଗତିଶୀଳ କରି ପାରିଛି ତାହା ନୁହେଁ, ଏହି ଦ୍ୱନ୍ଦ୍ୱପାଇଁ ଉପନ୍ୟାସରେ ସଂଶୟ ରକ୍ଷିତ ହୋଇଅଛି । ଦ୍ୱନ୍ଦ୍ୱହେତୁ ବିଭିନ୍ନ ଚରିତ୍ରଗୁଡ଼ିକରେ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ।

ଔପନ୍ୟାସିକ ବର୍ଣ୍ଣନାଦ୍ୱାରା ଓ ଘଟଣାର କ୍ରମ-ସଜ୍ଜାଦ୍ୱାରା ପ୍ଲଟ୍‌କୁ ବିକଶିତ କରି ପାରନ୍ତି । ପ୍ଲଟ୍‌କୁ ଆଗେଇ ନେବାର ଅନ୍ୟ ଏକ ପନ୍ଥା ହେଉଛି ସଂଳାପ-ସଂଯୋଜନା । ଏହି ପ୍ରତ୍ୟକ୍ଷ ଉପସ୍ଥାପନଦ୍ୱାରା ନାଟକ ପରି ଉପନ୍ୟାସ ମଧ୍ୟ ଅଧିକ ପ୍ରଭାବଶାଳୀ ହୋଇପାରେ । ବାସ୍ତବିକ୍ ଫକୀରମୋହନଙ୍କ ଉପନ୍ୟାସର ଏକ ବିଶେଷତ୍ୱ ହେଉଛି ନାଟକୀୟ ସଂଳାପସଂଯୋଜନା । "ଫକୀରମୋହନଙ୍କ ସବୁ ଉପନ୍ୟାସରେ ସଂଳାପ ପରିବେଷଣର ପ୍ରଧାନ ମାଧ୍ୟମ ।" *

ସଂଶୟ, ସୂକ୍ଷ୍ମ ଅନୁଭୂତି, (finer shades of feeling) ଚରିତ୍ରର ବିଶ୍ଳେଷଣ ପ୍ରଭୃତି ସଂଳାପ ସାହାଯ୍ୟରେ ବିଶେଷ ପ୍ରଭାବଶାଳୀ ହୋଇପାରେ ।

---

* *ଫକୀରମୋହନ ସମୀକ୍ଷା*—ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

ଛମାଣ ଆଠଗୁଣ୍ଠ ଜମିକୁ ହସ୍ତଗତ କରିବା *ଛମାଣ ଆଠଗୁଣ୍ଠ*ରେ ମଙ୍ଗରାଜଙ୍କର ଚକ୍ରାନ୍ତ ହେଉଛି ପ୍ରଧାନ ବିଷୟ । ଏହାର ଅବତାରଣା କରାଯାଇଛି ଫ୍ଲାସମାଧ୍ୟମରେ । ଚମ୍ପା ଓ ମଙ୍ଗରାଜେ ଅଧରାତ୍ରିରେ ଏହି ଗୁପ୍ତ ମନ୍ତ୍ରଣାରେ ଜଡ଼ିତ । ମଙ୍ଗରାଜଙ୍କ ଲକ୍ଷ୍ୟ ଛମାଣ ଆଠଗୁଣ୍ଠ ଜମି ତାଙ୍କ ହାତକୁ ଆସିଥିବାର ଏଥିରୁ ଜଣାପଡ଼େ । ଚମ୍ପାର ଅତି ପ୍ରିୟ ଗାଈ ନେତ ମଧ୍ୟ ମଙ୍ଗରାଜଙ୍କ ଉଆସରେ ସ୍ଥାନ ପାଇଛି । ହତଭାଗା ଭଗିଆ ଓ ହତଭାଗିନୀ ସାରିଆ ନିଜର ବାସଖଣ୍ଡିକରୁ ବଞ୍ଚିତ ହୋଇ ଯା ଓଳ ତା ଓଳରେ ପଶୁଛନ୍ତି । ଛମାଣ ଆଠଗୁଣ୍ଠକୁ ଆୟତ୍ତ କଲା ପରେ ବାଘସିଂହ ବଂଶକୁ କିପରି ଜବତ୍ କରାଯିବ ତାର ଉପାୟ ମଧ୍ୟ ସ୍ଥିର ହୋଇଛି । କୌଶଳରେ ସାରିଆକୁ ଆୟତ୍ତ କରିଥିବା ଚମ୍ପା ବାଘସିଂହ ବଂଶକୁ ଆୟତ୍ତ କରିବା ପାଇଁ ଆଗଭର ହେଉଥିବାର ସୂଚନା ପାଠକ ଏହି ଫ୍ଲାସପରୁ ଜାଣିପାରେ । *ମାମୁ* ଉପନ୍ୟାସରେ ଦାଶରଥି ଦାସେ, ମେନକାଦେଈ ଓ ସରସ୍ୱତୀ ଦେଈଙ୍କ କଥୋପକଥନ ପ୍ରସଙ୍ଗରେ ନରପୁରର ଜମିଦାର ଉତ୍ତରରାୟଙ୍କ ସହିତ ଗୃନ୍ଦମଣିଙ୍କର ବିବାହର ସୂଚନା ମିଳେ । ମାମୁ ରୂପେ ନାଜର ନଟବର ଦାସଙ୍କୁ ଚିତ୍ରଣ କରିବା ପ୍ଲଟ୍‌ର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ଏହି ବୈବାହିକ ସମ୍ବନ୍ଧର ଗୁରୁତ୍ୱ କିଛି କମ୍ ନୁହେ । କାୟା ସଙ୍ଗେ ଛାୟା ପରି ସରସ୍ୱତୀ ଦେଈ କି ସମ୍ପଦ କି ବିପଦ ସର୍ବଦା ଗୃନ୍ଦମଣିଙ୍କ ସହ ଅବସ୍ଥାନ କରିଛନ୍ତି । ଉତ୍ତରରାୟ ଓ ଗୃନ୍ଦମଣିଙ୍କ କଥୋପକଥନ ପ୍ରସଙ୍ଗରୁ ପାଠକ ସରସ୍ୱତୀ ଦେଈଙ୍କ ଅତୀତ ଇତିହାସ ତଥା ଚରିତ୍ର ସମ୍ପର୍କରେ ବହୁ ତଥ୍ୟ ଜାଣିପାରେ ।

ନରପୁର ଜମିଦାରୀକୁ ବଇସୁଲତାନରେ କିଣିନେବା ଥିଲା ନାଜରଙ୍କ ଜୀବନର ଚରମ ଲକ୍ଷ୍ୟ । ଏହି ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ସେ

ଯେନକେନ ପ୍ରକାରେଣ ଅର୍ଥ ସଂଗ୍ରହରେ ଲାଗି ପଡ଼ିଥିଲେ । ସେହି ଅର୍ଥ ସଂଗ୍ରହ ଯୋଜନାରେ ନଟପୁରର ପ୍ରଜାମାନଙ୍କୁ ଉତ୍ପୀଡ଼ନ କରି ଅର୍ଥ ଆଦାୟ ଓ ଜମିଦାରୀର ସମସ୍ତ ଆୟ ହସ୍ତଗତ କରିବା ପାଇଁ ଉଦ୍ୟମ ନିହିତ ଥିଲା । ଚନ୍ଦନ ପୋଖରୀ ତୁଠରେ ହରିବୋଲ ବାରିକ ଓ ଶ୍ୟାମ ସାମଲେ ବଳବହୁଡ଼ା ସମ୍ବନ୍ଧରେ କଥାବାର୍ତ୍ତା ହୋଇଛନ୍ତି । କିନ୍ତୁ ସେହି ମାଧ୍ୟମରେ ନଟପୁର ପ୍ରଜାବର୍ଗଙ୍କର ଦୁରବସ୍ଥା ବିଷୟ ଉତ୍‌ଥାପନ କରାଯାଇଛି । ଉଆସରୁ ପରିଜନମାନଙ୍କ କଥା କିଏ ପଚାରେ ? ସେମାନେ ତ ଠିଆ ଉପାସ । ନାଜର ନଟବର ଦାସ ଜମିଦାରୀର ସମସ୍ତ ଆୟ ଉପରେ କଟକ ନେଇ ଚାଲିଯାଉଛନ୍ତି ତାହାର ସୂଚନା ସେଥିରୁ ସ୍ପଷ୍ଟ । ନଟପୁରର ପ୍ରଜାମାନେ ନାଜରଙ୍କ ନିକଟରେ ନିଜର ଦୁର୍ଦ୍ଦଶା ଜଣାଇ ପ୍ରତିକାର ଆଶାରେ କଟକ ଆସିଛନ୍ତି । ନାଜର ଓ ସେମାନଙ୍କ ମଧ୍ୟରେ ବାର୍ତ୍ତାଳାପରୁ ନାଜରଙ୍କ-ଦ୍ୱାରା ନିଯୁକ୍ତ ଅମଲାମାନେ କିପରି ପ୍ରଜାମାନଙ୍କ ଉପରେ ଉତ୍ପୀଡ଼ନ ଓ ଅତ୍ୟାଚାରକୁ ଚରମ ସୀମାରେ ପହଞ୍ଚାଇ ଦେଇଛନ୍ତି ତାହାର ଆଭାସ ପାଠକ ପାଏ । ଶହେ ଟଙ୍କା ଲାଞ୍ଚନେଇ ଜଣକର ଜମିକୁ ଅନ୍ୟ ଜଣକୁ ଦେବା ନଟବରଙ୍କ ଅମଳରେ ଯେପରି ଏକ ସାଧାରଣ କଥା । ଖଜଣା ଉପରେ ଅଧିକା ପାଉଣା ଆଦାୟ କରାଯାଉଥିଲା । ଖଜଣା ନେଇ ପ୍ରଜାମାନଙ୍କୁ ରୀତିମତ ପାଉତି ନ ଦେବା ପାଇଁ ନାଜରଙ୍କର ହୁକୁମ ଥିଲା । *ଲଚ୍ଛମା* ଉପନ୍ୟାସରେ ଦୂତ ଶିଉଶଙ୍କର ମାଲଶ୍ରୀ ଓ ରାୟଗୁରୁଙ୍କ ସଂଲାପ ସାହାଯ୍ୟରେ ଉତ୍କଳରେ ମରହଟ୍ଟାମାନଙ୍କ ଲୋମ-ହର୍ଷଣକାରୀ ଅତ୍ୟାଚାର ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଇଛି । ଆନନ୍ଦୋତ୍ସବପୂର୍ଣ୍ଣ ଶତ ଶତ ଖଣ୍ଡାୟତ ଗ୍ରାମ କିପରି ଶ୍ମଶାନରେ ପରିଣତ, ଶାସନ ନାମରେ ଅତ୍ୟାଚାର ଓ ଲୁଣ୍ଠନ ସମଗ୍ର ଓଡ଼ିଶାରେ

କପରି ସାଧାରଣ କଥା ତାହା ସେଥିରୁ ସହଜରେ ଅନୁମାନ କରିହୁଏ । ବାଦଲସିଂହ ଓ ନବାବଙ୍କ ମଧ୍ୟରେ ଯେଉଁ କଥୋପକଥନ ହୋଇଛି ସେଥିରୁ ବୃଦ୍ଧ ନବାବ ଆଲବର୍ଦ୍ଦି କପରି ନାନା ଅସୁବିଧା ଓ ପ୍ରତିକୂଳ ଅବସ୍ଥା ଦେଇ ମରହଟ୍ଟା ବିରୁଦ୍ଧରେ ଅଭିଯାନ କରିଛନ୍ତି ତାହା ଜଣାପଡ଼େ । ନିଜର ଶୋଚନୀୟ ପରିସ୍ଥିତି ହେତୁ ସେ ମରହଟ୍ଟାମାନଙ୍କ ସହିତ ସନ୍ଧି କରିବା ପାଇଁ ବ୍ୟାକୁଳ ଥିଲେ । କିନ୍ତୁ ବାଦଲସିଂହଙ୍କ ଯୁକ୍ତି ଓ ଉତ୍ତେଜନା ନବାବଙ୍କ ମତ ପରିବର୍ତ୍ତନରେ ସାହାଯ୍ୟ କରିଛି । ଫଳରେ ପ୍ଲଟ୍‌ରେ ଏକ ଗୁରୁତର ପରିବର୍ତ୍ତନର ସୂତ୍ରପାତ ହୋଇ-ପାରିଛି । ଭାସ୍କର ପଣ୍ଡିତଙ୍କୁ ଗୁପ୍ତରେ ହତ୍ୟାକରିବା ପ୍ରସ୍ତାବରେ ନବାବ ସମ୍ମତ ହୋଇଛନ୍ତି ।

ପ୍ରାୟଶ୍ଚିତ୍ତ ଉପନ୍ୟାସରେ ସଳାପଯୋଜନାର ଗୁରୁତ୍ୱ କମ୍ ନୁହେ । ଗୋବିନ୍ଦଚନ୍ଦ୍ର ନିଜର ପିତାଙ୍କ ଇଚ୍ଛାବିରୁଦ୍ଧରେ ଇନ୍ଦୁମତୀଙ୍କୁ ବିବାହ କରିବା ପ୍ରସ୍ତାବରେ ପ୍ରଥମେ ଅସମ୍ମତ ଥିଲେ । କିନ୍ତୁ ସଦାନନ୍ଦ ଓ ତାଙ୍କ ମଧ୍ୟରେ କଥୋପକଥନ ଏହି ବିବାହ ପ୍ରସ୍ତାବ କାର୍ଯ୍ୟକାରୀ କରାଇବାରେ ସହାୟକ ହୋଇଛି ଓ ଉପନ୍ୟାସର ପ୍ଲଟ୍ ଅଗ୍ରଗତି କରିଛି ।

ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ପରିଣତ ବୟସରେ ରଚିତ । ଜୀବନର ନାନା କ୍ଷେତ୍ରରେ କାର୍ଯ୍ୟ କରିଥିବାରୁ ଫକୀରମୋହନଙ୍କ ଜୀବନ ବିଭିନ୍ନ ଅଭିଜ୍ଞତାରେ ପୁଷ୍ଟ । ସେହି ଅଭିଜ୍ଞତାଗୁଡ଼ିକୁ ସେ ପ୍ରତ୍ୟକ୍ଷ ଭାବରେ ଉପନ୍ୟାସରେ ରୂପାୟିତ କରିଅଛନ୍ତି । ଫକୀର-ମୋହନଙ୍କ ଉପନ୍ୟାସରଚନା ଗୋଟିଏ ଖିଆଲ ନୁହେ । ଏହାର

ମୂଳରେ ବିଶେଷ ପ୍ରଚେଷ୍ଟା ଓ ସୁପରିକଳ୍ପିତ ଉଦ୍ୟମ ରହିଛି । ଫକୀରମୋହନଙ୍କ ସମୟରେ ଓଡ଼ିଆ ଭାଷାର ଭବିଷ୍ୟତ୍ ବିଶେଷ ଅନ୍ଧକାରମୟ ଥିଲା । ଏପରିକି ଓଡ଼ିଆ ଭାଷାର ଅସ୍ତିତ୍ୱ ସମ୍ପର୍କରେ ମଧ୍ୟ ବିଶେଷ ସନ୍ଦେହ ପୋଷଣ କରାଯାଉଥିଲା । ଫକୀରମୋହନ ଓଡ଼ିଆ ଭାଷାର ଏହି ଦୁର୍ଦ୍ଦିନରେ ତାକୁ ରକ୍ଷା କରିବା ପାଇଁ ବଦ୍ଧପରିକର ହୋଇଥିଲେ । ବଙ୍ଗ ଭାଷାରେ ଆନନ୍ଦମଠ, କପାଳକୁଣ୍ଡଳା ପ୍ରଭୃତି ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସଗୁଡ଼ିକ ଫକୀରମୋହନଙ୍କ ମନରେ ଗଭୀର ରେଖାପାତ କରିଥିଲା । ଫକୀରମୋହନ ଚାହିଁଥିଲେ ଜାତିକୁ ନୂଆ ଜୀବନ ଦେବେ ଓ ଓଡ଼ିଆ ଭାଷାକୁ ରକ୍ଷା କରିବେ । ତେଣୁ ଉପନ୍ୟାସ ରଚନାର ଆରମ୍ଭରୁହିଁ ସେ ବିଶେଷ ସଚେତନ ଥିଲେ ।

ଫକୀରମୋହନଙ୍କ ସମୟ ହେଉଛି ଓଡ଼ିଆ ଉପନ୍ୟାସର ଆଦିମ ଅବସ୍ଥା ତା ପୂର୍ବରୁ ପଦ୍ମମାଳୀ, ବିବାସିନୀ ପ୍ରଭୃତି ଯେଉଁ କେତୋଟି ଉପନ୍ୟାସ ପ୍ରକାଶିତ ହୋଇଅଛି ସେଥିରେ ଉପନ୍ୟାସର କଳା ସମ୍ପୂର୍ଣ୍ଣରୂପେ ରକ୍ଷିତ ହୋଇନାହିଁ । ଧରାବନ୍ଧା ବାଟ ନ ଥିଲା । ଫକୀରମୋହନ ନୂତନ ପଥରେ ସାହସର ସହିତ ଅଗ୍ରସର ହେଲେ । ସେ ନିଜେ ଲେଖନୀ ଚାଳନା କଲେ । ଜୀବନର ଶେଷଭାଗରେ ସେ ଲେଖା ଆରମ୍ଭ କରିଛନ୍ତି । ତେଣୁ ତାଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନାହିଁ । ତାଙ୍କ ଉପନ୍ୟାସମାନଙ୍କରେ ଅପରିପକ୍ୱତା ଆଦୌ ନାହିଁ କହିଲେ ଚଳେ । ତଥାପି ଶିଳ୍ପୀ-ଉଦ୍ଦେଶ୍ୟ ଓ ଉପଯୁକ୍ତ କ୍ରମ ରକ୍ଷାରେ ବାଧା ଆସିଛି । କେତେବେଳେ ହୁଏତ ସେ ଭାବପ୍ରବଣ ହୋଇ ଅବାଟକୁ ଚାଲି ଯାଇଛନ୍ତି । କେତେବେଳେ ସମାଲୋଚନା ବା ଜୀବନଦର୍ଶନରେ ତାଙ୍କ ଉପନ୍ୟାସ ଭାରାକ୍ରାନ୍ତ ହୋଇ

ପଡ଼ିଛି । କିନ୍ତୁ ଧୀରେ ଧୀରେ ଏସବୁ ଦୂରେଇ ଯାଇଛି । ସମାଲୋଚନା ରହିଛି, ଜୀବନଦର୍ଶନ ରହିଛି କିନ୍ତୁ ସେ ସମସ୍ତ ପ୍ଲଟ୍ ସହିତ ଉତ୍ତମ-ରୂପେ ସଂଶ୍ଳିଷ୍ଟ । ତେଣୁ ଗଠନ-କଳା-ପରିପୁଷ୍ଟ ପ୍ଲଟ୍ ଉଦ୍ଦେଶ୍ୟରେ କ୍ରମିକ ଅଭିଯାନ ଆରମ୍ଭ ହୋଇଛି । ପ୍ରାୟଶ୍ଚିତ୍ତ କଳା ଦୃଷ୍ଟିରୁ ନିଜର ପ୍ରାଧାନ୍ୟ ବଜାୟ ରଖିଛି । କିନ୍ତୁ ଫକୀରମୋହନଙ୍କ ଶାରୀରିକ ଓ ମାନସିକ ଶକ୍ତି କମି ଆସୁଥିବାରୁ ନାନା ନିର୍ଯ୍ୟାତନା ଅଭାବ ଓ ଅସୁବିଧା ଯୋଗି ସେ ଜୀବନଦର୍ଶନର ଯେଉଁ ମୂଳଭିତ୍ତି ପକାଇଛନ୍ତି ତାହା ପ୍ରାୟଶ୍ଚିତ୍ତରେ ପ୍ରବେଶ କରିଛି । ତଥାପି ପ୍ଲଟ୍‌ରେ ବିଶେଷ ଗଣ୍ଡଗୋଳ ହୋଇନାହିଁ ।

ଜଣେ ନୂତନ ଲେଖକଙ୍କ ଲେଖାରେ ଭାବପ୍ରବଣତା ବେଶୀ ପରିଲକ୍ଷିତ ହୁଏ । କାରଣ ସେ ଭାବ ଓ ଭାବନାର ସୁଅରେ ଭାସି ଭାସି ଯାଆନ୍ତି । ଅଭିଜ୍ଞତାର ବୃଦ୍ଧି ସଙ୍ଗେ ସଙ୍ଗେ ସମାଲୋଚନାର ସାମର୍ଥ୍ୟ ବୃଦ୍ଧିପାଏ । ଭାବପ୍ରବଣତା ଭାବନାଦ୍ୱାରା ନିୟନ୍ତ୍ରିତ ହୁଏ । ଫକୀରମୋହନଙ୍କ ଲେଖାରେ ମଧ୍ୟ ଏହା ଘଟିଛି । ସେ ନିଜେ ନିଜର କଳାକୁ ବିଶ୍ଳେଷଣ କରି ଅଛନ୍ତି । ଉଦାହରଣ ସ୍ୱରୂପ ଚେହେଲିଇର ନାମ । ଗୋଟିଏ ଭଲ ନାମ ଦେଇଥିଲେ ତ ରସମୟ ହୋଇଥାନ୍ତା କିନ୍ତୁ ଏପରି ଏକ ନାମ କାହିଁକି ଦିଆଯାଇଛି ତାହାର ଆଲୋଚନା ସେ କରିଛନ୍ତି । ଠିକ୍ ସେହିପରି ଆଲୋଚନା ରହିଛି ରୂପବର୍ଣ୍ଣନ ସମୟରେ । ଏଥିରୁ ମଧ୍ୟ ତାଙ୍କର କ୍ରମୋନ୍ନତି ପରିଲକ୍ଷିତ ହୁଏ । ଫକୀରମୋହନଙ୍କ ଉପନ୍ୟାସରେ ବେଳେ ବେଳେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ରହିଛି । ଆଧୁନିକ ଉପନ୍ୟାସରେ ଏହା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଏହି ଦୃଷ୍ଟିରୁ ଫକୀରମୋହନ ଆଧୁନିକ ଉପନ୍ୟାସର ଅଗ୍ରଦୂତରୂପେ ସମ୍ମାନିତ ।

## ଚରିତ୍ର ଚିତ୍ରଣ

କାହାଣୀ, ଚରିତ୍ର ଓ ପରିବେଶ ଏହି ତିନୋଟିର ସମ୍ମିଶ୍ରଣରେ ଗଢ଼ିଉଠେ ଉପନ୍ୟାସ । ଏହା ମଧ୍ୟରୁ ପ୍ରଥମ ଦୁଇଟି ଅଧିକ ଗୁରୁତ୍ୱପୂର୍ଣ୍ଣ । କାହାଣୀ ଅପେକ୍ଷା ଚରିତ୍ରର ଗୁରୁତ୍ୱ ଅଧିକ । କାହାଣୀ ପ୍ରତି ପାଠକ ବା ଶ୍ରୋତାର ଯେଉଁ ଆଗ୍ରହ ପ୍ରକାଶ ପାଏ ତାହା ଅପରିପକ୍ୱ । ଚରିତ୍ର ଉପରେହିଁ ଉପନ୍ୟାସର ସଫଳତା ନିର୍ଭର କରେ । * ଉପନ୍ୟାସକୁ ଦୁଇ ମୁଖ୍ୟ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ । ଘଟଣାପ୍ରଧାନ ଓ ଚରିତ୍ର-ପ୍ରଧାନ । ବିଶ୍ୱସାହିତ୍ୟରେ ଚରିତ୍ର-ପ୍ରଧାନ ଉପନ୍ୟାସର ଗୁରୁତ୍ୱ ବେଶୀ । ଔପନ୍ୟାସିକ ଚରିତ୍ରଗୁଡ଼ିକୁ କଳ୍ପନା କରି ସାରିବା ପରେ ଯେତେବେଳେ ସେମାନଙ୍କୁ ରୂପରେଖ ଦିଅନ୍ତି ସେତେବେଳେ ସେମାନେ ଏତେ ଶକ୍ତିଶାଳୀ ହୋଇପଡ଼ନ୍ତି ଯେ ଔପନ୍ୟାସିକ ନିଜର ସତ୍ତା ହରାଇ ସେମାନଙ୍କ ହସ୍ତରେ କ୍ରୀଡ଼ାପୁତ୍ତଳିକା

---

* " It is only necessary to read a few typical masterpieces of prose fiction to discover that the essentials of novel are in trite phrase, first, character, second, character, and third, character. "—Henry Charles Duffin

*in Hardy the novelist*

"The slow shaping of characters is the problem of the novel "—Lotze.

ହୁଅନ୍ତି । ହ୍ୟାମଲେଟ ବା ମ୍ୟାକବେଥ ଚରିତ୍ରର ସ୍ରଷ୍ଟା ସେକ୍ସପିଅର ଠିକ୍ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଔପନ୍ୟାସିକ କାହାଣୀକୁ ଅଧିକ ଗୁରୁତ୍ୱ ଦେଲେ ଚରିତ୍ର ସୃଷ୍ଟିରେ ବାଧା ଆସିବା ସ୍ୱାଭାବିକ । ଚରିତ୍ରର ଧାରାବାହିକ ବିକାଶ ପାଇଁ କାହାଣୀର ଗତିକୁ ପରିବର୍ତ୍ତନ କରିବା ଆବଶ୍ୟକ । କାହାଣୀ ନିମିତ୍ତ ଚରିତ୍ରକୁ ବଳି ଦିଆଯାଇ ନ ପାରେ ।

ଔପନ୍ୟାସିକ ତାଙ୍କ ଚରିତ୍ର ବାସ୍ତବ ଦୁନିଆରୁ ହିଁ ସଂଗ୍ରହ କରନ୍ତି । ପ୍ରକୃତ ମାନବର କାର୍ଯ୍ୟ କଳାପ ଗତିବିଧିକୁ ସେ ନିବିଷ୍ଟଭାବରେ ପର୍ଯ୍ୟବେକ୍ଷଣ କରି ତାକୁ ଲେଖନୀ ମୁନରେ ରୂପାୟିତ କରନ୍ତି । ଏପରିକି କାଳ୍ପନିକ ଚରିତ୍ର ବୋଲି ଯେଉଁ ଚରିତ୍ର ପ୍ରତିଭାତ ହୁଏ ତାହା ମୂଳରେ ଯେ ବାସ୍ତବ ଚରିତ୍ରର ଛାପ ବିଦ୍ୟମାନ ଏହା ଅସ୍ୱୀକାର କରି ହେବ ନାହିଁ । ବ୍ୟକ୍ତିଗତ ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତା ଔପନ୍ୟାସିକଙ୍କର ପ୍ରଧାନ ଅସ୍ତ୍ର । ବ୍ୟକ୍ତିବିଶେଷ ସହିତ କଥୋପକଥନ ଓ ସମ୍ପର୍କଦ୍ୱାରା ସଂସାର ସମ୍ପର୍କରେ ବାସ୍ତବ ଜ୍ଞାନ ଲାଭ କରାଯାଏ । ତେଣୁ ଔପନ୍ୟାସିକ ପ୍ରତ୍ୟେକ ସ୍ତରର ମାନବ ଜୀବନ ସହିତ ପରିଚିତ ହେବା ଆବଶ୍ୟକ । ସେ ଯେତେ ବେଶୀ ଅଭିଜ୍ଞ ହେବେ ତାଙ୍କର ଚରିତ୍ର ସେତେ ଶକ୍ତିଶାଳୀ ହୋଇପାରିବ । କିନ୍ତୁ ଜୀବନ ଓ କଳାମଧ୍ୟରେ ପାର୍ଥକ୍ୟ ରହିଛି । ଉପନ୍ୟାସର ଚରିତ୍ର ଓ ଜୀବନ୍ତ ଚରିତ୍ର ସମାନ ନୁହନ୍ତି । ତେଣୁ ଔପନ୍ୟାସିକ ତାଙ୍କ ଉପନ୍ୟାସରେ ବାସ୍ତବ ଜୀବନକୁ ସେହିପରି ରଖି ଦିଅନ୍ତି ନାହିଁ । ସେ କୌଣସି ଜୀବନ୍ତ ମାନବର ଜୀବନରୁ କେତେକ

ବିଶେଷ ଘଟଣା ବା ଚରିତ୍ରର କେତେକ ବିଶେଷ ସ୍ୱଭାବଦ୍ୱାରା ପ୍ରଭାବିତ ହୋଇ ତାକୁ ବାଛନ୍ତି । *

ଚରିତ୍ର ମୁଖ୍ୟତଃ ଦୁଇ ପ୍ରକାର—ପ୍ରତିନିଧିସ୍ଥାନୀୟ ଚରିତ୍ର ଓ ପରିବର୍ତ୍ତନଶୀଳ ଚରିତ୍ର । ପ୍ରତିନିଧିସ୍ଥାନୀୟ ଚରିତ୍ର ସୃଷ୍ଟିରେ ଔପନ୍ୟାସିକ ଗୋଟିଏ ମାତ୍ର ଦୃଷ୍ଟିକୋଣରୁ ଚରିତ୍ରଗୁଡ଼ିକୁ ବିଚାର କରନ୍ତି । ଏହି ଶ୍ରେଣୀୟ ଚରିତ୍ରର କୌଣସି ବିକାଶ ବା ପରିବର୍ତ୍ତନ ହୁଏନାହିଁ । କିନ୍ତୁ ପରିବର୍ତ୍ତନଶୀଳ ଚରିତ୍ରର ବ୍ୟକ୍ତିତ୍ୱ ସ୍ପଷ୍ଟ ଜଣାପଡେ, ଏହି ଚରିତ୍ରର ବିକାଶ ସାଧିତ ହୁଏ । ଜୀବନ ଯେ ଉତ୍ତେଜନା, ଅସାମଞ୍ଜସ୍ୟ, ଦ୍ୱନ୍ଦ୍ୱ, ସାମର୍ଥ୍ୟ ଓ ଦୁର୍ବଳତାର ମିଶ୍ରଣ ତାହା ସେ କଳ୍ପନା କରନ୍ତି ନାହିଁ । ତାଙ୍କର ଦୃଷ୍ଟିକୋଣ ଅବଶ୍ୟ ବିଶେଷ ସକ୍ରିୟ ଓ ସୂକ୍ଷ୍ମ, କିନ୍ତୁ ତାହା ଚରିତ୍ରର ଏକ ପ୍ରଧାନ ଉପାଦାନ ଉପରେ ନିବଦ୍ଧ । ଚରିତ୍ରର ମନୋବୃତ୍ତିକୁ ବିଶ୍ଳେଷଣ କରିବାରେ ସେ ମନୋନିବେଶ କରନ୍ତି ନାହିଁ । ସେହି ଚରିତ୍ରଗୁଡ଼ିକ ବାସ୍ତବ କିନ୍ତୁ ସେଗୁଡ଼ିକୁ ସେ ସମ୍ପୂର୍ଣ୍ଣ ମାନବ

---

* "For life and art are very different things, and existence in one is very different from existence in the other. For one thing, life enforces on us a continuous existence, whereas a character in fiction does not exist except at such times as he appears on the scene. And the fictional character must not appear too often on the scene without doing something very special and interesting while all of us live days or years without doing anything very special and interesting."—*Treatise on the Novel* —Robert Liddell.

ରୂପରେ ଦେଖିବା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ଦିଗରୁ ଆଲୋଚନା କରନ୍ତି । ଉପନ୍ୟାସର ଆରମ୍ଭରୁହିଁ ଔପନ୍ୟାସିକ ଚରିତ୍ରର ଗୋଟିଏ ମାତ୍ର ଦିଗ ବା ଗୁଣ ଉପରେ ଗୁରୁତ୍ୱ ଆରୋପ କରି ଉପନ୍ୟାସସାରା ସେହି ଦିଗ ବା ଗୁଣକୁ ବିକଶିତ କରିବାର ପ୍ରୟାସ କରନ୍ତି । ତେଣୁ ଉପନ୍ୟାସରେ ସନ୍ନିବେଶିତ ଘଟଣାଗୁଡ଼ିକ ଏପରି ଭାବରେ ନିର୍ବାଚିତ ହୁଏ ଯେ ଚରିତ୍ରର ସେହି ଦିଗର ବିକାଶଲାଭରେ ତାହା ସହାୟକ ହୁଏ । ଜୀବନର ଢେଉ ଉଠେ ଓ ପଡ଼େ । ଉତ୍ଥାନ ଓ ପତନ ଜଗତରେ ଚିରନ୍ତନ ରୀତି । କିନ୍ତୁ ପ୍ରତିନିଧିସ୍ଥାନୀୟ ଚରିତ୍ର ଚିତ୍ରଣରେ କେବଳ ଗୋଟିଏ ମାତ୍ର ଦିଗରେ ବିକାଶ ଦେଖାଇ ଦିଆଯାଏ । ଯେତେ ଅଧିକରୁ ଅଧିକ ବିଷୟର ସମାବେଶ ହେଉଥାଏ ଚରିତ୍ର ତେତେ ବିକଶିତ ହେଉଥାଏ । କିନ୍ତୁ ଏହି ବିକାଶ କେବଳ ଏକମାତ୍ର ବୈଶିଷ୍ଟ୍ୟର ଉପସ୍ଥାପନ ମାତ୍ର, ଏହା ବିବିଧ ଓ ପୃଥକ ଭାବରେ ପରିଲକ୍ଷିତ ହୁଏ ନାହିଁ । ତେଣୁ ଏହି ପ୍ରକାରର ପ୍ରତିନିଧିସ୍ଥାନୀୟ ଚରିତ୍ରରେ ସାଙ୍କେତିକ ଚରିତ୍ରର ସାଧାରଣ ବିଶେଷତ୍ୱ ପ୍ରକଟିତ ହୁଏ ।

ପରିବର୍ତ୍ତନଶୀଳ ଚରିତ୍ର ଧୀରେ ଧୀରେ ବିକାଶ ଲାଭ କରେ । ତାର ବିଭିନ୍ନ ଗୁଣ ପରିଲକ୍ଷିତ ହୁଏ । ମାନବର ବିଭିନ୍ନ ଗୁଣଗୁଡ଼ିକୁ ଏକତ୍ର କରି ଔପନ୍ୟାସିକ ଏପରି ଏକ ଚରିତ୍ର ସୃଷ୍ଟି କରନ୍ତି । ତେଣୁ ସେ ବ୍ୟକ୍ତିବିଶେଷର କେବଳ ଗୋଟିଏ ବିଶେଷ ପ୍ରଧାନ ଗୁଣ ପ୍ରତି ଆମର ଦୃଷ୍ଟି ଆକର୍ଷଣ ନ କରି ସାଧାରଣ ମାନବ ହିସାବରେ ତାର ସମସ୍ତ ସୂକ୍ଷ୍ମ ବିଭାବଗୁଡ଼ିକ ଅଙ୍କନ କରନ୍ତି । କିନ୍ତୁ ବେଳେ ବେଳେ ମିଶ୍ର-ଚରିତ୍ର ଦେଖାଯାଏ । ଏଥିରେ ଚରିତ୍ରର ଗୋଟିଏ ଗୁଣକୁ

ପ୍ରାଧାନ୍ୟ ଦିଆଯାଏ ସତ୍ୟ କିନ୍ତୁ ତାହା ସହିତ ଆଉ କେତେଗୁଡ଼ିଏ ଗୌଣ ଗୁଣ ମଧ୍ୟ ଦିଆଯାଏ ।

ଚରିତ୍ର ସୃଷ୍ଟିରେ ବିଭିନ୍ନ ବ୍ୟକ୍ତିର ଭିନ୍ନ ଭିନ୍ନ ଗୁଣ ବା ବିଶେଷତ୍ୱର ସମନ୍ୱୟ ଆବଶ୍ୟକ । ସମନ୍ୱୟ ଉଭୟ ପ୍ରତିନିଧିସ୍ଥାନୀୟ ଚରିତ୍ର ଓ ପରିବର୍ତ୍ତନଶୀଳ ଚରିତ୍ରରେ ପ୍ରକାଶ ପାଏ । ଏହି ସମନ୍ୱୟ-ଗୁଣ ଔପନ୍ୟାସିକଙ୍କର ସୃଜନଶକ୍ତିର ଶ୍ରେଷ୍ଠ ମାପକାଠି । ଭଗବାନହିଁ ସ୍ରଷ୍ଟା କିନ୍ତୁ ଚରିତ୍ରର ବିଭିନ୍ନ ଗୁଣର ସମନ୍ୱୟ ଦୃଷ୍ଟିରୁ ସେହି ସର୍ବନିୟନ୍ତାଙ୍କ ବ୍ୟତୀତ ଯଦି ଅନ୍ୟ କାହାର ଏହି ଗୌରବର ଅଧିକାରୀ ହେବାକୁ ଦାବୀ ଥାଏ ତାହାହେଲେ ସେ ହେଉଛନ୍ତି ଔପନ୍ୟାସିକ ।

ଉପନ୍ୟାସର ଚରିତ୍ର ଅନନ୍ୟସାଧାରଣ ହେବା ଯେପରି ଅନାବଶ୍ୟକ ସେହିପରି ସମ୍ପୂର୍ଣ୍ଣ ଦୁଶ୍ଚରିତ୍ର ହେବା ମଧ୍ୟ ଅବାଞ୍ଛନୀୟ । ବରଂ ତାହା ଭଲ ଓ ମନ୍ଦର ସମ୍ମିଶ୍ରଣ ହେବା ଉଚିତ । ସ୍ୱଜ୍ଞାନ ଓ ପର୍ଯ୍ୟବେକ୍ଷଣରୁ ପାଠକ ବାସ୍ତବ ଜୀବନରେ ବିଭିନ୍ନ ମାନବକୁ ଭଲ ଓ ମନ୍ଦର ମିଶ୍ରଣରୂପେ ଦେଖେ, ଏବଂ ସେମାନେ ଯେ ପୂର୍ଣ୍ଣ ଦେବତା ବା ଦାନବ ନୁହନ୍ତି ତାହା ଅନୁଭବ କରେ । ତେଣୁ ଚରିତ୍ର ଚିତ୍ରଣ ସମୟରେ ଔପନ୍ୟାସିକ ଚରିତ୍ରର ଏହି ବାସ୍ତବ ଦିଗ ପ୍ରତି ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ଚରିତ୍ରରେ ସମତା ଏବଂ ଚରିତ୍ରର ବିଶେଷତ୍ୱକୁ ବଜାୟ ରଖି ସମଭାବରେ ଚରିତ୍ର ଚିତ୍ରଣ କରାଗଲେ ଔପନ୍ୟାସିକଙ୍କର ଉକ୍ତ ବିଷୟରେ ସିଦ୍ଧହସ୍ତତା ପ୍ରକାଶ ପାଏ । ଭଲ ବ୍ୟକ୍ତିଠାରେ କେତେ ମନ୍ଦ ଓ ମନ୍ଦ ବ୍ୟକ୍ତିଠାରେ କେତେ ଭଲ ତାହା ଦେଖାଇବା କେବଳ ତାଙ୍କର କର୍ତ୍ତବ୍ୟ ନୁହେ । ଔପନ୍ୟାସିକଙ୍କର

ଶକ୍ତି ପରୀକ୍ଷିତ ହୁଏ ଅନ୍ୟ ଭାବରେ । ସେ ନିଜର ଶକ୍ତିକୁ ସଂରକ୍ଷଣ କରନ୍ତି । ଭଲ ବା ମନ୍ଦ ଉଦ୍ଦେଶ୍ୟରେ ଚରିତ୍ରର ଉପାଦାନକୁ ବ୍ୟବହାର କରି ସେ ଉପନ୍ୟାସର କେତେକ ବିଶେଷ ମର୍ମସ୍ପର୍ଶୀ ଓ ବିମୋହକ ଦୃଶ୍ୟର ସୃଷ୍ଟି କରନ୍ତି ।

ଉପନ୍ୟାସର ଚରିତ୍ରରେ ଜୀବନ୍ତ ମାନବର ପ୍ରତ୍ୟେକ କାର୍ଯ୍ୟକୁ ସ୍ଥାନ ଦିଆଯାଇ ପାରେ ନାହିଁ । ଦନ୍ତମାର୍ଜନ, ସ୍ନାନ, ପ୍ରଭୃତି ବାହ୍ୟିକ କାର୍ଯ୍ୟକୁ ଯେ କେବଳ ବାଦ୍ ଦିଆଯାଏ ତାହା ନୁହେଁ, ତାହାର ଅନ୍ତର୍ପ୍ରକୃତି ବା ଭାବନାକୁ ମଧ୍ୟ ସୀମିତ କରାଯାଏ । ବିନା କାରଣରେ ତାହାର ଭାବନା ବା ଚିନ୍ତାକୁ ଚିତ୍ରଣ କରାଯାଏ ନାହିଁ । ବାସ୍ତବ ମାନବ ପରି ଉପନ୍ୟାସର ଚରିତ୍ର ହଠାତ୍ କ୍ରନ୍ଦନ କଲେ ବା ଆନନ୍ଦରେ ବିହ୍ୱଳ ହୋଇ ପଡ଼ିଲେ ତାହା ଉପନ୍ୟାସର କଳାଦୃଷ୍ଟିରୁ ଅସ୍ୱାଭାବିକ ବୋଧହୁଏ । ବାସ୍ତବ କ୍ଷେତ୍ରରେ ମାନବର କାର୍ଯ୍ୟକୁ ଅନୁଶୀଳନ କଲେ ଅନେକ ଅସଂଲଗ୍ନତା ପ୍ରକାଶ ପାଏ । ମାନବ ସମୟେ ସମୟେ ଏପରି କାର୍ଯ୍ୟ କରେ ଯାହାର କାରଣ ସେ ନିଜେ ମଧ୍ୟ ଖୋଜି ପାଏ ନାହିଁ । ଆଧୁନିକ ଯୁଗରେ ମନୋବୈଜ୍ଞାନିକମାନେ ଏହିପରି କାର୍ଯ୍ୟର ବିଶ୍ଳେଷଣ କରି ମାନବର ଅଚେତନ ଓ ଅବଚେତନ ମନଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ବାସ୍ତବ ଜୀବନରେ ମନୋବୈଜ୍ଞାନିକଙ୍କର ଗବେଷଣା ଫଳରେ ଏହିପରି କାର୍ଯ୍ୟ ସମ୍ପର୍କରେ ଯୁକ୍ତି ଦର୍ଶାଇବା ସମ୍ଭବପର ହେଲେ ମଧ୍ୟ ଉପନ୍ୟାସ କ୍ଷେତ୍ରରେ କଳାଦୃଷ୍ଟିରୁ ଔପନ୍ୟାସିକଙ୍କୁ କେତେଗୁଡ଼ିଏ ପ୍ରଚଳିତ ନିୟମ ମାନିବାକୁ ପଡ଼େ, ଫଳରେ କାର୍ଯ୍ୟକାରଣ ସମ୍ପର୍କ ନ ସୃଷ୍ଟିକରି ସେ କୌଣସି ଭାବ ବା ଭାବନାକୁ ଆକସ୍ମିକ ଭାବରେ ଉପନ୍ୟାସର ସୀମା ମଧ୍ୟରେ ଆଣି

ପାରନ୍ତି ନାହିଁ । ଚରିତ୍ରର କୌଣସି ଏକ ନିର୍ଦ୍ଦିଷ୍ଟ ଭାବକୁ ବର୍ଣ୍ଣନ କରିବା ସମୟରେ ପୂର୍ବାପର ସମ୍ପର୍କ କଥା ସେ ଚିନ୍ତା କରିବା ଏକାନ୍ତ ଆବଶ୍ୟକ ।

ନାମକରଣରେହିଁ ଚରିତ୍ରର ଆରମ୍ଭ ହୁଏ । ନାମ ଅନୁଯାୟୀ ଗୁଣ ହେବାର ଆଶାରେ ପିତାମାତା ପୁତ୍ରର ଭଲ ନାମଟିଏ ଦିଅନ୍ତି । ପିଲାଟିର ନାମ ଦେଇଦେଲେ ତାର ସ୍ୱାତନ୍ତ୍ର୍ୟ ଫୁଟି ଉଠେ । ଚରିତ୍ର ସମ୍ପର୍କରେ ମଧ୍ୟ ସେହି କଥା । ସମୟେ ସମୟେ ଔପନ୍ୟାସିକ ଚରିତ୍ରର ଏପରି ନାମକରଣ କରନ୍ତି ଯେ ତହିଁରୁ ଚରିତ୍ରର ବୈଶିଷ୍ଟ୍ୟ ଜଣାପଡ଼େ । ସାଙ୍କେତିକ ଚରିତ୍ର କ୍ଷେତ୍ରରେ ଏହି ବୈଶିଷ୍ଟ୍ୟ ସ୍ପଷ୍ଟ ପରିଲକ୍ଷିତ ହୁଏ । ହରିବୋଲ ବାରିକ, ସାଧୁସାହୁ ମହାଜନ, ସାରିଆ, ସରସ୍ୱତୀ ଦେଈ, ଚନ୍ଦ୍ରମଣି, ଚନ୍ଦ୍ରକଳା ପ୍ରଭୃତି ଏହାର ଉଦାହରଣ ।

ଗୁରୁତ୍ୱ ପାଇଁ ଔପନ୍ୟାସିକ ସମୟେ ସମୟେ ମୁଖ୍ୟ ଚରିତ୍ରକୁ ସ୍ୱତନ୍ତ୍ର ଚରିତ୍ର ରୂପେ ସୃଷ୍ଟି କରି ପୃଷ୍ଠଭୂମିରେ କେତେକ ପ୍ରତିନିଧିସ୍ଥାନୀୟ ଚରିତ୍ର ଖଞ୍ଜି ଦିଅନ୍ତି । ପ୍ରତିନିଧି ସ୍ଥାନୀୟ ଚରିତ୍ରଗୁଡ଼ିକର ବୈପରୀତ୍ୟ ହେତୁ ମୁଖ୍ୟ ଚରିତ୍ରର ଗୁଣଗୁଡ଼ିକ ଉଦ୍ଭାସିତ ହୁଏ ।

ପୂର୍ବକାଳରେ ଅଧିକାଂଶ ଚରିତ୍ର ପ୍ରତିନିଧିସ୍ଥାନୀୟ ଥିଲା । ସାଧାରଣତଃ ବେଶୀ ପ୍ରତିନିଧିସ୍ଥାନୀୟ ଚରିତ୍ର ଦେଖାଯାଉଥିଲା । ଉତ୍ତମ ସ୍ୱାମୀ, ଉତ୍ତମ ସ୍ତ୍ରୀ, ମହାଜନ, କୃଷକ, ଶ୍ରମିକ ପ୍ରଭୃତି ଚରିତ୍ର ସମାଜର ବିଭିନ୍ନ ଶ୍ରେଣୀର ପ୍ରତିନିଧିତ୍ୱ କରୁଥିଲେ । ଏହି ଚରିତ୍ର-ଗୁଡ଼ିକରେ ଗୋଟିଏ ଗୋଟିଏ ଗୁଣର ପରିସ୍ଫୁଟନ ହେଉଥିଲା । ଏମାନେ

ସାଧାରଣତଃ ସାଙ୍କେତିକ ଥିଲେ । ବିଶ୍ୱର ପ୍ରଗତି ସଙ୍ଗେ ସଙ୍ଗେ ପାଠକ ନୂତନ ଭାବଧାରା ସହିତ ପରିଚିତ ହେଉଅଛି ଏବଂ ଜୀବନ ଉପରେ ତାର ପ୍ରଭାବ ଅନୁଭବ କରୁଅଛି । ଦର୍ଶନ ରାଜ୍ୟରେ ଯଥେଷ୍ଟ ପରିବର୍ତ୍ତନର ସୂତ୍ରପାତ ମଧ୍ୟ ହେଉଅଛି । ଆମ୍ଭେମାନେ କ୍ରମେ ବ୍ୟକ୍ତି-ବାଦ ଉପରେ ବିଶେଷ ଗୁରୁତ୍ୱ ଦେଉଅଛୁଁ । ଏହି ନୂତନ ଦର୍ଶନ କେବଳ ଯେ ରାଜନୀତିକ ଚିନ୍ତାଧାରାରେ ପ୍ରକଟିତ ହୋଇଅଛି ତାହା ନୁହେ, ଏହା ସାମାଜିକ ଜୀବନରେ ଏପରିକି ଜୀବନର ଆଦର୍ଶରେ ମଧ୍ୟ ପରିବର୍ତ୍ତନ ଆଣିଦେଇଛି । ଐକ୍ୟ ଆମର କାମ୍ୟ ହେଲେହେଁ ଆମ୍ଭେ-ମାନେ ବିବିଧ ସମ୍ପର୍କରେ ସଚେତନ । ଆମ୍ଭେମାନେ ଜାଣୁ ଯେ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଶକ୍ତି ଓ ସାମର୍ଥ୍ୟଯୁକ୍ତ । ତେଣୁ ଆଧୁନିକ ଯୁଗରେ ଜଣେ ମାନବକୁ ଆମେ ଶ୍ରେଣୀ ବିଶେଷର ପ୍ରତିନିଧିରୂପେ ଚିତ୍ରଣ କରି ନ ପାରୁଁ କିନ୍ତୁ ବ୍ୟକ୍ତିକୁ ସ୍ୱତନ୍ତ୍ର, ସ୍ୱୟଂସମ୍ପୂର୍ଣ୍ଣ ଓ ଜୀବନ୍ତରୂପେ ବିଚାର କରୁଁ । *

---

* The round character of fiction is generally a compromise between Everyman in and Everyman out of his Humour. There are, enough stable elements in his character and yet he still retains the power to surprise us—and if he is successful he will surprise us in such a way, that, though his action was unexpected, yet we do not think it improbable —It is rather a revelation to us that he could act in such a way. "—*A Treaties on the novel*—Robert Liddell.

ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଫଳରେ ମଧ୍ୟ ଏହିପରି ଭାବରେ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି । ପାଠକର ହୃଦ୍‌ବୋଧ ହେଉଛି ଯେ ସମାଜରେ ଯେଉଁମାନେ ମନ୍ଦ ବ୍ୟକ୍ତି ବୋଲି ପରିଚିତ ସେମାନଙ୍କ ମଧ୍ୟରେ ଅନେକ ଭଲଗୁଣ ଅଛି ଏବଂ ଯେଉଁମାନେ ଉତ୍ତମ ବୋଲି ପରିଗଣିତ ସେମାନଙ୍କ ଭିତରେ ଅନେକ ମନ୍ଦଗୁଣ ଲୁକ୍କାୟିତ ଅଛି । ଫଳତଃ ଆମ୍ଭେମାନେ ଚରିତ୍ରର ମନ ସହିତ ସମ୍ପୃକ୍ତ । ଏବଂ ତାହାର ସ୍ୱତନ୍ତ୍ର ଭଲ ଓ ମନ୍ଦ ଗୁଣଗୁଡ଼ିକୁ ବିଶ୍ଳେଷଣ କରୁଁ । ତେଣୁ ଆମ୍ଭେମାନେ ଜଣେ ବ୍ୟକ୍ତିକୁ ସମସ୍ତ ଭଲ ଗୁଣର ଆଧାର ସ୍ୱରୂପ ବା ମୂର୍ତ୍ତିମନ୍ତ ମନ୍ଦରୂପେ ଗ୍ରହଣ କରି ନ ପାରୁଁ ।

ନାଟକ ତୁଲ୍ୟ ଉପନ୍ୟାସରେ ଆମେ ଗୋଟିଏ ସଂସାର ଦେଖୁଁ, ଯେଉଁଥିରେ ବିଭିନ୍ନ ବୟସର ଓ ବିଭିନ୍ନ ଗୁଣ ବିଶିଷ୍ଟ ଚରିତ୍ରର ସମାବେଶ ରହିଛି । ସେଥିରେ ନାୟକ ଅଛି, ନାୟିକା ଅଛି, ଦୁଃଶୀଳ ବ୍ୟକ୍ତି ଅଛି, ରସରସିଆ ଚରିତ୍ର ଅଛି । ବାଳକସୁଲଭ ଚରିତ୍ର ସେଥିରେ ଯେପରି ସ୍ଥାନ ପାଇଛି ବୟସ୍କ ଚରିତ୍ର ମଧ୍ୟ ସେହିପରି ରହିଅଛି ।

ପୂର୍ବେ ମୁଖ୍ୟ ଚରିତ୍ରଗୁଡ଼ିକ ଉପସ୍ଥାପନ କଲାବେଳେ ସାଧାରଣତଃ ଚରିତ୍ରର ବୈଶିଷ୍ଟ୍ୟ ସମ୍ପର୍କରେ ଯଥେଷ୍ଟ ସଙ୍କେତ ଦିଆଯାଉଥିଲା । ପ୍ରାଚୀନ ଔପନ୍ୟାସିକମାନେ ସେମାନଙ୍କର ପ୍ରତ୍ୟେକ ପ୍ରଧାନ ଚରିତ୍ରର ଆକୃତି ଓ ରୂପର ବର୍ଣ୍ଣନରେ ଗୋଟିଏ ଗୋଟିଏ ପରିଚ୍ଛେଦ ବ୍ୟୟ କରୁଥିଲେ । ତାହାପରେ ସେମାନଙ୍କର ନୈତିକତା ଓ ମାନସିକ ପ୍ରକୃତିର ବିଶ୍ଳେଷଣ କରାଯାଉଥିଲା; କିନ୍ତୁ ବର୍ତ୍ତମାନ ଏହି ପ୍ରକାର

ଚରିତ୍ର ଚିତ୍ରଣ ବଦଳରେ କେବଳ ମାତ୍ର ଉପକ୍ରମରେ ଗ୍ରୁପ ମାରି ଦିଆ-ଯାଉଛି । ପ୍ରତିନିଧିସ୍ଥାନୀୟ ଚରିତ୍ର ପାଇଁ ଏହା ସହାୟକ । *

ଆଜିକାଲି ଚରିତ୍ରଗୁଡ଼ିକୁ ଗୋଟିଏ ଅବସ୍ଥାରୁ ଆରମ୍ଭ କରି ଦେଇ ପ୍ଲଟ୍‌ର ବିକାଶ ସଙ୍ଗେ ସଙ୍ଗେ ଚରିତ୍ରର ବିଭିନ୍ନ ଦିଗ ପରିସ୍ଫୁଟ କରାଯାଉଛି । ପରିବର୍ତ୍ତନଶୀଳ ଚରିତ୍ର ପାଇଁ ଏହା ବିଶେଷ ଉପଯୋଗୀ । ନାଟକ ଅଭିନୀତ ହେବା ସମୟରେ ଦର୍ଶକ ଅଭିନେତା ଓ ଅଭିନେତ୍ରୀ-ମାନଙ୍କର ବେଶଭୂଷା, ସଂଳାପ ଚାତୁର୍ଯ୍ୟ ପ୍ରଭୃତି ରଙ୍ଗମଞ୍ଚ ଉପରେ ଦେଖିବାର ସୁଯୋଗ ପାଏ । କିନ୍ତୁ ଉପନ୍ୟାସରେ ବର୍ଣ୍ଣନା ମାଧ୍ୟମରେ ଏ ସମସ୍ତ ପାଠକ ସମ୍ମୁଖରେ ଉପସ୍ଥାପନ କରାଯାଏ । ତେଣୁ ଔପନ୍ୟାସିକଙ୍କର ସୂକ୍ଷ୍ମ ଦୃଷ୍ଟି ଥିବା ଏକାନ୍ତ ଆବଶ୍ୟକ । ଚରିତ୍ର ଚିତ୍ରଣରେ ଔପନ୍ୟାସିକଙ୍କର କୃତିତ୍ୱ କେତେକ ପରିମାଣରେ ତାଙ୍କ ବିଚିତ୍ର ବର୍ଣ୍ଣନା ଶକ୍ତି ଉପରେ ନିର୍ଭର କରେ । ରଙ୍ଗମଞ୍ଚରେ ଅଭିନେତା ବା ଅଭିନେତ୍ରୀଙ୍କ ଆବିର୍ଭାବ ମାତ୍ରେ ଦର୍ଶକମନରେ ସେମାନଙ୍କ ସମ୍ପର୍କରେ ଏକ ଧାରଣା ରହିଯାଏ । କିନ୍ତୁ ଉପନ୍ୟାସର ଚରିତ୍ରକୁ ସ୍ପଷ୍ଟ ଭାବରେ ପାଠକ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଔପନ୍ୟାସିକ ବର୍ଣ୍ଣନାର ଆଶ୍ରୟ ନେବାକୁ ବାଧ୍ୟ ହୁଅନ୍ତି । ଏହି ବର୍ଣ୍ଣନାଦ୍ୱାରାହିଁ ଚରିତ୍ରର

* "ନଭେଲ ନାମକ ଉପନ୍ୟାସେର ପ୍ରଧାନ ଲକ୍ଷଣ-ତାହାର character ବା ବ୍ୟକ୍ତି-ଚରିତ୍ରାଙ୍କନ । ଇହାର ମୂଲେ ଆଛେ ସମାଜ ବା ଗୋତ୍ର-ଚେତନାର ବିପରୀତ ଏକରୂପ ବ୍ୟକ୍ତି-ଚେତନାର ଉନ୍ମେଷ ।"

—'ସାହିତ୍ୟ ବିଚାର'—ମୋହିତଲାଲ ମଜୁମଦାର ।

ଆକୃତି ଓ ପ୍ରକୃତିକୁ ଔପନ୍ୟାସିକ ପାଠକ ସମ୍ମୁଖରେ ଦେଖାଇ ପାରନ୍ତି । ପ୍ରତ୍ୟେକ ଚରିତ୍ରର ଶାରୀରିକ ଗଠନରେ ଯେପରି ବୈଶିଷ୍ଟ୍ୟ ରହିଛି ସେହିପରିଭାବରେ ଲୁଗାପିନ୍ଧିବା, ଚାଲିବା, କଥା କହିବା ପ୍ରଭୃତିରେ ବୈଶିଷ୍ଟ୍ୟ ରହିଛି । ସୂକ୍ଷ୍ମ ବର୍ଣ୍ଣନାଦ୍ୱାରା ଔପନ୍ୟାସିକ ଏ ସମସ୍ତ ଚିତ୍ରଣ କରିପାରନ୍ତି । ସେହିପରିଭାବରେ କୌଣସି ଏକ ସମସ୍ୟାର ସମ୍ମୁଖୀନ ହେଲେ କିମ୍ବା ଏକ ସଙ୍କଟକ୍ଷଣରେ ଚରିତ୍ରର ପ୍ରକାଶଭଙ୍ଗୀ ଏବଂ ଆଚରଣରେ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଏହି ବୈଚିତ୍ର୍ୟକୁ ଔପନ୍ୟାସିକ ପ୍ରାଞ୍ଜଳ ଭାବରେ ଫୁଟାଇ ପାରିବା ଉପରେ ତାଙ୍କର ମହତ୍ତ୍ୱ ନିର୍ଭର କରେ । ବାସ୍ତବରେ ଔପନ୍ୟାସିକ ଏପରି ଭାବରେ ବିଭିନ୍ନ ଗୁଣ ନିର୍ବାଚନ କରିବେ ଏବଂ ସେଗୁଡ଼ିକର ଏକତ୍ରୀକରଣ କରିବେ ଯେ ପାଠକର ଚିନ୍ତାଶକ୍ତି ଜାଗରୂକ ହୋଇ ସେହି ଚରିତ୍ରର ଏକ ପୂର୍ଣ୍ଣ ଜୀବନ୍ତ ଚିତ୍ର ଅଙ୍କନ କରି ପାରିବ ।

ମନସ୍ତାତ୍ତ୍ୱିକ ବିଶ୍ଳେଷଣପାଇଁ ଉପନ୍ୟାସର ଚରିତ୍ର ଚିତ୍ରଣରେ ଦୁଇଟି ବିପରୀତ ପ୍ରଣାଳୀ ଅବଲମ୍ବନ କରାଯାଇପାରେ । ପ୍ରଥମଟି ବିଶ୍ଳେଷଣାତ୍ମକ ଏବଂ ଦ୍ୱିତୀୟଟି ନାଟକୀୟ । ପ୍ରଥମକ୍ଷେତ୍ରରେ ଔପନ୍ୟାସିକ ତାଙ୍କର ଚରିତ୍ରଗୁଡ଼ିକୁ ବାହ୍ୟତଃ ଚିତ୍ରଣ କରନ୍ତି, ସେମାନଙ୍କର ମାନସିକ ଉତ୍ତେଜନା, ଉଦ୍ଦେଶ୍ୟ, ଚିନ୍ତା, ଓ ଭାବନାକୁ ବ୍ୟବଚ୍ଛେଦ କରନ୍ତି, ସେମାନଙ୍କର କାର୍ଯ୍ୟର ସମାଲୋଚନା ଓ ନ୍ୟାୟସଙ୍ଗତ ବିଚାର କରନ୍ତି । ଦ୍ୱିତୀୟ ପକ୍ଷରେ ଔପନ୍ୟାସିକ ନିଜକୁ ଦୂରରେ ରଖି ଚରିତ୍ରଗୁଡ଼ିକୁ ଆଳାପ ଓ କ୍ରିୟାଦ୍ୱାରା ପ୍ରକାଶ କରିବାରେ ସୁଯୋଗ ଦିଅନ୍ତି । ଏବଂ ଉପନ୍ୟାସର ଅନ୍ୟ ଚରିତ୍ରଗୁଡ଼ିକର ସମାଲୋଚନା ଓ ବିଚାର ମାଧ୍ୟମରେ ସେମାନଙ୍କର ଏହି ସ୍ୱପ୍ରକାଶକୁ ଦୃଢ଼ୀଭୂତ କରନ୍ତି ।

ଔପନ୍ୟାସିକ ନିଜେ ସିଧା ସଳଖ ଭାବରେ ଚରିତ୍ରର ବିଶେଷତ୍ୱଗୁଡ଼ିକ ବର୍ଣ୍ଣନ କରି ପାରନ୍ତି, କିନ୍ତୁ ସଂଳାପ ମାଧ୍ୟମରେ ସେଗୁଡ଼ିକର ପରିସ୍ଫୁଟନ ହେଲେ ତାହା ଅଧିକ ପ୍ରଭାବଶାଳୀ ହେବା ସ୍ୱାଭାବିକ । ଔପନ୍ୟାସିକଙ୍କର ନିଜର ବ୍ୟକ୍ତିତ୍ୱ ରହିଛି । ଆଉ ସେ ଯେଉଁ ଚରିତ୍ର ଅଙ୍କନ କରୁଛନ୍ତି ସେ ଚରିତ୍ର ଯେତେ ଜୀବନ୍ତ ଓ ପ୍ରଭାବାନ୍ୱିତ ହେବ ତାର ବ୍ୟକ୍ତିତ୍ୱ ମଧ୍ୟ ତେତେ ଗୁରୁତ୍ୱପୂର୍ଣ୍ଣ ହେବ । ଫଳରେ ଔପନ୍ୟାସିକଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ବ୍ୟକ୍ତିତ୍ୱ ମଧ୍ୟରେ ଏକ ସଂଘର୍ଷ ଉପୁଜିବା ସ୍ୱାଭାବିକ । ଚରିତ୍ର ମାଧ୍ୟମରେ ନିଜର ଗୁଣ ବା ଦୋଷକୁ ପ୍ରତିଫଳିତ କରିବା ଔପନ୍ୟାସିକଙ୍କ ପକ୍ଷରେ ସହଜ । ଫଳତଃ ଜଣେ ଔପନ୍ୟାସିକଙ୍କର ଅନୁଭୂତି ଯଦି ସୀମିତ ହୁଏ ତେବେ ସେ କେବଳ ଗୋଟିଏ ପ୍ରକାରର ଚରିତ୍ର ଚିତ୍ରଣ କରିପାରିବେ । କିନ୍ତୁ ଔପନ୍ୟାସିକଙ୍କର ବ୍ୟକ୍ତିତ୍ୱ ମଧ୍ୟରେ ଯଦି ବିଭିନ୍ନ ଶ୍ରେଣୀୟ ଚରିତ୍ରର ଅସ୍ତିତ୍ୱ ବିଦ୍ୟମାନ ଥାଏ ତେବେ ସେ ବିବିଧ ଚରିତ୍ରକୁ ସମଭାବରେ ଓ ସୁସ୍ପଷ୍ଟରୂପେ ଅଙ୍କନ କରିପାରିବେ । ଏହି ସମ୍ପର୍କରେ ଗୋଟିଏ ବିଷୟ ଉଲ୍ଲେଖ ଯୋଗ୍ୟ । ଔପନ୍ୟାସିକ ଚରିତ୍ରଗୁଡ଼ିକୁ ନିଜ ଆଡ଼କୁ ଟାଣି ନେଇ ସେଗୁଡ଼ିକୁ ନିଜ ପରି କରିବାକୁ ଚେଷ୍ଟା କରିବେ ନାହିଁ । ବରଂ ନିଜକୁ ଭୁଲି ଚରିତ୍ରର ବୈଶିଷ୍ଟ୍ୟ ଉପରେ ଗୁରୁତ୍ୱ ଆରୋପ କରିବେ ।

ଚରିତ୍ରଗୁଡ଼ିକୁ ଜୀବନ୍ତ ଭାବରେ ଅଙ୍କନ କରିବାହିଁ ଔପନ୍ୟାସିକଙ୍କର ବାହାଦୁରି । ନିତିଦିନର ଦୁନିଆରେ ଚଳପ୍ରଚଳ ହେଉଥିବା ସ୍ୱାଭାବିକ ଚରିତ୍ର ସେ ଅଙ୍କନ କରନ୍ତୁ କିମ୍ବା ଦୁଃସାହସୀ ଭାବରେ କୌଣସି ଅସ୍ୱାଭାବିକ ଚରିତ୍ର ଚିତ୍ରଣ କରିବାର ଚେଷ୍ଟା କରନ୍ତୁ ଯଦି ବର୍ଣ୍ଣିତ ଚରିତ୍ର ଅବାସ୍ତବ ବୋଲି ମନେ ହୁଏ ତେବେ ଔପନ୍ୟାସିକ ତାଙ୍କ କାର୍ଯ୍ୟରେ

ବିଫଳ ହୁଅନ୍ତି । ଚରିତ୍ରଗୁଡ଼ିକ ମଧ୍ୟରେ ଜୀବନୀ ଶକ୍ତି ଦେବାହିଁ ଔପନ୍ୟାସିକଙ୍କର ଧର୍ମ । କେବଳ ସେତିକି ନୁହେଁ ଉପନ୍ୟାସରେ ଚରିତ୍ରର ପରିସର ଯେତେ ବେଶୀ ହେବ ଔପନ୍ୟାସିକଙ୍କର କୃତିତ୍ୱ ସେତେ ଅଧିକ ବୋଲି ବିବେଚିତ ହେବ ।

ବିଭିନ୍ନ ଚରିତ୍ରଚିତ୍ରଣରେ ଦକ୍ଷତା ଔପନ୍ୟାସିକଙ୍କ ଶ୍ରେଷ୍ଠତାର କଷଟି ପଥର, କେବଳ ମାତ୍ର ଚିନ୍ତାଶୀଳ ଚରିତ୍ର ବା ହାସ୍ୟରସାତ୍ମକ ଚରିତ୍ର ଚିତ୍ରଣରେ ନିପୁଣତା ହାସଲ କଲେ ଔପନ୍ୟାସିକଙ୍କର ଏକ-ଦେଶଦର୍ଶିତା ପ୍ରକାଶ ପାଇବ । ବିଭିନ୍ନ ଧରଣର ଯେତେ ବେଶୀ ଚରିତ୍ର ସୃଷ୍ଟି କରିବା ସମ୍ଭବ, ତାହା କରିବା ତାଙ୍କ ପକ୍ଷରେ ଶ୍ରେୟସ୍କର ।

ଉପନ୍ୟାସର 'ପ୍ଲଟ୍' ଏବଂ ଚରିତ୍ର ଅଙ୍ଗାଙ୍ଗୀଭାବେ ଜଡ଼ିତ । ବାସ୍ତବିକ ଚରିତ୍ରର ବିକାଶ ଅନୁସାରେ 'ପ୍ଲଟ୍'ର ବିକାଶ ହୁଏ । ଔପନ୍ୟାସିକ ଯେତେ ଦକ୍ଷ ହୁଅନ୍ତି 'ପ୍ଲଟ୍' ଓ ଚରିତ୍ରର ପାରସ୍ପରିକ ସମ୍ପର୍କରେ ସେତେ ବେଶୀ ସମତା ରହେ । ପ୍ରତ୍ୟେକ ବିଖ୍ୟାତ ଔପନ୍ୟାସିକ ତାଙ୍କର ଚରିତ୍ର ଚିତ୍ରଣ ପାଇଁହିଁ ଅମରତ୍ୱ ଲାଭ କରିଛନ୍ତି ।

ନାୟକ ଉପନ୍ୟାସର ସର୍ବପ୍ରଧାନ ଚରିତ୍ର । ଉପନ୍ୟାସର କଥାବସ୍ତୁ ନାୟକର ଉତ୍‌ଥାନ ପତନର କାହାଣୀକୁ ବର୍ଣ୍ଣନ ଓ ବିଶ୍ଳେଷଣ କରିବା ପାଇଁହିଁ ମୁଖ୍ୟତଃ ଉଦ୍ଦିଷ୍ଟ । ନାୟକକୁ କେନ୍ଦ୍ର କରି ତାର ଚାରିପାଖରେ ଅନ୍ୟାନ୍ୟ ପାର୍ଶ୍ୱଚରିତ୍ରକୁ ଖଞ୍ଜି ଦେଇ ଉପନ୍ୟାସର ପୃଷ୍ଠା ଭରି ଉଠେ । ନାଟକରେ ଯେପରି ଆରମ୍ଭ, ଆରୋହ, ଚରମସୀମା, ଅବରୋହ ଏବଂ ସମାପ୍ତି ନାୟକଠାରେ କେନ୍ଦ୍ରୀଭୂତ, ଉପନ୍ୟାସର ଗତି ସେହିପରି ଭାବରେ ନାୟକ ପାଖରେ

କେନ୍ଦ୍ରୀଭୂତ । ନାୟକର ବିଭିନ୍ନ ଗୁଣ ବା ଗୋଟିଏ ମାତ୍ର ଗୁଣର ବିଭିନ୍ନ ଦିଗକୁ ପରିସ୍ଫୁଟ କରିବା ଏ ସମସ୍ତଙ୍କର ଲକ୍ଷ୍ୟ । ତେଣୁ ଉପନ୍ୟାସର ସମସ୍ତ ମୁଖ୍ୟ ଘଟଣାରେ ନାୟକର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଅବଶ୍ୟ ଯେଉଁ ଉପନ୍ୟାସର କଥାବସ୍ତୁ ସନ୍ନିବଦ୍ଧ (Organic) ନୁହେ ସେଠାରେ କେତେକ ଘଟଣା ଓ ମୁଖ୍ୟ ଚରିତ୍ର ଦେଖାଯାଏ କିନ୍ତୁ ଏପରି ଉପନ୍ୟାସରେ ମଧ୍ୟ ନାୟକ ଅପ୍ରତିଦ୍ୱନ୍ଦ୍ୱୀ । ସାଧାରଣତଃ କହିବାକୁ ଗଲେ ଶିଳ୍ପଦୃଷ୍ଟିରୁ ନାୟକର କ୍ରମ-ବିକାଶ ପାଇଁ ଔପନ୍ୟାସିକଙ୍କର ସମସ୍ତ ଚେଷ୍ଟା ପରିଲକ୍ଷିତ ହୁଏ ।

ଆବେଗ ଦୃଷ୍ଟିରୁ ମଧ୍ୟ ନାୟକ ଉପନ୍ୟାସରେ ସର୍ବପ୍ରଧାନ ସ୍ଥାନ ଅଧିକାର କରେ । ନାୟକର ସୁଖଦୁଃଖରେ ପାଠକ ଅଭିଭୂତ ହୋଇ ପଡ଼େ । ନାୟକର ହସରେ ପାଠକ ମୁହଁରେ ଖେଳିଯାଏ ହସର ଝଲକ ଏବଂ ନାୟକର ଦୁଃଖରେ ପାଠକର ଆଖି ସଜଳ ହୋଇ ଉଠେ । ଅନେକ ସମୟରେ ନାୟକ ସହିତ ପାଠକ ନିଜକୁ ବିଜଡ଼ିତ କରି ତାର ବିପଦରେ ସହାନୁଭୂତି ପ୍ରକାଶ କରେ । କଥାବସ୍ତୁର ବିକାଶ ସଙ୍ଗେ ସଙ୍ଗେ ଘଟଣାପ୍ରବାହ ମଧ୍ୟରେ ଯେତେବେଳେ ନାୟକକୁ ଔପନ୍ୟାସିକ ବିଭିନ୍ନ ଭାବରେ ଦେଖାନ୍ତି ସେତେବେଳେ ନାୟକର ଅବସ୍ଥା ଅନୁସାରେହିଁ ପାଠକ ଆବେଗ ପ୍ରକାଶ କରେ ।

ସମସ୍ତ ସମୟରେ ଉପନ୍ୟାସର ନାୟକ ଏକ ଆଦର୍ଶ ପୁରୁଷ ରୂପେ ବର୍ଣ୍ଣିତ ହୁଅନ୍ତି । ବିଭିନ୍ନ ସଦ୍‌ଗୁଣର ସମାବେଶରେ ନାୟକର ଚରିତ୍ର ପରିପୁଷ୍ଟ ହୁଏ । ପରୋପକାରିତା, ବୀରତ୍ୱ, ଅସୀମ ସାହସ, ଧୈର୍ଯ୍ୟ, ସ୍ୱାର୍ଥତ୍ୟାଗ, ଦୁଷ୍ଟ ଦଳନ ପ୍ରଭୃତି ଗୁଣଗୁଡ଼ିକର ଆଧାରସ୍ୱରୂପ ନାୟକ ପ୍ରତିଭାତ ହୁଅନ୍ତି । ଅତୀତ କାଳର ନାଟକ ଏବଂ ଉପନ୍ୟାସରେ

ଏହି ଉନ୍ମୁଖତା ସୁସ୍ପଷ୍ଟ । ନାୟକର ଆଦର୍ଶରେ ଅନୁପ୍ରାଣିତ ହୋଇ ପାଠକ ନିଜର ଜୀବନକୁ କିପରି ଗଢ଼ିନେଇ ପାରିବ ସେହି ଉଦ୍ଦେଶ୍ୟରେହିଁ ପାଠକକୁ ପ୍ରଭାବିତ କରିବା ପରି ନାୟକର ଚରିତ୍ର ବର୍ଣ୍ଣିତ ହେଉଥିଲା । ଏହି କାରଣରୁ ଅଧିକତର ନାୟକ ଉଚ୍ଚ ବଂଶଜ ଥିଲେ ଏବଂ ନାୟକର ଜୀବନରୁ କେବଳ କେତେଗୁଡ଼ିଏ ଉଲ୍ଲେଖଯୋଗ୍ୟ ଘଟଣା ଉପନ୍ୟାସରେ ସ୍ଥାନ ପାଉଥିଲା । କିନ୍ତୁ ଯୁଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଉପନ୍ୟାସର ଧାରାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି ତା ଫଳରେ ଆଧୁନିକ ନାୟକ ସମାଜର ଜୀବନ୍ତ ଚରିତ୍ରର ଏକ ଜ୍ୱଳନ୍ତ ଉଦାହରଣ । ବର୍ତ୍ତମାନ ସଂସାର ଓ ସମାଜକୁ ବାସ୍ତବ ଦୃଷ୍ଟିକୋଣରୁ ଯଥାଯଥ ଭାବରେ ବର୍ଣ୍ଣନ କରିବା ପାଇଁ ଔପନ୍ୟାସିକ ପୂର୍ଣ୍ଣଭାବରେ ସଚେତନ, ତେଣୁ କେବଳ ଏକ ମାତ୍ର-ବନ୍ଧ, ସୁଶୃଙ୍ଖଳ ସମାଜର ଆଦର୍ଶ ପୁରୁଷ ପରିବର୍ତ୍ତେ ରକ୍ତମାଂସରେ ଗଢ଼ା ଲୋକର ଜୀବନର ପ୍ରତିଫଳନ ନାୟକଠାରେ ଦେଖାଯାଏ । ବର୍ତ୍ତମାନ ଯୁଗରେ ମନସ୍ତତ୍ତ୍ୱର ପ୍ରଗତି ଫଳରେ ନାୟକଠାରେ ଆଲୋକ ଓ ଛାୟାର ଖେଳ ଦେଖିବାକୁ ମିଳେ । ଏକ ସର୍ବଗୁଣସମ୍ପନ୍ନ ଅଲୌକିକ ଚରିତ୍ର ପରିବର୍ତ୍ତେ ଭଲ ଓ ମନ୍ଦର ସମ୍ମିଶ୍ରଣ ଆଧୁନିକ ନାୟକର ଚରିତ୍ରରେ ଦେଖା-ଯାଏ । କେବଳ ମାତ୍ର ସେତିକି ନୁହେ, ନାୟକର ଶରୀର ଅପେକ୍ଷା ମନ ଉପନ୍ୟାସରେ ଅଧିକ ଗୁରୁତ୍ୱ ପାଉଛି । ନାୟକର ରୂପ ଅପେକ୍ଷା ମନର ଅସଂଖ୍ୟ ଭାବନା ଏବଂ ହୃଦୟର ଭାବରାଜିର ବିଶ୍ଳେଷଣରେହିଁ ଆଧୁନିକ ପାଠକ ଆନନ୍ଦ ଲାଭ କରେ ।

ଯୌବନ ଲୋପ ପାଇ ଯାଇଛି । ବାର୍ଦ୍ଧକ୍ୟ ଧୀରେ ଧୀରେ ଦେହ ଉପରେ ତାର ପ୍ରଭାବ ବିସ୍ତାର କରିଆସୁଛି । କିନ୍ତୁ ସେଥିପ୍ରତି

ଭଲେମାନ ଧ୍ୟାନ ନାହିଁ । ତେଲ ଚିକଟା ମଠା ଲୁଗାଟିଏ ପିନ୍ଧି ଅଣ୍ଟାରେ ଗେରୁରଙ୍ଗ ଆ ଗାମୁଛାଟାଏ ଭିଡ଼ିଦେଇ, କାନ୍ଧରେ ତାଳପତ୍ର ଛତ ଟି ଧରି ସକାଳୁ ବାହାରି ପଡ଼ନ୍ତି ରାମଚନ୍ଦ୍ର ମଙ୍ଗରାଜ । ତାଙ୍କର ଏ ଅଭିଯାନର ଉଦ୍ଦେଶ୍ୟ ଗୃହଜମିର ତଦାରଖ । ଏ ବିଷୟରେ ତାଙ୍କର ନିୟମାନୁବର୍ତ୍ତିତା ବାସ୍ତବିକ ଅନୁକରଣୀୟ । ବ୍ରାହ୍ମମୁହୂର୍ତ୍ତରେ ବିଛଣାରୁ ଉଠି ପଡ଼ି ସେ ହଳିଆଙ୍କୁ ଡାକି ପକାନ୍ତି । କୌଣସି ଦିନ ଏହାର ବ୍ୟତି-କ୍ରମ ହୁଏ ନା । ସେ ପ୍ରକୃତରେ ଏତେ ସମୟାନୁବର୍ତ୍ତୀ ଯେ ତାଙ୍କୁ ଦେଖି ଗ୍ରାମବାସୀମାନେ ସମୟ ଜାଣି ପାରନ୍ତି । ଏମିତି ନିୟମ ମାନି ତଦାରଖ ନ କଲେ ତାଙ୍କର ଗୃହ ଜମିର ଅବସ୍ଥା କଣ ହେବ ? ସେ ଥିଲେ ଜଣେ ମଧ୍ୟବିତ୍ତ ମହାଜନ—ମଫସଲ ଗାଁର ଜମିଦାର । କିନ୍ତୁ ତାଙ୍କର ଖ୍ୟାତିର ମହିମା ଏପରି ଥିଲା ଯେ ସକାଳୁ ଦୁର୍ଭାଗ୍ୟ କ୍ରମେ କେହି ତାଙ୍କର ମୁହଁ ଦେଖିନେଲେ କହୁଥିଲା—"ଅଦ୍ୟ ପ୍ରାତରେବାନିଷ୍ଟ-ଦର୍ଶନଂ ଜାତଂ ନ ଜାନେ କିମନଭିମତଂ ଦର୍ଶୟିଷ୍ୟତି ।"

ଏହି ରାମଚନ୍ଦ୍ର ମଙ୍ଗରାଜହିଁ ଛମାଣ ଆଠଗୁଣ୍ଠର ନାୟକ । ସେ ଜନ୍ମ ହୋଇଥିଲେ ଅଭାବ ଓ ଦାରିଦ୍ର୍ୟ ମଧ୍ୟରେ । ସେହିପରି ଦାରିଦ୍ର୍ୟ ବାସ୍ତବିକ କଳ୍ପନା ମଧ୍ୟ କରି ହୁଏ ନା । ପଇସା ଅଭାବରୁ ବାପଙ୍କ ଶୁଦ୍ଧି-ଘର ହୋଇ ପାରି ନ ଥିଲା । ଘରଖଣ୍ଡି ଛପର କରିବାର କ୍ଷମତାବି ତାଙ୍କର ନ ଥିଲା । ଏହି ସର୍ବଗ୍ରାସୀ ଅଭାବର କଶାଘାତରେ ତାଙ୍କର ବାଲ୍ୟଜୀବନ ପିଷ୍ଟ ହୋଇ ଯାଇଥିଲା । ପିତୃମାତୃହୀନ ହୋଇ ଅସହାୟ ଭାବରେ ବାଲ୍ୟଜୀବନ କଟାଇ ଦେବା ଫଳରେ ଧନହିଁ ହୋଇ ଉଠିଲା ତାଙ୍କ ଜୀବନର ଧ୍ରୁବତାରା । ଜୀବନର ପ୍ରତି ପଦକ୍ଷେପରେ ସେ ଦେଖିଲେ ଧନର ସ୍ୱପ୍ନ । ପ୍ରଥମେ ଅବଶ୍ୟ ସ୍ୱାଭାବିକ ଭାବରେ

ଅର୍ଥ ଉପାର୍ଜନ କରିବା ପାଇଁ ସେ ଚେଷ୍ଟା କଲେ । କିନ୍ତୁ ଲାଞ୍ଛନା ଓ ନିର୍ଯ୍ୟାତନା ମଧ୍ୟରେ ସେ ହଜାଇ ଦେଲେ କୁପଥ ଓ ସୁପଥର ପ୍ରଭେଦ । ଯେନକେନ ପ୍ରକାରେଣ ଧନ ସଞ୍ଚୟ କରିବା ପାଇଁ ସେ ସ୍ଥିର କଲେ । ମନର ଗୋପନ-କନ୍ଦରରେ ଧନଲୋଭର ଯେଉଁ ନିଆଁ ଜଳି ଉଠିଲା ସେଥିରେ ଧୀରେ ତାଙ୍କର ସମସ୍ତ ଜୀବନଟାହିଁ ପୋଡ଼ି ଗଲା । ସେ ଭାବିନେଲେ ଯେ କେବଳ ଧନହିଁ ଜୀବନର ମାନଦଣ୍ଡ, ତେଣୁ ଧନପ୍ରାପ୍ତିର ପ୍ରତ୍ୟେକ ପନ୍ଥାହିଁ ମହତ୍ତ୍ୱ ବୋଲି ସେ ଦେଖିବାକୁ ପାଇଲେ । ଯେ କୌଣସି ଉପାୟରେ ଧନୀ ହେବା ତାଙ୍କ ଜୀବନର ବ୍ରତ ହୋଇ ଉଠିଲା । ବାଲ୍ୟାବସ୍ଥାର ଲାଞ୍ଛନା ତାଙ୍କ ମନରେ ଯେଉଁ ଅନବରତ ଦ୍ୱନ୍ଦ୍ୱ ଜାଗ୍ରତ କରିଥିଲା ଧନଲାଭ ପାଇଁ ଚେଷ୍ଟା ତାହାରି ଜ୍ଞାତସାର ରୂପାନ୍ତର । ଏଇଥି ପାଇଁ ଜୀବନର ଅନ୍ୟ କୌଣସି ଦିଗ ତାଙ୍କୁ ଆକୃଷ୍ଟ କରି ପାରିଲା ନାହିଁ । ସେ ଭଲ କରି ବୁଝିଥିଲେ ଟଙ୍କା ଏବ ମନୁଷ୍ୟାଣାଂ ଚତୁର୍ବର୍ଗ ଫଳପ୍ରଦା । ଦିବାରାତ୍ର ତାଙ୍କର ଟଙ୍କା ଥିଲା ଧ୍ୟାନ, ଟଙ୍କା ଥିଲା ଜ୍ଞାନ । " ତେଣୁ ତାଙ୍କର ଯେଉଁ କ୍ରମିକ ବିକାଶ ହେଲା ସେଥିରେ ସେ ହୋଇ ଉଠିଲେ ଲୋଭର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଟଙ୍କା ପାଇଁ ଯେକୌଣସି କାର୍ଯ୍ୟ କରିବାକୁ ତାଙ୍କର ବିବେକ ସମ୍ମତି ଦେଇ ଚାଲିଲା, ଏବଂ ଏଇଥି ପାଇଁହିଁ ସେ ସାରିଆର ମୃତ୍ୟୁର କାରଣ ହେଲେ । *

---

* "ରାମଚନ୍ଦ୍ର ମଙ୍ଗରାଜ ମହାଲୋଭୀ, ଅର୍ଥଗୃଧ୍ନୁ, କୃପଣ । ପରସ୍ୱତ୍ୱ ଅପହରଣ କରିବାରେ ତାଙ୍କର ଧର୍ମାଧର୍ମ ବା ନ୍ୟାଯ୍ୟାନ୍ୟାଯ୍ୟ ବିଚାର ନ ଥାଏ ।"—

*ଫକୀରମୋହନ ସମୀକ୍ଷା*—ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

ମଙ୍ଗରାଜ ଜମିଦାର ହେବାକୁ ଇଚ୍ଛା କଲେ । ଜମିଦାରୀ ପାଇବା ପାଇଁ ଜମିଦାରକୁ ସନ୍ତୁଷ୍ଟ କରିବାକୁ ହେବ—ମଙ୍ଗରାଜ ସେଥିରେ କୌଣସି ତ୍ରୁଟି କଲେ ନାହିଁ । ଥୋପ ପକାଇ ମାଛ ଧରିବା ପରି ସେ ଅର୍ଘ୍ୟ ଧରି ପହଞ୍ଚିଲେ ସେଖ୍ ଦିଲଦାର ମିଆଁଙ୍କ ପାଖରେ ଏବଂ ଅର୍ଘ୍ୟ-ଥାଳ ସଜାଇ ଦେଇ ମନେ ମନେ ଭାବିଲେ—"ଆ ବାପ ଚଢ଼େଇ ଆ, କାଣ୍ଡିଆ ପାଖକୁ ଆ ।" କିନ୍ତୁ ତୋଷାମୋଦ ତାଙ୍କର ଏକମାତ୍ର ପନ୍ଥା ନ ଥିଲା । ତାଙ୍କର ବିଚକ୍ଷଣ ବୁଦ୍ଧି ସବୁବେଳେ ତାଙ୍କର ପ୍ରଧାନ ସହାୟ ଥିଲା । ତାଙ୍କର ଧୂର୍ତ୍ତତା ପାଖରେ ସମସ୍ତେ ପରାଜୟ ସ୍ୱୀକାର କରୁଥିଲେ । ଜମିଦାରୀ ପାଇବା ପାଇଁ ତାଙ୍କଠାରେ ତୋଷାମୋଦ ସହିତ ଧୂର୍ତ୍ତତାର ଅପୂର୍ବ ସମନ୍ୱୟ ଘଟିଛି ।

ମହାଜନୀ କାରବାରରେ ତାଙ୍କର ଲୋଭର ଏକ ପ୍ରାଞ୍ଜଳ ଚିତ୍ର ଦେଖିବାକୁ ମିଳେ । ସେ ଥିଲେ ଜଣେ ପକ୍କା ମହାଜନ, ପ୍ରଜାଙ୍କୁ ଶୋଷଣ କରିବାରେ ତାଙ୍କର କେବେହେଲେ ଧୈର୍ଯ୍ୟଚ୍ୟୁତି ଘଟୁ ନ ଥିଲା । ପାଞ୍ଚ ଟଙ୍କା କରଜ ଦେଇ ଆଦାୟ କରୁଥିଲେ ସତର ଟଙ୍କା ପାଞ୍ଚ ଅଣା ଦୁଇ ପଇସା, ପ୍ରଜାକୁ ଗୁଡ଼ ମିଳିଲା ଦେଢ଼ ଗଣ୍ଡା । କେବଳ ସେତିକି ନୁହେଁ, ଭୁଲା ଗୋରୁଙ୍କୁ ବାନ୍ଧି ନିଜ ପାଖରେ ରଖି ପରେ ସେଗୁଡିକୁ ବିକି ଟଙ୍କା ପାଇବାରେ ମଧ୍ୟ ତାଙ୍କର ଆପତ୍ତି ନ ଥିଲା । ହାଟରେ ନିଜ ପରିବା ସବୁ ବିକି ହେବା ପୂର୍ବରୁ ସେ ଆଉ କାହାକୁ ପରିବା ବିକିବା ପାଇଁ ମଧ୍ୟ ଅନୁମତି ଦେଉ ନ ଥିଲେ । ଏକାଦଶୀ ବ୍ରତ ଉପଲକ୍ଷେ ବ୍ରାହ୍ମଣ ଭୋଜନର ଯେଉଁ ଚିତ୍ର ଫକୀର-ମୋହନ ଆଙ୍କିଛନ୍ତି ସେଥିରୁ ମଙ୍ଗରାଜଙ୍କ କୃପଣ ସ୍ୱଭାବର ଚରମ ନିଦର୍ଶନ ମିଳେ ।

ଫତେପୁର ସରଷଣ୍ଡ ଜମିଦାରୀ ହସ୍ତଗତ କରିବା ପାଇଁ ମଙ୍ଗରାଜ ଚମ୍ପାରାମପୁର ଯାଇଥିଲେ, ସେତେବେଳେ ଜମିଦାର ବଲୁମିଆଁ ପଚାରିଲେ—

"ତୁମ୍ଭର ନାମ କ'ଣ ?"
"ରାମଚନ୍ଦ୍ର ମଙ୍ଗରାଜ ।"
"କ୍ୟା ? ରାମଚନ୍ଦର ମାମଲାବାଜ୍"

ହାସ୍ୟରସିକ ଫକୀରମୋହନ ହାସ୍ୟରସ ମାଧ୍ୟମରେ ମାମଲାବାଜ ରୂପେ ମଙ୍ଗରାଜଙ୍କୁ ଯେପରି ବର୍ଣ୍ଣନା କରିଛନ୍ତି ତାହା ଅତି ଗୁରୁତ୍ୱପୂର୍ଣ୍ଣ । ସେ ପ୍ରକୃତରେ ଥିଲେ ଜଣେ ଚତୁର ମାମଲତକାର । ପରର ଧନ ସମ୍ପଦକୁ ଛଳନା ଓ କୌଶଳଦ୍ୱାରା ନିଜ ହାତକୁ ଆଣିବା ପାଇଁ ସେ ଯେଉଁ ପାରଦର୍ଶିତା ଦେଖାଇଛନ୍ତି ତାହା ପାଠକକୁ ଆଶ୍ଚର୍ଯ୍ୟାନ୍ୱିତ କରେ । ଫକୀରମୋହନ ତାଙ୍କର ନଥିର ବର୍ଣ୍ଣନ ସମୟରେ ମଧ୍ୟ ସୁନ୍ଦର ଭାବରେ ଏହାକୁ ଚିତ୍ରଣ କରିଛନ୍ତି— "ତାଙ୍କ ନଥିର ଗୋଟିଏ ଅଦାଲତର ବି: ଏଲ୍ ପାସିଆ ଓକିଲଙ୍କ ଘର, ବାଷଠି ଘର ଭଗ୍ନାଂଶର ସମଷ୍ଟିମାନ ।" ନିଜର ଅସାଧାରଣ ବୁଦ୍ଧି ଏବଂ କୂଟଜାଲ-ଦ୍ୱାରା ଯେ କୌଣସି ବ୍ୟକ୍ତିକୁ ଆୟତ୍ତ କରିବା ଥିଲା ତାଙ୍କର ଗର୍ବର ବିଷୟ ।

କିନ୍ତୁ ଚତୁର ହେଲେ ମଧ୍ୟ ମଙ୍ଗରାଜଙ୍କ ହୃଦୟ ଭିତରେ ଭରି ରହିଥିଲା ଭୀରୁତା । ଶାରୀରିକ ସଂଘର୍ଷର ସମ୍ମୁଖୀନ ହେବାକୁ ସେ ପ୍ରସ୍ତୁତ ନ ଥିଲେ । ଷଡ଼ଯନ୍ତ୍ର କରିବାର ଦକ୍ଷତା ଉପରେ ତାଙ୍କର ଯଥେଷ୍ଟ ବିଶ୍ୱାସ ଥିଲା, କିନ୍ତୁ ନିଜେ ଉପସ୍ଥିତ ରହି ଦଙ୍ଗାହଙ୍ଗାମା କରିବାକୁ ସେ

ବିଶେଷ ଭୟ କରୁଥିଲେ । ବାଘସିଂହ ବଂଶର ସର୍ବନାଶ କରିବାପାଇଁ ବୁଦ୍ଧିର ଆଶ୍ରୟ ନେବାକୁ ସେ ଆଗଭର ଥିଲେ ସତ, କିନ୍ତୁ ଏହି ସମ୍ପର୍କରେ ସେ କହିଛନ୍ତି "ସେହି ଠେଙ୍ଗାକୁ ମୋ'ର ଡ଼ର ।" 'ଠେଙ୍ଗା ସର୍ବାର୍ଥ ସାଧିକା' ନୀତି ଅନୁସରଣ କରିବାକୁ ତାଙ୍କର ସାହସ ହୋଇ ନାହିଁ ।

କେବଳ ସେତିକି ନୁହେଁ, ମଙ୍ଗରାଜଙ୍କର ନୈତିକ ସାହସ ମଧ୍ୟ ନ ଥିଲା । ବାହାରକୁ ଅତି କଠୋର ଦେଖା ଗଲେ ମଧ୍ୟ ତାଙ୍କର ହୃଦୟ ଥିଲା ଅତି ଦୁର୍ବଳ । ନିଜର ଏହି ଦୁର୍ବଳତା ସମ୍ପର୍କରେ ସେ ନିଜେ ମଧ୍ୟ ସଚେତନ ଥିଲେ । ଶଙ୍କାକୁଳ ଚିତ୍ତରେ ସେ ପ୍ରତି କ୍ଷେତ୍ରରେ ଅଗ୍ରସର ହେଉଥିଲେ । ବିପଦ ସମୟରେ ତାଙ୍କର ସାହସର ମୁଖା ଖସି ପଡ଼ୁଥିଲା ଏବଂ ତାଙ୍କର ଭୟଭୀତ ହୃଦୟ ସ୍ପଷ୍ଟ ଭାବରେ ଦେଖା ଯାଉଥିଲା । ଚମ୍ପା ନିକଟରେ ମଙ୍ଗରାଜଙ୍କ ଦୁର୍ବଳତା ବିଶେଷ ଉଲ୍ଲେଖଯୋଗ୍ୟ । ଚମ୍ପା ତାଙ୍କ ଘରେ ଦାସୀରୂପରେ ସ୍ଥାନ ପାଇଥିଲେ ମଧ୍ୟ ତା'ର କାର୍ଯ୍ୟକଳାପରୁ ସାଆନ୍ତାଣୀଙ୍କଠାରୁ ମଧ୍ୟ ତାର ଉଚ୍ଚ ଆସନ ପରିଲକ୍ଷିତ ହୁଏ । ଚମ୍ପା ପାଖରେ ମଙ୍ଗରାଜଙ୍କ ଅସ୍ତିତ୍ୱ ଲୋପ ପାଇଯାଏ । ଚମ୍ପାର କଥା ଅନୁସାରେ କାମ କରିବାକୁ ମଙ୍ଗରାଜ ଅଧିକାଂଶ ସମୟରେ ବାଧ୍ୟ ହୁଅନ୍ତି । କେବଳ ରାମ ଲାଲ୍ଙ୍କ ନିକଟରେ ମଧ୍ୟ ମଙ୍ଗରାଜଙ୍କ ଦୁର୍ବଳ ଚିତ୍ତର ପରିଚୟ ମିଳେ । ରାମ ଲାଲ୍ଙ୍କ ପାଖରେ ମଙ୍ଗରାଜ କାନ୍ଦିଛନ୍ତି ଏବଂ ନିଜକୁ ଉଦ୍ଧାର କରିବା ପାଇଁ ସକରୁଣ ନିବେଦନ କରିଛନ୍ତି । ଏଠାରେ ତାଙ୍କର କଠୋରତା ବା ଧୂର୍ତ୍ତତା ସମ୍ପୂର୍ଣ୍ଣ ଲୋପ ପାଇ ଯାଇଛି, ଅଛି କେବଳ ତାଙ୍କର ଦୁର୍ବଳତାର ଅକପଟ ପ୍ରକାଶ ।

ଅର୍ଥର ନିଶା ତାଙ୍କୁ ଏପରି ପ୍ରଭାବିତ କରି ରଖିଥିଲା ଯେ ସାଧାରଣ ଜୀବନର ସ୍ୱାଦୁ ମଧ୍ୟ ସେ ପାଇ ପାରିନାହାନ୍ତି । ଦାମ୍ପତ୍ୟ ଜୀବନର କୌଣସି ମୂଲ୍ୟ ତାଙ୍କ ପାଖରେ ନ ଥିଲା । ନିଜ ସ୍ତ୍ରୀ ଅପେକ୍ଷା ଚମ୍ପାର ମୂଲ୍ୟ ତାଙ୍କ ନିକଟରେ ଅଧିକ ଥିଲା । କାରଣ ଅର୍ଥାଗମର ଉପାୟ ଆବିଷ୍କାର ଓ କୌଶଳ ପ୍ରୟୋଗରେ ଚମ୍ପା ଥିଲା ତାଙ୍କର ଅସ୍ତ୍ର । ତାଙ୍କର ସ୍ତ୍ରୀ ଦୟାଶୀଳା ନାରୀ ଭାବରେ ଅର୍ଥ ନାଶ କରୁଥିଲେ । ମାତ୍ର କୁପଥରେ ଅର୍ଥାଗମର ଉପାୟ ସମ୍ପର୍କରେ ସେ ପରାମର୍ଶ ଦେଇ ପାରୁ ନ ଥିଲେ । ପିତା ଭାବରେ ମଧ୍ୟ ମଙ୍ଗରାଜ ଅଦ୍ଭୁତ ଧରଣର ଥିଲେ । ପୁଅମାନଙ୍କର ଯତ୍ନ ନେବା ପାଇଁ ତାଙ୍କର ସମୟ ନ ଥିଲା । ଫଳରେ ତାଙ୍କ ପୁଅମାନେ ନିଶାପାଣିରେ ଯେତେବେଳେ ପଇସା ଉଡ଼ାଇବାକୁ ଲାଗିଲେ ସେତେବେଳେ ମଙ୍ଗରାଜ ଆବିଷ୍କାର କଲେ ଏକ ନୂତନ ତଥ୍ୟ । ପୁଅମାନଙ୍କୁ ପାଞ୍ଚ ବର୍ଷଠାରୁ ଦଶ ବର୍ଷ ପର୍ଯ୍ୟନ୍ତ ତାଡ଼ନା କରିବ, ଷୋହଳ ବର୍ଷ ପରେ ତାଙ୍କ ସହିତ "ବଦ୍ ଅର୍ଥାତ୍ ଖରାପ ଆଚରଣ କରିବ ।"

ଏହିପରି ଏକ ନୀରସ ଓ ନିଷ୍ଠୁର ହୃଦୟର ବ୍ୟକ୍ତି ପାଖରୁ ଶାଳୀନତା କିମ୍ବା ଶୋଭନତା ଆଶା କରିବା ବୃଥା । ପଶୁତୁଲ୍ୟ ଜୀବନ ଯାପନରେହିଁ ତାଙ୍କର ଆନନ୍ଦ—ଅର୍ଥପ୍ରାପ୍ତି ପ୍ରବୃତ୍ତି ଚରିତାର୍ଥରେହିଁ ତାଙ୍କର ସ୍ୱର୍ଗସୁଖ । ତାଙ୍କର ଜୀବନ ଯେପରି ଶୁଷ୍କ ମରୁମୟ ଥିଲା, ମୃତ୍ୟୁ ମଧ୍ୟ ସେହିପରି ଘୃଣ୍ୟ ଏବଂ ଶୋଚନୀୟ ହୋଇ ଉଠିଲା ।

ମଙ୍ଗରାଜଙ୍କ ଚରିତ୍ରର ଏହି ବିଶ୍ଳେଷଣରୁ ଆପାତ ଦୃଷ୍ଟିରେ ଜଣାପଡ଼େ ଯେ ମଙ୍ଗରାଜ ଏକ ପ୍ରତିନିଧିସ୍ଥାନୀୟ ଚରିତ୍ର—ଅସଂଖ୍ୟ

ଅତ୍ୟାଗ୍ରହୀ ଜମିଦାରଙ୍କର ସେ ଏକ ପ୍ରତିନିଧି, ଅସଂଯତ ଲୋଭର ସେ ଏକ ପ୍ରତିମୂର୍ତ୍ତି । କିନ୍ତୁ ମଙ୍ଗରାଜଙ୍କର 'ସ୍କାଣ୍ଡୁ' ଚରିତ୍ର ଆଙ୍କିଥିଲେ ଫକୀରମୋହନଙ୍କର ପ୍ରତିଭାର ପରିଚୟ ଆମେ ପାଇ ନ ଥାଆନ୍ତୁ । ନିପୁଣ ଶିଳ୍ପୀ ପରି ମଙ୍ଗରାଜଙ୍କର ଏ ଯେଉଁ ମୂର୍ତ୍ତି ସେ ଗଢ଼ିଛନ୍ତି ସେଥିରେ ସେ ପ୍ରାଣ ସଞ୍ଚାର କରିଛନ୍ତି ତାଙ୍କର ହୃଦୟର କୋମଳତାର ଆଭାସ ଦେଇ । ରୁକ୍ଷ, କର୍କଶ ମଙ୍ଗରାଜଙ୍କ ହୃଦୟରେ କୋମଳତାର ଯେ ସ୍ପର୍ଶ ଅଛି ଏହା ହୁଏତ ପ୍ରଥମେ ବିଶ୍ୱାସ ଯୋଗ୍ୟ ନ ହୋଇ ପାରେ । ତଥାପି ମଙ୍ଗରାଜଙ୍କ ହୃଦୟରେ ଯେଉଁ ମାନବିକତା ଲୁକ୍କାୟିତ ଭାବରେ ରହିଛି ତାହାହିଁ ତାଙ୍କୁ ପାଠକ ନିକଟରେ ସମବେଦନାର ପାତ୍ର କରି ଥୋଇଛି । ତାଙ୍କର "ଜୀବନକ୍ଷେତ୍ରରେ ଦୁଇଗୋଟି ନଦୀ ପ୍ରବାହିତ ହେଉଥିଲା । ଗୋଟିଏ ଉତ୍ତାଳତରଙ୍ଗମୟୀ, ସର୍ପକୁମ୍ଭୀର-ସଙ୍କୁଳା, କୂଳପ୍ଲାବିନୀ ଚର୍ମଣ୍ୱତୀ, ଆଉ ଗୋଟିଏ ଅନ୍ତଃସ୍ରୋତା ପୂତସଲିଳା କୂଳପାବନୀ ଫଲଗୁ ।" ସମଗ୍ର ଉପନ୍ୟାସଟିରେ ପ୍ରଥମଟିର ଚିତ୍ର ଭରି ରହିଛି ସତ, ତଥାପି ଏହି ଦ୍ୱିତୀୟ ଉପାଦାନ ପାଇଁହିଁ ମଙ୍ଗରାଜ କେବଳ ଏକ ପ୍ରତିମୂର୍ତ୍ତି ନ ହୋଇ ବାସ୍ତବ ମଣିଷ ହୋଇ ପାରିଛନ୍ତି । ମଙ୍ଗରାଜ ହୁଏତ ଏକ ସାଧାରଣ ମଣିଷରୂପରେହିଁ ଜୀବନକୁ ଉପଭୋଗ କରି ପାରିଥାନ୍ତେ, କିନ୍ତୁ ସେ ଯେଉଁ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ନିଜକୁ ଗଢ଼ିବାକୁ ବାଧ୍ୟ ହେଲେ ତାହା ତାଙ୍କ ମଧ୍ୟରେ "ସ୍ୱର୍ଗୀୟ ବୃତ୍ତି"କୁ "ନାରକୀୟ ବୃତ୍ତି"ର ଅଧୀନରେ ରଖିଦେଲା । ଫଳରେ ଧୀରେ ଧୀରେ ମଙ୍ଗରାଜଙ୍କ ଜୀବନ ହୋଇ ଉଠିଲା ରୁକ୍ଷ, ଶୁଷ୍କ, କିନ୍ତୁ ତାଙ୍କ ହୃଦୟର ଏହି କୋମଳତା ଟିକକ ପୁରାପୁରି ବାଦ୍ ଦେଲେ ମଙ୍ଗରାଜ କେବଳ ଏକ ଘୃଣ୍ୟ, ଜଘନ୍ୟ ଜୀବରୂପେ ପାଠକ ସମ୍ମୁଖରେ

ଦେଖା ଯାଆନ୍ତେ, ଏଇ ପୂତ-ସଲିଳା ଫଲଗୁ ପାଇଁ ସେ ପାଠକର ସହାନୁଭୂତି ପାଇ ପାରିଛନ୍ତି । ମଙ୍ଗରାଜଙ୍କ ମୃତ୍ୟୁରେ ପାଠକ ଆନନ୍ଦ ପାଇ ପାରେ ନା, ସମବେଦନା ପ୍ରକାଶ କରେ—କାରଣ ମଙ୍ଗରାଜ ଯେତେବେଳେ ତାଙ୍କର ଭୁଲ ବୁଝି ପାରିଛନ୍ତି ଠିକ୍ ସେତିକବେଳେ ମୃତ୍ୟୁର କରାଳହସ୍ତ ତାଙ୍କୁ ଟାଣି ନେଇଛି ।

କଥାବସ୍ତୁର ବିକାଶ ଦୃଷ୍ଟିରୁ ମଙ୍ଗରାଜହିଁ ଏ ଉପନ୍ୟାସର କେନ୍ଦ୍ର ସ୍ଥଳରେ ରହିଛନ୍ତି । ତାଙ୍କର ଶେଷ ଜୀବନର କେତେକ ବର୍ଷର କାହାଣୀ ଛମାଣ ଆଠଗୁଣ୍ଠ, ଏବଂ ପ୍ରଧାନତଃ ତାଙ୍କର ଗୋଟିଏ ମାତ୍ର କାର୍ଯ୍ୟକୁ କେନ୍ଦ୍ର କରିହିଁ ଏହାର ଅଗ୍ରଗତି । 'ଛମାଣ ଆଠଗୁଣ୍ଠ' ଜମି ଖଣ୍ଡି ଗତାନୁଗତିକ ପନ୍ଥାରେ ନିଜସ୍ୱ କରି ନେବାପାଇଁ ପ୍ରସ୍ତୁତି, ଜମି ଅପହରଣ ଏବଂ ଏହାର ଫଳକୁ ବର୍ଣ୍ଣନା କରିବା ଉପନ୍ୟାସଟିର ଲକ୍ଷ୍ୟ । ଏହି ଉପନ୍ୟାସଟି ମଙ୍ଗରାଜଙ୍କ ଶେଷ ଜୀବନର କାହାଣୀ ହେଲେ ମଧ୍ୟ ତାଙ୍କ ଚରିତ୍ର ବିଶ୍ଳେଷଣ କରିବାକୁ ଯାଇ ଫକୀରମୋହନ ତାଙ୍କ ପୂର୍ବ ଜୀବନରହିଁ କେତେଗୁଡ଼ିଏ କଥା ଓ ଘଟଣାର ଉଲ୍ଲେଖ କରିଛନ୍ତି । ଗଠନ କୌଶଳ ଦୃଷ୍ଟିରୁ ମଙ୍ଗରାଜ ଉପନ୍ୟାସଟିର କେନ୍ଦ୍ର ଚରିତ୍ର । ଚରମସୀମା ପର୍ଯ୍ୟନ୍ତ ତାଙ୍କୁ ପ୍ରତିନିଧିସ୍ଥାନୀୟ ଚରିତ୍ରରୂପେ ବର୍ଣ୍ଣନା କରା-ଯାଇଛି ଏବଂ ତାଙ୍କ ଚରିତ୍ରରେ ଗୁରିତ୍ରିକ ଦ୍ୱନ୍ଦ୍ୱର ଅବତାରଣା ପ୍ରାପ୍ତ ନାହିଁ କହିଲେ ଚଳେ, କିନ୍ତୁ ଚରମସୀମା ପରେ ମଙ୍ଗରାଜଙ୍କ ଚରିତ୍ରରେ ଏକ ପରିବର୍ତ୍ତନ ଦେଖାଯାଏ । ଜୀବନ ସଂଗ୍ରାମରେ ପରାଜିତ ହୋଇ ନିତାନ୍ତ ଅସହାୟ ହତଭାଗ୍ୟ ମଣିଷରୂପେ ସେ ଦେଖାଦିଅନ୍ତି । ତେଣୁ ଉପନ୍ୟାସର ପ୍ରଥମାର୍ଦ୍ଧରେ ମଙ୍ଗରାଜ ପାଠକଙ୍କ ବିରାଗଭାଜନ ହେଲେମଧ୍ୟ ଶେଷାର୍ଦ୍ଧରେ ଦୟାର ପାତ୍ର ହୋଇଛନ୍ତି । ନାୟକ ପ୍ରତି

ଘୃଣାର ଉଦ୍ରେକ ଔପନ୍ୟାସିକ ପକ୍ଷରେ ସହାୟକ ନୁହେଁ । କିନ୍ତୁ ଫକୀରମୋହନଙ୍କ ଉଦ୍ଦେଶ୍ୟ ଥିଲା ସାମାଜିକ ଅନୀତି ଓ ଦୁର୍ନୀତିର ସମାଲୋଚନା । ତେଣୁ ଏପରି ଘୃଣାର ଉଦ୍ରେକ ହେବା ସ୍ୱାଭାବିକ । କିନ୍ତୁ ଶେଷାର୍ଦ୍ଧରେ ତାଙ୍କର କରୁଣ ପରିସ୍ଥିତି ଦେଖାଇ ଫକୀରମୋହନ ପାଠକଙ୍କ ମନରେ ଆବଶ୍ୟକୀୟ ସହାନୁଭୂତି ସଞ୍ଚାର କରି ପାରିଛନ୍ତି ।

ମଙ୍ଗରାଜଙ୍କ ଚରିତ୍ର ବିଶେଷତଃ ବିଷାଦମୟ । ଏକ ସର୍ବଗୁଣ-ସମନ୍ୱିତ ପୁରୁଷରୂପେ ଗଢ଼ି ଉଠିବା ପାଇଁ ତାଙ୍କର ଆବଶ୍ୟକୀୟ ବ୍ୟକ୍ତିତ୍ୱର ଅଭାବ ଥିଲା । ଅବଶ୍ୟ ତାଙ୍କର ପାରିପାର୍ଶ୍ୱିକ ଅବସ୍ଥା ଏଥି-ପାଇଁ ଦାୟୀ । ଉକ୍ତ ଅବସ୍ଥା ତାଙ୍କର କ୍ଷୁଦ୍ରତ୍ୱବୋଧର ମଧ୍ୟ କାରଣ । କ୍ଷୁଦ୍ରତ୍ୱବୋଧହିଁ ତାଙ୍କ ଚରିତ୍ରର ଏକ ଅବିଭକ୍ତ ଅଂଶ-ରୂପେ ପରିଗଣିତ ହୋଇଥିଲା । ଏବଂ ତାଙ୍କ ଜୀବନଦର୍ଶନକୁ ପ୍ରଭାବିତ କରିଥିଲା । ଏହି ଅଭାବ ପୂରଣ ପାଇଁ ସେ ଜୀବନସାରାରେ ଏକ ଉଦ୍ୟମ କରୁଥିଲେ । ଏହି ଉଦ୍ୟମ ତାଙ୍କ ଚରିତ୍ରରେ ଏକ ଅଭାବ ରଖି ଦେଇଥିଲା, ଯେଉଁଥିପାଇଁ ସେ ଦୁଃଖଭୋଗ କରିଛନ୍ତି । ଏବଂ ଶେଷରେ ମୃତ୍ୟୁ ମଧ୍ୟ ବରଣ କରିଛନ୍ତି । ତାଙ୍କର ମାନସିକ ତଥା ଆଧ୍ୟାତ୍ମିକ ଦୁର୍ବଳତା ତାଙ୍କୁ ଏକ ବିଷାଦମୟ ଚରିତ୍ରରୂପେ ରୂପ ଦେଇଥିଲା । ବାହ୍ୟ ପ୍ରଭାବ ସ୍ୱାଭାବିକ ପରିଣତିକୁ ଦ୍ରୁତତର କରି ଦେଇଥିଲା ।

ମୃତ୍ୟୁ ସମୟରେ ତାଙ୍କ ମନରେ ଯେଉଁ ମାନସିକ ଦ୍ୱନ୍ଦ୍ୱ ଜାତ ହୋଇଛି ତାହା ତାଙ୍କର ଅବଶ୍ୟମ୍ଭାବୀ ପତନର ସୂଚନା ଦିଏ । ଭଗିଆକୁ ଠକି ସେ ଯେଉଁ ଜମି ନେଇ ଯାଇଥିଲେ ସେଥିପାଇଁ ସେ ବିଚାରର ସମ୍ମୁଖୀନ ହୋଇଥିଲେ । କେତେକ ଅବସ୍ଥା ତାଙ୍କର ମୃତ୍ୟୁର

କାରଣ ପାଇଁ ଦାୟୀ ହୋଇଥିଲା । ଏହା ଘଟି ନ ଥିଲେ ମଧ୍ୟ ତାଙ୍କ ଚରିତ୍ରରେ ଯେଉଁ ମୌଳିକ ଦୁର୍ବଳତା ଥିଲା ଶେଷ ଅବସ୍ଥାରେ ତାହା ତାଙ୍କର ଧ୍ୱଂସର ପଥ ପରିଷ୍କାର କରି ଦେଇଥାନ୍ତା । ଆଉ ମଧ୍ୟ ସେ ଏତେ ଦୁର୍ବଳ ଥିଲେ ଯେ ପ୍ରତିକୂଳ ଅବସ୍ଥାର ଆବିର୍ଭାବ ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣରୂପେ ଭାଙ୍ଗି ପଡ଼ିଥିଲେ । କିନ୍ତୁ ଏହି ରାମଚନ୍ଦ୍ର ମଙ୍ଗରାଜ ଶୈଶବାବସ୍ଥାରେ ଅକଥନୀୟ ଦୁଃଖ ସହ୍ୟ କରିଛନ୍ତି । ବର୍ଷ ବର୍ଷ ଧରି ଅନ୍ୟାୟ କରିବା ସଙ୍ଗେ ସଙ୍ଗେ ସେ ପରିବର୍ତ୍ତିତ ଅବସ୍ଥାର ସମ୍ମୁଖୀନ ହୋଇ ପାରିଲେ ନାହିଁ । ତାଙ୍କ ହୃଦୟରେ ଯେଉଁ ମାନବିକତାର ଉତ୍ସ ଥିଲା ତାହା ତାଙ୍କୁ ମନୁଷ୍ୟରେ ପରିଣତ କରିଥିଲା । କିନ୍ତୁ ଏହା ତାଙ୍କୁ ଗୌରବ ବା ମହତ୍ତ୍ୱ କରି ପାରି ନ ଥିଲା । ବାସ୍ତବିକ ସେ ଏକ ହତଭାଗ୍ୟ ଜୀବନ ଅତିବାହିତ କରିଥିଲେ ଏବଂ ଶୋଚନୀୟ ପରିଣତିର ସମ୍ମୁଖୀନ ହୋଇଥିଲେ ।

'*ମାମୁଁ*'ର 'ପ୍ଲଟ୍' *ଛମାଣ ଆଠଗୁଣ୍ଠ* 'ପ୍ଲଟ୍'ର ଏକ ପରିବର୍ଦ୍ଧିତ ଏବଂ ପରିମାର୍ଜିତ ସଂସ୍କରଣ ବୋଲି କଥାବସ୍ତୁ ପ୍ରସଙ୍ଗରେ ଆଲୋଚନା କରାଯାଇଛି *ମାମୁଁ*ରେ । *ଛମାଣ ଆଠଗୁଣ୍ଠ*ରେ ଯେଉଁ 'ପ୍ଲଟ୍'ର କେବଳ ରୂପରେଖ ଦିଆଯାଇଛି ସେହି 'ପ୍ଲଟ୍'କୁ ବିସ୍ତୃତ ଭାବରେ ଉପସ୍ଥାପିତ କରାଯାଇଛି *ମାମୁଁ*ରେ । *ଛମାଣ ଆଠଗୁଣ୍ଠ* ମୁଖ୍ୟତଃ ଗ୍ରାମକୁ କେନ୍ଦ୍ର କରି ଗଢ଼ି ଉଠିଛି, କିନ୍ତୁ ସହର ହେଉଛି *ମାମୁଁ*ର ପୃଷ୍ଠଭୂମି ତେଣୁ *ମାମୁଁ*ର ନାୟକ ନାଜର ନଟବର ଦାସ ଗ୍ରାମ୍ୟ ମଙ୍ଗରାଜଙ୍କର ଏକ ସହରୀ ରୂପାନ୍ତର । ମଙ୍ଗରାଜ ଥିଲେ ମଧ୍ୟବିତ୍ତ ଜମିଦାର, କିନ୍ତୁ ନଟବର ଦାସ ନୂତନ ଶିକ୍ଷିତ ସମ୍ପ୍ରଦାୟର ସୃଷ୍ଟି । ଇଂରାଜୀ

ସଭ୍ୟତାର ପ୍ରଭାବ ଫଳରେ ଯେଉଁ ନୂତନ ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀର ଅଭ୍ୟୁତ୍‌ଥାନ ଘଟିଛି ନାଜର ନଟବର ଦାସ ତାହାର ଉଦାହରଣ ।

'ଆତ୍ମନା ଜାୟତେ ପୁତ୍ର' । ମଞ୍ଜିରୁ ଗଛ ହେଲାପରି ପୁତ୍ର ପିତାର କେତେକ ଗୁଣର ଅଧିକାରୀ ହେବା ନିତାନ୍ତ ସ୍ୱାଭାବିକ । କିନ୍ତୁ ନଟବରଙ୍କର ଜୀବନରେ ଏହାର ବ୍ୟତିକ୍ରମ ପାଠକର ବିଶେଷ ଦୃଷ୍ଟି ଆକର୍ଷଣ କରେ । ଦାଶରଥି ଏବଂ ନଟବରଙ୍କ ମଧ୍ୟରେ ସାମଞ୍ଜସ୍ୟ ପ୍ରାୟ ନ ଥିଲା କହିଲେ ଚଳେ । ଦାସେ ଅବଶ୍ୟ "ଠଙ୍କାଠାଏ କି ମଣାଠାଏ" ଏ ମତର ପକ୍ଷପାତୀ ଥିଲେ । ନିଜ ଖର୍ଚ୍ଚରୁ କାଟି ସଞ୍ଚୟ ପ୍ରତି ଦୃଷ୍ଟି ଦେଉଥିଲେ, କିନ୍ତୁ ତାଙ୍କର ଲୋଭ ସୀମିତ ଥିଲା । ଅପରର ସର୍ବସ୍ୱ ଲୁଣ୍ଠନ କରି ନିଜର ସମ୍ପତ୍ତି ବଢ଼ାଇବା ଦିଗରେ ସେ ଚେଷ୍ଟା କରି ନାହାନ୍ତି । ସେ ସବୁବେଳେ ଆତ୍ମ-କେନ୍ଦ୍ରିକ ମଧ୍ୟ ନ ଥିଲେ । କିନ୍ତୁ ନଟବର ପିତାଙ୍କର ଠିକ୍ ବିପରୀତ ଭାବରେହିଁ ବଢ଼ିବାକୁ ଲାଗିଲେ । ବିଲୁଆଆଖି ଦୁଇ ପଦରୁ କୁଣ୍ଢାଇହେବା ପରି ନଟବରଙ୍କ ସ୍ୱଭାବ ଓ ପ୍ରକୃତିର ସ୍ୱରୂପ ଖୁବ୍ ଅଳ୍ପ ସମୟ ମଧ୍ୟରେହିଁ ପ୍ରକଟିତ ହେବାକୁ ଲାଗିଲା । ଛାତ୍ରାବସ୍ଥାରୁହିଁ ତାଙ୍କର ଧୂର୍ତ୍ତତା, ବିଳାସ ଏବଂ କୃପଣ ସ୍ୱଭାବର ପରିଚୟ ମିଳିଥିଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ପିତା ଏବଂ ପୁତ୍ରଙ୍କ ମଧ୍ୟରେ ପ୍ରଭେଦ ବଢ଼ିବାକୁ ଲାଗିଲା, ପରିଶେଷରେ ନଟବର ପିତାଙ୍କର ଏକାନ୍ତ ଅବାଧ୍ୟ ହୋଇ ଉଠିଲେ । କଲେଷ୍ଟରୀ ମୁନସୀଖାନାର ଚୌକିନବିସ କାମ ଶିଖିବା ସମୟରେ ନଟବରଙ୍କ ସ୍ୱଭାବରେ କେତେକ ଦୋଷ ଦେଖି ଦାଶରଥି ଦାସେ ବିକଦାର ହୋଇ ଯେତେବେଳେ କିଛି ହେଲେ କୁହନ୍ତି ନଟବର ମୁହେଁ ମୁହେଁ ଚୋ ଚୋ ଜବାବ ଦେଇ ବସନ୍ତି କାମ ପାଇଁ ଭଲ ମନ୍ଦରେ କିଛି କଥା

କହିଲେ ମୁହଁ ମୋଡ଼ି ଦେଇ ଚାଲିଯାନ୍ତି । ଶେଷରେ ବାପା ଯାହା କହିବେ ଠିକ୍ ତାହାର ଓଲଟା କାମ କରିବାକୁ ନଟବର ସର୍ବଦା ପ୍ରସ୍ତୁତ ଥାଆନ୍ତି । ବାପା ଇଂରାଜୀ ପଢ଼ି ନାହାନ୍ତି ଅଥଚ ସେ ଏଣ୍ଟ୍ରାନ୍ସ ପାସ କରିଛନ୍ତି । ବାପାଙ୍କ କଥା ମାନିନେଲେ ତାଙ୍କର ବିଶେଷତ୍ୱ ପ୍ରକାଶିତ ହୁଅନ୍ତା କିପରି ?

ମା ଏବଂ ଧାଈମାଙ୍କ ପ୍ରତି ନଟବରଙ୍କ ବ୍ୟବହାର ମଧ୍ୟ ଠିକ୍ ସେହିପରି ଅବଜ୍ଞାସୂଚକ ଥିଲା । ମା ଚିରରୁଗ୍ଣା, ତଥାପି ନଟବରଙ୍କ ପ୍ରତି ତାଙ୍କର ଅଗାଧ ସ୍ନେହ । ଅଥଚ ନଟବର କେବେହେଲେ ସେ ସ୍ନେହ ସ୍ମରଣ କରି ନାହାନ୍ତି । ଅନ୍ୟପକ୍ଷରେ ନିଜର ସ୍ୱାର୍ଥସିଦ୍ଧି-ପାଇଁ ମାଆଙ୍କ ପ୍ରତି ଅଶ୍ରଦ୍ଧା, ଅବହେଳା ଦେଖାଇବାକୁ ସେ କୁଣ୍ଠିତ ହୋଇ ନାହାନ୍ତି । ଜୀବନର ସଞ୍ଚୟକୁ ଏକାଠି କରି ନଟବରଙ୍କ ମା କଟକର ଦରଘାବଜାରରେ ଯେଉଁ ଘର ଖଣ୍ଡିକ କିଣିଥିଲେ ତାହାରି ଭଡ଼ାରୁ ତାଙ୍କର ଅଫିମଖିଆ ଚଳି ଯାଉଥିଲା । କିନ୍ତୁ ବିନା ମେଘରେ ବଜ୍ର-ପାତ ପରି ହଠାତ୍ ମେନକା ଦେଈ ଶୁଣିଲେ ଯେ ନିରପୁର ପ୍ରଜା-ପାଠକ ମାଲି ମାମଲା ପାଇଁ କଟକକୁ ଆସି ରହିବା ସକାଶେ ନଟବର ଉକ୍ତ ବସା ଖଣ୍ଡିକ ନିଜ ହାତରେ ରଖିଲେ, ତେଣୁ ବୁଢ଼ୀ ଆଉ ଘର ଭଡ଼ା ପାଇଲେ ନାହିଁ । ମାଙ୍କୁ ସାହାଯ୍ୟ କରିବା ପରିବର୍ତ୍ତରେ କର୍କଶ ଭାଷାରେ ଗାଳି ଦେବାକୁ ମଧ୍ୟ ନଟବର କୁଣ୍ଠା ବୋଧ କରୁ ନ ଥିଲେ । ଧାଈମାଙ୍କ ପ୍ରତି ମଧ୍ୟ ନଟବରଙ୍କ ବ୍ୟବହାର ତଦ୍ରୂପ । କେତେ ଯତ୍ନରେ, କେତେ ପରିଶ୍ରମରେ ତାଙ୍କ ମଳ ମୂତ୍ର କାଢ଼ି ଯେଉଁ ଧାଈମା ତାଙ୍କୁ ବଢ଼ାଇ ଥିଲେ, ଟିକିଏ ମାତ୍ର ଜ୍ୱର ହେଲେ ଆହାର ନିଦ୍ରା ଛାଡ଼ି ରାତିଯାକ କୋଳରେ ଧରି ଯେ ବସି ରହୁଥିଲେ ତାଙ୍କୁ କର୍କଶ କଥା

କହିବାକୁ, ତାଙ୍କର ଉପଦେଶ ଅଗ୍ରାହ୍ୟ କରିବାକୁ କିମ୍ବା ତାଙ୍କୁ ନିତାନ୍ତ ପ୍ରତାରଣା କରିବାକୁ ନଟବର ପଶ୍ଚାତ୍‌ପଦ ହୋଇ ନାହାନ୍ତି ।

ନିଜ ବଡ଼ ଭାଇ ଓ ବଡ଼ ଭଉଣୀଙ୍କ ପ୍ରତି ମଧ୍ୟ ନଟବରଙ୍କର ବ୍ୟବହାର ବିଷମୟ । ରୋଜଗାରିଆ ଭାଇ ହିସାବରେ ଧନୀ ହେଲେ ନଟବର ବାନାମ୍ବରଙ୍କୁ ସାହାଯ୍ୟ କରି ନାହାନ୍ତି କିମ୍ବା ତାଙ୍କ ଦୁଃଖରେ ସହାନୁଭୂତି ଦେଖାଇ ନାହାନ୍ତି । ସ୍ୱଳ୍ପ ଜମି ଚାଷ କରି ବାନାମ୍ବର ତାଙ୍କର ପରିବାରର ଭରଣ ପୋଷଣ କରୁଥିଲେ । ଅଥଚ ନଟବର ଧନୀ ହେଲେ ତାଙ୍କୁ ପଚାରି ନାହାନ୍ତି । ଧାର୍ମିକା, ସରଳା, ପୁଣ୍ୟବତୀ ଗୃହମଣିଙ୍କର ସମସ୍ତ ସ୍ନେହ, ସମସ୍ତ ଭକ୍ତିକୁ ଆଢ଼େଇ ଦେଇ ତାଙ୍କର ଅନିଷ୍ଟ କରିବାକୁ ନଟବର ପରାଙ୍ମୁଖ ହୋଇ ନାହାନ୍ତି, ଖୁସି ମନରେ ନିତାନ୍ତ ପ୍ରତାରଣା ପୂର୍ବକ ତାଙ୍କର ସର୍ବସ୍ୱ ଅପହରଣ କରିଛନ୍ତି ।

ଦାମ୍ପତ୍ୟ ଜୀବନରେ ମଧ୍ୟ କଣ ନଟବର ସୁଖୀ ହୋଇ ପାରିଛନ୍ତି ? ଅର୍ଥର ଲୋଭରେ ମଙ୍ଗରାଜ ଯେପରି ସତୀ ସାଧ୍ୱୀ ପତ୍ନୀଙ୍କୁ ଅବହେଳା କରି ଦାମ୍ପତ୍ୟ ପ୍ରେମରୁ ଦୂରେଇ ଯାଇଥିଲେ ନଟବର ମଧ୍ୟ ସେହିପରି ଶୁଷ୍କ, ନୀରସ ଦାମ୍ପତ୍ୟ ଜୀବନ ଅତିବାହିତ କରିଛନ୍ତି । ବିଶାଖା ଦେଈ ଅଶିକ୍ଷିତା ବୁଦ୍ଧିହୀନା, ତାଙ୍କ ବାପା ଥିଲେ ପିଆଦା ଓ ବାପାଙ୍କ ମୃତ୍ୟୁ ପରେ ବିଧବା ମା "ଅଦ୍ୟାନ୍ନ-ବିବର୍ଜିତା,"—ତଥାପି ନଟବର ଦାସ ଜିଦ୍ ଧରି ବସିଲେ ତାଙ୍କୁହିଁ ବିଭା ହେବେ କାରଣ ଜ୍ୟୋତିଷେ ଟିପଣୀ ଭିତରେ କାଠି ବୁଝାଇ ଦେଇଥିଲେ ଯେ କନ୍ୟା ସୁଲକ୍ଷଣା ରାଜରାଣୀ ହେବେ । ନଟବର ସ୍ତ୍ରୀଙ୍କୁ ଭଲ ପାଉଥିଲେ, କାରଣ "ତାହାର ଚହରା ପଡ଼ିବା ମାତ୍ରକେ ଅର୍ଥାଗମ, ଉଚ୍ଚପଦ, ସୁଖ-

ସୌଭାଗ୍ୟ ଅବସ୍ଥାନ୍ତରରୂପେ" ଲାଭ କଲେ । ଅନ୍ୟପକ୍ଷରେ "ସୁଖ ସମ୍ଭୋଗରେ ନିତାନ୍ତ ଅପରିଚିତା ଭଗ୍ନକୁଟୀରବାସିନୀ" ବିଶାଖା ଦେଈ ଆଶାତୀତ "ସୌଭାଗ୍ୟ-ଆଧିପତ୍ୟ ଲାଭରେ ଆତ୍ମବିସ୍ମୃତା ହୋଇ" ନିଜକୁ ରାଣୀ ବୋଲି ଭାବି, ରାଣୀତ୍ୱ ଲାଭର ମୂଳକାରଣ ସ୍ୱାମୀଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ନାଜର ଦମ୍ପତିଙ୍କ ପ୍ରଣୟ ପ୍ରୟୋଜନାପେକ୍ଷିତ ଓ କୃତ୍ରିମ, ଏହାର ଅନ୍ତରାଳରେ କଦର୍ଯ୍ୟ ବୃତ୍ତିମାନ ପ୍ରଚ୍ଛନ୍ନ ଥିଲା । ତେଣୁ ଏହାକୁ ପ୍ରକୃତ ପବିତ୍ର ଦାମ୍ପତ୍ୟ ପ୍ରେମ କୁହାଯାଇ ନ ପାରେ । ଏହାଛଡ଼ା ମଙ୍ଗରାଜଙ୍କର ଚମ୍ପା ପରି ନାଜରଙ୍କର ଚନ୍ଦ୍ରକଳା ପ୍ରତି ଅନୁରାଗ ତାଙ୍କର ଦାମ୍ପତ୍ୟ ସୁଖରେ କଣ୍ଟକର ସ୍ଥାନ ଅଧିକାର କରିଥିଲା । ଚନ୍ଦ୍ରକଳା ତାଙ୍କ ଘରେ ଗୁରୁତ୍ୱପୂର୍ଣ୍ଣ ଆସନ ପାଇ ବିଶାଖା ଦେଈଙ୍କ ପ୍ରତିଯୋଗିନୀ ଭାବରେ ରହିଥିଲା ।

ରାମଚନ୍ଦ୍ର ମଙ୍ଗରାଜ ଅଶିକ୍ଷିତ ଥିଲେ । ତେଣୁ ତାଙ୍କର ଧୂର୍ତ୍ତତାର ରୂପ ନଟବରଙ୍କର ଧୂର୍ତ୍ତତା ତୁଳନାରେ ବିଶେଷ ଅନୁଭୂତ ହୁଏ ନାହିଁ । ଦି ପଦ ଇଂରାଜୀ ଶିଖିବା ଫଳରେ ନଟବରଙ୍କ ଜୀବନରେ ଲୋଭ ଓ ଧୂର୍ତ୍ତତାର ଏକ ଅପୂର୍ବ ସମନ୍ୱୟ ଘଟିଛି । ମଙ୍ଗରାଜଙ୍କ ପରି ନଟବରଙ୍କର ମଧ୍ୟ ଧନ ଥିଲା ଜ୍ଞାନ, ଧନ ଥିଲା ଜୀବନ । ତାଙ୍କର ବିଶ୍ୱାସ "ଅର୍ଥ ଉପାର୍ଜନହିଁ ମାନବ ଜୀବନର ଏକମାତ୍ର ଲକ୍ଷ୍ୟ । ଅର୍ଥଯୋଗେ ଜଗତର ସମସ୍ତ ପ୍ରୟୋଜନ ସାଧିତ ହୁଏ । ଅର୍ଥହିଁ ସୁଖ ଲାଭର ଏକମାତ୍ର ଉପାୟ । ଅର୍ଥ ନ ଥିଲେ ଜୀବନର କୌଣସି ମୂଲ୍ୟ ନାହିଁ, ତେଣୁ ଅର୍ଥ ଲାଭ ପାଇଁ ନିଜର ଜୀବନକୁ ଉତ୍ସୃଷ୍ଟ କରି ଧର୍ମାଧର୍ମ, ହିତାହିତ ଜ୍ଞାନଶୂନ୍ୟ ହୋଇ ନଟବର କପଟତା ଓ ଶଠତାର ଆଶ୍ରୟ ଗ୍ରହଣ କରିବାକୁ ତିଳେମାତ୍ର କୁଣ୍ଠିତ ହୋଇ ନାହାନ୍ତି । "ଅର୍ଥ ଜଳ ପରି

ବୃସ୍ତି ସ୍ୱଏନାହିଁ, ବୁଦ୍ଧିବଳରେ କୌଶଳ କରି ଅନ୍ୟଠାରୁ ଆଣିବାକୁ ହୁଏ। ଏପରି ବୋଲି ଯେ ଗୋଟାଏ ବାଛ ବିଚାର ସେଇଟା କେବଳ ଅଳପୁଆ ନବଘ ଆଜ୍ଞେ କଥା।" ତେଣୁ ଅର୍ଥ ଲାଭ ପାଇଁ ସ୍ନେହମୟୀ ଧାଇମାଙ୍କୁ ଭୁଲାଇବାକୁ କିମ୍ବା ପତିବିରହବିଧୁରା ଗୁନ୍ଦମଣିଙ୍କୁ ଠକାଇବାକୁ ନଟବର ଦ୍ୱିଧାବୋଧ କରି ନାହାନ୍ତି। ଉତ୍ତରରାୟଙ୍କ ମୃତ୍ୟୁ ପରେ ନଟବର ମେଞ୍ଚାଏର ଭାବରେ କାନ୍ଦିବାର ଅଭିନୟ କଲେ ଏବଂ କଲେକ୍ଟର ସାହେବ ମିଷ୍ଟର ଡାଉସନଙ୍କ ପାଖରେ ଦୁଃଖର ଯେଉଁ ଲୀଳା ଦେଖାଇ ଥିଲେ ସେଥିରୁ ତାଙ୍କର କପଟତା ଓ ନୀଚତାର ଜ୍ୱଳନ୍ତ ପ୍ରମାଣ ମିଳେ। ଧାଇମାଙ୍କୁ ଭୁଲାଇବା ପାଇଁ ଉତ୍ତରରାୟଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କ ସମ୍ପର୍କରେ ସେ ଯେପରି ଅଭିଯୋଗ କରିଛନ୍ତି ତାହା ମଧ୍ୟ ତାଙ୍କ ଖଳ ସ୍ୱଭାବର ଶ୍ରେଷ୍ଠ ନିଦର୍ଶନ। ନରପୁର କାମ ମିଳିବା ପାଇଁ ଚମ୍ପକଳାଠାରୁ ସେ ସହଯୋଗ ଗ୍ରହିଛନ୍ତି ଏବଂ ଚମ୍ପକଳାର ସାହାଯ୍ୟରେ ସେ ଧାଇମା ଓ ଗୁନ୍ଦମଣିଙ୍କୁ ଠକାଇ ପାରିଛନ୍ତି। ନିଜର ହୀନ ବୃତ୍ତି ସାଧନ ପାଇଁ ପଶୁ ପରି ନିଜର ଜୀବନକୁ ସେ କଟାଇ ଦେଇଛନ୍ତି। ମୂର୍ଖ ସାଧୁ ସାହୁ ମହାଜନର ଚରିତ୍ର ସହିତ ବୈପରୀତ୍ୟ ଦେଖାଇ ଫକୀରମୋହନ ନାଜରଙ୍କ ପଶୁତ୍ୱକୁ ଫୁଟାଇ ପାରିଛନ୍ତି। ନିଆଳା ଖୋଦାବକ୍ସର ସରଳତାର ସୁଯୋଗ ନେଇ ତାକୁ ଯେଉଁପରି ଭାବରେ ନଟବର ଠକଲେ, ତାହା ତାଙ୍କର ହୀନତାର ପରିଚାୟକ।

ମାମୁଁ-ଭଣଜା ସମ୍ପର୍କ ଏଇ ଧୂର୍ତ୍ତତା ଉପରେହିଁ ପ୍ରତିଷ୍ଠିତ। ଭଣଜା ବାଟିର ସର୍ବସ୍ୱ ଅପହରଣ କରି ତାଙ୍କ ତଣ୍ଟିରେ ଖୁରୁଦେବା ପାଇଁ କଂସ-ମାମୁଁ ନଟବର ଯେଉଁ ଅଭିନୟ କଲେ, ତାହାର କାହାଣୀହିଁ

ଫକୀରମୋହନଙ୍କ *ମାମୁ* । ତେଣୁ ଏହି ଉପନ୍ୟାସର 'ପ୍ଲଟ୍'ର ବିକାଶରେ ନଟବରଙ୍କ ଚେଷ୍ଟା ଏବଂ ଧୂର୍ତ୍ତତାର ଚିହ୍ନ ଭରି ରହିଛି ।

ନରିପୁର କଲ ପରିଚାଳନା ଭାର ନେଇ ନଟବର ଦାସ ଯେତେବେଳେ ଜମିଦାର ରୂପରେ କାର୍ଯ୍ୟ କରିଛନ୍ତି ସେତେବେଳେ ତାଙ୍କର ପ୍ରଜା-ଉତ୍ପୀଡ଼ନ ଚରମ-ସୀମାରେ ପହଞ୍ଚିଛି । ବିଶେଷତଃ ଉତ୍ତରରାୟଙ୍କ ପରେ ଜମିଦାରଙ୍କ ଅବ୍ୟବହିତ ପରେହିଁ ଜମିଦାରୀ ପରିଚାଳନାରେ ନଟବରଙ୍କ ଆବିର୍ଭାବ ହେତୁ ଏହି ଉତ୍ପୀଡ଼ନ ଉତ୍କଟ ଭାବରେ ଦେଖା ଯାଇଛି । ଗୋକୁଳ ପଟ୍ଟନାୟକଙ୍କ ବିନୋଦ ଆଲୋଚନା କଲେ ଆମେ ଦେଖୁ କିପରି ଭାବରେ ନଟବର ଦସ୍ତୁ ନୀତି ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ । ଦଙ୍ଗାଫସାଦ୍ ମାରପିଟ ହେଲେ ଉଭୟ ପକ୍ଷରୁ ନଟବରଙ୍କର ଆୟ ହେଉଥିଲା । ସେହିପରି ଭାବରେ ଭାଇ ଭାଗ ଓ ଅନ୍ୟାନ୍ୟ ଗଣ୍ଡଗୋଳରୁ ମଧ୍ୟ ନଟବରଙ୍କ ଆୟ ହେଉଥିଲା । ଅବାଧ ଲୁଣ୍ଠନ ପାଇଁ ପୁରୁଣା ପାଞ୍ଜିଆମାନଙ୍କୁ ତଡ଼ି ଦେଇ ସେ ନୂଆ ପାଞ୍ଜିଆଙ୍କୁ ରଖିଲେ ଏବଂ କର୍ମଚାରୀମାନଙ୍କୁ ପ୍ରଜାଉତ୍ପୀଡ଼ନ ପାଇଁ ସେ ନିଜେ ଉପଦେଶ ଦେଉଥିଲେ । ନରିପୁର କଲର ପରିଚାଳନା ଭାର ନିଜ ହାତକୁ ନେଇ କ୍ରମେ କ୍ରମେ କଲକୁ ଆତ୍ମସାତ୍ କରିବାର ତାଙ୍କର ଯେଉଁ ପ୍ରଚେଷ୍ଟା ତାହାହିଁ *ମାମୁ*ର ପ୍ରଧାନ ଘଟଣା ।

ନାଜର ନଟବର ଦାସଙ୍କୁ ଉପନ୍ୟାସରେ ମୁଖ୍ୟତଃ ଲୋଭ ଏବଂ ଧୂର୍ତ୍ତତାର ପ୍ରତିମୂର୍ତ୍ତି ରୂପରେ ଚିତ୍ରିତ କରାଯାଇଥିଲେ ମଧ୍ୟ ଏହା ତାଙ୍କର ସମ୍ପୂର୍ଣ୍ଣ ପରିଚୟ ନୁହେଁ । ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ତାଙ୍କ ଚରିତ୍ରକୁ ମଧ୍ୟ ଫକୀରମୋହନ ସହାନୁଭୂତି ସହକାରେ

ସମାପ୍ତି କରିଛନ୍ତି । କପଟତାର ଶେଷ ସୀମାରେ ପହଞ୍ଚି ଅର୍ଥ ଉପାର୍ଜନ ପାଇଁ ପଶୁତୁଲ୍ୟ ଜୀବନକୁ ନିଜର ଆଦର୍ଶ ରୂପେ ଗ୍ରହଣ କରିଥିଲେ ମଧ୍ୟ ନଟବର ପୂର୍ଣ୍ଣତଃ ପଶୁ ହୋଇ ପାରି ନାହାନ୍ତି । ଉପନ୍ୟାସର ଶେଷ ଭାଗରେ ତାଙ୍କ ଜୀବନର ପରିବର୍ତ୍ତନକୁ ଲକ୍ଷ୍ୟ କଲେ ନଟବର ଆମର ସହାନୁଭୂତିର ପାତ୍ର ହୁଅନ୍ତି । ଏହି ପ୍ରସଙ୍ଗରେ ଜେଲ ଖାନା ମଧ୍ୟରେ ତାଙ୍କର ଅନୁତାପ ଏବଂ କଟେଶ୍ୱରରେ ବିଶ୍ୱରର ଦୃଶ୍ୟ ବିଶେଷ ଦର୍ଶନ ଯୋଗ୍ୟ ।

ଅନୁତାପାନଳରେ ଦଗ୍ଧ ହେଉଥିବା ଅବସ୍ଥାରେ ଫକୀର-ମୋହନ ନଟବରଙ୍କୁ ଯେଉଁ ରୂପେ ଉପସ୍ଥାପିତ କରିଛନ୍ତି ସେଥିରେ ସେ ଦେଖାଇଛନ୍ତି ଯେ ନଟବର ପ୍ରକୃତରେ ହୀନ ବା ଅଧମ ନ ଥିଲେ କିନ୍ତୁ ଅବସ୍ଥା ତାଙ୍କୁ ହୀନତାର ଶେଷ ସୋପାନକୁ ଟାଣି ନେଇ ଥିଲା । ତାଙ୍କ ହୃଦୟରେ ଯଥେଷ୍ଟ ସଦ୍‌ଗୁଣ ପ୍ରଚ୍ଛନ୍ନ ଥିଲା, କିନ୍ତୁ କାମ, କ୍ରୋଧ ଏବଂ ଲୋଭ ତାଙ୍କ ସମ୍ମୁଖରେ ନରକର ଦ୍ୱାର ଉନ୍ମୁକ୍ତ କରି ଦେଇଥିଲା । ଯୌବନ, ଧନ, ସମ୍ପତ୍ତି, ପ୍ରଭୁତ୍ୱ ଏବଂ ଅବିବେକିତାର ଆକସ୍ମିକ ସମନ୍ୱୟ ଏବଂ ନିରଙ୍କୁଶ ଜୀବନଯାପନ ଫଳରେ ନଟବରଙ୍କର "ଦେବୋଚିତ ପବିତ୍ରତା" ବିକଶିତ ହୋଇ ପାରି ନ ଥିଲା । ଉଷ୍ମ ଷଣ୍ଠି ପିଠିରେ ପଥର ପଡ଼ିଯିବାରୁ ପାଣି ପବନ ସେଥିରେ ଲାଗି ପାରି ନ ଥିଲା । ଜେଲଖାନାରେ ନଟବର ଯେତେ-ବେଳେ ଅନୁତାପ କରିଛନ୍ତି ସେତେବେଳେ ସେ ତାଙ୍କର ଭୁଲକୁ [illegible] ପାରି ନାହିଁ । ତାଙ୍କର ଆନ୍ତରିକ ଅନୁତାପ ପ୍ରମାଣ [illegible] ସଦ୍‌ଗୁଣର ପରିଚାୟକ ।

ଏହି ମୌଳିକ ସଦ୍‌ଗୁଣ ଓ ତାଙ୍କର ହୀନ କାର୍ଯ୍ୟକଳାପ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଜାତ ହୋଇଛି ତାହାର ଫଳରେ ବିଗ୍ରହାଳୟରେ ସେ ପାଗଳ ହୋଇ ନାଚି ନାଚି ପ୍ରଳାପ କରିଛନ୍ତି । ପ୍ରଳାପ ସମୟରେ ତାଙ୍କର ରାଜା ହେବାର ଅପୂରଣୀୟ ବାସନା ମୂର୍ତ୍ତିତ ହୋଇଛି । ନିଜ ଭୁଲ ବୁଝି ନ ପାରି ଅନ୍ଧଭାବରେ ସେ ଯେତେ-ବେଳ ଯାଏ କାମ କରି ଯାଉଥିଲେ ସେତେବେଳ ଯାଏ ସେ ଭାବୁଥିଲେ ଅଦୂର ଭବିଷ୍ୟତରେ ସେ ରାଜା ହୋଇ ପାରିବେ । ଏହି ରାଜା ହେବାର ସ୍ୱପ୍ନ ଯେ ପର୍ଯ୍ୟନ୍ତ ତାଙ୍କ ମନରେ ରହିଛି ସେ ପର୍ଯ୍ୟନ୍ତ ସେ ଆତ୍ମସନ୍ତୋଷ ପାଇଛନ୍ତି । କିନ୍ତୁ ଏଇ ସ୍ୱପ୍ନ ବିଭୋର ମନରେ ଭଙ୍ଗୁରତା ଦେଖାଦେବା ସଙ୍ଗେ ସଙ୍ଗେ ଅତୀତର କାର୍ଯ୍ୟ-କଳାପ ପାଇଁ ଯେଉଁ ଗଭୀର ଅନୁଶୋଚନା ଆସିଛି ତାହାରି ପ୍ରଭାବ ଫଳରେ ତାଙ୍କର ମାନସିକ ବିପର୍ଯ୍ୟୟ ଘଟିଛି ।

ନଟବର ଦାସ ଏକ ବିପଥଗାମୀ ଚରିତ୍ର । ନଗପୁର କଲର ଅଧିପତି ହେବା କଳ୍ପନା କରି ସେ ନିଜ ପାଇଁ ଏକ ଜୀବନଦର୍ଶନ ଗଢ଼ି ନେଇଥିଲେ । ତାହାର ମୂଳରେ ଥିଲା ଅର୍ଥପ୍ରାପ୍ତିର ମୋହ । ଯେତେବେଳେ ସେ ବୁଝିଲେ ଯେ ତାଙ୍କର ଜୀବନ ଦର୍ଶନ ସୁସ୍ଥ-ଜୀବନର ପ୍ରତିକୂଳ ସେତେବେଳେ ତାଙ୍କର ସଚେତନ ଓ ଅବ-ଚେତନ ମନରେ ଦ୍ୱନ୍ଦ୍ୱ ପ୍ରତିଫଳିତ ହୋଇଅଛି । ପ୍ରଥମେ ଆସିଛି ଅନୁଶୋଚନା ଆତ୍ମଜ୍ଞାନର ଉଦ୍ରେକ । ନିଜର ଭ୍ରମ ସେ ଉପଲବ୍ଧି କରିପାରିଛନ୍ତି । ଏ ପର୍ଯ୍ୟନ୍ତ ସେ ଭ୍ରାନ୍ତ ଭାବରେ ଏକ ଘୃଣ୍ୟ ପଦାର୍ଥର ଅନୁଧାବନ କରୁଥିବା ବିଷୟରେ ମଧ୍ୟ ସଚେତନ ହୋଇ ଅଛନ୍ତି । ଏବଂ ତାଙ୍କର ଏହି ଅନୁଶୋଚନା ଏତେ ତୀବ୍ର ହୋଇଅଛି

ଯେ ଶେଷରେ ସେ ପାଗଳ ହୋଇଯାଇଛନ୍ତି । ତେଣୁ ପରିଶେଷରେ ନଟବରଙ୍କ ଜୀବନରେ ଏକ ବିଭେଦ ବ୍ୟକ୍ତିତ୍ୱର ଆଭାସ ମିଳେ, ତାହା ତାଙ୍କର ଅନ୍ତର୍ନିହିତ ଭାବ ଓ ସ୍ୱକୃତ ଦୋଷ ମଧ୍ୟରେ ଦ୍ୱନ୍ଦ୍ୱ ଉଦ୍‌ବୋଧକର କାରଣ । ଏହି ସମ୍ପର୍କରେ ମଙ୍ଗରାଜ ଓ ନଟବରଙ୍କ ମଧ୍ୟରେ ଚାରିତ୍ରିକ ବୈଶିଷ୍ଟ୍ୟ ଲକ୍ଷ୍ୟ କରିବାର ବିଷୟ । ମଙ୍ଗରାଜଙ୍କ ସମାପ୍ତି ଘଟିଛି ନିଷ୍ଠୁରତା ଓ କଠୋରତା ମଧ୍ୟରେ କିନ୍ତୁ ନଟବରଙ୍କ ଶେଷ ଜୀବନ ଚିତ୍ରଣରେ କୋମଳତାର ସ୍ପର୍ଶ ହେତୁ ତାଙ୍କ ଜୀବନରେ ମାନବିକତା-ଆଭାସର ଆରୋପ ଅନୁଭୂତ ହୁଏ । ଅଳ୍ପ ବସ୍ତୁତେ ମଙ୍ଗରାଜ ଏକ ଠଙ୍କାଡିଆର କଳ । ହଠାତ୍ ଏହି କଳର କାର୍ଯ୍ୟ ବନ୍ଦ ହୋଇଗଲା । ଯେତେବେଳେ ଏହା କାର୍ଯ୍ୟ କରୁଥିଲା ସେତେବେଳେ ଏହାର କାର୍ଯ୍ୟ ଥିଲା ଅତି ଭୀଷଣ । ଏବଂ ଏହାର ପରିଣତି ମଧ୍ୟ କିଛି କମ୍ ଭୀଷଣ ନ ଥିଲା କିନ୍ତୁ ନଟବରଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ । ସେ ଥିଲେ ଅତ୍ୟନ୍ତ ନୀଚ । ତାଙ୍କ ଜୀବନର ମୂଲ୍ୟ କ୍ରମେ ହ୍ରାସ ହୋଇ ପଡ଼ିଲା । ଏହି ଅବସ୍ଥାରେ ନାୟକ ଭାବରେ ପାଠକ ମନରେ ଅଶ୍ରୁ ମାତ୍ର ସମବେଦନା ଲାଭ ତାଙ୍କ ପକ୍ଷରେ ଅସମ୍ଭବ । ଔପନ୍ୟାସିକ ଫକୀରମୋହନଙ୍କ ପକ୍ଷରେ ଏହା ବାସ୍ତବିକ ଏକ କଠିନ ସମସ୍ୟା । ପାଠକମାନଙ୍କର ସ୍ନେହ ଓ ସହାନୁଭୂତି ଲାଭ କରିବା ଉଦ୍ଦେଶ୍ୟରେ ନାୟକଙ୍କୁ ଭିନ୍ନଭାବରେ ଚିତ୍ରଣ କରିବା ଆବଶ୍ୟକ । ମଙ୍ଗରାଜଙ୍କୁ ଦୁଃଖ ଓ ଯନ୍ତ୍ରଣାରେ (ସନ୍ତ୍ରିନ) ପକାଇ ଫକୀରମୋହନ ସେହି ଉଦ୍ଦେଶ୍ୟ ସାଧନରେ ସମର୍ଥ ହୋଇ ପାରିଛନ୍ତି । କିନ୍ତୁ ନଟବରଙ୍କ କ୍ଷେତ୍ରରେ ସେ ସମ୍ପୂର୍ଣ୍ଣ ଭିନ୍ନ ପନ୍ଥା ଅବଲମ୍ବନ କରିଛନ୍ତି । ସେ ତାଙ୍କ ମଧ୍ୟରେ ମାନବିକତାର ସଞ୍ଚାର କରାଇଛନ୍ତି ଓ ତାଙ୍କ ପାଇଁ ପାଠକର ସ୍ନେହ ଓ ସହାନୁ-

ଭୂତକୁ ଗଚ୍ଛିତ କରି ରଖିଛନ୍ତି । ନଟବର ଅନୁଶୋଚନା ଓ ଅନୁତାପ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତିତ ମାନବରୂପେ ପାଠକ ସମ୍ମୁଖରେ ଅବତୀର୍ଣ୍ଣ ହୁଅନ୍ତି । ତାଙ୍କର ପୂର୍ବ ଆତ୍ମାଭିମାନ, ସ୍ୱାର୍ଥପରତା ଓ ଶଠତାର ଅବସାନ ଘଟିଛି ଏବଂ ଆଶ୍ଚର୍ଯ୍ୟ ଭାବରେ ତାଙ୍କର ପଶୁତ୍ୱ ମଧ୍ୟ ଦୂରୀଭୂତ ହୋଇଅଛି । ମାନବର ସମସ୍ତ ମହିମାସହିତ ସେ ନିର୍ଦ୍ଦୋଷମାନବ ରୂପେ ପ୍ରତିଭାତ ହୁଅନ୍ତି । ତେଣୁ ଆମ୍ଭେମାନେ ଅନୁଭବ କରୁ ଯେ ସେ ଆମ୍ଭମାନଙ୍କ ମଧ୍ୟରୁ ଜଣେ । ତାଙ୍କ ପାଇଁ ଆମର ସହାନୁଭୂତି ସ୍ୱତଃ ଜାଗ୍ରତ ହୁଏ । ସେ ବହୁ ଦୁଃଖଦୈନ୍ୟ ମଧ୍ୟଦେଇ ଗତି କରିଛନ୍ତି । ଏହି ମାନବିକତା-ହେତୁ ଫକୀରମୋହନ ତାଙ୍କର ପୂର୍ବ ନାୟକ ଅପେକ୍ଷା ଏହି ନାୟକଙ୍କୁ ଅଧିକ ଶକ୍ତିଶାଳୀ କରିଅଛନ୍ତି । ବାସ୍ତବିକ ଚରିତ୍ର-ଚିତ୍ରଣରେ ତାଙ୍କର ଏହି ବିଶେଷତ୍ୱ ବିଶେଷ ପ୍ରଣିଧାନର ଯୋଗ୍ୟ ।

ପ୍ରାୟଶ୍ଚିତ୍ତର ନାୟକ ଗୋବିନ୍ଦଚନ୍ଦ୍ର ରାମଚନ୍ଦ୍ର ମଙ୍ଗରାଜ ବା ମାଜିର ନଟବର ଦାସଙ୍କ ପରି ଦାରିଦ୍ର୍ୟର କଶାଘାତ ସହ୍ୟ କରି ଜୀବନ ଆରମ୍ଭ କରି ନାହାନ୍ତି । ବିଖ୍ୟାତ ଜମିଦାର ସାମନ୍ତ ବୈଷ୍ଣବଚରଣ ପଟ୍ଟନାୟକ ବିଦ୍ୟାଧର ମହାପାତ୍ରଙ୍କ ଏକମାତ୍ର ବଂଶଧରରୂପେ ବଂଶଗତ ଆଭିଜାତ୍ୟ ମଧ୍ୟରେ ତାଙ୍କର ବାଲ୍ୟାବସ୍ଥା କଟିଛି । କୁଳଦେବତା ଗୋବିନ୍ଦଚନ୍ଦ୍ର ଜିଉଙ୍କୁ ବହୁ ଉପାସନା କରି, ନାନା ବାରବ୍ରତ ପାଳନ-ପୂର୍ବକ ସେହି ଦେବତାଙ୍କ ପାଖରେ ଧାରଣା ଦେଇ ସାନ୍ତାଣୀ ଯେଉଁ ପୁତ୍ର ରତ୍ନଟି ପାଇଲେ ସେ ଦେଖିବାକୁ ଯେମିତି ଗୋଟିଏ ଗୁଉଳରେ ଗଢ଼ା, ସୁନ୍ଦର—ରାଜପୁତ୍ର ବୋଲି କିଏ ନ ବୋଲିବ ? ଯଥା ରୂପ ତଥା ବୁଦ୍ଧି । ପ୍ରଜାପାଟକ ମଧ୍ୟରେ ଡ଼ାକ ନାମ କୁଅଁର ବାବୁ,

ଜମିଦାର ସାଆନ୍ତଙ୍କ ନୟନର ପିତୁଳାରୂପେ ଗୋବିନ୍ଦଚନ୍ଦ୍ର ଦୁଃଖ କଅଣ ଜାଣି ନ ଥିଲେ । ସେ ଥିଲେ ଜମିଦାରଙ୍କର ଏକମାତ୍ର ବଂଶଧର, ହୃଦୟର ସର୍ବସ୍ୱ— ଶ୍ରୀକରଣ କୁଳର ଚନ୍ଦ୍ରମା । ବାପାଙ୍କର ଆଦରଯତ୍ନ ଓ ମାଙ୍କର ସ୍ନେହସରାଗ ମଧ୍ୟରେ ସେ ସୁଖସ୍ୱପ୍ନରେ ଥିଲେ ଭାସମାନ ।

ବୈଷ୍ଣବ ଚରଣ ଧନୀ, ମାତ୍ର ଧର୍ମପରାୟଣ । ସେ ନିଜକୁ କୁଳ-ଦେବତାଙ୍କ ନିକଟରେ ସମର୍ପଣ କରି ଦେଇଥାନ୍ତି । ମାତା ମଧ୍ୟ ସେହିପରି ଧର୍ମପରାୟଣା ଓ ସେବା-ମନୋଭାବସମ୍ପନ୍ନା । ପିତା-ମାତାଙ୍କର ସଦ୍‌ଗୁଣର ପ୍ରଭାବ ଗୋବିନ୍ଦଚନ୍ଦ୍ରଙ୍କ ପ୍ରଥମ ଜୀବନରେ ପୂର୍ଣ୍ଣରୂପେ ପ୍ରତିଫଳିତ । ଏକ ଅବରୁଦ୍ଧ ପରିବେଷ୍ଟନୀ ମଧ୍ୟରେ ପାଳିତ ଗୋବିନ୍ଦଚନ୍ଦ୍ର ତାଙ୍କର ସରଳତା ଓ ନିର୍ଦ୍ଦୋଷିତାର ପୃଷ୍ଠଭୂମି ଉପରେ ଏ ପୃଥିବୀକୁ ସ୍ୱର୍ଗ ବୋଲି ମନେ କରୁଥିଲେ । ଏହାର ଅନ୍ଧକାରମୟ ପିଚ୍ଛିଳ ପଥ ସମ୍ପର୍କରେ ତାଙ୍କର ବିନ୍ଦୁବିସର୍ଗ ଜ୍ଞାନ ନ ଥିଲା । ସେ ସମସ୍ତଙ୍କୁ ବିଶ୍ୱାସ କରୁଥିଲେ ତେଣୁ କାହା ପ୍ରତି ତାଙ୍କର ସନ୍ଦେହ ନ ଥିଲା । ସେଥିପାଇଁ ସେ ଯେତେବେଳେ କଟକରେ ପ୍ରଥମେ ସ୍କୁଲରେ ଓ ପରେ କଲେଜରେ ପଢ଼ିବାକୁ ଲାଗିଲେ ସେତେବେଳେ ସଦାନନ୍ଦ ଓ ରାଜୀବଲୋଚନ ଧୀରେ ଧୀରେ ତାଙ୍କର ସରଳତାର ସୁଯୋଗ ନେଇ ତାଙ୍କୁ ବିପଥଗାମୀ କରାଇ ପାରିଛନ୍ତି । ପିଲାଦିନରୁ ଗୋବିନ୍ଦଚନ୍ଦ୍ର ସଦାନନ୍ଦଙ୍କୁ ନିଜ ଭାଇ ରୂପେ ଭାବି ଆସିଛନ୍ତି । କଟକ ଆସିଲାବେଳେ ମା ମଧ୍ୟ ସଦାନନ୍ଦଙ୍କ କଥା ଅନୁସାରେ ଚାଲିବା ପାଇଁ ଉପଦେଶ ଦେଇଛନ୍ତି । ସଦାନନ୍ଦଙ୍କ ଉପରେ ତାଙ୍କର ଅତୁଟ ବିଶ୍ୱାସ, ଅତିରିକ୍ତ ସ୍ନେହଶ୍ରଦ୍ଧା ଫଳରେହିଁ ତାଙ୍କର ଦୁର୍ଗତିର

ପଥ ଅପୂମାରମ୍ଭ । ସାଂସାରିକ ଖୁଣ୍ଟିନାଟି ବିଷୟରେ ଉତ୍ତମ ଜ୍ଞାନ ତାଙ୍କୁ ଜୀବନ ଯାତ୍ରାପଥରେ ବହୁ ପରିମାଣରେ ସାହାଯ୍ୟ କରି ପାରିଥାନ୍ତା । ଅନ୍ତତଃ ସଇତାର ଉପସ୍ଥିତିର ସୁଯୋଗଦ୍ୱାରା ସେ ଉପକୃତ ହୋଇ ପାରିଥାନ୍ତେ । ମଙ୍ଗରାଜ ବା ନଟବର ସହଜରେ ସଦାନନ୍ଦ ବା ରାଜୀବଲୋଚନଙ୍କ ସ୍ୱରୂପ ସମ୍ପର୍କରେ ସଚେତନ ହୋଇ ପାରିଥାନ୍ତେ କିନ୍ତୁ ଗୋବିନ୍ଦଚନ୍ଦ୍ର ଏତେ ସରଳ ଥିଲେ ଯେ ତାହା ତାଙ୍କ ପକ୍ଷରେ ଜାଣିବା ଅସମ୍ଭବ ହୋଇଥିଲା ।

କଲେଜରେ ପଢ଼ିଲାବେଳେ ସେ ସଂସ୍କାର-ନିଶାରେ ବୁଡ଼ି ରହିଛନ୍ତି । ମାତୃଭାଷାର ସେବା ଓ ସମାଜର କଳଙ୍କ ଦୂର କରିବା-ପାଇଁ ତାଙ୍କ ମନରେ ଯେଉଁ ଆଗ୍ରହ ତାହା ତାଙ୍କ ଯୁବକସୁଲଭ ଉତ୍ତେଜନାର ଏକ ଚିହ୍ନ । ସମାଜ ସଂସ୍କାର ବିଷୟରେ ଅର୍ଜିତ ପରମ୍ପରାର ସୁଯୋଗ ନ ଥିବାରୁ ସେ କେବଳ ସଂସ୍କାରର ରୋମାଣ୍ଟିକ ଭାବଧାରାଦ୍ୱାରା ଆକୃଷ୍ଟ ହୋଇଥିଲେ । ସମସ୍ୟା ସମାଧାନ ବିଷୟରେ ବିଶେଷ ତୀକ୍ଷ୍ଣ ଦୃଷ୍ଟି, ଉଦାର ଦୃଷ୍ଟିକୋଣ, ଯୁକ୍ତିସମ୍ମତ ଯୋଜନା ଯେଉଁ ଗୁଣଗୁଡ଼ିକ କି ଜଣେ ସମାଜସଂସ୍କାରକଙ୍କର ଏକାନ୍ତ ଆବଶ୍ୟକ ତାହା ତାଙ୍କର ନ ଥିଲା । କେବଳ କଠିନ କାର୍ଯ୍ୟ କରିବାର ବଳବତୀ ଇଚ୍ଛା, କୌଣସି ନୂତନତାକୁ ଓ ରୋମାଣ୍ଟିକ ଭାବକୁ ଅଭିବାଦନ କରିବାର ଉତ୍ସାହ ତାଙ୍କର ଥିଲା । ଏଥିରେ କାରଣ ଅପେକ୍ଷା ଭାବପ୍ରବଣତାର ଆଧିକ୍ୟ ଜଣାଯାଏ । ତେଣୁ ସମାଜସଂସ୍କାର କାର୍ଯ୍ୟରେ ଗୋବିନ୍ଦଚନ୍ଦ୍ର ନେତୃତ୍ୱ ଦେବା ଦୂରେ ଥାଉ, ସଫଳ ମଧ୍ୟ ହୋଇପାରି ନାହାନ୍ତି ।

ସମାଜ ସଂସ୍କାର ସମ୍ପର୍କରେ ତାଙ୍କର ମତବାଦକୁ ସେ ନିଜ ଜୀବନରେହିଁ ପ୍ରୟୋଗ କରିଅଛନ୍ତି । କିନ୍ତୁ ଏଠାରେ ମଧ୍ୟ ସେ ଜୀବନକୁ ଏକ ମହତ୍ ଲକ୍ଷ୍ୟ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ନାହାନ୍ତି, କେବଳ ଯୁବଜନସୁଲଭ ଉତ୍ତେଜନାରେ ଭାସି ଯାଇ ଏହା ସେ କରିବାକୁ ଯାଇଛନ୍ତି । କୌଣସି ଏକ ମହତ୍ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବାର ଏହା ଉଦାହରଣ ନୁହେ । ଯୁବକସୁଲଭ ଉନ୍ମାଦନାରେହିଁ ସେ ଇନ୍ଦୁମତୀଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି । ଭୋଜି ସଭାରେ ଜୀବନସଙ୍ଗିନୀଙ୍କୁ ମନୋନୟନ କରିବା ସମ୍ପର୍କରେ ସେ ଅନେକ କିଛି ଶୁଣିଛନ୍ତି ସତ, କିନ୍ତୁ ସେ ବାସ୍ତବକ୍ଷେତ୍ରରେ ଜୀବନସଙ୍ଗିନୀଙ୍କୁ ମନୋନୟନ କରିନାହାନ୍ତି । ଆଲୋଚନା ସଭାରେ କବିରୂପରେ ଯାହାର ଗୁଣଗାନ ସେ ଶୁଣିଛନ୍ତି ତାକୁ ନ ଦେଖି, ତା ବିଷୟରେ କିଛି ନ ଜାଣି, ତାର ଗୁଣ ସମ୍ପର୍କରେ କୌଣସି ଅନୁସନ୍ଧାନ ନ କରି, ସେ ତାକୁ ବିବାହ କରିବା ପାଇଁ ଠିକ୍ କରି ନେଇଛନ୍ତି । ନିଜେ ଇନ୍ଦୁମତୀଙ୍କ ବିଷୟରେ ଭାବି ଭାବି ତାଙ୍କୁ ଏକ କାଳ୍ପନିକ ଶ୍ରୀରେ ଅବଗୁଣ୍ଠିତ କରି ତାଙ୍କ ମୂର୍ତ୍ତିପୂଜାରେ ସେ ବିଶେଷ ବ୍ୟସ୍ତ ହୋଇ ପଡ଼ିଛନ୍ତି । ରାମଚନ୍ଦ୍ର, ନଗରାଜ ଓ ନଟବର ଦାସ ପରିପାଇଁ ଷଡ଼ଯନ୍ତ୍ର କରିଛନ୍ତି, କିନ୍ତୁ ଗୋବିନ୍ଦଚନ୍ଦ୍ର ଅନ୍ୟର ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି । ଆଲୋଚନା ସଭାରେ ଏହି ଷଡ଼ଯନ୍ତ୍ରର ପ୍ରଥମ ପ୍ରକାଶ, ଭୋଜିସଭାରେ ଏହାର ବିସ୍ତୃତିକରଣ ଏବଂ ପରେ ଗୋବିନ୍ଦଚନ୍ଦ୍ର ପୂର୍ଣ୍ଣଭାବରେ ଏହି ଜାଲରେ ଛନ୍ଦିପଡ଼ିବା ବ୍ୟକ୍ତ ହୁଏ ।

ସମାଜସଂସ୍କାରକରୂପେ ଗୋବିନ୍ଦଚନ୍ଦ୍ରଙ୍କର ଯେଉଁ ଯୌବନର ଉନ୍ମାଦନା ଦେଖାଦେଇଛି ପ୍ରେମିକ ଭାବରେ ମଧ୍ୟ ସେହି ଭାବ

ରହିଛି । ପିତାଙ୍କ ପରମ ଶତ୍ରୁ ସଙ୍କର୍ଷଣ ମହାନ୍ତିଙ୍କ କନ୍ୟା ଇନ୍ଦୁମତୀଙ୍କର କବିତ୍ୱ ପ୍ରତିଭାର ପ୍ରଥମ ସୂଚନା ପାଇବା ମାତ୍ରେହିଁ ତାଙ୍କର ମନରେ ଏକ ଗଭୀର ଓ ସୁସ୍ପଷ୍ଟ ଦାଗ ଅଙ୍କିତ ହୋଇଛି । "କେହି ସନ୍ଧାନୀ ଲୋକ ଭଲ କରି ଚାହିଁ ଦେଖିଥିଲେ ବୁଝି ପାରି-ଥାନ୍ତେ, ନିର୍ମଳ ଚନ୍ଦ୍ରମଣ୍ଡଳରେ ସହସା ନିପତିତ ଭାସମାନ ପାତଳ ମେଘଖଣ୍ଡ ପରି କୁଅଁର ବାବୁଙ୍କ ମୁଖରେ ଯେମନ୍ତ ଗୋଟାଏ ମଳିନତାର ଛାୟା ପଡ଼ିଗଲା ।" ରାଜୀବଲୋଚନ ଏ କଥା ଦେଖି ମନେ ମନେ ଖୁସି ହେଉଥାନ୍ତି । ଅବଶ୍ୟ ରାଜୀବଲୋଚନଙ୍କ ପରି ଆଲୋଚନା ସଭାର ଅନ୍ୟାନ୍ୟ ସଭ୍ୟମାନେ ମଧ୍ୟ ଇନ୍ଦୁମତୀର ଯୋଗ୍ୟତା ସମ୍ପର୍କରେ ଅନଭିଜ୍ଞ—ସେ ଯେ ପ୍ରକୃତରେ କବିତା ଲେଖି ପାରନ୍ତି କି ନାହିଁ ତା ମଧ୍ୟ ସମସ୍ତଙ୍କୁ ଅଗୋଚର—"ହେଲେ ସେମାନେ ଏତେଦୂର ଭକ୍ତିମାନ୍ ହୋଇ ପଡ଼ିଥିଲେ ଯେ, ସ୍ୱୟଂ ବାଗ୍‌ଦେବୀଙ୍କର ପ୍ରଧାନ ସହଚରୀ ଇନ୍ଦୁମତୀ ସହିତ ଘଟଣା ସ୍ଥଳରେ ଉପସ୍ଥିତ ହେଲେ କାହାକୁ ଅଗ୍ରେ ଆସନ ପ୍ରଦତ୍ତ ହେବ, ଏ ବିଷୟ ନେଇ ମତାନ୍ତର ଘଟିବାର ସେମାନଙ୍କ ମଧ୍ୟରେ ନିତାନ୍ତ ସମ୍ଭାବନା ନ ଥିଲା ।" ଏହା ପରେ ପରେ ଗୋବିନ୍ଦଚନ୍ଦ୍ର ଭାବାବେଶରେ ଉଦାସୀନ ହୋଇପଡ଼ିଛନ୍ତି । ପଢ଼ାରେ ମନ ନାହିଁ—ସଞ୍ଜହେଲେ ଏକୁଟିଆ ନିର୍ଜ୍ଜନ-ଳରେ ବସି ଜହ୍ନକୁ ଭକ-ଭକ କରି ଚାହିଁଥାଆନ୍ତି । ଖାଇବା ପିଇବାରେ ମଧ୍ୟ ଉଦାସୀନ । ଏସବୁ ଲକ୍ଷ୍ୟ କରି ସଇତା ବିଶେଷ ଚିନ୍ତିତ । ଗ୍ରୀଷ୍ମ ଛୁଟିରେ ସାଆନ୍ତାଣୀ ଦେଖିଲେ ଗୋବିନ୍ଦଚନ୍ଦ୍ରଙ୍କର ମୁହଁ କଳା ପଡ଼ି-ଯାଇଛି—ସେ ବ୍ୟାକୁଳଭାବରେ କହି ଉଠିଲେ—"ଏ କ'ଣ ରେ ଗୋବିନ୍ଦ ! ତୋର କ'ଣ ହୋଇଥିଲାରେ ଦେହକୁ ବାଧିଥିଲା କିରେ ?" ଆଉ କିଛି କହି ନ ପାରି ସେ ସକସକ କରି କାନ୍ଦି ଉଠିଲେ ।

ସଦାନନ୍ଦ ଯେତେ ଭୁଲାଇଲେ ମଧ୍ୟ ମାର ମନ ଭୁଲିଲା ନାହିଁ । ଗୋବିନ୍ଦଚନ୍ଦ୍ରଙ୍କ ବିବାହ ପାଇଁ ସେ ବ୍ୟସ୍ତ ହୋଇ ପଡ଼ିଲେ । ଯୌବନର ଉନ୍ମାଦନାରେ ଗୋବିନ୍ଦଚନ୍ଦ୍ରଙ୍କର ଦେହ ଓ ମନ ପୋଡ଼ି ଯାଇଛି—ତାଙ୍କ ଆଖି ଆଗରେ ମଧ୍ୟ ଗୋଟିଏ କଳାପରଦା ଘୋଟି ରହିଛି । ହିତାହିତ ଜ୍ଞାନଶୂନ୍ୟ ହୋଇ ସଦାନନ୍ଦ ଓ ରାଜୀବଲୋଚନଙ୍କ ଫାନ୍ଦରେ ସେ ଜାଣିଶୁଣି ଧରା ଦେଇଛନ୍ତି । ପିତାମାତାଙ୍କର ଅବାଧ୍ୟ ହୋଇଛନ୍ତି । ମୃତ୍ୟୁଶଯ୍ୟାରେ ମଧ୍ୟ ମାତାଙ୍କୁ ଦେଖିବା ପାଇଁ ସେ ଘରକୁ ଯାଇ ନାହାନ୍ତି । ଏହି ଉନ୍ମାଦନାର ବଶବର୍ତ୍ତୀ ହୋଇ ସେ ଯେଉଁ ଭୁଲ କରିଛନ୍ତି ତାହା ଶତ ଅନୁଶୋଚନା ବା ପ୍ରାୟଶ୍ଚିତ୍ତ—ଦ୍ୱାରା ଦୂର ହୋଇ ପାରେ ନାହିଁ । ସଂଯମର ଅଭାବ ତାଙ୍କର ବିପଦର କାରଣ ହୋଇଛି । ଇନ୍ଦୁମତୀଙ୍କ ପ୍ରତି ତାଙ୍କର ସାତିଶଯ୍ୟ ଅନୁରାଗ ଫଳରେ, ଭାବବିହ୍ୱଳ ହୋଇ ଦେଶକାଳ ପାତ୍ର ବିଚାର ନ କରି ନିହାତି ରୋମାଣ୍ଟିକଭାବରେ ନିର୍ଜନ ରାତିରେ ଆମ୍ବତୋଟା ଭିତର ଦେଇ ଇନ୍ଦୁମତୀଙ୍କ ଖିଡ଼କି ପାଖକୁ ସେ ଯାଇଛନ୍ତି । ଏହା ଫଳରେ କେବଳ ସେ ନିଜେ ଯେ ଗୁରୁତର ଭାବରେ ଆହତ ହୋଇ ହସ୍ପିଟାଲକୁ ଯାଇଛନ୍ତି ତାହା ନୁହେଁ, ପୁନଶ୍ଚ ଇନ୍ଦୁମତୀ ଆତ୍ମହତ୍ୟା କରିବାକୁ ପ୍ରକାରାନ୍ତରେ ବାଧ୍ୟ ହୋଇଛନ୍ତି । ମିଶନ ସ୍କୁଲରେ ପଢ଼ିବାବେଳେ ମାଷ୍ଟରଙ୍କ ମୁଖରୁ ଧର୍ମଶାସ୍ତ୍ର ବଚନ ଶୁଣିଥିଲେ—"ପୁରୁଷ ପିତାମାତାଙ୍କୁ ପରିତ୍ୟାଗକରି ଭାର୍ଯ୍ୟା ସହିତ ମିଳିତ ହେବେ ।" ଏବଂ ତାହାରି ଫଳରେ ଦୁଇଟି ପରିବାର ଲଣ୍ଡଭଣ୍ଡ ହୋଇଯାଇଛି ।

ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ସେ ଇନ୍ଦୁମତୀଙ୍କର ଆତ୍ମହତ୍ୟା ଏବଂ ମାତାଙ୍କର ମୃତ୍ୟୁ ସମ୍ବାଦ ପାଇଛନ୍ତି ଏବଂ ତାହା

ପରେ ତାଙ୍କର ଚରିତ୍ରରେ ବିରାଟ ପରିବର୍ତ୍ତନ ଘଟିଛି । ଶ୍ୱଶୁର ଗୃହକୁ ଯାଇ ନିଷ୍ଠୁର ମାଡ଼ ଖାଇବାପରେ ଚିନ୍ତାଶୂନ୍ୟ ରୋମାଣ୍ଟିକ ଯୁବକ ଗୋବିନ୍ଦଚନ୍ଦ୍ର ଜୀବନର ବାସ୍ତବ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ସଚେତନ ହୋଇଥିଲେ । ଯେ ସେ ସଂସାରକୁ ସଠିକ ଭାବରେ ଚିହ୍ନି ନାହାନ୍ତି ତାହା ଅବଧାରଣ କରିଥିଲେ ।

ଗୋବିନ୍ଦଚନ୍ଦ୍ର ଧୈର୍ଯ୍ୟଶୀଳ ନ ଥିଲେ । ସଂସାରର ବାସ୍ତବତା ଓ ତାହାର ଭଲମନ୍ଦ ସମ୍ପର୍କରେ ଜ୍ଞାନ ତାଙ୍କୁ ବୈରାଗ୍ୟବାଦୀ କରିଥିଲା । ଡାକ୍ତର ସୁକାନ୍ତ ବାବୁଙ୍କ ସହିତ ମୃତ୍ୟୁ ଓ ମୃତ୍ୟୁପରେ ଜୀବନ ସମ୍ପର୍କରେ ଦାର୍ଶନିକ ଆଲୋଚନାରେ ନିଯୁକ୍ତ ଥିବା ସମୟରେ ମାତାଙ୍କ ମୃତ୍ୟୁ ଓ ସ୍ତ୍ରୀଙ୍କ ଆତ୍ମହତ୍ୟା ସମ୍ପର୍କୀୟ ଦାରୁଣ ସମ୍ବାଦ ପାଇଥିଲେ । ଫଳରେ ସେ ପଳାୟନବାଦୀ ହୋଇ ପଡ଼ିଲେ । ସଂସାରକୁ ତାହାର ସମସ୍ତ ଦୁଃଖ ଦୈନ୍ୟ ସହିତ ଗ୍ରହଣ କରି ଯିବାର ଧୈର୍ଯ୍ୟ ତାଙ୍କର ନ ଥିଲା । ଦାରୁଣ ମନସ୍ତାପ ମଧ୍ୟରେ ସେ ସାଂସାରିକ ଜୀବନଯାପନରେ ଜଳାଞ୍ଜଳି ଦେଇ ବୃନ୍ଦାବନ ଯାତ୍ରା କରିଛନ୍ତି, ସେଠାରେ ଆକସ୍ମିକ ଭାବରେ ପିତା ଓ ଶ୍ୱଶୁରଙ୍କ ସହିତ ତାଙ୍କର ସାକ୍ଷାତ ହୋଇଛି । ଏହି ସାକ୍ଷାତହିଁ ତାଙ୍କ ଜୀବନର ଗତିରେ ପରିବର୍ତ୍ତନ ଆଣିଦେଇଛି । ସଂସାରଠାରୁ ଦୂରେଇ ନ ଯାଇ ସଂସାର ମଧ୍ୟରେ ରହି ଏକ ନିର୍ଲିପ୍ତ ଜୀବନଯାପନ କରିବାକୁ ସେ ଆଦେଶ ପାଇଛନ୍ତି । ଈଶ୍ୱର ତାଙ୍କୁ ବିଭବଶାଳୀ କରିଛନ୍ତି, ଏହି ବିଭବ-ଦ୍ୱାରା ସେ ପ୍ରଜାପୁଞ୍ଜର ମଙ୍ଗଳ ସାଧନା କରିବା ମଧ୍ୟ ବିଭୁଙ୍କର ଇଚ୍ଛା । ସେ ନିଜ ଜମିଦାରୀକୁ ଫେରି ଆସି ଏକ ଅନୁତପ୍ତ ଜୀବନଯାପନ କରିଛନ୍ତି । ଅଗ୍ନିରେ ଦାହ ହେବାପରେ ଯେପରି ସୁବର୍ଣ୍ଣର ଔଜ୍ଜ୍ୱଲ୍ୟ ପ୍ରକଟିତ ହୁଏ ସେହିପରି ଭାବରେ ପ୍ରାୟଶ୍ଚିତ୍ତ ପରେହିଁ ଗୋବିନ୍ଦଚନ୍ଦ୍ରଙ୍କ ମହତ୍ତ୍ୱ ଓ

ବୁଦ୍ଧିର ବିକାଶ ଘଟିଛି । ସେ ଭଲ ଓ ଭେଲକୁ ଚିହ୍ନି ପାରିଛନ୍ତି । ତାଙ୍କର ଆବାଲ୍ୟସଙ୍ଗୀ ସଦାନନ୍ଦ ଓ ଯୌବନର ସାଥୀ ରାଜୀବଲୋଚନଙ୍କ ସ୍ୱରୂପ ସେ ଅବଗତ ହୋଇଛନ୍ତି । ଶେଷ ଜୀବନରେ ତ୍ୟାଗ ଓ ସେବାର ଧର୍ମ ଗୋବିନ୍ଦଚନ୍ଦ୍ରଙ୍କୁ ଅଭିଭୂତ କରିଛି । ଶ୍ୱଶୁର ଓ ପିତାଙ୍କର ବିପୁଳ ସମ୍ପତ୍ତି ତାଙ୍କୁ ଭୋଗ ପାଇଁ ପ୍ରବର୍ତ୍ତାଇ ପାରିନାହିଁ ବରଂ ତ୍ୟାଗ ଧର୍ମରେ ଦୀକ୍ଷିତ କରିଛି । ସ୍ତ୍ରୀ ଓ ମାତାଙ୍କର ଦୁଇଟି ସମାଧି ମନ୍ଦିର ନିର୍ମାଣ କରି ଜମିଦାରୀ କାର୍ଯ୍ୟ ପରିଚାଳନା, ଗୀତାପାଠ ଓ ଦେବାର୍ଚ୍ଚନାରେ ଜୀବନର ଅବଶିଷ୍ଟ ସମୟ ସେ କଟାଇ ଦେଇଛନ୍ତି । ମଙ୍ଗରାଜଙ୍କୁ ମୃତ୍ୟୁର କରାଳ ହସ୍ତ ହଠାତ୍ ଟାଣି ନେଇଛି, ତେଣୁ ଏକ ସଂଯତ ଓ ସଂସ୍କାର ମୂଳକ ଜୀବନଯାପନ କରିବାର ଅବସର ସେ ପାଇ ନାହାନ୍ତି । ନଟବର ତାଙ୍କ ଜୀବନର ଭ୍ରମପ୍ରମାଦ ଅବଧାରଣ କରି ପାରିଛନ୍ତି, ସେ ଏକ ନିର୍ଲିପ୍ତ ଜୀବନଯାପନ କରି ପାରିଥାନ୍ତେ କିନ୍ତୁ ସେ ସେହି ସୁଯୋଗ ପାଇ ନାହାନ୍ତି । ଗୋବିନ୍ଦଚନ୍ଦ୍ର ଏହି ସୁଯୋଗ ପାଇଛନ୍ତି ଏବଂ ତାର ସଦ୍‌ବ୍ୟବହାର କରିଛନ୍ତି ।

ପ୍ରାରମ୍ଭରୁ ଗୋବିନ୍ଦଚନ୍ଦ୍ରଙ୍କ ଚରିତ୍ର ଏପରି ଚିତ୍ରିତ ହୋଇଅଛି ଯେ ବିଷାଦ-ଗ୍ରସ୍ତ ଅବସ୍ଥା ସହିତ ତାଙ୍କୁ ଖାପ ଖୁଆଇ ଦିଆଯାଇଛି । ସ୍ୱାଧୀନ ଚିନ୍ତା ବା ସ୍ୱତଃପ୍ରବୃତ୍ତହୋଇ କୌଣସି କାର୍ଯ୍ୟକରିବା ଯୁବକ ଗୋବିନ୍ଦଚନ୍ଦ୍ରଙ୍କ ପକ୍ଷରେ ସମ୍ଭବ ହୋଇ ନାହିଁ । ବାଲ୍ୟାବସ୍ଥାରେ ଅତ୍ୟଧିକ ସ୍ନେହ ସହାନୁଭୂତି ଓ ଯତ୍ନରେ ପାଳିତ ହୋଇଥିବାରୁ ସେ କେତେକ ପରିମାଣରେ ସାଂସାରିକ ସମସ୍ୟା ପ୍ରତି ସଚେତନ ନ ଥିଲେ । ଏହା ଯେ କେବଳ ତାଙ୍କର ବ୍ୟକ୍ତିଗତ ଶକ୍ତି ସାମର୍ଥ୍ୟ ଲୋପ କରି ଦେଇଥିଲା ତାହା ନୁହେଁ, ଜଣେ ପରିଚାଳକଙ୍କ ବିନାନେତୃତ୍ୱରେ ସେ

ଏ ସଂସାରରେ ପଦେ ମାତ୍ର ଅଗ୍ରସର ହୋଇ ପାରୁ ନ ଥିଲେ । ସ୍ୱସାଧାରଣ ଜ୍ଞାନକୁ ନିଜ ମସ୍ତିଷ୍କରେ ଅବରୁଦ୍ଧ ରଖି ସେ ସଦାନନ୍ଦ ଓ ରାଜୀବଲୋଚନଙ୍କ ପରାମର୍ଶକୁ ଆନାଇ ବସିଥିଲେ । ସେ ଦୁହେଁ ଅବସ୍ଥାର ଯଥେଷ୍ଟ ସୁଯୋଗ ନେଇ ଗୋବିନ୍ଦଚନ୍ଦ୍ରଙ୍କୁ ଏକ ଅଙ୍ଗ-ମାନବରେ ପରିଣତ କରିଥିଲେ । ତେଣୁ ପ୍ରାରମ୍ଭରୁ ସେ ଅନ୍ୟମାନଙ୍କ-ଦ୍ୱାରା ପ୍ରତାରିତ ହୋଇଥିଲେ ।

ବ୍ୟକ୍ତିଗତ କର୍ମପ୍ରବଣତା ଓ ବ୍ୟକ୍ତିତ୍ୱର ଅଭାବ ସହିତ ତାଙ୍କ ଚରିତ୍ରରେ ଆଉ ଦୁଇଟି ବିପରୀତ ଭାବ ପରିଲକ୍ଷିତ ହେଉଥିଲା । ଏକ ପକ୍ଷରେ ବହୁ ସମସ୍ୟାରେ ସେ ଦୋଳାୟମାନ ଅବସ୍ଥାରେ ରହୁ-ଥିଲେ ଏବଂ ଅନ୍ୟପକ୍ଷରେ ତାଙ୍କର ସନ୍ଦିଗ୍ଧ ଚିତ୍ତ ତାଙ୍କ ମନରେ ନାନାପ୍ରକାର ଆଶଙ୍କା, ସନ୍ଦେହ ଓ ଭୟ ଜାତ କରୁଥିଲା, ଫଳରେ ସେ ସର୍ବଦା ଚିନ୍ତାଗ୍ରସ୍ତ ରହୁଥିଲେ । ସେ ଏପରି ଜିଦ୍‌ଖୋର ଥିଲେ ଯେ ଥରେ ଭୁଲ ହେଉ ବା ଠିକ୍ ହେଉ ଏକ ସିଦ୍ଧାନ୍ତରେ ପହଞ୍ଚିଲେ ସୁଦ୍ଧା କୌଣସି ବିରୁଦ୍ଧମତକୁ ଆଲୋଚନା ବା ଯୁକ୍ତି ଛଳରେ ବିଚାର କରି ନିଜର ମତ ପରିବର୍ତ୍ତନର ପକ୍ଷପାତୀ ନ ଥିଲେ । ଦୋଳାୟମାନ ଅବସ୍ଥା ଓ ଦୃଢ଼ପ୍ରତିଜ୍ଞ ହେବା ଅବଶ୍ୟ ଆପାତବିରୋଧୀ ହେଲେହେଁ ଏହାହିଁ ତାଙ୍କ ଚରିତ୍ରକୁ ଅବଧାରଣ କରିବାର ମୂଳସୋପାନ । ଏହି ଦ୍ୱନ୍ଦ୍ୱହିଁ ତାଙ୍କ ଚରିତ୍ରର ମୌଳିକ ଶକ୍ତିକୁ ଅପସାରଣ କରିଛି । ଭଲ କିଏ ଓ ଭେଲ କିଏ ତାହା ସ୍ଥିର କରିବା ତାଙ୍କ ପକ୍ଷରେ ମଧ୍ୟ ଅସମ୍ଭବ । ତେଣୁ ସେ ସର୍ବଦା ସଦାନନ୍ଦଙ୍କ ପରାମର୍ଶ, ସାହାଯ୍ୟ, ସାନ୍ତ୍ୱନା ଓ ସହାନୁଭୂତିକୁ ଅପେକ୍ଷା ରଖୁଥିଲେ । ଚତୁର ସଦାନନ୍ଦ ମିଥ୍ୟା ଘଟଣାର ଅବତାରଣା କରି ବିସ୍ତୃତ ବର୍ଣ୍ଣନାଦ୍ୱାରା ତାହାକୁ ଜୀବନ୍ତ

ଓ ପ୍ରାଣବନ୍ତ କରୁଥିଲେ । ଥରେ ତାଙ୍କ କୂଟ ମନ୍ତ୍ରଣାରେ ପଡ଼ିଗଲେ ଗୋବିନ୍ଦଚନ୍ଦ୍ରଙ୍କର ସେଥିରେ ଏତେ ଆସ୍ଥା ରହିଥିଲା ଯେ ତାହା ତାଙ୍କର ପତନର ସୋପାନ ସ୍ୱରୂପ କାର୍ଯ୍ୟ କରୁଥିଲା । ତାଙ୍କ ପ୍ରତିଜ୍ଞାରୁ ସେ ବିନ୍ଦୁ ବିସର୍ଗ ମଧ୍ୟ ଅପସରି ଯାଉ ନ ଥିଲେ । ସଦାନନ୍ଦ ଗୋବିନ୍ଦଚନ୍ଦ୍ରଙ୍କ ଚରିତ୍ରର ଏହି ଦୁର୍ବଳତା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିବାରୁ ପିତାମାତାଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କପାଇଁ ଜୀବନସଙ୍ଗିନୀ ମନୋନୀତ କରିବାରେ ଏବଂ ମାତା ମୃତ୍ୟୁ ଶଯ୍ୟାରେ ଶାୟିତା ଥିବା ସମୟରେ ମଧ୍ୟ ଶ୍ୱଶୁରାଳୟକୁ ଯିବା ପାଇଁ ତାଙ୍କୁ ପ୍ରବର୍ତ୍ତାଇ ପାରିଥିଲେ ।

ଶାନ୍ତ ଓ ସରଳତା ଦୃଷ୍ଟିରୁ ଗୋବିନ୍ଦଚନ୍ଦ୍ରଙ୍କୁ ସଦାନନ୍ଦଙ୍କ ଉପରେ ଅତ୍ୟଧିକ ବିଶ୍ୱାସ ସ୍ଥାପନ ଦୋଷରୁ ଅବ୍ୟାହତି ଦିଆଯାଇ ପାରେ । ଅନ୍ୟ କେତେକ କ୍ଷେତ୍ରରେ ମଧ୍ୟ ଏହି ଯୁକ୍ତିର ଅବତାରଣା କରାଯାଇ ପାରେ । ବ୍ୟକ୍ତିତ୍ୱର ଅଭାବ ଓ ଶୋଚନୀୟ ଦୃଢ଼ତା ସତ୍ତ୍ୱ ଦୋଳାୟମାନ ପ୍ରକୃତି—ଦୋଷରୁ ତାଙ୍କୁ କୌଣସି ରୂପେ କ୍ଷମା ଦିଆଯାଇ ନ ପାରେ । ସେହିପରି ତାଙ୍କର ଅତ୍ୟଧିକ ଔତ୍ସୁକ୍ୟ ମଧ୍ୟ ଯୌବନସୁଲଭ ଗୁଣରୁ କ୍ଷମଣୀୟ କିନ୍ତୁ ତାଙ୍କର ବ୍ୟଗ୍ରତା, ବିବେକହୀନତା, ମାନସିକ ଉତ୍ତେଜନାର ବଶବର୍ତ୍ତୀ ହେବା, ଅତ୍ୟଧିକ ରୋମାଣ୍ଟିକ ଦୃଷ୍ଟିକୋଣହେତୁ ଜୀବନର ବାସ୍ତବତା ପ୍ରତି ରୁଦ୍ଧନେତ୍ର ହେବା ଦୋଷଗୁଡ଼ିକ ଅକ୍ଷମଣୀୟ । ଜୀବନର ସଙ୍କଟଜନକ ମୁହୂର୍ତ୍ତରେ ଆତ୍ମସମର୍ପଣ କରିବା, ଏବଂ ଯେଉଁପରି ଭାବରେ ସେ ପଳାୟନବାଦୀ ହୋଇ ପଡ଼ିଛନ୍ତି ତାହା ତାଙ୍କ ଚରିତ୍ର ଆଲୋଚନା କଲାବେଳେ ଅବଶ୍ୟ ବିଚାର୍ଯ୍ୟ । ଧୈର୍ଯ୍ୟ, ସ୍ଥିରତା ଓ ଅଭ୍ୟାସର ଅଭାବ ଏବଂ ଜୀବନର ବାସ୍ତବତାକୁ ଅସ୍ୱୀକାର ମୁଖ୍ୟତଃ ତାଙ୍କ ଚାରିତ୍ରିକ ଦୁର୍ବଳତାର

ପରିଚାୟକ । ତାଙ୍କର ଶୋଚନୀୟ ପରିସ୍ଥିତିର ଗମ୍ଭୀରତାକୁ ଉତ୍ତମ-ରୂପେ ଅବଧାରଣ କରିବାପାଇଁ ତାଙ୍କୁ ଏକ ଉନ୍ନତ ଅବସ୍ଥାର ପୃଷ୍ଠ ଭୂମିଉପରେ ଚିତ୍ରଣ କରାଯାଇଛି ।

ବାଲ୍ୟାବସ୍ଥାରେ ପିତାମାତାଙ୍କ ଉଚ୍ଚ ହୃଦୟବତ୍ତା ଓ ସରଳତା ପ୍ରଭୃତି ଅଧିକାଂଶ ଉତ୍ତମ ଗୁଣର ସେ ଅଧିକାରୀ ଥିଲେ । ସେ ଜଣେ ଉତ୍ତମ ମନୁଷ୍ୟ ଭାବରେ ବଢ଼ିବା ଅବସ୍ଥାରେ ତାଙ୍କ ଚରିତ୍ରର ପ୍ରଧାନ ଦୋଷ ତାଙ୍କୁ ଗୌରବୋଜ୍ଜ୍ୱଳ ମାର୍ଗରୁ ବିଚ୍ୟୁତ କରିଥିଲା । ସେ ଧୀରେ ଏବଂ ଅଜ୍ଞାତ ଭାବରେ ଅବନତି ପଥରେ ଗତି କରି ନିଜର ପତନ ଘଟାଇଲେ । ତାହାଙ୍କ ପତନନିମିତ୍ତ କୌଣସି ବାହ୍ୟକାରଣ ଦାୟୀ ନୁହେ, ଚାରିତ୍ରିକ ଦୁର୍ବଳତାହିଁ ଦାୟୀ ।

ଶୋଚନୀୟ ଭାଗ୍ୟର ଆବର୍ତ୍ତରେ ରାମଚନ୍ଦ୍ର ମଙ୍ଗରାଜ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଥିଲେ ଏବଂ ନାଜର ନଟବର ଦାସ ମାନସିକ ଦ୍ୱନ୍ଦ୍ୱର ତାଡ଼ନାରେ ପାଗଳ ହୋଇ ଯାଇଥିଲେ । ଫକୀରମୋହନ ଗୋବିନ୍ଦଚନ୍ଦ୍ରଙ୍କ ଆତ୍ମାକୁ ଦୁଃଖଭୋଗ ଓ ଅନୁତାପ ଦ୍ୱାରାହିଁ ପୁନରୁଦ୍ଧାର କରିଛନ୍ତି । ଅନୁଶୋଚନା ମାଧ୍ୟମରେ ତାଙ୍କ ଚରିତ୍ରର ମହତ୍ତ୍ୱ କ୍ରମେ ପ୍ରକଟିତ ହୋଇଅଛି ଓ ପରିଶେଷରେ ସେ ଏକ ଧାର୍ମିକ ଜୀବନ ଯାପନ କରୁଥିବାର ଦେଖାଇ ଦିଆଯାଇଛି । କର୍ତ୍ତବ୍ୟ ପାଇଁ ସେ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି ଏବଂ ସ୍ନେହ ଓ ଶ୍ରଦ୍ଧାର ପାତ୍ର ହୋଇଛନ୍ତି । ଏହିପରି ଫକୀରମୋହନ ପାଠକ ମନରେ ତାଙ୍କ ନାୟକ ପାଇଁ ପ୍ରଶଂସା ଓ ଶ୍ରଦ୍ଧା ଜାଗ୍ରତ କରାଇବାରେ କୃତକାର୍ଯ୍ୟ ହୋଇଅଛନ୍ତି ।

*ଲଛମା*ର ଐତିହାସିକ 'ପ୍ଲଟ'ର ନାୟକ ଭାବରେ ବଙ୍ଗ, ବିହାର ଓ ଓଡ଼ିଶାର ନବାବ ଆଲିବର୍ଦ୍ଦିଙ୍କୁ ଉପସ୍ଥାପିତ କରାଯାଇଛି । ଉପନ୍ୟାସର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ ମରହଟ୍ଟା ବର୍ଗୀଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ରହିଛନ୍ତି । କିନ୍ତୁ ତାଙ୍କଠାରୁ ଯେଉଁ ଯୋଦ୍ଧା-ସୁଲଭ ବୀରତ୍ୱ ଓ ସାହସ ଆଶା କରାଯାଏ ତାହା ତାଙ୍କଠାରେ ନାହିଁ । ଏକ ବୀରପୁରୁଷ ରୂପେ ଉପସ୍ଥାପିତ କରିବା ପରିବର୍ତ୍ତରେ ଫକୀରମୋହନ ତାଙ୍କୁ ମୁଖ୍ୟତଃ ବିଳାସୀ, କୂଟମାତିଜ୍ଞ, ଭୟାର୍ତ୍ତ ନବାବରୂପେ ଦେଖାଇଛନ୍ତି । ଇତିହାସର ପୃଷ୍ଠା ଆଲିବର୍ଦ୍ଦିଙ୍କର ଯେଉଁ ବୀରଗାଥାରେ ପୂର୍ଣ୍ଣ ଫକୀରମୋହନଙ୍କ *ଲଛମା* ସେ ସବୁରୁ ବଞ୍ଚିତ ।

ନିଜର ବୀରତ୍ୱ ଏବଂ ବୁଦ୍ଧିବଳରେ ଆଲିବର୍ଦ୍ଦି ନବାବ ହୋଇ ପାରିଥିଲେ, କିନ୍ତୁ ବର୍ଗୀ ସହିତ ସମରରତ ନବାବଙ୍କଠାରେ ତାହା ଦେଖିବାକୁ ମିଳେ ନା । ଯେଉଁ ବିଳାସ ବ୍ୟସନ ନବାବୀ ରାଜସଭାର ପ୍ରଧାନ ଉପଜୀବ୍ୟ ସେହି ବିଳାସ ଯୁଦ୍ଧଯାତ୍ରାରେ ମଧ୍ୟ ସମ୍ପୂର୍ଣ୍ଣ ବିଦ୍ୟମାନ । ରୌପ୍ୟମୟ ରତ୍ନଖଚିତ ହାଉଦା ମଧ୍ୟରେ ମତ୍ତ ମାତଙ୍ଗ ପୃଷ୍ଠରେ ବିବିଧ ବର୍ଣ୍ଣର ରତ୍ନଜଡ଼ିତ ବଂଶୋର୍ଦ୍ଧ ହସ୍ତ ପ୍ରମାଣ ଲମ୍ବବିଶିଷ୍ଟ ଆଲବୋଲା ସଂଲଗ୍ନ ନଳକୁ ଶ୍ରୀମୁଖରେ ସାମୟିକ ଭାବରେ ଲଗାଇ ଆଲିବର୍ଦ୍ଦି ଚାଲିଛନ୍ତି ଯୁଦ୍ଧକୁ । ବାମ ଦକ୍ଷିଣ ଓ ପଶ୍ଚାଦ୍ ଭାଗରେ ଅମୀର ଓମରା ପ୍ରଭୃତି । ଚାରିପାଖରେ ଝୁଣା ଗୁଗ୍‌ଗୁଳ ଚନ୍ଦନ ଲୋବାନରୁ ଉଦ୍‌ଭୂତ ଧୂମରାଶି । ଢାଲି ବରକନ୍ଦାଜମାନଙ୍କ ପଛରେ ବଜାରି, ହଟାରି ଫେରିବାଲା, ପେଶାଦାର, ଗାୟିକା, ନର୍ତ୍ତକୀ ପ୍ରଭୃତି । ବର୍ଗୀ ସୈନ୍ୟସଜ୍ଜା ସହିତ ତୁଳନା କଲେ ନବାବ ଫୌଜର ଆଡ଼ମ୍ବର ପୂର୍ଣ୍ଣଭାବରେ ଜଣାପଡ଼େ । ଏପରି ବିଳାସ ମଧ୍ୟରେ ଯେଉଁ

ନବାବ ଯୁଦ୍ଧଯାତ୍ରା କରୁଥିଲେ ତାଙ୍କଠାରେ ଶତ୍ରୁ ଦମନ ପାଇଁ ନିଷ୍ଠା ଓ ଆଶୁ ପ୍ରତିକାର ଆଶା କରିବା ବିଡ଼ମ୍ବନା ମାତ୍ର ।

ନବାବ ଦରବାର ନିରନ୍ତର କପଟତାମୟ, ନବାବ ଓ ତାଙ୍କ ସେନାପତିମାନେ କପଟତାର ମୂର୍ତ୍ତି ପ୍ରତୀକ । ଏହି କପଟତାହିଁ ଅଧିକାଂଶ ସମୟରେ ନବାବଙ୍କୁ ସାହାଯ୍ୟ କରିଛି । ସୈନ୍ୟସଂଗ୍ରହ ନିମିତ୍ତ ଯୁଦ୍ଧକୁ କିଛିଦିନ ବନ୍ଦ କରିବା ପାଇଁ ନବାବ ଓ ସମସେର ଖାଁ ପରାମର୍ଶ କରି ଛଳନାମୟ ସନ୍ଧିର ପ୍ରସ୍ତାବ ସହ ଜାନକୀରାମକୁ ଭାସ୍କର ପଣ୍ଡିତଙ୍କ ନିକଟକୁ ପଠାଇଥିଲେ । ପୁଣି ଭାସ୍କର ପଣ୍ଡିତଙ୍କ ହତ୍ୟା ପାଇଁ ନବାବ ଓ ବାଦଲସିଂହର ଗୁପ୍ତ ମନ୍ତ୍ରଣା ଅନୁସାରେ ଭାସ୍କର ପଣ୍ଡିତଙ୍କ ନିକଟକୁ ଅନ୍ୟ ଏକ ଛଳନାମୟ ସନ୍ଧିର ପ୍ରସ୍ତାବ ପଠାହେଲା । ସାହସ ବା ବୀରତ୍ୱ ସାହାଯ୍ୟରେ ବର୍ଗୀ ପରାଜୟ ସମ୍ଭବପର ହେଲା ନାହିଁ—ଦୀର୍ଘ ତିନି ବର୍ଷ ଧରି ଯୁଦ୍ଧ ଫଳରେ ସୈନ୍ୟ କ୍ଷୟ ଏବଂ ପ୍ରଜାଙ୍କ କଷ୍ଟହିଁ ସାର ହେଲା, କିନ୍ତୁ କପଟତାଦ୍ୱାରା ଭାସ୍କର ପଣ୍ଡିତଙ୍କ ନିଧନ ସମ୍ଭବପର ହେଲା ।

ତିନି ବର୍ଷ ଧରି ଯୁଦ୍ଧ କରିବା ପରେ ନବାବ ଯେତେବେଳେ କ୍ଳାନ୍ତହୋଇ ସନ୍ଧି କରିବାକୁ ଆଗ୍ରହୀ ସେତେବେଳେ ବାଦଲ କ୍ଷୁବ୍ଧ ହୋଇ କହିଛନ୍ତି ଯେ ଭାସ୍କର ପଣ୍ଡିତଙ୍କ ହତ୍ୟା ଆଲିବର୍ଦ୍ଦିଙ୍କ ଇଚ୍ଛା ନୁହେଁ, ରାଜ୍ୟଶାସନହିଁ ତାଙ୍କର ଇଚ୍ଛା । ପ୍ରକୃତ ପକ୍ଷରେ ରାଜ୍ୟଶାସକ ଭାବରେ ଆଲିବର୍ଦ୍ଦି ଆଦର୍ଶ ଅପେକ୍ଷା ବାସ୍ତବତାର ଉପାସକରୂପେ ବେଶୀ ଦେଖାଯାନ୍ତି । ଏଥିପାଇଁହିଁ ଜଗତସେଠଙ୍କ ପାଖରୁ ସେ ଗୁଳା ଦେଇ ଟଙ୍କା ନେଇଛନ୍ତି, ଭାସ୍କର ପଣ୍ଡିତଙ୍କ ବିରୁଦ୍ଧରେ ଯୁଦ୍ଧ ଆୟୋଜନ

କରିଛନ୍ତି, ହୁଲକାରଙ୍କୁ ଚୌଥ ଦେଇ ସନ୍ତୁଷ୍ଟ କରିଛନ୍ତି ଓ ଦିଲ୍ଲୀ ବାଦଶାହାଙ୍କୁ କୌଶଳରେ ଖଜଣା ନ ଦେଇ ମଧ୍ୟ ସନ୍ତୁଷ୍ଟ ରଖିଛନ୍ତି । ଏହି ବାସ୍ତବ ଦୃଷ୍ଟିକୋଣ ହେତୁ ଯେ ମାରବ ନଶୀଥର ତମସା ଭେଦ କରି ମୁସ୍ତାଫା ନିକଟରେ କରୁଣ ଭାବରେ ଶରଣ ପଶିଛନ୍ତି । ମାନ-ସମ୍ମାନର ପ୍ରଶ୍ନକୁ ମନରୁ ପୋଛି ଦେଇ ନିଜକୁ ଓ ନସୁନ—ପ୍ରତିମା ସିରାଜକୁ ମୁସ୍ତାଫା ନିକଟରେ ସମର୍ପଣ କରି ଦେଇଛନ୍ତି ।

ବିପଦରେ ଧୈର୍ଯ୍ୟ ନବାବଙ୍କର ଏକ ପ୍ରଧାନ ଗୁଣ ଥିଲା । ଚତୁର୍ଦ୍ଦିଗରେ ଶତ୍ରୁବେଷ୍ଟିତ ହୋଇ ମଧ୍ୟ ନବାବ ଧୈର୍ଯ୍ୟ ଧରି ବିପଦର ସମ୍ମୁଖୀନ ହୋଇଛନ୍ତି । ଏହିପରି ଅବସ୍ଥାରେ ତାଙ୍କର ପ୍ରତ୍ୟୁତ୍ପନ୍ନମତିତ୍ୱର କିଛି ଆଭାସ ମିଳେ । ନିଜର ବାସ୍ତବ ଦୃଷ୍ଟି-କୋଣ ହେତୁ ବିପଦରୁ ଉଦ୍ଧାର ଲାଭ ପାଇଁ ସେ ପନ୍ଥା ଉଦ୍ଭାବନ କରୁ-ଥିଲେ । ଯୁଦ୍ଧର ଉତ୍ଥାନ ପତନର କାହାଣୀ ନବାବଙ୍କର ଧୈର୍ଯ୍ୟର ପରିଚାୟକ ।

ଗୁଣଗ୍ରାହୀ ନବାବ ଅନ୍ୟର ଉପକାରକୁ ସ୍ମରଣ କରୁଥିଲେ ଏବଂ ଉପଯୁକ୍ତ ଭାବରେ ପୁରସ୍କୃତ କରୁଥିଲେ । ତାଙ୍କର ପ୍ରାଣରକ୍ଷାକାରୀ ଅପରିଚିତ ବାଦଲଙ୍କୁ ନିଜ ହାତୀ ଉପରେ ବସାଇ ନେଇଗଲେ ଓ ବିଧର୍ମୀ ହେଲେ ମଧ୍ୟ ତାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ତା ସହିତ ଗୋପନ ମନ୍ତ୍ରଣା କରି କାର୍ଯ୍ୟର ଯୋଜନା ସ୍ଥିର କରୁଥିଲେ ଏବଂ ତାକୁ ହଜାରି ହାବଲଦାରରୂପେ ନିଯୁକ୍ତ କରିଥିଲେ । ବାଦଲ ସିଂହ କ୍ଷୁବ୍ଧ ହୋଇ ନବାବଙ୍କର କାର୍ଯ୍ୟର ସମାଲୋଚନା କଲେ ମଧ୍ୟ ଔଦ୍ଧତ୍ୟ ପ୍ରକାଶ କରିବା ପରିବର୍ତ୍ତରେ ତାଙ୍କ ନିର୍ଭୀକତାର ପ୍ରଶଂସା କରିଛନ୍ତି । ପରେ ବାଦଲସିଂହଙ୍କ ବନ୍ଧୁତାରେ ମୁଗ୍ଧ ହୋଇ ତାଙ୍କୁ

ରାଜଉପାଧି ସହିତ ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ବର୍ଦ୍ଧମାନପୁର ପରଗଣା ନିଷ୍କରରୂପେ ପୁରସ୍କାର ଦେଇଥିଲେ । ପାନବୀର ସାହସରେ ମୁଗ୍ଧ ହୋଇ ତାଙ୍କୁ ପୁରସ୍କୃତ କରିବା ଛଳରେ ତା'ର ଅଦ୍ଭୁତ ପୁରସ୍କାର ପ୍ରାର୍ଥନାକୁ ନବାବ ପ୍ରଫୁଲ୍ଲଚିତ୍ତରେ ଗ୍ରହଣ କରିଛନ୍ତି ।

ନବାବଙ୍କର ପତ୍ନୀପ୍ରେମ ଏବଂ ନାତି ସିରାଜ ପାଇଁ ସ୍ନେହ ପାଠକଙ୍କୁ ମୁଗ୍ଧ କରେ । ଅନ୍ୟ ସମ୍ଭ୍ରାନ୍ତ ମୁସଲମାନମାନେ ବହୁପତ୍ନୀକ ଥିଲେ ମଧ୍ୟ ନବାବ ନିଜ ବେଗମଙ୍କ ପ୍ରତି ସାତିଶୟ ଅନୁରକ୍ତ ରହି ପରମ ଆନନ୍ଦ ଓ ଶାନ୍ତି ଭୋଗ କରୁଥିଲେ । ସିରାଜ ପ୍ରତି ତାଙ୍କର ସ୍ନେହ ଏତେ ଥିଲା ଯେ ଯୁଦ୍ଧ ଅଭିଯାନରେ ବାହାରିବା ସମୟରେ ମଧ୍ୟ ସେ ବାଳକ ସିରାଜକୁ ନେବାକୁ ଭୁଲି ନାହାନ୍ତି ।

ଫକୀରମୋହନ ଆଲ୍ଲାଉଦ୍ଦୀନଙ୍କୁ ଏକମାତ୍ର ଐତିହାସିକ ଚରିତ୍ର-ରୂପେ ଅବତାରଣା କରିଛନ୍ତି । ଏହି ଚରିତ୍ରର ବିଶ୍ଳେଷଣରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ ଫକୀରମୋହନ ତାଙ୍କୁ ବୀରଭାବରେ ଚିତ୍ରଣ କରି ନାହାନ୍ତି । ବଙ୍ଗ, ବିହାର ଓ ଓଡ଼ିଶାର ସେ ନବାବ । କିନ୍ତୁ ସେ ଜଣେ ରାଜା ଅପେକ୍ଷା ମାନବରୂପରେ ବେଶୀ ଚିତ୍ରିତ ହୋଇଛନ୍ତି । ଔପନ୍ୟାସିକ ତାଙ୍କର ଶକ୍ତି, ସାମର୍ଥ୍ୟ ଅପେକ୍ଷା, ଦୁର୍ବଳତାକୁ ବେଶୀ ପରିସ୍ଫୁଟ କରିଛନ୍ତି । ଯୁଦ୍ଧ ଘନଘଟାର ପୃଷ୍ଠଭୂମି ଉପରେ ନବାବଙ୍କୁ ଉପସ୍ଥାପନ କରାଯାଇଛି ଏବଂ ସେହି ପାରିପାର୍ଶ୍ୱିକ ପରିବେଷ୍ଟନୀ ମଧ୍ୟରେ ତାଙ୍କ ଚରିତ୍ରର କେତେକ ବିଶେଷତ୍ୱ ଫୁଟି ଉଠିଛି ।

'ଲଛମା'ରେ ଦୁଇଟି ପ୍ଲଟ୍‌'ର ସମ୍ମିଶ୍ରଣ ସମ୍ପର୍କରେ କଥାବସ୍ତୁ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଏହି ଦୁଇଟି 'ପ୍ଲଟ୍‌' ମଧ୍ୟରୁ

ଗୋଟିଏ ହେଉଛି ଐତିହାସିକ 'ପ୍ଲଟ୍' ଯାହାକି ଆଲବର୍ଦ୍ଧିଙ୍କୁ କେନ୍ଦ୍ର କରି ଗଢ଼ି ଉଠିଛି ଓ ଅନ୍ୟଟି ହେଉଛି ରୋମାଣ୍ଟିକ୍ 'ପ୍ଲଟ୍' ଯାହାର ପ୍ରାଣକେନ୍ଦ୍ର ବାଦଲ ସିଂହ ଏବଂ ଲଛମା ।

ମହାରାଜ ଜୟଚନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ସାମନ୍ତ ସେନାପତି ଏବଂ ବଂଶଧରମାନେ ଆର୍ଯ୍ୟାବର୍ତ୍ତର ବିଭିନ୍ନ ସ୍ଥାନରେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଏବଂ ବଂଶ ସ୍ଥାପନ କଲେ । ରାମଚରଣ ସିଂହ ଏବଂ ଧାନଦୟାଲ ସିଂହ ଦୁଇଜଣ ସାମନ୍ତ ଧନ ବେଶରେ ନାନା ଦେଶ ଭ୍ରମଣ ପୂର୍ବକ ଅବଶେଷରେ ରୋହିଲ ଖଣ୍ଡରେ ବାସସ୍ଥାନ ନିରୂପଣ କରିଥିଲେ । ବାଦଲ ସିଂହ ଏବଂ ଲଛମା ଏହିମାନଙ୍କର ବଂଶଧର । ବାଦଲ ସିଂହଙ୍କ ପିତା ହରି ଭଜନ ସିଂହ ଏବଂ ମାତା ଶ୍ୟାମାବାଈ । ବାଲ୍ୟକାଳରୁ ବାଦଲ ସିଂହ ପିତାଙ୍କୁ ହରାଇ ଥିଲେ । ବିଧବା ମାତାଙ୍କ ସହିତ ଶ୍ୱଶୁର ଧୌଙ୍କଲ ସିଂହଙ୍କ ଘରେ ଅବସ୍ଥାନ କରୁଥିବା ଅବସ୍ଥାରେ ଥରେ ଶ୍ୱଶୁର, ଶାଶୁ, ସ୍ତ୍ରୀ ଓ ଅନ୍ୟାନ୍ୟ ଲୋକଙ୍କ ସହିତ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲେ । ଜଗନ୍ନାଥ ଭୂମି ସେ ସମୟରେ ମହରହଟ୍ଟାର ପଦାନତ । ଗୋଡ଼ଖାଲଠାରେ ସହସା ବର୍ଗୀମାନଙ୍କର ଆକ୍ରମଣ ହେଲା । ଶତାଧିକ ହତ୍ୟାରବନ୍ଧା ଘୋଡ଼ସବାର ବର୍ଗୀମାନଙ୍କୁ ଦେଖି ମଧ୍ୟ କ୍ଷତ୍ରିୟସ୍ୱଭାବସୁଲଭ ଗର୍ବ ଓ ବୀରତ୍ୱ ନେଇ ବାଦଲ ସିଂହ ଏବଂ ଅନ୍ୟାନ୍ୟମାନେ ଯୁଦ୍ଧରେ ପ୍ରବୃତ୍ତ ହେଲେ । ଏଥିରେ ବାଦଲ ସିଂହ ଗୁରୁତର ଭାବରେ ଆହତ ହେଲେ, ମାତ୍ର ଆୟୁବଳ ଥିବାରୁ ରକ୍ଷା ପାଇଗଲେ । ରହାଜାମି ପରଦିନ ଚେତନା ଲାଭ କରିବା ପରେ ଆଉ କାହାକୁ ନ ଦେଖି ବାଦଲ ସିଂହ ଭାବିଲେ ଯେ ଯୁଦ୍ଧରେ ସମସ୍ତେ ମରି ଯାଇଛନ୍ତି । ବହୁ କଷ୍ଟରେ ସେ ନିକଟ-

ବର୍ଣ୍ଣୀ ଗୋଟିଏ ଗ୍ରାମରେ ଆଶ୍ରୟ ନେଲେ ଏବଂ ଦୟାଳୁ ଗ୍ରାମବାସୀଙ୍କ ସେବା ଓ ଯତ୍ନରେ ଆରୋଗ୍ୟ ଲାଭକଲେ ।

ଆତ୍ମୀୟସ୍ୱଜନଙ୍କୁ ହରାଇ ବାଦଲ ସିଂହ ମର୍ମାହତ ହୋଇ ପଡ଼ିଲେ । କିନ୍ତୁ ଧୀରେ ଧୀରେ ତାଙ୍କ ଦୁଃଖ କ୍ରୋଧରେ ପରିଣତ ହେଲା । ଆତ୍ମୀୟସ୍ୱଜନଙ୍କ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ମରହଟ୍ଟା ବର୍ଗୀସର୍ଦ୍ଦାର ଭାସ୍କର ପଣ୍ଡିତଙ୍କୁ ସ୍ୱହସ୍ତରେ ହତ୍ୟା କରି ତାହାଙ୍କ ରକ୍ତରେ ପିତୃତର୍ପଣ କରିବାକୁ ଇଷ୍ଟଦେବ ଏକଲିଙ୍ଗଙ୍କ ନାମରେ ସେ ଶପଥ ନେଲେ । ଏକ ପକ୍ଷରେ ସହାୟସମ୍ବଳହୀନ ଏକାକୀ ବାଦଲ ସିଂହ ଓ ଅନ୍ୟ ପକ୍ଷରେ ହଜାର ହଜାର ବର୍ଗୀସେନାର ଅଧିନାୟକ ଦୁର୍ଦ୍ଦାନ୍ତ ଭାସ୍କର ପଣ୍ଡିତ—ଏପରି କ୍ଷେତ୍ରରେ ବାଦଲ ସିଂହଙ୍କ ପ୍ରତିଜ୍ଞା ହାସ୍ୟାସ୍ପଦ ମନେ ହୁଏ । କିନ୍ତୁ ବାଦଲ ସିଂହ ନିଜର ଅସହାୟତା ସମ୍ପର୍କରେ ସଚେତନ ଥିଲେ ମଧ୍ୟ ଅଧ୍ୟବସାୟର ଫଳଉପରୁ ଆସ୍ଥା ହରାଇ ନ ଥିଲେ । "ଶରୀରଂ ବା ପାତୟେତ୍ କର୍ମ ବା ସାଧୟେତ୍"—ଏହି ନୀତି ଅନୁସରଣ କରି ମରହଟ୍ଟା ଶତ୍ରୁ ନବାବ ଆଲିବର୍ଦ୍ଦିଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ବାଦଲ ସିଂହ ସଚେଷ୍ଟ ହୋଇ ଉଠିଲେ । ଶତ୍ରୁସଙ୍କୁଳ ରଣଭୂମିରେ ଅପରିଚିତ ନବାବ ସୈନ୍ୟ ବାହିନୀ ମଧ୍ୟରେ କିପରି ଯେ ବାଦଲ ସିଂହ କାୟା ସଙ୍ଗେ ଛାୟା ପରି ନବାବଙ୍କୁ ଅନୁସରଣ କରିଥିଲେ ତାହା ବୁଝି ହୁଏ ନା । କିନ୍ତୁ ନବାବ ଯେତେବେଳେ ସ୍ୱପକ୍ଷୀୟ ସେନାଙ୍କଠାରୁ ବିଚ୍ଛିନ୍ନ ହୋଇ ମରହଟ୍ଟାମାନଙ୍କ-ଦ୍ୱାରା ଆକ୍ରାନ୍ତ ହେଲେ ଓ ତାଙ୍କର ମୃତ୍ୟୁ ଯେତେବେଳେ ଆସନ୍ନ ହେଲା ସେହି ସଙ୍କଟଜନକ ମୁହୂର୍ତ୍ତରେ ବାଦଲ ସିଂହଙ୍କର ଆବିର୍ଭାବ । ଚାରି ଜଣ ବର୍ଗୀସୈନ୍ୟଙ୍କୁ ଅକ୍ଲେଶରେ ବିନାଶ କରି ନବାବଙ୍କ ଜୀବନରକ୍ଷା

କରିବା ଫଳରେ 'କାପେଂରି' ହେଲେ ମଧ୍ୟ ନବାବଙ୍କର ସେ ବିଶ୍ୱାସ-ଭାଜନ ହୋଇ ପାରିଲେ ଏବଂ ଏକ ହଜାର ସୈନିକ ଉପରେ ହାବିଲ-ଦାର ରୂପେ ନିଯୁକ୍ତି ପାଇଲେ । ବାଦଲ ସିଂହ ଜାଣିଥିଲେ ଯେ ଅଧ୍ୟବସାୟୀ ଲୋକଙ୍କୁ ଭଗବାନ ସାହାଯ୍ୟ କରନ୍ତି । ଏହି ବିଶ୍ୱାସ ଫଳରେହିଁ ଅସହାୟ ବାଦଲ ସିଂହ ଭଗବାନଙ୍କ ଠାରୁ ଆଶୀର୍ବାଦ ପାଇଲେ ।

ପ୍ରତିଜ୍ଞାରୁ ବିଚ୍ୟୁତ ହେବା କ୍ଷତ୍ରିୟର ସ୍ୱଭାବବିରୁଦ୍ଧ । ବାଦଲଙ୍କ ପ୍ରତିଜ୍ଞା ଯେତେ ଭୀଷଣ, ଯେତେ ଦୁଃସାଧ୍ୟ ହେଲେ ମଧ୍ୟ ଏହି ପ୍ରତିଜ୍ଞାହିଁ ହୋଇଛି ତାଙ୍କ ଜୀବନର ଧ୍ରୁବତାରା । ଏହି ପ୍ରତିଜ୍ଞା ପୂରଣ ପାଇଁ ସେ ସମସ୍ତ କଷ୍ଟକୁ ହସି ହସି ବରଣ କରି ନେଉଛନ୍ତି । ଶତ ବାଧା—ବିଘ୍ନ ସତ୍ତ୍ୱେ ସେ ପ୍ରତିଜ୍ଞା ପୂରଣ ପାଇଁ ଶିଥିଳ ହୋଇ ନାହାନ୍ତି, ସେ ଜାଣିଛନ୍ତି ଯେ ତାଙ୍କର ସଂକଳ୍ପ ସାଧୁ—ତେଣୁ ସେ କେବେହେଲେ ନିଜକୁ ଏକାକୀ ବୋଲି ଭାବି ନାହାନ୍ତି, କାରଣ ଭଗବାନ ସବୁବେଳେ ସହାୟ ହେବେ ବୋଲି ତାଙ୍କର ବିଶ୍ୱାସ ରହିଛି । କ୍ଷତ୍ରିୟ ଜାତି ସତ୍ୟବାଦୀ, କ୍ଷତ୍ରିୟ ତାର ପ୍ରତିଜ୍ଞାରେ ଅଟଳ—ତେଣୁ ସବୁ ପ୍ରକାର ବାଧାବିଘ୍ନକୁ ତୁଚ୍ଛ କରି, ଶତ ପ୍ରଲୋଭନକୁ ଆଡ଼େଇ ଦେଇ, ସେ ନିଜର ପ୍ରତିଜ୍ଞା ପୂରଣକୁ ଜୀବନର ବ୍ରତ କରି ନେଇଛନ୍ତି ଏବଂ ଏଥିପାଇଁ ମାନବର ଭରସା ଅପେକ୍ଷା ଭଗବାନଙ୍କ ସହାୟତା ଉପରେ ଅଧିକ ଆସ୍ଥା ରଖିଛନ୍ତି । ଏହି କାରଣରୁ ରଣକ୍ଳାନ୍ତ ନବାବ ଯେତେବେଳେ ଶତ୍ରୁର କୃପା ଲାଭ କରିବା ପାଇଁ ଉଦ୍‌ବିଗ୍ନ ହୋଇଛନ୍ତି ସେତେ-ବେଳେ ହାବିଲଦାରୀରୁ ଇସ୍ତଫା ଦେଇ ନବାବଙ୍କଠାରୁ ଦୂରକୁ ଚାଲିଯିବା ପାଇଁ ବାଦଲ ସିଂହ ଭାବିଛନ୍ତି । ନିଜର ଅଭୀଷ୍ଟ ସାଧନ ପାଇଁ ବାଦଲ ସିଂହ ଥିଲେ ନିଜ ପ୍ରାଣ ପ୍ରତି ନିର୍ମମ । ଯେଉଁ ଲୋକ

ମୃତ୍ୟୁକୁ ଭୟ କରେ ନାହିଁ ସେ ଜଗତରେ ନିର୍ଭୀକ । ଧନାଭିଳାଷ କିମ୍ବା ପଦମର୍ଯ୍ୟାଦା ବାଦଲ ସିଂହଙ୍କୁ ପ୍ରତିଜ୍ଞାଭ୍ରଷ୍ଟ କରିପାରି ନାହିଁ ।

ଉତ୍ତେଜନା ଓ ଉନ୍ମାଦନାର ମୂର୍ତ୍ତି ପ୍ରତୀକ ବାଦଲ ସିଂହ ହତାଶ ଓ ନିସ୍ତେଜ ତୁର୍କି ସେନାପତିଙ୍କୁ ଦେଇଛନ୍ତି ପ୍ରେରଣା, ତାଙ୍କ ପ୍ରାଣରେ ଜଗାଇଛନ୍ତି ଯୁଦ୍ଧାଭିଳାଷ । ସମସ୍ତ କିଛି ହରାଇ ମୁସ୍ତାଫା ଯେତେବେଳେ ନୈରାଶ୍ୟରେ ଭାଙ୍ଗି ପଡ଼ିଛନ୍ତି, ଠିକ୍ ସେତିକିବେଳେ ବାଦଲହିଁ ତାଙ୍କ ପ୍ରାଣରେ ଆଣି ଦେଇଛନ୍ତି ଶତ୍ରୁର ଉପଯୁକ୍ତ ପ୍ରତିଶୋଧ ନେବାପାଇଁ ଉତ୍ତେଜନା । ବାଦଲ ସିଂହଙ୍କ ବୁକୁରେ ସାହସରଅଭାବ କେବେହେଲେ ନ ଥିଲା । ଆତ୍ମରକ୍ଷା ପାଇଁ ନିଜ ମୁହଁର ରୋଟିକୁ ଶତ୍ରୁ ହାତରେ ଟେକି ଦେଇ ଶତ୍ରୁ ପାଖରୁ ପଳାଇ ଯିବାଠାରୁ ଅଧିକ ଘୃଣ୍ୟ କାମ କିଛି ଅଛି ବୋଲି ବାଦଲ ଭାବି ପାରୁ ନ ଥିଲେ । ସମ୍ମୁଖ ଯୁଦ୍ଧରେ ବୀରପରି ମୃତ୍ୟୁବରଣ କରିବା ଏହାଠାରୁ ଶତଗୁଣରେ ଶ୍ରେୟସ୍କର ବୋଲି ବାଦଲଙ୍କର ପ୍ରତ୍ୟୟ ଥିଲା । ହିନ୍ଦୁ ହାବିଲଦାରର ଏହି ଅସୀମ ସାହସିକତା ଅନେକ ସମୟରେ ମୁସ୍ତାଫା ଏବଂ ନବାବଙ୍କ ମୁଣ୍ଡକୁ ଲଜ୍ଜାରେ ଅବନତ କରାଇଛି ।

ଅଭୀଷ୍ଟ ସାଧନକୁ ପୁଣ୍ୟକର ବିଷୟ ଜ୍ଞାନ କରି ତାହା ପୂରଣପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିବାକୁ ବାଦଲ ସିଂହ କୁଣ୍ଠିତ ହୋଇ ନାହାନ୍ତି । ଯେନ କେନ ପ୍ରକାରେଣ ଶତ୍ରୁନିପାତ ସାଧନକୁ ଧର୍ମଶାସ୍ତ୍ରର ବିଧାନରୂପେ ଜାଣି ଭାସ୍କର ପଣ୍ଡିତଙ୍କୁ ଛଳନା ସାହାଯ୍ୟରେ ହତ୍ୟା କରିବା ପାଇଁ ନବାବଙ୍କୁ ବାଦଲ ସିଂହ ମନ୍ତ୍ରଣା ଦେଇଛନ୍ତି । 'ଛଳେ, ବଳେ, କୌଶଳେ, ଶତ୍ରୁକୁ ସାଧିବ ହେଲେ'—ଏହି ନୀତିକୁ

ଅନୁସରଣ କରି ଭାସ୍କର ପଣ୍ଡିତଙ୍କ ନିକଟକୁ କପଟସନ୍ଧି ପ୍ରସ୍ତାବ ପଠାଇବା ପାଇଁ ନବାବଙ୍କୁ ବାଦଲ ପ୍ରବର୍ତ୍ତାଇଛନ୍ତି । ସାହସ ଏବଂ ଚତୁରତାର ସମନ୍ୱୟ ଫଳରେହିଁ ଭାସ୍କର ପଣ୍ଡିତଙ୍କୁ ହତ୍ୟା କରିବା ସମ୍ଭବପର ହୋଇ ପାରିଛି ।

ବାଦଲ ସିଂହଙ୍କର ନିଜ ଉପରେ ଯଥେଷ୍ଟ ବିଶ୍ୱାସ ଥିଲା । ନବାବଙ୍କର ଦୁର୍ବଳତା ଏବଂ କାବୁଲ କସ୍‌ମିସ ବାଲା ସେନାପତିଙ୍କ ସାହସର ଅଭାବ ସେ ଭଲ ଭାବରେ ବୁଝିଥିଲେ । ତଥାପି ସେମାନଙ୍କ ସହିତ ତାଙ୍କ ବ୍ୟବହାରରେ ବିନୟର ସ୍ପଷ୍ଟ ସୂଚନା ମିଳେ । ନବାବଙ୍କ ପ୍ରାଣରକ୍ଷା ପରେ ସମର-ସମିତି-ମନ୍ତ୍ରଣା ମଧ୍ୟରେ ବାଦଲ ଯେତେବେଳେ ସ୍ଥାନ ପାଇଛନ୍ତି, ସେତେବେଳେ ସମ୍ଭ୍ରମ ଓ ସଙ୍କୋଚସହକାରେ ସେମାନଙ୍କ ନିକଟରେ ଶରଣ ପଶିଛନ୍ତି ଓ ତାଙ୍କୁ ଧର୍ମପିତାରୂପେ ଜ୍ଞାନ କରି ତାଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି । ବର୍ଗୀମାନଙ୍କ ଉପରେ ଆକ୍ରମଣ କରିବା-ପାଇଁ ମୁସ୍ତାଫାଙ୍କୁ ସେ ଯେତେବେଳେ ପ୍ରରୋଚିତ କରିଛନ୍ତି ସେତେ-ବେଳେ ମଧ୍ୟ ଏହି ବିନୟ ଦେଖିବାକୁ ମିଳେ । ସେ ଜାଣିଛନ୍ତି ଯେ ଅଭିଜ୍ଞ ମୁସ୍ତାଫାଙ୍କ ନିକଟରେ ସେ ଜଣେ ପିଲା, ତେଣୁ ପରାମର୍ଶ ବା ଉପଦେଶ ଦେବା ପରିବର୍ତ୍ତେ ସେ ତାଙ୍କର ବିନତି ଜଣାଇଛନ୍ତି ।

ରୋମାଣ୍ଟିକ 'ପ୍ଲଟ୍'ର ନାୟକ ବାଦଲ ସିଂହଙ୍କୁ ଫକୀରମୋହନ କେବଳ ଦୁଃସାହସୀ ବୀରରୂପେ ଚିତ୍ରିତ କରି ନାହାନ୍ତି, ତାଙ୍କ ସାହସିକତାର କାହାଣୀ ମଧ୍ୟରେ ଅପୂର୍ବ ପ୍ରେମର ସୁସ୍ପଷ୍ଟ ଇଙ୍ଗିତ ଦେଇଛନ୍ତି । ଜୀବନରେ ଏକପତ୍ନୀବ୍ରତକୁ ଗ୍ରହଣ କରି "ପ୍ରାଣପ୍ରତିମା ନୟନତାରା ଲଛମା"କୁ ପରଲୋକଗତା ବା ବର୍ଗୀଶିବିର ମଧ୍ୟରେ

ପ୍ରେମିକଭାବରେ ବାଦଲସିଂହ ଆଦର୍ଶ ସ୍ଥାନୀୟ । ସ୍ତ୍ରୀର ମର୍ଯ୍ୟାଦା-ରକ୍ଷା ପାଇଁ ସେ ଅସ୍ତ୍ରଧାରଣ କରିଥିଲେ । ଏକପତ୍ନୀବ୍ରତ ତାଙ୍କ ଜୀବନର ଥିଲା ଲକ୍ଷ୍ୟ । ତେଣୁ ପାଠାଣର ଛଦ୍ମବେଶରେ ଲଛମା ତାର ଭଉଣୀ ସହିତ ବାଦଲଙ୍କ ବିବାହ ପ୍ରସ୍ତାବ କଲାବେଳେ ସେହି ପ୍ରସ୍ତାବ ପ୍ରତି ତାଙ୍କର ଘୋର ଅନାସ୍ଥା ଭାବ । ଭାସ୍କରପଣ୍ଡିତଙ୍କୁ ହତ୍ୟାକରିବା ପରେ ବାଦଲଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥିଲା । ତାଙ୍କ ହୃଦୟରାଜ୍ୟରେ ଏକମାତ୍ର ଲଛମାହିଁ ରାଜତ୍ୱ କରୁଥିଲା । ତେଣୁ ନବାବଙ୍କ ସମସ୍ତ ଅନୁଗ୍ରହ, ବଡ଼ଉପାଧି ଓ ରାଜ୍ୟଲାଭ ତାଙ୍କ ପକ୍ଷରେ ଆନନ୍ଦଦାୟକ ହେବା ପରିବର୍ତ୍ତେ ଦୁଃଖଦାୟକ ହୋଇ ପଡ଼ିଥିଲା । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ମିଳନ ପରି ବହୁ ଦ୍ୱନ୍ଦ୍ୱ ଓ ପ୍ରତିବନ୍ଧକ ପରେ ବାଦଲ ଓ ଲଛମା ଉଭୟଙ୍କର ମିଳନ ହେଲା ।

'ଲଛମା' ଉପନ୍ୟାସରେ ବାଦଲସିଂହଙ୍କ ସ୍ଥାନ ବିଶେଷ ଗୁରୁତ୍ୱପୂର୍ଣ୍ଣ । ବାଦଲସିଂହ ଉପସ୍ଥିତ ନ ଥିଲେ ମହୀଷରେଖାଠାରେ ନବାବ ବର୍ଗୀମାନଙ୍କ ଦ୍ୱାରା ବନ୍ଦୀ ବା ନିହତ ହୋଇଥାନ୍ତେ । ଭାସ୍କରପଣ୍ଡିତଙ୍କ ହତ୍ୟାଷଡ଼ଯନ୍ତ୍ର ବାଦଲଙ୍କ ପ୍ରେରଣାରେ ସାଧିତ ହୋଇଛି । ଏପରିକି ଭାସ୍କରପଣ୍ଡିତଙ୍କୁ ବାଦଲ ସ୍ୱହସ୍ତରେ ହତ୍ୟା କରିଛନ୍ତି । ଉପନ୍ୟାସର ପ୍ରଥମାଂଶରେ ବର୍ଗୀ ଅତ୍ୟାଚାରର ଯେଉଁ ରୋମହର୍ଷଣକାରୀ ଦୃଶ୍ୟ ଅଙ୍କିତ ହୋଇଅଛି ତାର ପ୍ରତିକାର କରିବା ପାଇଁ ଯେପରି ବାଦଲ ଚରିତ୍ରର ସୃଷ୍ଟି ।

ଫକୀରମୋହନଙ୍କ ପ୍ରଧାନ ପୁରୁଷଚରିତ୍ରଗୁଡ଼ିକ ନିଜକୁ ଅନ୍ୟ ଅପେକ୍ଷା ନ୍ୟୂନ ମନେ କରିଛନ୍ତି । ସେମାନେ ଯେଉଁ

ପରିସ୍ଥିତିରେ ବଢ଼ିଛନ୍ତି ସେଥିରେ ନିଜର ପୁରୁଷକାର ଉପରୁ ଦୃଢ଼ ବିଶ୍ୱାସ ହରାଇଛନ୍ତି । ରାମଚନ୍ଦ୍ର ମଙ୍ଗରାଜ ଅତି ଦୀନ ହୀନ ଅବସ୍ଥାରେ ବଢ଼ିଥିଲେ । ତାଙ୍କର ବାଲ୍ୟାବସ୍ଥା ସହିତ ପ୍ରୌଢ଼କାଳୀନ ଅବସ୍ଥାକୁ ତୁଳନା କଲେ ଆକାଶ ପାତାଳ ପ୍ରଭେଦ ଜଣାପଡେ । ସେ ବିଶେଷ ଚତୁର ଓ ଛଳେବଳେ କୌଶଳେ କାମ ହାସଲ କରିପାରନ୍ତି । କିନ୍ତୁ ବାଘସିଂହ ବଂଶର ଠେଙ୍ଗାକୁ ତାଙ୍କର ଖରି ଡର । ଚମ୍ପାର ମନ୍ତ୍ରଣାରେ ସେ ଚାଳିତ ହୁଅନ୍ତି । ନାଜର ନଟବର ଦାସ ମଧ୍ୟ ଚନ୍ଦ୍ରକଳାର ସାହାଯ୍ୟ ଓ ପରାମର୍ଶ ଆବଶ୍ୟକ କରୁଥିଲେ । ଗୋବିନ୍ଦଚନ୍ଦ୍ର ନିଜ ଉପରେ ନିର୍ଭର କରିଥିଲେ । ହୁଏତ ଅକଥନୀୟ ବିପଦର ସମ୍ମୁଖୀନ ହୋଇ ନ ଥାନ୍ତେ । ସେ ସଦାନନ୍ଦ ଓ ରାଜୀବଲୋଚନଙ୍କ ଚକ୍ରାନ୍ତର ଶିକାର ହେବା ଫଳରେ ଦୁଇଟି କରଣ ବଂଶ ଲଣ୍ଡଭଣ୍ଡ ହୋଇଗଲା । ବଙ୍ଗ ବିହାର ଓଡ଼ିଶାର ଅଧୀଶ୍ୱର ନବାବ ଆଲିବର୍ଦ୍ଦି ଖାଁ ମରହଟ୍ଟାମାନଙ୍କଦ୍ୱାରା ପରାଜିତ ହୋଇ ଭଗ୍ନହୃଦୟ ଓ ଭଗ୍ନସ୍ୱାସ୍ଥ୍ୟରେ ମୁସ୍ତଫାଙ୍କର ଶରଣାପନ୍ନ ହୋଇଥିଲେ । ବାଦଲ ନ ଥିଲେ ହୁଏତ ମହୀଷରେଖାଠାରେ ତାଙ୍କୁ ପରବର୍ତ୍ତୀ ଦିବାଲୋକ ଦେଖିବା ସୁଯୋଗ ମିଳି ନଥାନ୍ତା । ଫକୀରମୋହନଙ୍କ ପ୍ରଧାନ ପୁରୁଷଚରିତ୍ରମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସର ଅଭାବହିଁ ଲକ୍ଷ୍ୟ କରିବା କଥା ।

## ଚରିତ୍ରଚିତ୍ରଣ : ନାୟିକା

ନାରୀ ଓ ନରକୁ ନେଇ ମାନବସମାଜ ଗଠିତ । ଉଭୟର ସୌଷ୍ଠବପୂର୍ଣ୍ଣ ସହାବସ୍ଥାନରେ ହିଁ ସମାଜର ଶକ୍ତି ବର୍ଦ୍ଧିତ ଓ କୁସୁମିତ ହୁଏ । ନାରୀକୁ ସ୍ଥାନ ନ ଦେଇ ଉପନ୍ୟାସରେ: କେବଳ

ପୁରୁଷର ପ୍ରାଧାନ୍ୟ ସ୍ୱୀକାର କରିବା ଏକତରଫା ଚିନ୍ତା ସହିତ ସମାନ । ଫକୀରମୋହନଙ୍କ ଉପନ୍ୟାସରେ ନାରୀମାନଙ୍କର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ପୁରୁଷର ପରାମର୍ଶଦାତ୍ରୀ ରୂପେ କାର୍ଯ୍ୟ କରିଛନ୍ତି ଓ ବିଶିଷ୍ଟ ଭୂମିକା ଗ୍ରହଣ କରି କଥାବସ୍ତୁର ଅଗ୍ରଗତିରେ ସାହାଯ୍ୟ କରିଛନ୍ତି ।

ଫକୀରମୋହନ ନାରୀକୁ ବିଭିନ୍ନ ରୂପରେ ଚିତ୍ରଣ କରିବାରେ ବିଶେଷ ଦକ୍ଷତା ଦେଖାଇ ପାରିଛନ୍ତି । ତାଙ୍କ ଉପନ୍ୟାସରେ ନାରୀ କେବେ କେବେ କ୍ଷମାଶୀଳା, ସହିଷ୍ଣୁ, ପରଦୁଃଖକାତରା, ସମବେଦନାଶୀଳା ଓ ସ୍ନେହମୟୀ, କେତେବେଳେ ସେ ସରଳତା ଓ ନିଷ୍କପଟତାର ପ୍ରତୀକ ରୂପେ ଆବିର୍ଭୂତା । ପରକୁ ଆପଣାର କରିବା, ପରାର୍ଥକୁ ସ୍ୱାର୍ଥ ଅପେକ୍ଷା ଗୁରୁତ୍ୱ ଦେବା, ଧନୀ, ମାନୀ ହୋଇ ନିଜକୁ ତୃଣାଦପି ସୁନୀଚ ମନେ କରିବା ପ୍ରଭୃତି ସଦ୍‌ଗୁଣ ସ୍ତ୍ରୀ ଚରିତ୍ରର ଉଦାହରଣରେ ଅଭାବ ନାହିଁ । ଉପଯୁକ୍ତା ଗୃହିଣୀ, ପତିବ୍ରତା ସ୍ତ୍ରୀ, ସନ୍ତାନବତ୍ସଳା ମାତା ଓ ଆଦର୍ଶ କନ୍ୟା ରୂପେ ନାରୀକୁ ଉପଯୁକ୍ତ ସ୍ଥାନଦେବାରେ ଫକୀରମୋହନ ତ୍ରୁଟି କରିନାହାନ୍ତି । ତାଙ୍କ ଉପନ୍ୟାସରେ ହିନ୍ଦୁ ସଂସ୍କୃତିର ପରମ୍ପରାରକ୍ଷାରେ ନାରୀ ଯଥେଷ୍ଟ ସାହାଯ୍ୟ କରିଛି ।

ଫକୀରମୋହନ ନାରୀକୁ ପୋଥିବାଇଗଣ ପରି କେବଳ ନାନା ସଦ୍‌ଗୁଣର ଆଧାରରୂପେ ବର୍ଣ୍ଣନା ନ କରି ବାଡ଼ିବାଇଗଣ ପରି ତାର ଭଲ ମନ୍ଦ ଉଭୟଦିଗ ଆଲୋଚନା କରିଛନ୍ତି । ସେ ଯଥାସ୍ଥାନରେ ନାରୀର ହିଂସା ପ୍ରବୃତ୍ତି, ସ୍ୱାର୍ଥପରତା, ପରର ଅନିଷ୍ଟକାରିତା ପ୍ରଭୃତି ଦୁର୍ଗୁଣ ଚିତ୍ର କରିବାକୁ ଦ୍ୱିଧା ମନେ କରି ନାହାନ୍ତି । ଏକ ନାରୀ ହିଂସ୍ରପ୍ରବୃତ୍ତି ପରିଚାଳିତ ହୋଇ କିପରି ନାନା

କୌଶଳରେ ସରଳା ନାରୀହା ଅନ୍ୟ ନାରୀର ସର୍ବନାଶ ସାଧନ କରିପାରେ, ପୁରନ୍ଧ୍ରାପରେ ସ୍ୱହସ୍ତରେ ଅଗ୍ନିସଂଯୋଗ କରି କଳାକନା ବୁଲାଇ ଦେଇପାରେ, ପତିବ୍ରତା ଓ ପରୋପକାରିଣୀ ନାରୀଙ୍କୁ ତାଚ୍ଛଲ୍ୟ ଓ ଅବଜ୍ଞା କରିପାରେ ତାର ଉଦାହରଣ ଫକୀରମୋହନ ଦକ୍ଷତାର ସହିତ ଚିତ୍ରଣ କରିଅଛନ୍ତି ।

ରାମଚନ୍ଦ୍ର ମଙ୍ଗରାଜଙ୍କ ସ୍ତ୍ରୀ ସାଆନ୍ତାଣୀ ପତିପ୍ରାଣା । କିନ୍ତୁ ପତି ଓ ପତ୍ନୀଙ୍କ ମଧ୍ୟରେ ଚରିତ୍ରଗତ ପାର୍ଥକ୍ୟ ବହୁତ ବେଶୀ । ମଙ୍ଗରାଜେ ଯେପରି ଅର୍ଥର ଉପାସକ ସାଆନ୍ତାଣୀ ସେହିପରି ଅର୍ଥପ୍ରତି ଅନାସକ୍ତ । ମଙ୍ଗରାଜଙ୍କର ପରକୁ ଠକିବା ପ୍ରବୃତ୍ତି ଚରମ ସୀମାରେ ପହଞ୍ଚିଥିଲା । ଅନ୍ୟପକ୍ଷରେ ସାଆନ୍ତାଣୀ ପରୋପକାରରେ ସର୍ବଦା ବ୍ୟସ୍ତ ଥିଲେ । ସାଆନ୍ତାଣୀ ସ୍ୱାମୀଙ୍କୁ ଦେବତା ତୁଲ୍ୟ ଭକ୍ତି ଦେଖାଉଥିବା ଅବସ୍ଥାରେ ମଙ୍ଗରାଜେ ତାଙ୍କ ପ୍ରତି କଠୋରତା ଭାବ ଦେଖାଇଛନ୍ତି । ରାତି ଅଧରେ ମଙ୍ଗରାଜେ ଚମ୍ପା ସହିତ ମନ୍ତ୍ରଣାରେ ଲିପ୍ତ ଥିବା ସମୟରେ ସାଆନ୍ତାଣୀ ରାତିର ଆଧିକ୍ୟ ଦୃଷ୍ଟିରୁ ଗୀତଭାବନାରୁ ନିବୃତ୍ତ ହୋଇ ଶୟନ କରିବାକୁ ଅନୁରୋଧ କରିଛନ୍ତି । ମଙ୍ଗରାଜେ କି ସହଜ ଲୋକ ? ବରଂ ଏହା ହିଁ ତେଣେ ବିପରୀତ ହୋଇଛି ସେଥିପାଇଁ ତାଙ୍କୁ ସହ୍ୟ କରିବାକୁ ପଡ଼ିଛି ଚମ୍ପାର ତାଚ୍ଛଲ୍ୟ । ପରର ଅନିଷ୍ଟକରିବା ମଙ୍ଗରାଜଙ୍କର ଦୈନନ୍ଦିନ କାର୍ଯ୍ୟ ଥିଲା । ସେଥିରୁ ତାଙ୍କୁ ନିବର୍ତ୍ତାଇବାକୁ ସାଆନ୍ତାଣୀ ବହୁ ଚେଷ୍ଟା କରିଛନ୍ତି କିନ୍ତୁ ଚମ୍ପାର ପ୍ରଭାବରେ ଏହି ଉଦ୍ୟମ ସଫଳ ହୋଇନାହିଁ । ମଙ୍ଗରାଜେ ନିଜ ସ୍ତ୍ରୀ ଅପେକ୍ଷା ଚମ୍ପାର ପରାମର୍ଶକୁ ଗୁରୁତ୍ୱ ଦେଉଥିଲେ, କାରଣ ଉଭୟେ ଏକ ଆଖଡ଼ାର ଗୁରୁ । ଜୀବନସାରା ସେ ସ୍ୱାମୀଙ୍କଠାରୁ ସ୍ନେହ, ପ୍ରୀତି ବା ସହାନୁଭୂତି

ପାଇବା ପରିବର୍ତ୍ତେ ପାଇଛନ୍ତି ଅବଜ୍ଞା, ଘୃଣା ଓ ତାଚ୍ଛଲ୍ୟ । କେବଳ ସ୍ୱାମୀ ନୁହନ୍ତି ପୁତ୍ର ବା ପୁତ୍ରବଧୂମାନେ ସାଆନ୍ତାଣୀଙ୍କ ପ୍ରତି କଅଣ କର୍ତ୍ତବ୍ୟ କରିଛନ୍ତି ? ନାନା ଯତ୍ନ ଓ ଉତ୍କଣ୍ଠାଭିତରେ ସେ ପୁତ୍ରମାନଙ୍କୁ ପାଳନ କରିଥିଲେ କିନ୍ତୁ ମୁଣ୍ଡକୁ ହାତ ପାଇବା-କ୍ଷଣି ପୁଅମାନେ ଗୋବରା ଚଢ଼େଇଧରା ଓ ଗଞ୍ଜେଇଖିଆରେ ବ୍ୟସ୍ତ । ମାତୃସେବା କିଏ ପଚାରେ ? ବୋହୂମାନେ ମଧ୍ୟ ତତୋଽଧିକ । ଶାଶୁଙ୍କ ଗୋଡରେ ହାତରେ ଦେବା ତ ଦୂରର କଥା ବରଂ ବୋହୂମାନଙ୍କ ଦେହ ଖରାପ ହେଲେ ସାଆନ୍ତାଣୀ ସେମାନଙ୍କ ସେବାରେ ବ୍ୟସ୍ତ ରହୁଥିଲେ ।

ସାଆନ୍ତାଣୀ ଶାସ୍ତ୍ରର ଧାର ଧାରନ୍ତି ନାହିଁ ତଥାପି ପରୋପକାର ଓ ପରସେବା ଥିଲା ତାଙ୍କ ଜୀବନର କର୍ତ୍ତବ୍ୟ । କାହାର ଅଭାବ ଅସୁବିଧା ହେଲେ ସେ ଆଗ ସାହାଯ୍ୟ କରିବାକୁ ବାହାରି ପଡନ୍ତି । ଦୁଃଖୀ ରଙ୍କୀ, ଭାଟଭିକାରୀ କେହି ଆସିଲେ ତାଙ୍କୁ ସାଆନ୍ତାଣୀଙ୍କ ପାଖରୁ ଶୂନ୍ୟ ହସ୍ତରେ ଫେରିଯିବା କେହି ଦେଖି ନାହିଁ । ଭୋକୀ ଶୋଷୀଙ୍କୁ ଆଗ ନ ଖୁଆଇଲେ ସେ ନିଜେ ଅନ୍ନଜଳ ଛୁଇଁବା ନଥିଇ । ପରପାଇଁ କଷ୍ଟ ସହିବାକୁ ସେ କଷ୍ଟ ବୋଲି ମନେ କରୁ ନ ଥିଲେ । ସାଆନ୍ତାଣୀଙ୍କ ଚେଷ୍ଟାରେ ବହୁଲୋକ ମଙ୍ଗରାଜଙ୍କ ଅତ୍ୟାଚାରରୁ ରକ୍ଷା ପାଇଛନ୍ତି । ସାଆନ୍ତାଣୀଙ୍କ ଦାନ ଏତେ ଗୋପନୀୟ ଭାବରେ ହୁଏ ଯେ ଅନ୍ୟ କେହି ତାର ସନ୍ଧାନ ପାଇବା କାଠିକର ପାଠ ।

ବୃନ୍ଦାବତୀଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି । ବୃନ୍ଦାବତୀଙ୍କ ସେବାରେହିଁ ସାଆନ୍ତାଣୀଙ୍କର ବହୁତ ସମୟ ଅତିବାହିତ ହୁଏ ।

ନିୟମିତ ରୂପେ ତୁଳସୀମୂଳ ପରିଷ୍କାର କରିବା, ଦୀପ ଦେବା, ସଞ୍ଜ ଦେବା ପ୍ରଭୃତି କାର୍ଯ୍ୟରେ ସେ ବହୁ ସମୟ ବ୍ୟସ୍ତ ରହୁଥିଲେ । ତାଙ୍କର ପ୍ରାଣବାୟୁ ସେହି ତୁଳସୀଚଉରାମୂଳେ ହିଁ ଉଡ଼ି ଯାଇଥିଲା । ତେଣୁ ବୃନ୍ଦାବତୀ ଥିଲେ ତାଙ୍କ ଜୀବନର ଧ୍ରୁବତାରା ।

ଗୃହଣୀରୂପେ ତାଙ୍କର ଦୃଢ଼ଉପରେ କୌଣସି କଳଙ୍କ ନ ଥିଲା । ଦାସଦାସୀ ପୁତ୍ର ବା ପୁତ୍ରବଧୂ କେହି ତାଙ୍କୁ ମାନୁ ନ ଥିଲେ । ସେଥିପାଇଁ କଅଣ ତାଙ୍କର ଚିନ୍ତା ଥିଲା ? ଦୁର୍ବଳଙ୍କୁ ରକ୍ଷା କରିବା ତାଙ୍କର ନୀତି ଥିବାରୁ ମଙ୍ଗରାଜ କୌଣସି ଗୋତି ବା [illegible]ଙ୍କୁ ଦଣ୍ଡଦେଲେ ସେ ଆଗ ବାହାରିପଡ଼ି ତାର ନିର୍ଦ୍ଦୋଷତା ପ୍ରମାଣ କରୁଥିଲେ । କାହାର ଅସୁସ୍ଥତା ଶୁଣି ନୀରବ ରହିଯିବା ତାଙ୍କ ଜାତକରେ ନ ଥିଲା ।

ଫକୀରମୋହନ ସାଆନ୍ତାଣୀଙ୍କୁ ନାୟିକୋଚିତ ସମସ୍ତ ଗୁଣରେ ଭୂଷିତ କରିଛନ୍ତି । ଲଜ୍ଜା, ନମ୍ରତା, ସାରଲ୍ୟ ତାଙ୍କଠାରେ ପୂର୍ଣ୍ଣମାତ୍ରାରେ ଥିଲା । ଅନ୍ୟ ସ୍ତ୍ରୀ ସମ୍ମୁଖରେ ବିନା ଦୋଷରେ ସ୍ୱାମୀଙ୍କ ପ୍ରଦର୍ଶିତ ଅବଜ୍ଞା ସହ୍ୟକରିବା ଯେ କୌଣସି ନାରୀ ପକ୍ଷରେ ଅସମ୍ଭବ । ତାଙ୍କପ୍ରତି ଚମ୍ପା ଆଗରେ ମଙ୍ଗରାଜଙ୍କ ଅପମାନ ତାଙ୍କୁ ବିଶେଷ ବାଧିଛି । ନେଅଟ ଜମି ଫେରାଇ ଦେବା ପାଇଁ ସେ କେତେ ପ୍ରାର୍ଥନା କରିଛନ୍ତି । ମଙ୍ଗରାଜ କି ଶୁଣିବା ଲୋକ ? ସାରିଆ ମଙ୍ଗରାଜଙ୍କ ଦୁଆରେ ପଡ଼ିଲେ ସାଆନ୍ତାଣୀ ତାକୁ ନିଜ ଖାଇବା ଦେଇ ଦିଅନ୍ତି । ସେ ଖାଏ ନାହିଁ । ଫଳରେ ଉଭୟେ ଉପବାସ ରହିବା ସାର ହୁଏ । ଚମୋ ବାଘସିଂହଘର ପୋଡ଼ିବା ଦିନଠାରୁ ସାଆନ୍ତାଣୀଙ୍କର ମାନସିକ ଓ ଶାରୀରିକ କ୍ଳେଶ ବଢ଼ିଛି ।

ସାରିଆ ଦୁଃଖରେ ଦୁଃଖିନୀ ସାଆନ୍ତାଣୀ ଅନ୍ନଜଳ ଛାଡ଼ି ମୃତ୍ୟୁପଥର ଯାତ୍ରୀ ହୋଇଛନ୍ତି ।

ଚମ୍ପାର ବୟସ ତିରିଶ ଲଗାଲଗି । ତେଣୁ ସେ ଯୁବତୀ ନୁହେଁ କି ପ୍ରୌଢ଼ା ନୁହେଁ । ବର୍ଣ୍ଣ ଶ୍ୟାମଳ । ଗୁମୂଦାନ୍ତ ଦୁଇଟି ବାହାଡ଼ା, ଆଖିରେ କଜ୍ଜ୍ୱଳ, ଦେହ ତେଲହଳଦୀରେ ଜରଜର, ପାଟିରେ ପାନଖିଲ । ବଳିଆ ଅଳଙ୍କାର ପରିଧାନ ହେତୁ ଅଳଙ୍କାର ପ୍ରତି ତାର ରୁଚି ପରିସ୍ଫୁଟ ।

ଚମ୍ପା ପରର ଇଷ୍ଟ ଅପେକ୍ଷା ଅନିଷ୍ଟ ଚିନ୍ତାକରେ ବେଶୀ । ତେଣୁ ସୁନାରେ ସୋହାଗା ପରି ତାର ମଙ୍ଗରାଜଙ୍କ ସହିତ ମିଳନ । କୂଟବୁଦ୍ଧିରେ ସେ ମଙ୍ଗରାଜଙ୍କୁ ବଳି ଯାଇଛି । ଯେଉଁଠାରେ ମଙ୍ଗରାଜଙ୍କ ଚିନ୍ତା ହାର ମାନିଛି ସେଠାରେ ଚମ୍ପାର ପରାମର୍ଶ ସଫଳ ହୋଇଛି । ଛମାଣ ଆଠଗୁଣ୍ଠ ଜମିପାଇଁ ଚେଷ୍ଟା କରି ମଙ୍ଗରାଜେ ପାରି ନାହାନ୍ତି । କିନ୍ତୁ ସାରିଆ ଚମ୍ପାର କବଳରେ ପଡ଼ିଛି । ସେ କାହାର ନ'ଛ'ରେ ନ ଥାଏ ବା କାହା ସହିତ ତାର ସମ୍ପର୍କ ନ ଥାଏ । ସାରିଆର ପୁଅ ହେବା ବାହାନାରେ ଓ ତାର ଘର ଧନ ଧାନ୍ୟରେ ପୂରିଯିବା ଛଳରେ ମଙ୍ଗଳାପୂଜାପାଇଁ ଚମ୍ପା ଏପରି ମନ୍ତ୍ର ପ୍ରୟୋଗ କଲା ଯେଉଁଥିରେ ସାରିଆ ବଶୀଭୂତ ହେଲା । ମଙ୍ଗରାଜେ କଣ୍ଟକବଲା ନେଲେ ଜମି ଫେରାନ୍ତି ନାହିଁ, ସାରିଆର ଏହି ଧାରଣାକୁ ପୂର୍ଣ୍ଣରୂପେ ବଦଳାଇ ଦେଇ ଚମ୍ପା ତାର ସମୁଦ୍ର ପରି ଗମ୍ଭୀର,ପ୍ରଶାନ୍ତ ଚିତ୍ତରେ ଆଲୋଡ଼ନ ସୃଷ୍ଟି କଲା । ଶେଷରେ ଚମ୍ପାର ପାଖରେ ସାରିଆ ଓ ଭଗିଆ ଧରା ଦେଇ ଛମାଣ ଆଠଗୁଣ୍ଠ ଜମି କଣ୍ଟକବଲା ଲେଖି ଦେଲେ ।

ଶବ ସାଧନ କାର୍ଯ୍ୟରେ ଚମ୍ପାର ଧର୍ମାଧର୍ମ ବିଚାର ନ ଥିଲା । ଆତତାୟିନୀ ପରି ସେ ଚୂଡ଼ାନ୍ତ ଘରେ ଅଗ୍ନିସଂଯୋଗ କରିବା ଉଦ୍ଦେଶ୍ୟରେ ଝାଙ୍ଗାମାଙ୍ଗୁଣୀ ବେଶରେ ବାଦସିଂହଙ୍କ ଘରେ ପ୍ରବେଶ କରିଛି । ବାଦସିଂହଙ୍କ ଘର ଭସ୍ମୀଭୂତ ହୋଇଛି ।

ଚମ୍ପା ସମ୍ଭବତଃ ନିଃସଙ୍ଗ ଜୀବନ ଯାପନ କରୁଥିଲା । ସେହି ନିଃସଙ୍ଗତାକୁ ଦୂର କରିବା ପାଇଁ ମଙ୍ଗରାଜଙ୍କ ସାହଚର୍ଯ୍ୟ ଥିଲା ତାର କାମ୍ୟ । ମଙ୍ଗରାଜଙ୍କର ସେ କେବଳ ପରାମର୍ଶଦାତ୍ରୀ ହେଲା ନାହିଁ ତାଙ୍କଘରେ ମାଲିକାଣୀ ହେବା ପାଇଁ ମଧ୍ୟ ତାର ବାସନା ଥିଲା । ଠାକୁରାଣୀଙ୍କ ପ୍ରତି ତାର ବ୍ୟବହାର ଛଳନାମୟ ଓ ଅବଜ୍ଞାପୂର୍ଣ୍ଣ । ତାର ଅନ୍ତର ଯେପରି ଗୃଦ୍ଧ ଥିଲା ଠାକୁରାଣୀଙ୍କୁ ତାଙ୍କର ନ୍ୟାଯ୍ୟ ଦାବୀରୁ ଅନ୍ତର କରାଇ ମଙ୍ଗରାଜଙ୍କ ହୃଦୟରାଜ୍ୟରେ ନିଜକୁ ପ୍ରତିଷ୍ଠିତ କରିବା । ମଙ୍ଗରାଜଙ୍କ ଜୀବଦ୍ଦଶାରେ ସେ ତାଙ୍କ ଘରେ କର୍ତ୍ତ୍ରୀ ଥିଲା ଏପରିକି ଦଳଆମାନଙ୍କ ମଧ୍ୟ ବାଡ଼ଉଥିଲା । ଠାକୁରାଣୀଙ୍କ ମୃତ୍ୟୁପରେ ଦୁର୍ଦ୍ଦଶାର କବଳ ଚମ୍ପା ମଙ୍ଗରାଜଙ୍କୁ ଗ୍ରାସ କରିଛି । ଚମ୍ପା ମଧ୍ୟ ସେଥିରୁ କ୍ଷମା ପାଇ ପାରି ନାହିଁ । ଅତିମାତ୍ରାରେ ଲୋଭ ହେଲା ଚମ୍ପାର କଣ୍ଟକ । ମଙ୍ଗରାଜଙ୍କ ପରି ଗୋବରାକୁ ମଧ୍ୟ ସେ କବଳିତ କରିବାକୁ ଚେଷ୍ଟା କରିଥିଲା କିନ୍ତୁ ତାହା ମଧ୍ୟ ଫଳବତୀ ହେଲା ନାହିଁ । ଗୋବରାର ନିଜ ଗାଁ ପ୍ରତି ମମତା, ନିଜ ପରିବାର ପ୍ରତି ଅତ୍ୟଧିକ ସ୍ନେହ ଚମ୍ପାର ସୁଖସ୍ୱପ୍ନକୁ ଧୂଳିସାତ୍ କରିଛି । ଗୋବରା ଛୁରୀରେ ତାର ପ୍ରାଣ ଯାଇଛି ।

*ଛମାଣ ଆଠଗୁଣ*ର କଥାବସ୍ତୁର ଅନ୍ତର୍ଗତରେ ଚମ୍ପାର ଭୂମିକା ଉଲ୍ଲେଖଯୋଗ୍ୟ । ମଙ୍ଗରାଜଙ୍କ ଶ୍ୟେନ ଦୃଷ୍ଟି ଛମାଣ ଆଠଗୁଣ୍ଠ ଉପରେ ପଡ଼ିଛି ସତ, କିନ୍ତୁ ମଙ୍ଗରାଜଙ୍କ ପକ୍ଷରେ

ପାରଅଂକୁ ଭୁଲାଇବା ଅସମ୍ଭବ ହୋଇଥାନ୍ତା । ଚମ୍ପାର ବୁଢ଼ୀଆଣୀ ଜାଲରୁ ପାରଅା ରକ୍ଷା ପାଇ ପାରଲ ନାହିଁ । ମଙ୍ଗରାଜଙ୍କ ଜେଲ ଯିବାପରେ କଥାବସ୍ତୁ ଶେଷ ନ କର ଫକୀରମୋହନ ଚମ୍ପାକୁ ଗୋବନ୍ଦା ସହତ ପଳାୟନର ସୁଯୋଗ ଦେଇ ସେ କରଥିବା କୁ-କର୍ମର ପରଣତ ଦେଖାଇ ଅଛନ୍ତି । ଚମ୍ପା ପର ଦୁଷ୍ଟା, ଭ୍ରଷ୍ଟା ଓ ପରର ଅନଷ୍ଟକାରଣୀର ଦଣ୍ଡ ଭୋଗରେ ପାଠକମନରେ ସନ୍ତୋଷ ଆସେ ।

ବଶାଖାଦେଈ ଥିଲେ ପିଆଦାର ଝିଅ । ବାପାଙ୍କ ମୃତ୍ୟୁପରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲ । ଘରେ ମା ଓ ଭାଇ, ତେଣୁ ଦୁଇବେଳ ମୁଠିଏ ଲେଖାଏଁ ଖାଇବା ତାଙ୍କ ପକ୍ଷରେ ସହଜ ନ ଥିଲ । ଦୈନ୍ୟ ଓ ଅଭାବରେ ତାଙ୍କର ଭୋଗସ୍ପୃହା ମ୍ରିୟମାଣ ହୋଇପଡ଼ିବା ସ୍ୱାଭାବକ । ଏହ ପାରପାର୍ଶ୍ୱିକ ପରବେଷ୍ଟନୀରୁ ସେ ଆସିଲେ ଦାଣରଥି ଦାସଙ୍କ ଘରକୁ, ପରେ ସ୍ୱାମୀଙ୍କ ସଙ୍ଗରେ କଟକ ବସାକୁ । ଯା, ଶାଶୁଙ୍କ ଭୟ ବା ଗାଁ ମାଇପିଙ୍କ ସମାଲୋଚନାରୁ ଦୂରରେ ରହ ସେଠାରେ ସେ ଯାପନ କଲେ ଏକ ନରଙ୍କୁଶ ଜୀବନ । କୌଣସି ବୁଦ୍ଧିମତୀ ରମଣୀ ଏପର ଅବସ୍ଥାରେ ପଡ଼ିଥିଲେ ନଜକୁ ଏକ ଆଦର୍ଶ ଗୃହଣୀରୂପେ ପ୍ରତଷ୍ଠିତ କର ପାରଥାନ୍ତେ । ମାତ୍ର ନବୋଧତା, ଲୋଭ ଓ ତୋଷାମଦପ୍ରିୟତା ତାଙ୍କର ଉନ୍ନତରେ ପ୍ରତବନ୍ଧକ ହେଲ ।

ନବୋଧତା ଥିଲ ତାଙ୍କର ଜନ୍ମଗତ ଅଧିକାର । ତାଙ୍କର ମା ଓ ଭାଇଙ୍କ ଠାରେ ମଧ୍ୟ ଏହ ଗୁଣ କମ ନ ଥିଲ । ତାଙ୍କର

ଏକମାତ୍ର ଉଦ୍ଦେଶ୍ୟ ଥିଲା ଚଣୀ ନେବାକୁ । କିନ୍ତୁ ଚଣୀଙ୍କ ସମ୍ପର୍କରେ ତାଙ୍କର କଅଣ ବଦ୍‌ସଂସର୍ଗ ଜାଣି ନ ଥିଲା ?

ତାଙ୍କ ନିକଟରେ ଯେଉଁ ଦକ୍ଷୋଭ ବା ଗୃହବୋଡ ଟଙ୍କା ଥିଲା ତାହାର ବିନିମୟରେ ଚଣୀ ନେବାକୁ ସେ ଥିଲେ ବ୍ୟଗ୍ର । ଧୂର୍ତ୍ତତା ଓ ପ୍ରବଞ୍ଚନାର ସେ ଧାର ଧାରନ୍ତି ନାହିଁ । ମା ପ୍ରତି ତାଙ୍କର ଯେପରି ଅନୁରକ୍ତି ମାନସିଙ୍କ ପ୍ରତି ସେହିପରି ସ୍ନେହ । ସ୍ୱାମୀଙ୍କ ପ୍ରତି ତାଙ୍କର ଅନୁରାଗ ମଧ୍ୟ କମ ନ ଥିଲା । କିନ୍ତୁ ସେ ଏପରି ଏକ ଅବସ୍ଥା-ଚକ୍ରରେ ପଡ଼ିଲେ ଯେଉଁଥିରୁ ଉଦ୍ଧାର ପାଇବା ତାଙ୍କ ପକ୍ଷରେ ଅସମ୍ଭବ । ବିଶେଷତଃ ତାଙ୍କର ନିର୍ବୋଧତା ଅଗ୍ନିରେ ଘୃତାହୁତି ପରି ଅବସ୍ଥାକୁ ଆହୁରି ବିଷମୟ କରିଦେଲା । ଶାନ୍ତ, ସରଳ ଦେବପ୍ରତିମ ନରୁଙ୍କ ପ୍ରତି ତାଙ୍କର ଭର୍ତ୍ସନା କୌଣସି କୁଉଦ୍ଦେଶ୍ୟ ଜନିତ ନୁହେ, ଏହା କେବଳ ନିଜର ଅବୋଧ ମାନସ ନରୁ ପ୍ରତି ସ୍ନେହପ୍ରବଣତା ପ୍ରସୂତ ସାଧାରଣ ବୁଦ୍ଧିବୃତ୍ତିର ଅଭାବ ତାଙ୍କୁ ଅବସ୍ଥାର ସମ୍ମୁଖୀନ ହେବାରେ ଅପାରଗ କରିଥିଲା । ତାଙ୍କର ଅସାବଧାନତାରୁ ନାଜରଙ୍କ ପିଣ୍ଡକୁ ତହବିଲ ଚୋରି ଯାଉଛି ।

ସ୍ୱାମୀ ନାଜର ଥିବାରୁ ତାଙ୍କ ଘରକୁ ବହୁତ ଜିନିଷ ଆସେ କିନ୍ତୁ ନାଜରାଣୀଙ୍କ ଜୀବନରେ ଦେବା କଥାଟା ନ ଥିଲା । ଫକୀରମୋହନଙ୍କ ଭାଷାରେ କହିବାକୁ ଗଲେ "ବଳା ଚଡ଼େଇ ଝାଉଁଳ ହୋଇ ଗଲେ ବାଡ଼ିଆରେ ଖଣ୍ଡେ ଦୋଳେ ଢାଳି ଦେବେ ଟିକେ ପଗୁ ପୋକରା ବାଇଗଣ କଷିଟାଏ ହାତ ଟେକି କାହାକୁ ଦେବେ ନାହିଁ ।"

ବହୁକ୍ଷେତ୍ରରେ ଅବଳାର ଦୁର୍ବଳତା ତାଙ୍କଠାରେ ପରିଲକ୍ଷିତ ହୁଏ । ଅଳଙ୍କାର ପ୍ରତି ତାଙ୍କର ଅତ୍ୟଧିକ ମମତା ଥିଲା । ନାକ-ଫୋଡ଼ିଆ ମା ଓ ଚମ୍ପାର କଳହ ହେତୁ ବଶାଖା ଦେଈ ମାଡ଼ ଖାଇ ରାଗ ଓ ଅଭିମାନରେ କବାଟ ବନ୍ଦ କରି ଘରେ ଥିଲେ । ନାଗରଙ୍କ ଟଙ୍କାଟଳି ଝମଝମ ଓ ଅଳଙ୍କାର ତିଆରି ବରାଦ ପାଇଁ ବଣିଆ ଆସିଥିବା କଥା ଶୁଣିବା ମାତ୍ରେ ଧଡ଼ କରି କବାଟ ଫିଟାଇ ଦେଲେ । ସ୍ୱାମୀଙ୍କ ଅଜ୍ଞାତ କଟକଯିବା ପାଇଁ ରୁଷିବା, ଖାକୁଲେଇ କଥା କହିବା ସ୍ତ୍ରୀଜନସୁଲଭ । ଏକାଧିକବାର ସେ ନିଜର ଦୋଷକୁ ଘୋଡ଼ାଇବା ପାଇଁ ମିଥ୍ୟାର ଆଶ୍ରୟ ନେଇଛନ୍ତି । ପାଠ ପଢ଼ି ନଥିଲେହେଁ ଲୋକସମ୍ପର୍କରେ ଆସିଲେ ଆଗର ବ୍ୟବହାରର ପରିବର୍ତ୍ତନ ହେବା ସ୍ୱାଭାବିକ । କିନ୍ତୁ ବଶାଖା ଦେଈଙ୍କ କ୍ଷେତ୍ରରେ ତାହା ହୋଇ ନାହିଁ । ସର୍ବଦା ବୁଦ୍ଧିହୀନତାର ପରିଚୟ ତାଙ୍କଠାରୁ ମିଳିଛି । ବହୁବାର ସେ ଚମ୍ପାର କ୍ରୀଡ଼ାପୁତ୍ତଳିକା ରୂପେ କାର୍ଯ୍ୟ କରିଛନ୍ତି । ସହରରେ ବହୁବର୍ଷ ରହିଯିବା ମଧ୍ୟରେ ମଧ୍ୟ ସେ ସହରୀ ସଭ୍ୟତାର ଧାର ଧାରି ନାହାନ୍ତି ।

ସେ ଅତ୍ୟନ୍ତ ଖୋସାମତପ୍ରିୟ ଥିଲେ । ତେଣୁ ଚମ୍ପା ତାଙ୍କୁ ଠେକାଠେକି କରି ତାଙ୍କର ବହୁ ସୁବିଧା କରିଦେବ କହି ନିଜ ପ୍ରତି ତାଙ୍କର ସନ୍ଦେହକୁ ଦୂରୀଭୂତ କରି ପାରିଥିଲା । ନିଃସହାୟ, ଅସମର୍ଥା ବୃଦ୍ଧା ନାକଫୋଡ଼ିଆମାର ଖୋସାମତହିଁ ଥିଲା ଏକମାତ୍ର ସମ୍ବଳ । ସେହି ଅସ୍ତ୍ର ସାହାଯ୍ୟରେ ସେ ବହୁତ ବୋହୂଝିଅଙ୍କୁ ଠେକାଠେକି କରି ଦାପଦା କହି ତାଙ୍କ ଗୁଡ଼ା ବାନ୍ଧି ଦେଇଥିଲା ଓ ସେମାନଙ୍କ

ଯାନରେ ଚଲି ଯାଉଥିଲା । ବିଶାଖା ଦେଈଙ୍କ କଟକ ଆଗମନ ସମୟରେ ସେ ତାଙ୍କ ନିକଟକୁ ଆସି ଘୋର ଅସ୍ତ୍ର ପ୍ରୟୋଗ କଲା, ଓ କିଛି ଜିନିଷ ତାଙ୍କଠାରୁ ପାଇଲା ।

ସମସ୍ତ ଦୋଷ ଦୁର୍ବଳତା ସତ୍ତ୍ୱେ ବିଶାଖା ଦେଈ ଥିଲେ ସରଳା ଓ ପତିବ୍ରତା । କେବଳ ଚଟିଆର ଅବଧାନ ନାଜର ନିକଟର ଦୋଷ ଏହା କେଳି ଶେଷରେ ନିଜେ ସ୍ୱୀକାର କରିଛନ୍ତି ।

ଚନ୍ଦ୍ରକଳାର ଚରିତ୍ର ଫକୀରମୋହନଙ୍କ ତୁଳିରେ ଅତ୍ୟନ୍ତ ଜୀବନ୍ତ ଭାବରେ ରୂପାୟିତ ହୋଇଛି । ସାଧାରଣତଃ ଓଡ଼ିଆ ସ୍ତ୍ରୀମାନଙ୍କ ମଧ୍ୟରେ ଏପରି ଚରିତ୍ର ସୁଲଭ ନୁହେ । ଚମ୍ପା ପରି ଚତୁରା କୁଟିଳା, ପରର ଅନିଷ୍ଟକାରିଣୀ; କିନ୍ତୁ ଚମ୍ପା ମଫସଲ ଚନ୍ଦା ତାର ସହରୀ ସଂସ୍କରଣ । ରୂପରେ ସେ ଅନିନ୍ଦ୍ୟ ସୁନ୍ଦରୀ ନୁହେ । ବର୍ଣ୍ଣ ଶ୍ୟାମଳ କିନ୍ତୁ ଗଠନଟି ମନୋହର । ରୂପାଜୀବାଙ୍କ ପରି ପରର ଦୃଷ୍ଟି ଆକର୍ଷଣ କରି ନିଜକୁ ଟେକିବାରେ ତାର ଚେଷ୍ଟାର ଅଭାବ ନ ଥାଏ । ଚମ୍ପାଠାରୁ ଚନ୍ଦା ଚତୁରା । ଚମ୍ପା ଠାକୁରାଣୀଙ୍କୁ ଅସନ୍ତୁଷ୍ଟ କରି ରାମଚନ୍ଦ୍ର ମଙ୍ଗରାଜଙ୍କୁ ତାଙ୍କ ଧନାଗମ ଚେଷ୍ଟାରେ ସାହାଯ୍ୟ କରିଛି । କିନ୍ତୁ ଚତୁରୀ ଚନ୍ଦ୍ରକଳା ସର୍ବଦା ବିଶାଖା ଦେଈଙ୍କ ମନକୁ ଭୁଲାଇ ତାର ଉଦ୍ଦେଶ୍ୟ ସାଧନ କରିଛି । ତାଙ୍କୁ ସର୍ବଦା ସେ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥିଲା । ଏପରିକି ତାଙ୍କ ମନର ସନ୍ତୋଷ ବିଧାନ ପାଇଁ ନିଜ ରୁଚି ବିରୋଧୀ ଅନେକ କାର୍ଯ୍ୟ କରିବାକୁ ସେ ବାଧ୍ୟ ହୋଇଥିଲା । ସେ ଏବଂ ନାଜରାଣୀ ଉଭୟେ ସେପରି ନାଜରଙ୍କ ପ୍ରେମ ପାଇଁ ପ୍ରତିଦ୍ୱନ୍ଦ୍ୱୀ । ସେ ଥିଲା ଭ୍ରଷ୍ଟଚରିତ୍ରା ।

ଚମ୍ପା ଯେପରି ମଙ୍ଗରାଜଙ୍କୁ ପ୍ରତାରଣା କରିଛି ଚନ୍ଦକଳା ମଧ୍ୟ ନାଗରଙ୍କ ଦ୍ୱାରା ସରକାରୀ ତହବିଲ ଚୋରି କରିବାରେ ସାହାଯ୍ୟ କରିଛି ଓ ତାର ଭାଗ ନେଇଛି । ସମସ୍ତଙ୍କ ଅଜ୍ଞାତସାରରେ ତାହା ନାଗରାଣୀଙ୍କ ଅଳଙ୍କାରଡବା କୌଶଳରେ ଚୋରାଇ ନେଲା । ବିଶ୍ୱାସଘାତ ଭଳି ମହତ ଦୋଷ ପାପ ପ୍ରସଙ୍ଗରେ ଆସକ୍ତା ଥିଲେହେଁ ନାଗରଙ୍କ ଆଖିରେ ଧୂଳି ଦେବା ପାଇଁ ସେ ଥିଲା ତାର ଧର୍ମଭାଇ । ନିରୁ ପ୍ରତି ତାହାର ଅନ୍ତରରେ ଯେଉଁ ସ୍ନେହ ତାହା ତାର ହୃଦୟ ନିର୍ମଳ ପରିଚୟ ଦିଏ । ମାଇଁକିଆଙ୍କ ଦ୍ୱାରା ତିରସ୍କୃତା ନିରୁକୁ ସେ ଯଥାସାଧ୍ୟ ହାନି ନ ଦେବାକୁ ଉଦ୍ୟମ କରିଛି । ସେହି କେତେ ଗୋଟି ପଦରେ ତାର ହୃଦୟର ପୁଞ୍ଜୀଭୂତ ସ୍ନେହ ଫୁଟି ଉଠିଛି । ନାଗରାଣୀଙ୍କ ସହିତ, ଝିଅମାନଙ୍କ ସହିତ ବା ଅନ୍ୟାନ୍ୟ ତାର ବ୍ୟବହାରରେ ଛଳନାର ସ୍ୱର ଝଙ୍କୃତ ହୁଏ ।

ହୁଏତ ମାତୃତ୍ୱର ଅଳଙ୍କାରରେ ଭୂଷିତ ହୋଇଥିଲେ ତାହାର ଚରିତ୍ରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାନ୍ତା । ଏହାହିଁ ନାରୀତ୍ୱ ପ୍ରକୃତିର ଦ୍ୱିତୀୟ ବାତାବରଣ । ତାହାପରି ବୁଦ୍ଧିମତୀ ଓ ପ୍ରତ୍ୟୁତ୍ପନ୍ନମତି ସ୍ତ୍ରୀ ଦେଖିବା ସୁଲଭ ନୁହେଁ । କେତେଥର ସଙ୍କଟଜନକ ମୁହୂର୍ତ୍ତରେ ସେ ଏପରି କାର୍ଯ୍ୟ କରିଛି ବା ପରାମର୍ଶ ଦେଇଛି ଯାହା ବୁଦ୍ଧିମାନ୍ ପୁରୁଷ ପକ୍ଷରେ ମଧ୍ୟ ଅସମ୍ଭବ । ନିଜେ ନାଗର ମଧ୍ୟ ତା ନିକଟରେ ଏ ବିଷୟରେ ହାର ମାନିଛନ୍ତି । ଫକୀରମୋହନ ଯଥାର୍ଥ କହିଛନ୍ତି, "ତାହାର ବୁଦ୍ଧି ବୈଚିତ୍ର୍ୟମୟୀ, ସ୍ୱାର୍ଥସାଧନ-ପ୍ରବଳା ଏବଂ ଭୟଙ୍କରୀ ।" ଚନ୍ଦା ସମ୍ପର୍କରେ ଜଗନ୍ନାଥଦେବଙ୍କ ଅଭିମତ "ଏହି ଆସାମୀ ଗୋଟାଏ ଭଦ୍ରଙ୍କର ବୁଦ୍ଧିମତୀ, ଭୟଙ୍କର

ଦୁଷ୍ଟରବା ବଜାରି ସ୍ତ୍ରୀ ଅଟେ।” ଅକ୍ଷରେ ଅକ୍ଷରେ ସତ୍ୟ । ହୁଏତ ତାର ବୁଦ୍ଧି ଜନହିତକରକାର୍ଯ୍ୟରେ ଲାଗିଥିଲେ ସେ ସରସ୍ୱତୀ ଦେଈ ବା ସାଆନ୍ତାଣୀଙ୍କ ପରି ଦେବୀର ଆସନ ଗ୍ରହଣ କରିଥାନ୍ତା । ନାଜର ନଟବରଙ୍କ ସମ୍ପର୍କରେ ସୁପାରିସ କରି ବୁଦ୍ଧିମତୀ କିନ୍ତୁ କାଂକର୍ତ୍ତବ୍ୟବିମୂଢ଼ା ସରସ୍ୱତୀ ଦେଈଙ୍କ ମନରେ ସେ ଯେପରି ବିଶ୍ୱାସ ଜନ୍ମାଇ ପାରିଲା ଓ ଅଳଙ୍କାର ପୁଟୁଳା ଫେରାଇ ନେଲା ତାହା ସାଧାରଣ ବୁଦ୍ଧିର ଅଗମ୍ୟ । ନିଜେ ବିପଦରେ ପଡ଼ିବା ସମୟରେ ତାର ଅସାଧାରଣ ଧୈର୍ଯ୍ୟ ଓ ସାହସର ପରିଚୟ ମିଳିଛି । ପୋଲିସ ତା ଘରପଛ ପାଉଁଶ ଗଦାରୁ ପଞ୍ଚଶ ଟଙ୍କା ଓ ଅଳଙ୍କାର ପୁଟୁଳା ଜବତ କରିବା ସମୟରେ ସେ ନିର୍ଭୀକ ଭାବରେ କହିଛି, ଟଙ୍କା ଆଉ ଅଳଙ୍କାର କଥା କିଛି ଜାଣେ ନାହିଁ, କେହି ସେଠାରେ ତାକୁ ବିପଦରେ ପକାଇବା ପାଇଁ ଏପରି କରିଛି ବୋଲି କହିଛି ।

ଲଛମା ରୂପରେ ଯେପରି କମନୀୟା ଗୁଣରେ ସେହିପରି ଆଦର୍ଶସ୍ଥାନୀୟା । ଫକୀରମୋହନ ଏହି ଚରିତ୍ରକୁ ସୌନ୍ଦର୍ଯ୍ୟ ଓ ସାହସର ପ୍ରତୀକ ରୂପେ ସୃଷ୍ଟି କରିଛନ୍ତି । ଗଡବଣିଆ ଦୁର୍ଗର ଅଧିପତିଙ୍କ ଦରବାରରେ ଲଛମା ପ୍ରଥମେ ପାଠକର ଦୃଷ୍ଟି ପଥରେ ପଡେ । ତାର ପ୍ରତି ଅଙ୍ଗ ପ୍ରତ୍ୟଙ୍ଗରେ ଯୌବନର କ୍ଷୋଭ ତରଙ୍ଗ ଖେଳି ଯାଉଥିଲା । ଏକେତ ଗୌରବର୍ଣ୍ଣ ଦ୍ୱିତୀୟରେ ବହୁମୂଲ୍ୟ ବସନ ଭୂଷଣ ତାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିଲା । ମାନଧାତାଙ୍କ ନିଆସରେ ସେ ରାଜକୁମାର ସ୍ଥାନ ପାଇଥିଲେ ହେଁ ତା ମନରେ ଅହଙ୍କାରର ଲେଶ ମଧ୍ୟ ସ୍ଥାନ ପାଇନାହିଁ । କାପୁମନୋବାକ୍ୟରେ ସେ କାହାକୁ ମଧ୍ୟ ଅସନ୍ତୁଷ୍ଟ କରିନାହିଁ କୌଣସି କାର୍ଯ୍ୟ

କରିବା ପାଇଁ କାହାକୁ ଆଦେଶ ଦେବା ପରିବର୍ତ୍ତେ ସେ ନିଜ ହାତରେ ସେ ସମସ୍ତ କରିବାକୁ ଭଲ ପାଉଛି । ଭାରତୀୟ ହିନ୍ଦୁ ପରମ୍ପରାର ସେ ଥିଲା ଏକାନ୍ତ ଅନୁଗାମିନୀ । ବାରବ୍ରତ ଓ ଓଷା ପାଳନରେ ସେ କେବେ ହେଲେ ବ୍ୟତିକ୍ରମ କରୁ ନ ଥିଲା । ଚଉତିଶି ମଧ୍ୟରେ ତାର ଅଧିକାଂଶ ସମୟ ଅତିବାହିତ ହେଉଥିଲା ।

ଲଛମା ଏକାନ୍ତରେ ଧର୍ମପରାୟଣା ସତୀ ଓ ସାଧ୍ୱୀ । ସ୍ୱାମୀହିଁ ଥିଲେ ତା ଜୀବନର ଧ୍ରୁବତାରା । ଗୋଡଖାଲ ଦୁର୍ଘଟଣା ପରେ ସ୍ୱାମୀ, ପିତାମାତା ଓ ଆତ୍ମୀୟ ସ୍ୱଜନଙ୍କଠାରୁ ବଞ୍ଚିତା ହୋଇ ମଧ୍ୟ ସେ ଧୈର୍ଯ୍ୟ ହରାଇ ନାହିଁ । ପାନରା ବେଶରେ ସେ ମରହଟ୍ଟ ଶିବିରରେ ପ୍ରବେଶ କରିଛି । ଉତ୍ତମ ବ୍ୟବହାର ଓ ମଧୁର କଥାରେ ସମସ୍ତେ ତା ପ୍ରତି ଆକୃଷ୍ଟ ହୋଇଛନ୍ତି । ଶୟନେ ସ୍ୱପନେ ସ୍ୱାମୀବିନା ତାର ଅନ୍ୟ ଚିନ୍ତା ନ ଥିଲା । ସେ ଏପରି ଭାବରେ ନିଜକୁ ସଜାଇଛି ଯେ ତାର ପ୍ରକୃତ ପରିଚୟ କେହି ପାଇ ପାରିନାହାନ୍ତି । ଦୁଃଖ ସହିବାରେ ଲଛମା ଥିଲା ଅଦ୍ୱିତୀୟା ! କେତେ ଦିନ ଯେ ସେ ଅନାହାରରେ ରହିଛି ତାର ଇୟତ୍ତା ନାହିଁ । ଜଗାପତି ସିଂ ମା ପରି କଲିହୁଡୀଠାରୁ ସେ ଅଯଥା ଗାଳି ଖାଇଛି । ଅପରିଚିତ ମରହଟ୍ଟା ଶିବିରରେ ତାର ଅସୁବିଧା ଯେ ବହୁଗୁଣିତ ହୋଇଥିଲା ଏଥିରେ ସନ୍ଦେହ ନାହିଁ । "ମନ୍ତ୍ରଂ ବା ସାଧୟେତ୍ ଶରୀରଂ ବା ପାତୟେତ୍" ଏହି ନୀତିର ବଶବର୍ତ୍ତୀ ହୋଇ ସେ ଭାସ୍କରପଣ୍ଡିତଙ୍କୁ ହତ୍ୟା କରିବା ପାଇଁ ବଦ୍ଧପରିକର ହୋଇଛି । ଶେଷରେ ସେ ଉଦ୍ଦେଶ୍ୟ ସାଧନରେ କୃତକାର୍ଯ୍ୟ

ହୋଇଛି । ନଦୀ ସମୁଦ୍ର ସହିତ ମିଳିତ ହେବା ପାଇଁ ଯେପରି ବାଧା ପ୍ରତିବନ୍ଧକ ଏଡ଼ି ଅଗ୍ରସର ହୁଏ ଲଛମା ସେହିପରି ସ୍ୱାମୀଙ୍କ ସହିତ ମିଳିତ ହେବା ପାଇଁ ଲକ୍ଷ୍ୟପଥରେ ଅଗ୍ରସର ହୋଇଛି । ଯେତେବେଳେ ସେ ଗୟା କ୍ଷେତ୍ରରେ ପ୍ରବେଶ କରିଛି ସେତେବେଳେ ସ୍ୱାମୀ, ମାତା, ଶାଶୂ ସମସ୍ତଙ୍କ ସହିତ ଆକସ୍ମିକ ମିଳନ ଘଟିଛି ।

ସହରଠାରୁ ଦୂର ମଫସଲରେ ଇନ୍ଦୁମତୀଙ୍କ ଜନ୍ମ । ଶୈଶବରୁ ସେ ମାତୃହୀନା ହୋଇ ବଢ଼ିଛନ୍ତି । ସ୍ୱଭାବତଃ ସେ ଧୀରା, ବିବେକପରାୟଣା, ମିଷ୍ଟଭାଷିଣୀ ଓ ଲାଜକୁଳୀ ଲତାପରି ଲଜ୍ଜାଶୀଳା । ସମସ୍ତ ଗୁଣର ସେ ଯେପରି ଆଧାର । ମାଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ତାଙ୍କର ଦାୟିତ୍ୱଜ୍ଞାନ ଆସି ଯାଇଛି । ତାଙ୍କର ସଙ୍ଗିନୀ ପ୍ରେମ କଥା ଉତ୍ଥାପନ କଲା ମାତ୍ରେ ସେ ବିଶେଷ ସଙ୍କୋଚ ଅନୁଭବ କରିଥାନ୍ତି । କଳା ପ୍ରତି ସେ ଥିଲେ ଆଗ୍ରହୀ । ଶ୍ରୀକୃଷ୍ଣ, ଅଷ୍ଟପାଟବଂଶୀ, କଦମ୍ବଗଛ, ପଦ୍ମଫୁଲ ପ୍ରଭୃତିର ଚିତ୍ର ଅଙ୍କନରେ ତାଙ୍କର ବହୁ ସମୟ ଅତିବାହିତ ହେଉଥିଲା । ତାଙ୍କ ସେବା ପାଇଁ ବହୁ ଯୋଇଲ୍ ପରିଚାରୀ ଥିଲେ ହେଁ ସେ କାହାର ଆବଶ୍ୟକତା ଅନୁଭବ କରୁ ନ ଥିଲେ । ନିଜେ ଉଆସ ଅଗଣାରେ ଫୁଲଗଛ ଲଗାଇ ମରୁଆ ସହିତ ନଦୀରୁ ପାଣି ଆଣି ଦେବାରେ ସେ ଆନନ୍ଦ ଅନୁଭବ କରୁଥିଲେ । ସୁଖ ସମ୍ପଦରେ ଲାଳିତା ଓ ଅଜସ୍ର ସମ୍ପତ୍ତିର ଉତ୍ତରାଧିକାରିଣୀ ହୋଇ କେତେ ଜଣ ଏପରି ଆତ୍ମନିର୍ଭରଶୀଳ ହୋଇ ପାରନ୍ତି ?

ପିତାଙ୍କର ସେ ଥିଲେ ଆଦରର ଧନ । ସଙ୍କର୍ଷଣ ଧୂର୍ତ୍ତ, ସ୍ୱାର୍ଥସର୍ବସ୍ୱ ହେଲେହେଁ ଇନ୍ଦୁମତୀ ତାଙ୍କୁ ଉପଯୁକ୍ତ ଭକ୍ତି ଦେଖାଇଛନ୍ତି ।

ଉପନ୍ୟାସର ପ୍ରାରମ୍ଭରେ ତାଙ୍କୁ କବିତାଲେଖିକା ହିସାବରେ ଚିତ୍ରଣ କରାଯାଇଛି ; କିନ୍ତୁ ସେ ଗୁଣର ସେ ଅଧିକାରିଣୀ ନ ଥିଲେ । ରାଜୀବଲୋଚନଙ୍କର କବିତା ତଳେ ଦସ୍ତଖତ ଦେବାପାଇଁ ବନ୍ଧୁ ଅନୁରୋଧ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । କିନ୍ତୁ ସେହି କାର୍ଯ୍ୟରେ ପିତାଙ୍କର ଆଦେଶକୁ ସେ ପାଳନ କରିବାରେ କୁଣ୍ଠା ପ୍ରକାଶ କରି ନାହାନ୍ତି । ସ୍ୱାମୀଙ୍କ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା । ସତୀତ୍ୱ ଓ ସାଧୁତା ତାଙ୍କ ଚରିତ୍ରରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ସ୍ୱେଚ୍ଛାକୃତ ନ ହେଲେହେଁ କବିତା ତଳେ ଦସ୍ତଖତ ଦେଇଥିବାରୁ ଓ ତାର ପରିଣାମରେ ସ୍ୱାମୀ ଭୟାବହ ପରିସ୍ଥିତିର ସମ୍ମୁଖୀନ ହୋଇଥିବାରୁ ସେ ନିଜକୁ ସମ୍ପୂର୍ଣ୍ଣ ଦୋଷୀ ବୋଲି ମନେକରିଛନ୍ତି । ଆତ୍ମହତ୍ୟାରେ ତାର ପ୍ରାୟଶ୍ଚିତ୍ତ ହୋଇଛି । ସେ ଯେଉଁ ପାରିପାର୍ଶ୍ୱିକ ପରିବେଷ୍ଟନୀ ମଧ୍ୟରେ ବଢ଼ିଛନ୍ତି ସେଥିରେ ସେ ଲଚ୍ଛମା ପରି ଦୁଃସାହସିକା ହୋଇ ପାରି ନାହାନ୍ତି । ବାସ୍ତବିକ୍ ତାଙ୍କର ଜୀବନ ଅତ୍ୟନ୍ତ କରୁଣ ଓ ବିଷାଦମୟ ।

ପ୍ରଧାନ ନାରୀଚରିତ୍ରଚିତ୍ରଣ ପ୍ରସଙ୍ଗରେ ଫକୀରମୋହନ ଭାରତୀୟ ନାରୀର ମହତ୍ତ୍ୱ ବିଶେଷ ଭାବରେ ଫୁଟାଇ ପାରିଅଛନ୍ତି । ସାଆନ୍ତାଣୀ, ଇନ୍ଦୁମତୀ ଓ ଲଚ୍ଛମା ଚରିତ୍ର ବର୍ଣ୍ଣନା ଏହାର ଜ୍ୱଳନ୍ତ ନିଦର୍ଶନ । ବିଶାଖା ଦେଈଙ୍କର ମଧ୍ୟ ସ୍ୱାମୀ-ପ୍ରୀତି କମ୍ ନୁହେ ଭଲ ସହିତ ମନ୍ଦର ସମ୍ମିଶ୍ରଣ ପରି ଚନ୍ଦା ଓ ଚମ୍ପା ଚରିତ୍ରର ସୃଷ୍ଟି ବାସ୍ତବତାର ପରିଚାୟକ । ଫକୀରମୋହନ ନିଜର ବ୍ୟକ୍ତିଗତ ଜୀବନରେ ଉଭୟ ପ୍ରକାର ଚରିତ୍ରଦ୍ୱାରା ପ୍ରଭାବିତ ହୋଇଛନ୍ତି । ପିତାମହୀ କୁଚିଳା ଦେଈଙ୍କ ସେବା ଓ ସ୍ନେହରେହିଁ ଫକୀରମୋହନ

ବଞ୍ଚି ପାରିଥିଲେ । ନୋହିଲେ ପିତୃମାତୃହୀନ ରୁଗ୍ଣ ଅନାଥ ଫକୀର-ମୋହନ ବାଲ୍ୟକାଳରେ କାଳଗ୍ରାସରେ ପଡ଼ିଯିବାର ବିଶେଷ ସମ୍ଭାବନା ଥିଲା । ତାଙ୍କର ଦ୍ୱିତୀୟା ସ୍ତ୍ରୀ କୃଷ୍ଣକୁମାରୀ ସ୍ୱାମୀଙ୍କ ମଙ୍ଗଳ ସାଧନରେ ସର୍ବଦା ବ୍ରତୀ ଥିଲେ । ଫକୀରମୋହନ ଲେଖିଛନ୍ତି, "ସଂସାରର ସମସ୍ତପ୍ରକାର ଦୁଃଖ-ଦୁର୍ଦ୍ଦଶାମୋଚନ, ସୌଭାଗ୍ୟ-ସୁଖ-ସମ୍ପତ୍ତି-ବର୍ଦ୍ଧନ ନିମନ୍ତେ ଦୟାମୟ ପରମେଶ୍ୱର କୃଷ୍ଣକୁମାରୀଙ୍କୁ ଭାର୍ଯ୍ୟାରୂପେ ମୋହ ନିକଟକୁ ପଠାଇଥିଲେ । ଜନ୍ମନିଷ୍ଠା, ପତିପରା-ୟଣତା ,ଧାର୍ମିକତା ସମସ୍ତପ୍ରକାର ସଦ୍‌ଗୁଣ ତାଙ୍କଠାରେ ପୂର୍ଣ୍ଣମାତ୍ରାରେ ଥିଲା ।" ଅନ୍ୟ ପକ୍ଷରେ ତାଙ୍କର ପ୍ରଥମା ସ୍ତ୍ରୀ ଲୀଳାବତୀ ଦେବୀ ନିତାନ୍ତ ନିଷ୍ଠୁରା, ଦାମ୍ଭିକା,କର୍କଶଭାଷିଣୀ ଏବଂ ଫକୀରମୋହନଙ୍କର ବିରୁଦ୍ଧାଚରଣୀ ଥିଲେ । ତାଙ୍କର ପୋଇଲୀ କେତକୀ ଦୁଷ୍ଟା, ଅଭିମାନିନୀ ଓ ଗର୍ବିଣୀ ଥିଲା । ଚମ୍ପା ଓ ଚମ୍ପାର ଚରିତ୍ର ସୃଷ୍ଟିରେ ଶେଷୋକ୍ତ ନାରୀଚରିତ୍ରର ପ୍ରଭାବ ପଡ଼ିଥିବା ସ୍ୱାଭାବିକ ।

## ଗୌଣ ଚରିତ୍ର

ପ୍ରଧାନ ଚରିତ୍ରପରି ଗୌଣ ଚରିତ୍ରଚିତ୍ରଣରେ ମଧ୍ୟ ପାଠକ ଫକୀରମୋହନଙ୍କ ବର୍ଣ୍ଣନାର ବୈଚିତ୍ର୍ୟରେ ମୁଗ୍‌ଧ ହେବା ସଙ୍ଗେ ସଙ୍ଗେ ବିସ୍ମିତ ହୁଏ । ଏହି ଗୌଣ ଚରିତ୍ରଗୁଡ଼ିକ ଜୀବନ୍ତ ଓ ପ୍ରାଣସ୍ପର୍ଶୀ ଏବଂ ବ୍ୟକ୍ତିତ୍ୱ ଅଭିଜ୍ଞତାଦ୍ୱାରା ପୁଷ୍ଟ । ସହର ମଫସଲ, ପରୋପକାରୀ ପରାପକାରୀ, ସ୍ତ୍ରୀ ପୁରୁଷ, ପଣ୍ଡିତ ମୂର୍ଖ, ସରଳ ଧୂର୍ତ୍ତ, ଧନୀ ନିର୍ଦ୍ଧନ ସକଳ ଶ୍ରେଣୀର ମାନବ ମାନବୀ ତାଙ୍କ ଉପନ୍ୟାସକୁ ମଣ୍ଡନ କରିଛନ୍ତି । ଗୌଣ ଚରିତ୍ରଗୁଡ଼ିକ ଏପରି ଜୀବନ୍ତ ଭାବରେ

ଅଙ୍କିତ ଯେ ମୁଖ୍ୟ ଚରିତ୍ର ଅପେକ୍ଷା ସେମାନେ ଅଧିକ ସ୍ମରଣୀୟ ହୋଇପଡ଼ନ୍ତି ।

ଚୂଡ଼ାମଣି ଓ ସରସ୍ୱତୀ ଦେଈ - ଚରିତ୍ର ଦୁଇଟି ଅନବଦ୍ୟ ସୃଷ୍ଟି । ଚୂଡ଼ାମଣିଙ୍କର ଜନ୍ମଠାରୁ ଜନନୀ ହେବା ପର୍ଯ୍ୟନ୍ତ ସକଳ ସମୟର ଚିତ୍ର ଅଙ୍କିତ ହୋଇଅଛି । ଯାବଜ୍ଜୀବନବ୍ୟାପୀ ସେ ନିଜ ବିଷୟରେ ଯତ୍ନହୀନା, ପରଦୁଃଖମୋଚନତତ୍ପରା, ଅତ୍ୟନ୍ତ ସରଳା ଓ ସମବେଦନଶୀଳା । ଶାବକ ପକ୍ଷିଣୀର ପକ୍ଷଭିତରେ ଆଚ୍ଛାଦିତ ହୋଇ ରହିଲା ପରି ସେ ସର୍ବଦା ସରସ୍ୱତୀ ଦେଈଙ୍କ ବାହୁଚ୍ଛାୟାତଳେ ରହିଛନ୍ତି । ଫୁଲଟି ଫୁଟିଲା ଅବସ୍ଥାରେ ଝଡ଼ିପଡ଼ିଲା ପରି ଯୌବନର ଅଳ୍ପକାଳ ମଧ୍ୟରେ ସେ ସ୍ୱାମୀଙ୍କୁ ହରାଇଛନ୍ତି । ସରସ୍ୱତୀଙ୍କ ଜନ୍ମ ଯେପରି ପରପାଇଁ । ଏପରି ସ୍ୱର୍ଗୀୟ ବ୍ୟକ୍ତି କ୍ୱଚିତ୍ ଦେଖାଯାନ୍ତି । ପରପାଇଁ ତାଙ୍କର ଜନ୍ମ, ପରସେବାପାଇଁ ତାଙ୍କ ଜୀବନ ଉତ୍ସୃଷ୍ଟ । ନରପୁତ୍ର ଉଆସରେ ସେ ପରିଜନମାନଙ୍କ ଦୁଃଖ ସହି ନପାରି ନିଜ ବେକର ମାଳି ବନ୍ଧା ଦେଇ ଟଙ୍କା ଆଣିବାର ବ୍ୟବସ୍ଥା କରିଛନ୍ତି । କର୍ମ ବିପାକରୁ ବେଳେ ବେଳେ ସେ ପ୍ରବଞ୍ଚକ ନଟବରଙ୍କ ପ୍ରତାରଣା ଜାଲରେ ପଡ଼ିଛନ୍ତି ।

ମେନକା ଦେଈ ଓ ମଙ୍ଗଳା ଦେଈ ଉଭୟେ ସନ୍ତାନବତ୍ସଳା । ମେନକା ଦେଈ ସହରରେ ଓ ମଙ୍ଗଳା ଦେଈ ମଫସଲରେ ବଢ଼ିଛନ୍ତି । ଅନ୍ଧଭାବରେ ସନ୍ତାନଙ୍କୁ ଭଲପାଇବା ମଙ୍ଗଳା ଦେଈଙ୍କର ପ୍ରକୃତି । ସେ ରାଘବ ମହାନ୍ତିଙ୍କର ସମସ୍ତ ତ୍ରୁଟି ଓ ଦୋଷକୁ ଘୋଡ଼ାଇବାରେ ଯତ୍ନ କରିଛନ୍ତି । ମେନକା ଦେଈ ପୁଣି ନଟବରଙ୍କଠାରୁ କୌଣସି

ସାହାଯ୍ୟ ପାଇ ନାହାନ୍ତି । ବରଂ ତାଙ୍କର ଘରଭଡ଼ାରୁ ସେ ଯେଉଁ ଅଫିମ ଟିକିକ ଖାଉଥିଲେ ନଟବର ତାକୁ ଦଖଲ କରିବାରୁ ସେତିକ ମଧ୍ୟ ହରାଇଲେ । ପୁତ୍ରର ଅନିଷ୍ଟ ଆଶଙ୍କାରେ ସେ ଲୁହ ସୁଦ୍ଧା ଗଡ଼ାଇ ନାହାନ୍ତି । ଅଶିକ୍ଷିତା ଦରିଦ୍ରା ମଙ୍ଗଳା ଦେଈ ନିଜ ଝିଅର ବିଭୂତି ଦେଖି ତାଙ୍କୁ ଧଣୀ ବୋଲି ମନେ କରିଛନ୍ତି ଓ ତାଙ୍କ ସାହାଯ୍ୟରେ ରାଘବକୁ ରକ୍ଷା କରିବାର ପନ୍ଥା ଖୋଜୁଛନ୍ତି । ପ୍ରାୟଶ୍ଚିତ୍ତରେ ଗୋବିନ୍ଦଙ୍କ ପ୍ରତି ସାଆନ୍ତାଣୀ ହରିପ୍ରିୟାଙ୍କର ବାତ୍ସଲ୍ୟ ମମତା କମ ନୁହେ । ବୋହୁଟିଏ ପାଇଁ ସେ କେତେ କଳ୍ପନା କରି ବସିଛନ୍ତି । କିନ୍ତୁ ସଦାନନ୍ଦ ଓ ରାଜୀବଲୋଚନଙ୍କ ଚକ୍ରାନ୍ତରେ ତାଙ୍କର ସେ ଆଶା ଆଶାରେହିଁ ପରିଣତ ହୋଇଛି । ଗୋବିନ୍ଦଚନ୍ଦ୍ର ତାଙ୍କର ପରମ ଶତ୍ରୁଙ୍କ କନ୍ୟାକୁ ବିବାହ କରିଛନ୍ତି ତଥାପି କ୍ଷମା-ଶୀଳା ଜନନୀ ଗୋବିନ୍ଦଚନ୍ଦ୍ରଙ୍କୁ କ୍ଷମା ଦେଇଛନ୍ତି ଓ ମୃତ୍ୟୁ ସମୟରେ ତାଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇ ପଡ଼ିଛନ୍ତି ।

ଅତ୍ୟଧିକ ସନ୍ତାନ ସ୍ନେହ ଉତ୍କଳୀୟ ତଥା ଭାରତୀୟ ନାରୀର ବିଶେଷତ୍ୱ । ସନ୍ତାନଟିଏ ପାଇବା ପାଇଁ ସାରିଆର ସର୍ବସ୍ୱ ଯାଇଛି । ତାର ଅତ୍ୟନ୍ତ ପ୍ରିୟ ଗାଈ ନେତ ଓ ଛମାଣ ଆଠଗୁଣ୍ଠ ଜମିକୁ ସେ ହରାଇ ବସିଛି । ସେ ତା ସମ୍ପତ୍ତିକୁ ଝୁରି ଝୁରି ମରିଛି । ବାଇବଣିଆ ଦୁର୍ଗର ସତୀ ମହାଦେଈ ଯେପରି ପତିପରାୟଣା ସେହିପରି ପରଦୁଃଖକାତରା । ଲଛମାକୁ ସେ କନ୍ୟାରୂପେ ଗ୍ରହଣ କରିଛନ୍ତି । ପତିପରାୟଣତା ଓ ସନ୍ତାନବାତ୍ସଲ୍ୟ ଏହି ଦୁଇଟି ବୈଶିଷ୍ଟ୍ୟ ଅଧିକାଂଶ ସ୍ତ୍ରୀ ଚରିତ୍ରରେ ପରିଲକ୍ଷିତ ହୁଏ । ସାଧୁସାହୁ ମହାଜନଙ୍କ ସ୍ତ୍ରୀ ଶ୍ରୀମତୀ ଏହାର ପ୍ରକୃଷ୍ଟ ଉଦାହରଣ । ପୁଅମାନଙ୍କୁ

ମନଇଚ୍ଛା କାର୍ଯ୍ୟ କରିବାକୁ ସାହୁଆଣୀ ଛାଡ଼ନ୍ତି ଦିଅନ୍ତି । ଏପରିକି ନିଜେ ସାଧୁସାହୁ ଶ୍ରୀମତୀଙ୍କ ଉପରେ ସେମାନଙ୍କୁ କିଛି କହନ୍ତିନାହିଁ । ଦାସ ଦାସୀ ଥିଲେ ମଧ୍ୟ ସାଧୁସାହୁଙ୍କର ସମସ୍ତ କାର୍ଯ୍ୟ ସାହୁଆଣୀ ନିଜ ହାତରେ କରନ୍ତି ।

ଗୌଣ ସ୍ତ୍ରୀ ଚରିତ୍ର ମଧ୍ୟରେ ମାଣିକ ପରି ଉଦ୍‌ବେଗୀ, ଜଗାଫତେ ସିଂ ମା ପରି କଳିହୁଡ଼ୀ ମଧ୍ୟ ଅଛନ୍ତି । ନାକଫୋଡ଼ିଆ ମା କଥା କହିବାରେ ଯେପରି ଚତୁର କଳି କରିବାରେ ସେହିପରି ପ୍ରବୀଣା । ଫକୀରମୋହନ ବାସ୍ତବତାକୁ ଆଖିଆଗରେ ରଖି ଚରିତ୍ର ଗୁଡ଼ିକୁ ରୂପ ଦେଇଛନ୍ତି । ସେଥିପାଇଁ ସେଗୁଡ଼ିକ ରକ୍ତମାଂସର ଶରୀର ରୂପେ ପାଠକ ନିକଟରେ ପ୍ରତିଭାତ ହୁଅନ୍ତି । ପାଠକ ଜଗା ଫତେ ସିଂ-ମା ପରି କେତେ ସ୍ତ୍ରୀ ଦେଖେ । ଦୈବ ଦୁର୍ବିପାକରୁ ସେ ଦୁଇଟି ଯୁବକ ପୁଅ, ଯୁବତୀ ବୋହୂ ଓ ନିଜର ସମସ୍ତ ସମ୍ପତ୍ତି ହରାଇଛି । ବୃଦ୍ଧାବସ୍ଥାରେ ମଧ୍ୟ ପେଟ ପୋଷିବା ପାଇଁ ତାକୁ ଘସି ସାଉଁଟିବାକୁ ପଡ଼ୁଛି । ଜୀବନ ଓ ସଂସାରପ୍ରତି ତାର ବିତୃଷ୍ଣା ଆସିବା ସ୍ୱାଭାବିକ । ତେଣୁ ଯାହାକୁ ଦେଖୁଛି ତା ସହିତ ତାର 'ଯୁଦ୍ଧଂ ଦେହି' ଡାକରା । କଳି କଜିଆ ତାର ନିତ୍ୟ ନୈମିତ୍ତିକ ଘଟଣା । ମଣିଷ ଅପେକ୍ଷା ପଶୁପକ୍ଷୀ, କାଠପଥରଙ୍କ ସହିତ ତାର କଳି ଭଗଡ଼ା ବେଶୀ ।

ମାରକଣ୍ଡି ଆମା ଓ ଯଶୋଦାଙ୍କ ମଧ୍ୟରେ କଳିପରି କଳି ଏବେ ଯେ ନ ଲଗୁଛି ତାହା ନୁହେ । କିନ୍ତୁ ଏହା ବର୍ତ୍ତମାନ ଯୁଗରେ ଜୀବନ ସଂଗ୍ରାମର ତୀବ୍ରତା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିପାରୁ

ନାହିଁ । ମରୁଆ ତ୍ୟାଗ ଓ ନିଃସ୍ୱାର୍ଥପରତାର ଏକ ଜ୍ୱଳନ୍ତ ଉଦାହରଣ । ଇନ୍ଦୁମତୀ ପ୍ରତି ତାର ସ୍ନେହ ଯେପରି ଗଭୀର ସେହିପରି ଅକୃତ୍ରିମ । ସୁଖରେ ଦୁଃଖରେ ସେ ଥିଲା ଇନ୍ଦୁମତୀଙ୍କର ଏକାନ୍ତ ସଙ୍ଗିନୀ । ଇନ୍ଦୁମତୀଙ୍କର ଆତ୍ମହତ୍ୟା ପାଇଁ ସେ ନିଜକୁ ଦାୟୀକରି ଜୀବନର ଅବଶିଷ୍ଟାଂଶକୁ ସନ୍ନ୍ୟାସିନୀଭାବରେ କଟାଇଛି । ବିବାହ ନ କରି ସେ ଏକ ତ୍ୟାଗ ଓ ସଂଯମର ଜୀବନ ଯାପନ କରିଛି ।

ସହାୟ-ସମ୍ପତ୍ତିହୀନା, ନିରାଶ୍ରୟା ଯୁବତୀ ଜଣେ କିପରି ରାଜାର ପ୍ରଜା, ସାହୁର ଖାତକ ନ ହୋଇ ଚଳିପାରେ ଗେହ୍ଲେଇ ଚରିତ୍ର ତାହାର ଉଦାହରଣ । ସେ ଯେପରି ସାହସିକା ସେହିପରି ଆତ୍ମନିର୍ଭରଶୀଳା । ନିଜର ସ୍ୱାମୀ, ଶାଶୁ ଓ ପୁଅ ତିନି ଜଣଙ୍କର ଶବ ସେ ଏକାକୀ କାଢ଼ିଛି, ଜଣେ ଅସହାୟା ଯୁବତୀ ଅନ୍ୟର ସାହାଯ୍ୟ ନ ନେଇ କିପରି ଦଶ ଜଣଙ୍କର ଉପକାର କରିପାରେ ତାହା ଦେଖାଇବା ପାଇଁ ଯେପରି ଗେହ୍ଲେଇ ଚରିତ୍ରର ସୃଷ୍ଟି । ସାରା ଜୀବନ ସେ ନିଜର ସତୀତ୍ୱକୁ ବଜାୟ ରଖି ବୃନ୍ଦାବତୀଙ୍କୁ ଭକ୍ତି କରିଆସିଛି, ବିପଦ ଆପଦ ସମୟରେ ତାଙ୍କଠାରୁ ପାଇଛି ପ୍ରେରଣା । କଳି ଗୋଳ ହେଲେ ସେ ନିଜେ ଧାଇଁ ଯାଇ ଭାଙ୍ଗିଦିଏ । ତାକୁ ଧାଇ ପଣ ଜଣା । ସେଥିପାଇଁ ଡାକହାକକୁ ଅପେକ୍ଷା ନାହିଁ । ଶୁଣିଲେ ମାତ୍ରେ କାମରେ ଲାଗିଯାଏ । ଗାଁରେ କାହାରି ରୋଗ ହେଲେ ତାହାର ଦିନରାତି ବିଶ୍ରାମ ନାହିଁ । କିନ୍ତୁ କାହାର ଦୋଷ ଦେଖିଲେ ସେ ସହିପାରେ ନାହିଁ, ତୁଣ୍ଡଗଣ୍ଠାଏ ମେଲିଦିଏ । ଖାରିଆର ନେତଗାଣ୍ଠି ପରି ବିରାଜିତ ତାର ସଙ୍ଗିନୀ । ଫକୀରମୋହନଙ୍କ ଭାଷାରେ "ଗେହ୍ଲେଇ ମାଇକିନିଆ ଦଳରେ ରସିକା- ପୁରୁଷ ମହଲରେ ପଣ୍ଡିତାଣୀ- ଦୁଷ୍ଟଲୋକମାନଙ୍କ ସାକ୍ଷାତରେ ସର୍ପିଣୀ ।"

ପର ଘରର କଥା ପକାଇ ଅନ୍ୟତ୍ର ଦୋଷଗୁଣ ବାଛିବା କେତକ ସ୍ତ୍ରୀଲୋକଙ୍କର ଅଭ୍ୟାସ । ସେଥିରୁ ସେମାନେ ପାଆନ୍ତି ଆନନ୍ଦ । ପୋଖରୀ ତୁଠ ଏଥିପାଇଁ ପ୍ରଶସ୍ତ କ୍ଷେତ୍ର । ସକାଳ ଗାଧୁଆ ବେଳେ ଚମ୍ପୀଅପା, ମଙ୍ଗାମା, କଉଶୁଲ୍ୟା, ପାର୍ବୀ, ଚେମୀ ପ୍ରଭୃତି ସମସାମୟିକ ପ୍ରଥା ଓ ପରିବାରର ବ୍ୟକ୍ତିଗତ ଦୋଷତ୍ରୁଟି ଆଲୋଚନା କରିଛନ୍ତି ।

ଗୌଣ ଚରିତ୍ର ଚିତ୍ରଣ ମାଧ୍ୟମରେ ଫକୀରମୋହନ ବହୁ ଶ୍ରେଣୀର ପୁରୁଷ ଚରିତ୍ର ବର୍ଣ୍ଣନ କରିଛନ୍ତି । ବର୍ଣ୍ଣନାର ପରିସର କ୍ଷୁଦ୍ର ହେଲେହେଁ ସେ ସମସ୍ତ ସେ ଏପରି କୌଶଳ ସହକାରେ ଚିତ୍ରଣ କରିଅଛନ୍ତିଯେ ସେମାନଙ୍କୁ ଭୁଲିଯିବା ସହଜ ନୁହେ । ସୁରେନ୍ଦ୍ର ମହାନ୍ତି ଯଥାର୍ଥ କହିଛନ୍ତି— "ଫକୀରମୋହନଙ୍କ ଚରିତ୍ର ଚିତ୍ରଣ ଅନୁଶୀଳନ କଲେ ଆଉ ଗୋଟିଏ ପ୍ରଧାନ ବିଶେଷତ୍ୱ ପରିଲକ୍ଷିତ ହୁଏ - ତାହାହେଉଛି, ଫକୀରମୋହନ ଗୌଣଚରିତ୍ର ଚିତ୍ରଣରେ ଯେଉଁ ପରାକାଷ୍ଠା ଦେଖାଇ ଅଛନ୍ତି ଅପେକ୍ଷାକୃତ ମୁଖ୍ୟ ଚରିତ୍ର ଚିତ୍ରଣରେ ସେ ପ୍ରକାର ପାରଦର୍ଶିତା ଦେଖାଇ ପାରି ନାହାନ୍ତି ।" *

ଦାଶରଥି ଦାସେ ନାଜର ଥିବା ସମୟରେ ଲାଞ୍ଚ ଖାଇବା ଗୋଟାଏ ବନ୍ଧା ଗତ ପଡି ଯାଇଥିଲା । ତେଣୁ ଦାସେ ଟଙ୍କାଟାଏ ମଣାଟାଏ ମାତରେ ଉପରି ରୋଜଗାରକୁ ବଗୁରୁଥିଲେ । ମାନ ମହତ ରକ୍ଷାରେ ଦାସେ ଧୁରନ୍ଧର । ସୁବିଧା ପାଇଲେ ସେ ନିଜର ସ୍ୱାର୍ଥ ପାଇଁ ସବୁ କରି ପାରୁଥିଲେ । ପରିସ୍ଥିତି ଦେଖି କରିପୁରୁ

* ଫକୀରମୋହନ ସମୀକ୍ଷା — ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

ଜମିଦାରଙ୍କୁ ଦେଉଥିବା ଭେଟି ସେ ବନ୍ଦ କରି ଦେଇଥିଲେ । ପିଲାମାନଙ୍କର ଶିକ୍ଷା ବିଷୟରେ ତାଙ୍କର ଦୃଷ୍ଟି ଥିଲା । ବଡପୁଅ ବାନାମ୍ବରଙ୍କର ପାଠ ପ୍ରତି ଆଗ୍ରହ ନ ଥିଲା । ସ୍ୱାଧୀନ ଭାବରେ ଗୃହ କାମ କରି ସେ ଘରେ ରହିଲେ । କିନ୍ତୁ ପିତା ମାତାଙ୍କ ପ୍ରତି ତାଙ୍କର ଭକ୍ତି ଥିଲା । ମାଙ୍କ ହାନିଲାଭ ବୁଝିବା ପାଇଁ ସେ ସର୍ବଦା ତତ୍ପର ଥିଲେ । ନଟବର ସାନଭାଇ ରୂପେ ତାଙ୍କ ପାଇଁ କୌଣସି କର୍ତ୍ତବ୍ୟ କରି ନାହାନ୍ତି । ତଥାପି ନଟବର ହାଜତକୁ ଗଲାବେଳେ ସେ ବିଶାଖା ଦେଈଙ୍କୁ ଗାଁକୁ ନେଇ ଯାଇଛନ୍ତି ।

ଉତ୍ତରସ୍ୟ ଆଦର୍ଶ ଜମିଦାର । ପ୍ରଜାମାନଙ୍କ ଉପକାର ଚିନ୍ତାକୁ ସେ ବଡ଼ ବିଚାରୁଥିଲେ । ଗାନ୍ଧିଜୀଙ୍କ ମତରେ ଜଣେ ଜମିଦାର ପ୍ରଜାମାନଙ୍କ ସମ୍ପତ୍ତିର ନ୍ୟାସୀ । ପ୍ରଜାଙ୍କ ଉପକାର କରିବା ପାଇଁ ସେପରି ତା ନିକଟରେ ଧନ ଠୁଳ କରା ଯାଇଛି । ଉତ୍ତରସ୍ୟ ଇଂରେଜୀ ଶିକ୍ଷିତ । ତେଣୁ ସେ ପୂର୍ବ ଉତ୍ତରସ୍ୟମାନଙ୍କ ପରି ଭୋଗ ବିଳାସରେ ମତ୍ତ ନରହି ପ୍ରଜାମଙ୍ଗଳ କାମନାରେ ମନପ୍ରାଣ ଢାଳି ଦେଇଥିଲେ । ଘରେ ଓ ବାହାରେ ଶାନ୍ତି-ଶୃଙ୍ଖଳା ବିରାଜମାନ କରୁଥିଲା । ଯୌବନ, ଧନସମ୍ପତ୍ତି, ପ୍ରଭୃତି ସମସ୍ତ ଥିଲେ ମଧ୍ୟ ଅବିବେକିତାଠାରୁ ଦୂରରେ ଥିବାରୁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ବିନୟୀ ଓ ଧୀର ଉତ୍ତରସ୍ୟ ବିପଦ ଆପଦ ବେଳେ ଲୋକଙ୍କୁ ସାହାପେଷ ହେଉଥିବାରୁ ଲୋକେ କହୁଥିଲେ "ଯାହାକୁ ନହେବେ ଠାକୁରେ ସାହା, ତାହାକୁ ରଖିବେ ଉତ୍ତରସା ।" ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ସେ ଛଳେ ବଳେ କୌଶଳେ ଜମିଦାରୀ ହସ୍ତଗତ କରୁନଥିଲେ କିମ୍ବା ଜବରଦସ୍ତି ଲୋକମାନଙ୍କୁ ଶୋଷଣ

କରୁ ନଥିଲେ । ଲାଞ୍ଚ ଖାଇ ଜଣକ ଜମି ଅନ୍ୟଜଣକୁ ଦେବା ବା ଖଜଣା ନେଇ ପାଉତି ନ ଦେବା କାମ ତାଙ୍କ ସମୟରେ ସମ୍ଭବ ନ ଥିଲା ।

ଜମିଦାର ସେଖ ଦିଲଦାର ମିଆଁ ଜମିଦାରୀର ଧାର ଧାରନ୍ତି ନାହିଁ । ମଦ ପିଇ, ମଉଜ ମଜଲିସରେ ସମୟ ଅତିବାହିତ କରିବା ତାଙ୍କର କାର୍ଯ୍ୟ । ସେଥିପାଇଁ ସ୍ତାବକଶ୍ରେଣୀର ଅଭାବ ନାହିଁ । କାମିନୀପାଇଁ କାଞ୍ଚନ ଅଭାବ ପଡ଼ିଲେ ଧାର କରଜ କରିବା ତାଙ୍କର ମାମୁଲି କଥା । ବାପା ଜମିଦାରୀ କିଣିଥିଲେ । ତେଣୁ ଦେହକୁ ଆଞ୍ଚ ନ ଲାଗି ଜମିଦାରୀ ଖଣ୍ଡିକ ମଙ୍ଗରାଜଙ୍କ ହାତକୁ ବଢ଼ାଇ ଦେଲାପରେ ତାଙ୍କ ଅବସ୍ଥା ଯେ କଅଣ ହୋଇଥିବ ଚତୁର ଫକୀରମୋହନ ତାହା ବର୍ଣ୍ଣନ ନ କରି ପାଠକର ଚିନ୍ତାଉପରେ ଛାଡ଼ି ଦେଇଛନ୍ତି । ଦିଲୁ ମିଆଁଙ୍କ କଥା କିଏ ପଚାରେ ତାଙ୍କ ସ୍ତାବକଦଳଙ୍କ ଢଙ୍ଗଢାଙ୍ଗ ପାଠକର ମନରେ ସର୍ବଦା ରହିଥିବ ।

ପ୍ରାପ୍ତସ୍ତି ଭୂର ଜମିଦାର ସାମନ୍ତ ବୈଷ୍ଣବଚରଣ ଓ ସଙ୍କର୍ଷଣ ମହାନ୍ତିଙ୍କ ମଧ୍ୟରେ ବିବାଦ ଜାତିଗତ ବିଦ୍ୱେଷ ନେଇ । ବୈଷ୍ଣବଚରଣ ଧାର୍ମିକ, ପରୋପକାରୀ ଓ ସତ୍ୟପ୍ରିୟ ; ସମ୍ପଦ ବିପଦ ଉଭୟରେ ଇଷ୍ଟଦେବ ଗୋବିନ୍ଦଚନ୍ଦ୍ରଙ୍କ ଉପରେ ଭରସା ରଖିଥାନ୍ତି । ଏକମାତ୍ର ପୁତ୍ରର ପରମ-ଶତ୍ରୁ ସଙ୍କର୍ଷଣଙ୍କ କନ୍ୟାସହିତ ବିବାହ, ସ୍ତ୍ରୀଙ୍କ ମୃତ୍ୟୁ, ବୋହୂଙ୍କ ଆତ୍ମହତ୍ୟା ସମସ୍ତ ବିପଦରେ ସେ ମେରୁପରି ଅଟଳ ଓ ଅଚଳ । ଦୋଷଭିତରେ ତାଙ୍କର ସଙ୍କର୍ଷଣଙ୍କ ପ୍ରତି ଅସୂୟା, "କୃଷ୍ଣପକ୍ଷିୟା" ମହାନ୍ତିଠାରୁ ବଡ଼ନ୍ତି ସେ ସହିପାରନ୍ତି ନାହିଁ ।

ଅନ୍ୟପକ୍ଷରେ ସଙ୍କର୍ଷଣ ମୂର୍ତ୍ତି, କୁଚକ୍ରୀ ଓ କୁଟପ୍ରବଞ୍ଚକ । ଛଳେ ବଳେ କୌଶଳେ ସେ ଉଦ୍ଦେଶ୍ୟ ସାଧନପାଇଁ ତତ୍ପର । ଗୋବିନ୍ଦ-ଚନ୍ଦ୍ରଙ୍କ ସହିତ କନ୍ୟା ଇନ୍ଦୁମତୀଙ୍କର ବିବାହ ତାଙ୍କ କୁଟନୀତିଜ୍ଞତାର ଏକ ସଫଳ ବିଜୟ । ମନୁଷ୍ୟ ଭାଗ୍ୟହସ୍ତର କ୍ରୀଡ଼ନକ । ସଙ୍କର୍ଷଣଙ୍କର ଗୋବିନ୍ଦଚନ୍ଦ୍ରଙ୍କୁ ହାତ କରିବାର ସମସ୍ତ ଉଦ୍ୟମ ସତ୍ତ୍ୱେ ସେ ତାଙ୍କଦ୍ୱାରା ମାଡଖାଇ ମରଣାନ୍ତକ ଅବସ୍ଥାର ସମ୍ମୁଖୀନ ଏବଂ ସେହି ଦୁଃଖରେ ଇନ୍ଦୁମତୀଙ୍କ ଆତ୍ମହତ୍ୟା । ଚରଣସ୍ୱ ଗୃହତ୍ୟାଗୀ ବୃନ୍ଦାବନବାସୀ ବୈଷ୍ଣବଚରଣଙ୍କଠାରେ ସଙ୍କର୍ଷଣ ଶରଣ ପଶିଛନ୍ତି । ସଂସାରଜଞ୍ଜାଳମୁକ୍ତ ହୋଇ ଉଭୟେ କେଟଜବନ ଧର୍ମପୀଠରେ ଶାନ୍ତିରେ କଟାଇଛନ୍ତି ।

ସଦାନନ୍ଦ ଓ ରାଜୀବଲୋଚନ ଦୁଇଟି ଅନିଷ୍ଟକର ଚରିତ୍ର । ଯାହାର ଖାଇବ ତାରି ହାଣ୍ଡିରେ ହାଗିଲା ପରି ବୈଷ୍ଣବଚରଣ ଓ ହରିପ୍ରିୟାଙ୍କ ସ୍ନେହ ଏବଂ ଯତ୍ନରେ ପରିବର୍ଦ୍ଧିତ ହୋଇ ମଧ୍ୟ ସଦାନନ୍ଦ ଶତ୍ରୁ ସଙ୍କର୍ଷଣ ମହାନ୍ତିଙ୍କ କନ୍ୟାସହିତ ଗୋବିନ୍ଦଚନ୍ଦ୍ରଙ୍କୁ ବିବାହ-ଦେବା ଚକ୍ରାନ୍ତରେ ସମ୍ପୂର୍ଣ୍ଣ ରୂପେ ସମ୍ପୃକ୍ତ । ମୃତ୍ୟୁଶଯ୍ୟାରେ ହରିପ୍ରିୟା ଯେତେବେଳେ ଗୋବିନ୍ଦଚନ୍ଦ୍ରଙ୍କୁ ଦେଖିବାପାଇଁ ବ୍ୟାକୁଳ ସେତେବେଳେ ସଦାନନ୍ଦ ତାଙ୍କୁ ପ୍ରତାରିତ କରି ସମସରପୁର ପଠାଇବାରେ ବ୍ୟସ୍ତ । ସ୍ୱାର୍ଥପରତାର ସେ ହେଉଛନ୍ତି ପ୍ରତିମୂର୍ତ୍ତି । ଗୋବିନ୍ଦଚନ୍ଦ୍ର ଶ୍ୱଶୁରଗୃହରେ ମାଡଖାଇ ସାଂଘାତିକ ଅବସ୍ଥାରେ ପଡିଥିବା ସମୟରେ ତାଙ୍କୁ ଦେଖିବାକୁ ଯିବା ବା ଚିକିତ୍ସାର ବ୍ୟବସ୍ଥା ବୁଝିବା ତ ଦୂରର କଥା ବରଂ ରାଜୀବଲୋଚନଙ୍କୁ ତାଙ୍କ ସମ୍ପର୍କରେ କହୁଛନ୍ତି, "ସେ ଆପଣାର ଯାହା କଲନ୍ତ କରୁ ଆମ୍ଭମାନଙ୍କର ସବୁ

ଲୋକସାନ କରିଦେଲା । ଦିନରାତି ଲାଗି କେତେ ବୁଦ୍ଧି ଖଟେଇ କେତେ କାର୍ଯ୍ୟ କରିଥିଲେ । ସଙ୍କର୍ଷଣ ମହାନ୍ତି ଯାହା ଦେବାକୁ ମାଗିଥିଲା ଅଧାଅଧି ବି ପାଇଲୁନାହିଁ । ଆମ୍ଭମାନଙ୍କ ନ୍ୟାଯ୍ୟ ପାଉଣାଟା ପାଇଯାଇଥାନ୍ତୁ, ପଚ୍ଛନ୍ତେ ଯାହା ଇଚ୍ଛା ହୋଇଥାନ୍ତା ପଚ୍ଛକେ ।” ମନୁଷ୍ୟର ପ୍ରକୃତି ବଦଳିବା ସହଜ ନୁହେ । ଦୁଇଟି ଜମିଦାରବଂଶକୁ ଲଣ୍ଡଭଣ୍ଡ କରିଦେଇ ସଦାନନ୍ଦ ସନ୍ତୁଷ୍ଟ ହୋଇ ନ ଥିଲେ । ତାଙ୍କର ମଙ୍ଗୀ ତେଲଙ୍ଗର ଜମିଦାର ତାଙ୍କୁ ସଙ୍ଗରେ ନେଇଥିଲେ ଓ ନାଏବ ଭାବରେ ନିଯୁକ୍ତ କରିଥିଲେ । କିନ୍ତୁ “କ୍ଷୀରରେ ବୁଡ଼ାଇ ଖଣ୍ଡରେ ଧୋଇଲେ ନିମ୍ବକି ମଧୁର ହୋଇବ ?” ସେଠାରେ ମଧ୍ୟ ସଦାନନ୍ଦ ତ୍ରୁଟି ଅପରାଧରେ ଜେଲ ଗଲେ । ରାଜୀବଲୋଚନ କାର୍ଯ୍ୟସିଦ୍ଧି ନିମିତ୍ତ ଧର୍ମାଧର୍ମର ବିଚାର କରନ୍ତି ନାହିଁ । କୁଟବୁଦ୍ଧି ହିଁ ତାଙ୍କର ଏକମାତ୍ର ଆଶ୍ରୟ । କବିତା ଚଳେ ଇନ୍ଦୁମତୀ ନିଜର ସ୍ୱାକ୍ଷର ଦେବାପାଇଁ ଅସମ୍ମତା ହେବାରୁ ସେ କୌଶଳରେ ସଙ୍କର୍ଷଣଙ୍କ ଆଦେଶ ଅନୁସାରେ କାର୍ଯ୍ୟ କରାଇ ନେଲେ । ଗୋବିନ୍ଦ-ଚନ୍ଦ୍ର ସାଙ୍ଘାତିକଭାବରେ ମାଡ଼ ଖାଇବା ପରେ ଯଦିଏତ ସଙ୍କର୍ଷଣ ତାଙ୍କୁ କଟକରୁ ସାହେବଡାକ୍ତର ଅଣାଇ ଚିକିତ୍ସା କରାଇ ପାରିଥାନ୍ତେ ଏବଂ ଫଳରେ ଉପନ୍ୟାସର ପରିଣତି ଏତେ ଭୟାବହ ହୋଇ ନଥାନ୍ତା । କିନ୍ତୁ ସେହି ବିପଦ ସମୟରେ ରାଜୀବଲୋଚନ ସଙ୍କର୍ଷଣଙ୍କୁ ବିପରୀତ ପରାମର୍ଶ ଦେଲେ । ଆଗକୁ ପଛକୁ ଗୁହିଁ ସଙ୍କର୍ଷଣ ତାଙ୍କ କଥାରେ ନିରୁତ୍ତର ରହିଲେ । ଫଳତଃ ଗୋବିନ୍ଦଚନ୍ଦ୍ରଙ୍କୁ ଧରି କଟକ ଗଲା ଓ ଇନ୍ଦୁମତୀ ତିନିଦିନ ପରେ ଆତ୍ମହତ୍ୟା କଲେ । ତେଣୁ କେତେକ ପରିମାଣରେ ରାଜୀବଲୋଚନ ଇନ୍ଦୁମତୀଙ୍କ ଆତ୍ମହତ୍ୟା ପାଇଁ ଦାୟୀ । ସେହି ଦୁଃଖରେ ସଙ୍କର୍ଷଣ ମୃହତ୍ୟାଗୀ ହୋଇ ବୃନ୍ଦାବନରେ ରହିଲେ ।

ସଦାନନ୍ଦ ନିଜ କୃତକାର୍ଯ୍ୟ ପାଇଁ ଦଣ୍ଡ ଭୋଗିଲେ କିନ୍ତୁ ରାଜୀବ-ଲୋଚନଙ୍କ ଶେଷ ପରିଣତି କଅଣ ହେଲା ତାହା ଔପନ୍ୟାସିକ ଦେଖାଇ ନାହାନ୍ତି ।

ଗୋବରା ଜେନା ଚୌକିଦାର ଜଣେ ପରର ଅନିଷ୍ଟକାରୀ ଓ କର୍ତ୍ତବ୍ୟବିମୁଖ ବ୍ୟକ୍ତି । ଚୌକିଦାର ହୋଇ ସେ ସମସ୍ତ ଚୋରୀରେ ସମ୍ପୃକ୍ତ ଥାଏ । କେହି ଯଦି ପାଲିଦେବାରେ ହେଳାକରେ ସେଦିନ ତା ଘରୁହିଁ ଚୋରୀହୁଏ । ଲାଞ୍ଚନେବାତ ତାର ନିତିଦିନିଆ କାର୍ଯ୍ୟ । 'ଆଲୋ ମଉସା ଜଉ ପଇସା' ନ୍ୟାୟରେ ଚୋରୀ ହେଉ, ଡକାୟତି ହେଉ ବା ପ୍ରାଣିହତ୍ୟା ହେଉ ତାର ଫିସ ନ ଧରିଲେ ଥାନାରେ ଇତଲା ଦେବନାହିଁ । ସିନ୍ଧ କରୁଥିବା ପାଣମାନଙ୍କ ସହିତ ତାର ବିଶେଷ ସମ୍ପର୍କ ଥିଲା । ତା ଚରିତ୍ର ମାଧ୍ୟମରେ ଫକୀରମୋହନ ରକ୍ଷକ କିପରି ଭକ୍ଷକ ହୋଇପାରେ ତାର ଉଦାହରଣ ଦେଇଛନ୍ତି । ବାସ୍ତବିକ ଇଂରେଜ ରାଜତ୍ୱର ପ୍ରାରମ୍ଭରେ ଶାସନକ୍ଷେତ୍ରରେ ବିଶେଷତଃ ଗ୍ରାମ୍ୟାଞ୍ଚଳ ଶାସନରେ କିପରି ଶିଥିଳତା ପରିଲକ୍ଷିତ ହେଉଥିଲା ଗୋବରାଜେନା ତାର ଉଦାହରଣ । ରାମଚନ୍ଦ୍ର ମଙ୍ଗରାଜଙ୍କ ବିରୋଧରେ ସେ ପ୍ରଥମେ ଥାନାରେ ରିପୋର୍ଟ ଦେଇଛି । କିନ୍ତୁ ମଙ୍ଗରାଜଙ୍କର ସେ ବିଶେଷ ବିଶ୍ୱାସୀ ଥିଲା ଓ ମଙ୍ଗରାଜେ ତାହା ସହିତ ଗୋପନୀୟ ପରାମର୍ଶ କରୁଥିଲେ ।

ଭୃତ୍ୟଚରିତ୍ର ମାଧ୍ୟମରେ ଫକୀରମୋହନ କେତେକ ମହନୀୟ ଚରିତ୍ରର ଚିତ୍ରଣ କରିଛନ୍ତି । ସେମାନଙ୍କ ମଧ୍ୟରେ ପ୍ରାୟଶ୍ଚିତ୍ତର ସରିତା, ଛମାଣ ଆଠଗୁଣ୍ଠର ମୁକୁନ୍ଦା ଓ ମାମୁଁର କରୁଣା ପ୍ରଧାନ ।

ସେମାନେ ପ୍ରଭୁର ଏକାନ୍ତ ଅନୁଗତ ଓ ହିତାକାଙ୍କ୍ଷୀ । ପୁଣି ଏହି ତିନିଗୋଟି ଚରିତ୍ର ସମ୍ପୂର୍ଣ୍ଣ ପୃଥକ । ମୁକୁନ୍ଦା ଅତ୍ୟନ୍ତ ସରଳ, ଛଳ କପଟ କଅଣ ସେ ଜାଣେ ନାହିଁ, ବା ସେଥିରେ ସେ ପଶେ ନାହିଁ । ସାଆନ୍ତାଣୀଙ୍କୁ ସେ ପ୍ରାଣଠାରୁ ବଳି ଭଲ ପାଏ । କରୁଣା ଓ ସଇତା ଜାତିରେ ବାଉରି । ଉଭୟେ ବୁଦ୍ଧିମାନ ଓ ପ୍ରଭୁଭକ୍ତ । କରୁଣାର ନରୁବାବୁଙ୍କ ପ୍ରତି ଅଖଣ୍ଡ ସ୍ନେହ । ପ୍ରତ୍ୟେକ ବିପଦରେ ସେ ତାର ଅଭିଜ୍ଞତା ଓ ବୁଦ୍ଧି ଦ୍ୱାରା ନରୁବାବୁଙ୍କର ଉପକାର ପାଇଁ ଉଦ୍ୟମ କରିଛି । ଯେତେବେଳେ ନରୁବାବୁଙ୍କ ଖାଇବାର ଅସୁବିଧା ହୋଇଛି ସେତେବେଳେ ସେ ତାର ପ୍ରତିକାର କରିଛି । ମାମୁଙ୍କ ଦୁଆରେ ଗଉଡ଼ ମାନେ ଉପବାସ ରହିଲା ବେଳେ କରୁଣା ପେଟରି ମେଲି କରି ଦୁଇଟଙ୍କା ନ ଦେଇ ଥିଲେ ଅବସ୍ଥା ସାଂଘାତିକ ହୋଇଥାନ୍ତା । ରାଘବ ମହାନ୍ତି ନରୁବାବୁଙ୍କ ପଡ଼ାରେ ବ୍ୟାଘାତ ଘଟାଇବା ସମୟରେ କରୁଣା ସଙ୍ଗେ ସଙ୍ଗେ ତାଙ୍କୁ ସାବଧାନ କରି ଦେଇଛି ।

ସଇତାର ତ୍ୟାଗ ଅସୀମ ଓ ଅଲୌକିକ । ସଇତା ଚତୁର ଓ ଧୀର, ଆତ୍ମସୁଖ ବିସର୍ଜନରେ ସର୍ବଦା ତତ୍ପର । ସେ ଗୋବିନ୍ଦଚନ୍ଦ୍ରଙ୍କ ସହିତ ଛାଇ ସଙ୍ଗେ ଗୁପ୍ତାପରି ରହିଛି ଓ ତାଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛି । ଭଲମନ୍ଦ ବାରି ପାରିବାର ଶକ୍ତି ତାର କିଛି କମ୍ ନୁହେଁ । ସଦାନନ୍ଦ ଓ ରାଜୀବଲୋଚନଙ୍କ ବ୍ୟୂହ ଭେଦ କରିବା ତା ପକ୍ଷରେ କଷ୍ଟକର ହୋଇ ନାହିଁ । ବଡ଼ ଲୋକଙ୍କୁ ଉତ୍ତର ନାହିଁ, ତେଣୁ ସେ ନାଚାର । ନିଜର ସୀମାକୁ ଅତିକ୍ରମ କରିବା ସେ ଉଚିତ ମନେ କରି ନାହିଁ । କିନ୍ତୁ ଯେତେବେଳେ ତାର ପ୍ରାଣପ୍ରତିମ ପ୍ରଭୁ ବିପଦରେ ପଡିଛନ୍ତି ସେତେବେଳେ ସେ ପ୍ରାଣ ପଣ କରି ତାଙ୍କୁ

ସାହାଯ୍ୟ କରିଛି । ବାସ୍ତବିକ ସଇତା ନ ଥିଲେ ଗୋବିନ୍ଦଚନ୍ଦ୍ର ପ୍ରାଣ ପାଇବା କଷ୍ଟକର ହୋଇ ପଡ଼ିଥାନ୍ତା । କୌଣସି ପ୍ରତ୍ୟାଶା ନ ରଖି ତାର ସଞ୍ଚିତ ସମସ୍ତ ଧନ ସେ ଗୋବିନ୍ଦଚନ୍ଦ୍ରଙ୍କ ପାଇଁ ଅକାରଣରେ ଖର୍ଚ୍ଚ କରିଛି । ନିଜର ଭୋଜନ ଶୟନ ଭୁଲି ସେ ଗୋବିନ୍ଦଚନ୍ଦ୍ରଙ୍କୁ ବଞ୍ଚାଇବା ପାଇଁ ଲାଗିଛି । ଘାସ କାଠାଠାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ଯେ କୌଣସି ଘର ସଇତା ଉପରେ ନ୍ୟସ୍ତ ହେଲେ ସେ ତାର ସୁପରିଚାଳନା କରିପାରେ ।

ଗୋବିନ୍ଦଚନ୍ଦ୍ରଙ୍କ ଉପରେ ଯେତେବେଳେ ପିତା ଓ ଶ୍ୱଶୁରଙ୍କ ଜମିଦାରୀ ବୁଝିବା ଦାୟିତ୍ୱ ପଡ଼ିଛି ସେତେବେଳେ ସଇତାକୁ ସେ ନିଜର ପ୍ରତିନିଧିପଦରେ ନିଯୁକ୍ତ କରିଛନ୍ତି । ତାର ତୀକ୍ଷ୍ଣ ଦୃଷ୍ଟି ହେତୁ କେହି ପ୍ରଜାମାନଙ୍କୁ ପୀଡ଼ନ ବା ଅର୍ଥ ଆତ୍ମସାତ୍ କରି ପାରି ନାହାନ୍ତି ।

ଫକୀରମୋହନ ବିଭିନ୍ନ ଶ୍ରେଣୀର ଗୌଣ ଚରିତ୍ର ସୃଷ୍ଟିରେ ଦକ୍ଷତା ଦେଖାଇଛନ୍ତି । ଚତୁର ବାରିକର ହରିବୋଲ ଶବ୍ଦ ବାରମ୍ବାର ଉଚ୍ଚାରଣରେ ହାସ୍ୟରସ ପ୍ରକଟିତ ହୋଇଛି । ସେଥିପାଇଁ ସେ ହରିବୋଲ ବାରିକ ନାମରେ ପରିଚିତ । ହରିବୋଲ ଚତୁର କିନ୍ତୁ ସ୍ୱାର୍ଥପର ନୁହେଁ । ତେଣୁ ଲୋକମାନଙ୍କୁ ହାତରେ ରଖିବା ତା ପକ୍ଷରେ କଷ୍ଟକର ହୋଇନାହିଁ । କଥା କହିବାରେ ତାର ଅସାଧାରଣ ପଟୁତା । ତା ଉଦ୍ୟମରେ ନାଜର ନଟବର ଦାସେ ଜମିଦାରୀରେ ବିଶେଷ ଅତ୍ୟାଚାର କରି ପାରି ନାହାନ୍ତି । ନିଜର ବାହାଦୁରୀ

ଦେଖାଇବା ପାଇଁ ସେ ମିଛ କହିବାକୁ ପାପ ବୋଲି ମନେ କରେ ନାହିଁ ।

ଫକୀରମୋହନଙ୍କ ଚରିତ୍ର ମଧ୍ୟରେ ଯେଉଁ ଚରିତ୍ର ଗୁଡ଼ିକ ଭଲ ତାହା ପୁରା ପୂରି ଭଲ ଏବଂ ଯେଉଁ ଗୁଡ଼ିକ ମନ୍ଦ ସେ ଗୁଡ଼ିକ ପୂରାପୂରି ମନ୍ଦ । ମଙ୍ଗରାଜେ, ଗୋବରା ଜେନା, ସଦାନନ୍ଦ, ରାଜୀବ-ଲୋଚନ ପ୍ରଭୃତି ପୁରୁଷ ଚରିତ୍ର ଏବଂ ଚମ୍ପା, ଚନ୍ଦ୍ରକଳା ପ୍ରଭୃତି ସ୍ତ୍ରୀଚରିତ୍ରରେ କେବଳ ମନ୍ଦ ଦିଗଟି ଦେଖାଇ ଦିଆ ଯାଇଛି । ସେହି ପରି ସରସ୍ୱତୀ ଦେଈ, ଗୁନ୍ଦମଣି, ସାଆନ୍ତାଣୀ, ଇନ୍ଦୁମତୀ ଓ ହରିପ୍ରିୟା ପ୍ରଭୃତି ସ୍ତ୍ରୀଚରିତ୍ର ଏବଂ ଉତ୍ତରରାୟ, ସାଧୁ ସାହୁ ମହାଜନ, ମାନଧାତା ପ୍ରଭୃତି ପୁରୁଷ ଚରିତ୍ର ଗୁଡ଼ିକରେ ଭଲ ଦିଗଟିକୁ ପରିସ୍ଫୁଟ କରାଯାଇଛି । ମନୁଷ୍ୟ ସ୍ୱଭାବରେ ସେମାନଙ୍କର ଦୋଷ ତ୍ରୁଟି ଥିବା ସ୍ୱାଭାବିକ କିନ୍ତୁ ଫକୀରମୋହନ ତାହା ଚିତ୍ରଣ କରି ନାହାନ୍ତି । ସେହିପରି ମନ୍ଦ ଚରିତ୍ର ଗୁଡ଼ିକରେ ଯେ କିଛି ଭଲ ଗୁଣ ନ ଥିବ ଏହା କହିବା ଅସମ୍ଭବ । କେବଳ ବୈଷ୍ଣବ ଚରଣଙ୍କ ଚରିତ୍ରରେ ଜାତିଗତ ବିଦ୍ୱେଷ ଓ ଚମ୍ପା ଚରିତ୍ରରେ ନଟୁଙ୍କ ପ୍ରତି ସମବେଦନା ପ୍ରକାଶ ଏହାର ବ୍ୟତିକ୍ରମ ମାତ୍ର ।

ଗୌଣ ଚରିତ୍ର ସାହାଯ୍ୟରେ ଫକୀରମୋହନ ମୁଖ୍ୟ ଚରିତ୍ର ସମ୍ପର୍କରେ ଆଲୋକପାତ କରିଛନ୍ତି । ଅସଂଖ୍ୟ ଗୌଣ ଚରିତ୍ର ତାଙ୍କ ଉପନ୍ୟାସକୁ ମଣ୍ଡନ କରିଛନ୍ତି ଏବଂ ପ୍ରତ୍ୟେକର ସୃଷ୍ଟିରେ କିଛି ଉଦ୍ଦେଶ୍ୟ ଅଛି । ଉପନ୍ୟାସରେ ସେମାନଙ୍କ ଆବିର୍ଭାବ ହୁଏତ ଅଳ୍ପ ସମୟ ପାଇଁ କିନ୍ତୁ ସେହି କ୍ଷଣିକ ଆବିର୍ଭାବ ପାଠକମନରେ ଗଭୀର

ରେଖାପାତ କରେ । ଉଦାହରଣ ସ୍ୱରୂପ ଶିବୁ ପଣ୍ଡିତଙ୍କ ଚରିତ୍ର ଉପନ୍ୟାସର ଆରମ୍ଭରେ ସାମାନ୍ୟ କେତୋଟି ଧାଡ଼ିରେ ଉପସ୍ଥାପନ କରାଯାଇଛି । ପଣ୍ଡିତେ ମଙ୍ଗରାଜଙ୍କୁ ଦେଖି ସାଢ଼େ ସାତ ହାତ ଆଡ଼େଇ ହୋଇ ଯାଇ ତାଙ୍କୁ ଆଶୀର୍ବାଦ କଲେ ଏବଂ ସାଆନ୍ତେ ଯିବା ପରେ ଢାଳଟି ଉଠାଇ "ଅଦ୍ୟ ପ୍ରାତରେବାନିଷ୍ଟଦର୍ଶନଂ ଜାତଂ ନ ଜାନେ କମନଭମତଂ ଦର୍ଶୟିଷ୍ୟତି" ବୋଲି ଆବୃତ୍ତି କଲେ । ଏହି ପଦକ କଥାରୁ ମଙ୍ଗରାଜଙ୍କ ଦର୍ଶନ ଯହି ଏତେ ଅଶୁଭକର ମଙ୍ଗରାଜେ ଯେ କେତେ ଅନିଷ୍ଟକର ବ୍ୟକ୍ତି ହୋଇଥିବେ, ତାହାର ସୂଚନା ମିଳେ । କିନ୍ତୁ ସେହି ଶିବୁ ପଣ୍ଡିତେ ସାଆନ୍ତାଣୀଙ୍କ ସମ୍ପର୍କରେ କହୁଛନ୍ତି "ସାଆନ୍ତାଣୀ ଦୟା, ସ୍ନେହ, ଭକ୍ତି ପ୍ରଭୃତି ସ୍ୱର୍ଗୀୟ ଗୁଣାବଳୀର ମୂର୍ତ୍ତିମତୀ ଦେବୀ ।"

— ସ ମା ପ୍ତ —